# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store

RNI Regd. No.ORI ORI 2004/12956 Postal Regd. No. BN/294/21-232 www.odishabhaskar.com

Published Simultaneously from Bhubaneswar, Angul & Berhampur.

ଏକବିଂଶତମ ବର୍ଷ ସଂଖ୍ୟା-୨୩୪ Vol. 21 No-234 23 NOVEMBER 2024 SATURDAY BHUBANESWAR

ଶନିବାର, ୨୩ ନଭେମ୍ବର ୨୦୨୪ ପୃଷ୍ଠା-୮ ମୂଲ୍ୟ: ୭.୦୦



## ଦିଲ୍ଲୀ ଓଡ଼ିଆ ସମାଜ ପକ୍ଷରୁ ଆୟୋଜିତ ଓଡ଼ିଶା ପର୍ବରେ ମୁଖ୍ୟମନ୍ତ୍ରୀ

# ଭାଷା ଗୋଟିଏ ଜାତିର ପରିଚୟ




- ସମାରୋହରେ ମହାମହିମ ରାଷ୍ଟ୍ରପତି ଉପସ୍ଥିତ
- ଓଡ଼ିଶାକୁ ଅନୁଭବ କରିବାର ସୁନ୍ଦର ପ୍ରୟାସ
- ଓଡ଼ିଶାର ସଂସ୍କୃତି, ଐତିହ୍ୟ ଅତ୍ୟନ୍ତ ମହାନ
- ମହାପ୍ରଭୁ ଶ୍ରୀଜଗନ୍ନାଥ ଓଡ଼ିଆ ଜାତିର ପ୍ରାଣକେନ୍ଦ୍ର
- ଓଡ଼ିଶା ହେବ ଦେଶର ଗ୍ରୋଥ୍ ଇଞ୍ଜିନ

ନୂଆଦିଲ୍ଲୀ/ଭୁବନେଶ୍ୱର, ୨୨।୧୧ (ବ୍ୟୁରୋ): ଭାଷା ଓ ସଂସ୍କୃତି ହେଉଛି ଗୋଟିଏ ଜାତିର ପରିଚୟ। ଜାତିର ଅସ୍ମିତା। ଯାବତୀୟ ଘନଘଟା, ସଂଘର୍ଷ, ଆହ୍ୱାନ ଓ ଆକ୍ରମଣକୁ ଭ୍ରୂକ୍ଷେପ ନ କରି ଆମ ଓଡ଼ିଆ ଜାତି ଗର୍ବର ସହ ମୁଣ୍ଡ ଟେକି ଠିଆହେବା ଶିଖିଛି। ଏ ଜାତି ହାରିବାର ହଜାର କାରଣ ଭିତରୁ ଜିତିବାର କଳାକୁ ଆୟତ୍ତ କରିବା ଶିଖିଛି। ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଓଡ଼ିଆ ଜାତିର ପ୍ରାଣକେନ୍ଦ୍ର। ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ରକରି ଓଡ଼ିଶାର ଭାଷା, ସାହିତ୍ୟ, ସଂସ୍କୃତି, ଇତିହାସ ସବୁକିଛି ବିକଶିତ ହୋଇଛି। ସେ ହେଉଛନ୍ତି ଭାବର ଠାକୁର। ଏହି ବୀରଭୋଗ୍ୟା ମାଟିର ଉତ୍ତର ଦାୟାଦ ଭାବେ ଆମେମାନେ ଓଡ଼ିଶା ମାଟିର ବାସ୍ନାକୁ ଓଡ଼ିଶା ବାହାରେ ବିଞ୍ଚିବା ଜରୁରି ବୋଲି ଶୁକ୍ରବାରଠାରୁ ନୂଆଦିଲ୍ଲୀରେ ଆୟୋଜିତ ହୋଇଥିବା ୩ ଦିନିଆ ଓଡ଼ିଶା ପର୍ବରେ ଯୋଗଦେଇ କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଶ୍ରୀ ମାଝୀ କହିଥିଲେ, ଏହି ତିନିଦିନିଆ ଓଡ଼ିଶା ପର୍ବରେ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଉପସ୍ଥିତି ଉତ୍ସବର ଶୋଭା ଓ ଭବ୍ୟତାକୁ ବହୁଗୁଣିତ କରିଛି। ଏହି ଓଡ଼ିଶା ପର୍ବ ଓଡ଼ିଶାର ସାଂସ୍କୃତିକ ପରମ୍ପରା ଓ ଐତିହ୍ୟର ଏକ ମହାନ୍ ନିଦର୍ଶନ। ନୂଆଦିଲ୍ଲୀରେ ରହୁଥିବା ହଜାର ହଜାର ଭାଇଭଉଣୀମାନେ ଦିଲ୍ଲୀରେ ରହି ଓଡ଼ିଶାକୁ ଅନୁଭବ କରିବାର ଏହା ହେଉଛି ଏକ ସୁନ୍ଦର ପ୍ରୟାସ। ଆପଣଙ୍କ ହୃଦୟରେ ଓଡ଼ିଆପଣ ସବୁବେଳେ ବସାବାନ୍ଧି ରହିଛି। ଓଡ଼ିଆ ଚେତନା ହେଉଛି ଆପଣଙ୍କ ଆତ୍ମାର ଅଳଙ୍କାର ସଦୃଶ। ଓଡ଼ିଆ ପ୍ରେମ ଆପଣଙ୍କ ରକ୍ତରେ ଘର କରିଥିବା ଏକ ମିଠା ଅହଙ୍କାର। ଓଡ଼ିଆ ଚଳଣୀ ଆପଣଙ୍କ ମନର ମାନସାଙ୍କ ବୋଲି ଶ୍ରୀ ମାଝୀ କହିଥିଲେ। ସେ କହିଥିଲେ, ପୂର୍ବକାଳରେ ସାଧବ ପୁଅମାନେ ନୌବାଣିଜ୍ୟ ପାଇଁ ଜାଭା, ସୁମାତ୍ରା, ବାଲି, ଇଣ୍ଡୋନେସିଆ ପ୍ରଭୃତି ଦେଶକୁ ଯାଉଥିଲେ। ସେହି ଦେଶଗୁଡ଼ିକରେ ଆମର ସାଧବ ପୁଅମାନେ ଓଡ଼ିଆର ଛାପ ଛାଡ଼ି ଆସିଛନ୍ତି। କାର୍ତ୍ତିକ ପୂର୍ଣ୍ଣିମାରେ ସାଧବ ପୁଅମାନେ ବିଦେଶକୁ ● ପୃଷ୍ଠା ୫ ଦେଖନ୍ତୁ






ଗୁଣପୁର (ଆ:ପ୍ର), ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳାର ତୃତୀୟ ଦିନରେ ଗୁଣପୁର, ରାମନଗୁଡ଼ା ଚାଷୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା । ଆଜିର କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଶ୍ରୀ ସରସ୍ୱତୀ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ସମ୍ମାନିତ ଅତିଥି ଭାବେ ପଦ୍ମପୁର ବ୍ଲକ ଅଧ୍ୟକ୍ଷା ମଣିମାଳା ଶବର, ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ ଦୟାନିଧି ବାଗ, ଉପଖଣ୍ଡ ପ୍ରାଣୀ ଚିକିତ୍ସକ ଆଲୋକ ଆଚାର୍ଯ୍ୟ, କୃଷି ବୈଜ୍ଞାନିକ ନରମ ରାମୁ, କୃଷି ଜିଲ୍ଲା ଅଧିକାରୀ ବୃନ୍ଦାବନ ବେହେରା, ଜରୁଷି ଶିଳ୍ପ ନିଗମ ପରିଚାଳକ ସିଦ୍ଧାର୍ଥ ଶେଖର ସ୍ୱାଇଁ, ଯୋଗ ଦେଇଥିବା ବେଳେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ବିଷ୍ଣୁ ପ୍ରସାଦ କର ସଭାପତିତ୍ୱ କରିଥିଲେ । ପ୍ରଦର୍ଶନୀରେ କୃଷି ବିଭାଗର ବିଭିନ୍ନ କୃଷି ଯନ୍ତ୍ରପାତି ପ୍ରଦର୍ଶିତ କରିବା ସହ କାର୍ଯ୍ୟକାରିତା ବିଷୟରେ ଚାଷୀଙ୍କୁ ଅବଗତ କରାଯାଇଥିଲା । ବାରିକ ନିମାଲୁ, କେ ରାମରାଓ, ଶଙ୍କର ମିଶ୍ର, ରମେଶ ଚୌଧୁରୀ, ମନୋରଞ୍ଜନ ମହାନ୍ତି, ବୁଡା ଶବର, ରାଜେନ୍ଦ୍ର ପ୍ରସାଦ ସାହୁ ପ୍ରମୁଖଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା । ଭାଗ୍ୟଶ୍ରୀ ମଲ୍ଲିକ, ଅକ୍ଷୟ କୁମାର ପଣ୍ଡା, ଉତ୍ତମ କୁମାର ଦାସ ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ପରିଶେଷରେ ବିଷମକଟକ ଗୋଷ୍ଠୀ କୃଷି ଅଧିକାରୀ ରାହୁଲ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ୩୦କେଜି ଭାଙ୍ଗ ଜବତ ଜଣେ ଗିରଫ



ଖୋର୍ଦ୍ଧା,(ଭାସ୍କର ନ୍ୟୁଜ): ଖୋର୍ଦ୍ଧା ଅବକାରୀ ଟିମ୍ ଆଦର୍ଶ ଥାନା ଅନ୍ତର୍ଗତ ଭାଲିଆବାଡି ଟାଙ୍ଗି ସାହିରେ ଚଢ଼ାଉ କରି ଜଣେ ବେପାରୀଙ୍କୁ ଗିରଫ କରିଛି । ଗିରଫ ଜଣଙ୍କ ହେଲେ ଟାଙ୍ଗି ସାହିର ଧ୍ରୁବଚରଣ ପ୍ରଧାନ(୪୧) । ତାଙ୍କ ଠାରୁ ଅବକାରୀ ଟିମ୍ ୩୦କେଜି ଭାଙ୍ଗ ଜବତ କରିଛି । ଯାହାର ମୂଲ୍ୟ ୩୦ହଜାର ହେବ ବୋଲି ଅବକାରୀ ଇନ୍ସପେକ୍ଟର ତପସ୍ୱିନୀ ବରାଳ ସୂଚନା ଦେଇଛନ୍ତି। ଆଜିର ଏହି ଚଢ଼ାଉରେ ଓଆଇସି ସୁଦର୍ଶନ ବିଶୋଇ, ଏଏସ୍ଆଇ ରାଜେନ୍ଦ୍ର ସେସ, ଜିତେନ୍ଦ୍ର ବେହେରା, ସୁନିତା ଆଇନ୍ଦ, ପ୍ରଣବ କୁମାର ବେହେରା, ସନନ୍ଦ କୁମାର କଅଁର ପ୍ରମୁଖ ସାମିଲ ହୋଇଥିଲେ ।

## ମହେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟରେ ସ୍ଥାୟୀ ଏନ୍‌ସିସି ଶିକ୍ଷକ ନିଯୁକ୍ତି ଦାବି



ରଘୁନାଥପୁର/ଜଗତସିଂହପୁର, (ଭାସ୍କର ନ୍ୟୁଜ): ଜଗତସିଂହପୁର ଜିଲ୍ଲା ରଘୁନାଥପୁର ଶିକ୍ଷା ମଣ୍ଡଳ ଅଧୀନ ଗୁଆଳିପୁର ଠାରେ ଥିବା ମହେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ ଏକ ପୁରାତନ ବିଦ୍ୟାଳୟ ଭାବେ ବେଶ ଖ୍ୟାତି ଅର୍ଜନ କରିଛି । ଏଠାରେ ପୂର୍ବରୁ ଥିବା ଏନ୍‌ସିସି ଶିକ୍ଷକ ଅବସର ନେବା ପରେ ତାଙ୍କ ସ୍ଥାନରେ ଜଣେ ମହିଳା ପିଇଟି ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି । ହେଲେ ଉକ୍ତ ଶିକ୍ଷୟିତ୍ରୀଙ୍କ ଏନ୍‌ସିସି ବ୍ୟବସ୍ଥା ଉପରେ କୌଣସି ଜ୍ଞାନ ନଥିବାରୁ ସେ ଏହି ଦାୟିତ୍ୱ ବହନ କରିବା ପାଇଁ ଅନିଚ୍ଛା ପ୍ରକାଶ କରିବାରୁ ଦୀର୍ଘ ଦିନ ହେବ ଏହି ବିଦ୍ୟାଳୟରେ ଏନ୍‌ସିସି ଶିକ୍ଷାଦାନ ଏକ ପ୍ରକାର ଅଚଳ ହୋଇପଡିଛି । ଯାହାକୁ ନେଇ ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟସଭ୍ୟା, ମୋ ସ୍କୁଲ ଅଭିଯାନର ସଭ୍ୟସଭ୍ୟା, ପୁରାତନ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ସାଂସଦ ଜଗତସିଂହପୁର ସ୍ଥାନୀୟ ବିଧାୟକ, ସରପଞ୍ଚ, ଜିଲ୍ଲାପାଳ, ଜିଲ୍ଲା ଓ ବ୍ଲକ ଶିକ୍ଷା ଅଧିକାରୀ, ଥାନା ଅଧିକାରୀ ଓ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ଏକ ଲିଖିତ ଅଭିଯୋଗ କରିଛନ୍ତି । ସେମାନେ ଅଭିଯୋଗରେ ଦର୍ଶାଇଛନ୍ତି ଯେ ଏନ୍‌ସିସି ନିୟମ ଅନୁଯାୟୀ ଯଦି ଏକ ବର୍ଷ ମଧ୍ୟରେ ଏଠାରେ ଏନ୍‌ସିସି ଶିକ୍ଷକ ନିଯୁକ୍ତି ଦିଆ ନଯାଏ ତାହେଲେ ଏଠାରୁ ଏହି ଶିକ୍ଷାବ୍ୟବସ୍ଥା ହଟାଇ ଦିଆଯିବ, ବାରମ୍ବାର ଏହି ସମସ୍ୟା ପ୍ରତି ବିଭାଗୀୟ ଅଧିକାରୀମାନଙ୍କୁ ଅଭିଯୋଗ କରାଯାଇଥିଲ ବି ସେମାନେ ଏହି ସମସ୍ୟା ପ୍ରତି ଧ୍ୟାନ ନଦେବା, ଏଠାରେ ମହିଳା ପିଇଟି ଶିକ୍ଷକ ପରିବର୍ତ୍ତେ ପୁରୁଷ ପିଇଟି ଶିକ୍ଷକ ନିଯୁକ୍ତି ଦିଆଗଲେ ଏହି ବିଦ୍ୟାଳୟରେ ଏନ୍‌ସିସି ଶିକ୍ଷାଦାନ ସୁଚାରୁ ରୂପେ ଚାଲି ପାରିବ ଏବଂ ସର୍ବପରି ତେନ୍ତୁଳି ବେଲାରୀ କୁସୁପୁର ସରକାରୀ ଉଚ୍ଚ ବିଦ୍ୟାଳୟର ପିଇଟି ଓ ଏନ୍‌ସିସି ପ୍ରମାଣ ପତ୍ରଧାରୀ ଲକ୍ଷ୍ମୀଧର ନାଥଙ୍କୁ ଗୁଆଳିପୁର ମହେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟରେ ନିଯୁକ୍ତି ଦେବା ସହିତ ଏଠାରେ ଥିବା ମହିଳା ପିଇଟି ବୈଦେହୀ ସାମଲଙ୍କୁ ତେନ୍ତୁଳି ବେଲାରୀ କୁସୁପୁର ସରକାରୀ ଉଚ୍ଚ ବିଦ୍ୟାଳୟକୁ ବଦଳି କରିବା ପାଇ ଦାବିପତ୍ର ଦେବା ସହ ଶୁକ୍ରବାର ସମାଜସେବୀ ଜ୍ଞାନରଂଜନ ପଟ୍ଟନାୟକ, ତପନମହାରଣା, ସ୍ଥାନୀୟ ସରପଞ୍ଚ ମନୋଜୀନ ସାହୁ, ଶିବ ପ୍ରସାଦ ମଲ୍ଲିକ, ଧନଞ୍ଜୟ ମଲ୍ଲିକଙ୍କ ନେତୃତ୍ୱରେ ଗ୍ରାମବାସୀ ବିଦ୍ୟାଳୟ ସମ୍ମୁଖରେ ଓ ପରେ ଜିଲ୍ଲାଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ । ଜିଲ୍ଲା ଶିକ୍ଷା ଅଧିକାରୀ ଧାରଣା ସ୍ଥଳରେ ପହଞ୍ଚି ଧାରଣାକାରୀଙ୍କ ଠାରୁ ଅଭିଯୋଗ ପତ୍ର ଗ୍ରହଣ କରିବା ସହିତ ସାତଦିନ ମଧ୍ୟରେ ସ୍ଥାୟୀ ଏନ୍‌ସିସି ଶିକ୍ଷକ ନିଯୁକ୍ତି ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହାର ହୋଇଥିଲା ।

## ଖଣିରେ ସୁରକ୍ଷିତ ବାରୁଦ ବ୍ୟବହାର ସମ୍ପର୍କିତ କର୍ମଶାଳା



କେନ୍ଦୁଝର, (ଭାସ୍କର ନ୍ୟୁଜ): ଖଣି କାର୍ଯ୍ୟରେ ବ୍ୟବହୃତ ବାରୁଦର ସୁରକ୍ଷିତ ସଂରକ୍ଷଣ, ପରିବହନ ଓ ବ୍ୟବହାର ନେଇ ଖଣି ନିରାପତ୍ତା ମହାନିର୍ଦ୍ଦେଶକ (ଡିଜିଏମ୍ଏସ୍), ଭୁବନେଶ୍ୱର ରିଜିଅନ୍-୧ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସୋୟାବାଲିସ୍ଥିତ ଏସ୍ଏମ୍ଏପିଏଲ୍ ପ୍ରେକ୍ଷାଳୟରେ ଏକ ବିଶେଷ କର୍ମଶାଳା ଆୟୋଜିତ ହୋଇଯାଇଛି । ୩୦ଟି ଖଣି ସଂସ୍ଥାର ପ୍ରତିନିଧିଙ୍କ ସମେତ ୧୫୬ ଜଣ ଏଜେଣ୍ଟ, ମ୍ୟାନେଜର, ସୁରକ୍ଷା ଅଧିକାରୀ, ବ୍ଲାଷ୍ଟିଂ ଇନଚାର୍ଜ, ବ୍ଲାଷ୍ଟିଂ କ୍ରିଉ ଏହି କର୍ମଶାଳାରେ ଅଂଶଗ୍ରହଣ କରିଥିଲେ । ଖଣି କାର୍ଯ୍ୟରେ ବାରୁଦର ସୁଦକ୍ଷ ବ୍ୟବହାର ସହ କିପରି ସୁରକ୍ଷା ଓ ସତର୍କତାକୁ ଅଧିକ ଧ୍ୟାନ ଦିଆଯିବ ସେ ସମ୍ପର୍କରେ ଅବଗତ କରାଯାଇଥିଲା । ଦକ୍ଷିଣ ପୂର୍ବାଞ୍ଚଳ ରାଞ୍ଚି ଜୋନ୍‌ର ଖଣି ନିରାପତ୍ତା ଉପ ମହାନିର୍ଦ୍ଦେଶକ ଶ୍ୟାମସୁନ୍ଦର ପ୍ରସାଦଙ୍କ ମାର୍ଗଦର୍ଶନରେ ଏହି କର୍ମଶାଳା ଆୟୋଜିତ ହୋଇଥିଲା । ଭୁବନେଶ୍ୱର ରିଜିୟନ-୧ ଖଣି ନିରାପତ୍ତା ନିର୍ଦ୍ଦେଶକ କ୍ରିଷ୍ଣେନ୍ଦୁ ମଣ୍ଡଳ, ଖଣି ନିରାପତ୍ତା ଉପ ନିର୍ଦ୍ଦେଶକ ହରିପ୍ରସାଦ ଏହି କର୍ମଶାଳାରେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଶ୍ୟାମସୁନ୍ଦର ପ୍ରସାଦ ଏହି କାର୍ଯ୍ୟକ୍ରମରେ ଆଭାସୀ ମାଧ୍ୟମରେ ଯୋଗଦେଇ ବ୍ଲାଷ୍ଟିଂ ସମୟରେ ବିଭିନ୍ନ ନିରାପଦ ଅଭ୍ୟାସ ଉପରେ ଗୁରୁତ୍ୱ ଦେଇଥିଲେ । ଦୁର୍ଘଟଣା ହ୍ରାସ କରିବା ପାଇଁ ବାରୁଦର ବ୍ୟବହାରକୁ କମାଇବା ସହ ଏହାର ବ୍ୟବହାର ଓ ପରିବହନରେ ଡିଜିଏମ୍ଏସ୍ ଅନୁମୋଦିତ ନିରାପତ୍ତା ପଦ୍ଧତି କାର୍ଯ୍ୟକାରୀ କରାଯିବା ଉପରେ କର୍ମଶାଳାରେ ଗୁରୁତ୍ୱ ଦିଆଯାଇଥିଲା । ଜଣେ ବାରୁଦ ନିର୍ମାତା ଓ ଯୋଗାଣକାରୀଙ୍କ ସମେତ ୧୦ କମ୍ପାନୀଙ୍କ ଦ୍ୱାରା ଏ ସମ୍ପର୍କିତ ବୈଷୟିକ ସନ୍ଦର୍ଭ ଉପସ୍ଥାପନ କରାଯାଇଥିଲା । ଏହି କର୍ମଶାଳାରେ ଏସ୍ଏମ୍ପିଏଲ୍‌ର ନିର୍ଦ୍ଦେଶକ ଅର୍ଜୁନ ଶର୍ମା, ଏସ୍ଏମ୍ପିଏଲ୍‌ର ଏଚ୍ଆର୍ ମୁଖ୍ୟ ବିବି ସାହୁ, ଏସ୍ଏମ୍ପିଏଲ୍ ମାଇନ୍ସ ଉପସଭାପତି ଏଚ୍ଏନ୍ ସିଂହ ଖଣି ନିରାପତ୍ତା ନେଇ କମ୍ପାନୀର ପ୍ରତିଶ୍ରୁତିବଦ୍ଧତା ସମ୍ପର୍କରେ ଆଲୋଚନା କରିଥିଲେ । ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାରର କାସିଆ ଆଇରନ ଓ ଡୋଲୋମାଇଟ ମାଇନ୍ସ ୟୁନିଟ ମୁଖ୍ୟ ପ୍ରମୋଦ କୁମାର ପାତ୍ର, ଖଣି ପରିଚାଳନା କ୍ଷେତ୍ରରେ ନିରାପତ୍ତାକୁ ସୁନିଶ୍ଚିତ କରିବା ପାଇଁ କମ୍ପାନୀର ସଂକଳ୍ପବଦ୍ଧତା ସମ୍ପର୍କରେ ବର୍ଣ୍ଣନା କରିଥିଲେ ।

## ଜିଲ୍ଲାସ୍ତରୀୟ ବିଶ୍ୱ ଶୌଚାଳୟ ଦିବସ

ପାରଳାଖେମୁଣ୍ଡି,(ଭାସ୍କର ନ୍ୟୁଜ): ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ଜିଲ୍ଲାସ୍ତରୀୟ ବିଶ୍ୱ ଶୌଚାଳୟ ଦିବସ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷ ଠାରେ ପାଳିତ ହୋଇଯାଇଛି । ଏହି ଦିବସରେ ଜିଲ୍ଲାପାଳ ବିଜୟ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଉନ୍ନୟନ ଅଧିକାରୀ ତଥା ସ୍ୱଚ୍ଛ ଭାରତ ମିଶନ ନୋଡାଲ ଅଧିକାରୀ ଜିଲ୍ଲାପରିଷଦ ପୃଥ୍ୱୀରାଜ ମଣ୍ଡଳ, ପ୍ରକଳ୍ପ ପ୍ରଶାସକ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପାରଳାଖେମୁଣ୍ଡି ଅଂଶୁମାନ ମହାପାତ୍ର, ନିର୍ବାହୀ ଯନ୍ତ୍ରୀ, ଜିଲ୍ଲା ଜଳ ଓ ପରିମଳ ବିଭାଗ ଅଧିକାରୀ ରାଜେଶ କୁମାର ଗଡ଼ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଆଜିର ଏହି ଦିବସରେ 'ମୋ ଶୌଚାଳୟ, ମୋ ସମ୍ମାନ' ବିଷୟ ଉପରେ ଆଲୋଚନା କରାଯାଇଥିଲା । ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ଗ୍ରାମ ଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ଶୌଚାଳୟ ବ୍ୟବହାର କରିବା ସହିତ ବ୍ୟବହାର କରୁନଥିବା ଲୋକମାନଙ୍କୁ ଶୌଚାଳୟ ବ୍ୟବହାର କରିବା ପାଇଁ ସଚେତନତା କରିବା ପାଇଁ ଜିଲ୍ଲାପାଳ କହିଥିଲେ । ସେହିପରି ନିଜ ଗ୍ରାମ ଓ ନିଜ ଘର ଚାରିପାଖ ସଫା ରଖିବା ସହିତ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ନେଇ ନିଜ ନିଜ ଅଞ୍ଚଳର ଜନସାଧାରଣଙ୍କୁ ଶୌଚାଳୟ ବ୍ୟବହାର କରିବା ପାଇଁ ସଚେତନତା ସୃଷ୍ଟି କରିବା ଓ ସମସ୍ତ ଗ୍ରାମ ଓ ପଞ୍ଚାୟତ ସ୍ତରରେ ବୈଠକ କରି ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀ, ସିଆର୍‌ପି, ଏନ୍‌ଜିଓ, ସ୍ଥାନୀୟ ଆଶା ଓ ଅଙ୍ଗନୱାଡିମାନଙ୍କୁ ନେଇ ସଚେତନତା କରାଯିବ ଓ ନିଜ ଗ୍ରାମ ଓ ସହର ସ୍ୱଚ୍ଛ ରହିଲେ ଜିଲ୍ଲା, ରାଜ୍ୟ ସ୍ୱଚ୍ଛ ରହିବ ବୋଲି ଜିଲ୍ଲାପାଳ କହିଛନ୍ତି । ଗଜପତି ଜିଲ୍ଲାରେ ଗ୍ରାମ ଠାରୁ ଆରମ୍ଭ କରି ଜିଲ୍ଲା ପର୍ଯ୍ୟନ୍ତ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ କରାଯାଉଛି ଯଥା - ବିଭିନ୍ନ ଗ୍ରାମରେ ଗ୍ରାମ ସଭା, କର୍ମଶାଳା, ସଚେତନତା ପଦଯାତ୍ରା, ସଫେଇ କାର୍ଯ୍ୟକ୍ରମ ଓ ସ୍ୱଚ୍ଛତା ହିଁ ସେବା ଗଣଦୌଡ଼ ଆୟୋଜନ କରାଯାଇ ସଚେତନତା କରାଯାଉଛି । ସେହିପରି ସରକାରୀ ସଂସ୍ଥା ସହ ବେସରକାରୀ ସଂସ୍ଥା ତଥା ସ୍ୱେଚ୍ଛାସେବୀ ସଙ୍ଗଠନମାନଙ୍କ ଦ୍ୱାରା ମଧ୍ୟ ସଚେତନତା କରାଯାଉଛି । ଏହି ଅବସରରେ ସ୍ୱଚ୍ଛ ଭାରତ ମିଶନ ତରଫରୁ ଶୌଚାଳୟ ନିର୍ମାଣ କରିବା ପାଇଁ ଜିଲ୍ଲାର ୧୯ ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପତ୍ର ପ୍ରଦାନ କରାଯାଇଥିଲା । ଶେଷରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମର ଅଧିକାରୀ ଜି. ସୁନିଲ ବାବୁ ଧନ୍ୟବାଦ ଅର୍ପଣ କରିଥିଲେ । ଆଜିର ଏହି ଦିବସରେ ନିର୍ବାହୀ ଅଧିକାରୀ ପୌରପରିଷଦ ପାରଳାଖେମୁଣ୍ଡି, ଏ.ବିଜୟ ରାଓ, ଭେଙ୍କଟ ରାଓ ଆଚାରୀ, ପ୍ରୋଗ୍ରାମ ମ୍ୟାନେଜର ପ୍ରସାଦ ଅଧିକାରୀ ସମସ୍ତ ବ୍ଲକର ଜଳ ଯୋଗାଣ ଓ ପରିମଳ ବିଭାଗର କର୍ମଚାରୀ, ସମସ୍ତ ଲାଇନ୍ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଶହୀଦ୍ ଲକ୍ଷ୍ମଣ ନାୟକଙ୍କ ଜୟନ୍ତୀ ପାଳିତ



ଛତ୍ରପୁର, (ଭାସ୍କର ନ୍ୟୁଜ): ବ୍ରହ୍ମପୁର ମଣ୍ଡଳ କାରାଗାରରେ ସଂଗ୍ରାମୀ ଶହୀଦ୍ ଲକ୍ଷ୍ମଣ ନାୟକଙ୍କ ୧୨୫ତମ ଜନ୍ମ ଜୟନ୍ତୀ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ପାଳିତ ହୋଇଯାଇଛି । ପରାଧୀନ ଭାରତର ଅବିଭକ୍ତ କୋରାପୁଟ ଜିଲ୍ଲାର ତେନ୍ତୁଳିଗୁମ୍ମା ଗ୍ରାମରେ ଜନ୍ମଗ୍ରହଣ କରିଥିବା ଲକ୍ଷ୍ମଣ ନାୟକ ଗରିବ କୃଷକ, ମଜୁରିଆ, ଆଦିବାସୀ ଓ ଦଳିତମାନଙ୍କ ଉପରେ ନିର୍ଯାତନା ଓ ଶୋଷଣ ବିରୁଦ୍ଧରେ ଲଢେଇ କରି ଇଂରେଜ ସରକାରଙ୍କ ମିଛ ଆରୋପରେ ଅଭିଯୁକ୍ତ ହୋଇ ୧୯୪୩ ମାର୍ଚ୍ଚ ୨୯ ତାରିଖରେ ଫାଶୀ ଦଣ୍ଡରେ ଦଣ୍ଡିତ ହୋଇ ଶହୀଦ୍ ହୋଇଥିଲେ । ୧୯୪୨ ଭାରତଛାଡ ଆନ୍ଦୋଳନ ବେଳେ ଅସାଧାରଣ ବୀରତ୍ୱର ସହିତ ଇଂରେଜ ସରକାରଙ୍କ ବିରୁଦ୍ଧରେ ଲଢେଇ କରି ଆଦିବାସୀ ନେତା ଲକ୍ଷ୍ମଣ ନାୟକ ସମସ୍ତଙ୍କ ଚୀର ସ୍ମରଣୀୟ । କେବଳ ବ୍ରିଟିଶ ସମ୍ରାଜ୍ୟବାଦର ଅନ୍ତ ନୁହେଁ, ଦେଶରୁ ସବୁଦିନ ପାଇଁ ସମସ୍ତ ପ୍ରକାର ଅନ୍ୟାୟ, ଶୋଷଣ, ଜୁଲୁମର ବିଲୋପ ହେଉ, ଅନ୍ଧ ବିଶ୍ୱାସ ଦିଗରେ ସଚେତନତା, କୁସଂସ୍କାରର ପତନ, ଏହା ହିଁ ଥିଲା ବୀର ଲକ୍ଷ୍ମଣ ନାୟକଙ୍କ ଜୀବନର ଶେଷ ନିଶ୍ୱାସ ପର୍ଯ୍ୟନ୍ତ ବଳିଷ୍ଠ ଭୂମିକା । ସମସ୍ତ ପ୍ରାକୃତିକ ସମ୍ପଦର ସୁରକ୍ଷା ଓ ଜଙ୍ଗଲରେ ବାସ କରୁଥିବା ଆଦିବାସୀଙ୍କ ଅଧିକାରର ଲଢେଇ ପାଇଁ ଶହୀଦ ଲକ୍ଷ୍ମଣ ନାୟକ ଜଣେ ଅନ୍ୟତମ ଯୁଗାନ୍ତକାରୀ ବ୍ୟକ୍ତିତ୍ୱ ଭାବେ ପ୍ରେରଣାର ଉତ୍ସ । ଶୁକ୍ରବାର ପୂର୍ବାହ୍ନରେ ବ୍ରହ୍ମପୁର ମଣ୍ଡଳ କାରାଗାର ଭିତରେ ଥିବା ସ୍ମୃତି ମନ୍ଦିରରେ ଯେଉଁଠି ସେ ବନ୍ଦୀ ଥିଲେ ସେହିଠାରେ ଶ୍ରଦ୍ଧା ସୁମନ ପୂର୍ବକ ନୂତନ ବସ୍ତ୍ର ଅର୍ପଣ କରି ଶ୍ରଦ୍ଧାଞ୍ଜଳୀ ପୁଷ୍ପ ମାଲ୍ୟାର୍ପଣ କରିଥିଲେ ବାଣିଜ୍ୟ ଓ ପରିବହନ, ଖଣି ଏବଂ ଇସ୍ପାତ ବିଭାଗୀୟ ମନ୍ତ୍ରୀ ବିଭୂତି ଭୂଷଣ ଜେନା । ତାଙ୍କ ସହିତ ଅନ୍ୟାନ୍ୟ ଅତିଥି ଭାବେ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ବ୍ରହ୍ମପୁର ମହାନଗର ନିଗମ ମେୟର ସଂଘମିତ୍ରା ଦଳେଇ, ଗଞ୍ଜାମ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡ଼ା, ମଣ୍ଡଳ କାରାଗାର ବରିଷ୍ଠ ଅଧିକ୍ଷକ ଧୀରେନ୍ଦ୍ର ନାଥ ବାରିକ ଉପସ୍ଥିତ ଥିଲେ । ପରେ ପରେ ସମସ୍ତ ଅତିଥି ଏବଂ ଅନେକ ନେତୃବୃନ୍ଦ, ସାମ୍ବାଦିକ, ଜନସାଧାରଣ ଓ ବିଦ୍ୟାଳୟର ଛାତ୍ରଛାତ୍ରୀଗଣ କାରାଗାର ବାହାରେ ଯେଉଁଠି ଶହିଦଙ୍କୁ ଫାଶୀ ଦିଆଯାଇଥିଲା ସେହିଠାରେ ଥିବା ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରିଥିଲେ । ଭାରପ୍ରାପ୍ତ ଉପନିର୍ଦ୍ଦେଶକ, ଦକ୍ଷିଣାଞ୍ଚଳ ତଥା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରାଙ୍କ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଜିଲ୍ଲାସ୍ତରୀୟ ପଲ୍ଲୀଶ୍ରୀ ମେଳା ପାଇଁ ପ୍ରସ୍ତୁତି ବୈଠକ

ପାରଳାଖେମୁଣ୍ଡି,(ଭାସ୍କର ନ୍ୟୁଜ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷଠାରେ ବିଜୟ କୁମାର ଦାଶ, ଜିଲ୍ଲାପାଳ ଗଜପତିଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଡ଼.ଗୁଣନିଧି ନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଗଜପତି, ଉପଜିଲ୍ଲାପାଳ ଅନୁପ ପଣ୍ଡା, ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ପୃଥ୍ୱୀରାଜ ମଣ୍ଡଳ ଓ ସୁଭଳ କୁମାର ଜେନାମଣି, ଉପମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଓରମାସ୍, ଗଜପତି ପ୍ରମୁଖ ମଞ୍ଚାସିନ ଥିଲେ । ଜିଲ୍ଲାସ୍ତରୀୟ ପଲ୍ଲୀଶ୍ରୀ ମେଳା ଡିସେମ୍ବର ୧୮ ରୁ ୨୨ତାରିଖ ପର୍ଯ୍ୟନ୍ତ ପଞ୍ଚ ଦିନ ଧରି ଗଜପତି ଷ୍ଟାଡିୟମ୍ ଠାରେ ଅନୁଷ୍ଠିତ ହେବ । ପଲ୍ଲୀଶ୍ରୀ ମେଳା ଦ୍ୱାରା ଜିଲ୍ଲାର ଗ୍ରାମାଞ୍ଚଳରେ ଥିବା ସ୍ୱୟଂ ସହାୟକ ଗୋଷ୍ଠୀଗୁଡିକ ଲାଭବାନ ହେବା ସହ ସେମାନେ ପ୍ରସ୍ତୁତ କରୁଥିବା ବିଭିନ୍ନ ସାମଗ୍ରୀ ସାଧାରଣ ଲୋକଙ୍କ ପାଖରେ ପହଞ୍ଚିବାରେ ସହାୟକ ହୋଇପାରିବ । ଏହି ମେଳାରେ ପ୍ରଦର୍ଶନୀ ନିମନ୍ତେ ୨୦୦ରୁ ଉର୍ଦ୍ଧ୍ୱ ଗୋଟି ଷ୍ଟଲ୍ ଖଲାଯିବାକୁ ସ୍ଥିର କରାଯାଇଛି । ଏହି ମେଳାରେ ଜିଲ୍ଲା ତଥା ରାଜ୍ୟର ବିଭିନ୍ନ ଜିଲ୍ଲାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡିକ ଦ୍ୱାରା ବିଭିନ୍ନ ସାମଗ୍ରୀ ସମେତ ବିଭିନ୍ନ ଘରୋଇ ଉପକରଣ, ବସ୍ତ୍ରଳାୟ ଇତ୍ୟାଦି ପ୍ରଦର୍ଶନ ଏବଂ ବିକ୍ରୟ ପାଇଁ ରଖାଯିବ । ଏହାସହ ଜିଲ୍ଲା ପ୍ରଶାସନ ପକ୍ଷରୁ ବନବିଭାଗ, ମତ୍ସ୍ୟ ବିଭାଗ, ଓରମାସ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, କୃଷି ବିଭାଗ, ଉଦ୍ୟାନ, ସ୍ୱାସ୍ଥ୍ୟ, ବ୍ୟାଙ୍କ, ଶିଶୁ ସୁରକ୍ଷା, ଜିଲ୍ଲା ଶିଳ୍ପ କେନ୍ଦ୍ର ବୋଲି ବିଭିନ୍ନ ବିଭାଗର ଷ୍ଟଲ୍ ଖୋଲାଯିବ । ଏହା ସହିତ ପ୍ରତିଦିନ ସ୍ଥାନୀୟ କଳାକାରମାନଙ୍କୁ ନେଇ ସାଂସ୍କୃତିକ ଓ ଜିଲ୍ଲାର ପାରମ୍ପାରିକ ଅଧିବାସୀ ନୃତ୍ୟର କରାଯିବ ବୋଲି ବୈଠକରେ ସ୍ଥିର କରାଯାଇଛି । ଏହି ପ୍ରସ୍ତୁତି ବୈଠକରେ ଟିମନ୍ ବାରା, ଜିଲ୍ଲା ପ୍ରକଳ୍ପ ସଂଯୋଜକ, ମିଶନ ଶକ୍ତି ଗଜପତି, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗଣ ଓ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀଗଣ ଉପସ୍ଥିତ ଥିଲେ ।

## ଖଣି ସୁରକ୍ଷା ସପ୍ତାହ ପାଳିତ




କାଳିଆପାଣି,(ଭାସ୍କର ନ୍ୟୁଜ): ଭୁବନେଶ୍ୱର ଆଞ୍ଚଳିକ ଅଧିନରେ ଥିବା ଓଡିଶା ଖଣିନିଗମ ଦକ୍ଷିଣ କାଳିଆପାଣି ଖଣି ପକ୍ଷରୁ ୪୨ତମ ଖଣି ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି । ସପ୍ତାହ ବ୍ୟାପି ଚାଲୁଥିବା ଏହି କାର୍ଯ୍ୟକ୍ରମରେ ଗୁରୁବାର ଦିନ ପୂର୍ବାହ୍ନରେ ଦକ୍ଷିଣ କାଳିଆପାଣି ଖଣିନିଗମ ଦକ୍ଷିଣ କାଳିଆପାଣି ଖଣି ଠାରେ ଆଞ୍ଚଳିକ ପ୍ରବନ୍ଧକ ଇଂ ଆଶିଷ କୁମାର ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଓ ବରିଷ୍ଠ ଖଣି ପ୍ରବନ୍ଧକ ଇଂ ଗଣେଶ୍ୱର ଭୂୟାଁଙ୍କ ସହାୟତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଖଣି ସୁରକ୍ଷା ନିର୍ଦ୍ଦେଶକ କ୍ରିଷ୍ଟାନ୍ଦୁ ମଣ୍ଡଳ, ଉପନିର୍ଦ୍ଦେଶକ ଇଂ କେ. କେ ନନ୍ଦଙ୍କ ନେତୃତ୍ୱରେ ଇଂ ସଲପରାଜ ଭାରତ ଓ ଇଂ ନିରଞ୍ଜନ ଖିଲାର ପର୍ଯ୍ୟବେକ୍ଷକ ଭାବେ ଯୋଗଦେଇ ବିଭିନ୍ନ ଖଣି ପରିଦର୍ଶନ କରିବା ସହ ଖଣି ସୁରକ୍ଷା ଉପରେ ମୂଲ୍ୟାଙ୍କନ କରିଥିଲେ। ସେହିପରି ସନ୍ଧ୍ୟାରେ ଖଣି ନିଗମ ଟାଉନସିପ ସ୍ଥିତ କମ୍ୟୁନିଟି ସେଣ୍ଟର ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ସୁରକ୍ଷା ଉପରେ ବିଭିନ୍ନ ବିଭାଗଦ୍ୱାରା କରାଯାଇଥିବା ପ୍ରକଳ୍ପ ଓ ପୋଷ୍ଟରକୁ ବୁଲି ଦେଖିବା ସହ ମୂଲ୍ୟାଙ୍କନ କରିଥିଲେ। ପରେ ଆଞ୍ଚଳିକ ପ୍ରବନ୍ଧକ ଇଂ ଆଶିଷ କୁମାର ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଯୋଗଦେଇ ଖଣି ସୁରକ୍ଷା ଓ ସ୍ୱାସ୍ଥ୍ୟ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। କାଳିଆପାଣି ଉଚ୍ଚ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା । ଖଣିରେ କାର୍ଯ୍ୟରତ ବିଭିନ୍ନ ବିଭାଗ ଦ୍ୱାରା କ୍ରିତିତ୍ୱ ଅର୍ଜନ କରିଥିବା କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଥିବା ବେଳେ କର୍ମଚାରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଡ୍ରାମା 'ହଜି ଗଲା ମୋର ଶଙ୍ଖା ସିନ୍ଦୁର' ଆୟୋଜନ କରାଯାଇଥିଲା । ବରିଷ୍ଠ ଖଣି ପ୍ରବନ୍ଧକ ଇଂ ଗଣେଶ୍ୱର ଭୂୟାଁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଡି ଜି ଏମ ଜିତେନ୍ଦ୍ର କୁମାର ସାହୁ, ବରିଷ୍ଠ କାର୍ମିକ ପ୍ରବନ୍ଧକ ଦେବାଶିଷ ସାମଲ, ଶୁଭ୍ରାକାନ୍ତ ଜେନା, ରାମେଶ୍ୱର ସାହୁ, ତାପସ କୁମାର ନାଏକ, ଶାନ୍ତନୁ କୁମାର ଆଏଚ, ରଞ୍ଜନ କୁମାର ସାମଲ, ପ୍ରଭାତ କୁମାର ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ରୋଜାଲିନ ଭୋଇ ଓ ଅର୍ଚ୍ଚନା ସ୍ୱାଇଁଙ୍କ ଉପସ୍ଥାପନା ଦର୍ଶକଙ୍କ ମନ ଜିଣିଥିଲା।

## ବ୍ଲକସ୍ତରୀୟ ପରବ କାର୍ଯ୍ୟକ୍ରମ

ଲକ୍ଷ୍ମୀପୁର,(ଭାସ୍କର ନ୍ୟୁଜ): ଲକ୍ଷ୍ମୀପୁର ଠାରେ ବ୍ଲକସ୍ତରୀୟ ପରବ ୨୦୨୪ ଆଜି ଅନୁଷ୍ଠିତ ହୋଇଯାଇଛି। ଏନେଇ ସ୍ଥାନୀୟ ଗ୍ରାମଦେବୀ ମା' ମୋତ୍ୟାଲୁ ମାଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରି ବାଜା ରୋଷଣୀରେ ପରବ ମଶାଲ ଅଣାଯାଇ ସ୍ଥାପିତ କରାଯିବା ପରେ ପରବ ପତାକା ଉତ୍ତଳନ କରାଯାଇଥିଲା। ପରେ ପରବ ପଡିଆରେ ସ୍ଥାପନ ହୋଇଥିବା ନିଶାଣୀ ମୁଣ୍ଡା ପାଖରେ ଆଦିବାସୀ ପରମ୍ପରା ମୁତାବିକ ପୂଜା ସାରି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏଥିରେ ସାଙ୍ଗାନ୍ନା ହାଇସ୍କୁଲର ଛାତ୍ରୀମାନେ ସ୍ୱାଗତ ସଂଗୀତ ପରିବେଷଣ କରିଥିବା ବେଳେ ଆଜିର ସାଜସଜା ସବୁରି ମନ ମୋହିଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା, ତହସିଲଦାର ନୈବେଦ୍ୟ ଭୋଇ, ଲକ୍ଷ୍ମୀପୁର ପଞ୍ଚାୟତ ସମିତି ଉପାଧ୍ୟକ୍ଷା ଆରତୀ କୁଲଦୀପ, କୋରାପୁଟ ସାଂସଦ ଝିନ୍ନ ହିକକା, ଲକ୍ଷ୍ମୀପୁର ପୂର୍ବତନ ବିଧାୟକ କୈଳାସ ଚନ୍ଦ୍ର କୁଲେସିକା, ପୂର୍ବତନ କୋରାପୁଟ ବିଧାୟକ କୃଷ୍ଣ ଚନ୍ଦ୍ର ସଗରିଆ, ଲକ୍ଷ୍ମୀପୁର ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ କୁମୁଦ ଚନ୍ଦ୍ର ସାଉନ୍ତା, ବଣିକ ସଙ୍ଘ ସଭାପତି ମନୋଜ ସାହୁ, କୈଳାସ ଚନ୍ଦ୍ର ଖସଲା, ମଣ୍ଟି ଖରା ଯୋଗ ଦେଇଥିବା ବେଳେ ଉପସ୍ଥିତ ଅତିଥି ମାନଙ୍କୁ ଉପଢୌକନ ସହ ଫୁଲ ତୋଡ଼ା ଦେଇ ସମ୍ବର୍ଦ୍ଧନା ଦିଆଯାଇଥିଲା। ପରେ ପରବ ପଡିଆରେ କରାଯାଇଥିବା ସମସ୍ତ ଷ୍ଟଲ ଗୁଡିକ ଅତିଥି ମାନେ ବୁଲି ଦେଖି ଖୁସି ବ୍ୟକ୍ତ କରିଥିଲେ। ଏଇ ପରବ ଉପଲକ୍ଷେ ଗତ ଦୁଇଦିନ ପୂର୍ବରୁ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ କ୍ରୀଡା ପ୍ରତଯୋଗିତା କରାଯାଇଥିବା ବେଳେ ଆଜି ପରବ ମଣ୍ଡପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଲକ୍ଷ୍ମୀପୁର ବିଡ଼ିଓ ଗୁରେଶ୍ୱର ଭୋଇ ଏହି ପରବ ୨୦୨୪ ପରିଚାଳନା କରିଥିବା ବେଳେ ଏଇ ଏମ.ପବନ କୁମାର, ଜିପିଓ ସୁଧୀର ବେହେରା, ଯୋଗାଣ ଅଧିକାରୀ ଆଦିତ୍ୟ ପ୍ରସାଦ ନାୟକ, ରଜନୀ କାନ୍ତ ପାଣିଗ୍ରାହୀ, ପ୍ରକାଶ ସେଠି, ଦାମଦର କନ୍ଦପାନ, ଜନାର୍ଦ୍ଦନ ଚୌଧୁରୀ, ରଞ୍ଜନ ସୂଚେନ, ନିହାର ରଞ୍ଜନ ଗରଡ଼ା, ଆଶିଷ ଗରଡ଼ା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ଗୋଲକ ଚନ୍ଦ୍ର ଲେଙ୍କା, ଇଶାକ ୱାଡେକା, ଅବିନାଶ ବିଡ଼ିକା ଓ ସୁରେନ୍ଦ୍ର କୁଲଦୀପ ମଞ୍ଚ ପରିଚାଳନା କରିଥିଲେ।

## ଶୌଚାଳୟ ବ୍ୟବହାର ସମ୍ବନ୍ଧୀୟ କର୍ମଶାଳା

ଏରସମା, (ଭାସ୍କର ନ୍ୟୁଜ୍): ପଞ୍ଚାୟତିରାଜ ଓ ପାନୀୟ ଜଳ, ପରିମଳ ବିଭାଗ ପକ୍ଷରୁ ଏରସମା ପଞ୍ଚାୟତ ସମିତି ସଭାଗୃହ ପରିସରରେ ବିଶ୍ୱ ଶୌଚାଳୟ ଦିବସ ସପ୍ତାହ ଅବସରରେ ଶୌଚାଳୟ ବ୍ୟବହାର ସମ୍ବନ୍ଧୀୟ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଏହି କାର୍ଯ୍ୟକ୍ରମରେ ପରିମଳ ବିଭାଗର ବ୍ଲକ ସଂଯୋଜିକା ସନ୍ତୋଷିନୀ ପ୍ରଧାନଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ସ୍ୱତନ୍ତ୍ର ସଚେତନତା କାର୍ଯ୍ୟକ୍ରମରେ ମଣ୍ଡଳ ଉନ୍ନୟନ ଅଧିକାରୀ ଦାଶରଥି ଜେନା, ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ଜ୍ଞାନେନ୍ଦ୍ର ଲେଙ୍କା, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ସରୋଜ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ଶୌଚାଳୟ ପରିଚାଳନା ଓ ତହିଁର ବହୁଳ ବ୍ୟବହାର ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକର ସ୍ୱେଚ୍ଛାସେବୀ ସଙ୍ଗଠନର କାର୍ଯ୍ୟକର୍ତ୍ତାଙ୍କ ସହ ୨୫ ପଞ୍ଚାୟତର କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ।

## କଳାକାର ଭତ୍ତା ବୃଦ୍ଧି ପାଇଁ ଦାବି



ବ୍ରହ୍ମପୁର,(ଭାସ୍କର ନ୍ୟୁଜ): କଳା ଓ କଳାକାର ହିତୈଷୀ ମହାମଞ୍ଚ 'ନିଖିଳ ଓଡ଼ିଶା ବରିଷ୍ଠ କଳାକାର ମହାସଂଘ' ତରଫରୁ ଏକ ବନ୍ଧୁମିଳନ ଉତ୍ସବ ଖଲିକୋଟ ବ୍ଲକ ବେଢ-ଛେଲୁ ସ୍ଥିତ ଶ୍ରୀଜଗନ୍ନାଥ ନାଟ୍ୟ କଳା ସାଂସଦ ଆଖଡ଼ା ଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି। ଆଖଡ଼ା ପରିଚାଳକ ଭାସ୍କର ଚନ୍ଦ୍ର ଗୌଡ଼ଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ମହାସଂଘ ମହାସଚିବ ସୁବାସ ଚନ୍ଦ୍ର ସାହୁ ରୋଶନ୍, ବରିଷ୍ଠ ସଖିନାଚ ଗୁରୁ ବଳରାମ ଗୌଡ଼, ଲୋକ କଳା କଳାକାର ପ୍ରଦୀପ କୁମାର ସାହୁ ପ୍ରମୁଖ ଅତିଥି ଭାବରେ ଯୋଗଦେଇ ମହାସଂଘ ଉଭୟ କଳା ଓ କଳାକାରଙ୍କ ହୀତ ସାଧନ ନିମନ୍ତେ ପ୍ରତିଷ୍ଠିତ ହେତୁ କଳାକାରମାନେ ସଂଘ ମନସ୍କ ହୋଇ ସବୁ କଳାକାର ଏକ ପରିବାର ବୋଧରେ ବଞ୍ଚିବା ଶିଖିଲେ କଳାକାର ସମାଜର ଦୁଃଖ-ଦୁର୍ଦ୍ଦଶା ଦୂର ହୋଇପାରିବ ବୋଲି ନିଜ ନିଜ ବକ୍ତବ୍ୟରେ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସର୍ବଶ୍ରୀ ସୁରେନ୍ଦ୍ର ପାଣି, ରାଙ୍କନିଧି ଗୌଡ଼, ପୂର୍ଣ୍ଣ ଚନ୍ଦ୍ର ଗିରି, ସୌମ୍ୟ ରଞ୍ଜନ ଗୌଡ଼ ପ୍ରମୁଖ କଳାକାର ସହଯୋଗ କରିଥିଲେ। ପରିଶେଷରେ ପୂର୍ଣ୍ଣ ଚନ୍ଦ୍ର ସାହୁ ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ।

### ଛାତ୍ରୀଙ୍କୁ ଏକତରଫା ପ୍ରେମରୁ ହତ୍ୟା ମାମଲା

## ହତ୍ୟାକାରୀକୁ ଆଜୀବନ କାରା ଦଣ୍ଡାଦେଶ

କୋରାପୁଟ,(ଭାସ୍କର ନ୍ୟୁଜ): ସେମିଳିଗୁଡା ଠାରେ ଇଞ୍ଜିନିୟରିଂ ଛାତ୍ରୀଙ୍କୁ ପେଟ୍ରୋଲ ଢାଳି ପୋଡି ମାରିବା ଘଟଣାରେ ଜଣେ ଅଭିଯୁକ୍ତକୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି କୋରାପୁଟ ଅତିରିକ୍ତ ଜିଲ୍ଲା ଦୌରା ଜର୍ଜ ଦୀପକ ରଞ୍ଜନ ସାହୁ। ଅଭିଯୁକ୍ତ ଜଣକ ହେଲେ ନନ୍ଦପୁର ବ୍ଲକ ଅନ୍ତର୍ଗତ କୁମାରଗନ୍ଧଣା ଗ୍ରାମର ଗୋପୀନାଥ ଖେମୁଣ୍ଡୁ। ସୂଚନା ଅନୁଯାୟୀ ୨୦୧୯ରେ ନନ୍ଦପୁର ବ୍ଲକ ଅନ୍ତର୍ଗତ ମାଙ୍ଗାଲିଗୁଡା ଗ୍ରାମର ଚନ୍ଦ୍ରିକା ହନ୍ତାଳ ସିମିଳିଗୁଡାସ୍ଥିତ ସିତମ ଇଞ୍ଜିନିୟରିଂ କଲେଜରେ ଡିପ୍ଲୋମା ପଢୁଥିଲେ ଏବଂ ସେମିଳିଗୁଡା ଠାରେ ଏକ ଭଡାଘରେ ରହୁଥିଲେ। ସେହି ସମୟରେ ଅଭିଯୁକ୍ତ ଗୋପୀନାଥ ଖେମୁଣ୍ଡୁ ଚନ୍ଦ୍ରିକାଙ୍କୁ ଏକତରଫା ପ୍ରେମ କରୁଥିଲା। ପ୍ରେମରେ ବିଫଳ ହେଲେ ପେଟ୍ରୋଲ ଢାଳି ନିଆଁ ଲାଗେଇଦେବ ବୋଲି ଚନ୍ଦ୍ରିକାଙ୍କୁ ଧମକ ଦେଉଥିଲା । ୨୦୧୯ ମେ ମାସ ୩୧ ତାରିଖ ଦିନ ପ୍ରାୟ ୧୧ଟା ସମୟରେ ଅଭିଯୁକ୍ତ ଗୋପୀନାଥ ଏକ ପ୍ଲାଷ୍ଟିକ ବୋତଲରେ ପେଟ୍ରୋଲ ଆଣି ଚନ୍ଦ୍ରିକାଙ୍କ ଭଡାଘର ଭିତରେ ପଶି ପେଟ୍ରୋଲ ଢାଳି ଚନ୍ଦ୍ରିକାଙ୍କ ଉପରେ ଦିଆସିଲ ମାରି ନିଆଁ ଲଗେଇ ଦେଇଥିଲା। ପ୍ରଥମେ ଗୁରୁତର ଚନ୍ଦ୍ରିକାଙ୍କୁ କୋରାପୁଟ ମେଡ଼ିକାଲ, ପରେ ବ୍ରହ୍ମପୁର ମେଡ଼ିକାଲ କଲେଜ ଓ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ଡାକ୍ତରଖାନାକୁ ଚିକିତ୍ସା ପାଇଁ ସ୍ଥାନାନ୍ତର କରାଯାଇଥିଲା। ହେଲେ ଚନ୍ଦ୍ରିକା ବଞ୍ଚିଲେ ନାହିଁ। ଚନ୍ଦ୍ରିକାଙ୍କ ପିତା ଗୋପୀ ହନ୍ତାଳଙ୍କ ଏତଲା କ୍ରମେ ସେମିଳିଗୁଡା ପୋଲିସ ଏକ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ କରି ଅଭିଯୁକ୍ତ ଗୋପୀନାଥ ଖେମୁଣ୍ଡୁକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ଏବଂ ତଦନ୍ତ ପରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିଥିଲା। ମାମଲାଟି କୋରାପୁଟ ଅତିରିକ୍ତ ଜିଲ୍ଲା ଦୌରାଜର୍ଜଙ୍କ ଅଦାଲତକୁ ବିଚାର ନିମନ୍ତେ ଯିବା ପରେ କେସ୍ ନମ୍ବର ସି ଟି ୫୫/୨୦୧୯ ଅନୁଯାୟୀ ବିଚାର ଚାଲିଥିଲା । ମାମଲାରେ ମୋଟ ୨୧ ଜଣ ସାକ୍ଷୀଙ୍କ ବୟାନ ଏବଂ ମୃତ ଚନ୍ଦ୍ରିକାଙ୍କ ମୃତ୍ୟୁକାଳୀନ ଜମାନବନ୍ଦୀକୁ ଆଧାର କରି ମାନ୍ୟବର ଅଦାଲତ ଅଭିଯୁକ୍ତ ଗୋପୀନାଥ ଖେମୁଣ୍ଡୁକୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରା ଦଣ୍ଡାଦେଶ ଦେଇଛନ୍ତି । ଏହା ସହ କୋଡିଏ ହଜାର ଟଙ୍କା ଜୋରିମାନା ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ଆଇନଜୀବୀ ଜିମୁତ ବାହାନ ସୁନାନୀ ମାମଲା ପରିଚାଳନା କରୁଥିଲେ।

## ୪ ବର୍ଷର ଶିଶୁକୁ ଦୁଷ୍କର୍ମ ଅଭିଯୋଗ, ଅଭିଯୁକ୍ତ ବୃଦ୍ଧ ଗିରଫ

ଧାମନଗର,(ଭାସ୍କର ନ୍ୟୁଜ): ଭଦ୍ରକ ଜିଲ୍ଲା ଧାମନଗର ଥାନା ଅଧୀନରେ ୪ ବର୍ଷ ୮ ମାସର ଶିଶୁକନ୍ୟାକୁ ମୋବାଇଲ ଦେଖାଇ ନିଛାଟିଆ ସ୍ଥାନରେ ଦୁଷ୍କର୍ମ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୁକ୍ତ ଜଣଙ୍କ ହେଲେ ଖଡ଼ିପଦା ପଞ୍ଚାୟତ ର କାଞ୍ଜିଆପାଳ ଗ୍ରାମର ପାଗଳା ଦାସ (୫୫ ବର୍ଷ)। ସୂଚନା ଥାଉକି କାଞ୍ଜିଆପାଳ ଗ୍ରାମର ପାଗାଳା ଦାସ ଚଳିତ ମାସ ୧୫ ତାରିଖ ଶୁକ୍ରବାର ଦିନ ୪ ବର୍ଷ ୮ ମାସର ଶିଶୁକୁ ଇଟାଭାଟି ନିକଟରେ ଦୁଷ୍କର୍ମ କରିଥିଲା। ଶିଶୁଟି ଦୁଷ୍କର୍ମ ପରେ କାନ୍ଦି କାନ୍ଦିଯାଇ ନିଜ ମା ପାଖରେ କହିବା ପରେ ଘଟଣା ସାମ୍ନାକୁ ଆସିଥିଲା। ପାଗଳା ଦାସ ଗ୍ରାମ ଲୋକଙ୍କ ସାହାଯ୍ୟରେ ଚାପ ପକାଇ ରଫାଦଫା କରିବାକୁ ଚେଷ୍ଟା କରିଥିଲା। ଏହି ଘଟଣା ୭ ଦିନ ବିତି ଯାଇଥିଲା। ତେବେ ଶିଶୁର ପରିବାର ମୌକା ପାଇ ଲୁଚିଛପି ଗୁରୁବାର ସନ୍ଧ୍ୟାରେ ଧାମନଗର ଥାନାରେ ପହଞ୍ଚି ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ମିଳିବା ପରେ ପୋଲିସ କେସ ନମ୍ବର ୫୦୮/୨୪ରେ ମାମଲା ରୁଜୁ କରି ପାଗଳା ଦାସକୁ ଜୟନଗର ଅଞ୍ଚଳରୁ ଗିରଫ କରିଥିଲା। ତେବେ ଏହି ଘଟଣାରେ ଅଭିଯୁକ୍ତ ପାଗଳା ଦାସକୁ କଠୋର ଦଣ୍ଡ ଦେବା ପାଇଁ ଶିଶୁର ବାପା-ମା' ଦାବି କରିଛନ୍ତି। ଅନ୍ୟପକ୍ଷେ ପାଗଳା ଦାସକୁ ଡାକ୍ତର ମାଇନା ପରେ କୋର୍ଟ ଚାଲାଣ କରାଯିବ ବୋଲି ଥାନାଧିକାରୀ ସୂଚନା ଦେଇଛନ୍ତି। ତେବେ ଏହି ଘଟଣାର ଭଦ୍ରକ ଆରକ୍ଷୀ ଅଧିକ୍ଷକ ଗୁରୁତର ସହ ନେଇ ଭଦ୍ରକ ମହିଳା ଇନ୍ସପେକ୍ଟର ମୋନାଲିସା କରଙ୍କୁ ଅଧିକ ତଦନ୍ତ ପାଇଁ ନିୟୋଜିତ କରିଛନ୍ତି। ତେବେ ତଦନ୍ତ ପରେ ଘଟଣାର କ'ଣ ସତ୍ୟତା ଆସୁଛି ତାହା ଦେଖିବାକୁ ବାକି ରହିଲା। ତେବେ ଏହି ଲଜ୍ଜାଜନକ ଘଟଣାକୁ ନେଇ ଧାମନଗର ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।


ଓଡ଼ିଶା ଭାସ୍କର
ODISHA BHASKAR
# ମହାନଗର

ପୃଷ୍ଠା-୩ | Page-3 | ଭୁବନେଶ୍ୱର | Bhubaneswar | ୨୩.୧୧.୨୦୨୪ | 23.11.2024



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆଧ୍ୟାତ୍ମିକତାର ଏକ ଅଂଶ ହେଉଛି ଧ୍ୟାନ। ଧ୍ୟାନ ଦ୍ୱାରା ମନକୁ ଆୟତ୍ତ କରିହୁଏ। ଧ୍ୟାନ ଦିଏ ମୁକ୍ତି, ଧ୍ୟାନ ଦିଏ ଆନନ୍ଦ, ଧ୍ୟାନ ଏକାଗ୍ରତା ବୃଦ୍ଧି କରିଥାଏ। ଧ୍ୟାନ କରୁଥିବା ଲୋକ ଜୀବନ ଲମ୍ବା, ସେ ସବୁ କାର୍ଯ୍ୟକୁ ସହଜରେ ସମାଧାନ କରିପାରିଥାଏ ବୋଲି ଶ୍ରୀ ସତ୍ୟସାଇ ମହିଳା ମହାବିଦ୍ୟାଳୟ, ଭୁବନେଶ୍ୱର ଦର୍ଶନ ଶାସ୍ତ୍ର ବିଭାଗ ପକ୍ଷରୁ ଆୟୋଜିତ 'ଧ୍ୟାନ ହେଉଛି ଅସୀମ ଆନନ୍ଦର ଚାବିକାଠି' ଶୀର୍ଷକ ଆଲୋଚନା ଚକ୍ରରେ ଯୋଗ ଦେଇଥିବା ଅତିଥିମାନେ ମତ ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ରୂପେ ଇଂ. ଦେବାଶିଷ ଜେନା, ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ଦେବଯାନୀ ସିଂ, ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଡ. ସୁନିଲ ରଥ, ଦର୍ଶନ ବିଭାଗର ମୁଖ୍ୟ ଡ. ମୃଣ୍ମୟୀ ରଥ, ଡ. ଅର୍ଚ୍ଚନା ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଧ୍ୟାନର ମହତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଶେଷରେ ଛାତ୍ରୀ ନର୍ମଦା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ଓ କାର୍ଯ୍ୟକ୍ରମକୁ ଛାତ୍ରୀ ଇପ୍‌ସିତା ପ୍ରଧାନ ସଞ୍ଚାଳନ କରିଥିଲେ।

### ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ
## ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ ପ୍ରସ୍ତୁତି ବୈଠକ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କର ଆଗାମୀ ଡିସେମ୍ବର ୩ ରୁ ୭ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ଶୁକ୍ରବାର ପୂର୍ବାହ୍ନରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ରାଜ୍ୟସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଗୃହ (ସ୍ୱରାଷ୍ଟ୍ର) ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପୁଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ, ଅଗ୍ନିଶମ ବିଭାଗ ଡିଜି ଡଃ. ସୁଧାଂଶୁ ଷଡ଼ଙ୍ଗୀଙ୍କ ସମେତ ରାଜ୍ୟ ପ୍ରଶାସନର ସଂପୃକ୍ତ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ, ଶାସନ ସଚିବ, ଅନ୍ୟ ବରିଷ୍ଠ ପଦାଧିକାରୀ ଏବଂ ଜିଲ୍ଲାପାଳ ଖୋର୍ଦ୍ଧା ଉପସ୍ଥିତ ଥିବା ବେଳେ ଜିଲ୍ଲାପାଳ, ପୁରୀ, ଜିଲ୍ଲାପାଳ, ମୟୂରଭଞ୍ଜ ଏବଂ ନୌସେନା ବିଭାଗର ଅଧିକାରୀ ଆଭାସୀ ବ୍ୟବସ୍ଥା ମାଧ୍ୟମରେ ବୈଠକରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସୂଚନା ଅନୁସାରେ ଡିସେମ୍ବର ୩ ତାରିଖ ଅପରାହ୍ନରେ ରାଷ୍ଟ୍ରପତି ନୂଆଦିଲ୍ଲୀରୁ ବାୟୁସେନା ବିମାନ ଯୋଗେ ବାହାରି ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିବା ପରେ ସଂଧ୍ୟାରେ ଭୁବନେଶ୍ୱର ଚନ୍ଦ୍ରଶେଖରପୁର ସ୍ଥିତ ନିଳାଦ୍ରୀ ବିହାର ଠାରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ନବନିର୍ମିତ ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରିବେ। ରାଷ୍ଟ୍ରପତିଙ୍କ ଗସ୍ତ କାର୍ଯ୍ୟକ୍ରମକୁ ଦୃଷ୍ଟିରେ ରଖି ମୁଖ୍ୟ ଶାସନ ସଚିବ ବିଭିନ୍ନ ପ୍ରସ୍ତୁତି ସଂପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ରାଜ୍ୟର ସମସ୍ତ ସଂପୃକ୍ତ ପ୍ରଶାସନିକ ଅଧିକାରୀ ଏବଂ ପୁଲିସ୍ ବିଭାଗର ଅଧିକାରୀ, ଆଭାସୀ ମାଧ୍ୟମରେ ଯୋଗଦେଇଥିବା ପୁରୀ, ମୟୂରଭଞ୍ଜର ଜିଲ୍ଲାପାଳ, ନୌସେନା ଅଧିକାରୀଙ୍କ ସହିତ ପ୍ରସ୍ତୁତି ସଂପର୍କରେ ଆଲୋଚନା କରି ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଥିଲେ । ବୈଠକରେ ଗୃହ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ରାଧା କିଶନ ଶର୍ମା ରାଷ୍ଟ୍ରପତିଙ୍କ ଗସ୍ତ ପରିପ୍ରେକ୍ଷୀରେ ବିଶଦ୍ ଉପସ୍ଥାପନା କରିଥିଲେ ।

### ମହମ୍ମଦିଆ ବଜାର ପୂଜା କମିଟି ସମ୍ପାଦକଙ୍କ ପିତୃ ବିୟୋଗ

କଟକ(ଭାସ୍କର ନ୍ୟୁଜ୍): ଗତକାଲି ରାତି ସାଢ଼େ ୮ଟା ସମୟରେ ମହମ୍ମଦିଆ ବଜାର ପୂଜା କମିଟିର ସଂପାଦକ ଲିଙ୍ଗରାଜ ବାରିକଙ୍କ ପିତା ମେନୁ ବାରିକଙ୍କ ୮୦ବର୍ଷ ବୟସରେ ଦେହାନ୍ତ ହୋଇଯାଇଛି। ସ୍ୱର୍ଗତ ବାରିକ ଦୀର୍ଘଦିନ ଧରି ଫୁସଫୁସ କର୍କଟ ରୋଗରେ ପିଡ଼ିତ ଥାଇ ଚିକିତ୍ସିତ ହେଉଥିଲେ। ମହମ୍ମଦିଆ ବଜାର ଅଞ୍ଚଳର ଉନ୍ନୟନ କମିଟିର ମୁଖ୍ୟ ଭାବେ ରହି ବହୁ ଉନ୍ନତିମୂଳକ କାର୍ଯ୍ୟରେ ଜଡ଼ିତ ଥିଲେ। ବାରବାଟୀ କଟକ ପୂର୍ବତନ ବିଧାୟକ ମହମ୍ମଦ ମୋକିମ୍, ମହମ୍ମଦିଆ ବଜାର ପୂଜା କମିଟି ସଭାପତି ଭାନୁ ପ୍ରତାପ ସାହୁଙ୍କ ସମେତ କଟକ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସ୍ୱର୍ଗତ ବାରିକଙ୍କ ବାସଭବନରେ ପହଞ୍ଚି ତାଙ୍କର ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ।

### ରାଜଧାନୀରେ ଯୁବ ଚେତନା ଜାତୀୟ ସଂଯୋଜକ
## ଦେଶର ପ୍ରଗତି ପାଇଁ ପ୍ରଧାନମନ୍ତ୍ରୀଙ୍କୁ ସମର୍ଥନ କରୁଛି: ରୋହିତ କୁମାର ସିଂ



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ରାଜଧାନୀରେ ଯୁବ ଚେତନା ଜାତୀୟ ସଂଯୋଜକ ରୋହିତ କୁମାର ସିଂ । ଶ୍ରୀ ସିଂ ଭୁବନେଶ୍ୱରରେ ପହଞ୍ଚି କହିଛନ୍ତି ଯେ, କଂଗ୍ରେସ ଦଳ ଭାରତୀୟ ସଂସ୍କୃତି ଓ ସଭ୍ୟତାକୁ ବିରୋଧ କରୁଛି। କଂଗ୍ରେସ ଦଳ ୫୦ ବର୍ଷରୁ ଅଧିକ ସମୟ ଧରି ଶାସନ କରିଆସିଛି କିନ୍ତୁ କୌଣସି ଗୁରୁତ୍ୱପୂର୍ଣ୍ଣ ବିକାଶ ହାସଲ ନକରି କେବଳ ଜନସାଧାରଣଙ୍କୁ ପ୍ରତାରଣା କରିଛି। ଏବେ ନିରାଶ ହୋଇ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଜାତି ଓ ଧର୍ମ ଆଧାରରେ ଦେଶକୁ ଭାଗ କରିବାକୁ ଚାହୁଁଛନ୍ତି। ଶ୍ରୀ ସିଂ ଗୁରୁତ୍ୱାରୋପ କରିଛନ୍ତି ଯେ ସମଗ୍ର ବିଶ୍ୱ ଭାରତ ଆଡକୁ ଦୃଷ୍ଟି ରଖିଛି ଏବଂ ଦେଶର ପ୍ରଗତି ଏବଂ ସମୃଦ୍ଧତା ପାଇଁ ଆମକୁ ସାମୂହିକ ଭାବରେ ସହଯୋଗ କରିବାକୁ ହେବ। ସେ ଯୁବକମାନଙ୍କୁ ଜାତୀୟ ବିରୋଧୀ ଶକ୍ତି ବିରୋଧରେ ସଂଗ୍ରାମ କରିବାକୁ ଅନୁରୋଧ କରିଥିଲେ। ସେ ଏହା ମଧ୍ୟ କହିଛନ୍ତି ଯେ କଂଗ୍ରେସ ଦଳର ମୌଳିକ ନୀତି ହେଉଛି ସନାତନ ମୂଲ୍ୟବୋଧକୁ ବିରୋଧ। ଆମେ ସାମାଜିକ ନ୍ୟାୟ ଆନ୍ଦୋଳନକୁ ମଜବୁତ କରିବା ପାଇଁ କାର୍ଯ୍ୟ କରୁଛୁ। ଜନସାଧାରଣଙ୍କ ସ୍ୱାର୍ଥକୁ ପ୍ରାଥମିକତା ଦେଇ ଶ୍ରୀ ସିଂ ବିରୋଧୀ ଦଳର ନେତାମାନଙ୍କୁ ସମାଲୋଚନା କରିଥିଲେ। ଭାରତର ବିଶ୍ୱ ମାନ୍ୟତା ପାଇଁ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଶ୍ରେୟ ଦେଇଛନ୍ତି। ଶ୍ରୀ ସିଂ ସ୍ପଷ୍ଟ କରିଛନ୍ତି ଯେ, ସେ କୌଣସି ରାଜନୈତିକ ଦଳର ସଦସ୍ୟ ନୁହଁନ୍ତି କିନ୍ତୁ ଦେଶର ପ୍ରଗତି ପାଇଁ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ସମର୍ଥନ କରୁଛନ୍ତି। କୃଷକ ଏବଂ ଶ୍ରମିକମାନଙ୍କ ପିଲାମାନଙ୍କୁ ମୁଖ୍ୟ ସ୍ରୋତରେ ସମାଜ ସହିତ ଯୋଡିବା ପାଇଁ ସେ ସେମାନଙ୍କ ସଂଘର୍ଷ ଉପରେ ଗୁରୁତ୍ୱାରୋପ କରିଥିଲେ।

### ମଣିପାଲ ହସ୍ପିଟାଲ ଭୁବନେଶ୍ୱରରେ ବିରଳ ଅପରେସନ୍
## ସଫଳତାର ସହିତ ହେପାଟୋ-ପାନକ୍ରିଆଟୋ-ବିଲିଆରି କ୍ୟାନସର ଚିକିତ୍ସା



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଖଣ୍ଡଗିରି ସ୍ଥିତ ମଣିପାଲ ହସ୍ପିଟାଲ ଭୁବନେଶ୍ୱର ଠାରେ ସଫଳତାର ସହିତ ଏକ ବିରଳ କ୍ୟାନସର ରୋଗର ଅପରେସନ୍ କରାଯାଇଛି। ମଣିପାଲ ହସ୍ପିଟାଲର ଅଭିଜ୍ଞ ସର୍ଜନ ଓ କ୍ୟାନସର ରୋଗ ବିଶେଷଜ୍ଞଙ୍କ ଟିମ୍ ଜଣେ ୬୫ ବର୍ଷୀୟା ମହିଳାଙ୍କ ଏକ ସମୟରେ ହୋଇଥିବା ଗଲବ୍ଲାଡର କ୍ୟାନସର ଏବଂ ପାନ୍‌କ୍ରିଆଟିକ୍ କ୍ୟାନସରର ସଫଳ ଚିକିତ୍ସା କରି ମହିଳା ଜଣଙ୍କୁ ନୂତନ ଜୀବନ ଦେଇଛନ୍ତି। ପେଟ ମଧ୍ୟରେ ଏକ ସମୟରେ ଦୁଇ ଦୁଇଟା କ୍ୟାନସର ହେବାଭଳି ବିରଳ ଘଟଣା ସାରା ବିଶ୍ୱରେ ମାତ୍ର ୧% ଲୋକଙ୍କଠାରେ ଦେଖାଯାଏ। ମଣିପାଲ ହସ୍ପିଟାଲର ଅଭିଜ୍ଞ ଡାକ୍ତରୀ ଟିମ୍ ସହିତ ଅତ୍ୟାଧୁନିକ ସୁବିଧା ଫଳରେ ଏହି କ୍ୟାନସରର ସଫଳ ଚିକିତ୍ସା ହୋଇଛି ଏବଂ ମହିଳା ଜଣଙ୍କ ନୂତନ ଜୀବନ ପାଇଛନ୍ତି। ମହିଳା ଜଣଙ୍କ ପେଟରେ ଯନ୍ତ୍ରଣା ହେବାରୁ ମଣିପାଲ ହସ୍ପିଟାଲର ବରିଷ୍ଠ ପେଟ ଓ ଯକୃତ ରୋଗ ବିଶେଷଜ୍ଞ ଡାକ୍ତର ପ୍ରତାପ ବେହେରାଙ୍କ ସହିତ ପରାମର୍ଶ କରିଥିଲେ। ପ୍ରାଥମିକ ପରୀକ୍ଷା ପରେ ଡାକ୍ତର ପ୍ରତାପ ଉକ୍ତ ମହିଳାଙ୍କ ଗଲବ୍ଲାଡରରେ ଟ୍ୟୁମର ସହିତ ପାନକ୍ରିଆସ୍‌ରେ ଗୋଟିଏ ମାଂସ ବଢ଼ିଥିବା ଜାଣିପାରିଥିଲେ। ଏହା ଶରୀରର ଅନ୍ୟାନ୍ୟ ଅଙ୍ଗକୁ ପ୍ରଭାବିତ ହୋଇଛି କି ନାହିଁ ଜାଣିବା ପାଇଁ ସମ୍ପୂର୍ଣ୍ଣ ଶରୀରର ପେଟ୍ ସିଟି ସ୍କାନ୍ କରାଯାଇଥିଲା। ପେଟ୍ ସିଟି ସ୍କାନ୍ ରିପୋର୍ଟରେ ପେଟ ମଧ୍ୟରେ ଗଲବ୍ଲାଡର ଏବଂ ପାନ୍‌କ୍ରିଆସ୍‌ରେ କ୍ୟାନସର ଥିବା ଜଣାପଡ଼ିଥିଲା ଯାହାର ତୁରନ୍ତ ଚିକିତ୍ସା କରିବାର ଆବଶ୍ୟକତା ରହିଥିଲା। ମହିଳାଙ୍କ ଚିକିତ୍ସା ପାଇଁ ମଣିପାଲ ହସ୍ପିଟାଲର ଅଭିଜ୍ଞ ପେଟ କ୍ୟାନସର ବିଶେଷଜ୍ଞ ଗ୍ୟାଷ୍ଟ୍ରୋ ସର୍ଜନ ଡାକ୍ତର ଜ୍ୟୋତିର୍ମୟ ଜେନା ଅଙ୍କୋ ସର୍ଜନ ଡାକ୍ତର ନିତୀଶ ଆଚାର୍ଯ୍ୟ, ମେଡିକାଲ ଅଙ୍କୋଲୋଜିଷ୍ଟ୍ ଡାକ୍ତର ସଚିନ୍ ଶେଖର ବିଶ୍ୱାଳଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇଥିଲା। ମଣିପାଲ ହସ୍ପିଟାଲ ଭୁବନେଶ୍ୱର ଗ୍ୟାଷ୍ଟ୍ରୋସାଇନ୍ସ ବିଭାଗରେ ଜଟିଳ ଜିଆଇ ଏବଂ ଏଚ୍‌ବିପି ରୋଗ ଏବଂ କ୍ୟାନସର ଚିକିତ୍ସା ପାଇଁ ସମସ୍ତ ଉନ୍ନତ ଏଣ୍ଡୋସ୍କୋପିକ୍ ମେସିନ୍, ଇଆରସିପି, ପେଟ କ୍ୟାନସର, ହେପାଟୋ-ବିଲିଆରୀ ଏବଂ ପାନ୍‌କ୍ରିଆଟିକ୍ କ୍ୟାନସର ଚିକିତ୍ସା ପାଇଁ ଅତ୍ୟାଧୁନିକ ଲାପ୍ରୋସ୍କୋପିକ୍ ସର୍ଜରୀ ସୁବିଧା ରହିଛି।

## ଆଦିବାସୀ ଓ ମହିଳାଙ୍କ ଉପରେ ଅତ୍ୟାଚାର ବୃଦ୍ଧି ଚିନ୍ତାଜନକ: ବିଜେଡି



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟରେ ଆଦିବାସୀ ମାନଙ୍କ ଉପରେ ଅତ୍ୟାଚାର ବୃଦ୍ଧି, ଦୁଇ ଦୁଇଟି ପିଲାବିକ୍ରି ଘଟଣାକୁ ନେଇ ଆଜି ବିଜୁ ଜନତା ଦଳ ରାଜ୍ୟ ବିଜେପି ସରକାରଙ୍କ ଉପରେ ବର୍ଷିଛି। ଶଙ୍ଖ ଭବନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି ଓ ଦଳର ମିଡ଼ିଆ ସଂଯୋଜକ ଡଃ ପ୍ରିୟବ୍ରତ ମାଝୀ ରାଜ୍ୟରେ ଆଦିବାସୀ ମାନଙ୍କ ଉପରେ ଅତ୍ୟାଚାର ଗତ କିଛି ଦିନରେ ଚିନ୍ତାଜନକ ଭାବେ ବୃଦ୍ଧି ପାଇଛି ବୋଲି ଅଭିଯୋଗ କରିବା ସହିତ ଆଦିବାସୀ ମାନେ ଓଡ଼ିଶାରେ ନିଜକୁ ସୁରକ୍ଷିତ ମନେ କରୁନାହାନ୍ତି ବୋଲି କହିଥିଲେ। ଶ୍ରୀ ବିଶି କହିଥିଲେ, ରାଜ୍ୟରେ ୬୪ ପ୍ରକାରର ଆଦିବାସୀ ଅଛନ୍ତି ଓ ରାଜ୍ୟ ଜନସଂଖ୍ୟାର ପ୍ରାୟ ୨୩ ପ୍ରତିଶତ ଆଦିବାସୀ ଅଟନ୍ତି। କିନ୍ତୁ, ଦୁଃଖ ଓ ପରିତାପର ବିଷୟ, ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରଠାରୁ ଲଗାତାର ଭାବେ ରାଜ୍ୟରେ ଆଦିବାସୀ ଓ ମହିଳାଙ୍କ ଉପରେ ଅତ୍ୟାଚାର ବୃଦ୍ଧି ପାଇବାରେ ଲାଗିଛି। ଏହି ଅତ୍ୟାଚାରକୁ ପ୍ରତିହତ କରିବା ପାଇଁ ସରକାର କୌଣସି ପଦକ୍ଷେପ ନେଉନାହାନ୍ତି। କୁଚିଣ୍ଡାରେ ଗୋଟିଏ ଦଳିତ ଝିଅକୁ ଗଣ ବଳତ୍କାର କରାଗଲା, ସେ ପୁଣି ମନ୍ତ୍ରୀଙ୍କ ପାଖ ଲୋକଙ୍କ ଦ୍ୱାରା। ସରକାର ଅଭିଯୁକ୍ତଙ୍କୁ ଗିରଫ କରିବା ପରିବର୍ତ୍ତେ ତାଙ୍କୁ ଘଣ୍ଟ ଘୋଡାଉଛନ୍ତି। ଏ ସରକାର ହେଉଛନ୍ତି, ସମ୍ବେଦନ ହୀନ ସରକାର। ଆଦିବାସୀ ଓ ମହିଳାଙ୍କୁ ସୁରକ୍ଷା ପ୍ରଦାନ କରିବା କ୍ଷେତ୍ରରେ ସମ୍ପୂର୍ଣ୍ଣ ବିଫଳ। ରାଜ୍ୟ ସରକାର ଆଦିବାସୀ ମାନଙ୍କୁ ନ୍ୟାୟ ଦେବା ପାଇଁ ଉଚିତ ପଦକ୍ଷେପ ନିଅନ୍ତୁ। ପରିସ୍ଥିତିରେ ସୁଧାର ନଆସିଲେ, ବିଜୁ ଜନତା ଦଳ ରାଜରାସ୍ତାକୁ ଓହ୍ଲାଇବ ବୋଲି ଶ୍ରୀ ବିଶି ଚେତାବନୀ ଦେଇଥିଲେ।


### ଆଉ ଥରେ ହେବ ଜାଗା ମିଶନ ସର୍ଭେ


ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆଉ ଥରେ ହେବ ଜାଗା ମିଶନ ସର୍ଭେ। ଜାଗା ମିଶନରେ ଜାଗା ହରେଇବେ ଅଯୋଗ୍ୟ। ଜାଗା ମିଶନକୁ ନେଇ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ବଡ ବୟାନ ଦେଇଛନ୍ତି । ପୂର୍ବ ସରକାର ଭୁଲ ପ୍ରକ୍ରିୟାରେ ଏଲଆରସି ଦେଇଥିଲେ। ଏଲଆରସିକୁ ପୂର୍ବ ସରକାର ଲିଫ୍‌ଲେଟ ଭଳିଆ ବାଣ୍ଟିଛନ୍ତି ସେଥିରେ କୌଣସି ନୀତି ନିୟମ ମାନି ନାହାନ୍ତି। ବହୁତ ଜାଗାରେ ଭୁଲ ପ୍ରକ୍ରିୟାରେ ବିଡିଏ ଓ ରେଲୱେ ଜାଗାରେ ମଧ୍ୟ ଏଲଆରସି ଦିଆଯାଇଛି। ଭୁଲ ପ୍ରକ୍ରିୟା ଯୋଗୁଁ ଭୁବନେଶ୍ୱରରେ ସହ ଅନ୍ୟ ସହରରେ ସମସ୍ୟା ଦେଖାଯାଉଛି ଯେଉଁଥିପାଇଁ ସରକାର ଜାଗା ମିଶନ ଉପରେ ସମୀକ୍ଷା କରିଛନ୍ତି। ବସ୍ତି ବାସିନ୍ଦାଙ୍କର ସମ୍ମାନର ସହ ବଞ୍ଚିବାର ଅଧିକାର ଅଛି । ସରକାର ସମୀକ୍ଷା କରି ହିତାଧିକାରୀଙ୍କୁ ପୁଣି ଥରେ ଜାଗା ଯୋଗାଇଦେବେ ବୋଲି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି ।

### ଖୁବଶୀଘ୍ର ଅବକାରୀ ନିୟମରେ ହେବ ବ୍ୟାପକ ପରିବର୍ତ୍ତନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଖୁବଶୀଘ୍ର ଅବକାରୀ ନିୟମରେ ହେବ ବ୍ୟାପକ ପରିବର୍ତ୍ତନ । ଚୋରାମଦକୁ କଠୋର ହସ୍ତରେ ଦମନ କରିବାକୁ ନିଷ୍ପତ୍ତି ନିଆଯାଇଛି । ରାଜ୍ୟରେ ଡ୍ରଗ୍ସ କାରବାର ସମ୍ପୂର୍ଣ୍ଣ ମୂଳପୋଛ ହେବ। ଏନ୍‌ସିବି ଓ ଅବକାରୀ ବିଭାଗ କରିବେ ମିଳିତ ଅପରେସନ । ରାଜ୍ୟରେ ଯେଉଁ ସ୍ଥାନରେ ସବୁ ଚୋରାମଦର କାରବାର ହେଉଛି ଦେଶୀ କି ବିଦେଶୀ ହେଉ ସେଗୁଡ଼ିକୁ କଠୋର ହସ୍ତରେ ଦମନ କରିବାକୁ ଅବକାରୀ ବିଭାଗ କଡ଼ା ପଦକ୍ଷେପ ନେବାକୁ ଯାଉଛି । ଅବକାରୀ ନିୟମରେ ବ୍ୟାପକ ପରିବର୍ତ୍ତନ ନେଇ ମଧ୍ୟ ମାନସ ମନ୍ଥନ ଚାଲିଛି ବୋଲି ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି । ଏହା ଡ୍ରଗ୍ସ ଭଳି ଯେଉଁ ସବୁ ନିଶା କାରବାର ବିଭିନ୍ନ ଅଞ୍ଚଳରେ ବଢ଼ି ଚାଲିଛି ତା ପାଇଁ ମିଳିତ ଅପରେସନ କରାଯିବ । ଏନ୍‌ସିବି ସହ ମିଶି ଅବକାରୀ ବିଭାଗ ଚଢ଼ାଉ କରି ସମ୍ପୂର୍ଣ୍ଣ ମୂଳପୋଛ କରିବେ । କଠୋର ପଦକ୍ଷେପ ନେବା ଲାଗି ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି ।





"ମାତୃଭୂମି ମାତୃଭାଷାରେ ମମତା ଯା'ହୃଦେ
ଜନମି ନାହିଁ, ତାକୁ ଯଦି ଜ୍ଞାନୀ ଗୁଣିରେ
ଗଣିବା ଅଜ୍ଞାନୀ ରହିବେ କାହିଁ।"
- ସ୍ୱଭାବ କବି ଗଙ୍ଗାଧର ମେହେର



"ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କେବା ସହୁ
ମୋ ଜୀବନ ପଛେ ନର୍କେ ପଡିଥାଉ ଜଗତ ଉଦ୍ଧାର ହେଉ ।"
-ସନ୍ଥକବି ଭୀମଭୋଇ



## ବନ୍ୟପ୍ରାଣୀ ସୁରକ୍ଷା କେବଳ ଧ୍ୱନିରେ

# ରାଜ୍ୟରେ ଗଜରାଜଙ୍କ ବିପନ୍ନ ସ୍ଥିତି

ସମଗ୍ର ଦେଶ ତଥା ଆମ ରାଜ୍ୟରେ ବନ୍ୟପ୍ରାଣୀ ସୁରକ୍ଷାକୁ ଖୁବ୍ ଗୁରୁତ୍ୱ ଦିଆଯିବା ସଙ୍ଗେ ସଙ୍ଗେ ଏଥିପାଇଁ ସରକାରୀ ଓ ବେସରକାରୀ ସ୍ତରରେ ବ୍ୟାପକ ସଚେତନତା ସୃଷ୍ଟି କରାଯାଉଛି। ବିଭିନ୍ନ ସମୟରେ ଏକାଧିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇ ବନ୍ୟପ୍ରାଣୀ ସୁରକ୍ଷାର ବାର୍ତ୍ତା ପ୍ରଚାରିତ ହେଉଛି। ବନ୍ୟପ୍ରାଣୀଙ୍କ ସୁରକ୍ଷା ନିମନ୍ତେ ଆଇନ ପ୍ରଣୟନ ମଧ୍ୟ କରାଯାଉଛି। ଏସବୁ ସତ୍ତ୍ୱେ ଆମ ରାଜ୍ୟରେ ବନ୍ୟପ୍ରାଣୀ ଯେ ଆଦୌ ସୁରକ୍ଷିତ ନୁହଁନ୍ତି ଏବଂ ବିଭିନ୍ନ କାରଣରୁ ଗଜରାଜ ରୂପେ ପରିଚିତ ହାତୀଙ୍କ ସମେତ ଅନ୍ୟାନ୍ୟ ପଶୁଙ୍କ ଜୀବନହାନି ଏକ ନିତିଦିନିଆ ଘଟଣାରେ ପରିଣତ ହୋଇଛି, ତାହା ଉଦ୍‌ବେଗର ବିଷୟ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ ପ୍ରତି ସପ୍ତାହରେ ଓଡ଼ିଶାରେ ଏକାଧିକ ହାତୀଙ୍କ ମୃତ୍ୟୁ ଘଟୁଛି। ବୟସାଧିକ୍ୟଜନିତ ରୋଗ କିମ୍ବା ନିଜ ନିଜ ଭିତରେ ଲଢ଼େଇ ଯୋଗୁଁ ହାତୀ ମୃତ୍ୟୁସଂଖ୍ୟା କମ୍ ହୋଇଥିବା ସ୍ଥଳେ ବିଭିନ୍ନ ମନୁଷ୍ୟକୃତ କାରଣ ବା ଦୁର୍ଘଟଣାରେ ଅଧିକ ହାତୀଙ୍କ ମୃତ୍ୟୁ ଘଟିବା ନିଶ୍ଚିତ ଭାବରେ ଦୁର୍ଭାଗ୍ୟଜନକ। ହାତୀଙ୍କ ମୃତ୍ୟୁର ମୁଖ୍ୟ କାରଣଗୁଡ଼ିକ ମଧ୍ୟରେ ବିଦ୍ୟୁତ୍ ଶକ୍ତିର ଆଘାତ, ଟ୍ରେନ୍ ଧକ୍କା ଓ ଅସାଧୁ ଲାଭଖୋର ଶିକାରୀଙ୍କ ଗୁଳିଚାଳନା ଅନ୍ତର୍ଭୁକ୍ତ। ତିନିଦିନ ପୂର୍ବେ ସମ୍ବଲପୁର ଜିଲ୍ଲା ନାକଟି ଦେଉଳ ରେଞ୍ଜର ଘୋଷଣାମାଳ ଜଙ୍ଗଲରେ ବିଦ୍ୟୁତ୍ ଆଘାତରେ ଦୁଇଟି ମାଈହାତୀ ଓ ଗୋଟିଏ ଛୁଆ ହାତୀଙ୍କ ମୃତ୍ୟୁ ଘଟିଛି। ଏମାନଙ୍କୁ ମିଶାଇ ଚଳିତ ବର୍ଷ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ୯ଟି ହାତୀ ପ୍ରାଣ ହରାଇ ସାରିଲେଣି। ବାର୍‌ହା ଶିକାର ପାଇଁ ବିଛା ଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ମୃତ୍ୟୁର ଶିକାର ହୋଇଥିବା ଏହି ୩ଟି ହାତୀ ଖାଦ୍ୟ ଅନ୍ୱେଷଣରେ ଜଙ୍ଗଲ ମଧ୍ୟରେ ବିଚରଣ କରୁଥିବା ବେଳେ ଏଭଳି ଅଘଟଣର ସାମ୍ନା କଲେ। ଆଜିକୁ ଦୁଇମାସ ପୂର୍ବେ ସେହି ଅଞ୍ଚଳରେ ବିଦ୍ୟୁତ୍ ଆଘାତରେ ଅନ୍ୟ ଗୋଟିଏ ହାତୀର ମୃତ୍ୟୁ ଘଟିଥିଲା। ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନରେ ବାରମ୍ବାର ହାତୀ ମୃତ୍ୟୁ ଘଟଣା ବନ ବିଭାଗର ଅପାରଗତା ଓ ନିଷ୍କ୍ରିୟତାକୁ ପ୍ରମାଣିତ କରୁଛି। ଅବଶ୍ୟ ଏହି ଘଟଣା ପରେ କ୍ଷେତ୍ର ଦାୟିତ୍ୱରେ ଥିବା ୩ଜଣ ବନ କର୍ମଚାରୀଙ୍କୁ ନିଲମ୍ବନ କରାଯାଇଛି। ଏହା ବ୍ୟତୀତ ବନ ବିଭାଗର ଦୁଇଜଣ ବରିଷ୍ଠ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିଶ କରାଯାଇଛି। ଜଙ୍ଗଲ ଅଞ୍ଚଳରେ ହାତୀମାନଙ୍କର ଚଲାପଥ ଏବଂ ଗତିବିଧି ଉପରେ ନଜର ରଖି ହାତୀ ଗଣନା କାର୍ଯ୍ୟ ଚାଲିଥିବା ସମୟରେ ଏଭଳି ଘଟଣା ବନ ବିଭାଗର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଓଡ଼ିଶାରେ ହାତୀ ମୃତ୍ୟୁକୁ ନେଇ କିଛିଦିନ ପୂର୍ବେ ବିଭାଗୀୟ ମନ୍ତ୍ରୀ ଘୋର ଉଦ୍‌ବେଗ ପ୍ରକାଶ କରିବା ସଙ୍ଗେ ସଙ୍ଗେ ଚଳିତବର୍ଷ ପ୍ରାଣ ହରାଇଥିବା ୫୦ଟି ହାତୀଙ୍କ ମୃତ୍ୟୁ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ବିଦ୍ୟୁତ୍ ଆଘାତ ଜନିତ କାରଣରୁ ଅଧିକ ସଂଖ୍ୟକ ହାତୀଙ୍କ ମୃତ୍ୟୁ ଘଟୁଥିବାରୁ କେବଳ ବନ କର୍ମଚାରୀ ନୁହନ୍ତି, ଦୋଷୀ ବିଦ୍ୟୁତ୍ କର୍ମଚାରୀଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଜରୁରି ହୋଇପଡିଛି। ହାତୀଙ୍କ ସୁରକ୍ଷା ନିମନ୍ତେ ବିଦ୍ୟୁତ୍ ଆବଣ୍ଟନ କମ୍ପାନୀଙ୍କ ସହ ରାଜ୍ୟ ସରକାର ଉଚ୍ଚସ୍ତରୀୟ ବୈଠକର ଆୟୋଜନ କରିବା ସହିତ ଏସ୍.ଓ.ପି. ମଧ୍ୟ ପ୍ରସ୍ତୁତ କରିଛନ୍ତି। ଅଭିଯୋଗ ହେଉଛି ଯେ, ହାତୀ ମୃତ୍ୟୁ ଘଟଣାରେ ସଂପୃକ୍ତ ବ୍ୟକ୍ତି ଓ ବିଭାଗୀୟ କର୍ମଚାରୀଙ୍କ ପ୍ରତି କୋହଳ ମନୋଭାବ ପୋଷଣ କରି ସରକାର ପରୋକ୍ଷରେ ଏହାକୁ ପ୍ରୋତ୍ସାହିତ କରୁଛନ୍ତି। ବିଭାଗୀୟ ମନ୍ତ୍ରୀଙ୍କ ଘୋଷଣାର ମଧ୍ୟ କୌଣସି ମୂଲ୍ୟ ରହୁନାହିଁ କିମ୍ବା ଏହାକୁ କାର୍ଯ୍ୟକାରୀ କରାଯାଉ ନାହିଁ। ଯେପରି ମନେ ହେଉଛି, ବନ୍ୟପ୍ରାଣୀଙ୍କ ସୁରକ୍ଷା ପାଇଁ ମନ୍ତ୍ରୀ, ଅଧିକାରୀ ଓ ସଂପୃକ୍ତ ବ୍ୟକ୍ତିବିଶେଷଙ୍କ ବୁକୁଫଟା ଚିତ୍କାର କେବଳ ଧ୍ୱନିରେ ସୀମିତ ଥିବାବେଳେ କାର୍ଯ୍ୟକ୍ଷେତ୍ରରେ ଠିକ୍ ଏହାର ବିପରୀତ ଚିତ୍ର ଦେଖିବାକୁ ମିଳୁଛି।

# ତରି ଆଶ୍ରମରୁ-ବାଜିରାଉତ ଛାତ୍ରାବାସ



ହିଂମାଂଶୁ ଶେଖର ଆଚାର୍ଯ୍ୟ
ସଭାପତି, ସାରସ୍ୱତ ପରିଷଦ, ଜଗତସିଂହପୁର
ମୋ: ୯୯୩୭୧୫୧୦୫୨

ଜଗତସିଂହପୁର ଜିଲ୍ଲା ଖେରସ ଗ୍ରାମରୁ – ତରି ଆଶ୍ରମ ଓ ତରି ଆଶ୍ରମରୁ ଅନୁଗୁଳର ବାଜିରାଉତ ଛାତ୍ରାବାସ – ଏହା ହିଁ ଦୀର୍ଘ ଆଠ ଦଶନ୍ଧିରୁ ଊର୍ଦ୍ଧ୍ୱକାଳର ଜୀବନଯାତ୍ରା। ସେ ଯାତ୍ରାର ଆରମ୍ଭ ହୋଇଥିଲା ୨୩ ନଭେମ୍ବର ୧୯୦୧ ମସିହାରୁ ଆଉ ଯାତ୍ରାର ସମାପ୍ତି ଘଟିଲା ଜୁନ୍ ୨୪, ୧୯୮୪ ମସିହାରେ। ସଂଗ୍ରାମ, ତ୍ୟାଗ ଓ ଜନସେବାରେ ବିତିଗଲା ଜୀବନ। ମଣିଷପଣିଆର ନିଚ୍ଛକ ଉଦାହରଣ ଭିତରେ ହଜିଗଲା ଜୀବନଟି। ଜୀବନ ସିନା ହଜିଗଲା ହେଲେ ସେ ଜୀଇଁ ରହିଛନ୍ତି ଆମ ଭିତରେ ତାଙ୍କ ସୁକର୍ମ ଓ ଉଚ୍ଚ ଆଦର୍ଶ ପାଇଁ ଆଉ ଜୀଇଁ ରହିଥିବେ ସବୁଦିନ ପାଇଁ। ସେ ହେଉଛନ୍ତି ବିପ୍ଳବୀ ଜନନାୟକ, ସାମ୍ୟବାଦୀ ଦର୍ଶନର ରୂପକାର, କୃଷକ, ଖଟିଖିଆ ଓ ମେହନତି ମଣିଷର ସୁଖଦୁଃଖର ସାଥୀ, ସରଳ ନିରାଡମ୍ବର ଓ ନିରହଙ୍କାରୀ ମଣିଷ ଏବଂ ସର୍ବୋପରି ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ।

ବାଲ୍ୟକାଳରୁ ତାଙ୍କର ଦେଶପ୍ରେମ ଓ ସମାଜସେବା ମନୋବୃତ୍ତିର ସୁରାକ ମିଳିଥିଲା। ସୌଭାଗ୍ୟକୁ ସେ ଏପରି ଏକ ପରିବାରରେ ଜନ୍ମ ଗ୍ରହଣ କରିଥିଲେ ଯେଉଁଠି ଦେଶଟାଯାକର ସ୍ୱପ୍ନ ସେଇ ଘର ଭିତରେ ଜମାଟ ବାନ୍ଧି ରହିଥିଲା। ଘରସାରା ପ୍ରବାହିତ ହେଉଥିଲା ସଂଗ୍ରାମର ଏକ ଆବହାଓ୍ୱା। ଏହି ପରିବାରର ଧୂଳିମାଟିର ସନ୍ଥ ଗୋପବନ୍ଧୁ ଚୌଧୁରୀ, ଉତ୍କଳର ମା' ରମାଦେବୀ, ମହୀୟସୀ ନାରୀ ନେତ୍ରୀ ମାଳତୀ ଚୌଧୁରୀ ଓ ଅଗ୍ନିକନ୍ୟା ଅନପୂର୍ଣ୍ଣା ମହାରଣାଙ୍କୁ ଅବା ନ ଜାଣେ କିଏ ? ଏଭଳି ଉତ୍ସର୍ଗୀକୃତ ପରିବାର ଭାରତ ଇତିହାସରେ ବିରଳ। ପରବର୍ତ୍ତୀ କାଳରେ ଜାତିର ପିତା ମହାତ୍ମାଗାନ୍ଧୀ, ବିଶ୍ୱକବି ରବୀନ୍ଦ୍ରନାଥ ଠାକୁର ଓ ବିଶିଷ୍ଟ ସର୍ବୋଦୟ ନେତା ବିନୋବା ଭାବେଙ୍କ ଚିନ୍ତା ଓ ଚେତନା ତାଙ୍କୁ ବେଶ୍ ପ୍ରଭାବିତ କରିଥିଲା। ଏମାନଙ୍କ ପ୍ରେରଣା ହିଁ ତାଙ୍କୁ ଜଣେ ବିପ୍ଳବୀ ଓ ଜନନାୟକ ଭାବେ ଗଢ଼ିବା ନିମନ୍ତେ ଅନୁକୂଳ ପରିବେଶ ଯୋଗାଇଥିଲା।



୧୯୨୧ ମସିହାର କଥା। ସେତେବେଳେ ମହାତ୍ମା ଗାନ୍ଧୀଙ୍କ ଡାକରାରେ ଅସହଯୋଗ ଆନ୍ଦୋଳନ ଆରମ୍ଭ ହୋଇଥାଏ ସମଗ୍ର ଦେଶରେ। ଗାନ୍ଧୀଜୀଙ୍କ ଆହ୍ୱାନରେ ଯେଉଁ କଲେଜ ଛାତ୍ରମାନେ ପାଠପଢ଼ା ଛାଡ଼ି ଅସହଯୋଗ ଆନ୍ଦୋଳନରେ ଯୋଗଦେଲେ ସେମାନଙ୍କ ଭିତରୁ ଜଣେ ଥିଲେ ନବକୃଷ୍ଣ ଚୌଧୁରୀ। ତାଙ୍କ ଆଗରେ ଥିଲା ସୁନେଲି ଭବିଷ୍ୟତ। ସେ ଚାହିଁଥିଲେ ଉଚ୍ଚ ଶିକ୍ଷା ଲାଭ କରି ଉଚ୍ଚ ପଦବୀରେ ଅଧିଷ୍ଠିତ ହୋଇପାରିଥାନ୍ତେ। ମାତ୍ର ସେସବୁକୁ ପଛରେ ପକାଇ ପାଠରେ ଡୋରି ବାନ୍ଧି ସେ ଝାସ ଦେଲେ ଅସହଯୋଗ ଆନ୍ଦୋଳନରେ। ଆଉ ତା' ପରଠାରୁ ସେ ହୋଇଗଲେ ସଚ୍ଚା ଦେଶଭକ୍ତ ଓ ସ୍ୱାଧୀନତା ସଂଗ୍ରାମୀ। ଏହାପରେ ୧୯୩୦ ମସିହାର ଲବଣ ସତ୍ୟାଗ୍ରହରେ ଭାଗନେଇ ବନ୍ଦୀ ହେଲେ ନବକୃଷ୍ଣ। ଜେଲରୁ ଫେରି ସେ ତରି ଆଶ୍ରମରେ ଏକଜୁଟ କଲେ ଖଟିଖିଆ, ମେହନତି ମଣିଷ ଓ ଚାଷୀମାନଙ୍କୁ। ସେମାନଙ୍କୁ ସଚେତନ କରିବା ପାଇଁ ନିଜ ସ୍ତ୍ରୀର ଗହଣା ବିକି ୧୯୩୩ ମସିହାରେ 'ସାରଥୀ' ନାମକ ଏକ ମୁଖପତ୍ର ପ୍ରକାଶ କଲେ। ଏହି ପତ୍ରିକାର ମୁଖବନ୍ଧରେ ଲେଖାଥିଲା – 'ଦୁନିଆର ସବୁ ଶ୍ରମିକ ଏକ ହୁଅ'। ପରେ ୧୯୪୦ ମସିହାରେ ସତ୍ୟାଗ୍ରହ ବାଣୀ ପ୍ରଚାର ଓ ୧୯୪୨ ମସିହାରେ 'ଭାରତ ଛାଡ଼' ଆନ୍ଦୋଳନରେ ସାମିଲ ହୋଇ ସେ ମଧ୍ୟ କାରାବରଣ କରିଥିଲେ। ଏପରିକି ପରିଣତ ବୟସରେ ଜରୁରୀକାଳୀନ ପରିସ୍ଥିତିକୁ ସମାଲୋଚନା କରି ୧୯୭୫ ମସିହାରେ ଛଅମାସ ଜେଲ ଦଣ୍ଡ ଭୋଗିଥିଲେ।

୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଭାରତ ସ୍ୱାଧୀନ ହେବା ପରେ ଓଡ଼ିଶାର ଐତିହାସିକ ଚିତ୍ର ବଦଳିଗଲା। ସର୍ବାପେକ୍ଷା ଗୁରୁତ୍ୱପୂର୍ଣ୍ଣ ଘଟଣା ହେଲା – ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ସହିତ ଓଡ଼ିଶା ଗଡଜାତ ଗୁଡିକର ମିଶ୍ରଣ। ଏହି ମିଶ୍ରଣରେ ନବକୃଷ୍ଣ ଚୌଧୁରୀଙ୍କ ଯଥେଷ୍ଟ ଅବଦାନ ଥିଲା। ୧୯୫୦ ମେ' ମାସରୁ ୧୯୫୬ ମସିହା ଅକ୍ଟୋବର ମାସ ପର୍ଯ୍ୟନ୍ତ ପ୍ରାୟ ସାଢେଛଅ ବର୍ଷ ପର୍ଯ୍ୟନ୍ତ ସେ ହେଲେ ଓଡ଼ିଶାର ମୁଖ୍ୟମନ୍ତ୍ରୀ। ଏହି ସମୟ ଭିତରେ ଆଧୁନିକ ଓଡ଼ିଶାର ନିର୍ମାଣ ଭିତ୍ତି ସ୍ଥାପନ ହୋଇଥିଲା। ଭାଗଚାଷୀ ଆଇନ, ଜମିଦାରୀ ଉଚ୍ଛେଦ, ଜଗନ୍ନାଥ ମନ୍ଦିର ପରିଚାଳନା ନିମନ୍ତେ ଆଇନ, ଓଡ଼ିଶା ଗ୍ରାମପଞ୍ଚାୟତ ଆଇନ ପ୍ରଣୟନ ଭଳି ସେ ବହୁ ବଳିଷ୍ଠ ଓ ଜନହିତକର ପଦକ୍ଷେପ ନେଇଥିଲେ। ସେହିପରି ଓଡ଼ିଆ ଭାଷାକୁ ସରକାରୀ ଭାଷାର ମାନ୍ୟତା ଦେଇ ସେ ନେଇଥିଲେ ଏକ ଯୁଗାନ୍ତକାରୀ ପଦକ୍ଷେପ। ଏଥିସହିତ ନବକୃଷ୍ଣ ଚୌଧୁରୀଙ୍କ ଶାସନ କାଳରେ ହୀରାକୁଦ ବହୁମୁଖୀ ଯୋଜନା ତଥା ଭାରତର ପ୍ରଥମ ରାଷ୍ଟ୍ରାୟତ୍ତ ଇସ୍ପାତ ଶିଳ୍ପ ଯୋଜନା ରାଉରକେଲା ଇସ୍ପାତ କାରଖାନାର ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲା। ଘଟଣାଚକ୍ରରେ ବିଧାନସଭାର ଅଧିକାଂଶ ସଦସ୍ୟମାନଙ୍କର ତାଙ୍କ ଉପରେ ସମ୍ପୂର୍ଣ୍ଣ ଆସ୍ଥା ଥିଲେ ବି ୧୯୫୬ ମସିହା ଅକ୍ଟୋବର ମାସରେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ ନବବାବୁ। ଆଜିର ରାଜନେତାମାନେ କ୍ଷମତାକୁ ଜାବୁଡ଼ି ଧରି ରଖିବା ପାଇଁ ବ୍ୟାକୁଳ ହେଉଥିଲା ବେଳେ ମୁଖ୍ୟମନ୍ତ୍ରୀ ଭଳି ଉଚ୍ଚ ପଦବୀରୁ ସ୍ୱଇଚ୍ଛାରେ ଓହରିଯିବା ଦେଶର ଇତିହାସରେ ଏକ ବିରଳ ଦୃଷ୍ଟାନ୍ତ କହିଲେ ଅତ୍ୟୁକ୍ତି ହେବନାହିଁ। ଏହାପରେ ସେ ମାନବ ସେବାକୁ ମାଧବ ସେବା ରୂପେ ଗ୍ରହଣ କରି ନିଜ ସହଧର୍ମିଣୀ ମାଳତୀ ଚୌଧୁରୀଙ୍କ ସହ ନିଜକୁ ଶେଷ ଜୀବନ ପର୍ଯ୍ୟନ୍ତ ନିୟୋଜିତ କରିଥିଲେ ଅନୁଗୁଳ ଠାରେ ଥିବା ବାଜିରାଉତ ଛାତ୍ରାବାସରେ।

ନବକୃଷ୍ଣ ଚୌଧୁରୀ ଆଜି ଆମ ଗହଣରେ ନାହାଁନ୍ତି। ତାଙ୍କ ଆବର୍ତ୍ତମାନରେ ବିରାଟ ଶୂନ୍ୟତା। ଧୂଳିଧୂସର ଚାଷୀ, ଖଟିଖିଆ, ମେହନତି ମଣିଷ ପାଇଁ ସେ ଦେଖିଥିବା ସ୍ୱପ୍ନ ଏବେ ବି ଅଧୁରା। ସମୟ ଆସିଛି– ଆମେ ନିଜକୁ ବଦଳାଇବା, ଆମ ଜାତି ଓ ଜାତୀୟତା ପାଇଁ ନିଜକୁ ଉତ୍ସର୍ଗ କରିବା, ଯାହା ନବକୃଷ୍ଣ ଚୌଧୁରୀ କରିଥିଲେ। ତାଙ୍କ ପ୍ରଦର୍ଶିତ ମାର୍ଗ ଓଡିଆ ଜାତିକୁ ଦିଗ୍‌ଦର୍ଶନ ଦେଉ, ରାଜନୀତିଜ୍ଞମାନଙ୍କୁ ନୂତନ ଦୃଷ୍ଟିଭଙ୍ଗୀ ପ୍ରଦାନ କରୁ ଓ ଆମ ସମସ୍ତଙ୍କୁ ସେବାମନ୍ତ୍ରରେ ଦୀକ୍ଷିତ କରୁ, ଏହା ହିଁ ଆଜିର ଅନୁଚିନ୍ତା।

# ମାର୍ଗଶିର ମାସ କୃଷ୍ଣପକ୍ଷ ଅଷ୍ଟମୀ



ଲଳିତ ମୋହନ ମିଶ୍ର
କୁରାଳ, ନୟାଗଡ଼
ମୋ: ୯୪୩୭୯୮୫୮୬୬

ମାର୍ଗଶିର ମାସର କୃଷ୍ଣପକ୍ଷ ଅଷ୍ଟମୀ ଓଡ଼ିଶାର ଏକ ପ୍ରମୁଖ ପର୍ବ। ଏହାକୁ ଲୋକଭାଷାରେ 'ପୋରୁହାଁ ଅଷ୍ଟମୀ' ବା 'ପୋଢୁଆଁ ଅଷ୍ଟମୀ' ବୋଲି କୁହାଯାଇଥାଏ। ଏହିଦିନ ଜ୍ୟେଷ୍ଠ ସନ୍ତାନର ଦୀର୍ଘଜୀବନ କାମନା କରି ଷଷ୍ଠୀଦେବୀଙ୍କର ପୂଜା କରାଯାଏ। କାରଣ, ଷଷ୍ଠୀଦେବୀ ହେଉଛନ୍ତି 'ଜ୍ୟେଷ୍ଠାଦେବୀ'। ଏମାନଙ୍କୁ ପୋରୁହାଁ କରାଯିବାର ପରମ୍ପରା କେଉଁ କାଳରୁ ଚାଲିଆସିଛି। ଏହି ଦିନ ଘରର ଅଗ୍ରଜମାନେ ମାମୁଁ ଘରୁ ଆସୁଥିବା ନୂଆ ପୋଷାକ ପନ୍ଧି ଏହାକୁ ମହା ଆଡମ୍ବରରେ ପାଳନ କରିଥାନ୍ତି। ପାରମ୍ପରିକ ପ୍ରଥା ଅନୁସାରେ, ପ୍ରଥମାଷ୍ଟମୀ ଦିନ ଗୋଟିଏ ସ୍ଥାନକୁ ଲିପାପୋଛା କରି, ସେଠାରେ ଅରୁଆ ଚାଉଳରେ ଝୋଟି ଚିତା ପକାଯାଇଥାଏ। ସେଠାରେ ଗୋଟିଏ ପିଢ଼ା ରଖି ତା' ଉପରେ ଚିତା ପକାଯାଏ ଏବଂ ଜ୍ୟେଷ୍ଠ ସନ୍ତାନ ତା' ଉପରେ ବସନ୍ତି। ଜ୍ୟେଷ୍ଠ ସନ୍ତାନ ପୁତ୍ର ହୋଇଥିଲେ ପିଢ଼ା ଉପରେ ପତାକା ଚିତା ଏବଂ କନ୍ୟା ହୋଇଥିଲେ ପଦ୍ମଚିତା ପକାଯାଏ। ତା' ଉପରେ ବସି ପୁତ୍ର ବା କନ୍ୟା ସନ୍ତାନକୁ ବନ୍ଦାପନା କରାଯାଇଥାଏ।

ଏହି ଉପଲକ୍ଷେ ଘରେ ଏଣ୍ଡୁରି ପିଠା ଓ ଅନ୍ୟାନ ପିଠା ଆଦି ଘରେ ପ୍ରସ୍ତୁତ କରାଯାଇ ଷଷ୍ଠୀଦେବୀଙ୍କୁ ସମର୍ପଣ କରାଯାଏ ଏବଂ ଜ୍ୟେଷ୍ଠ ସନ୍ତାନକୁ ଖାଇବାକୁ ଦିଆଯାଏ। ଘରର ଅନ୍ୟ ସମସ୍ତେ ମଧ୍ୟ ଏହାକୁ ଖାଆନ୍ତି। ଏହି ଦିନ ଖିରି ଓ ପିଠା ପଣା ବାସ୍ନରେ ପୁରି ଉଠେ ଗାଁ ଠୁ ସହର। ଏଣ୍ଡୁରିପିଠା ପାଇଁ ଯେଉଁ ସ୍ୱତନ୍ତ୍ର ଅଥାର ହାଣ୍ଡି ପ୍ରସ୍ତୁତ କରାଯାଇଥାଏ, ସାତଦିନ ଧରି ତାହା ରହେ ଏବଂ ତହିଁରେ ପିଠା ପ୍ରସ୍ତୁତ ହୁଏ। ସପ୍ତମ ଦିନ ଏହି ଅଥାର ହାଣ୍ଡି ଭଙ୍ଗାଯାଏ। ଏ ସଂସ୍କୃତି କେବଳ ଜନସମାଜ ମଧ୍ୟରେ ସୀମିତ ରହିନାହିଁ। ଏହିଦିନ ଓଡ଼ିଶାର ପ୍ରମୁଖ ଦେବଦେବୀ ମଧ୍ୟ 'ପୋରୁହାଁ' ହେବାର ବିଧି ଅଛି। ଶ୍ରୀମନ୍ଦିରରେ ଏହିଦିନ ବଡ଼ଠାକୁର ବଳଭଦ୍ର ଏବଂ ଅନ୍ୟ ଠାକୁରମାନେ ନୂତନ ବସ୍ତ୍ର ପରିଧାନ କରିଥାଆନ୍ତି। ଏଥିପାଇଁ ଜଗନ୍ନାଥଙ୍କ ମାମୁଁ ଘର ନିଆଳି ମାଧବ ମନ୍ଦିରରୁ ଶ୍ରୀମନ୍ଦିରକୁ ପଢୁଆଁ ଅଷ୍ଟମୀ ଭାର ଆସିଥାଏ। ଏହି ଭାରରେ ରହିଥାଏ ବିରି, ଚାଉଳ, ନଡ଼ିଆ, ଗୁଡ଼, ପାନ, ଗୁଆ, ନୂଆବସ୍ତ୍ର ଏବଂ ବିଭିନ୍ନ ଫଳ। ଅଷ୍ଟମୀରେ ଏସବୁ ମହାପ୍ରଭୁଙ୍କ ପାଖରେ ଭୋଗ ଲାଗି ହେବ। କାହିଁ କେଉଁ କାଳରୁ ଏହି ପରମ୍ପରା ଚାଲି ଆସିଥିଲା। କୁହାଯାଉଛି ୧୨୨୬ ଖ୍ରୀଷ୍ଟାବ୍ଦରେ ତୃତୀୟ ଅନଙ୍ଗ ଭୀମ ଦେବଙ୍କ ଶାସନ କାଳରୁ ମହାପ୍ରଭୁଙ୍କ ପାଇଁ ନିଆଳି ମାଧବ ମନ୍ଦିରରୁ ଭାର ଆସୁଥିଲା। ନିଆଳି ମାଧବ ମନ୍ଦିରରୁ ଅଷ୍ଟମୀ ଭାର ବଡ଼ଦାଣ୍ଡରେ ପହଞ୍ଚିବା ପରେ ଏକ ଶୋଭାଯାତ୍ରାରେ ଏହାକୁ ବଡ଼ ଦେଉଳକୁ ନିଆଯାଏ।

ଏଥିସହିତ ଓଡ଼ିଶାରେ ପ୍ରଥମାଷ୍ଟମୀ ଦିନ ଭୁବନେଶ୍ୱର ଲିଙ୍ଗରାଜ ମହାପ୍ରଭୁଙ୍କର ମାମୁଁଘର ଯାତ୍ରା ହୋଇଥାଏ। ଲିଙ୍ଗରାଜ ମହାପ୍ରଭୁ ଏହିଦିନ ତାଙ୍କ ମାମୁଁଘର ରୂପେ ପରିଚିତ କପାଳିମଠ (ଲିଙ୍ଗରାଜ ମନ୍ଦିର ସଂଲଗ୍ନ)କୁ ଯାଆନ୍ତି ପଢୁଆଁ ହେବା ପାଇଁ। ଏହି ମଠର ଆରାଧ୍ୟ ଦେବତା 'ବରୁଣେଶ୍ୱର' ଓ 'ବନଦେବ'। ଏ ଦୁହେଁ ଲିଙ୍ଗରାଜଙ୍କର ମାମୁଁ- ମାଇଁ ରୂପେ ପ୍ରଖ୍ୟାତ। ଏହି ମଠ ହତାରେ ଗୋଟିଏ ପୁଷ୍କରିଣୀ ରହିଛି। ତାହା ପାପନାଶିନୀ ରୂପେ ପରିଚିତ। 'ପ୍ରଥମାଷ୍ଟମୀ ଦିନ ଏହି ପୁଷ୍କରିଣୀର ଜଳ ପାନକଲେ ପାପକ୍ଷୟ ହୁଏ ଓ ବନ୍ଧ୍ୟାନାରୀ ସନ୍ତାନବତୀ ହୁଅନ୍ତି' ବୋଲି ପ୍ରବାଦ ଅଛି। ଆଜି ଓଡ଼ିଶାର ପୁରପଲ୍ଲୀରେ ପ୍ରଥମାଷ୍ଟମୀ ସହ କାଞ୍ଜିଅଁଳା ଓଷା ମଧ୍ୟ ପାଳନ ହେଉଛି। ଘରର ସନ୍ତାନମାନଙ୍କ ମଙ୍ଗଳ କାମନା କରି ଷଠୀ ଦେବୀଙ୍କ ପାଖରେ ଶୁଭମନାସୀଛନ୍ତି ମାଆମାନେ। ଷଠୀ ଦେବୀଙ୍କୁ ପୂଜାର୍ଚ୍ଚନା କରି ପରମ୍ପରା ମୁତାବକ ଏହି ଓଷାକୁ ପାଳନ କରାଯାଉଛି। ପରମ୍ପରା ଅନୁଯାୟୀ, ଏହି ଦିନ ଜ୍ୟେଷ୍ଠ ସନ୍ତାନ ପିନ୍ଧୁଥିବା ନୂତନ ବସ୍ତ୍ର ମାମୁଁ ଘରୁ ଆସିଥାଏ। ଏହିଦିନ ମାମୁଁମାନେ ନୂଆ ଲୁଗା, ମିଷ୍ଟାନ୍ନ ଓ ଅନ୍ୟାନ୍ୟ ସାମଗ୍ରୀ ସହ ଭଣଜା ଭାଣିଜୀ ଘରକୁ ଯାଇ ପଢୁଆଁ କରନ୍ତି। ସେଥିପାଇଁ ମାମୁଁଙ୍କୁ ଶ୍ରଦ୍ଧା ଓ ପରିହାସରେ ଅଷ୍ଟମୀ ବନ୍ଧୁ ବୋଲି କୁହାଯାଏ। ଅବଶ୍ୟ ଜ୍ୟେଷ୍ଠ ପୂର୍ଣ୍ଣିମା ଦିନ ଘରର ଜ୍ୟେଷ୍ଠପୁତ୍ର ବା ଜ୍ୟେଷ୍ଠକନ୍ୟାକୁ ନୂଆ ଲୁଗାପଟା ବାପମାଆମାନେ ପିନ୍ଧାଇ ଥାଆନ୍ତି। ଏହି ବିଧିରେ ସାମାଜିକ ଓ ପାରିବାରିକ ବନ୍ଧନ, ଶୃଙ୍ଖଳା ଓ ଆଦର୍ଶବୋଧ ଅତିମାତ୍ରାରେ ନିହିତ ରହିଛି। ଜ୍ୟେଷ୍ଠପୁତ୍ର, ପରିବାରରେ ପିତା ସମାନ। ପିତାଙ୍କ ଅନ୍ତେ କିମ୍ବା ପିତାଙ୍କ ଅକର୍ତ୍ତବ୍ୟରେ ଘର ଚଳାଇବା ଓ ଅନ୍ୟ ସନ୍ତାନ ତଥା ଭାଇଭଉଣୀଙ୍କୁ ପ୍ରତିପୋଷଣ କରିବା ଦାୟିତ୍ୱ ଜ୍ୟେଷ୍ଠପୁତ୍ର ଉପରେ ପଡ଼ିଥାଏ। ତେଣୁ ତାକୁ ସମସ୍ତେ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ପ୍ରଥମାଷ୍ଟମୀ ଓ ଜ୍ୟେଷ୍ଠ ପୂର୍ଣ୍ଣିମା ଦିନ ପ୍ରଥମ ସନ୍ତାନ ବା ଜ୍ୟେଷ୍ଠ ସନ୍ତାନକୁ ପୂଜା ବନ୍ଦାପନା କରିବାର ବିଧି ଆମ ସମାଜରେ ପ୍ରଚଳିତ। ଏଣ୍ଡୁରି ପିଠା ପ୍ରଥମାଷ୍ଟମୀର ବିଶେଷତ୍ୱ। ଏହି ପିଠା ପାଇଁ ହଳଦୀପତ୍ରର ବ୍ୟବହାର ଅନ୍ୟ ଏକ ବିଶେଷତ୍ୱ। ଅନ୍ୟ କୌଣସି ପିଠାରେ ହଳଦୀପତ୍ର ବ୍ୟବହୃତ ହୁଏନାହିଁ। କେବଳ ପ୍ରଥମାଷ୍ଟମୀ ଉପଲକ୍ଷେ ଏଣ୍ଡୁରି ପିଠାରେ ହଳଦୀପତ୍ରର ବ୍ୟବହାର ପ୍ରସିଦ୍ଧ।

କେବଳ ଓଡ଼ିଶାର ଘରେ ଘରେ ନୁହେଁ ଶ୍ରୀମନ୍ଦିରରେ ମଧ୍ୟ ପ୍ରଥମାଷ୍ଟମୀ ପର୍ବ ପାରମ୍ପରିକ ରୀତି ଅନୁଯାୟୀ ପାଳିତ ହୋଇଥାଏ। ଶ୍ରୀଜଗନ୍ନାଥ ମହାପ୍ରଭୁ ହେଉଛନ୍ତି ଆଦିଦେବ ବଡ଼ଠାକୁର। ତାଙ୍କଠାରୁ ବଡ଼ କେହି ନାହିଁ। ଶ୍ରୀମଦ୍ ଭଗବଦ୍ ଗୀତାରେ କୁହାଯାଇଛି, 'ତ୍ୱମାଦିଦେବଃ ପୁରୁଷ ପୁରାଣସ୍ତ୍ୱମସ୍ୟ ବିଶ୍ୱସ୍ୟ ପରଂ ନିଧାନମ୍'।(ଭ.ଗୀ- ୧୧/୩୮) ବିଶ୍ୱରେ ସବୁଠାରୁ ବଡ଼ ହିସାବରେ ପ୍ରଥମାଷ୍ଟମୀ ଦିନ ତାଙ୍କର ସ୍ୱତନ୍ତ୍ର ପୂଜାବିଧି ଶ୍ରୀମନ୍ଦିରରେ ପାଳିତ ହୋଇଥାଏ। ଶ୍ରୀମନ୍ଦିରରେ ପ୍ରଥମାଷ୍ଟମୀ ପର୍ବ ମାର୍ଗଶିର କୃଷ୍ଣ ଉଦୟବ୍ୟାପିନୀ ଅଷ୍ଟମୀ ତିଥିରେ ଅନୁଷ୍ଠିତ ହୋଇଥାଏ। ଏହି ଦିନର ବିବିଧାନ ନୀଳାଦ୍ରି ମହୋଦୟ ଗ୍ରନ୍ଥରେ ବିସ୍ତୃତ୍ୱ ଭାବରେ ବର୍ଣ୍ଣିତ ହୋଇଛି। ପ୍ରଥମାଷ୍ଟମୀ ଦିନ ଶ୍ରୀମନ୍ଦିରରେ ଭୋଗମଣ୍ଡପ ସରିବା ପରେ ତିନି ବାଡ଼ରେ ମଇଲମ କରାଯାଇ ପୂଜାପଣ୍ଡା ସେବକଙ୍କ ଦ୍ୱାରା ମହାସ୍ନାନ ନୀତି ସମ୍ପନ୍ନ ହୋଇଥାଏ। ଏହା ପରେ ପୁଷ୍ପାଳକ ସେବକମାନେ ଠାକୁରମାନଙ୍କୁ ନୂଆଲୁଗା ଲାଗି କରାନ୍ତି। ଏହାପରେ ପୂଜାପଣ୍ଡା, ପତିମହାପାତ୍ର ଓ ମୁଦିରସ୍ତ ସେବକ ତିନି ବାଡ଼ିରେ ଚନ୍ଦନ ଲାଗି କରିଥାନ୍ତି। ଚନ୍ଦନଲାଗି ବଢ଼ିଲେ ଠାକୁରମାନଙ୍କୁ ବେଶ କରାଯାଏ। ଏହି ବେଶରେ ଛଅମୂର୍ତ୍ତି ସୁବର୍ଣ୍ଣ ଅଳଙ୍କାର ଲାଗି କରାଯାଏ। ଶ୍ରୀବିଗ୍ରହମାନଙ୍କ ଠାରେ କର୍ପୂର ଲାଗିକରି ପୁଷ୍ପାଳକମାନେ ସିଂହାସନରୁ ଓହ୍ଲାଇ ଆସିଲା ପରେ ସୁଦୁସୁଆର ପୂଜା କରିବା ଉତ୍ତାରେ ତିନି ବାଡ଼ରେ ପୂଜାପଣ୍ଡା, ପତିମହାପାତ୍ର ଓ ମୁଦିରସ୍ତ ସେବକ ବରୁଣପୂଜା କରିଥାନ୍ତି। ମଧ୍ୟାହ୍ନ ଧୂପ ଉଠିଲେ ତିନି ବାଡ଼ରେ ମଙ୍ଗଳାର୍ପଣ ବଢ଼ି ଫୁଲପରିଆ, ଖଦି ଓ ଛେଦା ପ୍ରସାଦ ଲାଗିସରି ବନ୍ଦାପନା କରାଯାଇଥାଏ। ଏହିଦିନ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ଏଣ୍ଡୁରୀ ପିଠା ସହିତ ନାଡ଼ୀ, ଧଉଳା, ଖଇରଚୂଳ, ସାନ ଆରିସା, ସରପୁଳି ପିଠା ଓ ଘିନାଡ଼ୀ, କାନ୍ତ କାକରା, ଗଜା, ବଡ଼ ଡ଼ାଳିମ୍ବ, ଓରିଆ, ମୁଗ, ଖିରୀ ଇତ୍ୟାଦି ମହାପ୍ରଭୁଙ୍କ ନିକଟରେ ଭୋଗ କରାଯାଇଥାଏ। ପ୍ରଥମାଷ୍ଟମୀ ପର୍ବଟି ମହାପ୍ରଭୁଙ୍କ 'ମାନବୀୟ ଲୀଳା'ର ଅନ୍ୟ ଏକ ଉଦାହରଣ। ପରିବାରର ଜ୍ୟେଷ୍ଠସନ୍ତାନ ପରି ସମଗ୍ର ବିଶ୍ୱର ଜ୍ୟେଷ୍ଠ ହିସାବରେ ବଡ଼ଠାକୁରଙ୍କୁ ଶ୍ରୀମନ୍ଦିରରେ ପ୍ରଥମାଷ୍ଟମୀ ଦିନ ପଢୁଆଁ କରାଯିବା ନୀତିକୁ ଯେଉଁ ଭକ୍ତଗଣ ଚର୍ମଚକ୍ଷୁରେ ଦର୍ଶନ କରନ୍ତି, ସେମାନଙ୍କର ସମସ୍ତ ପାପତାପ ଖଣ୍ଡିତ ହୋଇ ବୈକୁଣ୍ଠପ୍ରାପ୍ତି ସୁଗମ ହୋଇଥାଏ ବୋଲି ଶାସ୍ତ୍ରରେ ଉଲ୍ଲେଖ ରହିଛି। 'ପଶ୍ୟେଦ୍ ବା ପରୟା ଭକ୍ତ୍ୟା ମୁକ୍ତ ସ୍ୟାତପାପବୃନ୍ଦତଃ। ଅନ୍ତେ ବିଷ୍ଣୁପୁରଂ ଗଚ୍ଛେତ୍ ସର୍ବଶର୍ମପ୍ରଦଂ ପରମ୍।" ଓଡ଼ିଶାର ପୁରପଲ୍ଲୀରେ ପ୍ରଥମାଷ୍ଟମୀ ସହ କାଞ୍ଜିଅଁଳା ଓଷା ମଧ୍ୟ ପାଳନ ହୋଇଥାଏ। ଘରର ସନ୍ତାନମାନଙ୍କ ମଙ୍ଗଳକାମନା କରି ଷଠୀ ଦେବୀଙ୍କ ପାଖରେ ଶୁଭମନାସୀଥାନ୍ତି ମାଆମାନେ। ପ୍ରଥମାଷ୍ଟମୀ ଦିନ ଲିଙ୍ଗରାଜ ମହାପ୍ରଭୁ ତାଙ୍କ ମାମୁଁ ଘର 'କପାଳି ମଠ'କୁ ପଢୁଆଁ ହେବା ପାଇଁ ଯାଇଥାନ୍ତି। ଏହି ମଠର ଆରାଧ୍ୟ ଦେବତା ହେଉଛନ୍ତି 'ବରୁଣେଶ୍ୱର' ଓ 'ବନଦେବ'। ଏହି ମଠ ହତାରେ ଥିବା ପାପନାଶିନୀ ପୁଷ୍କରିଣୀର ଜଳ ପ୍ରଥମାଷ୍ଟମୀ ଦିନ ପାନ କଲେ ସମସ୍ତ ପାପ କ୍ଷୟ ହୋଇଥାଏ ବୋଲି ବିଶ୍ୱାସ ରହିଛି।

# ପ୍ରଥମାଷ୍ଟମୀ



ପୁଷ୍ପମିତ୍ର ମହାପାତ୍ର
ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ
ମୋ: ୯୪୩୭୨୨୫୬୮୯

ପ୍ରଥମାଷ୍ଟମୀ ବା ପଢୁଆଷ୍ଟମୀ ଓଡ଼ିଶାର ଏକ ପାରମ୍ପରିକ ପର୍ବ । ଓଡ଼ିଆ ପାଞ୍ଜି ଅନୁସାରେ ମାର୍ଗଶିର ମାସ କୃଷ୍ଣପକ୍ଷର ଅଷ୍ଟମୀ ତିଥିରେ ଏହି ପର୍ବ ପାଳିତ ହୋଇଥାଏ । ଏହି ଦିନ ବଂଶର ପ୍ରଥମ ଜାତ ସନ୍ତାନ ବା ଜ୍ୟେଷ୍ଠ ପୁତ୍ର/ପୁତ୍ରୀଙ୍କର ନବବସ୍ତ୍ର ପରିଧାନ, ବନ୍ଦାପନା ଆଦି ହୁଏ । ଏହି ଦିନରେ ପରିବାରର ଜ୍ୟେଷ୍ଠ ସନ୍ତାନଙ୍କ ସୁଖ ସମୃଦ୍ଧି ଓ ଦୀର୍ଘ ଜୀବନ କାମନା କରି ପୂଜାବିଧି ଅନୁଷ୍ଠିତ ହୋଇଥାଏ। ମା'ମାନେ ଷଠୀ ଦେବୀଙ୍କର ପୂଜାର୍ଚ୍ଚନା କରିଥାନ୍ତି। ପଞ୍ଚପଲ୍ଲବ ଓ ପଞ୍ଚଶସ୍ୟରେ କଳସପୂଜା ଓ ବରୁଣ ପୂଜା ହୋଇଥାଏ। ମାର୍ଗଶୀର ମାସକୁ କେତେକ ଗଣନାକାର ଏବଂ ଐତିହାସିକ ବର୍ଷର ପ୍ରଥମ ମାସ ଭାବେ ଗ୍ରହଣ କରୁଥିବାରୁ ଏହି ମାର୍ଗଶୀର ମାସର ପ୍ରଥମ ଅଷ୍ଟମୀକୁ ପ୍ରଥମାଷ୍ଟମୀ ବୋଲି କୁହାଯାଏ । ସବୁ ମାସ ଭିତରେ ମାର୍ଗଶୀର ଶ୍ରେଷ୍ଠ ବୋଲି ଗୀତାରେ ଭଗବାନ ଶ୍ରୀକୃଷ୍ଣ – 'ମାର୍ଗଶୀର୍ଷୋଽହମ ଋତୁନାଂ କୁସୁମାକରଃ'। ଶ୍ରୀମଦ୍ ଭାଗବତ ଗୀତାରେ ଉଲ୍ଲେଖ ରହିଛି – 'ସମ୍ବତ୍ସରୋଽସ୍ମ୍ୟ ନିମିଷ୍ୟ ମୃତୂନାଂ ମଧୁମାଧବୈ, ମାସନାଂ ମାର୍ଗଶିର୍ଷୋଽହଂ ନକ୍ଷତ୍ରାଣାଂତ୍ୱଭିଜିତ୍ ।' ଅର୍ଥାତ୍ ନିମେଷ ରହିତମାନଙ୍କର ମୁଁ ସମ୍ବତ୍ସର, ଋତୁମାନଙ୍କର ମୁଁ ମଧୁମାଧବ, ମାସମାନଙ୍କର ମାର୍ଗଶୀର ଓ ନକ୍ଷତ୍ରମାନଙ୍କର ଅଭିଜିତ୍ ।

ଜ୍ୟେଷ୍ଠ ପୁତ୍ର କିମ୍ବା କନ୍ୟାଙ୍କୁ ନୂତନ ବସ୍ତ୍ର ପିନ୍ଧାଇ ଦିଅଁଙ୍କ ଆଗରେ ପିଢ଼ା ଉପରେ ବସାଇ ମା'ମାନେ ବନ୍ଦାପନା କରିଥାନ୍ତି। ନବବସ୍ତ୍ର ପରିଧାନ ଓ ବନ୍ଦାପନାର ଏହି ବିଶେଷ ବିଧିକୁ ପଢୁଆଁ ହେବା କହିଥାନ୍ତି। ପରମ୍ପରା ଅନୁଯାୟୀ ଏହି ଦିନ ଜ୍ୟେଷ୍ଠ ସନ୍ତାନ ପିନ୍ଧୁଥିବା ବସ୍ତ୍ର ମାମୁଁ ଘରୁ ଆସିଥାଏ । ଏଣ୍ଡୁରି ପିଠା ପ୍ରଥମାଷ୍ଟମୀର ବିଶେଷତ୍ୱ। ଏହି ପିଠା ପାଇଁ ହଳଦୀ ପତ୍ରର ବ୍ୟବହାର କରାଯାଇଥାଏ। ହଳଦୀ ପତ୍ରରେ ପ୍ରସ୍ତୁତ ଏଣ୍ଡୁରି ପିଠା ପଢୁଆଁ ହୋଇଥିବା ସନ୍ତାନକୁ ଖାଇବାକୁ ଦିଆଯାଏ। ମନ୍ଦିର ମାଳିନୀ ନଗରୀ ଭୁବନେଶ୍ୱରରେ ବିରାଜିତ ଲିଙ୍ଗରାଜ ମହାପ୍ରଭୁ ଏହି ଦିନ ତାଙ୍କ ମାମୁଁଘର ରୂପେ ପରିଚିତ କପାଳିମଠକୁ ପଢୁଆଁ ହେବା ପାଇଁ ଯାଇଥାନ୍ତି ।

ଓଡ଼ିଆ ମାଟି, ପାଣି, ପବନରେ ସବୁଠି ସବୁକ୍ଷେତ୍ରରେ ପ୍ରଥମ ପ୍ରଥା ସମାଜର ପଥପ୍ରଦର୍ଶକ ତଥା ଦିଗଦର୍ଶକମାନଙ୍କୁ ସମ୍ମାନ ଓ ପୂଜ୍ୟପୂଜାର ମର୍ଯ୍ୟାଦା ଦିଆଯାଇଥାଏ । ପରିବାରର ପ୍ରଥମ ଅର୍ଥାତ ଜ୍ୟେଷ୍ଠ ସନ୍ତାନକୁ ଶ୍ରଦ୍ଧା ଓ ସମ୍ମାନ କରିବା କ୍ଷେତ୍ରରେ ସେମାନଙ୍କ ପ୍ରତି ପରିବାରର ଗୁରୁ ଦାୟିତ୍ୱ ସମ୍ପର୍କରେ ସୂଚିତ କରିବା ମଧ୍ୟ ହେଉଛି ଅନ୍ୟତମ ଏହାର ଭାବାର୍ଥ। ତେବେ ଯାହାହେଉନା କାହିଁକି ପ୍ରଥମାଷ୍ଟମୀରେ ସକାଳର ପ୍ରଥମ ସୂର୍ଯ୍ୟର ପୁଲକରେ ଜ୍ୟେଷ୍ଠ ସନ୍ତାନକୁ ସ୍ନାନ ଓ ଦେବାଳୟରେ ଠାକୁରଙ୍କ କୃପାପ୍ରାପ୍ତି ସହ ସମସ୍ତଙ୍କ ଶୁଭାଶୀର୍ବାଦ ନେବା ଚେତନା ହେଉଛି ଓଡ଼ିଆ ପ୍ରଥମାଷ୍ଟମୀରେ ମୂଳଭିତ୍ତି।

# ପ୍ରେମ ଧର୍ମର ସଂସ୍ଥାପକ : ସତ୍ୟସାଇ



ଅବନୀ ଚନ୍ଦ୍ର ଦାସ
ସମ୍ପାଦକ, ଉତ୍କଳୀୟ ସାହିତ୍ୟ ସଂସ୍କୃତି ପରିଷଦ
ପ୍ରଶାନ୍ତି ବିହାର, ଭୁବନେଶ୍ୱର -୨୪
ମୋ: ୯୯୩୭୫୩୭୯୭୪

"Love all and Serve all" ଏମିତି ଏକ ମହତ୍ ବାଣୀ ଆନ୍ଧ୍ର ପ୍ରଦେଶର ଅନନ୍ତପୁର ଜିଲ୍ଲା ପୁଟ୍ଟପର୍ତ୍ତି ସ୍ଥିତ ପ୍ରଶାନ୍ତି ନୀଳୟମ ଆଶ୍ରମରୁ ଭଗବାନ ଶ୍ରୀ ସତ୍ୟସାଇଙ୍କ ଅମୀୟ କଣ୍ଠରୁ ପ୍ରସାରିତ ହୋଇଥିଲା ସମଗ୍ର ମାନବ ଜାତିକୁ ବିଶ୍ୱ ପ୍ରେମରେ ଉଦ୍‌ବୁଦ୍ଧ କରିବା ପାଇଁ। ଈଶ୍ୱରଙ୍କ ସୃଷ୍ଟିରେ ପ୍ରାଣୀମାନଙ୍କ ମଧ୍ୟରେ ପ୍ରେମ ସଂଚାର କରିବା, ପରସ୍ପରକୁ ଭଲ ପାଇବା, ସବୁରି ହୃଦୟରେ ସ୍ନେହ, ଶ୍ରଦ୍ଧା ଓ ମମତା ଆଦି ସଦ୍‌ଗୁଣ ସ୍ୱଭାବ ପ୍ରକାଶିତ ହେବା ପାଇଁ ପ୍ରକୃତି ବିଭିନ୍ନ ଉପାୟ ଖଞ୍ଜିଛି। ଅପରର ସେବା କରିବା, ଉପକାର କରିବା, ପରସ୍ପରକୁ ସାହାଯ୍ୟ, ସହଯୋଗ କରିବା ହେଉଛି ମାନବୀୟ ଧର୍ମ।

ଏହା ସମ୍ଭବ ହୁଏ ସେତିକିବେଳେ, ଯେବେ ମଣିଷ ମଣିଷ ମଧ୍ୟରେ ଭଲ ପାଇବାର ଉପକ୍ରମ ଦେଖାଦିଏ। ପରସ୍ପର ମଧ୍ୟରେ ପ୍ରେମ ସଂଗଠିତ ହେଲେ ତାହା ବ୍ୟକ୍ତି ଠାରୁ ବ୍ୟକ୍ତି, ଆତ୍ମୀୟ ସ୍ୱଜନ, ପରିବାର, ବନ୍ଧୁ ପରିଜନ, ସମାଜ, ଜାତି ଓ ଦେଶ, ଏପରିକି ସମଗ୍ର ବିଶ୍ୱକୁ ପରିବ୍ୟାପ୍ତ ହୋଇପାରିବ। ପ୍ରେମ ହିଁ ସେବା, ପ୍ରେମ ହିଁ ଧର୍ମ ଏବଂ ପ୍ରେମ ହିଁ ଐଶ୍ୱରିକ ଭାବ। ଏହାକୁ ନିରନ୍ତର ଧରି ରଖି ପାରିଲେ, ପରମ ଶାନ୍ତି ଅନୁଭୂତ ହୁଏ। ସେଥିପାଇଁ ବୋଧ ହୁଏ- ସତ୍ୟ, ଶାନ୍ତି, ଧର୍ମର ଉପାସକ ପ୍ରେମକୁ ପ୍ରାଧାନ୍ୟ ଦେଇ ଜୀବନରେ ଏହାର ସଦୁପଯୋଗ କରିବାକୁ ପ୍ରୟାସ କରିଥାନ୍ତି।

ଭଗବାନ ଶ୍ରୀ ସତ୍ୟସାଇ କହନ୍ତି – 'Love is God, God is Love', ଅର୍ଥାତ୍ ପ୍ରେମ ହିଁ ଈଶ୍ୱର ଆଉ ଈଶ୍ୱର ହେଉଛନ୍ତି ପ୍ରେମସ୍ୱରୂପ। ସମସ୍ତ ମାନବ ଈଶ୍ୱରଙ୍କ ଅଂଶ, ତାଙ୍କରି ଅମୃତ ସନ୍ତାନ ବୋଲି, ଅନୁଗାମୀଙ୍କୁ ଦିବ୍ୟ ସମ୍ଭାଷଣ ଦେଲାବେଳେ ଶ୍ରୀ ସତ୍ୟସାଇ ସମସ୍ତଙ୍କୁ 'ପ୍ରେମସ୍ୱରୂପ ଗଣ' ବୋଲି ସମ୍ବୋଧନ କରିଥାନ୍ତି। ପ୍ରେମ ଦ୍ୱାରା ହୃଦୟକୁ ଜୟ କରିବା ସହଜ ହୁଏ। ପରକୁ ଆପଣାର କରିହୁଏ, ସମ୍ପର୍କ ସୁଦୃଢ଼ ହୁଏ। ଭଗବାନ ସାଇ କହନ୍ତି – ମନୁଷ୍ୟ ଜୀବନର ପ୍ରତ୍ୟେକଟି ମୁହୂର୍ତ୍ତ ପ୍ରେମପୂର୍ଣ୍ଣ ହେବା ଉଚିତ୍। ତଦ୍ୱାରା ସୁଖ, ଶାନ୍ତି, ତୃପ୍ତି ମିଳିବା ସହିତ ସାମାଜିକ ଐକ୍ୟ, ସଂହତି ପ୍ରତିଷ୍ଠା ହୁଏ। ବିଶ୍ୱ କଲ୍ୟାଣ ନିମିତ୍ତ ଏହା ଅନିର୍ବାର୍ଯ୍ୟ। ପ୍ରେମକୁ ମୂଳ ଆଧାର କରି ମନୁଷ୍ୟ ଆଧ୍ୟାତ୍ମିକ ଜୀବନ ଯାତ୍ରା ସଫଳ କରିପାରିବ।



ବହୁ ପୁରାତନ କାଳରୁ, ରାମ, କୃଷ୍ଣ, ବୁଦ୍ଧ, ଯୀଶୁ ଆଦି ଅବତାରି ପୁରୁଷ ଗଣ 'ପ୍ରେମ ହିଁ ପରମ ଧର୍ମ' ବୋଲି ନିଜ ନିଜ ଅନୁଗାମୀ ଅନୁଚରମାନଙ୍କୁ ପ୍ରବର୍ତ୍ତାଇ ଥିବା ଆମେ ବିଭିନ୍ନ ପୁରାଣ ତଥା ଧର୍ମ ଶାସ୍ତ୍ରମାନଙ୍କରୁ ଶୁଣିବାକୁ ପାଉ। ଯୁଗେ ଯୁଗେ ପ୍ରେମର ପରାକାଷ୍ଠା ପ୍ରତିପାଦିତ ହୋଇଛି, ଏହା ନିଃସନ୍ଦେହରେ ଯେକେହି ସ୍ୱୀକାର କରିବେ। ଅତଏବ ପ୍ରେମକୁ ଉପଜୀବ୍ୟ କରି ଆମେ ସୁସ୍ଥ, ସାବଲୀଳ ତଥା ସ୍ୱାଚ୍ଛନ୍ଦ୍ୟ ଜୀବନ ବିତାଇ ପରିବା। ପ୍ରତ୍ୟେକ ପ୍ରାଣୀ ଠାରେ ପ୍ରେମ ଏକ ଅନ୍ତର୍ନିହିତ ଗୁଣ ଭାବରେ ରହିଛି। ସତ୍ୟ, ଶାନ୍ତି, ଦୟା, କ୍ଷମା, ସ୍ନେହ, ମମତା, ସଦାଚାର ଗୁଡ଼ିକ 'ପ୍ରେମ' ଭଳି ସଦ୍‌ଗୁଣର ଆନୁଷଙ୍ଗିକ ପ୍ରକ୍ରିୟା। ମନୁଷ୍ୟ ହେଉ କି ପଶୁପକ୍ଷୀ, ଯେକୌଣସି ପ୍ରାଣୀ ଠାରେ ପ୍ରେମ ଜାଗ୍ରତ ହେଲେ ଏହି ସମସ୍ତ ସଦାଚାର ଗୁଡ଼ିକ ଆପେ ଆପେ ଉତ୍ପନ୍ନ ହୋଇଯାଆନ୍ତି। 'ପ୍ରେମ'କୁ କେବଳ ଏକ ଉପଭୋଗ୍ୟ ବସ୍ତୁ ବୋଲି ବିବେଚନା କରାଯାଇ ପାରେନା। ଏହାକୁ ସଠିକ୍ ମାର୍ଗରେ ଉପଯୋଗ କରାଗଲେ, ଐଶ୍ୱରୀୟ ଭାବନାରେ ଉପଲବ୍ଧି କରିପାରିଲେ, ସାର୍ବଜନୀନ କଲ୍ୟାଣ ନିମନ୍ତେ ଉତ୍ସର୍ଗ କଲେ 'ପ୍ରେମ ଯେ ଏକ ମାନବୀୟ ଧର୍ମ', ତାହା ହୃଦୟଙ୍ଗମ କରିହେବ। ପ୍ରେମ ବଳରେ କଠୋର ହୃଦୟ, ଉଗ୍ର ସ୍ୱଭାବ ଯୁକ୍ତ ଲୋକଙ୍କୁ ଶାନ୍ତ, ନମ୍ର କରିହେବ। କ୍ରୂର ତଥା ହିଂସ୍ର ପ୍ରାଣୀକୁ ବଶୀଭୂତ କରିଦେଇ ହେବ ବୋଲି ବିଶ୍ୱାସ ରହିଛି।

ଆଧୁନିକ ମଣିଷକୁ କ୍ରୂରତା, ହିଂସ୍ରତା, ଉଗ୍ର ସ୍ୱଭାବ ଆଦି ଏତେ ପରିମାଣରେ ଗ୍ରାସ କରିଯାଇଛି କି, ପ୍ରେମ ଭାବ ହୃଦୟରୁ ବିଚ୍ଛିନ୍ନ ହୋଇଗଲାଣି। ସେଭଳି ସ୍ଥଳେ ସ୍ନେହ, ଭକ୍ତି, ଶ୍ରଦ୍ଧା, ଦୟା, କ୍ଷମା, ପରୋପକାର, ସେବା ମନୋଭାବ ଆସିବ କୁଆଡୁ ? ସେଥିପାଇଁ ଅନ୍ୟାୟ, ଅନୀତି, ଅତ୍ୟାଚାର, ବ୍ୟଭିଚାର, ହିଂସା, ଦଙ୍ଗା ହଙ୍ଗାମା ବୃଦ୍ଧି ପାଇ ସମାଜର ଅଧୋଗତି ଘଟିବାରେ ଲାଗିଛି। ପତନୋନ୍ମୁଖ ମଣିଷ ସମାଜକୁ ପରିତ୍ରାଣ ଦେବା ପାଇଁ ୧୯୨୬ ମସିହା ନଭେମ୍ବର ୨୩ ତାରିଖରେ ଜନ୍ମଗ୍ରହଣ କରିଥିଲେ ସତ୍ୟସାଇ। ପୁଟ୍ଟପର୍ତ୍ତି ଗ୍ରାମର ୱାଙ୍କପା ରାଜୁ ଓ ଈଶ୍ୱରମ୍ମାଙ୍କ ସନ୍ତାନ ଭାବରେ ଦୈବୀଶକ୍ତି ଧରି ସତ୍ୟ ନାମକ ବାଳକ ପ୍ରେମ ଧର୍ମର ପ୍ରଚାର କରି ଚାଲିଲେ। ବାଲ୍ୟ କାଳରୁ ଶେଷ ଜୀବନ ପର୍ଯ୍ୟନ୍ତ ବହୁ ଅଲୌକିକ ଘଟଣାର ଅବତାରଣା କରିବା ସଙ୍ଗେ ସଙ୍ଗେ ସମାଜ କଲ୍ୟାଣ ନିମନ୍ତେ ସାଇ ବାବା କେବଳ ପୁଟ୍ଟପର୍ତ୍ତି ଗ୍ରାମର ପ୍ରଶାନ୍ତି ନିଲୟମ ଠାରେ ନୁହେଁ, ବରଂ ବେଙ୍ଗାଲୁରୁର ହ୍ୱାଇଟ୍ ଫିଲ୍ଡ ଠାରେ ଓ ଆନ୍ଧ୍ର ପ୍ରଦେଶ ରାଜ୍ୟର ବିଭିନ୍ନ ପ୍ରାନ୍ତରରେ ଶିକ୍ଷାୟତନ, ବିଶ୍ୱବିଦ୍ୟାଳୟ, ଅତ୍ୟାଧୁନିକ ବୃହତ୍ ଚିକିତ୍ସାଳୟ, ଜଳ ଯୋଗାଣ ପ୍ରକଳ୍ପ ପ୍ରଭୃତି ଅନେକ ଜନସେବା କାର୍ଯ୍ୟ କରି ଯାଇଛନ୍ତି। ନିଃଶୁଳ୍କ ଶିକ୍ଷା ଓ ସ୍ୱାସ୍ଥ୍ୟସେବାରେ ଶ୍ରୀ ସତ୍ୟସାଇଙ୍କ ମାନବ ପ୍ରେମର ପଟାନ୍ତର ନାହିଁ। ଏହା ଏକ ଉଦାହରଣ ହୋଇପାରେ, କିନ୍ତୁ ମାନବବାଦର ଶ୍ରେଷ୍ଠ ପ୍ରଚାରକ ଦ୍ୱାପର ଯୁଗର ଶ୍ରୀକୃଷ୍ଣଙ୍କ ଭଳି ସାମ୍ପ୍ରତିକ କାଳରେ ପ୍ରେମ ଧର୍ମର ସଂସ୍ଥାପକ ଭାବେ ଶ୍ରୀ ସତ୍ୟସାଇ ଯୁଗ ଯୁଗ ପାଇଁ ଚିର ବନ୍ଦିତ ହୋଇ ରହିବେ, ଏଥିରେ ସନ୍ଦେହ ନାହିଁ। ଶ୍ରୀ ସତ୍ୟସାଇଙ୍କ ୯୯ତମ ପବିତ୍ର ଜୟନ୍ତୀ ଅବସରରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି।



ବୋଲଗଡ଼(ଭାସ୍କର ନ୍ୟୁଜ): ରାଜ୍ୟ ବିଜେପି ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଚାଷୀମାନଙ୍କର ଚଳିତ ବର୍ଷର ଧାନମଣ୍ଡି ଗୁଡ଼ିକୁ ବିଜେପି କୃଷକ ମୋର୍ଚ୍ଚା ସଦସ୍ୟଙ୍କ ଦ୍ୱାରା ଧାନ ସଂଗ୍ରହ କରାଯାଇ ମିଲର୍ସ ମାନଙ୍କୁ ପ୍ରଦାନ କରାଯିବାକୁ ଖୋର୍ଦ୍ଧା ଜିଲ୍ଲାପାଳ ଚଞ୍ଚଳ ରାଣାଙ୍କୁ ଚିଠି କରିଛନ୍ତି । ଏହି ଧାନମଣ୍ଡି ତଦାରଖ ଓ ଚାଷୀଙ୍କ ଧାନ ସଂଗ୍ରହ କାର୍ଯ୍ୟକ୍ରମରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା କୃଷକ ମୋର୍ଚ୍ଚାର ବରିଷ୍ଠ ସଦସ୍ୟ ଶିବ ପ୍ରସାଦ ମିଶ୍ରଙ୍କ ସମେତ ୩୭ଜଣ ସଦସ୍ୟଙ୍କୁ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ନିଯୁକ୍ତି ଦେଇଛନ୍ତି । ଖୋର୍ଦ୍ଧା ଜିଲ୍ଲାପାଳ ଚଞ୍ଚଳ ରାଣା ଏକ ଜରୁରୀ ବୈଠକ ଡକାଇ ନିଯୁକ୍ତି ପାଇଥିବା ୩୭ଜଣ କୃଷକ ମୋର୍ଚ୍ଚାର ସଦସ୍ୟମାନଙ୍କୁ ଆଲୋଚନା କରି ଦାୟିତ୍ୱ ବଣ୍ଟନ କରିଛନ୍ତି । ପ୍ରତ୍ୟେକ ଚାଷୀମାନେ ଆସନ୍ତା ଡିସେମ୍ବର ପହିଲାରେ ସେବା ସମବାୟ ସମିତି ଜରିଆରେ ପଞ୍ଜିକରଣ କରିଥିବା ଧାନମଣ୍ଡି ଗୁଡିକରେ ଧାନ ଦେବେ ଓ ଧାନ କ୍ୱିଣ୍ଟାଲ ପିଛା ସରକାରୀ ଦରରେ ୩୧୦୦ଟଙ୍କା ପାଇବେ । ଧାନମଣ୍ଡିରେ ଦୁର୍ନୀତି ନହେବା ପାଇଁ ଓ ମିଲର୍ସମାନେ ଚାଷୀମାନଙ୍କ ଧାନ ନେବାବେଳେ ଧାନ ନ କାଟିବାକୁ ସମସ୍ତ କୃଷକ ମୋର୍ଚ୍ଚା ସଦସ୍ୟ ମାନେ ତଦାରଖ କରିବେ । ଫଳରେ ସମସ୍ତ ଚାଷୀମାନେ ଲାଭବାନ ହୋଇପାରିବେ ବୋଲି ବରିଷ୍ଠ କୃଷକ ମୋର୍ଚ୍ଚା ସଦସ୍ୟ ଶିବ ପ୍ରସାଦ ମିଶ୍ର ଗଣମାଧ୍ୟମକୁ ସୂଚନା ଦେଇ ଅଛନ୍ତି । କୃଷି ଓ କୃଷକର ବିକାଶ ପାଇଁ ବିଜେପି ସରକାର କାର୍ଯ୍ୟ କରୁଅଛି ବୋଲି ଶ୍ରୀ ମିଶ୍ର ଘୋଷଣା କରିଛନ୍ତି ।



# ଧାନକିଣା ବିତରଣ ନୀତିରେ ଦ୍ୱନ୍ଦ୍ୱ: ମୟୂରଭଞ୍ଜ ରାଇସ ମିଲର୍ସଙ୍କ ତୀବ୍ର ଅସନ୍ତୋଷ



ବାରିପଦା(ଭାସ୍କର ନ୍ୟୁଜ): ଚଳିତ ବର୍ଷ ଖରିଫ ଧାନ କିଣା ପ୍ରକ୍ରିୟାକୁ ନେଇ ମୟୂରଭଞ୍ଜ ଜିଲ୍ଲା ରାଇସ ମିଲର ସଂଘ ସରକାରଙ୍କ ନୀତିରେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି । ଏହାକୁ କେନ୍ଦ୍ରରି ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆଙ୍କ ସହ ସଂଘ ଏକ ୮ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି । ଦାବିଗୁଡ଼ିକ ସଂପୂର୍ଣ୍ଣ ନ ହେଲେ ଧାନକିଣା ପ୍ରକ୍ରିୟାକୁ ସ୍ଥଗିତ କରିବାକୁ ସଂଘ ଚେତାବନୀ ଦେଇଛି । ସେମାନଙ୍କର ମୁଖ୍ୟ ଦାବିଗୁଡ଼ିକ କର୍ପୋରେସନ ଦ୍ୱାରା ଏଫଏକ୍ୟୁ ଧାନର ଗୁଣବତ୍ତା ଚିହ୍ନଟ କରି ସମୟମତେ ମିଲର୍ସଙ୍କୁ ହସ୍ତାନ୍ତର । ମଣ୍ଡିଗୁଡ଼ିକରେ ଥିବା ଗୋଦାମ ଏବଂ ଭଣ୍ଡାରକୁ ସଫା ସୁତରା ରଖିବା । ଧାନ ଉଠାଇବା ପ୍ରକ୍ରିୟା ଦିବାଲୋକରେ ସଂପନ୍ନ ହେବା ନିମନ୍ତେ ବ୍ୟବସ୍ଥା । ମିଲର୍ସ ପ୍ରତିନିଧିଙ୍କ ସୁରକ୍ଷା ନିଶ୍ଚିତ କରାଯିବା । ଏଫଏକ୍ୟୁ ଏବଂ ଅଣଏଫଏକ୍ୟୁ ଧାନ ସମ୍ପର୍କରେ ବିବାଦ ନ ସୃଷ୍ଟି କରାଯିବା ଇତ୍ୟାଦି ବ୍ୟତିତ ଅନ୍ୟାନ୍ୟ ଦାବିଗୁଡ଼ିକ ହେଉଛି ମିଲର୍ସମାନେ ମିଙ୍ଗ ଶୁଳ୍କରେ କ୍ୱିଣ୍ଟାଲ ପିଛା ୨୦ ଟଙ୍କା ବୃଦ୍ଧି, ଅଖାବୁରା ବାବଦରେ ୧୪.୦୫ ଟଙ୍କା ଓ ରକ୍ଷଣାବେକ୍ଷଣ ପାଇଁ ୨.୪୦ ଟଙ୍କା ପୂର୍ବ ଧାର୍ଯ୍ୟମୂଲ୍ୟରେ ପରିବର୍ତ୍ତନ ଓ ବୃଦ୍ଧି ଦାବି କରିଛନ୍ତି । ଏହାସହ ଧାନ ପରିବହନ ମୂଲ୍ୟର ସଂସ୍କାର ଓ ପୁନଃ ଟେଣ୍ଡର ଆବଶ୍ୟକତା ଉପସ୍ଥାପନ କରିଛନ୍ତି । ମୟୂରଭଞ୍ଜ ଜିଲ୍ଲାରେ ଚଳିତ ବର୍ଷ ୧୪.୬୬ ଲକ୍ଷ କ୍ୱିଣ୍ଟାଲ ଧାନ କିଣିବା ଲକ୍ଷ୍ୟ ରହିଥିଲେ ମଧ୍ୟ ମିଲର୍ସମାନଙ୍କ ଅସନ୍ତୋଷରୁ ଏହା ପ୍ରକ୍ରିୟା ବ୍ୟାପକ ପ୍ରଭାବିତ ହେବା ନେଇ ଆଶଙ୍କା ରହିଥିବା ବୁଦ୍ଧିଜୀବୀ ଚର୍ଚ୍ଚା କରୁଛନ୍ତି । ସଂଘ ପକ୍ଷରୁ ସିଦ୍ଧି ବିନାୟକ, ମହାଲକ୍ଷ୍ମୀ ଏବଂ ଅନ୍ୟାନ୍ୟ ସମସ୍ତ ମିଲର୍ସ ମାନେ ମନ୍ତ୍ରୀଙ୍କୁ ଗୁହାରି କରି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିବା ବେଳେ ସମସ୍ୟାର ଶୀଘ୍ର ସମାଧାନ ନିମନ୍ତେ ନିବେଦନ କରିଛନ୍ତି ।

# ଭେରାଇଟି ଷ୍ଟୋରରେ ଅଗ୍ନିକାଣ୍ଡ: ଜଳିଗଲା ସାମଗ୍ରୀ



ନିମାପଡ଼ା(ଭାସ୍କର ନ୍ୟୁଜ): ନିଆଁଲାଗି ଜଳି ଗଲା ଭେରାଇଟି ଷ୍ଟୋର । କମ୍ପ୍ୟୁଟର ସମେତ ସମସ୍ତ ସାମଗ୍ରୀ ଜଳି ପୋଡ଼ି ପାଉଁଶ ହୋଇଯାଇଥିବା ବେଳେ କ'ଣ ପାଇଁ ନିଆଁ ଲାଗିଛି ତାହାକୁ ନେଇ ସନ୍ଦେହ ପ୍ରକଟ ହୋଇଛି । ସର୍ଟ ସର୍କିଟ୍‌ରୁ ଅଗ୍ନିକାଣ୍ଡ ଘଟିଛି ନା କୌଣସି ଦୁର୍ବୃତ୍ତ ଏପରି କାଣ୍ଡ ଭିଆଇଛି ତାହା ଏବେ ସନ୍ଦେହ ଘେରରେ ରହିଅଛି । ମିଳିଥିବା ସୂଚନା ଅନୁଯାୟୀ, ପାଟପୁର ନାୟକ ସାହିର ରମେଶ ନାୟକ ଡ଼େଲଟା ଛକ ନିକଟରେ ଏକ ଭେରାଇଟି ଷ୍ଟୋର କରି ବ୍ୟବସାୟ କରିଥିବା ବେଳେ ତାଙ୍କର ସେହି ପୁଅ ସେହି ଦୋକାନ ଘରେ ଏକ କମ୍ପ୍ୟୁଟର ରଖି କାର୍ଯ୍ୟ କରନ୍ତି । ସୂତ୍ରାନୁସାରେ ରମେଶ ନାୟକଙ୍କ ପରିବାର ଗୁରୁବାର ମେଣ୍ଟ ଯାଉଥିବା ବେଳେ ଗତ ଗୁରୁବାର ବିଳମ୍ବିତ ରାତ୍ରରେ ହଠାତ୍ ଦୋକାନ ଜଳୁଥିବା ଦେଖି ଅଗ୍ନିଶମ ବାହିନୀ ଫୋନରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ମାତ୍ର ସେତେବେଳକୁ ଭେରାଇଟି ଷ୍ଟୋରଟି ସଂପୂର୍ଣ୍ଣ ଜଳି ପାଉଁଶ ହୋଇଯାଇଥିଲା । ଲୋକମାନେ ହୋହାଲ୍ଲା କରିବାରୁ ରମେଶ ନାୟକ ସେଠାରେ ପହଞ୍ଚି ଦେଖିଲେ ପରିବାର ପୋଷୁଥିବା ଦୋକାନଟି ଜଳିପୋଡ଼ି ପାଉଁଶ ହୋଇଯାଇଛି । ଶୁକ୍ରବାର ସକାଳୁ ପୋଲିସ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ ଜାରି ରଖିଛି । ଏହି ଘଟଣା କିପରି ଘଟିଛି ତାହା ଏବେ ସନ୍ଦେହ ଘେରରେ ରହିଥିବା ବେଳେ ରମେଶଙ୍କର ଲକ୍ଷାଧିକ ଟଙ୍କାର ସଂପତି ପୋଡ଼ି ନଷ୍ଟ ହୋଇଛି ।

# ନିମାପଡ଼ା ପୌର ପରିଷଦରେ ରାସ୍ତାବସ୍ଥା ବେହାଲ୍

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ସରକାରଙ୍କ ଯୋଜନା ମାଳ ମାଳ ହୋଇଥିବା ବେଳେ ନିମାପଡ଼ା ପୌର ପରିଷଦ ଅଞ୍ଚଳରେ ଜନସାଧାରଣ ଅବହେଳିତ ଅବସ୍ଥାରେ ରହିଛନ୍ତି । ଦୁର୍ଗମ ଅଞ୍ଚଳକୁ ରାସ୍ତାଘାଟ ନିର୍ମାଣ କରାଯାଉଥିବା ବେଳେ ପୌର ପରିଷଦ ଅଞ୍ଚଳରେ ରାସ୍ତାଘାଟକୁ ଦେଖିଲେ ଶହେ ବର୍ଷ ତଳର ରାସ୍ତାଘାଟ କଥା ମନେ ପଡ଼ିଯାଉଛି । କ'ଣ ପାଇଁ ପ୍ରଶାସନ ନିମାପଡ଼ା ପାଇଁ ବିମୁଖ ତାହା ସନ୍ଦେହ ପ୍ରକଟ ହୋଇଛି । ଆବଶ୍ୟକ ନଥିବା ସ୍ଥାନରେ ରାସ୍ତା ନିର୍ମାଣ ହୋଇଥିବା ବେଳେ ଖୋଦ୍ ପୌର ପରିଷଦ ଅଞ୍ଚଳରେ ରାସ୍ତାର ଅବସ୍ଥା ବେହାଲ ହୋଇପଡ଼ିଛି । ବାରମ୍ବାର ପ୍ରଶାସନ ନିକଟରେ ଦାବୀ ହେଉଥିଲେ ମଧ୍ୟ ପ୍ରଶାସନ ରାସ୍ତା ନିର୍ମାଣ କରିବା କଥା ଶୁଣୁ ନାହିଁ । ମିଳିଥିବା ସୂଚନା ଅନୁଯାୟୀ, ନିମାପଡ଼ା ପୌର ପରିଷଦ ଜୟଗୁରୁ ଆଶ୍ରମଠାରୁ ପାଟପୁର ମୁସଲିମ୍ ବସ୍ତି ପର୍ଯ୍ୟନ୍ତ କେନାଲର ପଶ୍ଚିମପଟ ରାସ୍ତା ପାଲଟିଛି ମରଣଯନ୍ତା । ଲୋକମାନେ ଯାତାୟାତ କରିବାରେ ଦୀର୍ଘଦିନ ହେବ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହି ରାସ୍ତାଟି ମୁସଲିମ୍ ବସ୍ତିଠାରୁ ନିମାପଡ଼ା-ପିପିଲି ରାସ୍ତାକୁ ସଂଯୋଗ କରୁଥିବା ବେଳେ ରାସ୍ତାର ଅବସ୍ଥା କହିଲେ ନସରେ । ଦୀର୍ଘଦିନ ହେବ ରାସ୍ତା ମରାମତି ପାଇଁ ପ୍ରଶାସନ ନିକଟରେ ଦାବି ହେଉଥିଲେ ମଧ୍ୟ ରାସ୍ତା ନିର୍ମାଣ ହେଉନାହିଁ । ଏହି ରାସ୍ତାରେ ପ୍ରତ୍ୟେକ ଦିନ ଦୁର୍ଘଟଣା ବୃଦ୍ଧି ପାଉଛି । କ'ଣ ପାଇଁ ପ୍ରଶାସନର ଏପରି ବେପରୁଆ କାର୍ଯ୍ୟ ବୋଲି ଜନସାଧାରଣ ପ୍ରଶ୍ନ କରିଛନ୍ତି । ସେହିପରି ଅନେକ କଲୋନୀକୁ ମଧ୍ୟ ରାସ୍ତା ନଥିବାରୁ ଲୋକମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏପରି ଘଟଣାକୁ ଦେଖିଲେ ବାରି ହୋଇପଡୁଛି ନିମାପଡ଼ା ପୌର ପରିଷଦରେ କେତେ ଯେ ବିକାଶ ଘଟିଛି ।

# ଡିଏଲଆର୍ ସଂଘ ପକ୍ଷରୁ ମୃତ କର୍ମଚାରୀଙ୍କ ପରିବାରକୁ ଆର୍ଥିକ ସହାୟତା



ପାରାଦୀପ(ଭାସ୍କର ନ୍ୟୁଜ): ଗତ ନଭେମ୍ବର ୧୦ ତାରିଖ ଦିନ ପାରାଦୀପ ବନ୍ଦରରେ ଡିଏଲଆର କର୍ମଚାରୀ ଭାବେ କାର୍ଯ୍ୟ କରୁଥିବା ତାପସ କୁମାର ପତିଙ୍କର ହୃଦଘାତରେ ଦେହାନ୍ତ ହୋଇଯାଇଥିଲା । ତାଙ୍କ ବିୟୋଗ ପରେ ଡିଏଲଆର ସଂଘର ସମସ୍ତ ସଭ୍ୟ ଏବଂ ଡିଏଲଆର ସଂଘର ସଭାପତି ତଥା ଶ୍ରମିକ ନେତା ପ୍ରକାଶ ତ୍ରିପାଠୀ, କାର୍ଯ୍ୟକାରୀ ସଭାପତି ପରେଶ ମୁର୍ମୁ ଓ ସାଧାରଣ ସମ୍ପାଦକ ଅଭିମନ୍ୟୁ ବେହେରା ପ୍ରମୁଖ ମେଡିକାଲରେ ପହଞ୍ଚି ତାଙ୍କ ଅନ୍ତେଷ୍ଟିକ୍ରିୟା ପାଇଁ ଆର୍ଥିକ ବ୍ୟବସ୍ଥା ସହିତ ତାଙ୍କ ଧର୍ମପତ୍ନୀଙ୍କୁ ଚାକିରୀ ଦେବାର ବ୍ୟବସ୍ଥା କରାଇଥିଲେ । ଏହି ପରିପ୍ରେକ୍ଷୀରେ ଗତକାଲି ୨୧ ତାରିଖ ଦିନ ସ୍ୱର୍ଗତ ତାପସ କୁମାର ପତିଙ୍କର ଏକାଦଶ କାର୍ଯ୍ୟରେ ଡିଏଲଆର ସଙ୍ଘର ସଭାପତି ପ୍ରକାଶ ତ୍ରିପାଠୀ, କାର୍ଯ୍ୟକାରୀ ସଭାପତି ପରେଶ ମୁର୍ମୁ, ସଭ୍ୟ ପ୍ରକାଶ ଚନ୍ଦ୍ର ସ୍ୱାଇଁ, ପରମେଶ୍ୱର ଆଚାର୍ଯ୍ୟ, ସୁରେନ୍ଦ୍ର ବେହେରା, ବାସୁଦେବ ଜେନା, ମନ୍ମଥ କୁମାର ବେହୁରା, ସୁମନ୍ତ ସ୍ୱାଇଁ ପ୍ରମୁଖ ତାଙ୍କ ଲଙ୍କାପଡା ସ୍ଥିତ ଗ୍ରାମରେ ପହଞ୍ଚି ଏକାଦଶାହ କାର୍ଯ୍ୟକ୍ରମରେ ଯୋଗଦେବା ସହିତ ସଂଘ ତରଫରୁ ତାଙ୍କର ପତ୍ନୀ ଗଙ୍ଗୋଏତ୍ରୀ ତ୍ରିପାଠୀଙ୍କୁ ୨୫ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଥିଲେ ।

# ବାଜିରାଉତ ସ୍ମୃତି ମହାବିଦ୍ୟାଳୟ ସାଂସ୍କୃତିକ ପରିଷଦର ବାର୍ଷିକ ଉତ୍ସବ




ଭୁବନ(ଭାସ୍କର ନ୍ୟୁଜ): ଭୁବନ ବାଜି ରାଉତ ସ୍ମୃତି ମହାବିଦ୍ୟାଳୟର ସାଂସ୍କୃତିକ ପରିଷଦର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷ ଅଜିତ କୁମାର ବେହେରା ପ୍ରଦ୍ୱୀପ ପ୍ରଜ୍ୱଳନ କରି ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ । ଗତ ୨୦ରୁ ଆରମ୍ଭହୋଇ ଶୁକ୍ରବାର ଶେଷ ହୋଇଥିବା ତିନିଦିନିଆ କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତାରେ ଇଂରାଜୀ ଓ ଓଡ଼ିଆ ବକ୍ତୃତା, ପ୍ରବନ୍ଧ, ଚିତ୍ରାଙ୍କନ, ଝୋଟି, କୁଇଜ ଓ ରଙ୍ଗୋଲି ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା । ସାଂସ୍କୃତିକ ପରିଷଦର ପରିଷଦ ର କର୍ମକର୍ତ୍ତା ପାର୍ଥ ସ୍ୱାଇଁ, ନନ୍ଦ କିଶୋର ଧୀର, ସୁକାନ୍ତ କୁମାର ସାହୁ, ହେମନ୍ତ ରାଉତ, ସଞ୍ଜୟ ସାହୁ, ଖ୍ୱରାଦ୍ଧି ତନୟା ସାହୁ ଓ ଇନ୍ଦୁ ରେଖା ସାହୁ ପରିଚାଳନା କରିଥିଲେ । କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ମୁଖ୍ୟ କିରାଣୀ କୈଳାସ ଚନ୍ଦ୍ର ବେହେରାଙ୍କ ସମେତ ଆଲୋକ ରଞ୍ଜନ ଷଡଙ୍ଗୀ, କରୁଣାକର ରାଉଳ ଓ ଥବିର କୁମାର ଭୋଇ ସକ୍ରିୟ ଅଂଶଗ୍ରହଣ ଓ ସହଯୋଗ କରିଥିଲେ । ସୁକାନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# କରଞ୍ଜିଆ ବନଖଣ୍ଡରେ ଝାଡ଼ଖଣ୍ଡର ୩୦ ହାତୀ



କରଞ୍ଜିଆ(ଭାସ୍କର ନ୍ୟୁଜ): ମୟୁରଭଂଜ ଜିଲ୍ଲାର କରଞ୍ଜିଆ ଉପଖଣ୍ଡରେ ଥମୁନି ହାତୀଙ୍କ ଉପଦ୍ରବ । କିଛିଦିନ ବ୍ୟବଧାନ ପରେ ପୁଣି ଝାଡ଼ଖଣ୍ଡ ରାଜ୍ୟରୁ ଓଡ଼ିଶାରେ ପ୍ରବେଶ କଲେ ୩୦ ଟିକିଆ ହାତୀପଲ । ଶୁକ୍ରବାର କରଞ୍ଜିଆ ବନ ଖଣ୍ଡରେ ପୃଥକ ପୃଥକ ସ୍ଥାନରେ ଅଛନ୍ତି ୪୭ଟି ହାତୀ । ବନ ବିଭାଗର ଚିନ୍ତା ବଢ଼ାଇଛନ୍ତି ୩୦ ଟିକିଆ ହାତୀପଲ । ଗତକାଲି ବିଳମ୍ବିତ ରାତିରେ ଝାଡ଼ଖଣ୍ଡ ରାଜ୍ୟରୁ ଓଡ଼ିଶାରେ ପ୍ରବେଶ କରିଥିବା ୩୦ ଟିକିଆ ହାତୀପଲ । ଏହି ହାତୀ ପଲ ପାଇଁ ଶୁକୁଲି ଏବଂ ରରୁଆ ବ୍ଲକରେ ୧୦୦ରୁ ଊର୍ଦ୍ଧ୍ୱ ଗାଁରେ ଆତଙ୍କ ସୃଷ୍ଟି କରିଛନ୍ତି । ଏବେ ଧାନ ବିଲରେ ଧାନ ଫସଲ ପାଚି ଥିବାରୁ ହାତୀପଲ ଧାନ ଖାଇବା ସହିତ ବ୍ୟାପକ କ୍ଷୟକ୍ଷତି କରିଛନ୍ତି । ୩୦ ଟିକିଆ ଝାଡ଼ଖଣ୍ଡିଆ ହାତୀପଲ କରଞ୍ଜିଆ ରେଞ୍ଜ ଅନ୍ତର୍ଗତ ପାନପତିରିୟା ଗାଁ ନିକଟରେ ଜଙ୍ଗଲରେ ଥିବାର ବନ ବିଭାଗ ପକ୍ଷରୁ ସୂଚନା ମିଳିଛି । ବ୍ରାହ୍ମଣିପୋସି ଗାଁର ଚୈତନ୍ୟ ନାୟକ ପିତା ସାର୍ତ୍ତୁକ ନାୟକଙ୍କ ଗୋଟିଏ ଘର ଭାଙ୍ଗିବା ସହିତ ବ୍ୟାପକ କ୍ଷୟକ୍ଷତି କରିଛନ୍ତି । ହାତୀପଲ ଯେଉଁ ଗାଁ ନିକଟରେ ରହୁଛନ୍ତି ହାତୀ ସୁରକ୍ଷା ପାଇଁ ଘଣ୍ଟା ଘଣ୍ଟା ବିଜୁଳି କାଟ ମଧ୍ୟ ହେଉଛି । ହାତୀ ଏବଂ ମନୁଷ୍ୟ ସୁରକ୍ଷା ଦେବା ପାଇଁ ବନବିଭାଗ କର୍ମଚାରୀ ମୁତୟନ ହେଉଛନ୍ତି ।

# ଜିଲ୍ଲା ଖଣିଜ ପାଣ୍ଠିରେ ହେବ ନୂତନ ବାଇପାସ୍ ରାସ୍ତା



ତାଳଚେର(ଭାସ୍କର ନ୍ୟୁଜ): ତାଳଚେର ସହରକୁ ପ୍ରବେଶ ନକରି ଗ୍ରାମାଞ୍ଚଳରୁ ମଣ୍ଡାପାଳ ସରକାରୀ ଡାକ୍ତରଖାନାକୁ ଯିବା ଆସିବା ପାଇଁ ସିଧାସଳଖ ରାସ୍ତା ଓ ଟ୍ରାଫିକ ସମସ୍ୟାକୁ ଦୂର କରିବା ପାଇଁ ମଧ୍ୟ ତାଳଚେର ନଦୀକୂଳରେ ଅବସ୍ଥିତ ଥିବା ଆଖଣ୍ଡଳମଣି ମନ୍ଦିର ଦେଇ ଏକ ବାଇପାସ ରାସ୍ତାକୁ କିପରି ନିର୍ମାଣ କରାଯାଇ ଲୋକଙ୍କୁ ଯାତାୟାତର ସୁଯୋଗ ଦେଇହେବ, ସେଥିପାଇଁ ଢେଙ୍କାନାଳର ପୂର୍ବତନ ସାଂସଦ ମହେଶ ସାହୁ ସ୍ଥାନୀୟ ଉପଜିଲ୍ଲାପାଳ ଶ୍ରୀମାନ ସମୀର କୁମାର ଜେନା (ଓଇଏ) ଓ, ତହସିଲ ଦାର ରୋଜାଲିନ ବେହେରାଙ୍କୁ ନେଇ କ୍ଷେତ୍ର ପରିଦର୍ଶନ କରିଥିଲେ । ଏହି ରାସ୍ତାଟି ନିର୍ମାଣ କରାଗଲେ କଂକଳି କିଶୋରି ପାଳ, ସଇଁନାଳି ଧରମପୁର ଗୋଡିବନ୍ଧ, ବେଲପଡା, ସମଲ ଇତ୍ୟାଦି ଅଞ୍ଚଳର ଲୋକମାନେ ସହର ଭିତରେ ନ ପଶି ସିଧାସଳଖ ତାଳଚେର ରାଜାଙ୍କ ସିଂହଦ୍ୱାର ଦେଇ ଆଖଣ୍ଡଳମଣି ଭିତରେ ଦେଇ ମେଡ଼ିକାଲ ସମେତ ବିଭିନ୍ନ ସ୍ଥାନକୁ ଯାଇପାରିବେ । ଏହା ହେଲେ ଲୋକଙ୍କୁ ଆଉ ଟ୍ରାଫିକ ସମସ୍ୟା ସୃଷ୍ଟି ହେବ ନାହିଁ । ତା ଛଡା ବିଭିର୍ଣ୍ଣ ପର୍ବପର୍ବାଣୀରେ ସହରର ମୁଖ୍ୟ ରାସ୍ତାଟି ଜାମ ହେଉଥିବାରୁ ଏହା ବିଶେଷ ଭାବେ ସହାୟକ ହେବ ବୋଲି ପ୍ରାକ୍ତନ ସାଂସଦ ଶ୍ରୀ ସାହୁ ଉପଜିଲାପାଳ ଶ୍ରୀମାନ ଜେନାଙ୍କୁ ବଝାଇ ଥିଲେ । କାରଣ ଜିଲ୍ଲା ଖଣିଜ ପାଣ୍ଠି ପ୍ରଚୁର ପରିମାଣରେ ଅର୍ଥ ମହଜୁଦ ଥିବା ସହ ଖଣି ପ୍ରଭାବିତ ତାଳଚେର ଅଞ୍ଚଳରେ ଏହି ଅର୍ଥ ବିନିଯୋଗ କରିବାରେ କୌଣସି ପ୍ରତିବନ୍ଧକ ନାହିଁ, ତେଣୁ ତାଳଚେର ଅଞ୍ଚଳର ବିକାଶ ପାଇଁ ଏହି ଭଳି ରାସ୍ତା ଘାଟ ନିର୍ମାଣ କରାଯିବା ଉପରେ ବିଶେଷ ଗୁରୁତ୍ୱ ଦେବା ଜରୁରୀ ବୋଲି ଶ୍ରୀ ସାହୁ କହିଥିଲେ । ଏଠାରେ ସୂଚନାଯୋଗ୍ୟ ଯେ ଏହି ରାସ୍ତାଟି ଆଗରୁ ଅବହେଳିତ ହୋଇ ରହିଛି । କେବଳ ଗୋଟିଏ କଲଭର୍ଟ ନିର୍ମାଣ କରାଯାଇ ଆଉ କିଛି ଅଂଶ କଂକ୍ରିଟ ରାସ୍ତା କରାଯାଇ ପାରିଲେ ଅଚିରେ ଲୋକଙ୍କୁ ଅଧିକ ସୁବିଧା ଯୋଗାଇ ଦେଇହେବ ବୋଲି କୁହାଯାଇଛି । କ୍ଷେତ୍ର ପରିଦର୍ଶନ ବେଳେ ନଗରପାଳ ପବିତ୍ର ଭୁଟିଆ, ନିର୍ବାହି ଅଧିକାରୀ ବଳୟ ଦେହୁରୀ, କାଉନସିଲର ଲିପିକା ବେହେରା, ସମାଜସେବୀ ବାବୁନି ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ନିର୍ବାହୀ ଅଧିକାରୀଙ୍କ ବଦଳି ନିଯୁକ୍ତିରେ ସ୍ୱଚ୍ଛତା ନେଇ ଉଠିଲା ପ୍ରଶ୍ନ

ନିଆଳି(ଭାସ୍କର ନ୍ୟୁଜ): କଟକ ଜିଲ୍ଲର ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ବଦଳି ତାଲିକା ପ୍ରକାଶ ପାଇବା ପରେ ସ୍ୱଚ୍ଛତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ବୁଦ୍ଧିଜୀବୀ । ଏହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ନିଆଳି ବ୍ଲକରେ ନିଯୁକ୍ତି ପାଇଥିବା ସମୀର ରଞ୍ଜନ ମଲିକ । ସେ କଣ୍ଟାପଡା ବ୍ଲକରେ ଥିବାବେଳେ ତାଙ୍କୁ ସେଠାରୁ ବଦଳି କରାଯାଇ ନିଆଳି ଅଣାଯାଇଛି । ଯାହାକି ସମୀର ରଞ୍ଜନଙ୍କ ଘର ନିଆଳି ବ୍ଲକ ରାଣୀଓଲା ପଞ୍ଚାୟତରେ । ସେହିପରି ନିଆଳି ବ୍ଲକରୁ କଣ୍ଟାପଡା ବ୍ଲକକୁ ବଦଳି ହୋଇଛନ୍ତି ବସନ୍ତ କୁମାର ନନ୍ଦ, ତାଙ୍କର ଘର କଣ୍ଟାପଡା ପଞ୍ଚାୟତରେ ଅଟେ । ଏଇଭଳି ଅନେକ ନିର୍ବାହୀ ଅଧିକାରୀଙ୍କ ବଦଳିରେ ଅସନ୍ତୋଷ ପ୍ରକାଶ କରିଛନ୍ତି ବୁଦ୍ଧିଜୀବୀ । ଏହି ବଦଳିରେ ମୋଟାଅଙ୍କର ଅର୍ଥ କାରବାର ହୋଇଥିବା ଅଭିଯୋଗ ହେଉଛି । ଏହାର ବିଧିବଦ୍ଧ ତଦନ୍ତ କରିବାକୁ ଆଇନଜୀବୀ ପ୍ରକାଶ ଚନ୍ଦ୍ର ପାଢ଼ୀ, ସୁକାନ୍ତ ମହାନ୍ତି ପ୍ରମୁଖ ଆବଶ୍ୟକ ପଡିଲେ ଆଇନର ଆଶ୍ରୟ ନେବେ ବୋଲି କହିଛନ୍ତି ।

# ନାବାଳିକା ଦୁଷ୍କର୍ମକାରୀଙ୍କୁ ୨୦ବର୍ଷ ଜେଲ୍

କେନ୍ଦୁଝର(ଭାସ୍କର ନ୍ୟୁଜ): କେନ୍ଦୁଝର ଫାଷ୍ଟ ଟ୍ରାକ୍ କୋର୍ଟର ବିଚାରପତି ବିଜୟ କୁମାର ମିଶ୍ର ଏକ ଦୁଷ୍କର୍ମ ମାମଲାର ବିଚାର କରି ଦୁଷ୍କର୍ମକାରୀଙ୍କୁ ୨୦ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି । ଅଭିଯୁକ୍ତ ଜଣଙ୍କ ହେଲେ ସଦର ଥାନା ଅନ୍ତର୍ଗତ କସଡା ଗ୍ରାମର ବିଦେଶିଆ ପ୍ରଧାନ(୨୨) । ଏହି ମାମଲା କ୍ରମେ ୨୦ହଜାର ଜୋରିମାନା ଅନାଦେୟ ଅଧିକ ଏକ ବର୍ଷ ସଶ୍ରମ କାରାଦଣ୍ଡ ଶୁଣାଇଛନ୍ତି । ମିଳିଥିବା ସୂଚନା ଅନୁସାରେ, ୩୧-୫-୨୦୨୦ ମସିହାରେ ଚାଇଲଡ ଲାଇନ୍ ଟିମ୍ ଲିଡର ଶୁକାନ୍ତି ପାତ୍ର ଏହି ଘଟଣା ସମ୍ପର୍କରେ ନାବାଳିକାଙ୍କୁ ବିବାହ କରିବାକୁ ଜଣେ ଯୁବକ ଅପହରଣ କରି ତାଙ୍କୁ ଦୁଷ୍କର୍ମ କରିଥିବା ଖବର ପାଇଥିଲେ । ଘଟଣା ସ୍ଥଳରେ ପହଞ୍ଚି ନାବାଳିକାଙ୍କୁ ଉଦ୍ଧାର କରି ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତିକରି ସଦର ପୋଲିସ ଏକ ଅପହରଣ ଓ ଦୁଷ୍କର୍ମ ସମେତ ଶିଶୁ ବିବାହ ଆଇନ ଅନୁସାରେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା । ଶୁକ୍ରବାର ଏହି ମାମଲାରେ ୧୮ଜଣ ସାକ୍ଷୀ ବୟାନକୁ ଭିତ୍ତି କରି ଫାଷ୍ଟ ଟ୍ରାକ୍ କୋର୍ଟର ବିଚାରପତି ବିଜୟ କୁମାର ମିଶ୍ର ଅଭିଯୁକ୍ତ ବିଦେଶିଆ ପ୍ରଧାନଙ୍କୁ ଦୋଷୀ ସାବସ୍ତ କରି ଉପରୋକ୍ତ ଦଣ୍ଡାଦେଶ ଶୁଣାଇବା ସହିତ ପୀଡିତାଙ୍କୁ ୫ଲକ୍ଷ ଟଙ୍କା ଅନୁକମ୍ପାମୂଳକ ରାଶି ପ୍ରଦାନ ନିମନ୍ତେ ସୁପାରିସ କରିଥିବା ଜଣପଡିଛି । ଏହି ମାମଲାରେ ସରକାରଙ୍କ ପକ୍ଷରୁ ଜ୍ଞାନେନ୍ଦ୍ରନାଥ ଜେନା ସ୍ୱତନ୍ତ୍ର ପିପ୍ ମାମଲା ପରିଚାଳନା କରିଥିଲେ ।

## ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ବେଖାତିର

# ବିଦ୍ୟୁତ୍ ଖୁଣ୍ଟରେ ଘରୋଇ କେବୁଲ୍ ଟାଣି କୋଟିପତି



ନିଆଳି(ଭାସ୍କର ନ୍ୟୁଜ): ଓଡିଶାର ଉଚ୍ଚତମ ନ୍ୟାୟାଳୟର ନିର୍ଦ୍ଦେଶକୁ କଣ୍ଟାପଡା ଅଞ୍ଚଳର ଘରୋଇ କେବୁଲ ବେପାରୀ ବେଖାତିର କରି ବିଦ୍ୟୁତ ଖୁଣ୍ଟରେ ଘରୋଇ କେବୁଲ ଟାଣି କୋଟିପତି ହେଉଛନ୍ତି । ବିଦ୍ୟୁତ ଖୁଣ୍ଟରେ କେବୁଲ ଭିଡିବା ଦ୍ୱାରା ଘରକୁ ବିଦ୍ୟୁତ ସଂଯୋଗ ନେଇଥିବା ଗ୍ରାହକ ମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଘରୋଇ ଟିଭି ଚ୍ୟାନେଲ କେବୁଲ ମଲିକମାନେ ନିଜସ୍ୱ ଖୁଣ୍ଟ ପକାଇ କେବୁଲ ନନେଇ ବିଦ୍ୟୁତ ଖୁଣ୍ଟରେ ନେଉଛନ୍ତି । ଓଡ଼ିଶାର ଉଚ୍ଚତମ ନ୍ୟାୟାଳୟ ଏହା ଉପରେ ରୋକ ଲଗାଇ ଥିବାବେଳେ କଣ୍ଟାପଡା କେବୁଲ ମାଲିକମାନେ ଏହାକୁ ମାନୁ ନାହାନ୍ତି । ବିଦ୍ୟୁତ ଖୁଣ୍ଟ ଉପରେ ଅଧିକ ତାର ଟଣାହେବା ଦ୍ୱାରା ବହୁ ସମୟରେ ଖୁଣ୍ଟ ଗୁଡିକ ଭାଙ୍ଗି ପଡୁଥିବା ଅଭିଯୋଗ ହେଉଛି । ଏ ନେଇ ବିଦ୍ୟୁତ ବିଭାଗ ସହକାରୀ ଯନ୍ତ୍ରୀ ଛବିଳ ବେହେରାଙ୍କୁ ପଚାରିବାରୁ ଖୁବ୍‌ଶୀଘ୍ର ଏହାର କାର୍ଯ୍ୟାନୁଷ୍ଠାନ ନେବାକୁ କହିଛନ୍ତି ।

# ସରକାରୀ ଗୋଦାମରେ ଝୋଟ ବିକ୍ରୟ ନିମନ୍ତେ ଚାଷୀ ବିମୁଖ




ନିଶ୍ଚିନ୍ତକୋଇଲି(ଭାସ୍କର ନ୍ୟୁଜ): ସରକାରୀ ଗୋଦାମରେ ଝୋଟ ବିକ୍ରୟ ନିମନ୍ତେ ଚାଷୀ ବିମୁଖ ହେଉଥିବାରୁ ପ୍ରଶାସନ ନିମନ୍ତେ ଏହା ଚିନ୍ତା ଓ ମୁଣ୍ଡବ୍ୟଥାର କାରଣ ପାଲଟିଛି । କେନ୍ଦ୍ର ସରକାରଙ୍କ ତରଫରୁ ନିଶ୍ଚିନ୍ତକୋଇଲି ବ୍ଲକ କୋଲଣପୁର ଗ୍ରାମପଞ୍ଚାୟତ କୁଳିଆ ସ୍ଥିତ କେନ୍ଦୁପାଟଣା ନିୟନ୍ତ୍ରୀତ ବଜାର କମିଟି କାର୍ଯ୍ୟାଳୟ ପରିସରରେ ୩ ବର୍ଷ ହେଲା ଝୁଟ କର୍ପୋରେସନ ଅଫ ଇଣ୍ଡିଆର ଝୋଟ କ୍ରୟ କେନ୍ଦ୍ର ଖୋଲାଯାଇଛି । ଏହି ଝୋଟ କ୍ରୟ କେନ୍ଦ୍ର ଉପରେ ସ୍ଥାନୀୟ ଡେରାବିଶ, ନିଶ୍ଚିନ୍ତକୋଇଲି, ମାହାଙ୍ଗା, ସାଲେପୁର ପ୍ରଭୃତି ବହୁ ବ୍ଲକର ଚାଷୀମାନେ ଝୋଟ ବିକ୍ରୟ ନିମନ୍ତେ ନିର୍ଭର କରିଥାନ୍ତି । ଏହି ଝୋଟ କ୍ରୟ କେନ୍ଦ୍ରରେ ପ୍ରଥମ ବର୍ଷ ମାତ୍ର ୧୦୦୦ କ୍ୱିଣ୍ଟାଲ ଝୋଟ କ୍ରୟ କରାଯାଇଥିଲା ବେଳେ ଗତ ବର୍ଷ ୭୫୦୦ କ୍ୱିଣ୍ଟାଲ ଓ ଚଳିତ ବର୍ଷ ୧୧୦୦ କ୍ୱିଣ୍ଟାଲ ଝୋଟ କ୍ରୟ କରାଯାଇଥିବାର ପ୍ରଶାସନ ସୂତ୍ରରୁ ପ୍ରକାଶ । ଅପରପକ୍ଷରେ ଏହି କେନ୍ଦ୍ରରେ ଝୋଟ ଚାଷୀଙ୍କୁ ପ୍ରୋତ୍ସାହନ ଦେବା ନିମନ୍ତେ ସୁଲଭ ମୂଲ୍ୟରେ ନଳିତା ବିହନ ଯୋଗାଇ ଦିଆଯାଉଥିଲା ବେଳେ ନଳିତା ପଚାଇବା ନିମନ୍ତେ ମଧ ମାଗଣାରେ ଓଷଧ ଯୋଗାଇ ଦିଆଯାଉଛି । ଏପରିକି ମେସିନ ସାହାଯ୍ୟରେ ଧାଡିକିଆ ନଳିତା ରୋପଣ ନିମନ୍ତେ ମଧ୍ୟ ମେସିନ ଯୋଗାଇ ଦିଆଯାଉଛି । ତେବେ ସରକାରଙ୍କ ତରଫରୁ ଚାଷୀମାନଙ୍କୁ ବହୁ ପ୍ରୋତ୍ସାହନ ଯୋଗାଇ ଦିଆଯାଉଥିଲା ବେଳେ ଏଠାରେ ଝୋଟ ବିକ୍ରୟ ନିମନ୍ତେ ଚାଷୀମାନେ ବିମୂଖ ହେଉଥିବା ଜଣାଯାଇଛି । ଏହାର ମୁଖ୍ୟ କାରଣ ହେଉଛି ଏହି କେନ୍ଦ୍ରଟି ବହୁ ଦୂରରେ ରହିଥିବାରୁ ଚାଷୀମାନେ ଟ୍ରାକ୍ଟର ଓ ଟ୍ରକ ଯୋଗେ ସେମାନଙ୍କ ଉତ୍ପାଦିତ ଝୋଟ ଆଣିବା ନିମନ୍ତେ ଅଧିକ ଖର୍ଚ୍ଚାନ୍ତର ଶୀକାର ହେଉଛନ୍ତି । ଏପରିକି ଖୋଲାବଜାରରେ ଝୋଟର ମୂଲ୍ୟ ଅଧିକ ଥିଲା ବେଳେ ଏଠାରେ ଚାଷୀଙ୍କୁ ସରକାରୀ ନିର୍ଦ୍ଧାରିତ ମୂଲ୍ୟ ଦିଆଯାଉଛି । ସେଥିନିମନ୍ତେ ଏଠାରେ ଚାଷୀ ଝୋଟ ବିକ୍ରୟ ନିମନ୍ତେ ବିମୂଖ ହେଉଥିବାର ଜଣାଯାଇଛି । ତେବେ ଝୋଟ ଚାଷୀଙ୍କ ସମସ୍ୟାକୁ ଆଖି ଆଗରେ ରଖି ସରକାରଙ୍କ ତରଫରୁ ଝୋଟ ଚାଷୀଙ୍କୁ ପରିବହନର ଖର୍ଚ୍ଚ ଠିକ୍ ଭାବେ ଦିଆଗଲେ ଏହି କେନ୍ଦ୍ରରେ ଝୋଟ ବିକ୍ରୟ ନିମନ୍ତେ ଚାଷୀମାନେ ଆଗ୍ରହ ପ୍ରକାଶ କରନ୍ତେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

# ଚୋରା ପାଇପ୍ ବୋଝେଇ ପିକ୍‌ଅପ୍ ଜବତ, ଅଭିଯୁକ୍ତ ଫେରାର

କଣିହାଁ(ଭାସ୍କର ନ୍ୟୁଜ): ଅନୁଗୋଳ ଜିଲା କଣିହାଁ ଥାନା ଏନଟିପିସି ଆଶପଣ୍ଡ ଷ୍ଟେଜ -୨ ଆସପଣ୍ଡ ପାଖରୁ ଚୋରା ପାଇପ ବୋଝେଇ ପିକ ଅପ ପୋଲିସ ଜବତ କରିଛି । ଏଥିରେ ସମ୍ପୃକ୍ତ ଅଭିଯୁକ୍ତମାନେ ଫେରାର ହୋଇଯାଇଛନ୍ତି । ପୋଲିସ ସୂତ୍ରରୁ ପ୍ରକାଶ ଯେ, ଏନ୍‌ଟିପିସି ଆଶପଣ୍ଡରୁ ଗୁରୁବାର ରାତିରେ ଏକ ପିକ୍‌ଅପ୍ ୬ ପିସ ଆଶ ଲୁହା ପାଇପ ବୋଝେଇ କରି ଚୋରି କରି ନେଉଥିବା ସମୟରେ ଭାରସାମ୍ୟ ହରାଇ ଗାଡି ଓଲଟି ପଡିଥିଲା । ପରେ ଅଭିଯୁକ୍ତମାନେ ସେଠାରୁ ଫେରାର ହୋଇଯାଇଥିଲେ । ଖବର ପାଇ କଣିହାଁ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଗାଡି ଜବତ କରି ତଦନ୍ତ ଚଳାଇଛନ୍ତି ।

## ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା

# ଚାଷୀ ସଚେତନ ହେଲେ ମାଛ ପାଇଁ ଅନ୍ୟ ରାଜ୍ୟ ଉପରେ ନିର୍ଭର କରିବାକୁ ପଡ଼ିବ ନାହିଁ




ମାଲକାନଗିରି(ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା କୃଷି ବିଜ୍ଞାନ କେନ୍ଦ୍ର ଠାରେ ଗୁରୁବାର ଦିନ ମତ୍ସ୍ୟ ଅଧିକାରୀ ସୁଶାନ୍ତ କୁମାର ଗୌଡ଼ଙ୍କ ଅଧ୍ୟକ୍ଷତାରେ ବିଶ୍ୱ ମତ୍ସ୍ୟ ଦିବସ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅଧିକାରୀ ଦିଲ ରଞ୍ଜନ ମହାଲିକ, ମୁଖ୍ୟବକ୍ତା ଜିଲ୍ଲା ଉଦ୍ୟାନ କୃଷି ଅଧିକାରୀ ପ୍ରଶାନ୍ତ କୁମାର ପାତ୍ର, ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଶାନ୍ତନୁ କୁମାର ମହାପାତ୍ର, କୃଷି ବିଜ୍ଞାନ କେନ୍ଦ୍ର ବରିଷ୍ଠ ବୈଜ୍ଞାନିକ ଦେବୀପ୍ରସାଦ ଦାସ, ମତ୍ସ୍ୟ ବୈଜ୍ଞାନିକ ଆତିଶ୍ ମହେନ୍ଦ୍ର, ବିକାଶ ଚନ୍ଦ୍ର ସର୍ଦ୍ଦାର, ଜଙ୍ଗଲ ପରିବେଶବିତ୍ ଦୁର୍ଯ୍ୟୋଧନ ପାତ୍ରଙ୍କ ସହ ମତ୍ସ୍ୟ ଚାଷୀମାନେ ଉପସ୍ଥିତ ଥିଲେ । ଚାଷୀ ସଚେତନ ହେଲେ ମାଛ ପାଇଁ ବାହାର ରାଜ୍ୟ ଉପରେ ନିର୍ଭର କରିବାକୁ ପଡିବ ନାହିଁ ବୋଲି ବକ୍ତାମାନେ କହିଥିଲେ । ଜିଲାରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶର ଉନ୍ନତି ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର କ'ଣ ପଦକ୍ଷେପ ନେଇଛନ୍ତି ଓ ବିଭିନ୍ନ ଯୋଜନା ମାଧ୍ୟମରେ ହିତାଧିକାରୀଙ୍କୁ ଆର୍ଥିକ ମାନଦଣ୍ଡର ଉନ୍ନତି, ମତ୍ସ୍ୟ ଓ ଗୋସମ୍ପଦର ବିକାଶ ଦ୍ୱାରା ଦୁଗ୍ଧ, ଅଣ୍ଡା, ମାଛ ଓ ମାଂସ ଉତ୍ପାଦନ ବୃଦ୍ଧି ନିମନ୍ତେ ବୈଜ୍ଞାନିକ ଜ୍ଞାନକୌଶଳ ଯୋଗାଇବା ଆଦି ଉପରେ କହିଥିଲେ । ଗ୍ରାମାଞ୍ଚଳର ପୁଷ୍କରିଣୀ, ପ୍ରାକୃତିକ ନଦୀନାଳରେ ପ୍ରଚୁର ପରିମାଣର ଦେଶୀ ମାଛ ପାଉଥିବା ବେଳେ ବର୍ତ୍ତମାନ ନଦୀ ଜଳ ଦୂଷିତ, ମତ୍ସ୍ୟଜୀବୀମାନେ ରାସାୟନିକ ପଦାର୍ଥ ବ୍ୟବହାର କରି ମାଛ ମାରିବା, ମାଛଚାଷରେ ବ୍ୟବହାର ଦ୍ୱାରା ଜଳ ଦୂଷିତ ହେଉଛି ଯାହାଦ୍ୱାରା ବର୍ଷ ବର୍ଷ ପୂର୍ବରୁ ମିଳୁଥିବା ମାଛ ପ୍ରାୟତଃ ଲୋପ ପାଇଛି । ତେଣୁ ଚାଷୀମାନେ ମାଛଚାଷ ପାଇଁ ଅଧିକ ରାସାୟନିକ ପଦାର୍ଥ ବ୍ୟବହାର ନ କରି ଜୈବିକ ପଦାର୍ଥ ବ୍ୟବହାର ଉପରେ ପରାମର୍ଶ ଦେଇଥିଲେ । ବୈଜ୍ଞାନିକ ପଦ୍ଧତିରେ ମାଛଚାଷ, ପୁଷ୍ଟିକର ମାଛ ଖାଦ୍ୟ ଯୋଗାଇ ଦିଆଯାଉଥିବା ନେଇ ଅତିଥିମାନେ ନିଜ ନିଜର ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମକୁ ସହକାରୀ ମତ୍ସ୍ୟ ଅଧିକାରୀ ମନୋଜ କୁମାର ଜୈନ ପରିଚାଳନା କରିଥିଲେ ।

# ଦୀର୍ଘଦିନ ହେବ ଶେଷ ହୋଇପାରୁନି ୨୦ଲକ୍ଷ ଟଙ୍କାର ପ୍ରିଫେବ୍



ତିହିଡ଼ି(ଭାସ୍କର ନ୍ୟୁଜ): ଭଦ୍ରକ ଜିଲା ତିହିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କୋଭିଡ଼ ସମୟରେ ପ୍ରିଫେବ୍ ନିର୍ମାଣ ପାଇଁ ପ୍ରାୟ ୨୦ଲକ୍ଷ ଟଙ୍କା ସରକାର ଅନୁଦାନ ଯୋଗାଇ ଦେଇଥିଲେ । ଏହି ପ୍ରିଫେବ୍‌ରେ କୋଭିଡ଼ ଆକ୍ରାନ୍ତ ରୋଗୀମାନେ ରହିବା ନେଇ ୨୦ଟି ଶଯ୍ୟା ରହିବା ପାଇଁ ବ୍ୟବସ୍ଥା ହୋଇଥିଲା । ସେହି ସମୟରେ ତିହିଡ଼ି ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ପୂର୍ତ୍ତ ବିଭାଗ ଅଧୀନରେ ପ୍ରିଫେବ୍ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ୍ୟ ଅଦ୍ୟାବଧି ନିର୍ମାଣ କାର୍ଯ୍ୟ ଶେଷ ହୋଇ ପାରିନାହିଁ । ଏ ନେଇ ବିଭାଗୀୟ ମୁଖ୍ୟ ସମ୍ପୃକ୍ତ ଠିକାଦାରଙ୍କୁ ନୋଟିସ୍ କରି ତୁରନ୍ତ କାର୍ଯ୍ୟ ଶେଷ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଠିକାଦାରଙ୍କର ନିଦ ଭାଙ୍ଗୁନାହିଁ । ଯାହାଫଳରେ ସରକାରଙ୍କର ୨୦ଲକ୍ଷ ଟଙ୍କା ପାଣିରେ ପଡ଼ିବା ସଦୃଶ ହୋଇଛି । ଅଧା ନିର୍ମାଣ ଗୃହରେ ଷଣ୍ଢ ଓ ବୁଲା ଗାଈ ଗୋରୁଙ୍କର ଆଶ୍ରୟସ୍ଥଳୀ ପାଲଟିଛି । ତେବେ ପ୍ରିଫେବ୍‌ର ନିର୍ମାଣ ଶୀଘ୍ର ସାରି କାର୍ଯ୍ୟକ୍ଷମ କରିବାକୁ ସାଧାରଣରେ ଦାବି କରାଯାଇଛି । ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘ ୮ମାସ ହେବ ରୋଗୀ କଲ୍ୟାଣ ସମିତି ବୈଠକ ବସି ପାରୁନାହିଁ । ଯାହାଫଳରେ ସ୍ୱାସ୍ଥ୍ୟକେନ୍ଦ୍ରରେ କୌଣସି ଉନ୍ନୟନ ମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା ହୋଇ ପାରୁନାହିଁ । ସ୍ୱାସ୍ଥ୍ୟକେନ୍ଦ୍ରରେ ବିଭିନ୍ନ ପଦବୀ ଖାଲି ପଡ଼ିଥିଲେ ମଧ୍ୟ ଏହାକୁ ପୂରଣ କରିବା ଦିଗରେ ପଦକ୍ଷେପ ନିଆ ଯାଉନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ସେହିପରି ସ୍ୱାସ୍ଥ୍ୟକେନ୍ଦ୍ରରେ ମେଡ଼ିସିନ, ସର୍ଜରୀ ପରି ଗୁରୁତ୍ୱପୂର୍ଣ୍ଣ ବିଭାଗରେ ଡାକ୍ତର ପଦବୀ ଖାଲି ପଡିଛି । ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ନୂତନ ଡାକ୍ତର କାର୍ଯ୍ୟରେ ଯୋଗ ଦେଇ ଆଉ ଆସୁନାହାନ୍ତି । ତାଙ୍କ ଜାଗାରେ ନୂତନ ଡାକ୍ତର ମଧ୍ୟ ନିଯୁକ୍ତି ଦିଆନଯିବାରୁ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇଛି । ଏହାଛଡା ଏକ୍ସରେ ଟେକନିସିଆନଙ୍କୁ ଡେପୁଟେସନରେ ସପ୍ତାହରେ ୪ଦିନ ଭଦ୍ରକ ପଠାଇ ଦିଆଯାଇଛି । ମଙ୍ଗଳବାରଠାରୁ ଶନିବାର ଯାଏ ସେ ସ୍ୱାସ୍ଥ୍ୟକେନ୍ଦ୍ରରେ ଅନୁପସ୍ଥିତ ରହୁଥିବାରୁ ରୋଗୀମାନେ ଏକ୍ସରେ କରି ନପାରି ଘରୋଇ ଭାବେ ଏକ୍ସରେ କରି ଖର୍ଚ୍ଚାନ୍ତ ହେଉଛନ୍ତି । ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଚୀର ନଥିବା ବେଳେ ଡାକ୍ତରଙ୍କ ରହିବା ପାଇଁ କ୍ୱାର୍ଟର ମଧ୍ୟ ନାହିଁ । ଏହାଛଡା ମହିଳା ସ୍ୱାସ୍ଥ୍ୟ ପରିଦର୍ଶିକା, ସୁପରଭାଇଜର, ଫାର୍ମାସିଷ୍ଟ ଇତ୍ୟାଦି ପଦବୀ ଖାଲି ପଡ଼ିଥିବା ଜଣାଯାଇଛି । ଏଥିଯୋଗୁ ରୋଗୀମାନେ ଉପଯୁକ୍ତ ଚିକିତ୍ସା ସେବା ପାଇବାରୁ ବଞ୍ଚିତ ହେଉଛନ୍ତି । ତୁରନ୍ତ ଖାଲି ପଡ଼ିଥିବା ଡାକ୍ତରପଦବୀ ପୂରଣ କରିବା ସହିତ କର୍ମଚାରୀ ପଦବୀ ପୂରଣ କରିବାକୁ ସାଧାରଣରେ ଦାବି କରାଯାଇଥିବା ବେଳେ ଏକ୍ସରେ ଟେକ୍‌ନିସିଆନଙ୍କ ଡେପୁଟେସନକୁ ବାତିଲ କରି ସମ୍ପୂର୍ଣ୍ଣ ୭ଦିନ ତିହିଡ଼ିରେ ରହିବା ଦିଗରେ ପଦକ୍ଷେପ ନେବାକୁ ଦାବି କରାଯାଇଛି । ସ୍ୱାସ୍ଥ୍ୟକେନ୍ଦ୍ରକୁ ଅତ୍ୟାଧୁନିକ କରିବାକୁ ମିଳିଥିବା ୧୭କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମଧ୍ୟ କାର୍ଯ୍ୟରେ ଲାଗିପାରୁନି । ପ୍ରିଫେବ୍ ସମ୍ପୂର୍ଣ୍ଣ ନହେବା ସମ୍ପର୍କରେ ପୂର୍ତ୍ତ ବିଭାଗ ଏସଡ଼ିଓ ଡମ୍ବରୁଧର ମଣ୍ଡଳଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ସମ୍ପୃକ୍ତ ନିର୍ମାଣକାରୀ ଠିକାଦାରଙ୍କୁ ମୁଖ୍ୟ ଯନ୍ତ୍ରୀ ନୋଟିସ୍ କରି ନିର୍ଦ୍ଦିଷ୍ଟ ସମୟରେ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ନିର୍ଦ୍ଦେଶକୁ ଅବମାନନା କଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମଧ ନିର୍ଦ୍ଦେଶରେ ଉଲ୍ଲେଖ କରିଛନ୍ତି ।

ଓଡ଼ିଶା
ଭାସ୍କର
ODISHA BHASKAR

# ରାଜ୍ୟ ଖବର





ଢେଙ୍କାନାଳ, (ଭାସ୍କର ନ୍ୟୁଜ): ଉଫୁନା ପକ୍ଷରୁ ଉତ୍କଳ କେଶରୀ ଡଃ. ହରେକୃଷ୍ଣ ମହତାବଙ୍କ ୧୨୫ତମ ଜୟନ୍ତୀ ପାଳିତ ହୋଇଯାଇଛି । ଏଥିରେ ଉଫୁନାର ଅଧ୍ୟକ୍ଷ ତଥା ସର୍ବଭାରତୀୟ ଉପସଭାପତି ମନୋରଞ୍ଜନ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ସି.ବି.ଆଇ. ଜଜ୍ ଭିକାରୀ ଚରଣ ରାଉତ ଯୋଗଦେଇ କହିଲେ ଯେ, ଡଃ. ମହତାବ ଆଧୁନିକ ଓଡିଶା ନିର୍ମାତା ଏବଂ ସେ ଜଣେ ଉଚ୍ଚସ୍ତରୀୟ କଟୁନୀତିଜ୍ଞ ଥିଲେ । ମୁଖ୍ୟବକ୍ତା ଭାବେ ଯୋଗଦେଇ କବି ବାହାଦୂର ପାଟ୍ଟସାହାଣୀ କହିଲେ ଯେ, ଡଃ. ମହତାବ ବହୁ ରାଜନୈତିକ ନେତାଙ୍କର ଗୁରୁଥିଲେ । ସମ୍ମାନୀତ ଅତିଥି ଭାବେ ପୂର୍ବତନ ଲୋକସଂପର୍କ ଅଧିକାରୀ ଡକ୍ଟର ପ୍ରମୋଦକ ନାୟକ ଯୋଗଦେଇ ଡଃ. ମହତାବଙ୍କ ଗାଁ ମଜଲିସ୍ ମାଧ୍ୟମରେ ସମାଜକୁ ଉପଦେଶ ଦେଉଥିଲେ ବୋଲି ମତବ୍ୟକ୍ତ କରିଥିଲେ । ପୂର୍ବତନ ମୁଖ୍ୟମନ୍ତ୍ରୀ ଅକ୍ଷୟ ଶତପଥୀ ମହତାବ ଜଣେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଥିଲେ ବୋଲି କହିଥିଲେ । ବକ୍ତାମାନେ ଡଃ. ମହତାବ ଓଡିଶାର ଇତିହାସ ରଚନା କରିବା ସହିତ ଓଡିଶାର ମୁଖ୍ୟମନ୍ତ୍ରୀ ଓ ମୁମ୍ବାଇର ରାଜ୍ୟପାଳ ଥିଲେ । ସେ ଏକାଧାରରେ ରାଜନୀତିଜ୍ଞ, ସମାଜସେବୀ, ସାହିତ୍ୟିକ ଓ ସ୍ୱାଧୀନତା ସଂଗ୍ରାମୀ ଥିଲେ । ବୈଠକରେ ଡଃ ହରେକୃଷ୍ଣ ମହତାବଙ୍କୁ ଭାରତରତ୍ନ ଉପାଧି ପ୍ରଦାନ କରିବା ପାଇଁ କେନ୍ଦ୍ର ସରକାରଙ୍କୁ ଦାବି କରାଯିବ ବୋଲି ବୈଠକରେ ନିଷ୍ପତ୍ତି ଗୃହୀତ ହୋଇଥିଲା ।।

## ପୂର୍ବତନ ସରପଞ୍ଚଙ୍କ ହତ୍ୟା ଘଟଣା

# ମାଷ୍ଟରମାଇଣ୍ଡ ସହ ୪ ଗିରଫ

ଭଦ୍ରକ, (ଭାସ୍କର ନ୍ୟୁଜ): ଭଦ୍ରକ ଜିଲ୍ଲା ଅନ୍ତର୍ଗତ ବନ୍ଧଗାଁ ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ଆମ୍ବରୋଳି ସମବାୟ ସମିତିର ସଭାପତି ଚିତ୍ତରଞ୍ଜନ ରାଉତ ଓରଫ ନାଲୁର ବହୁଚର୍ଚ୍ଚିତ ହତ୍ୟାକାଣ୍ଡର ପର୍ଦ୍ଦାଫାସ କରିଛି ପୋଲିସ । ଏହି ଘଟଣାରେ ମୁଖ୍ୟ ମାଷ୍ଟରମାଇଣ୍ଡ ସୁପାରି କିଲର ଭାବେ ସ୍ଥାନୀୟ ଅଞ୍ଚଳର ୩ ଜଣଙ୍କୁ ବ୍ୟବହାର କରି ହତ୍ୟା କରିଥିବାର ଜଣାପଡ଼ିଛି । ପୋଲିସ ୪ ଜଣଙ୍କୁ ଗିରଫ କରିଥିବାବେଳେ ଏହି ଘଟଣାରେ ଅନ୍ୟମାନଙ୍କ ସଂପୃକ୍ତି ଅଛି କି ନାହିଁ, ତଦନ୍ତ କରୁଥିବାର ବିଷୟ ଜଣାପଡିଛି । ଯେହେତୁ ସ୍ୱର୍ଗତଃ ରାଉତ ବିଜେଡିର ଜଣେ ଟାଣୁଆ ଓ ଲୋକପ୍ରିୟ ନେତା ଥିଲେ, ତେଣୁ ତାଙ୍କର ଏହି ହତ୍ୟାକାଣ୍ଡକୁ ନେଇ ବିଭିନ୍ନ କଥା ଶୁଣିବାକୁ ମିଳୁଥିଲା । ଏପରିକି ଏହା ଏକ ରାଜନୈତିକ ଆକ୍ରୋଶ ଜନିତ ହତ୍ୟାକାଣ୍ଡ ବୋଲି ଭଦ୍ରକ ଗସ୍ତରେ ଆସିଥିବା ପ୍ରଣବ ପ୍ରକାଶ ଦାସଙ୍କ ସମେତ ଭଦ୍ରକର ପୂର୍ବତନ ବିଧାୟକ ତଥା ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଓ ଭଣ୍ଡାରିପୋଖରୀ ବିଧାୟକ ସଂଜୀବ ମଲ୍ଲିକ ଅଭିଯୋଗ କରି ପ୍ରକୃତ ଦୋଷୀକୁ ତୁରନ୍ତ ଗିରଫ କରାନଗଲେ ଦଳ ରାଜରାସ୍ତାକୁ ଓହ୍ଲାଇବ ବୋଲି ପୋଲିସକୁ ଚେତାବନୀ ଦେଇଥିଲେ । ତେବେ ଏହି ହତ୍ୟାକାଣ୍ଡଟି ଜିଲ୍ଲା ପୋଲିସ ପ୍ରଶାସନ ପାଇଁ ଏକ ଚ୍ୟାଲେଞ୍ଜ



ହୋଇଥିଲେ ମଧ ହତ୍ୟାକାଣ୍ଡର ମାତ୍ର ସପ୍ତାହକ ମଧ୍ୟରେ ମୁଖ୍ୟ ଅଭିଯୁକ୍ତଙ୍କ ସହ ସହଯୋଗୀମାନଙ୍କର ସନ୍ଧାନ ପାଇପାରିଛି ପୋଲିସ । ଏ ସମ୍ପର୍କରେ ଗୁରୁବାର ପୂର୍ବାଞ୍ଚଳ ଡିଆଇଜି ଡ଼.ସତ୍ୟଜିତ୍ ନାୟକ ଜିଲ୍ଲା ପୋଲିସ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଗଣମାଧ୍ୟମକୁ ଦେଇଥିବା ସୂଚନା ମୂଳେ ବନ୍ଧଗାଁ ନିବାସୀ ବିଦ୍ୟୁତ୍ ସାହୁ ଓରଫ ଧୂମା ଏହି ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ଥିଲା । ବ୍ୟବସାୟିକ କ୍ଷତିଜନିତ ଶତ୍ରୁତା ଯୋଗୁଁ ଚିତ୍ତରଞ୍ଜନଙ୍କୁ ସେ ୨ ମାସ ତଳୁ ହତ୍ୟା କରିବାର ଯୋଜନା କରିଥିଲା । ବିଦ୍ୟୁତ୍ ଓରଫ ଧୂମାର ଲୁହାରଡ୍ ଓ ସିମେଣ୍ଟ ବ୍ୟବସାୟ ରହିଥିବାବେଳେ ଚିତ୍ତରଞ୍ଜନ ଜଣେ ପ୍ରତିଷ୍ଠିତ ରାଜନୈତିକ ବ୍ୟକ୍ତି ତଥା ସେବା ସମବାୟ ସମିତିର ସଭାପତି ଥାଇ ଅନ୍ୟମାନଙ୍କ ପ୍ରତି ଅନୁକମ୍ପା ପ୍ରଦର୍ଶନ କରୁଥିବାରୁ ଅଭିଯୁକ୍ତର ବ୍ୟବସାୟରେ ବହୁ କ୍ଷତି ଘଟିଥିଲା । ଫଳରେ ସେ ଚିତ୍ତରଞ୍ଜନଙ୍କ ସହ ମିଶୁଥିବା ସେହି ଗ୍ରାମର ପ୍ରଶାନ୍ତ ରାଉତ, ବାଦଲ କୁମାର ସାମଲ ଓ ସରୋଜ ସାହୁଙ୍କୁ ସୁପାରି କିଲର ଭାବେ ବ୍ୟବହାର କରିଥିଲା । ୨ ମାସ ତଳେ ଏହି ହତ୍ୟାକାଣ୍ଡ ପାଇଁ ୨.୫ ଲକ୍ଷ ଟଙ୍କାର ଡିଲ୍ ହୋଇ ଅଗ୍ରୀମ ବାବଦ ୪୦ ହଜାର ଟଙ୍କା ନେଇ ଅନେକଥର ଚେଷ୍ଟା କରିଥିଲେ ମଧ ବିଫଳ ହୋଇଥିଲେ ଉପରୋକ୍ତ ୩ ଜଣ ଅଭିଯୁକ୍ତ । ତେବେ ଯୋଜନା ଅନୁସାରେ ଗତ ୧୨ ତାରିଖ ଦିନ ଚିତ୍ତରଞ୍ଜନ (ନାଲୁ) ପଡୋଶୀ ପାଞ୍ଚପଡା ଗ୍ରାମର ଅଷ୍ଟପ୍ରହରୀକୁ ଯାଇ ଘରକୁ ଫେରୁଥିବାବେଳେ ସରୋଜ ତାଙ୍କୁ ମଦ ପିଇବା ପାଇଁ ଫୋନ୍ କରି ଡାକିଥିଲା । ଚିତ୍ତରଞ୍ଜନଙ୍କ ଗ୍ରାମ ସନ୍ନିକଟ ବନ୍ଧ ପଡିଆରେ ୩ ଜଣ ମଦ ପିଇବା ପରେ ସେ ତାଙ୍କର ପଲସର ବାଇକ୍ ଯୋଗେ ଘରକୁ ଫେରିବା ରାସ୍ତାରେ ଅଭିଯୁକ୍ତ ୩ ଜଣ ଅନ୍ୟ ଏକ ବାଇକ୍‌ରେ ପିଛା କରିଥିଲେ । ବାଦଲ ତାଙ୍କ ମୁଣ୍ଡ ପଛପଟୁ ଏକ ମାଂସକଟା କଟୁରୀରେ ୩ ଚୋଟ ହାଣି ରାସ୍ତା ପାର୍ଶ୍ୱର ଧାନ ବିଲ ଭିତରକୁ ଫୋପାଡି ଦେଇଥିଲେ । ତାଙ୍କର ପଲସର ବାଇକ୍‌ଟିକୁ ପାଖ ଏକ ପୋଖରୀରେ ପକାଇବା ପରେ ହତ୍ୟାରେ ବ୍ୟବହୃତ କଟୁରୀ, ଚିତ୍ତରଞ୍ଜନଙ୍କ ଭଙ୍ଗା ମୋବାଇଲ୍ ଓ ଚପଲକୁ ଚରମ୍ପା-ତଳାଙ୍ଗ କେନାଲର ବନ୍ଧର ଝଟିଆ ନିକଟ ଏକ ବାଉଁଶ ବୁଦାରେ ପକାଇ ଦେଇଥିଲେ । ଯାହା ପୋଲିସ ଉଦ୍ଧାର କରିଛି । ଏହି ହତ୍ୟାକାଣ୍ଡ ରାତି ୮.୩୦ ରୁ ୯.୧୫ ମଧ୍ୟରେ ଘଟିଥିଲା । ଯାହା ଶବ ବ୍ୟବଚ୍ଛେଦ ରିପୋର୍ଟରୁ ଜଣାପଡିଛି । ପରଦିନ ସକାଳେ ଗ୍ରାମବାସୀମାନେ ମୃତଦେହ ଦେଖିବା ପରେ ତାଙ୍କର ଭାଇ ମନୋରଞ୍ଜନ ଗ୍ରାମାଞ୍ଚଳ ଥାନାରେ ଅଭିଯୋଗ ପତ୍ର ଦେବା ପରେ ଚିତ୍ତରଞ୍ଜନଙ୍କ ସବୁର୍ବଗର ଲୋକଙ୍କ ସହ ଉତ୍ତମ ସମ୍ପର୍କ ଥିବାରୁ ତାଙ୍କର ଶତ୍ରୁତା ନେଇ ଜିଲ୍ଲା ପୋଲିସ୍ ପ୍ରଶାସନ ଚିନ୍ତାରେ ପଡିଥିଲା । ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ମାଡକର ସନ୍ଦୀପ ସମ୍ପତ ଏହି ହତ୍ୟାକାଣ୍ଡର ରହସ୍ୟ ଉନ୍ମୋଚନ କରିବାକୁ ଯାଇ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ଏସ୍‌ଡିପିଓ, ସିଟି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ, ଗ୍ରାମାଞ୍ଚଳ ଥାନାଧିକାରୀ ଅମିତାଭ ଦାସଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ଅନୁସନ୍ଧାନ ମୂଳେ ଅଭିଯୁକ୍ତମାନଙ୍କ ମୋବାଇଲ୍ ଟ୍ରାକିଂ ଓ ଅନ୍ୟାନ୍ୟ ସୂତ୍ର ମୂଳେ ଅଭିଯୁକ୍ତମାନଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି ଡିଆଇଜି ଗଣମାଧ୍ୟମକୁ କହିଛନ୍ତି ।

## ସପ୍ତାହକରେ ୧୩୦ ଏକର ଗଞ୍ଜେଇ ଚାଷ ନଷ୍ଟ

କୋରାପୁଟ,(ଭାସ୍କର ନ୍ୟୁଜ): ଗତ ୮ତାରିଖ ଦିନ ପୋଲିସ ଡିଜିପି କୋରାପୁଟ ଜିଲ୍ଲା ଗସ୍ତରେ ଆସି ପୋଲିସ, ଅବକାରୀ ଓ ରାଜସ୍ୱ ବିଭାଗ ମିଳିତ ଭାବେ ଗଞ୍ଜେଇ ଚାଷ ନିପାତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହାପରେ ଅପରେସନ ଗ୍ରୀନ କ୍ଲିନକୁ ତ୍ୱରାନ୍ୱିତ କରି ସପ୍ତାହକ ମଧ୍ୟରେ ନନ୍ଦପୁର ଥାନା ଅଞ୍ଚଳର ୨ଟି ସ୍ଥାନ, ମାଛକୁଣ୍ଡ ଥାନା ଅଞ୍ଚଳର ୨ଟି ଓ ବୈପାରିଗୁଡା ଥାନା ଅଞ୍ଚଳରେ ଗୋଟିଏ ସ୍ଥାନରେ ପ୍ରାୟ ୧୩୦ଏକର ଜମିରେ ଚାଷ ହୋଇଥିବା ଗଞ୍ଜେଇ ଗଛଗୁଡିକୁ ନଷ୍ଟ କରାଯାଇଛି । କୋରାପୁଟ ଜିଲ୍ଲାରେ ବିଶେଷ କରି ବୈପାରିଗୁଡା, ନନ୍ଦପୁର, ମାଛକୁଣ୍ଡ ଏବଂ ପଟାଙ୍ଗି ଥାନା ଅଞ୍ଚଳରେ ଶହଶହ ହେକ୍ଟର ଜମିରେ ଗଞ୍ଜେଇ ଚାଷ କରାଯାଉଛି । ଏହାକୁ ମୂଳରୁ ଉତ୍ପାଟନ କରିବାକୁ ଡିଜିପି ଘୋଷଣା କରିଥିଲେ । ତେଣୁ ପୋଲିସ, ଅବକାରୀ ଓ ପ୍ରଶାସନ ଚଢଉ କରି ନନ୍ଦପୁର ବ୍ଲକ ପାଡୁଆ ଥାନା ଅନ୍ତର୍ଗତ କୁଲାରସିଂ ପଞ୍ଚାୟତର ବଡଶିକାରପୁଟ, ଗୋଲୁର ପଞ୍ଚାୟତର ମାଲିପୁଟ ଗାଁ ନିକଟ ଜଙ୍ଗଲରେ ଲଗାଯାଇଥିବା ୪୧ଏକର ଗଞ୍ଜେଇ ଗଛ ନଷ୍ଟ କରିଥିଲା । ସେହିପରି ନନ୍ଦପୁର ବ୍ଲକର ବିଲାପୁଟ ପଞ୍ଚାୟତ ଅନ୍ତର୍ଗତ ଜବାଗଡ, ହଗଣା ଅଞ୍ଚଳରୁ ୨୨ଏକର, ବୈପାରିଗୁଡା ବ୍ଲକ କି.ମାଝିଗୁଡା ପଞ୍ଚାୟତ ଅନ୍ତର୍ଗତ କଟ୍ରାଗୁଡା, ବାଉଁଶିଆଗୁଡା, ଭାଟିପଡା ଅଞ୍ଚଳରେ ୨୩ ଏକର, ଲମତାପୁଟ ବ୍ଲକ ମାଛକୁଣ୍ଡ ଥାନା ଅନ୍ତର୍ଗତ ଜୟନ୍ତଗିରିରେ ୩୨ଏକର ଓ ଜଲାପୁଟ ଅଞ୍ଚଳରେ ୧୨ ଏକର ଏଭଳି ୧୩୦ଏକର ଜମିରେ ଲଗାଯାଇଥିବା ଗଞ୍ଜେଇ ନଷ୍ଟ କରିଛନ୍ତି ।

## ବ୍ଲକସ୍ତରୀୟ 'ମଣ୍ଡେଇ' ଶୁଭାରମ୍ଭ



କୋଷାଗୁମୁଡ଼ା, (ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକର ବ୍ଲକସ୍ତରୀୟ ସାଂସ୍କୃତିକ ଲୋକ ମହୋତ୍ସବ 'ମଣ୍ଡେଇ' ଶୁକ୍ରବାର ଶୁଭାରମ୍ଭ ହୋଇଯାଇଛି । କୋଷାଗୁମୁଡାର ଅଧିଷ୍ଠାତା ଦେବତା ପ୍ରଭୁ ରାଜା ଚାଉଁରିଆଙ୍କ ମନ୍ଦିରରେ ପୂଜାର୍ଚ୍ଚନା ପରେ ସମସ୍ତେ ବାଜା ମୃଦଙ୍ଗ, ଢୋଲ ମହୁରି ଆଦି ପାରମ୍ପରିକ ବାଦ୍ୟ ସହ ସମସ୍ତେ ମଣ୍ଡେଇ ପଡିଆରେ ପହଞ୍ଚିବା ପରେ ସେଠାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସବୁ ଅନୁଷ୍ଠିତ ହୋଇଛି । ଏହି ଶୁଭାରମ୍ଭ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ, ନବରଙ୍ଗପୁର ଜିଲ୍ଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଶିଷ ତ୍ରିପାଠୀ, ବ୍ଲକ ଅଧ୍ୟକ୍ଷ ସର୍ବଶ୍ୱରୀ ମାଝୀ ଭାଇସ ଚେୟାରମ୍ୟାନ ଜଗେନ୍ଦ୍ର ସ୍ୱାଇଁ, ୨୬ଗୋଟି ପଞ୍ଚାୟତର ସରପଞ୍ଚ ସମିତି ସଭ୍ୟ ଓ ତିନି ଗୋଟି ଜିଲ୍ଲା ପରିଷଦଙ୍କ ଯୋଗ ଦେଇଥିଲେ । ସମସ୍ତେ ପାରମ୍ପରିକ ବେଶଭୂଷା (ଧୋତି, କୁର୍ତ୍ତା ଓ ପାଗୁଡ଼ି)ରେ ସୁସଜିତ ହୋଇ ରାଜା ଚାଉଁରିଆ ମନ୍ଦିରରେ ପହଞ୍ଚି ସେଠାରେ ବିଧିବଦ୍ଧ ଭାବେ ପୂଜାର୍ଚ୍ଚନା କରି ଶୋଭାଯାତ୍ରାରେ ମଣ୍ଡେଇ ପଡିଆରେ ପହଞ୍ଚିଥିଲେ । ସେଠାରେ ଆୟୋଜିତ ସଭା କାର୍ଯ୍ୟରେ ଅତିଥିମାନେ ନବରଙ୍ଗପୁର ଜିଲ୍ଲାର କଳା, ସଂସ୍କୃତି, ପରମ୍ପରା, ଚଳଣି, ରୀତିନୀତି, ପର୍ବପର୍ବାଣି, ଖାନପାନ ଓ ପରିଧାନ ଉପରେ ନିଜ ନିଜ ଅବିଭାଷଣ ରଖିବା ସହ ନିଜ ଅଞ୍ଚଳର କଳା, ସଂସ୍କୃତି, ପରମ୍ପରା ଆଦିକୁ ଜୀବିତ ରଖିବାକୁ ଉପସ୍ଥିତ ଜନସାଧାରଣମାନଙ୍କୁ ପରାମର୍ଶ ଦେଇଥିଲେ । ପାରମ୍ପରିକ ବାଜା ଓ ନୃତ୍ୟରେ ଦୁଲୁକି ଉଠିଥିଲା ଗାଁଦାଣ୍ଡ ଓ ମଣ୍ଡେଇ ମଞ୍ଚ । କୋଷାଗୁମୁଡା ମଣ୍ଡେଇରେ ଅତ୍ୟଧିକ ଜନ ଗହଳି ପରିଲକ୍ଷିତ ହେଉଥିବାରୁ ଚଳିତ ବର୍ଷ କୋଷାଗୁମୁଡା ପଞ୍ଚାୟତ ସମିତି ତରଫରୁ ମଣ୍ଡେଇ ପଡିଆରେ ୩୦୦୦ରୁ ଉର୍ଦ୍ଧ୍ୱ ଜନସାଧାରଣଙ୍କ ପାଇଁ ବସିବା ବ୍ୟବସ୍ଥା କରାଯାଇଛି । ତାଛଡା କୋଷାଗୁମୁଡା ପୋଲିସ ପ୍ରଶାସନ, ବିଦ୍ୟୁତ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ଜଳ ଓ ପରିମଳ ବିଭାଗ ତରଫରୁ ମଧ ଜନଗହଳିକୁ ଦୃଷ୍ଟିରେ ରଖି ବ୍ୟାପକ ବ୍ୟବସ୍ଥା କରାଯାଇଥିଲା ।

## ଦୁର୍ଘଟଣାରେ କନଷ୍ଟେବଲ ମୃତ

ବୋରିଗୁମ୍ମା, (ଭାସ୍କର ନ୍ୟୁଜ): ସକାଳୁ ମର୍ଣ୍ଣିଂୱାକ୍ ଯିବା ସମୟରେ ବୋରିଗୁମ୍ମା ଥାନାର ଜଣେ କାର୍ଯ୍ୟରତ କନେଷ୍ଟବଲଙ୍କ ସଡକ ଦୁର୍ଘଟଣାରେ ମୃତ୍ୟୁ ହୋଇଥିବା ଜଣାପଡିଛି । ମୃତ କନେଷ୍ଟବଲ ହେଲେ ପିତାମ୍ବର ପୂଜାରୀ । ସେ କୋଟପାଡ଼ ବ୍ଲକ ଅନ୍ତର୍ଗତ ଗୀର୍ଲା ଗ୍ରାମର ବୋଲି ଜଣାପଡିଛି । ପ୍ରତିଦିନ ଭଳି ଆଜି ବି କନେଷ୍ଟବଲ ପିତାମ୍ବର ସକାଳୁ ରାଜ୍ୟ ରାଜପଥ ୪୮ ନମ୍ବର ଦୁଲ୍ଲାଗୁଡା ରୋଡ଼ରେ ମର୍ଣ୍ଣିଂୱାକ୍ ନିମନ୍ତେ ବାହାରି ଥିଲେ । ମର୍ଣ୍ଣିଂୱାକ୍‌ରୁ ଫେରିବା ସମୟରେ ଦୁଲ୍ଲାଗୁଡା ନିକଟରେ ରାଣିଗଡ଼ରୁ ବୋରିଗୁମ୍ମା ଆସୁଥିବା ଏକ ଅଜଣା ଗାଡ଼ି ପିତାମ୍ବରଙ୍କୁ ପଛପଟୁ ଧକ୍କା ଦେଇଥିଲା । ଫଳରେ ପିତାମ୍ବର ତଳେ ପଡିଯାଇଥିଲେ । ପୋଲିସ ଘଟଣାସ୍ଥଳରେ ପହଞ୍ଚି ପିତାମ୍ବରଙ୍କୁ ବୋରିଗୁମ୍ମା ମେଡ଼ିକାଲକୁ ନେଇଥିଲେ । କିନ୍ତୁ ମେଡ଼ିକାଲ ଯିବା ପୂର୍ବରୁ ହିଁ ପିତାମ୍ବରଙ୍କ ମୃତ୍ୟୁ ଘଟିଥିଲା । ପୋଲିସ ମୃତ ପିତାମ୍ବର ପରିବାର ଲୋକଙ୍କୁ ଖବର ଦେଇଥିଲା । ପରିବାର ଲୋକ ପହଞ୍ଚି ଥାନାରେ ଲିଖିତ ଭାବେ ଜଣାଇବା ପରେ ମେଡ଼ିକାଲରେ ଶବ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ । ମୃତ ପିତାମ୍ବରଙ୍କ ଶବ ବ୍ୟବଚ୍ଛେଦ ପରେ ଥାନା ପରିସରକୁ ନିଆଯାଇଥିଲା । ଏସ୍‌ଡିପିଓ ତପସ୍ୱିନୀ କହଁର, ଏସ୍‌ଆଇ ରଚିତା ମାଡକାମୀ, ମାନସ ହେମ୍ବ୍ରମ, ମେଘରାଜ ସୋରନ, ଦ୍ରୋଣାଚାର୍ଯ୍ୟ ବାଗ, ଏଏସ୍‌ଆଇ ସସ୍ମିତା ନାୟକ, ଗୋପାଳ ହରିଜନ, ବସନ୍ତ କୁମାର ନାଗ, ଚନ୍ଦନ ପ୍ରସାଦ ମାଝୀ ଓ ଅନ୍ୟ ପୋଲିସ କର୍ମଚାରୀମାନେ ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ଏନେଇ ବୋରିଗୁମ୍ମା ଥାନାରେ ଏକ ମାମଲା ନମ୍ବର-- ୨୪୯/୨୪ ଦୁର୍ଘଟଣା ଜନିତ ଦଫା ରୁଜୁ କରାଯାଇଛି ।

## ଭୀମ ଭୋଇ ସାମର୍ଥ ଶିବିର

କୋରାପୁଟ,(ଭାସ୍କର ନ୍ୟୁଜ): କୋରାପୁଟ ବ୍ଲକ ଓ ପୌର ପରିଷଦର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ବ୍ଲକ ଅଧ୍ୟକ୍ଷ ନମିତା ମାଝି ଏବଂ ପୌରପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ.ଦେବାଶିଷ ଗୌଡ ପ୍ରମୁଖ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରଥିଲେ । ଏଥିରେ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ ଡାକ୍ତରୀ ବିଶେଷଜ୍ଞ ଟିମ୍ ଯୋଗଦେଇ ଅସ୍ଥି ଶଲ୍ୟରେ ୧୫୮, ମୁକ ବଧିର-୯୨, ଦୃଷ୍ଟି ବାଧିତ ୮୯, ମାନସିକ ଅନଗ୍ରସର ୯୮, ରକ୍ତ ହୀନତା-୪୪ ଜଣଙ୍କୁ ମିଶାଇ ନୂତନ ଓ ପୁରୁଣା ମୋଟ ୪୭୯ ଜଣଙ୍କୁ ପଞ୍ଜୀକୃତ କରିଥିଲେ । ଶିବିରରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଗୌରାଙ୍ଗ କୁଅଁର, କନିଷ୍ଠ ସହାୟିକା ପିଙ୍କି ଅଡାରି, ସହକାରୀ ପ୍ରୋଗ୍ରାମ ଅଧିକାରୀ ସୁଶାନ୍ତ ବିର ଦଳେଇ ଓ ନୀତିନ କୁମାର ଭକ୍ତାଙ୍କ ସହ ୧୪ ପଞ୍ଚାୟତ ଅଧିକାରୀ ଓ ବ୍ଲକ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ ।

# ଶିଶୁ ଅଧିକାର ସମ୍ମିଳନୀ

କେନ୍ଦୁଝର,(ଭାସ୍କର ନ୍ୟୁଜ): ଶିଶୁ ଅଧିକାର ସପ୍ତାହ ପାଳନ ଅବସରରେ ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ "ଓସକା" ପକ୍ଷରୁ ଶୁଆକାଟୀସ୍ଥିତ ପାଟେଶ୍ୱର ମହାବିଦ୍ୟାଳୟ ପରିସରରେ ଶିଶୁ ଅଧିକାର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । କେ.ଏନ.ଏଚ ସହାୟତାରେ ଆୟୋଜିତ ଏହି ସମ୍ମିଳନୀରେ ବାଂଶପାଳ ବ୍ଲକର ୫ଟି ପଞ୍ଚାୟତର ୧୫ଟି ଗ୍ରାମରୁ ଆସିଥିବା ୧୬୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଏବଂ ଦାୟିତ୍ୱ ନିର୍ବାହକାରୀ ଯୋଗ ଦେଇଥିଲେ । ସମ୍ମିଳନୀର ପ୍ରାରମ୍ଭରେ "ତ୍ରିଶା" ପ୍ରକଳ୍ପର ସଂଯୋଜିକା ସୁଶ୍ରୀ ମମତା ବାରିକ ସ୍ୱାଗତ ସୂଚନା ପ୍ରଦାନ କରି ୧୯୯୯ ରେ ଅନୁଷ୍ଠିତ ହୋଇଥିବା ମିଳିତ ଜାତିସଂଘ ଶିଶୁ ଅଧିକାର ସମ୍ମିଳନୀ ସପ୍ତାହକୁ ଦୃଷ୍ଟିରେ ରଖି ପ୍ରକଳ୍ପ ତରଫରୁ ଶିଶୁମାନଙ୍କର ସୁରକ୍ଷା ଓ ଅଧିକାର ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ବୋଲି ପ୍ରକାଶ କରିଥିଲେ । ଏଥିରେ ୧୫ ଟି ଗ୍ରାମରୁ ଆସିଥିବା ଶିଶୁ ପ୍ରତିନିଧିଙ୍କ ଦ୍ୱାରା ସମବେତ ପ୍ରଦୀପ ପ୍ରଜ୍ୱଳନ କରାଯିବା ପରେ ଖଜୁରିମୁଣ୍ଡି



ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ପରିବେଷଣ କରାଯାଇଥିଲା । ଉତ୍ସବରେ ଅତିଥି ପରିଚୟ ପ୍ରଦାନ କରି ଓସ୍କାର ସମ୍ପାଦିକା ଧରିତ୍ରୀ ରାଉତ ସରକାରଙ୍କ ପକ୍ଷରୁ ଚାଲିଥିବା ବିଭିନ୍ନ ଶିକ୍ଷା ବିକାଶ କାର୍ଯ୍ୟକ୍ରମରେ ଶିଶୁମାନେ ନିଜକୁ ସାମିଲ କରିବା ପାଇଁ ପରାମର୍ଶ ଦେଇଥିଲେ । ସମ୍ମିଳନୀର ମୁଖ୍ୟ ଅତିଥି ଭାବରେ ପାଟେଶ୍ୱର ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଯୁକ୍ତ ରମାକାନ୍ତ ସ୍ୱାଇଁ ଯୋଗ ଦେଇଥିବା ବେଳେ ଶୁଆକାଟୀ ବାଳକ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀଯୁକ୍ତ ଜୟନ୍ତ କୁମାର ସାହୁ, ଅନ୍ୟତମ ଅତିଥି ଭାବରେ ଖଜୁରିମୁଣ୍ଡି ଆବାସିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶ୍ରୀମତୀ ସୁଲୋଚନା ସାହୁ, ଶିକୁଳାପଦା ଓ୍ୱାର୍ଡମେମ୍ବର ଶ୍ରୀମତୀ ମିନତୀ ପ୍ରଧାନ ଏବଂ ଓସ୍କାର କାରଜ୍ୟକରମ ନିର୍ଦ୍ଦେଶକ ମାନସିଂ ଦୂର୍ଗା ପ୍ରସାଦ ନାୟକ ଯୋଗ ଦେଇ ସରକାରଙ୍କ ଆବାସିକ ଶିକ୍ଷା ବ୍ୟବସ୍ଥାର ଲାଭ ନେବା ସହିତ ଛାତ୍ରଛାତ୍ରୀମାନଙ୍କୁ ଭବିଷ୍ୟତର ସୁନାଗରିକ ହେବା ପାଇଁ ପରାମର୍ଶ ଦେଇଥିଲେ । ଏହା ପରେ ଶିଶୁମାନଙ୍କ ପାଇଁ "ଗୁଡ ଟଚ ଓ ବ୍ୟାଡ ଟଚ" ଚଳଚିତ୍ର ପ୍ରଦର୍ଶିତ ହୋଇଥିଲା ଓ ଶିଶୁମାନଙ୍କ ଦ୍ୱାରା ବାଲ୍ୟବିବାହା ଉପରେ ସଚେତନତାଧର୍ମୀ ନାଟକ ମଧ ପ୍ରଦର୍ଶିତ ହୋଇଥିଲା । ପରିଶେଷରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇ ଧନ୍ୟବାଦ ପ୍ରଦାନ କରାଯାଇଥିଲା । ଏହି ସମ୍ମିଳନୀକୁ ତ୍ରିଶା ପ୍ରକଳ୍ପର ସହକାରୀ ସଂଯୋଜକ ଶିରିଶଚନ୍ଦ୍ର ସିଂ ସାମନ୍ତ, ପ୍ରକଳ୍ପ କର୍ମୀ ଲକ୍ଷ୍ମୀପ୍ରିୟା ମହାକୁଡ, ଛବିରାଣୀ ବାରିକ, ଭାରତୀୟ ଭୋଇ ଓ କାହ୍ନୁପ୍ରସାଦ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଉଦ୍‌ଯାପିତ

ଖୋର୍ଦ୍ଧା, (ଭାସ୍କର ନ୍ୟୁଜ): ଖୋର୍ଦ୍ଧା ଜିଲ୍ଲାରେ ଆୟୋଜିତ ହେଉଥିବା ଦୁଇ ଦିନିଆ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ୨୦୨୪ ଏକ ପ୍ରତୀକର ଢଙ୍ଗରେ ସମାପ୍ତ ହୋଇଥିଲା ଏବଂ ଦ୍ୱିତୀୟ ଦିନରେ ଏକ ହଜାରରୁ ଅଧିକ କୃଷକ ଅଂଶଗ୍ରହଣ କରିଥିଲେ । ମତ୍ସ୍ୟ ଚାଷ ଏବଂ ପ୍ରାଣୀସମ୍ପଦ ବିକାଶ କ୍ଷେତ୍ରରେ ପ୍ରଯୁକ୍ତିବିଦ୍ୟା ସଚେତନତା ବୃଦ୍ଧି କରିବା ପାଇଁ ଏହି କାର୍ଯ୍ୟକ୍ରମ ର ଉଦ୍ଦେଶ ଥିଲା । 'ଗୋ ସମ୍ବର୍ଦ୍ଧନ' କାର୍ଯ୍ୟକ୍ରମ ସହିତ ଦିନଟି ଆରମ୍ଭ ହୋଇଥିଲା, ସମ୍ମାନୀୟ ଜିଲ୍ଲାପାଳ ଚଞ୍ଚଳ ରାଣାଙ୍କ କରକମଳରେ ଗୋ-ପୂଜନ କାର୍ଯ୍ୟ ସମ୍ପନ୍ନ କରାଯାଇଥିଲା । ପଶୁପାଳନ ଏବଂ ଏହାର ଉପଯୁକ୍ତ ପରିଚାଳନା ସମ୍ବନ୍ଧୀୟ ଲାଭ ବିଷୟରେ ସଚେତନତା ସୃଷ୍ଟି କରିବା ଉପରେ ଧ୍ୟାନ ଦିଆଯାଇଥିଲା । ଏହା ପରେ ଏକ କୃଷକ ଏବଂ ବୈଜ୍ଞାନିକ ବାର୍ତ୍ତାଳାପ ଅଧିବେଶନ ଅନୁଷ୍ଠିତ ହୋଇଥିଲା, ଯେଉଁଠାରେ ବିଶେଷଜ୍ଞ ଏବଂ କୃଷକମାନେ ନୂତନ ଜ୍ଞାନକୌଶଳ ଏବଂ ମତ୍ସ୍ୟ ଚାଷ ଏବଂ ପ୍ରାଣୀସମ୍ପଦ କ୍ଷେତ୍ରର ବିଭିନ୍ନ ସମସ୍ୟାର ସମାଧାନ



ବିଷୟରେ ଆଲୋଚନା କରିଥିଲେ । ଏହି ଉଦ୍‌ଯାପନୀ ଉତ୍ସବରେ ଅନେକ ମାନ୍ୟଗଣ୍ୟ ବ୍ୟକ୍ତିବୃନ୍ଦ ଯଥା ଜିଲ୍ଲା ପରିଷଦର ଅଧ୍ୟକ୍ଷା ଶ୍ରୀମତୀ ରୂପଶ୍ରୀ ରାଣୀ ଗୁମାନସିଂ, ଜିଲ୍ଲା ପରିଷଦର ଉପାଧ୍ୟକ୍ଷ ଗୋପୀନାଥ ମହାରଣା, ଖୋର୍ଦ୍ଧା ପୌରପାଳିକାର ଅଧ୍ୟକ୍ଷା ଶ୍ରୀମତୀ କନକ ଲକ୍ଷ୍ମୀ ମହାନ୍ତି, ପୁମୁଲର ସଭାପତି ଦିଲୀପ କୁମାର ଦାଶ, ଏଡିଏମ୍ ଖୋର୍ଦ୍ଧା ପ୍ରତାପ ଚନ୍ଦ୍ର ବେଉରା ଏବଂ ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ ପ୍ରମୁଖ ଯୋଗଦାନ ଦେଇଥିଲେ । ଏହି ଅବସରରେ ଶ୍ରୀ ସାହୁ ଆଲୋକପାତ କରି କହିଥିଲେ ଯେ କିପରି ଭାବେ ପ୍ରଯୁକ୍ତିବିଦ୍ୟା ରାଜ୍ୟର ମତ୍ସ୍ୟଚାଷୀ ଏବଂ ପ୍ରାଣୀପାଳକଙ୍କର ଜୀବନରେ ପରିବର୍ତ୍ତନ ଆଣିଛି ଏବଂ ମାଛ ଓ ଅଣ୍ଡା ପାଇଁ ପଡୋଶୀ ରାଜ୍ୟଗୁଡ଼ିକ ଉପରେ ନିର୍ଭରଶୀଳତାକୁ ହ୍ରାସ କରିଛି । ସେ ଯୁବକମାନଙ୍କୁ ଚାକିରି ଉପରେ ନିର୍ଭର କରିବା ପରିବର୍ତ୍ତେ ଆଧୁନିକ କୃଷି ପଦ୍ଧତି ଗ୍ରହଣ କରି ଉଦ୍‌ଯୋଗୀ ହେବାକୁ ଉତ୍ସାହିତ କରିଥିଲେ । ଶ୍ରୀ ମହାରଣା ଅଧିକରୁ ଅଧିକ ଲୋକଙ୍କୁ ଉପକୃତ କରିବା ପାଇଁ ପ୍ରାଣୀସମ୍ପଦ ବିକାଶ ଅଭିମୁଖୀ. ଯୋଜନାଗୁଡିକର ଉପଯୁକ୍ତ କାର୍ଯ୍ୟକାରିତାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ନୂତନ ଜ୍ଞାନକୌଶଳ ଗ୍ରହଣ କରି କୃଷକମାନଙ୍କର ଆୟ ବୃଦ୍ଧି କରିବାରେ ସଚେତନତା କାର୍ଯ୍ୟକ୍ରମର ପ୍ରଭାବକୁ ଶ୍ରୀମତୀ ଗୁମାନସିଂ ବେଶ ପ୍ରଶଂସା କରିଥିଲେ । ଏଡିଏମ୍ ଗୋପାଳନ ଓ ମତ୍ସ୍ୟ ପାଳନକୁ ପ୍ରାଧାନ୍ୟ ଦେବା ପାଇଁ ଆହ୍ୱାନ ଦେଇଥିଲେ । ସରକାରଙ୍କ କାମଧେନୁ ଯୋଜନା ମାଧ୍ୟମରେ ଦୁଗ୍ଧ ବିପ୍ଳବ ଏକ ସବୁଜ ବିପ୍ଳବ ବୋଲି ପ୍ରଶଂସା କରିବା ସହ ଆହ୍ୱାନ କରିଥିଲେ । ମତ୍ସ୍ୟଚାଷ ଏବଂ ପ୍ରାଣୀସମ୍ପଦ ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଚାରିଜଣ ପ୍ରଗତିଶୀଳ କୃଷକଙ୍କୁ ନଗଦ ପୁରସ୍କାରରେ ସମ୍ମାନିତ କରାଯାଇଥିଲା । ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଖୋର୍ଦ୍ଧା ଡାକ୍ତର ଦେବୀଦତ୍ତ ମାଝୀ ସମସ୍ତଙ୍କୁ ସ୍ୱାଗତ କରିଥିଲେ ଏବଂ ମତ୍ସ୍ୟଚାଷ ଏବଂ ପ୍ରାଣୀସମ୍ପଦ କ୍ଷେତ୍ରରେ ଚାଲିଥିବା ବିଭିନ୍ନ କାର୍ଯ୍ୟକଳାପ ପ୍ରବନ୍ଧରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । ଜିଲ୍ଲା ମତ୍ସ୍ୟ ଅଧିକାରୀ ଶ୍ରୀ ନରସିଂହ ମୁଣ୍ଡ ପରିଶେଷରେ ଜିଲ୍ଲା ପ୍ରଶାସନ, ବିଭିନ୍ନ ଅଧିକାରୀ, ଗଣମାଧ୍ୟମ ଏବଂ କୃଷକମାନଙ୍କୁ ମେଳାର ଏହି ସଫଳତାରେ ସେମାନଙ୍କର ଉଦ୍ୟମ ପାଇଁ କୃତଜ୍ଞତା ବ୍ୟକ୍ତ କରି କାର୍ଯ୍ୟକ୍ରମଟିକୁ ସମାପ୍ତ କରିଥିଲେ ।

# ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସଂପଦ ମେଳା ଉଦ୍‌ଘାଟିତ

ଢେଙ୍କାନାଳ, (ଭାସ୍କର ନ୍ୟୁଜ): ସ୍ଥାନୀୟ ପଲ୍ଲିଶ୍ରୀ ମେଳା ପଡିଆଠାରେ ୨ଦିନିଆ ଜିଲ୍ଲାସ୍ତରୀୟ ମତ୍ସ୍ୟ ଏବଂ ପ୍ରାଣୀ ସମ୍ପଦ ମେଳା ଉଦ୍‌ଘାଟିତ ହୋଇଯାଇଛି । ଏହି ମେଳାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ଅର୍ଚ୍ଚନା ପୁହାଣ ଯୋଗଦେଇ ରାଜ୍ୟର ପ୍ରାୟ ୮୦ ପ୍ରତିଶତ ଲୋକ ଚାଷ କାର୍ଯ୍ୟରେ ସମ୍ପୃକ୍ତ ଥିବାରୁ ଚାଷ ପ୍ରତି ଆମର ଦୃଷ୍ଟିଭଙ୍ଗୀ ବଦଳାଇ ଚାଷ କାର୍ଯ୍ୟକୁ ଉତ୍ସାହିତ କରିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ । ଏଥିପାଇଁ ସରକାରଙ୍କ ଦ୍ୱାରା ପ୍ରଦତ୍ତ ରିହାତିର ସୁଯୋଗ ନେଇ ବୈଜ୍ଞାନିକ ଜ୍ଞାନ କୌଶଳ ଉପଯୋଗ କରି ମତ୍ସ୍ୟ, ପଶୁପାଳନ ଏବଂ ଅନ୍ୟାନ୍ୟ ଚାଷ କାର୍ଯ୍ୟକୁ ବ୍ୟାପକ କରିବାକୁ ସେ ପରାମର୍ଶ ଦେଇ ଜିଲ୍ଲାକୁ ରାଜ୍ୟର ଏକ ଅଗ୍ରଣୀ ଜିଲ୍ଲାରେ ପରିଣତ କରିବାକୁ ସେ ଉପସ୍ଥିତ ଚାଷୀ ଭାଇଭଉଣୀଙ୍କୁ ଆହ୍ୱାନ ଦେଇଛନ୍ତି । ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ବୈଠକରେ ଅଧ୍ୟକ୍ଷତା କରି ବାଣିଜ୍ୟ ବସତି ଲକ୍ଷ୍ମୀ ବୋଲି ପ୍ରକାଶ କରି ଢେଙ୍କାନାଳରେ ପ୍ରାକୃତିକ ସମ୍ପଦ ଭରପୁର ଥିବାରୁ ଏହାର ସୁଯୋଗ



ନେଇ ମାଛ, କୁକୁଡା ଚାଷ ଏବଂ ପଶୁପାଳନ ଅଧିକ ବ୍ୟାପକ କରି ଆତ୍ମନିର୍ଭରଶୀଳ ହେବାକୁ ପରାମର୍ଶ ଦେଇଥିଲେ । ରାଜ୍ୟ ସରକାରଙ୍କ କାମଧେନୁ ଯୋଜନାରେ ଅଧିକ ବ୍ୟାପକ କରି ଆତ୍ମନିର୍ଭରଶୀଳ ହେବାକୁ କହିଥିଲେ । ରାଜ୍ୟ ସରକାରଙ୍କ କାମଧେନୁ ଯୋଜନାରେ ଅଧିକ ଗୋପାଳନ କରି ଲାଭାନ୍ୱିତ ହେବାକୁ ସେ ଆହ୍ୱାନ ଦେଇଥିଲେ । ଯେ କୌଣସି ଚାଷ ପାଇଁ ସମ୍ପୃକ୍ତ ଅଧିକାରୀମାନଙ୍କ ସହିତ ଯୋଗାଯୋଗ କରି ପରାମର୍ଶ ନେବାକୁ କହିଥିଲେ । ମେଳାରେ ବନଖଣ୍ଡ ଅଧିକାରୀ ସୁମିତ୍ କୁମାର କର, ସାଂସଦଙ୍କ ପ୍ରତିନିଧି ନରେଶ ଚନ୍ଦ୍ର ମହାପାତ୍ର, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ମନ୍ତ୍ରୀଙ୍କ ପ୍ରତିନିଧି ବିଷ୍ଣୁ ଚରଣ ଲେଙ୍କା ପ୍ରମୁଖ ମାଛ, ମାଂସ, ଅଣ୍ଡା ଆମକୁ ବିଭିନ୍ନ ପ୍ରକାରର ପୋଷଣ ଯୋଗାଉ ଥିବାରୁ ଚାଷ ପ୍ରତି ଯୁବଗୋଷ୍ଠୀ ଆଗେଇ ଆସିବାକୁ କହିଥିଲେ । ପ୍ରାରମ୍ଭରେ ପ୍ରାଣୀ ସମ୍ପଦ ବିକାଶ ଅଧିକାରୀ ଡାକ୍ତର ପ୍ରଭାସ କୁମାର ବେହେରା ସ୍ୱାଗତ ଭାଷଣ ଦେଇଥିଲେ । ଜିଲ୍ଲାରେ ୩୬୦ ହେକ୍ଟର ଜମିରେ ମାଛଚାଷ କରାଯାଇ ୧୬ ହଜାର ମେଟ୍ରିକ ଟନ୍ ମାଛ ଉତ୍ପାଦନ ହେଉଛି, ଅଣ୍ଡା ଉତ୍ପାଦନରେ ଆମ ଜିଲ୍ଲା ତୃତୀୟ ସ୍ଥାନ ଗ୍ରହଣ କରିପାରିଛି ବୋଲି ପ୍ରକାଶ କରିଥିଲେ । ଏହି ଅବସରରେ ମେଳାରେ ବିଭିନ୍ନ ବିଭାଗ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ଖୋଲା ଯାଇଥିବା ୪୨ଟି ଷ୍ଟଲକୁ ଅତିଥିମାନେ ପରିଦର୍ଶନ କରିଥିଲେ । ସଭାକାର୍ଯ୍ୟକୁ ଅବନୀ ମିଶ୍ର ସଂଯୋଜନା କରିଥିଲେ । ଶେଷରେ ଜିଲ୍ଲା ମତ୍ସ୍ୟ ଅଧିକାରୀ ସଂଗ୍ରାମ କେଶରୀ କର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ମାଓନେତା ସବ୍ୟସାଚୀ ନିର୍ଦ୍ଦୋଶ ଖଲାସ ନେଇ ରାୟ ପ୍ରକାଶ

ଗୁଣୁପୁର, (ଭାସ୍କର ନ୍ୟୁଜ): କଡା ସୁରକ୍ଷା ମଧ୍ୟରେ ମାଓନେତା ସବ୍ୟସାଚୀ ପଣ୍ଡା ଗୁଣୁପୁର ଏଡିଜେ କୋର୍ଟରେ ହାଜର କରାଇଲା ପୋଲିସ । ଦୁଇଟି ଅପରାଧିକ ମାମଲାରେ ନିର୍ଦ୍ଦୋଶରେ ଖଲାସ ନେଇ ରାୟ ପ୍ରକାଶ କଲେ ଗୁଣୁପୁର ଏଡିଜେ । ୧୩.୦୮. ୨୦୦୪ ମସିହାରେ ଚନ୍ଦ୍ରପୁର ବ୍ଲକ ଅଧ୍ୟକ୍ଷ ଡାକୁମାଝି ହତ୍ୟାକାଣ୍ଡ କରାଯାଇଥିଲା । ଡାକୁମାଝି ବ୍ଲକ୍‌ରୁ କାମ ସାରି ବାଇକ୍‌ରେ ଫେରୁଥିବା ବେଳେ ମୁଖ୍ୟ ରାସ୍ତା ଉପରେ ମୁଖା ପିନ୍ଧା ନକ୍ସଲ ଗୁଳି ମାରିଥିଲେ । ସେଠାରେ ଡାକୁ ମାଝି ତଳେ ପଡିଯାଇଥିଲେ ଏହାପରେ ନକ୍ସଲ ଡାକୁମାଝିର ବେକକୁ ଧାରୁଆ ଅସ୍ତ୍ରରେ କାଟି ଦେଇଥିଲେ । ଡାକୁ ମାଝିର ବାଇକ୍‌ରେ ଅନ୍ୟ ଦୁଇଜଣ ଆସୁଥିଲେ ସେମାନଙ୍କୁ ମଧ ଗୁଳି ବାଜିଥିଲା । ଘଟଣା ସ୍ଥଳରେ ଡାକୁ ମାଝିର ମୃତ୍ୟ ଘଟିଥିଲା, ଅନ୍ୟ ଦୁଇଜଣ ଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇଥିଲେ । ହତ୍ୟାକାଣ୍ଡ ନେଇ ସବ୍ୟସାଚୀଙ୍କ ନାମରେ ମାମଲା ବିଚାର ଚାଲିଥିଲା । ଏହି ମାମଲାରେ ୧୮ ଜଣକର ସାକ୍ଷ୍ୟ ପ୍ରମାଣ କୋର୍ଟ ଗ୍ରହଣ କରିଥିଲା । ସାକ୍ଷ୍ୟ ପ୍ରମାଣ ଅଭାବରୁ ଏହି ମାମଲାରେ ସବ୍ୟସାଚୀ ନିର୍ଦ୍ଦୋଶରେ ଖଲାସ ନେଇ ରାୟ ପ୍ରକାଶ ପାଇଛି । ପୂର୍ବରୁ ଏହି ମାମଲାରେ ୫ ଜଣ ନକ୍ସଲ ନିର୍ଦ୍ଦୋଶରେ ଖଲାସ ହୋଇଛନ୍ତି । ସେହିଭଳି ଅନ୍ୟ ଏକ ଅପରାଧିକ ମାମଲା ମରିଚଗୁଡା ଗ୍ରାମରେ ପୋଲିସ ଇନଫରମର ଲିପ୍ତ ଥିବା ନେଇ ପ୍ରାସ୍କା ସିମନ ମାଝିଙ୍କ ଘରେ ନକ୍ସଲ ବିସ୍ଫୋରଣ କରି ପୋଡାଜଳା କରିଥିଲେ । ୨୯.୦୮,୨୦୦୩ ମସିହାରେ ଏହି ବିସ୍ଫୋରଣ ହୋଇଥିଲା । ଏନେଇ ଚନ୍ଦ୍ରପୁର ଥାନାରେ ମାମଲା ଦାୟର ହୋଇଥିଲା । ଏହି ମାମଲାରେ ୧୫ ଜଣକ ସାକ୍ଷ୍ୟ ଗ୍ରହଣ ହୋଇଥିଲା । ସାକ୍ଷ୍ୟ ପ୍ରମାଣ ଅଭାବରୁ ସବ୍ୟସାଚୀ ନିର୍ଦ୍ଦୋଶରେ ଖଲାସ ହୋଇଛନ୍ତି । ପୂର୍ବରୁ ଏହି ମାମଲାରେ ୯ ଜଣ ନକ୍ସଲ ନିର୍ଦ୍ଦୋଶରେ ଖଲାସ ହୋଇଛନ୍ତି । ଦୁଇଟି ମାମଲାରେ ସବ୍ୟସାଚୀ ନିର୍ଦ୍ଦୋଶ ନେଇ ଗୁଣୁପୁର ଏଡିଜେ କୋର୍ଟରେ ରାୟ ପ୍ରକାଶ ପାଇଛି । ଏନେଇ ସୂଚନା ଦେଇଛନ୍ତି ସବ୍ୟସାଚୀଙ୍କ ଓକିଲ ବ୍ରହ୍ମାନନ୍ଦ ପଟ୍ଟନାୟକ ।

# ଜିଲ୍ଲାସ୍ତରୀୟ ବିଶ୍ୱ ମତ୍ସ୍ୟ ଦିବସ ପାଳିତ

ପାରଳାଖେମୁଣ୍ଡି,(ଭାସ୍କର ନ୍ୟୁଜ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିର ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ତାଲିମ କେନ୍ଦ୍ର ଠାରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ତରଫରୁ ବିଶ୍ୱ ମତ୍ସ୍ୟ ଦିବସ ପାଳିତ ହୋଇଯାଇଛି । ଏହି ଦିବସରେ ଶ୍ରୀମତୀ ଲିସା ବେହେରା, ଜିଲ୍ଲା ମତ୍ସ୍ୟ ଅଧିକାରୀଣୀ ଗଜପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଜୟ କୁମାର ଦାଶ, ଜିଲ୍ଲାପାଳ ଗଜପତି, ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଡାକ୍ତର ତୁଷାର ରଞ୍ଜନ ସାହୁ, ମୁଖ୍ୟ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ଗଜପତି, ଶ୍ରୀ ରାମ ପ୍ରାସାଦ ପାତ୍ର, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, ସୁରେଶ କୁମାର ପଟ୍ଟନାୟକ, ପ୍ରକଳ୍ପ ନିର୍ଦ୍ଦେଶକ, ଜଳ ବିଭାଜିକା, ସୁଶାନ୍ତ ରଞ୍ଜନ ଦାସ, ଉପନିର୍ଦ୍ଦେଶକ ଉଦ୍ୟାନ ବିଭାଗ, ମହେଶ୍ୱର ମଣ୍ଡଳ, ଲିଡ ବ୍ୟାଙ୍କ ପରିଚାଳକ ଗଜପତି ଓ ପ୍ରଫେସର ସମ୍ବିତ ସ୍ୱାଇଁ ଡିନ, ସେଞ୍ଚୁରୀୟନ୍ ବିଶ୍ୱବିଦ୍ୟାଳୟ ପ୍ରମୁଖ ମଞ୍ଚାସିନ ଥିଲେ । ଜିଲ୍ଲାପାଳ କହିଥିଲେ ଯେ ଗଜପତି ଜିଲ୍ଲାରେ ଛୋଟ ବଡ଼ ଜଳାଶୟ ଥିବାରୁ ମାଛ ଚାଷ କରିବା ପାଇଁ ବହୁତ ଉପଯୋଗୀ ରହିଛି । ମାଛ




ଏକ ଲାଭ ଜନକ ଚାଷ ଏଥି ନିମନ୍ତେ ସରକାର ବିଭିନ୍ନ ସୁବିଧା ସୁଯୋଗ ଯୋଗାଇ ଦେଉଛନ୍ତି । ଏଣୁ ଗଜପତି ଜିଲ୍ଲାର ସମସ୍ତ ଚାଷୀ ଭାଇ ଭଉଣୀମାନେ ଅଧିକରୁ ଅଧିକ ମାଛ ଚାଷ କରି ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ । ସେହିପରି ନିଜେ ମାଛ ଚାଷ କରିବା ସହିତ ଅନ୍ୟମାନଙ୍କୁ ମଧ ସଚେତନତା କରି ଅଧିକରୁ ଅଧିକ ଅର୍ଥ ଉପାର୍ଜନ କରିପାରିବେ । ଯଦି କୌଣସି ହିତାଧିକାରୀ ମାଛ ଚାଷ କରିବା ପାଇଁ ବିଭିନ୍ନ ସମସ୍ୟା ରହିଛି ତେବେ ୧୫୫୧ ନମ୍ବରକୁ ଯୋଗାଯୋଗ କରି ଅଧିକ ସହାୟତା ପାଇପାରିବେ । ବୈଜ୍ଞାନିକ ପଦ୍ଧତିରେ ମାଛ ଚାଷ କଲେ ମାଛ ଚାଷୀ ଭାଇମାନେ ଅଧିକ ଲାଭବାନ ହୋଇପାରିବେ ବୋଲି ଜିଲ୍ଲାପାଳ କହିଛନ୍ତି । ଏହି ଦିବସରେ ମାଛ ଚାଷ ଓ ଜାଆଁଳା ଉତ୍ପାଦନ କ୍ଷେତ୍ରରେ ବୈଜ୍ଞାନିକ ପଦ୍ଧତିରେ କିପରି ଚାଷ କରିପାରିବ ସେଥି ନିମନ୍ତେ ବିଭିନ୍ନ ବିଭାଗର ଅଧିକାରୀମାନେ ଚାଷୀ ଭାଇ ଭଉଣୀମାନଙ୍କୁ ବୁଝାଇ ଥିଲେ । ଏହି ଅବସରରେ ଜିଲ୍ଲାର ତିନିଜଣ ସଫଳ ମାଛ ଚାଷୀ ତଥା ସବାଣି ମଣ୍ଡଳ, ନୂଆଗଡ ବ୍ଲକ୍, ମା ଭବାନୀ ସ୍ୱୟଂ ସହାୟକ ଗୋଷ୍ଠୀ ରାୟଗଡ ବ୍ଲକ ଓ କୃଷ୍ଣ ଚନ୍ଦ୍ର ନାୟକ ଗୁମ୍ମା ବ୍ଲକଙ୍କୁ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ପୁରସ୍କାର ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡ଼ା.ନାରାୟଣ ମହାପାତ୍ର, ଜିଲ୍ଲାର ସମସ୍ତ ସହକାରୀ ମତ୍ସ୍ୟ ଅଧିକାରୀ, ଚାଷୀ, ଉଦ୍ୟୋଗୀ ଏବଂ ମହିଳା ସ୍ୱୟଂସହାୟକ ଗୋଷ୍ଠୀର କାର୍ଯ୍ୟକର୍ତ୍ତା ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ କିଶୋର ଚନ୍ଦ୍ର ପତି, ସହକାରୀ ମତ୍ସ୍ୟ ଅଧିକାରୀ ରାୟଗଡ଼ ବୈଠକେ ପରିଚାଳନା କରିଥିବା ବେଳେ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।



କୁଜଙ୍ଗ, (ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲର ପ୍ରସିଦ୍ଧ ଚେଳିତୋଳ ବାଲିଯାତ୍ରାରେ ପଦ୍ମଶ୍ରୀ ବାବା ବଳିଆଙ୍କ କରକମଳ ଉଦ୍‌ଘାଟିତ ତଥା ରାମାୟଣୀ ପଣ୍ଡିତ ଅଭୟ ଦାଶ (ବୁଲୁନନା)ଙ୍କ ସଂଯୋଜନାରେ ଅନୁଷ୍ଠିତ ଦୀର୍ଘ ସାତଦିନ ବ୍ୟାପୀ ଚାଲିଥିବା ଭାଗବତ ମହାପୁରାଣ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ଉତ୍ସବରେ ବାଲିଯାତ୍ରା କମିଟିର ସଭାପତି ତଥା ତିର୍ତ୍ତୋଲ ବିଧାୟକ ଡ଼ ରମାକାନ୍ତ ଭୋଇ, ବିଶିଷ୍ଟ ଅତିଥି ପୂର୍ବତନ ମନ୍ତ୍ରୀ ରଘୁନନ୍ଦନ ଦାସ, ସମ୍ମାନିତ ଅତିଥି ଭାବେ ବାଲିକୁଦା ଏରସମା ନିର୍ବାଚନ ମଣ୍ଡଳୀର ବିଧାୟକ ସାରଦା ପ୍ରସାଦ ଜେନା, ମୁଖ୍ୟ ବକ୍ତା ଭାବେ ସମାଜ ସୁଧାରକ ତଥା ପଦ୍ମଶ୍ରୀ ବାବା ବଳିଆଙ୍କ ଅନୁଗାମୀ ଡ଼ ଅରୁଣ କୁମାର ପାଣି ପ୍ରମୁଖ ଯୋଗଦେଇଥିଲେ । ଭାଗବତ ହିଁ ଓଡ଼ିଆର ଅସ୍ମିତା ବୋଲି ଡ଼ ପାଣି କହିଥିଲେ । ଏହି କାର୍ଯ୍ୟକ୍ରମରେ ସମାଜସେବୀ ବିମଳ ମହାପାତ୍ର, ତପନ ମହାନ୍ତି, ବସନ୍ତ ମହାପାତ୍ର, ଯଶୋବନ୍ତ ରାଉତ, ବାବା ସଦାନନ୍ଦ ଦାସ, ସୁଖେନ୍ଦୁ ଦାଶ, ପଣ୍ଡିତ ନିରଞ୍ଜନ ଦାଶ, ପ୍ରଭାତ ରଞ୍ଜନ କର, ସନ୍ତୋଷ କର, ରାକେଶ ମହାପାତ୍ର, ବିକ୍ରମ ରାଉଳ, ସନ୍ତୋଷ ମହାନ୍ତି, କୁଳମଣି ସାହୁ, ଦେବୀପ୍ରସାଦ ମହାପାତ୍ର ପ୍ରମୁଖ ଯୋଗଦାନ କରିଥିଲେ । ପ୍ରାରମ୍ଭରେ ପଣ୍ଡିତ ବଟଚରଣ ଦାଶଙ୍କ ଦ୍ୱାରା ଯଜ୍ଞାରମ୍ଭ କରାଯାଇ ପୂର୍ଣ୍ଣାହୁତି ପ୍ରଦାନ କରାଯାଇଥିଲା । ପରେ ଅତିଥି ମାନଙ୍କ ଦ୍ୱାରା ପୁଷ୍ପାଞ୍ଜଳି ପ୍ରଦାନ କରାଯାଇ ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀର ଜନସାଧାରଣଙ୍କ ମଙ୍ଗଳ ପାର୍ଥନା କରାଯାଇଥିଲା । ଦୀର୍ଘ ସାତଦିନର ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାରୁ ସମସ୍ତ ବୁଦ୍ଧିଜୀବୀ ବାଲିଯାତ୍ରା କମିଟିର ସଭାପତି ତଥା ବିଧାୟକ ଡ଼ ରମାକାନ୍ତ ଭୋଇଙ୍କୁ ଭୂରି ଭୂରି ପ୍ରଶଂସା କରିଥିଲେ ।

## ଗୋବିନ୍ଦପାଲି ପଞ୍ଚାୟତରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ

କୋରୁକୋଣ୍ଡା, (ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲ୍ଲାର ପ୍ରବେଶ ଦ୍ୱାର ଗୋବିନ୍ଦପାଲି । ଗୋବିନ୍ଦପାଲି ଏକ ପଞ୍ଚାୟତ ହୋଇଥିବା ବେଳେ ଖଇରପୁଟ ବ୍ଲକର ଏକ ଗୁରୁତ୍ୱପୂର୍ଣ୍ଣ ପଞ୍ଚାୟତ ଭାବେ ବିବେଚିତ କରାଯାଏ । ଗୋବିନ୍ଦପାଲିର ପୂର୍ବତନ ସରପଞ୍ଚ ମୁଖ୍ୟ ବଜାରରେ ଲୋକଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଏକ ପରସ୍ରାଗାର ନିର୍ମାଣ ଆରମ୍ଭ କରିଥିଲେ ଓ ନିମଟାଲ୍ ପର୍ଯ୍ୟନ୍ତ କାମ ସରିଥିଲା, କିନ୍ତୁ ସରପଞ୍ଚ ବଦଳିବା ପରେ ନବନିର୍ବାଚିତ ସରପଞ୍ଚ ଏହା ଉପରେ ଆଉ ଦୃଷ୍ଟି ଦେଉନାହାନ୍ତି । ଫଳରେ ଏହା ଜରାଜୀର୍ଣ୍ଣ ହୋଇ ପଡ଼ିରହିଛି । ଅନ୍ୟପଟେ ଏଠାକୁ ଦୈନିକ ଆସୁଥିବା ଶହ ଶହ ଲୋକ ପରିସ୍ରା କରିବାକୁ ନାହିଁନଥିବା ହଇରାଣ ହେଉଛନ୍ତି । ସ୍ୱଚ୍ଛ ଓ ପରିମଳକୁ ନେଇ ବାହାବା ନେଉଥିବା ଗୋବିନ୍ଦପାଲିରେ କେବେ ଏହି ଅଧାପନ୍ତରିଆ ଶୌଚାଳୟ ପୂର୍ଣ୍ଣ ହେବ ଦେଖିବାକୁ ବାକି ରହିଲା ।



## ବୁଲିଲା ଧାନ କ୍ରୟ ସଚେତନତା ରଥ

କରଞ୍ଜିଆ, (ଭାସ୍କର ନ୍ୟୁଜ୍) : ମୟୂରଭଞ୍ଜ ଜିଲ୍ଲାର ପାଞ୍ଚପିଢ଼ ଉପଖଣ୍ଡର ନିୟନ୍ତ୍ରିତ ବଜାର କମିଟି ସୌଜନ୍ୟରେ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଧାନ କ୍ରୟ ନିମନ୍ତେ ଏକ ସଚେତନା ରଥ ବୁଲିଲା । ଏହି ଅବସରରେ ଏକ ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ନିୟନ୍ତ୍ରିତ ବଜାର କମିଟିର ଅଧକ୍ଷ ତଥା ଉପଜିଲ୍ଲାପାଳ ପ୍ରେମାଂଶୁ ଚାନ୍ଦ ଯୋଗ ଦେଇ ଧାନ କ୍ରୟ ସଚେତନା ରଥକୁ ସବୁଜ ପତକା ଦେଖାଇ ଶୁଭ ଉଦ୍ଘାଟନ କରିଥିଲେ । ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଏଆରସିଏସ ବସନ୍ତ କୁମାର ନାଏକ ନିୟନ୍ତ୍ରିତ ବଜାର କମିଟି କରଞ୍ଜିଆର ସମ୍ପାଦକ ତଥା ଇନ୍ସପେକ୍ଟର ଅଫ୍ କପରେଟି ସୋସାଇଟି ଜ୍ଞାନ ରଞ୍ଜନ ମହାନ୍ତି କରଞ୍ଜିଆ ଏସିଏସଓ ହିମାଂଶୁ ଶେଖର ଦତ୍ତ, କରଞ୍ଜିଆ



ବିଡ଼ିଓ, ଶୁକ୍ରକ୍ଲି ତହସିଲଦାର ଯତୀନ୍ଦ୍ର ନାଥ ସେଠି, ସମବାୟ ବିତ ଗିରିଧାରୀ ପୃଷ୍ଟି, ସହକାରୀ ଜିଲ୍ଲାପାଳ ନିହାର ରଂଜନ ସେଠି, ସଭ୍ୟ ସଦନ ସିଂ ଗାଗରାୟ ଓ ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟର ହିସାବ ରକ୍ଷକ ଜୟଦ୍ରଥ ମହାନ୍ତ ପ୍ରମୁଖ ଯୋଗ ଦେଇ ସବୁଜ ପତକା ଦେଖାଇଥିଲେ । ସୂଚନା ଥାଉ କି ଏହି ରଥ ମାଧ୍ୟମରେ ଧାନ ଚାଷୀ ମାନଙ୍କୁ ଉତ୍ପାଦିତ ଧାନ ଲେମ୍ପସ ମାଧ୍ୟମରେ ବିକ୍ରୟ କରି ଲାଭବାନ ହେବାକୁ ପରାମର୍ଶ ଦିଆଯାଇଥିଲା । ପାଞ୍ଚପିଢ଼ ଉପଖଣ୍ଡରେ ୧୯ଟି ଧାନକ୍ରୟ କେନ୍ଦ୍ର ଥିବା ସୂଚନା ମଧ୍ୟ ଉକ୍ତ ରଥ ମାଧ୍ୟମରେ ଦିଆଯାଉଥିବା ବିଭାଗୀୟ ଅଧିକାରୀଙ୍କ ଠାରୁ ସୂଚନା ମିଳିଛି । ତେବେ ଏ ବର୍ଷ ସାଧାରଣ ଧାନ ଏଫ୍ଏକ୍ୟୁର ମୂଲ୍ୟ ୨୩୦୦ଟଙ୍କା କ୍ୱିଣ୍ଟାଲ ପ୍ରତି ରଖାଯାଇଥିବା ବେଳେ ରାଜ୍ୟ ସରକାର ଆଉ ୮ ଶହ ଟଙ୍କା ସହାୟତା ପ୍ରଦାନ କରିବେ । ଚାଷୀ ମୋଟରେ ୩୧ଶହ ଟଙ୍କା କ୍ୱିଣ୍ଟାଲ ପିଛା ପାଇବାକୁ ସୂଚନା ଦିଆଯାଇଛି । ଏ ବର୍ଷ ଧାନମଣ୍ଡି ଡିସେମ୍ବର ୨୪ ତାରିଖରେ ଖୋଲିବା ନେଇ ମଧ ସୂଚନା ଦିଆଯାଇଛି ।

## ପରିବହନ ମନ୍ତ୍ରୀଙ୍କ ଦ୍ୱାରା କୃଷିଯନ୍ତ୍ରପାତି ମେଳା ଉଦ୍‌ଘାଟିତ



ଛତ୍ରପୁର,(ଭାସ୍କର ନ୍ୟୁଜ୍) : ଛତ୍ରପୁର ଉପଖଣ୍ଡସ୍ତରୀୟ କୃଷିଯନ୍ତ୍ରପାତି ମେଳା ସ୍ଥାନୀୟ ଅନସ୍ଲୋ ଶିକ୍ଷାନୁଷ୍ଠାନ ପଡ଼ିଆ ଠାରେ ଉଦଘାଟିତ ହୋଇଯାଇଛି । ଏହି ମେଳା ଓ ପ୍ରଦର୍ଶନୀକୁ ରାଜ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୁତି ଜେନା ଉଦ୍‌ଘାଟନ କରିଥିଲେ । ସେ ତାଙ୍କ ବକ୍ତବ୍ୟରେ ଜୈବିକ ଚାଷ ଉପରେ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି କହିଥିଲେ । ମନ୍ତ୍ରୀ ଆହୁରି କହିଥିଲେ ଯେ ବର୍ଷକ ମଧ୍ୟରେ ବିଭିନ୍ନ ଫସଲ ଚାଷ କଲେ ଚାଷୀର ଆର୍ଥିକ ବ୍ୟବସ୍ଥା ବିକାଶ ହୋଇପାରିବ । ସମ୍ମାନିତ ଅତିଥି ଭାବେ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ଯୋଗଦେଇ ଚାଷୀଙ୍କ ଉପସ୍ଥିତି କମ୍ ଥିବା ଏବଂ ନିର୍ଦ୍ଦିଷ୍ଟ ଚାଷୀଙ୍କୁ ହିଁ ସବସିଡି ମିଳୁଥିବା ନେଇ କ୍ଷୋଭ ପ୍ରକାଶ କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ଛତ୍ରପୁର ଏନଏସି ଅଧକ୍ଷା ଶର୍ମିଷ୍ଠା ପ୍ରଧାନ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ଚାଷୀମାନେ ଏହାର ସୁଯୋଗ ନେବା ଆବଶ୍ୟକ । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ପ୍ରମୋଦ ପୃଷ୍ଟି, କୃଷି ବିକାଶ କେନ୍ଦ୍ରର ବୈଜ୍ଞାନିକ ସୁଜିତ କୁମାର ନାଥ, କୃଷି ବିଭାଗର ନିର୍ବାହୀ ଯନ୍ତ୍ରୀ ଶଙ୍କର୍ଷଣ ମଲିକ ପ୍ରମୁଖ ଉପସ୍ଥିତ ଥିଲେ । ଏଥିରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ରବି ନାରାୟଣ ପଣ୍ଡା ସ୍ୱାଗତ ସମ୍ଭାଷଣ ସହ ଏହି ମେଳାର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ଉପରେ କହିଥିଲେ, ଏଥିସହ ବିଭିନ୍ନ କୃଷି ଯନ୍ତ୍ରପାତି ଉପରେ ସରକାର ଦେଉଥିବା ସବସିଡି ଉପରେ ଉପସ୍ଥିତ ଚାଷୀମାନଙ୍କୁ ଅବଗତ କରାଯାଇଥିଲା । ଜନଜାତି ଚାଷୀଙ୍କୁ କୃଷି ଯନ୍ତ୍ରପାତି ୯୦ ପ୍ରତିଶତ ସବସିଡି ଦିଆଯାଉଛି, ଏହି ଅବସରରେ ଚାଷୀମାନଙ୍କୁ କୃଷି ଯନ୍ତ୍ରପାତି ବଣ୍ଟନ କରାଯାଇଥିଲା । ଏଠାରେ ଥିବା ବିଭିନ୍ନ ଷ୍ଟଲକୁ ଅତିଥିମାନେ ବୁଲି ଦେଖିଥିଲେ । ଏହି ମେଳାରେ ୨୪ ତାରିଖ ପର୍ଯ୍ୟନ୍ତ କୃଷି ବୈଜ୍ଞାନିକମାନଙ୍କ ଦ୍ୱାରା ଚାଷୀମାନଙ୍କ ପାଇଁ ପାଠଶାଳା ଚାଲିବ ବୋଲି ସୂଚନା ଦିଆଯାଇଛି । ଏହି ମେଳାରେ ୭ଟି ବ୍ଲକର ମହିଳା ଓ ପୁରୁଷ ଚାଷୀ, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ, କୃଷି ଅଧିକାରୀ, ବୈଜ୍ଞାନିକ ପ୍ରମୁଖ ଉପସ୍ଥିତ ଥିଲେ ।

## ନୂତନ ଖାଦ୍ୟ ଯୋଗାଣ ନିରୀକ୍ଷକଙ୍କ ଯୋଗଦାନ



ବ୍ରଜରାଜନଗର, (ଭାସ୍କର ନ୍ୟୁଜ୍) : ବ୍ରଜରାଜନଗର ପୌର ପରିଷଦରେ ୨୨ ତାରିଖ ଶୁକ୍ରବାର ଦିନ ମାନସ ରଞ୍ଜନ ମାହନ୍ତ ନୂତନ ଯୋଗାଣ ନିରୀକ୍ଷକ ଭାବରେ କାର୍ଯ୍ୟରେ ଯୋଗ ଦେଇଛନ୍ତି । ପୂର୍ବରୁ ଯୋଗାଣ ନିରୀକ୍ଷକ ଦାୟିତ୍ୱରେ ଥିବା ଦିପ୍ତୀଲତା ବାରିକଙ୍କ ସୁନ୍ଦରଗଡ଼ ଜିଲ୍ଲାକୁ ବଦଳି ହେଲା ପରେ ଝାରସୁଗୁଡ଼ା ଜିଲ୍ଲାର ଲଇକେରା ବ୍ଲକ୍‌ରେ ଯୋଗାଣ ନିରୀକ୍ଷକ ଥିବା ମାନସ ରଞ୍ଜନ ମାହନ୍ତଙ୍କୁ ଝାରସୁଗୁଡ଼ା ଜିଲ୍ଲାପାଳ ବ୍ରଜରାଜନଗର ପୌର ପରିଷଦକୁ ବଦଳି ନିର୍ଦ୍ଦେଶ ଦେଲା ପରେ ଆଜି ଶ୍ରୀ ମାହନ୍ତ ବ୍ରଜରାଜନଗର ପୌରପରିଷଦର କାର୍ଯ୍ୟଭାର ଗ୍ରହଣ କରିଛନ୍ତି । ସେ କାର୍ଯ୍ୟଭାର ଗ୍ରହଣ କରିବା ପରେ ସ୍ଥାନୀୟ ରିଟେଲର ମାନେ ନୂତନ ଯୋଗାଣ ନିରୀକ୍ଷକଙ୍କୁ ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ଦେଇ ସ୍ୱାଗତ ଜଣାଇଥିଲେ । ପରେ ନୂତନ ଯୋଗାଣ ନିରୀକ୍ଷକ ରିଟେଲରମାନଙ୍କ ସହିତ ଏକ ବୈଠକ କରି ସରକାରଙ୍କ ନୀତି ଓ ନିୟମ ମାନି କାର୍ଡଧାରୀଙ୍କୁ ସୁଷମ ବଣ୍ଟନ କରିବା ପାଇଁ ପରାମର୍ଶ ଦେଇଥିଲେ ।

## ପ୍ରଶଂସା ସାଉଁଟିଲା ସରସ୍ୱତୀ କଳା ପରିଷଦ

ଫୁଲନଖରା, (ଭାସ୍କର ନ୍ୟୁଜ୍) : କଟକ ସଦର ଅନ୍ତର୍ଗତ ଅଗ୍ରଣୀ ସାଂସ୍କୃତିକ ତଥା ସାମାଜିକ ସଂଗଠନ ସରସ୍ୱତୀ କଳା ପରିଷଦ(ଏସ୍‌କେପି) ପକ୍ଷରୁ କଳାକାର ବର୍ଗ କଟକ ଐତିହାସିକ ବାଲିଯାତ୍ରାର ଅକ୍ଷୟ ମହାନ୍ତି ମଞ୍ଚରେ ସମ୍ବଲପୁରୀ ଡାଲଖାଇ ଓ ଓଡିଶୀ ଭଗବତୀ ନୃତ୍ୟ ପରିବେଷଣ କରି ସେମାନଙ୍କର ନିଖୁଣ କଳାକୃତି ପ୍ରଦର୍ଶନ କରି ଉଚ୍ଚ ପ୍ରଶଂସିତ ହେବା ସହିତ ଅଞ୍ଚଳ ପାଇଁ ଗର୍ବ ଓ ଗୌରବ ଆଣି ପାରିଛନ୍ତି । ଗୁରୁ ଅକ୍ଷୟ ଓଝା, ପ୍ରିୟାଂଶୀ ସାହୁ, ସ୍ନିଗ୍ଧା ପଟ୍ଟନାୟକ, ସୁହାନି ସାହୁ, ଶୁଭାକାଂକ୍ଷୀ ଭୋଇ,ଅର୍ପିତା ରାଉତ, ଦେବାଂଶୀ ଦେବଦର୍ଶିନି,ଶୁଭଶ୍ରୀ ବେହେରା, ସଂଗୀତା ବେହେରା, ରୋସନି ଶତପଥୀ ପ୍ରମୁଖ ନୃତ୍ୟ ପରିବେଷଣରେ ଅଂଶ ଗ୍ରହଣ କରିଥିଲେ । ପରିଷଦ ଛାତ୍ରଛାତ୍ରୀଙ୍କ ଏହି ମହା ସଫଳତା ନେଇ ବରେଣ୍ୟ ସଂପାଦକ ନାଟ୍ୟକାର ଗୁରୁ ଅଶୋକ କୁମାର ପଟ୍ଟନାୟକ ଏବଂ କାର୍ଯ୍ୟକର୍ତ୍ତାମାନଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ସହ କୃତଜ୍ଞତା ଜ୍ଞାପନ କରାଯାଇଛି ।

## ରାଜସ୍ୱ ଗ୍ରାମ ମାନ୍ୟତା ପାଇବାର ପୂର୍ତ୍ତି ଅବସରରେ ପ୍ରଥମ ବାର୍ଷିକୋତ୍ସବ

ପରଜଙ୍ଗ,(ଭାସ୍କର ନ୍ୟୁଜ୍) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କଙ୍କଡ଼ାହାଡ଼ ବ୍ଲକ ମହାବିରୋଡ ଥାନା ଅଧୀନରେ ଦଶିପୁର ଗ୍ରାମପଞ୍ଚାୟତ ଅଧିନରେ ଭାଲୁମୁଣ୍ଡା ନାମକ ଏକ ଗ୍ରାମ ରହିଅଛି । ଏହି ଗ୍ରାମଟି ୧୧୫ ପରିବାରକୁ ନେଇ ଗଠିତ ହୋଇଥିବା ବେଳେ ଉକ୍ତ ଗ୍ରାମରେ ୪୩୮ ଜଣ ପଛୁଆ ବର୍ଗ, ତଫସିଲଭୁକ୍ତ ଜାତି ୪୧ଜଣ ଓ ଜନଜାତି ୭୨ଜଣ ରହିଥିବା ଜଣାପଡିଛି । ଜନସଂଖ୍ୟା ଦୃଷ୍ଟିରୁ ଏହି ଗ୍ରାମଟି ଗତବର୍ଷ ନଭେମ୍ବର ମାସ ୨୧ ତାରିଖ ଦିନ ରାଜ୍ୟ ସରକାରଙ୍କ ଅନୁମୋଦନ କ୍ରମେ ରାଜସ୍ୱ ଗ୍ରାମ ଭାବେ ମାନ୍ୟତା ପାଇଥିବାରୁ ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ଗ୍ରାମବାସୀଙ୍କ ପକ୍ଷରୁ ଗ୍ରାମର ମା' ଲକ୍ଷ୍ମୀ ନାରାୟଣ ମନ୍ଦିର ପ୍ରାଙ୍ଗଣରେ ଗୁରୁବାର ଦିନ ଏକ ପ୍ରଥମ ବାର୍ଷିକ ଉତ୍ସବ ଆଡମ୍ବର ସହକାରେ ପାଳନ କରାଯାଇଥିଲା । ଯାହାଙ୍କ ଉଦ୍ୟମରେ ଆଜି ରାଜସ୍ୱ ଗ୍ରାମ ଭାବେ ମାନ୍ୟତା



ପାଇଛି ସେହି ମହାନ ବ୍ୟକ୍ତି ଉକ୍ତ ଗ୍ରାମର ବାସିନ୍ଦା ସଞ୍ଜୟ କୁମାର ସ୍ୱାଇଁ । ଶ୍ରୀ ସ୍ୱାଇଁ ବର୍ତ୍ତମାନ ବ୍ରହ୍ମପୁର ଆଞ୍ଚଳିକ ବନ ସଂରକ୍ଷଣ (ଆରସିସିଏଫ୍) ଭାବେ ମୁଖ୍ୟ ଦାୟିତ୍ୱ ନିର୍ବାହ କରୁଛନ୍ତି ସେହି ମହାନ ବ୍ୟକ୍ତି ଶ୍ରୀ ସ୍ୱାଇଁଙ୍କ ଅଧକ୍ଷତାରେ ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଆୟୋଜିତ ଉତ୍ସବରେ କଙ୍କଡ଼ାହାଡ଼ ବ୍ଲକ ବିଡ଼ିଓ ଯଶୋବନ୍ତ ଦେହୁରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଉତ୍ସବକୁ ଶୁଭଉଦଘାଟନ କରିଥିଲେ । ମଞ୍ଚରେ ମୁଖ୍ୟବକ୍ତା ଗଡପଳାଶୁଣି ହାଇସ୍କୁଲର ପ୍ରାକ୍ତନ ପ୍ରଧାନଶିକ୍ଷକ ଦୁର୍ଯ୍ୟୋଧନ ବେହେରା, କଙ୍କଡ଼ାହାଡ଼ ତହସିଲଦାର ସୌଦାମିନୀ ନାୟକ, ଜିଲ୍ଲା ପରିଷଦ ସଦସ୍ୟ ନବକିଶୋର ସାହୁ, ପରଜଙ୍ଗ ବିଧାୟକଙ୍କ ସୁପୁତ୍ର ପୀୟୂଷ ପ୍ରଧାନ, ଦଶିପୁର ଗ୍ରାମ ପଞ୍ଚାୟତ ସରପଞ୍ଚ ସୁଧୀର କୁମାର ପାଳ, ସମିତି ସଭ୍ୟ ପ୍ରସନ୍ନ ସାହୁ, ଝିଲି ପଞ୍ଚାୟତ ସରପଞ୍ଚ ରୋଜାଲିନ ସାହୁ, ଗଡପଳାଶୁଣି ହାଇସ୍କୁଲ ପ୍ରାକ୍ତନ ପ୍ରଧାନଶିକ୍ଷକ ଦୁର୍ଯ୍ୟୋଧନ ବେହେରା, ଭାଲୁମୁଣ୍ଡା ଗ୍ରାମ୍ୟ କମିଟି ସଭାପତି ଡମ୍ବରୁଧର ସ୍ୱାଇଁ, ଦଶପୁର ପଞ୍ଚାୟତ ଚଷା ସମାଜର ସଭାପତି ଦିଲ୍ଲୀପ କୁମାର ଦେହୁରୀ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ମଞ୍ଚରେ ସମସ୍ତ ଅତିଥିଙ୍କୁ ଗ୍ରାମବାସୀଙ୍କ ପକ୍ଷରୁ ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇ ସଭାକାର୍ଯ୍ୟ ପରିଚାଳନା କରାଯାଇଥିଲା । ଗ୍ରାମବାସୀ ମୌଳିକ ସୁବିଧାରୁ ବଞ୍ଚିତ ଥିବା ଗ୍ରାମ ପ୍ରତି ପ୍ରଶାସନ ପକ୍ଷରୁ ଦୂରଦୃଷ୍ଟି ରଖିବାକୁ ଶିକ୍ଷକ ବରୁଣ କୁମାର ଦେହୁରୀ ବିବରଣୀ ପାଠ ପ୍ରସଙ୍ଗରେ ଉତ୍ଥାପନ କରିଥିଲେ । ଉକ୍ତ ଗ୍ରାମର ଜାଗାକୁ ତୁରନ୍ତ ମ୍ୟାପ ମାଧ୍ୟମରେ ଚିହ୍ନଟ କରାଯିବାକୁ ତହସିଲଦାର ଦୃଢୋକ୍ତି ପ୍ରକାଶ କରିଥିଲେ । ଉକ୍ତ ଉତ୍ସବରେ ଗ୍ରାମର ଉଦୀୟମାନ ଯୁବକ ତଥା ଗଣମାଧ୍ୟମ ପ୍ରତିନିଧି ଚଗଲାଙ୍କ ଦ୍ୱାରା ମଞ୍ଚ ସଞ୍ଚାଳନ ହୋଇଥିବା ବେଳେ,ପରିଶେଷରେ ଉତ୍ସବର ଆୟୋଜକ ଶ୍ରୀ ସ୍ୱାଇଁ ଧନ୍ୟବାଦ ଅର୍ପଣ କରି ସଭାକାର୍ଯ୍ୟ ସାଙ୍ଗ କରିଥିଲେ ।

## ଧର୍ମପ୍ରାଣାଙ୍କ ପରଲୋକ

ଜଗତସିଂହପୁର, (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ସ୍ୱର୍ଗତ ନାଟ୍ୟକାର ତଥା ଲେଖକ ସ୍ୱର୍ଗତ ଉମାକାନ୍ତ ମହାନ୍ତିଙ୍କ



ଧର୍ମପତ୍ନୀ ଗୁରୁବାଳା ମହାନ୍ତିଙ୍କ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ସମୟରେ ବିୟୋଗ ଘଟିଛି । ସେ ଜଣେ ଧର୍ମ ପରାୟଣ ମହିଳା ଥିଲେ । ତାଙ୍କର ଜୀବନଶୈଳୀ ସମସ୍ତଙ୍କୁ ପ୍ରଭାବିତ କରିଥିଲା । ତାଙ୍କର ଶେଷକୃତ୍ୟ ପୁରୀ ସ୍ୱର୍ଗଦ୍ୱାର ଠାରେ ସମ୍ପାଦନା କରାଯାଇଥିଲା । ତାଙ୍କର ଏକମାତ୍ର ପୁତ୍ର ଏନଆଇଏସଆଇର ବରିଷ୍ଠ ବୈଜ୍ଞାନିକ ଡକ୍ଟର ଶାରାଳାଶ୍ରିତ ମହାନ୍ତି ମୁଖାଗ୍ନି ଦେଇଥିଲେ । ତାଙ୍କର ବୋହୂ, ଝିଅ, ଜ୍ୱାଇଁ, ପୁତୁରା, ଭଣଜା ଉପସ୍ଥିତ ରହି ଶେଷ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

## ଶହୀଦ ଲକ୍ଷ୍ମଣ ନାୟକଙ୍କ ୧୨୫ତମ ଜନ୍ମ ଜୟନ୍ତୀ ପାଳିତ

### ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ମଣ୍ଡଳ କାରାଗାରରେ ଜୟନ୍ତୀ ପାଳିତ

### 'ଅନ୍ୟାୟ, ଶୋଷଣ ଓ କୁସଂସ୍କାରର ପତନ ପାଇଁ ଜାରି ରଖିଥିଲେ ଲମ୍ବା ଲଢ଼େଇ'

ବ୍ରହ୍ମପୁର, (ଭାସ୍କର ନ୍ୟୁଜ୍) : ବ୍ରହ୍ମପୁର ମଣ୍ଡଳ କାରାଗାରରେ ସଂଗ୍ରାମୀ ଶହୀଦ୍ ଲକ୍ଷ୍ମଣ ନାୟକଙ୍କ ୧୨୫ତମ ଜନ୍ମ ଜୟନ୍ତୀ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ପାଳିତ ହୋଇଯାଇଛି । ପରାଧୀନ ଭାରତର ଅବିଭକ୍ତ କୋରାପୁଟ ଜିଲ୍ଲାର ଟେଣ୍ଟୁଳିଗୁମ୍ମା ଗ୍ରାମରେ ଜନ୍ମଗ୍ରହଣ କରିଥିବା ଲକ୍ଷ୍ମଣ ନାୟକ ଗରିବ କୃଷକ, ମଜୁରିଆ, ଆଦିବାସୀ ଓ ଦଳିତମାନଙ୍କ ଉପରେ ନିର୍ଯାତନା ଓ ଶୋଷଣ ବିରୁଦ୍ଧରେ ଲଢେଇ କରି ଇଂରେଜ ସରକାରଙ୍କ ମିଛ ଆରୋପରେ ଅଭିଯୁକ୍ତ ହୋଇ ୧୯୪୩ ମାର୍ଚ୍ଚ ୨୯ ତାରିଖରେ ଫାଶୀ ଦଣ୍ଡରେ ଦଣ୍ଡିତ ହୋଇ ଶହୀଦ୍ ହୋଇଥିଲେ । ୧୯୪୨ ଭାରତ ଛାଡ ଆନ୍ଦୋଳନ ବେଳେ ଅସାଧାରଣ ବୀରତ୍ୱର ସହିତ ଇଂରେଜ ସରକାରଙ୍କ ବିରୁଦ୍ଧରେ ଲଢେଇ କରି ଆଦିବାସୀ ନେତା ଲକ୍ଷ୍ମଣ ନାୟକ



ସମସ୍ତଙ୍କ ଚୀର ସ୍ମରଣୀୟ । କେବଳ ବ୍ରିଟିଶ ସମ୍ରାଜ୍ୟବାଦର ଅନ୍ତ ନୁହେଁ, ଦେଶରୁ ସବୁଦିନ ପାଇଁ ସମସ୍ତ ପ୍ରକାର ଅନ୍ୟାୟ, ଶୋଷଣ, ଜୁଲୁମର ବିଲୋପ ହେଉ, ଅନ୍ଧ ବିଶ୍ୱାସ ଦିଗରେ ସଚେତନତା, କୁସଂସ୍କାରର ପତନ, ଏହା ହିଁ ଥିଲା ବୀର ଲକ୍ଷ୍ମଣ ନାୟକଙ୍କ ଜୀବନର ଶେଷ ନିଶ୍ୱାସ ପର୍ଯ୍ୟନ୍ତ ବଳିଷ୍ଠ ଭୂମିକା । ସମସ୍ତ ପ୍ରାକୃତିକ ସମ୍ପଦର ସୁରକ୍ଷା ଓ ଜଙ୍ଗଲରେ ବାସ କରୁଥିବା ଆଦିବାସୀଙ୍କ ଅଧିକାରର ଲଢେଇ ପାଇଁ ଶହୀଦ ଲକ୍ଷ୍ମଣ ନାୟକ ଜଣେ ଅନ୍ୟତମ ଯୁଗାନ୍ତକାରୀ ବ୍ୟକ୍ତିତ୍ୱ ଭାବେ ପ୍ରେରଣାର ଉତ୍ସ । ଶୁକ୍ରବାର ପୂର୍ବାହ୍ନରେ ବ୍ରହ୍ମପୁର ମଣ୍ଡଳ କାରାଗାର ଭିତରେ ଥିବା ସ୍ମୃତି ମନ୍ଦିରରେ ଯେଉଁଠି ସେ ବନ୍ଦୀ ଥିଲେ ସେହିଠାରେ ଶ୍ରଦ୍ଧା ସୁମନ ପୂର୍ବକ ନୂତନ ବସ୍ତ୍ର ଅର୍ପଣ କରି ଶ୍ରଦ୍ଧାଞ୍ଜଳି ପୁଷ୍ପ ମାଲ୍ୟାର୍ପଣ କରିଥିଲେ ବାଣିଜ୍ୟ ଓ ପରିବହନ, ଖଣି ଏବଂ ଇସ୍ପାତ ବିଭାଗୀୟ ମନ୍ତ୍ରୀ ବିଭୂତି ଭୂଷଣ ଜେନା । ତାଙ୍କ ସହିତ ଅନ୍ୟାନ୍ୟ ଅତିଥି ଭାବେ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର, ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ବ୍ରହ୍ମପୁର ମହାନଗର ନିଗମ ମେୟର ସଂଘମିତ୍ରା ଦଳେଇ, ଗଞ୍ଜାମ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡ଼ା, ବ୍ରହ୍ମପୁର ଆରକ୍ଷୀ ଅଧିକ୍ଷକ ଡାକ୍ତର ସାରବଣା ବିବେକ ଏମ, ମଣ୍ଡଳ କାରାଗାର ବରିଷ୍ଠ ଅଧିକ୍ଷକ ଧୀରେନ୍ଦ୍ର ନାଥ ବାରିକଉପସ୍ଥିତ ଥିଲେ । ପରେ ପରେ ସମସ୍ତ ଅତିଥି ଏବଂ ଅନେକ ନେତୃବୃନ୍ଦ, ସାମ୍ବାଦିକ, ଜନସାଧାରଣ ଓ ବିଦ୍ୟାଳୟର ଛାତ୍ରଛାତ୍ରୀଗଣ କାରାଗାର ବାହାରେ ଯେଉଁଠି ଶହିଦଙ୍କୁ ଫିଶୀ ଦିଆଯାଇଥିଲା ସେହିଠାରେ ଥିବା ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ଭାରପ୍ରାପ୍ତ ଉପନିର୍ଦ୍ଦେଶକ, ଦକ୍ଷିଣାଞ୍ଚଳ ତଥା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରାଙ୍କ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### 'ଯୁଗାନ୍ତକାରୀ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ ଶହୀଦ ଲକ୍ଷ୍ମଣ ନାୟକ'

ବ୍ରହ୍ମପୁର, (ଭାସ୍କର ନ୍ୟୁଜ୍) : ସ୍ଥାନୀୟ ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ପୂଜ୍ୟପୂଜା ସମିତି ପକ୍ଷରୁ ବୀର ଶହୀଦ ଲକ୍ଷ୍ମଣ ନାୟକଙ୍କ ୧୨୫ତମ ଜୟନ୍ତୀ ପାଳନ ହୋଇଯାଇଛି । ସମିତି ସମ୍ପାଦକ ଏସ୍. ସାମ୍ବାଶିବା ରାଓଙ୍କ ଅଧକ୍ଷତାରେ ସ୍ଥାନୀୟ ଲକ୍ଷ୍ମଣ ନାୟକ ସ୍ମୃତି ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ଥିବା ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ସ୍ମୃତିଚାରଣ ଅନୁଷ୍ଠିତ ହୋଇଯାଇଛି । ପରାଧୀନ ଭାରତରେ ଗରିବ କୃଷକ, କ୍ଷେତମଜଦୂର, ଆଦିବାସୀ ଓ ଦଳିତମାନଙ୍କ ଉପରେ ନିର୍ଯାତନା ଓ ଶୋଷଣ ବିରୁଦ୍ଧରେ ଲଢେଇ କରି ସହିଦତ୍ୱ ପ୍ରାପ୍ତ କରିଥିବା ଲକ୍ଷ୍ମଣ ନାୟକ ଚୀର ସ୍ମରଣୀୟ । କେବଳ ବ୍ରିଟିଶ ସମ୍ରାଜ୍ୟବାଦର ଅନ୍ତ ନୁହଁ, ଦେଶରୁ ସବୁଦିନ ପାଇଁ ସମସ୍ତ ପ୍ରକାର ଅନ୍ୟାୟ, ଶୋଷଣ, ଜୁଲୁମର ବିଲୋପ ଘଟୁ, ଅନ୍ଧ ବିଶ୍ୱାସ, କୁସଂସ୍କାରର ପତନ ହେଉ, ଏହା ହିଁ ଥିଲା ବୀର ଲକ୍ଷ୍ମଣ ନାୟକଙ୍କ ଜୀବନର ଶେଷ ନିଶ୍ୱାସ ପର୍ଯ୍ୟନ୍ତ ବଳିଷ୍ଠ ଭୂମିକା । ଆଜିର ପରିସ୍ଥିତିରେ ଜମି, ଜଳ, ଜଙ୍ଗଲ, ଖଣି ତଥା ସମସ୍ତ ପ୍ରାକୃତିକ ସମ୍ପଦର ସୁରକ୍ଷା ଓ ଜଙ୍ଗଲରେ ବାସ କରୁଥିବା ଆଦିବାସୀଙ୍କ ଅଧିକାରର ଲଢେଇ ପାଇଁ ଶହୀଦ ଲକ୍ଷ୍ମଣ ନାୟକ ଜଣେ ଅନ୍ୟତମ ଯୁଗାନ୍ତକାରୀ ବ୍ୟକ୍ତିତ୍ୱ ଭାବେ ପ୍ରେରଣାର ଉତ୍ସ । ଆଜି ଓଡ଼ିଶାର ବିଭିନ୍ନ ଖଣି, ନଦୀ, ଜଙ୍ଗଲ, ପାହାଡ଼ ଆଦି ପ୍ରାକୃତିକ ସମ୍ପଦର ସୁରକ୍ଷା ପାଇଁ ସମସ୍ତ ଓଡିଶାବାସୀ ସ୍ୱର ଉତ୍ତୋଳନ ପାଇଁ ଆଜିର ସଭାରେ ମତପ୍ରକାଶ ପାଇଥିଲା । ମାନବ ଅଧିକାର ସୁରକ୍ଷା ମଞ୍ଚର ସଭାପତି ଗଗନ ଚନ୍ଦ୍ର ମଲ୍ଲିକ, ସୁରେନ୍ଦ୍ର ନାଥ ପଣ୍ଡା, ଶିବାଂଶ ସାମନ୍ତରାୟ, ଅଳକ ନାଥ ମିଶ୍ର, କେଦାରନାଥ ଚୌଧୁରୀ, ରଞ୍ଜିତ କୁମାର ସାମନ୍ତରାୟ, ପ୍ରମୋଦ କୁମାର ପଣ୍ଡା, ଗୌରୀ ଶଙ୍କର ମହାନ୍ତି, ଅବନୀ ଗୟା ପ୍ରମୁଖ ମତବ୍ୟକ୍ତ କରିଥିଲେ ।


## ଡିପିଏସ୍ କଳିଙ୍ଗର ବାର୍ଷିକ ଉତ୍ସବ




ଫୁଲନଖରା, (ଭାସ୍କର ନ୍ୟୁଜ୍): ଫୁଲନଖରା ଅଡ଼ାଳିଆସ୍ଥିତ ଦିଲ୍ଲୀ ପବ୍ଲିକ ସ୍କୁଲ କଳିଙ୍ଗର ବାର୍ଷିକ ଉତ୍ସବ 'କଳାପ୍ରୀତ-୨୦୨୪' ଉଦ୍‌ଘାଟିତ ହୋଇଛି । ଏହି ଉପଲକ୍ଷେ ମଙ୍ଗଳବାର ଅପରାହ୍ନରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଫେସର ଡାକ୍ତର ସୁଜାତା ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନ୍ତର୍ନିହିତ ସୁଗୁଣାବଳୀର ପରିପ୍ରକାଶ ଓ ପରିଶ୍ରମ ଉପରେ ଗୁରୁତ୍ୱାରୋପ କରିଥିଲେ । ବିଦ୍ୟାଳୟ ଅଧକ୍ଷା ଅନୁରାଧା ରକ୍ଷୀତ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ପ୍ରତିଷ୍ଠାତା ତଥା ଶିଳ୍ପପତି ମହିମାନନ୍ଦ ମିଶ୍ର, ପରିଚାଳନା କମିଟିର ପ୍ରୋ ଭାଇସ ଚେୟାର ପର୍ସନ ମାଳା ମିଶ୍ର, ଚନ୍ଦନ ମିଶ୍ର, ଚର୍ଚ୍ଚିତ ମିଶ୍ର, ଏକଜିକୁଟିଭ ଟ୍ରଷ୍ଟି ସୁନୟନା ପାତ୍ରୋ, ଉପାଧକ୍ଷ ସଂଜୟକୁମାର ଜେନା, ଉପାଧକ୍ଷା ସ୍ୱାତୀ ନାଥ, ପ୍ରଧାନଶିକ୍ଷକ ମୁସ୍ତାକ ଅହମ୍ମଦ ପ୍ରମୁଖ ଉପସ୍ଥିତ ଥିଲେ । ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଏହି ଅବସରରେ ବାର୍ଷିକ ମୁଖପତ୍ର 'କଳିଙ୍ଗ ପୋଷ୍ଟ ଜୁନିୟର'କୁ ଅତିଥିମାନେ ଉନ୍ମୋଚନ କରିଥିଲେ ।

## ରାଶିଫଳ

ଶନିବାର, ୨୩ ନଭେମ୍ବର ୨୦୨୪



**ମେଷ:** ଆଜି ଆପଣଙ୍କ ଦୃଢ଼ ମନୋବଳ ଯୋଗୁ ବିଜୟ ଲାଭ କରିବେ । ପାରିବାରିକ କ୍ଷେତ୍ରରେ ମନୋମାଳିନ୍ୟକୁ ଦୂରେଇ ନେବା ପାଇଁ ପ୍ରଯତ୍ନ କଲେ ଉପକୃତ ହେବେ । ବନ୍ଧୁଙ୍କ ମିଥ୍ୟାଭିଯୋଗ ପାଇଁ ମାନସିକ ସ୍ତରରେ କ୍ରୋଧାନ୍ୱିତ ହୋଇପାରନ୍ତି ।




**ବୃଷ:** ଆଜି ନିକଟ ସମ୍ପର୍କୀୟଙ୍କ ସାହାଯ୍ୟ ଲାଭକରି ଆଶା ପୂରଣ କରିବେ । ନିର୍ମାଣାଧୀନ ଆନୁଷ୍ଠାନିକ କାମରେ କୌଣସି ପ୍ରତିବନ୍ଧକ ରହିବ ନାହିଁ । ଆଲୋଚନା ପରିସରରେ ଆପଣ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ ।




**ମିଥୁନ:** ଆଜି ସ୍ଥଗିତ ରହିଥିବା କେତେକ ପୁରୁଣା ବାକିଆ କାମ ଶେଷ କରିବାକୁ ସକ୍ଷମ ହେବେ । ପ୍ରିୟଜନଙ୍କ ସାହାଯ୍ୟ ସହଯୋଗ ମାଧ୍ୟମରେ ଜମିଜମା ସମ୍ପର୍କିତ ବିବାଦର ଆଶୁ ସମାଧାନ ହୋଇଯିବ । ଶିଳ୍ପ, ବାଣିଜ୍ୟାଦିରେ ଶୁଭଫଳ ପାଇବେ ।




**କର୍କଟ:** ଆଜି ସତର୍କତା ଅଭାବରୁ ଅନ୍ୟ ପାଇଁ ନିଜେ ସମସ୍ୟାଗ୍ରସ୍ତ ହୋଇପଡିବେ । ମତପାର୍ଥକ୍ୟ ଜନିତ ବାକ୍ ବିତଣ୍ଡା ସୃଷ୍ଟି ହେବାର ସମ୍ଭାବନା ରହିଛି । ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇପାରନ୍ତି । ସଙ୍ଗୀତ କ୍ଷେତ୍ରରେ ନିଜ ସାଧନାରେ ସଫଳତା ପାଇବେ ।




**ସିଂହ:** ଆଜି କର୍ମକ୍ଷେତ୍ରରେ ସହକର୍ମୀମାନଙ୍କ ସାହାଯ୍ୟ ଓ ସହଯୋଗ ଲାଭକରି କାର୍ଯ୍ୟ ସାଧନ କରିବେ । ପାରିବାରିକ ଜୀବନରେ ଖଳଲୋକଙ୍କ କାନକୁହା କଥା ସୁଖ ସନ୍ତୋଷରେ ବାଧା ଉପୁଜାଇବ । ବ୍ୟବସାୟିକ ଦିଗଟି ବହୁତ ଭଲ ରହିବ ।




**କନ୍ୟା:** ଆଜି କାର୍ଯ୍ୟ ହାସଲ ସହ ଆର୍ଥିକ ଉନ୍ନତି ଦେଖା ଦେବ । ପାରିବାରିକ କ୍ଷେତ୍ରର କୌଣସି କଥା ମନକୁ ବାରମ୍ବାର ଆଲୋଡିତ କରିପାରେ । ଅର୍ଥ ସମ୍ପର୍କକୁ ନେଇ ପରିବାରରେ ଭାତୃବିବାଦ ଦେଖାଦେଇପାରେ । ମହିଳାମାନେ ପ୍ରଶଂସନୀୟ ହେବେ ।



**ତୁଳା:** ଆଜି ପୂର୍ବର ସମସ୍ୟା ସମାଧାନ ହୋଇଯିବ । ପାରିବାରିକ ଜୀବନ ସୁଖଶାନ୍ତିରେ କଟିବ । କୌଣସି ନୂତନ କାର୍ଯ୍ୟ କରିବାକୁ ଅଗ୍ରସର ହେବେ । କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ ଯାହାକି ସାମୟିକ ମାନସିକ ଦୁଶ୍ଚିନ୍ତାର କାରଣ ହୋଇପାରେ ।




**ବିଛା:** ଆଜି କାର୍ଯ୍ୟସିଦ୍ଧି ସହ ସ୍ୱାସ୍ଥ୍ୟରେ ଉନ୍ନତି ଦେଖାଦେବ । ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବ । ଆକସ୍ମିକ ଭାବରେ କୌଣସି ସମସ୍ୟା ହେତୁ ନିର୍ମାଣଧୀନ କାର୍ଯ୍ୟ ସ୍ଥଗିତ ରହିପାରେ । ଉପରିସ୍ଥଙ୍କ କର୍ମଚାରୀଙ୍କ ଆଦେଶାନୁସାରେ କାର୍ଯ୍ୟ କରିବା ପାଇଁ ବାଧ୍ୟ ହେବେ ।



**ଧନୁ :** ଆଜି କର୍ମକ୍ଷେତ୍ରରେ କିମ୍ବା ସଭାସମିତିରେ ପ୍ରଶଂସନୀୟ ହେବେ । ପରୋକ୍ଷ ଶତ୍ରୁତା କାରଣରୁ ଅପରାହ୍ନରେ ମନ ଭାରାକ୍ରାନ୍ତ ରହିବ । କୋଟ କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବା କାରଣରୁ ମାନସିକ ଅସ୍ଥିରତା ସୃଷ୍ଟି ହେବ । ସମସ୍ତ କାର୍ଯ୍ୟରେ ସାହାଯ୍ୟ ଓ ସହଯୋଗ ପାଇବେ । କ୍ରୀଡା, କଳା, ସାହିତ୍ୟ କ୍ଷେତ୍ରରେ ସଫଳତା ମିଳିପାରେ ।



**ମକର:** ଆଜି ଜଗିରଖି ଚଳନ୍ତୁ କେହି ଜଣେ ବ୍ୟକ୍ତି ଅସୁବିଧାରେ ପକାଇପାରେ । କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ । ଅଂଶୀଦାର ବ୍ୟବସାୟୀଙ୍କ ସହ ବ୍ୟବସାୟରେ ମାନମନାନ୍ତର ଦେଖା ଦେଇପାରେ । ବିଦ୍ୟାର୍ଥୀମାନେ ବିଦ୍ୟାରେ ସଫଳତା ପାଇବେ ।



**କୁମ୍ଭ:** ଆଜି ଆପଣଙ୍କର ଦିନ ଖୁବ୍ ଭଲରେ କଟିବ । ବକେୟା ପ୍ରାପ୍ୟ ମିଳିବ ଯାହା ଫଳରେ ମନ ପ୍ରଫୁଲ୍ଲିତ ରହିବ । ବିବାଦରେ ନୂଆ ମୋଡ଼ ଦେଖାଦେବ । ପୂର୍ବର ସମସ୍ୟା ସମାଧାନ ହୋଇଯିବ । ମହିଳାମାନେ ଗୃହ ସାଜସଜ୍ଜା ପ୍ରତି ଯତ୍ନ ନେବା ସହ ସମ୍ମାନ ପ୍ରାପ୍ତି ହେବେ ।



**ମୀନ:** ଆଜି ପ୍ରତ୍ୟେକ କ୍ଷେତ୍ରରେ ଆଗପଛ ବିଚାର କରି କାମ ନ କଲେ ଅପଦସ୍ତ ହୋଇପାରନ୍ତି । ବନ୍ଧୁମାନଙ୍କ କଥା ବାର୍ତ୍ତା ଆପଣଙ୍କ ପାଇଁ ସମସ୍ୟାକୁ ବଢ଼ାଇ ଦେଇପାରେ । ନିର୍ଦ୍ଦିଷ୍ଟ ସମୟରେ କାମଟି ସମ୍ପୂର୍ଣ୍ଣ ନ ହେବା କାରଣରୁ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି । ବିଳମ୍ବରେ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବେ ।



ପ୍ରସ୍ତୁତିରେ

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
(ଏମ୍ କମ୍, ଏମ୍.ବି.ଏ) ସେକ୍ଟର-୩/୩୦୯,
ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ପାରଳାଖେମୁଣ୍ଡି, (ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡିର ଅଗ୍ରଣୀ ଆଧୁନିକ ନୃତ୍ୟ ଅନୁଷ୍ଠାନ ମିରାକଲ ଡ୍ୟାନ୍ସ ଷ୍ଟୁଡିଓ ପକ୍ଷରୁ ସ୍ଥାନୀୟ ଗୁଣ୍ଡିଚା ପଡିଆ ଠାରେ ମିରାକଲ ନାଇଟ ଷଷ୍ଠ ସଂସ୍କରଣ ଆଧୁନିକ ନୃତ୍ୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଜତିନ୍ଦ୍ର ପଣ୍ଡା, ସମ୍ମାନିତ ଅତିଥି ଭାବେ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ.ଗୁଣନିଧି ନାୟକ,ପୌରଧକ୍ଷା ନିର୍ମଳା ସେଠୀ ,ଜିଲ୍ଲା ସଂସ୍କୃତି ଅଧିକାରି ଅର୍ଚ୍ଚନା ମଙ୍ଗରାଜ, ସଂଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରାପ୍ତ ଯୁବ ମଞ୍ଚ ତଥା ସିନେ କଳାକାର ଆଦର୍ଶ ଦାସ ଓ ଆୟୋଜକ ଅନୁଷ୍ଠାନ ନିର୍ଦ୍ଦେଶକ ଶୁଭେନ୍ଦୁ ମୋହନ ସେନାପତି ଉପସ୍ଥିତ ଥିଲେ। ଦ୍ୱିତୀୟ ପର୍ଯ୍ୟାୟ ରେ ଓଡ଼ିଆ ସିନେମା ଜଗତର ଅଭିନେତା ସିଦ୍ଧାନ୍ତ ମହାପାତ୍ର, ଅଭିନେତ୍ରୀ ଅନୁ ଚୌଧୁରୀ ଆଗକୁ ଆସୁଥିବା ଚିନ୍ମୟ ଦାସ ନିର୍ଦ୍ଦେଶିତ ସିନେମା ପରବ ବିଷୟରେ ସଂକ୍ଷେପରେ କହିବା ସହ ଉପାନ୍ତ ଅଞ୍ଚଳରେ ଆୟୋଜିତ କାର୍ଯ୍ୟକ୍ରମ ଓ ଅନୁଷ୍ଠାନ କୁ ଭୂୟସୀ ପ୍ରଶଂସା କରିଥିଲେ। ପୂର୍ବରୁ ଆୟୋଜିତ ନୃତ୍ୟ ପ୍ରତିଯୋଗିତା ରେ କନିଷ୍ଠ ବିଭାଗ, ଯୁବ ବିଭାଗ, ବରିଷ୍ଠ ବିଭାଗ, ମହିଳା ବିଭାଗ ରେ ଏକକ, ଦ୍ୱୈତ୍ୟ ଓ ଦଳଗତ ଭାବେ ବିଭିନ୍ନ ଜିଲ୍ଲାର ପ୍ରାୟ ୧୩୮ ଜଣ କଳାକାର ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ ସେମାନଙ୍କ ମଧ୍ୟରୁ କୃତିତ୍ୱ ହାସଲ କରିଥିବା କଳାକାର ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଅବସରରେ ସାରସ୍ୱତ ସାଧନା ପାଇଁ ବିଚିତ୍ର ନନ୍ଦ ବେହେରା, ସମାଜସେବା ପାଇଁ କନ୍ଦର୍ପ ପାତ୍ର, ଶିକ୍ଷା କ୍ଷେତ୍ର ରେ ରଞ୍ଜିତା ପଟ୍ଟନାୟକଙ୍କୁ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସିନେ କଳାକାର ଙ୍କ ଦମଦାର ସଂଳାପ ସହ ଅନୁଷ୍ଠାନ ର ଶିଶୁ କଳାକାର ଙ୍କ ସମେତ ଅତିଥି କଳାକାର ମାନେ ଆଧୁନିକ ନୃତ୍ୟ କାର୍ଯ୍ୟକ୍ରମ ପରିବେଷଣ କରିଥିବାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ହଜାର ହଜାର ଦର୍ଶକ ଉପସ୍ଥିତ ଥିଲେ।ସମସ୍ତ କାର୍ଯ୍ୟକ୍ରମକୁ ଶୁଭ୍ରାଂଶୁ ଶେଖର ପଟ୍ଟନାୟକ, ଅବିର ଭୂଷଣ ପଣ୍ଡା, ବିଷ୍ଣୁପ୍ରିୟା ଜେନା ପରିଚାଳନା କରିଥିଲେ।

# ଗ୍ରାମୋଦୟ ଯୋଜନା କାର୍ଯ୍ୟକାରୀ ନିମନ୍ତେ ପ୍ରସ୍ତୁତି ବୈଠକ




ଖପ୍ରାଖୋଲ(ଭାସ୍କର ନ୍ୟୁଜ୍): ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ ସ୍ଥାନୀୟ ପଞ୍ଚାୟତ ସମିତି ସଭାଗୃହ ଠାରେ ସରକାରଙ୍କ ଗ୍ରାମଦୋୟ ଯୋଜନା କାର୍ଯ୍ୟକାରୀ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଡିଓ ବିବେକାନନ୍ଦ ଷଡଙ୍ଗୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ରୂପେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାତ କୁମାର ମହାପାତ୍ର, ସମ୍ମାନିତ ଅତିଥି ରୂପେ ଓରମାସ ଜଏଣ୍ଟ ସିଇଓ କମଲେନ୍ଦୁ ପାଲ , ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର , ବ୍ଲକ ଉପାଧକ୍ଷ ସୁଖିରାମ ସାଣ୍ଡ, ପାଟଣାଗଡ଼ ବିଧାୟକ ତଥା ଉପମୁଖ୍ୟ ମନ୍ତ୍ରୀଙ୍କ ବ୍ଲକ୍ ପ୍ରତିନିଧି ପଦ୍ମ କୁମାର ସିଂ ବରିହା, ସାଂସଦ ପ୍ରତିନିଧି ସନ୍ତୋଷ ଭଇସାଲ ପ୍ରମୁଖ ଯୋଗଦେଇଥିଲେ । ବୈଠକରେ ବ୍ଲକର ପାଞ୍ଚଟି ପଞ୍ଚାୟତ ର ୧ ୨ ଟି ଗ୍ରାମର ସମ୍ପୂର୍ଣ୍ଣ ବିକାଶ ପାଇଁ ଗ୍ରମୋଦୟ ଯୋଜନାର କାର୍ଯ୍ୟକାରୀ ଉପରେ ଆଲୋଚନା ହୋଇଥିଲା। ବ୍ଲକର ଭାନପୁର ପଞ୍ଚାୟତର ୩ ଟି ଗ୍ରାମ ହନୁପାଳି , ବ୍ରାହ୍ମଣୀ , ଠୁଟିଭଟା, ତେଲେନପାଲି ପଞ୍ଚାୟତ ର ୨ଟି ଗ୍ରାମ ଯମୁନାପାଲି , ସାପମୁଣ୍ଡ , ନାନ୍ଦୁପଲା ପଞ୍ଚାୟତ ର ୩ଟି ଗ୍ରାମ ନୂଆପାଲି, କନ୍ଦରାଭଟା, ମହୁଲପାଳି , ରେଙ୍ଗାଲି ପଞ୍ଚାୟତର ୪ଟି

## ୧୨ଟି ଗାଁର ସର୍ବାଙ୍ଗୀନ ବିକାଶ ଉପରେ ଗୁରୁତ୍ୱ ସରକାରୀ ସ୍ତରରେ କମିଟି ଗଠିତ

ଗ୍ରାମ ରେଙ୍ଗାଲି , ଝୁରିପାଣି ,ଆମ୍ବବାହାଲି , ବର୍ଡଆ ଓ ଟଙ୍କପାଣି ପଞ୍ଚାୟତର ଗୋଟିଏ ଗ୍ରାମ ସୁନାମୁଦିକୁ ଗ୍ରାମଦୋୟ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଥିବା ଜଣାଯାଇଛି । ୧ ୨ ଟି ଗ୍ରାମର ସମସ୍ତ ପରିବାର ବର୍ଗଙ୍କ ସବିଶେଷ ତଥ୍ୟ ସର୍ଭେ ପରେ ସ୍ୱାସ୍ଥ୍ୟ,ଶିକ୍ଷା, ପିଇବା ପାଣି ,ଗ୍ରାମୀଣ ଆବାସ, ରାସ୍ତା , କୃଷି, ବିଦ୍ୟୁତିକରଣ ଓ ସାମାଜିକ ଦିଗରେ ସର୍ବାଙ୍ଗୀନ ବିକାଶ କରିବା ନିମନ୍ତେ ସରକାର ପଦକ୍ଷେପ ନେବା ପାଇଁ ଆଲୋଚନା ହୋଇଥିଲା। ବୈଠକରେ ବ୍ଲକ ସ୍ତରୀୟ ସମସ୍ତ ଅଧିକାରୀ ଯୋଗ ଦେଇଥିଲେ । ସେହିପରି ରେଙ୍ଗାଲି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସରପଞ୍ଚ ଉମାକାନ୍ତ ମେହେରଙ୍କ ଅଧକ୍ଷତାରେ ଗ୍ରାମୋଦୟ ଯୋଜନା ପାଇଁ ପ୍ରସ୍ତୁତି ସଭା ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ରୂପେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାତ କୁମାର ମହାପାତ୍ର ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ରୂପେ ବିଡିଓ ବିବେକାନନ୍ଦ ଷଡଙ୍ଗି ,ତହସିଲଦାର ଆଦିତ୍ୟ ପ୍ରାଦଦ ମିଶ୍ର ଯୋଗଦେଇଥିଲେ। ଅତିଥିମାନେ ଗ୍ରାମଦୟ ଯୋଜନାରେ ଲୋକେ ସରକାରଙ୍କ ସମସ୍ତ ଯୋଜନାରେ ସାମିଲ ହୋଇପାରିବେ ବୋଲି ମତ ରଖିଥିଲେ । ଉପସ୍ଥିତ ଲୋକେ ଅଞ୍ଚଳର ଶିକ୍ଷା ସ୍ୱାସ୍ଥ୍ୟ ଗମନା ଗମନ , ପାନୀୟ ଜଳ , ବିଦ୍ୟୁତ୍‌କରଣ , ଦାଦନ ଶ୍ରମିକ ପରିବାର ପାଇଁ ଆବଶ୍ୟକ ପଦକ୍ଷେପ ନେବା ପାଇଁ କହିଥିଲେ । ୧ ୨ ଖଣ୍ଡ ଗ୍ରାମର ଜନ ସାଧାରଣ ଗ୍ରାମଦୋୟ ଯୋଜନାରେ କିପରି ଭାବରେ ସମ୍ପୂର୍ଣ୍ଣ ବିକାଶ ପାଇପାରିବେ ଉକ୍ତ ବିଷୟରେ ଆଲୋଚନା ହୋଇଥିଲା। ଉକ୍ତ ଗ୍ରାମ ମାନଙ୍କର ସମସ୍ତ ଜନସାଧାରଣଙ୍କୁ ବ୍ୟକ୍ତିଗତ ଭାବରେ ନିରୀକ୍ଷଣ କରି ସରକାରଙ୍କ ସମସ୍ତ ଲୋକାଭିମୁଖୀ ଯୋଜନା ରେ ସାମିଲ କରି ତାଙ୍କ ଆର୍ଥିକ ବିକାଶ କରିବା ସହିତ ସମସ୍ତ ଯୋଜନା ର ସୁଫଳ ପାଇବା ଦିଗରେ ସରକାରଙ୍କ ପଦକ୍ଷେପ ବିଷୟରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା ।

# ମୁଖ୍ୟ ରାସ୍ତାରେ ଅମ୍ବାଦଳା ହାଟ: ସ୍ଥାନାନ୍ତର କେବେ ?



ମୁନିଗୁଡା, (ଭାସ୍କର ନ୍ୟୁଜ୍): ସାଧାରଣତଃ ଜନଗହଳି ପୂର୍ଣ୍ଣ ସ୍ଥାନଠୁ ଦୂରରେ ହାଟ ବସିବା ଦେଖାଯାଏ । କିନ୍ତୁ ଏହାର ବ୍ୟତିକ୍ରମ ଦେଖାଦେଇଛି ରାୟଗଡା ଜିଲ୍ଲା ଅମ୍ବାଦଳା ସହରରେ । ପ୍ରତ୍ୟେକ ସୋମବାର ଦିନ ଏଠାରେ ସାପ୍ତାହିକ ହାଟ ବସେ । କିନ୍ତୁ ଏହି ସାପ୍ତାହିକ ହାଟ ଉପଯୁକ୍ତ ସ୍ଥାନରେ ହୋଇନଥିବା କଥା ବର୍ତ୍ତମାନ ଚର୍ଚ୍ଚା ଜୋର ଧରିଛି । ବସ୍ତି ଭିତରେ ତଥା ମୁଖ୍ୟ ରାସ୍ତା ଉପରେ ହାଟ ବସିବା ଯୋଗୁ ଲୋକଙ୍କ ଯିବାଆସିବା ତଥା ଯାନବାହନ ଚଳାଚଳ ବାଧାପ୍ରାପ୍ତ ହେଉଥିବା ବେଳେ ଦୁର୍ଘଟଣାର ସମ୍ଭାବନାକୁ ମଧ୍ୟ ଏଡ଼େଇ ଦେଇ ହେବନାହିଁ । ଅପରପକ୍ଷରେ ଅଧିକାଂଶ ଲୋକ ହାଟ ଉପରେ ଜବରଦଖଲ କରି ଗୃହ ନିର୍ମାଣ କରିବା ଯୋଗୁ ଆବହମାନ କାଳରୁ ବସି ଆସୁଥିବା ଏହି ପୁରୁଣା ତଥା ବୃହତ ହାଟ ଏବେ କଳେବର ହରାଉଛି । ଜାଗା ଅଭାବରୁ ବ୍ୟବସାୟୀମାନେ ଲୋକଙ୍କ ଘର ସମ୍ମୁଖରେ ଏବଂ ମୁଖ୍ୟ ରାସ୍ତା ଉପରେ ପସରା ମେଲି ବସିଛନ୍ତି । ଏଥିଯୋଗୁଁ ବିଶେଷତଃ ଅମ୍ବାଦଳା ସହର ଏବଂ କନ୍ଧମାଳ ଜିଲ୍ଲାର ତୁମୁଡିବନ୍ଧକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ଉପରେ ଗ୍ରାହକମାନଙ୍କର ପ୍ରବଳ ଭିଡ ଜମେ । ଗୃହ ସମ୍ମୁଖରେ ଦୋକାନୀମାନେ ବସିଥିବା ଯୋଗୁ ସାଧାରଣରେ ଚଳପ୍ରଚଳରେ ବ୍ୟାଘାତ ସୃଷ୍ଟି ହେବା ସଙ୍ଗେ ସଙ୍ଗେ ଅମ୍ବାଦଳା ସହର ଏବଂ କନ୍ଧମାଳ ଜିଲ୍ଲାକୁ ଯିବାଆସିବା କରୁଥିବା ଯାନବାହନ ଗୁଡିକର ଚଳାଚଳ ବାଧାପ୍ରାପ୍ତ ହେଉଛି। ଅନେକ ସମୟରେ ମୋଟର ବାଇକ ଆରୋହି ଏବଂ ଯାନବାହନ ଗୁଡିକ ଭିଡ ଭିତରେ ପଶି ଯିବାଆସିବା କରୁଥିବା ଦେଖିବାକୁ ମିଳୁଛି । ଫଳରେ ଗ୍ରାହକ ଏବଂ ବ୍ୟବସାୟୀମାନଙ୍କ ଧନ ଜୀବନ ପ୍ରତି ବିପଦ ସୃଷ୍ଟି ହେବା ସ୍ୱାଭାବିକ । ଏହି ସାପ୍ତାହିକ ହାଟକୁ ରାୟଗଡା ଜିଲ୍ଲା ର ବୃହତ୍ତମ ହାଟ କହିଲେ ଅତ୍ୟୁକ୍ତି ହେବନାହିଁ କ୍ଷ ରାୟଗଡ଼ା, କଳାହାଣ୍ଡି ଏବଂ କନ୍ଧମାଳ ଜିଲ୍ଲାର ବିରାଟ ଜନସଂଖ୍ୟା ଏହି ହାଟ ଉପରେ ନିର୍ଭର କରିଥାନ୍ତି । ପ୍ରତ୍ୟେକ ସୋମବାର ଦିନ ବସୁଥିବା ଉକ୍ତ ସାପ୍ତାହିକ ହାଟରେ ହଜାର ହଜାର ଲୋକଙ୍କ ସମାଗମ ହୁଏ । ଲକ୍ଷ ଲକ୍ଷ ଟଙ୍କା କାରବାର ହେଉଥିବା ଏହି ହାଟରୁ ସରକାର ନିରନ୍ତର ଟିକସ ଆଦାୟ କରୁଥିବା ବେଳେ ଏହାର ସ୍ଥାୟୀତ୍ୱ ନେଇ ଯତ୍ନବାନ ହେଉନାହିଁ ପ୍ରଶାସନ । ହାଟର କଳେବର ଦିନକୁ ଦିନ ସଂକୀର୍ଣ୍ଣ ହେଉଥିବା ବେଳେ ମୁଖ୍ୟ ରାସ୍ତାରେ ଭିଡ ବଢ଼ିବାରେ ଲାଗିଛ । ଜାଗା ଅଭାବରୁ ହାଟ ଭିତରେ ବିପଣନ ପ୍ରାଙ୍ଗଣ ନଥିବାବେଳେ ପାନୀୟ ଜଳ,ପାଇଖାନା, ପରିସ୍ରାଗାର ମଧ୍ୟ ନାହିଁ । ନିକଟରେ ଏହି ପୁରାତନ ହାଟର ସ୍ଥାନାନ୍ତର ନେଇ ଚର୍ଚ୍ଚା ଜୋର ଧରିଥିବା ବେଳେ ନିକଟସ୍ଥ ବୋଲାଣି ତୋଟା ଠାରେ ପିଣ୍ଡି ନିର୍ମାଣ କାର୍ଯ୍ୟ ସରିଛି । କିନ୍ତୁ ଏବେ ପର୍ଯ୍ୟନ୍ତ ହାଟ ସ୍ଥାନାନ୍ତରିତ ହୋଇନାହିଁ । ଏହି ଜାଗାକୁ ଶିଘ୍ର ହାଟ ସ୍ଥାନାନ୍ତରିତ ହେଲେ ଲୋକେ ସୁବିଧାରେ କିଣାବିକା କରିପାରିବେ ବୋଲି ସାଧାରଣରେ ଆଲୋଚନା ହେଉଛି ।

# 'ଯଥାର୍ଥରେ ଶିଶୁଙ୍କର କାକା ଥିଲେ ମହତାବ'




ବରଗଡ, (ଭାସ୍କର ନ୍ୟୁଜ୍): ଓଡ଼ିଶାକୁ ନୂଆକରି ଗଢିତୋଳିବାରେ ଡକ୍ଟର ହରେକୃଷ୍ଣ ମହତାବଙ୍କ ଅବଦାନ ଅତୁଳନୀୟ। ସାହିତ୍ୟ, ସଂସ୍କୃତି, ଇତିହାସ, ରାଜନୀତି ବିଶେଷ କରି ଶିଶୁ ସାହିତ୍ୟ ତଥା ଶିଶୁ ମାନଙ୍କ ଉନ୍ନତି କଳ୍ପେ କରି ଯାଇଥିବା କାର୍ଯ୍ୟ ଯୋଗୁଁ ସେ ଯଥାର୍ଥରେ ଶିଶୁ ମାନଙ୍କର କାକା ବୋଲି ମହତାବ ଶିଶୁ ସାହିତ୍ୟ ସଂସଦର ୩୨ତମ ସ୍ୱନକ୍ଷତ୍ର ଉତ୍ସବ ଓ ମହତାବ ଜୟନ୍ତୀରେ ଯୋଗଦେଇ ବକ୍ତାଗଣ ମତବ୍ୟକ୍ତ କରିଛନ୍ତି। ସ୍ଥାନୀୟ ରାଣା ପ୍ରତାପ ଉଚ୍ଚ ବିଦ୍ୟାଳୟ ପରିସର ମଧ୍ୟରେ ସାହିତ୍ୟିକ ମନୋରଞ୍ଜନ ମେହେରଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ମନୋରଞ୍ଜନ ସାହୁ ଓ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧକ୍ଷ ଟେକଚାନ୍ଦ ଦୁଆନ ଯୋଗଦେଇ ମହତାବଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରି ତାଙ୍କୁ ନବ ଉତ୍କଳର ନିର୍ମାତା ଭାବେ ଅଭିହିତ କରି ସାହିତ୍ୟ- ସଂସ୍କୃତି- ରାଜନୀତି ବିଶେଷ କରି ଓଡିଶାର ଶିଶୁ ଓ ଶିଶୁ ସାହିତ୍ୟର ବିକାଶ ପାଇଁ ସେ ସର୍ବଦା ଶିଶୁ ଗହଣରେ କାକା ଭାବରେ ପରିଚିତ ହୋଇ ରହିବେ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବିଶିଷ୍ଟ ଶିଶୁ ସାହିତ୍ୟିକ ପ୍ରଶାନ୍ତ କୁମାର ସାହୁଙ୍କୁ 'କାକା ମହତାବ ଶିଶୁ ସାହିତ୍ୟ ସମ୍ମାନ - ୨୦୨୪' ଓ ଦୟାନିଧି ମହାପାତ୍ରଙ୍କୁ 'କଳାମାଣିକ ଶିଶୁ ସାହିତ୍ୟ ସମ୍ମାନ- ୨୦୨୪' ପ୍ରଦାନ କରାଯାଇଥିଲା। ସମ୍ମାନୀତ ଅତିଥି ଭାବେ ସମାଜସେବୀ ପ୍ରିତମ ସିଂ, ପ୍ରଧାନ ଶିକ୍ଷକ ସୁଦୀପ କୁମାର ରଥ ଯୋଗଦେଇ ମହତାବଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସାହିତ୍ୟିକ ତୁଳସୀ ଚରଣ ଦାଶ, ଶିଶୁ ସାହିତ୍ୟିକ ପ୍ରଦୀପ୍ତ ଭାନୁ ମହାନ୍ତି, ଅଧ୍ୟାପକ ତିଳକରାମ ପ୍ରଧାନ, ତରଣୀସେନ ବୁଧିଆ ପ୍ରମୁଖ ମହତାବଙ୍କ ସ୍ମୃତି ଚାରଣ କରିଥିଲେ। ସଂସଦ ପ୍ରତିଷ୍ଠାତା ସଂପାଦକ ଡକ୍ଟର ରବିନାରାୟଣ ସାହୁ ସ୍ୱାଗତ ଭାଷଣ ଓ ଉଦେଶ୍ୟ ଜ୍ଞାପନ କରିଥିଲେ। ରାଣା ପ୍ରତାପ ସ୍କୁଲର ଛାତ୍ରଛାତ୍ରୀମାନେ ପ୍ରାରମ୍ଭିକ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ ଓ ଶିକ୍ଷୟିତ୍ରୀ ସୁନୀତା ମିଶ୍ର ମାନପତ୍ର ପାଠ କରିଥିଲେ ଓ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲାସ୍ତରୀୟ ଆପାତକାଳୀନ ବୈଠକ

ପାରଳାଖେମୁଣ୍ଡି, (ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଜିଲ୍ଲା ସ୍ତରୀୟ ଆପାତକାଳୀନ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲାପାଳ ବିଜୟ କୁମାର ଦାଶଙ୍କ ଅଧ୍ୟକ୍ଷତା କରିଥିଲେ । ଏଥିରେ ଗଜପତି ଜିଲ୍ଲାରେ ଥିବା ସମସ୍ତ ପେଟ୍ରୋଲ, ଗ୍ୟାସ ମାଲିକ ଓ ସରକାରୀ ଅଧିକାରୀମାନେ ଯୋଗ ଦେଇଥିଲେ ,ବୃହତ କ୍ଷୁଦ୍ର ଶିଳ୍ପାନୁଷ୍ଠାନ ମାନଙ୍କରେ ରସାୟନିକ ଦୁର୍ଘଟଣାକୁ କିପରି ମୁକାବିଲା କରିବା ଏବଂ ଆଗୁଆ ପ୍ରସ୍ତୁତି ଓ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବା ପାଇଁ ଜିଲ୍ଲା ଆପାତକାଳୀନ ବିଭାଗ କାର୍ଯ୍ୟ କରୁଅଛି । ସେହିଭଳି ସମ୍ଭାବ୍ୟ ରାସାୟନିକ ଦୁର୍ଘଟଣାର ମୁକାବିଲା ନିମନ୍ତେ ପ୍ରସ୍ତୁତି ରହିବା ପାଇଁ ଜିଲ୍ଲାପାଳ ଶ୍ରୀଯୁକ୍ତ ଦାଶ ପେଟ୍ରୋଲ ଓ ଗ୍ୟାସ ଶିଳ୍ପ ସଂସ୍ଥାର କର୍ତ୍ତୃପକ୍ଷମାନଙ୍କୁ ପରାମର୍ଶ ଦେଇଥିଲେ। ଅଫସାଇଟ୍ ଏମରଜେନ୍ସି ପ୍ଲାନ୍ ପ୍ରସ୍ତୁତ ରଖିବା, ଅବିଚ୍ଛିନ୍ନ ଭାବେ ରାଜ୍ୟ ଓ କେନ୍ଦ୍ର କ୍ରାଇସେସ୍ ଗ୍ରୁପକୁ ସୂଚନା ପଠାଇବା , ମକଡ୍ରିଲ୍ କରିବା, ବୃହତ ଶିଳ୍ପର ଆଖପାଖ ଅଞ୍ଚଳ ବାସିନ୍ଦାମାନଙ୍କୁ ରସାୟନିକ ଦୁର୍ଘଟଣାର ଭୟାବହତା ଓ ଏହାର ମୁକାବିଲା କରିବା ନିମନ୍ତେ ସଚେତନତା କରାଇବା ଓ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ଏହି ବୈଠକରେ ଆରକ୍ଷୀ ଅଧିକ୍ଷକ ଜତିନ୍ଦ୍ର କୁମାର ପଣ୍ଡା କହିଥିଲେ ଯେ, ସମସ୍ତ ଶିଳ୍ପ କର୍ତ୍ତୃପକ୍ଷ ମାନେ ରସାୟନିକ ଦୁର୍ଘଟଣାକୁ ଏଡାଇବା ପାଇଁ ଅନେକ ପଦକ୍ଷେପ ଗ୍ରହଣ କରୁଛନ୍ତି ଓ ଅଧିକ ସୁରକ୍ଷା ପାଇଁ କଂଟ୍ରୋଲରୁମ୍‌ର ଆବଶ୍ୟକତା ରହିଛି ଓ ଅଗ୍ନି ନିରାପତ୍ତା ବ୍ୟବସ୍ଥା କରିବାକୁ କହିଥିଲେ। ସେହିପରି ହିନ୍ଦୁସ୍ତାନ ପେଟ୍ରୋଲିୟମ କର୍ପୋରେସନ୍ ଲିମିଟେଡର ଶୁଭମ କୁମାର ସାହୁ,ଭାରତ ପେଟ୍ରୋଲିୟମ କର୍ପୋରେସନ୍ ଲିମିଟେଡ୍‌ର ରାମପ୍ରବେଶ କୁମାର, ଇଣ୍ଡିଆନ୍ ଓଏଲ୍ କର୍ପୋରେସନ୍ ଲିମିଟେଡର ଅଙ୍କିତା ଚଙ୍ଗମାଇ ପ୍ରମୁଖ ଯୋଗଦେଇ ରସାୟନିକ ଦୁର୍ଘଟଣାକୁ କିପରି ରଖାଯାଇ ପାରିବ ସେ ଉପରେ ବିସ୍ତୃତ ଭାବରେ ଅବଗତ କରାଇଥିଲେ। ସେଥି ମଧ୍ୟରୁ ପେଟ୍ରୋଲିୟମ କିମ୍ବା ଗ୍ୟାସ ସ୍ଥାନାନ୍ତରିତ କରିବା ସମୟରେ ଗାଡ଼ିର ମାନ ଯାଞ୍ଚ କରିବା, ଚାଳକର ଲାଇସେନ୍ସ ଅନ୍ୟାନ୍ୟ ଆବଶ୍ୟକୀୟ ଜିନିଷ ଉପରେ କିପରି ନଜର ରଖିହେବ ସେ ସଂପର୍କରେ ଅବଗତ କରିଥିଲେ। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମିଞ୍ଜ,ଡେପୁଟି କଲେକ୍ଟର କମଳ କାନ୍ତ ପଣ୍ଡା, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ମହମ୍ମଦ ଅଲ୍ଲୀ, ଜିଲ୍ଲା ଆଞ୍ଚଳିକ ପରିବହନ ଅଧିକାରୀ ପ୍ରସନ୍ନ କୁମାର ଦାସ, ଚିତ୍ତରଞ୍ଜନ ବେଉରା, ଉପ-ନିର୍ଦ୍ଦେଶକ କାରଖାନା ଓ ବାଷ୍ପିତ୍ର କାର୍ଯ୍ୟଳୟ ରାୟଗଡ ଡିଭିଜନ, ବିନିତ୍ ଷଡ଼ଙ୍ଗୀ,ସହକାରୀ ନିର୍ଦ୍ଦେଶକ କାରଖାନା ଓ ବାଷ୍ପିତ୍ର କାର୍ଯ୍ୟାଳୟ ରାୟଗଡ ଡିଭିଜନ , ପ୍ରଦୋଷ ଶତପଥି ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ମ୍ୟାନେଜର,ଜିଲ୍ଲା ଅଗ୍ନିଶମ ଅଧିକାରୀ ଓ ସମସ୍ତ ଶିଳ୍ପ,ଗ୍ୟାସ ଓ ପେଟ୍ରୋଲିୟମର ମାଲିକ ମାନେ ପ୍ରମୁଖ ଉପସ୍ଥିତ ଥିଲେ।

# ଭତ୍ତା ପାଇଁ ଅଗ୍ନି ପରୀକ୍ଷା



ମୁନିଗୁଡା, (ଭାସ୍କର ନ୍ୟୁଜ୍): ବୟସ ଅତିକ୍ରାନ୍ତ ହେବା ସହ ହାତ ଗୋଡ଼ ଅବଶ ହେଲାଣି । ମାସିକ ଚଳଣି ପାଇଁ ସରକାରଙ୍କ ସାମାଜିକ ସୁରକ୍ଷା ଯୋଜନାରେ ମିଳୁଥିବା ବାର୍ଦ୍ଧକ୍ୟ ଭତ୍ତାକୁ ପ୍ରତି ମାସ ଚାହିଁ ରହିଥାନ୍ତି ବୃଦ୍ଧା ଜଣକ । ପରିବାରରେ କେହି ସାହା ଭରସା ପାଇଁ ନଥିବାବେଳେ ଭତ୍ତା ମିଳିବା ଦିନ ଗୁଜୁରାଣର ସାଧନକୁ ହାତରେ ପାଇ ପୁଲକିତ ହୁଅନ୍ତି । କିନ୍ତୁ ଏହି ଭତ୍ତା ଟଙ୍କାକୁ ପାଇବା ପାଇଁ ତାଙ୍କୁ ଯଥେଷ୍ଟ ସଂଘର୍ଷ କରିବାକୁ ପଡେ । ଆମେ କହୁଛୁ ରାୟଗଡା ଜିଲ୍ଲା ମୁନିଗୁଡା ବ୍ଲକ ଘମଟଗୁଡା ପଞ୍ଚାୟତର ଜବଗୁଡା ଗ୍ରାମର ବୃଦ୍ଧା ଗୋତେ ପୁନାଲୁଙ୍କ ସଂଘର୍ଷ କାହାଣୀ। ବୟସ ଅଶିରୁ ଉର୍ଦ୍ଧ୍ୱ । ଘମଟଗୁଡା ପଞ୍ଚାୟତ କାର୍ଯ୍ୟାଳୟରୁ ଜବଗୁଡା ଗ୍ରାମ ତିନି କିଲୋମିଟର ଦୂର ହୋଇଥିବାବେଳେ ଏହି ରାସ୍ତାରେ କେତୋଟି ବ୍ୟକ୍ତିଗତ ଯାନ ବ୍ୟତୀତ କୌଣସି ଯାତ୍ରୀବାହି ଯାନବାହାନ ଚଳାଚଳ କରେନାହିଁ । ଏଣୁ ପ୍ରତି ମାସ ଭତ୍ତା ତାରିଖରେ ପଞ୍ଚାୟତକୁ ବୃଦ୍ଧା ଗୋତେ ଦୁର୍ବଳ ଶରୀରରେ ଖୋଜେ ଖୋଜେ ପାଦରେ ବହୁ କଷ୍ଟ ଚାଲିଚାଲି ଯାଆନ୍ତି । ଯେ କେହି ଏହି ଦୃଶ୍ୟ ଦେଖିବ ସେ ଏହି ନିରାଶ୍ରୟା ବୃଦ୍ଧାଙ୍କ ପାଇଁ ଦୁଃଖପ୍ରକାଶ କରିବା ସ୍ୱାଭାବିକ । ମାସିକ ବାର୍ଦ୍ଧକ୍ୟ ଭତ୍ତା ସାମାନ୍ୟ ଏକ ହଜାର ଟଙ୍କା ତାଙ୍କ ଦୈନନ୍ଦିନ ଜୀବନର ଶେଷ ତଥା ବିକଳ୍ପଶୂନ୍ୟ ସମ୍ବଳ ହୋଇଥିବାରୁ ଖରା ବର୍ଷା ଶୀତରେ ତିନି କିଲୋମିଟର ଯିବାପାଇଁ କଷ୍ଟେମଷ୍ଟେ ଏକପ୍ରକାର ବାଧ ହୋଇଥାନ୍ତି । ବର୍ତ୍ତମାନ ସରକାର ତିନି ହଜାର ଟଙ୍କା ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରିବା ପାଇଁ ନିର୍ବାଚନ ଇସ୍ତାହାରରେ ଘୋଷଣା କରି ପରବର୍ତ୍ତୀ ସମୟରେ ଅଶି ବର୍ଷରୁ ଉର୍ଦ୍ଧ ବ୍ୟକ୍ତିବିଶେଷଙ୍କୁ ତିନି ହଜାର ଟଙ୍କା ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । କିନ୍ତୁ ଗୋତେଙ୍କ ବୟସ ଅଶି ବର୍ଷରୁ ଉର୍ଦ୍ଧ ହୋଇଥିଲେ ସୁଦ୍ଧା ସେ ଏବେ ପର୍ଯ୍ୟନ୍ତ ନୂତନ ପେନସନ ପାଇପାରିନାହାନ୍ତି । ଏକ ହଜାର ଟଙ୍କା ପାଇଁ ତିନି କିଲୋମିଟର ଆଶାବାଡି ସାହାରାରେ ଗୁରୁଣ୍ଡି ଯିବା ଆସିବା ନିଶ୍ଚିତ ଭାବରେ ଅଗ୍ନିପରୀକ୍ଷା ସଦୃଶ । ତେଣୁ ପଞ୍ଚାୟତ ଅଧିକାରୀମାନେ ଅନ୍ତତଃପକ୍ଷେ ବୃଦ୍ଧା ଗୋତେଙ୍କ ଘରେ ଭତ୍ତା ଟଙ୍କା ଟିକକକୁ ପହଞ୍ଚାଇଦେଇପାରିଲେ ତାଙ୍କର ଦୁର୍ବିସହ ଜଞ୍ଜାଳ ଟିକେ ଲାଘବ ହୁଅନ୍ତା ବୋଲି ମତପ୍ରକାଶ ପାଉଛି । ଅନ୍ୟ ପକ୍ଷରେ ସରକାରଙ୍କ ଘୋଷଣା ମୁତାବକ ସେ କେବେ ତାଙ୍କର ନୂତନ ପ୍ରାପ୍ୟ ତିନିହଜାର ଟଙ୍କା ଭତ୍ତା ପାଉଛନ୍ତି ତାହା ଦେଖିବାକୁ ବାକି ରହିଛି ।

# ଶବ ରଖି ରାସ୍ତାରୋକ

ଖଡ଼ିଆଳ, (ଭାସ୍କର ନ୍ୟୁଜ୍): ନୂଆପଡା ଜିଲ୍ଲା ଖଡ଼ିଆଳ ଥାନା ଅନ୍ତର୍ଗତ ଚିନ୍ଦାଗୁଡା ଗାଁ ଠାରେ ଅଜଣା ଗାଡି ଧକ୍କାରେ ଯୁବକର ମୃତ ସହାୟତା ଦାବି ନେଇ ଚିନ୍ଦାଗୁଡା ଠାରେ ଖଡ଼ିଆଳ ଓ ବୋଡ଼େନ ରାସ୍ତା ଅବରୋଧ କରିଥିଲେ । ପୁଲିସ ସୂତ୍ରରୁ ପ୍ରକାଶ ଯେ ଚିନ୍ଦାଗୁଡା ଗ୍ରାମର ଉମେଶ ମାଝି (୨୪) ଙ୍କୁ ଠକପାଳି ଗ୍ରାମର ରତାଲୁ ଛକ ନିକଟରେ ଅପରାହ୍ନ ଚାରିଟା ସମୟରେ ଅଜଣା ଗାଡି ବାଇକକୁ ଧକ୍କା ଦେଇଥିଲା । ଫଳରେ ଉମେଶଙ୍କର ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିଲା । ଗୁରୁବାର ସକାଳେ ଶବ ବ୍ୟବଚ୍ଛେଦ ପରେ ମୃତ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ନେଇ ଗ୍ରାମବାସୀ ଓ ପରିବାର ପକ୍ଷରୁ ଖଡ଼ିଆଳ ଓ ବୋଡ଼େନ ରାସ୍ତାକୁ ଅବରୋଧ କରି ସହାୟତା ଯୋଗାଇ ଦେବାକୁ ଦାବି କରିବା ସହିତ ରାସ୍ତା ପାର୍ଶ୍ୱରେ ଥିବା ମଦ କୋଠି ଗୁଡିକ ବନ୍ଦ କରିବାକୁ ଦାବି କରିଥିଲେ। ଖଡ଼ିଆଳ ତହସିଲଦାର ନରସିଂ ଗଡ଼ବା ମୃତକଙ୍କ ପରିବାରକୁ ରେଡକ୍ରସ ପାଣ୍ଠିରୁ ଦଶ ହଜାର ଟଙ୍କା, ରାସ୍ତା ପାର୍ଶ୍ୱରେ ଥିବା ସ୍କୁଲ ପାଖରେ ହମ୍ପ ତିଆରି କରିବା ଓ ଗ୍ରାମରେ ଥିବା ବେଆଇନ ମଦ କୋଠି ବନ୍ଦ କରିବା ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟି ଥିଲା। ପୁଲିସ ପକ୍ଷରୁ ଦୁର୍ଘଟଣା ଘଟାଇ ଥିବା ଗାଡି ପାଇଁ ବିଭିନ୍ନ ସିସି କ୍ୟାମେରାରେ ଯାଞ୍ଚ ହେଉଛି ବୋଲି ତଦନ୍ତ ଅଧିକାରୀ କ୍ଷୀରୋଦ ବାଗ ପ୍ରକାଶ କରିଛନ୍ତି ।

# ବ୍ଲକସ୍ତରୀୟ ବିଜ୍ଞାନ ମେଳା



ଝରିଗାଁ, (ଭାସ୍କର ନ୍ୟୁଜ୍): ଝରୀଗାଁ ବ୍ଲକ ସଦର ମହକୁମା ସ୍ଥିତ ସରକାରୀ ନୋଡାଲ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଆଜି ବ୍ଲକ ସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମକୁ ଅତିରିକ୍ତ ଶିକ୍ଷା ଅଧିକାରୀ ଦଶରଥ ଗଣ୍ଡ ସଭାପତିତ୍ୱ କରିଥିବା ବେଳେ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବ୍ଲକ ଅଧକ୍ଷ ଦୁର୍ଗା ପ୍ରସାଦ ମାଝୀ ଯୋଗ ଦେଇଥିଲେ । ସମ୍ମାନିତ ଅତିଥିଭାବେ ଅତିରିକ୍ତ ଶିକ୍ଷା ଅଧିକାରୀ ବଳଭଦ୍ର ବିଶୋଇ ମଞ୍ଚାସିନ ରହିଥିଲେ । ମୁଖ୍ୟ ବକ୍ତା ଭାବେ ବିଧାୟକ ପ୍ରତିନିଧି ପ୍ରଫୁଲ୍ଲ ପ୍ରଧାନୀ, ବିଦ୍ୟାଳୟର ଶିକ୍ଷୟିତ୍ରୀ ରୋହିଣୀ ହଜାରୀ ପ୍ରମୁଖ ମଞ୍ଚାସୀନ ରହି କୃତି ଛାତ୍ରଛାତ୍ରୀ ମାନଙ୍କୁ ମାନପତ୍ର ପ୍ରଦାନ କରିଥିଲେ । ଏହି ବିଜ୍ଞାନ ମେଳାରେ ବିଭିନ୍ନ ୭୭ଟି ବିଦ୍ୟାଳୟରୁ ୭ଟି ବିଭାଗର ୯୯ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା ।ଏହି ପ୍ରକଳ୍ପ ଗୁଡିକୁ ବିଭିନ୍ନ ବିଦ୍ୟାଳୟର ୧୩୭ଜଣ ଛାତ୍ରଛାତ୍ରୀ ଆଣିଥିଲେ ଓ ସେମାନଙ୍କୁ ୮୬ଜଣ ବିଜ୍ଞାନ ଶିକ୍ଷକ ସହଯୋଗ କରିଥିଲେ । କୃତୀ ପ୍ରକଳ୍ପ ଚୟନରେ ବିଚାରକ ଭାବେ କଲେଗାଁ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ବିଶ୍ୱନାଥ ସାହୁ ଓ ଡଙ୍ଗରୀଗୁଡା ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଦେବାନନ୍ଦ ସାହୁ ନିୟୋଜିତ ରହିଥିଲେ।୯୯ଗୋଟି ପ୍ରକଳ୍ପ ମଧ୍ୟରୁ ୭ଗୋଟି ପ୍ରକଳ୍ପକୁ ଚୟନ କରାଯାଇଛି । ଚୟନ ପ୍ରକଳ୍ପ ମଧ୍ୟରେ ସରକାରୀ ନୋଡାଲ ପଞ୍ଚାୟତ ହାଇସ୍କୁଲ ଝରିଗାଁ ନବମ ଶ୍ରେଣୀ ଛାତ୍ରୀ ରାଜନନ୍ଦିନି ଦଳେଇଙ୍କ ସ୍ମାର୍ଟ ବ୍ରିଜ ଯାହାକି ବାତ୍ୟା ବନ୍ୟା ପାଇଁ ଉପଯୋଗୀ,ସେହିପରି ଗଭ୍‌ଟ ୟୁଜି ଏଚ/ଏସ୍ ଛୋଟା ଗୁଡ଼ା ନବମ ଶ୍ରେଣୀ ଛାତ୍ରୀ ତୁଳସୀ ହରିଜନଙ୍କ ଲଙ୍ଗ ହାଇଟ୍ ମେନଜ୍ ମେଣ୍ଟ ଡିଭାଇସ୍, ପଞ୍ଚାୟତ ହାଇସ୍କୁଲ ଏକାମ୍ବା ଦଶମ ଶ୍ରେଣୀ ଛାତ୍ର ଲଳିତ ଗଣ୍ଡ ବେଡ୍ ୱିଥ ଟଏଲେଟ୍ ଫୁଡ୍ ହେଲେଥ ହାଇଜେନିକ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଝରିଗାଁ ଅଷ୍ଟମ ଶ୍ରେଣୀ ଛାତ୍ର ଯତୀନ ଜୈନ୍ ଫୁଡ୍ ୱେଷ୍ଟେଜ୍ ମେନେଜ୍ ମେଣ୍ଟ ,ଟଚଝ ମାଝୀ ଗୁଡ଼ା ଅଷ୍ଟମ ଶ୍ରେଣୀ ଛାତ୍ରୀ ଅମ୍ବିକା ଭତରାଙ୍କ ବିଦ୍ୟୁତ୍ ଉତ୍ପାଦନ ପ୍ରକଳ୍ପ,ଗଭ୍‌ଟ ୟୁଜି ଏଚ/ଏସ୍ ଫୁପୁ ଗାଁ କ୍ୱିକ ରେସ୍କ୍ୟୁ ଟ୍ରାନ୍ସପୋର୍ଟେଶନ, ସେହିପରି ଏକ୍ଲଙ୍ଗ୍ୱ ଟଏ ଐଝ କଲେଗାଁ ଦଶମ ଶ୍ରେଣୀ ଛାତ୍ର ସଞ୍ଜୟ ଗଣ୍ଡଙ୍କ ନେଚୁରାଲ ଫାର୍ମିଂ ପ୍ରକଳ୍ପ ଚୟନ ହୋଇଛି ।କାର୍ଯ୍ୟକ୍ରମର ଶେଷରେ ସିଆରସିସି ପ୍ରେମଦାସ ପନକା ଧନ୍ୟବାଦ ଦେଇଥିଲେ ।ଏହି କାର୍ଯ୍ୟକ୍ରମକୁ ଝରିଗାଁ ବ୍ଲକର ସମସ୍ତ ସିଆରସିସି ସହଯୋଗ କରିଥିଲେ ।

# ୭୧ତମ ସମବାୟ ସପ୍ତାହ ପାଳିତ

ଫୁଲବାଣୀ, (ଭାସ୍କର ନ୍ୟୁଜ୍): ଫୁଲବାଣୀ ଗାନ୍ଧୀ ସ୍ମୃତି ଭବନଠାରେ ଜିଲା ସମବାୟ ସଂଘର ୭୧ତମ ସମବାୟ ସପ୍ତାହ ପାଳିତ ହୋଇଯାଇଛି ।ଏହି ଅବସରରେ ଫୁଲବାଣୀ ବିଧାୟକ ଉମା ଚରଣ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କନ୍ଧମାଳ ଜିଲ୍ଲାରେ ଅଧିକ ସମବାୟ ଅନୁଷ୍ଠାନ ଗଠନ କରି ଗୁଜୁରାଟ ଓ ଆନ୍ଧ୍ରପ୍ରଦେଶ ଭଳି ସଶକ୍ତିକରଣ କରିବାକୁ ପରାମର୍ଶ ଦେଇଥିଲାବେଳେ ସଂଘର ସଭାନେତ୍ରୀ ସୁପ୍ରଭା ନାୟକ ସଭାପତିତ୍ୱ କରିଥିଲେ। ଜି ଉଦୟଗିରି ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ ,ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ଥିବା ବେଳେ ,ବୌଦ୍ଧ ସମବାୟ ବ୍ୟାଙ୍କ ସଭାପତି ଅରୁଣ କୁମାର ପ୍ରଧାନ, ଡିଆରସିଏସ ତୃପ୍ତି କଲ୍ୟାଣ ସେଠୀ ,ନାବାର୍ଡ ଡିଡିଏମ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମବାୟ ଆନ୍ଦୋଳନକୁ ଜିଲାରେ ମଜଭୂତ କରିବାକୁ ଆହ୍ୱାନ ଦେଇଥିଲେ। ଜିଲା ସମବାୟ ସଂଘର ୧୨ଜଣ ପରିଚାଳନା ନିର୍ଦ୍ଦେଶକ ଓ ବିଭିନ୍ନ ଲ୍ୟାମ୍ପସ ଚାଷୀ ଭାଇ ମାନେ ଯୋଗ ଦେଇଥିଲେ। ଏହି ଅବସରରେ କନ୍ଧମାଳ ଜିଲ୍ଲାର ସମବାୟ ଆନ୍ଦୋଳନର ପୁରୋଧା ହିସାବରେ ଗୌରୀ ଶଙ୍କର ପଟ୍ଟନାୟକଙ୍କୁ ଅତିଥିମାନେ ମଞ୍ଚରେ ସମ୍ବର୍ଦ୍ଧିତ କରିଥିଲେ। ଶ୍ରେଷ୍ଠ ଲ୍ୟାମ୍ପସ ଭାବେ ଜି ଉଦୟଗିରି ଓ ବ୍ରାହ୍ମଣୀ ଗାଁ ଲ୍ୟାମ୍ପସକୁ ସମ୍ବର୍ଦ୍ଧନା ଦିଆଯାଇଥିଲା ।ଉଲେଖନୀୟ ସେବା ପାଇଁ ଫୁଲବାଣୀ ଲ୍ୟାମ୍ପସ ପରିଚାଳନା ନିର୍ଦ୍ଦେଶକ ଭୀମସେନ ସାହୁ ଓ ବାଲିଗୁଡା ଲ୍ୟାମ୍ପସ ପରିଚାଳନା ନିର୍ଦ୍ଦେଶକ ସୁନିଲ ସାହୁଙ୍କୁ ମଞ୍ଚରେ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ ।ଏହି ଅବସରରେ ବୌଦ୍ଧ ସମବାୟ ବ୍ୟାଙ୍କ ପରିଚାଳକ କ୍ଷୀରୋଦ କୁମାର ମିଶ୍ର,ଇନ୍ସପେକ୍ଟର ସତ୍ୟଜିତ ସେଠୀ,ଅଡିଟର ଗୋପାଳ କୃଷ୍ଣ ପ୍ରଧାନ,ଏବଂ ଓଏଏସ ପାଇଥିବା ସମବାୟ ଇନ୍ସପେକ୍ଟର ଲିପସା ପ୍ରଧାନଙ୍କୁ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ। ୨୪ଗୋଟି ଲ୍ୟାମ୍ପସର ୨୪ଜଣ ଅଗ୍ରଣୀ ଚାଷୀଙ୍କୁ ମଞ୍ଚରେ ସମ୍ବର୍ଦ୍ଧିତ କରାଯାଇଥିଲା। ସମବାୟରେ ହୀନମନ୍ୟତା ଓ ସ୍ୱାର୍ଥପରତା ଛାଡି ସହଭାଗିତା ଓ ସହଯୋଗ ବୃଦ୍ଧି ହେବା ଆବଶ୍ୟକ ବୋଲି ବିଧାୟକ କହିଥିଲେ। କନ୍ଧମାଳ ଜିଲ୍ଲାରେ ବିକଳ୍ପ ରୋଜଗାର ପାଇଁ ପ୍ରତି ବ୍ଲକରେ ଓ ପଞ୍ଚାୟତ ରେ ସମବାୟ ସମିତି ଗଠନ କରି ଗରିବ ଖଟିଖିଆଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବାକୁ ବ୍ୟବସ୍ଥା କରିବା ଆବଶ୍ୟକ।ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଅନୁଷ୍ଠିତ ପ୍ରତିଯୋଗିତାରେ ୧୩ଜଣ କୃତି ପ୍ରତିଯୋଗୀଙ୍କୁ ଟ୫୦୦୦/-, ଟ୩୦୦୦/-ଓ ଟ୨୦୦୦/- ଲେଖାଏଁ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅତିରିକ୍ତ ସମବାୟ ସମୂହ ନିବନ୍ଧକ ସୁକାନ୍ତ କୁମାର ପାଢୀ ସଂଯୋଜନା କରିଥିଲେ ।ଅନ୍ୟମାନଙ୍କ ମଧ୍ୟରେ ଏସଆରସିଏସ ଗଙ୍ଗାଧର କହଁର, ଏମଡି ଭୀମସେନ ସାହୁ, ସଂଘ ସମ୍ପାଦିକା ଜ୍ୟୋତିର୍ମୟୀ ପ୍ରଧାନଙ୍କ ସହ ସମସ୍ତ ବିଭାଗୀୟ କର୍ମଚାରୀ ସହଯୋଗ କରିଥିଲେ।

# ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ



ବଲାଙ୍ଗିର,(ଭାସ୍କର ନ୍ୟୁଜ): ବଲାଙ୍ଗିର ଜିଲ୍ଲାରେ ଖରିଫ ବର୍ଷ ୨୦୨୪ -୨୫ ପାଇଁ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଜିଲ୍ଲାପରିଷଦ ସ୍ଥିତ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଛି । ଜିଲ୍ଲାପାଳ ଶ୍ରୀ ଗୌରବ୍ ଶିଓ୍ୱାଜୀ ଈସାଲଓ୍ୱାର ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କ୍ୟାବିନେଟ ମନ୍ତ୍ରୀ ଡ଼ ମୁକେଶ ମହାଲିଙ୍ଗ, ବଲାଙ୍ଗିର ଲୋକସଭା ସାଂସଦ ସଙ୍ଗୀତା କୁମାରୀ ସିଂ ଦେଓ, ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି, କଣ୍ଟାବାଞ୍ଜି ବିଧାୟକ ଲକ୍ଷଣ ବାଗ , ଟିଟିଲାଗଡ଼ ବିଧାୟକ ନବୀନ ଜୈନ, ଅତିରିକ୍ତ ଜିଲ୍ଲାପାଳ ଡ଼ ବିଜୟାନନ୍ଦ ସେଠୀ , ମୁଖ୍ୟ ନିର୍ବାହୀ ଅଧିକାରୀ ପ୍ରଭାତ ମହାପାତ୍ର , ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀ ବେଣୁଧର ପାଣିଗ୍ରାହୀ ଉପସ୍ଥିତ ଥିଲେ । ଆସନ୍ତା ଡିସେମ୍ବର ୨ ତାରିଖରୁ ପର୍ଯ୍ୟାୟକ୍ରମେ ୯୫,୦୮୭ ପଞ୍ଜୀକୃତ ଚାଷୀ ମାନଙ୍କ ଠାରୁ ୧୭୬ ଗୋଟି ମଣ୍ଡି ମାଧ୍ୟମରେ (୧୫୮ ପେକ୍ସ ଏବଂ ୧୮ ଏସଏଚଜି ) ୩୪,୦୯,୦୭୩ କୁଇଣ୍ଟାଲ ଧାନ ସଂଗ୍ରହ କରାଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଜିଲ୍ଲାପାଳ ଚାଷୀମାନଙ୍କ ସୁବିଧା ପାଇଁ ମଣ୍ଡି ରେ ପର୍ଯ୍ୟାପ୍ତ ସୁବିଧା, ଶୀଘ୍ର ଧାନ ଉଠିବା ପାଇଁ ନିଆଯାଉଥିବା ପଦକ୍ଷେପ ଓ ଚୋରା ଚାଲାଣ ହେଉଥିବା ଧାନ ଗାଡ଼ିକୁ ଜବତ କରିବା ସହ ଗତଥର ମଣ୍ଡିରେ ଉପୁଜିଥିବା ବିଭିନ୍ନ ସମସ୍ୟାର ପୁନରାବୃତ୍ତି ନଘଟିବା ,ଚାଷୀମାନେ ଯେପରି କଟଣି ଛଟଣୀର ଶିକାର ନହେବେ ସେଥିପ୍ରତି ବିଶେଷ ଧ୍ୟାନ ଦେବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସମସ୍ତ ମଣ୍ଡି ମାନଙ୍କରେ ଜଣେ ଲେଖାଏ ନୋଡ଼ାଲ ଅଧିକାରୀ ଏବଂ ୪-୫ ଟି ମଣ୍ଡି ରେ ଜଣେ ଲେଖାଏ ସୁପରଭାଇଜିଙ୍ଗ ଅଧିକାରୀ ଙ୍କୁ ଦାୟୀତ୍ୱ ଦିଆ ଯାଇଛି । ଝୋଟ ବସ୍ତାର ପର୍ଯ୍ୟାପ୍ତ ଯୋଗାଣ,ମଣ୍ଡିରେ ବିଜୁଳି, ଭିତ୍ତିଭୂମି,ଆଶ୍ରୟ ସ୍ଥଳ,ଟୋକନ୍ ସମୟ ସୀମା, ଓଜନ ମେସିନ ର ଉପଲବ୍ଧି ଉପରେ ଆଲୋଚନା କରିବା ସହ ଚାଷୀ ପ୍ରତିନିଧି, ମିଲର ତଥା ପ୍ରଶାସନିକ ସହଯୋଗରେ ଚଳିତ ଖରିଫ ଧାନ ସଂଗ୍ରହକୁ ବିନା କୌଣସି ଅସୁବିଧାରେ ସମ୍ପନ୍ନ କରିବାକୁ କହିଥିଲେ । ରାଜ୍ୟ ସରକାରଙ୍କ ନିଷ୍ପତ୍ତିକ୍ରମେ ଚଳିତ ବର୍ଷ ଏଫ୍.ଏ.କ୍ୟୁ ଧାନ ର ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରତି କ୍ୱିଣ୍ଟାଲ ପିଛା ୨୩୦୦/- ଟଙ୍କା ଏବଂ ଗ୍ରେଡ-ଏ ମୂଲ୍ୟ ପ୍ରତି କ୍ୱିଣ୍ଟାଲ ୨୩୨୦/- ଟଙ୍କା ରଖାଯାଇଛି । ଏହାବାଦ ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ସର୍ବନିମ୍ନ ସହାୟକ ମୂଲ୍ୟ ସମେତ ୮୦୦ ଟଙ୍କାର ଅତିରିକ୍ତ ଇନପୁଟ ଆସିଷ୍ଟାନ୍ସ ମଧ୍ୟ ଦିଆଯିବ ଯାହା ସର୍ବମୋଟ ୩୧୦୦ ଟଙ୍କା ହେବ । ଧାନ ମିଳିବାର ୪୮ ଘଣ୍ଟା ମଧ୍ୟରେ ଯେପରି ଚାଷୀ ଟଙ୍କା ପାଇବ ସେ ବାବଦରେ ମଧ୍ୟ ଧ୍ୟାନ ଦେବାକୁ କହିଥିଲେ । ପ୍ରତ୍ୟେକ ଧାନ ମଣ୍ଡିରେ ଗୁଣାତ୍ମକ ମାନ ଯାଞ୍ଚ କରିବା ପାଇଁ ବ୍ୟବସ୍ଥା କରାଯିବ । ଏଥିନିମନ୍ତେ ରେଜିଷ୍ଟର ରଖାଯାଇ ମାନଯାଞ୍ଚ ତଥ୍ୟ ଓ କୃଷକ ମାନଙ୍କ ନାମ ଉଲ୍ଲେଖ ରହିବ । ଏଥିନିମନ୍ତେ ପ୍ରାଥମିକ କୃଷି ସମବାୟ ସମିତି ଓ ନିୟନ୍ତ୍ରଣ ବଜାର କମିଟି ସମ୍ପାଦକ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବେ । ସଂଗୃହୀତ ଧାନର ମାନ ନିରୀକ୍ଷଣ କରିବା ପାଇଁ ଯନ୍ତ୍ରର ବ୍ୟବହାର କରାଯିବ (ଗ୍ରେନ ଆନାଲାଇଜର ) ଏବଂ ଡିଜିଟାଲ ଆଦ୍ରତା ମାପ ଯନ୍ତ୍ର ଲଗାଯିବ ବୋଲି ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ସୂଚନା ଦେଇଥିଲେ । ଧାନର ଏଫଏକ୍ୟୁ ମାନ ବିଷୟରେ ଚାଷୀଙ୍କୁ ପୂର୍ବରୁ ସଚେତନ କରିବା, ମଣ୍ଡିକୁ ଧାନ ଆସିବାର ଯଥା ସମୟ ପୂର୍ବରୁ ଚାଷୀ ମାନଙ୍କୁ ଟୋକେନ୍ ଦେବା ବ୍ୟବସ୍ଥା କରିବା, କଳାବଜାରୀ ଭଳି ବେଆଇନ କାର୍ଯ୍ୟଗୁଡିକୁ ରୋକିବା ପାଇଁ ବୈଠକରେ ନିଷ୍ପତି ନିଆଯାଇଥିଲା ଓ କୌଣସି ଟୋକନ ଯେପରି କ୍ଷତି ନ ହୁଏ ସେଥିପ୍ରତି ଜିଲ୍ଲାପାଳ ଙ୍କୁ ୭ ଦିନ ଅବଧି ବଢାଇବାକୁ ମଧ୍ୟ କ୍ଷମତା ଦିଆ ଯାଇଛି । ବାହାର ଜିଲାରୁ କିମ୍ବା ଆନ୍ତରାଜ୍ୟ ଧାନ ବିକ୍ରି ରୋକ ପାଇଁ ଆରକ୍ଷୀ ଅଧିକ୍ଷକ ବିଭିନ୍ନ ସ୍ଥାନରେ ନାକା ବନ୍ଦୀ କରିବା ତଥା ସିସିଟିଭି ଦ୍ୱାରା ପୋଲିସ ବିଭିନ୍ନ ସ୍ଥାନରେ ଜଗିବ ବୋଲି ସୂଚନା ଦେଇଥିଲେ ।



ନୂଆଦିଲ୍ଲୀ/ଭୁବନେଶ୍ୱର(ବ୍ୟୁରୋ): ଶନିବାର ସକାଳେ, ରାତିରେ ଏବଂ ରବିବାର ସକାଳେ ୩ ଜିଲ୍ଲାରେ ଘନକୁହୁଡ଼ି ପଡ଼ିବାର ସମ୍ଭାବନା ରହିଛି। ଭାରତୀୟ ପାଣିପାଗ ବିଭାଗଠାରୁ ଏହି ସୂଚନା ମିଳିବା ପରେ ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିଶନର ୩ ଜିଲ୍ଲା- ସୁନ୍ଦରଗଡ଼, କଳାହାଣ୍ଡି ଓ କନ୍ଧମାଳର ପୋଲିସ ଓ ପରିବହନ ଅଧିକାରୀଙ୍କୁ ସତର୍କ ରହିବା ପାଇଁ ପରାମର୍ଶ ଦେଇଛନ୍ତି। କୁହୁଡ଼ି ସମୟରେ ରାଜପଥଗୁଡ଼ିକରେ ଯେପରି କୌଣସି ଗାଡ଼ି ଦୁର୍ଘଟଣାଗ୍ରସ୍ତ ନ ନହୁଏ, ସେଥିନେଇ ପଦକ୍ଷେପ ନେବାକୁ ଏସ୍ଆରସି କହିଛନ୍ତି। ଅନ୍ୟପକ୍ଷରେ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନକେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି ଯେ ଆଗାମୀ ୫ ଦିନ ପାଇଁ ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ରହିବ। ତେବେ ୨୭ ତାରିଖରେ ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ପୁରୀ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ୨୮ ତାରିଖରେ ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ମାଲକାନଗିରି ଓ କୋରାପୁଟ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ଥିବା ପାଣିପାଗ ବିଭାଗ ସୂଚନା ଦେଇଛି। ସୂଚନାଯୋଗ୍ୟ ଯେ ଗତ କିଛିଦିନ ହେବ ରାଜ୍ୟରେ ଶୀତର ଲହରୀ ଦେଖାଯୋଇଛି। ଏପରିକି ୩ ସହରର ତାପମାତ୍ରା ୧୫ ଡିଗ୍ରୀ ତଳେ ଥିବା ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଓଡ଼ିଶାର କାଶ୍ମୀର କୁହାଯାଉଥିବା ଦାରିଙ୍ଗିବାଡ଼ିରେ ମଧ୍ୟ ଗତ କିଛିଦିନ ହେବ ଶୀତ ଲାଗି ରହିଥିବାରୁ ପର୍ଯ୍ୟଟକମାନେ ଭରପୁର ମଜା ଉଠାଉଛନ୍ତି।

## ଆଜି ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ

# ମହାରାଷ୍ଟ୍ର, ଝାଡ଼ଖଣ୍ଡରେ କିଏ ହାତେଇବ ଶାସନ ଗାଦି !



ନୂଆଦିଲୀ : ମହାରାଷ୍ଟ୍ର ଓ ଝାଡ଼ଖଣ୍ଡ ବିଧାନସଭା ଭୋଟଗଣତି ଶନିବାର ଅନୁଷ୍ଠିତ ହେବ। ଏହି ଦୁଇଟି ରାଜ୍ୟର ନିର୍ବାଚନରେ ଭାଗ ନେଇଥିବା ପ୍ରାର୍ଥୀଙ୍କ ଭାଗ୍ୟ ମଧ୍ୟ ନିର୍ଦ୍ଧାରଣ କରାଯିବ। ମହାରାଷ୍ଟ୍ର ଓ ଝାଡ଼ଖଣ୍ଡରେ କିଏ ହାତେଇବ ଶାସନ ଗାଦି, କାହା ମୁଣ୍ଡରେ ହାତୀ ଢାଳିବ ସୁନା କଳସ ତାହା ସ୍ପଷ୍ଟ ହେବ। ଗଣତି ପାଇଁ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ମହାରାଷ୍ଟ୍ରର ୨୮୮ଟି ଆସନ ପାଇଁ ଗୋଟିଏ ପର୍ଯ୍ୟାୟରେ ମତଦାନ ହୋଇଥିବାବେଳେ ଝାଡ଼ଖଣ୍ଡର ୮୧ଟି ଆସନ ପାଇଁ ଦୁଇଟି ପର୍ଯ୍ୟାୟରେ ମତଦାନ ଅନୁଷ୍ଠିତ ହୋଇଥିଲା। ମହାରାଷ୍ଟ୍ରରେ ମରାଠୀ ଅସ୍ମିତା ବନାମ ଧର୍ମଯୁଦ୍ଧକୁ ନେଇ ନିର୍ବାଚନ ଲଢାଯାଇଥିବାବେଳେ ଝାଡ଼ଖଣ୍ଡରେ ଆଦିବାସୀଙ୍କ ହକ୍ ଏବଂ ଅନୁପ୍ରବେଶକୁ ମୁଦ୍ଦା କରି ନିର୍ବାଚନ ଲଢା ଯାଇଥିଲା। ତେବେ ବିଭିନ୍ନ ସର୍ବେସଂସ୍ଥାର ଆକଳନ ଅନୁଯାୟୀ ମହାରାଷ୍ଟ୍ରରେ ବିଜେପି ନେତୃତ୍ୱାଧୀନ ମହାୟୁତିକୁ ୧୩୭ରୁ ୧୫୭ଟି ଆସନ ମିଳିବାର ସମ୍ଭାବନା ଥିବାବେଳେ ମହାବିକାଶ ଅଘାଡିକୁ ୧୨୬ରୁ ୧୪୭ଟି ଓ ଅନ୍ୟମାନଙ୍କୁ ୨ଟିରୁ ୮ଟି ସିଟ୍ ମିଳିପାରେ। ସେହିପରି ଝାଡ଼ଖଣ୍ଡରେ ବିଜେପି ନେତୃତ୍ୱାଧୀନ ଏନଡିଏକୁ ୪୨ରୁ ୪୭ ସିଟ୍ ମିଳିବାର ସମ୍ଭାବନା ଥିବାବେଳେ ମହାଗଠବନ୍ଧନକୁ ୨୫ରୁ ୩୦ଟି ଆସନ ମିଳିବାର ସମ୍ଭାବନା ରହିଛି। ଅନ୍ୟାନ୍ୟ ଦଳ ଗୋଟିଏରୁ ୪ଟି ଆସନ ପାଇପାରନ୍ତି। ଏହି ନିର୍ବାଚନରେ ବିଜେପି ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ସମେତ କେନ୍ଦ୍ର ଗୃହମନ୍ତ୍ରୀ, ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା ଅନ୍ୟ ବରିଷ୍ଠ ନେତାମାନେ ପ୍ରଚାରରେ ନିଜକୁ ସାମିଲ କରିଥିବାବେଳେ କଂଗ୍ରେସ ପକ୍ଷରୁ ସଭାପତି ମଲ୍ଲିକାର୍ଜୁନ ଖଡ୍‌ଗେ, ରାହୁଲ ଗାନ୍ଧୀ ପ୍ରମୁଖ ପ୍ରଚାରରେ ସାମିଲ ହୋଇଥିଲେ।

# ଏନ୍‌କାଉଣ୍ଟର: ୧୦ ନକ୍ସଲ ନିପାତ



ମାଲକାନଗିରି (ଭାସ୍କର ନ୍ୟୁଜ): ଧୀରେ ଧୀରେ ଭୁଶୁଡ଼ିବାରେ ଲାଗିଛି ନକ୍ସଲଙ୍କ ଗଡ଼ । ସୁରକ୍ଷାକର୍ମୀଙ୍କ ଲଗାତାର ଅପରେସନ ଫଳରେ ଜଣକ ପରେ ଜଣେ ନକ୍ସଲ ଟଳୁଛନ୍ତି। ଗୁରୁବାର ମାଲକାନଗିରିରେ ସୁରକ୍ଷାକର୍ମୀଙ୍କ ଗୁଳିରେ ଜଣେ ନକ୍ସଲ ନିହତ ହୋଇଥିବାବେଳେ ଶୁକ୍ରବାର ଛତିଶଗଡ଼ର ସୁକମା ଜିଲ୍ଲାରେ ହୋଇଥିବା ଏନକାଉଣ୍ଟରରେ ୧୦ ନକ୍ସଲ ନିହତ ହୋଇଥିବା ସୂଚନା ମିଳିଛି। ବସ୍ତର ଆଇଜି ପି.ସୁନ୍ଦର ରାଜ କହିଛନ୍ତି ଯେ ସୁକମା ଜିଲ୍ଲାର ଭେଜି ପୋଲିସ ଥାନା ଅଧୀନରେ ଥିବା ଘଞ୍ଚ ଜଙ୍ଗଲରେ ୩୦ରୁ ଊର୍ଦ୍ଧ୍ୱ ନକ୍ସଲ ଥିବାର ସୂଚନା ମିଳିବା ପରେ କମ୍ବିଂ ଅପରେସନ ଆରମ୍ଭ ହୋଇଥିଲା। ଏଥିରେ ୧୦୦ରୁ ଅଧିକ ଯବାନ ସାମିଲ ହୋଇଥିଲେ। ଉଭୟପକ୍ଷ ମଧ୍ୟରେ ଦୀର୍ଘସମୟ ଧରି ଗୁଳି ବିନିମୟ ହୋଇଥିଲା। ଏଥିରେ ୧୦ ନକ୍ସଲ ଟଳି ପଡ଼ିଥିଲେ। ୧୦ ନକ୍ସଲଙ୍କ ମୃତଦେହ ଜବତ କରାଯାଇଛି। ସେମାନଙ୍କ ନିକଟରୁ ଇନସାଟ୍, ଏକେ-୪୭ ରାଇଫଲ, ଏସ୍ଏଲ୍ଆର୍ ଜବତ ସହ ଅନେକ ଅସ୍ତ୍ରଶସ୍ତ୍ର ମଧ୍ୟ ଜବତ କରାଯାଇଛି। ଜଙ୍ଗଲରେ ଏବେ ବି କିଛି ମାଓବାଦୀଙ୍କ ମୃତଦେହ ପଡ଼ିଥିବା ସନ୍ଦେହରେ ଖୋଜାଖୋଜି ଆରମ୍ଭ ହୋଇଛି। ଆଉ କିଛି ମାଓବାଦୀ ଆହତ ଅବସ୍ଥାରେ ଫେରାର ହୋଇଯାଇଥିବା ଅନୁମାନ କରାଯାଉଛି। ଏବେ ବି ସଂପୃକ୍ତ ଜଙ୍ଗଲରେ ସୁରକ୍ଷାକର୍ମୀଙ୍କ ପକ୍ଷରୁ ସର୍ଚ୍ଚ ଅପରେସନକୁ ଜୋରଦାର କରାଯାଇଛି।

## ୨୬ରୁ ବିଧାନସଭାର ଶୀତକାଳୀନ ଅଧିବେଶନ

# ପ୍ରଥମ ଦିନରେ ଅତିରିକ୍ତ ବଜେଟ୍ ଉପସ୍ଥାପନ

ଭୁବନେଶ୍ୱର (ଭାସ୍କର ନ୍ୟୁଜ): ବିଧାନସଭାର ଶୀତକାଳୀନ ଅଧିବେଶନ ଆସନ୍ତା ୨୬ ତାରିଖରେ ଆରମ୍ଭ ହେବାକୁ ଯାଉଛି। ଅଧିବେଶନର ପ୍ରଥମ ଦିନରେ ଅର୍ଥବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଧାନସଭାରେ ଅତିରିକ୍ତ ବଜେଟ୍ ଉପସ୍ଥାପନ କରିବାର ସ୍ଥିର ହୋଇଛି। ଶୀତ ଅଧିବେଶନ ବେଶ୍ ସରଗରମ ହେବ ବୋଲି ଆଶା କରାଯାଉଛି। ବିଭିନ୍ନ ପ୍ରସଙ୍ଗକୁ ନେଇ ବିରୋଧୀ ବିଜେଡି ଓ କଂଗ୍ରେସ ସରକାରଙ୍କୁ ଘେରିବାର ଯୋଜନା ପ୍ରସ୍ତୁତ କରିଛନ୍ତି। ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା, ଆମ୍ବଟାକୁଆ ଜାଉ ଖାଇ ୩ ମହିଳାଙ୍କ ମୃତ୍ୟୁ, ନାରୀ ନିର୍ଯାତନା ବୃଦ୍ଧି, ମହାନଦୀ ଜଳବିବାଦ ପ୍ରସଙ୍ଗ, ଆନ୍ଧ୍ର ସରକାରଙ୍କ ସହ ପୋଲାଭରମ ପ୍ରକଳ୍ପ ଏବଂ କୋଟିଆ ବିବାଦର ସମାଧାନକୁ ନେଇ ବିଜେଡି ସରକାରଙ୍କୁ ଘେରିବାର ସ୍ଥିର କରିଛି। ଅନ୍ୟପକ୍ଷରେ କଂଗ୍ରେସ ବାଲିଯାତ୍ରାରେ ଅବ୍ୟବସ୍ଥା, ବାଲିଯାତ୍ରାକୁ ଜାତୀୟ ମାନ୍ୟତା ପ୍ରସଙ୍ଗ ସହ ଅନ୍ୟ କେତେକ ପ୍ରସଙ୍ଗକୁ ନେଇ ସରକାରଙ୍କୁ ଘେରିବ ବୋଲି କଟକ-ବାରବାଟୀ ବିଧାୟିକା ସୋଫିଆ ଫିର୍ଦ୍ଦୋଷ କହିଛନ୍ତି। ଅନ୍ୟପକ୍ଷରେ ବିଜେପି ମଧ୍ୟ ବିରୋଧୀଙ୍କ ପ୍ରସ୍ତାବକୁ କାଉଣ୍ଟର କରିବ ବୋଲି ଯୋଜନା ପ୍ରସ୍ତୁତ କରିଛି। ବିଜେପି ପକ୍ଷରୁ କୁହାଯାଇଛି ଯେ ବିରୋଧୀଦଳ ରାଜ୍ୟ ସରକାରଙ୍କ ବିକାଶକୁ ନେଇ ଅସହିଷ୍ଣୁ ହୋଇଛନ୍ତି। ବିରୋଧୀଦଳ ଶାସକଦଳ ବିରୋଧରେ ଅପ୍ରସଙ୍ଗକୁ ପ୍ରସଙ୍ଗ କରିବା ଦୁର୍ଭାଗ୍ୟଜନକ ବୋଲି ଦଳ ପକ୍ଷରୁ କୁହାଯାଇଛି।

## ଓଟିଇଟି ରେଜଲ୍ଟ ପ୍ରକାଶିତ

କଟକ (ଭାସ୍କର ନ୍ୟୁଜ): ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଶୁକ୍ରବାର ଓଡ଼ିଶା ଟିଚର୍ସ ଏଲିଜିବିଲିଟି ଟେଷ୍ଟ (ଓଟିଇଟି) ପରୀକ୍ଷାଫଳ ପ୍ରକାଶ ପାଇଛି। ପରୀକ୍ଷାଫଳ ବୋର୍ଡର ୱେବ୍‌ସାଇଟ୍‌ରେ ଉପଲବ୍ଧ କରାଯାଇଛି। ଯେଉଁମାନେ କୃତକାର୍ଯ୍ୟ ହୋଇଛନ୍ତି। ସେମାନେ ଡିଜିଟାଇଜ୍‌ଡ ସାର୍ଟିଫିକେଟ ଡାଉନଲୋଡ୍ କରିପାରିବେ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି। ସେହିପରି ଯେଉଁମାନେ ଅସଫଳ ହୋଇଛନ୍ତି ସେମାନେ ସ୍କାନ୍‌ଡ ଓଏମ୍ଆର ଉତ୍ତରଖାତା ୨୯ ତାରିଖ ପର୍ଯ୍ୟନ୍ତ ୱେବସାଇଟ୍‌ରୁ ଡାଉନଲୋଡ୍ କରିପାରିବେ ବୋଲି ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି।

## ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ ସକ୍ରିୟ

ଭୁବନେଶ୍ୱର (ଭାସ୍କର ନ୍ୟୁଜ): ଦକ୍ଷିଣ ଆଣ୍ଡାମାନ ସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ସକ୍ରିୟ ହୋଇଛି। ଏହା ଶନିବାର ସୁଦ୍ଧା ଲଘୁଚାପର ରୂପ ନେବାର ସମ୍ଭାବନା ଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି। ଲଘୁଚାପ ସୃଷ୍ଟି ହେବାପରେ ଏହା ଉତ୍ତର ଓ ଉତ୍ତର-ପଶ୍ଚିମ ମୁହାଁ ହୋଇ ଅବପାତରେ ପରିଣତ ହେବ। ତେବେ ଏହା ବାତ୍ୟାରୂପ ନେବ କି ନାହିଁ ଲଘୁଚାପ ସୃଷ୍ଟି ହେବାପରେ ସ୍ପଷ୍ଟ ହେବ। ତେବେ ଓଡ଼ିଶା ଉପରେ ଏହାର ସିଧାସଳଖ ପ୍ରଭାବ ନାହିଁ ବୋଲି ବିଭାଗ କହିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଭାଷା ଗୋଟିଏ...

ବାଣିଜ୍ୟ କରିବାକୁ ଯାଉଥିଲେ ଏବଂ ଆଷାଢରେ ଫେରି ଆସୁଥିଲେ। ସାଧବ ପୁଅମାନେ ଯେଉଁଠାକୁ ଯାଇଛନ୍ତି, ସେଠାରେ ଓଡ଼ିଆ ଅସ୍ମିତା ଦେଖିବାକୁ ମିଳିଛି। ବୋଇତ ବନ୍ଦାଣର ମୂକସାକ୍ଷୀ ହେଉଛି କଟକର ଐତିହାସିକ ବାଲିଯାତ୍ରା। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ ଯେ ଆମେ ସମସ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭୂମିରେ ଜନ୍ମଲାଭ କରିଛୁ। ଆମେ ହେଉଛୁ ମହାନ ଓଡ଼ିଆ ଭାଷା ଓ ସଂସ୍କୃତିର ଉପାସକ। ସେ କହିଥିଲେ, ମହାମହିମ ରାଷ୍ଟ୍ରପତି ହେଉଛନ୍ତି ଜଣେ ଉଚ୍ଚକୋଟୀର ମଣିଷ। ଓଡ଼ିଶାକୁ ସେ ବହୁତ ଭଲ ପାଆନ୍ତି ଏବଂ ନିଜ ମାଟି ମାଆର ପରିଚୟକୁ କୌଣସି ପରିସ୍ଥିତିରେ ଭୁଲି ପାରନ୍ତି ନାହିଁ। ଆମର କଳା ଓ ସଂସ୍କୃତି ସାରା ପୃଥିବୀରେ ପ୍ରସିଦ୍ଧ। ଓଡ଼ିଶାର ପ୍ରତି ଗାଁରେ, ପ୍ରତି ଗଳିକନ୍ଦିରେ ଭରି ରହିଛି କଳା ଓ ସଂସ୍କୃତିର ସ୍ୱତନ୍ତ୍ର ଝଲକ। ଓଡ଼ିଆ ଭାଷା ଏକ ଶାସ୍ତ୍ରୀୟ ଭାଷା। ଓଡ଼ିଶୀ ନୃତ୍ୟ ଶାସ୍ତ୍ରୀୟ ନୃତ୍ୟ। ଓଡ଼ିଶୀ ସଂଗୀତକୁ ଶାସ୍ତ୍ରୀୟ ମାନ୍ୟତା ଦେବାପାଇଁ ଆମର ଉଦ୍ୟମ ଜାରି ରହିବ ବୋଲି ସେ କହିଥିଲେ। ସେ ଆହୁରି କହିଥିଲେ ଯେ ଆମ ସରକାର ଗଠନ ହେବାର ପ୍ରଥମ ଦିନରୁ ହିଁ ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବା ପାଇଁ ନିଷ୍ପତ୍ତି ନିଆଯାଇଛି। ମହାପ୍ରଭୁଙ୍କ ସେବାପାଇଁ ୫୦୦ କୋଟିର କର୍ପସ ଫଣ୍ଡ ସହିତ ରତ୍ନଭଣ୍ଡାରର ସୁରକ୍ଷା ପାଇଁ ସମସ୍ତ ପଦକ୍ଷେପ ନେଇଛୁ। ୨୦୦ କୋଟି ଟଙ୍କାରେ ଏକ ସ୍ୱତନ୍ତ୍ର ଓଡ଼ିଆ ଅସ୍ମିତା କର୍ପସ ପାଣ୍ଠି ଗଠନ କରାଯାଇଛି। ସେ ଆହୁରି କହିଥିଲେ, କଳା ଓ ସଂସ୍କୃତି ସହିତ ଆମର ଆର୍ଥିକ ବିକାଶ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ସମାଜର ସବୁ ସ୍ତରର ଲୋକଙ୍କ ବିକାଶ ନ ହେଲେ କେବଳ ସଂସ୍କୃତିକୁ ନେଇ ଆମେ ଆଗକୁ ଯାଇପାରିବା ନାହିଁ । ମୁଁ ଏବେ ସିଙ୍ଗାପୁରରୁ ଫେରିଛି। ସେଠାରେ ପ୍ରତିଷ୍ଠିତ ନିବେଶକାରୀଙ୍କ ସହ ଆଲୋଚନା କରିଛି। ଖୁବ୍‌ଶୀଘ୍ର ଓଡ଼ିଶାରେ ପୁଞ୍ଜିନିବେଶ ପାଇଁ ସେମାନେ ଓଡ଼ିଶା ଆସିବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେ ଆହୁରି କହିଥିଲେ, ପ୍ରଧାନମନ୍ତ୍ରୀ ମୋଦିଜୀ ଓଡ଼ିଶାକୁ ଖୁବ୍ ଭଲ ପାଆନ୍ତି। ଓଡ଼ିଶାର ବିକାଶ ପାଇଁ ତାଙ୍କର ସ୍ୱତନ୍ତ୍ର ଧ୍ୟାନ ରହିଛି। ଏହି ସମାରୋହରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଅଶ୍ୱିନୀ ବୈଷ୍ଣବ, ଜୁଏଲ ଓରାମଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ।

**AFFIDAVIT**

By virtue of an affidavit in the court of Executive Magistrate, Kujang, I Tej Pratap, S/o- Late Mishrilal, At/Po- Chatua, Via/PS-Kujang, Dist-Jagatsinghpur, declares that my old name is Tej Pratap which is recored in Aadhar Card. I have changed my name Pratap Mallik to Tej Pratap. Henceforth I shall be known as Tej Pratap for all purposes.

**Sd/- Tej Pratap**

GOVERNMENT OF ODISHA
e-Procurement Notice, ANGUL (R&B) DIVISION
Bid Identification No. 14 of 2024-25
e-mail ID- angulrbdivision@yahoo.co.in
B-632

1. Number of Works : 15 (Fifteen) number of building works
2. Approximate estimated cost : Varies from Rs.40.00 lakh to Rs.58.00 lakhs
3. Period of completion : 04 (Four) Calendar months
4. Date & Time of availability of bid document In the portal : Dt. 25.11.2024 at 10.00 A.M.
5. Last date / Time for receipt of bid in the portal : Dt. 09.12.2024 up to 5.00 P.M.
6. Date of opening Bid : Dt. 10.12.2024 at 11.00 A.M.
7. Name and address of the Office Inviting Bid : Superintending Engineer, Angul (R&B) Division, Angul
8. The bidders have to participate in ONLINE bidding only.

Further details can be seen from the e-procurement portal https:/tendersodisha.gov.in

Sd/- Superintending Engineer,
Angul (R&B) Division

OIPR 34074/11/0007/2425

OFFICE OF THE SUPERINTENDING ENGINEER
BHUBANESWAR (R&B) DIVISION NO III
BHUBANESWAR
bbsrrandb03@yahoo.com
B-660
60Estg.No - 7053 Date - 21.11.2024

Government of Odisha "e"-Procurement Notice No (28) of 2024-25
Bid Identification No: - C.C. (R&B) 03

| | | |
|---|---|---|
| 1 | Name of the Work | Building Work |
| 2 | Total No of works | 1 no. work |
| 3 | Estimated Cost | ₹73,89,126.00 |
| 4 | Class of Contractor | " B" Class Contractor |
| 5 | Period of Completion | 3 (Three ) Calendar Months |
| 6 | Type of Tender | Double Cover System (Online) |
| 7 | Date & time of availability of bid document in the portal | From 26/11/2024 at. 11.00 A.M. to 10/12/2024 upto 5.30P.M. |
| 8 | Last Date & Time for Receipt of bids in the Portal | 10/12/2024, upto 5.30 P.M. |
| 9 | Name & Address of the Officer inviting Bid | Dr.Er. Gayatri Patel, Superintending Engineer, Bhubaneswar (R&B) Division No III, Bhubaneswar |

Further details can be seen from the e-procurement portal https://tendersorissa.gov.in
N.B: Subsequent corrigendum / addendum if required shall be available in the website as indicated above

Sd/-Superintending Engineer
BBSR (R&B) Division No.III, BBSR

OIPR 34089/11/0013/2425

OFFICE OF THE NOTIFIED AREA COUNCIL,
KHARIAR ROAD
Mail:- nackhrd@rediffimail.com
Phone No- 06678-221239
INVITATION FOR BIDS
Bid Reference No-2024-ORULB-107384-1
C-1079
Tender Call Notice No .2822 dtd 20/11/2024

Bid documents consisting of specification the schedule of quantities and the set of terms and condition of contract and other necessary document can be seen in the Govt. Website i.e. www.tendersprossa.gov.in.

| | | | |
|---|---|---|---|
| 1 | Nature of work | : | Electrical construction works as mentioned in website |
| 2 | Estimated Cost | : | Rs.9.73 lakhs |
| 3 | Period of Completion | : | As per DTCN |
| 4 | Date and time of availability of the documents in the portal | : | 10.00 AM 21.11.2024 to 5:00 PM 29.11.2024 |
| 5 | Last date/time for receipt of Bids in the portal | : | 29.11.2024 by 5.30 PM. |
| 6 | Offline Submission of Bid | : | 10.00 AM.of 30.11.2024 to 5.30 PM of 02.12.2024 |
| 7 | Name and address of the Officer inviting Bid | : | Executive Officer, Khariar Road NAC, Dist - Nuapada |

Further the details can be seen from the "procurement Portal-www.tendersprossa.gov.in.

Sd/- Executive Officer
NAC, Khariar Road

OIPR 13136/11/0021/2425

GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISION, JEYPORE
***
e-Procurement for Building works
Bid Identification No: EERWJYP – Online -05/2024-25
O-697

Letter No. 6769 Date: 19.11.2024

01. Name of the work :: Building works
02. Total Number of works :: 02 (Two) Nos.
03. Approximate Estimated cost :: Rs. 46.23 Lakhs to Rs. 46.24 lakhs (approximately)
04. Class of Contractor : "B" Class
05. Period of Completion :: within 9 Months
06. Other Details

| Procurement Officer | Bid Identification No. | SI No. of work in notice | Availability of tender online for bidding | | Last date and time of seeking tender clarification | Date of Opening |
|---|---|---|---|---|---|---|
| | | | From | To | | |
| Executive Engineer, R.W. Division, Jeypore | Online Tender/05/ RWD-JYP/2024-25 | SI No.2 | 26.11.2024 at 11.00 A.M | 03.12.2024 upto 5.00 P.M. | 02.12.2024 at 01.30 P.M | 04.12.2024 at 11.00 A.M |

Further details can be seen from the website www.tendersodisha.gov.in/nicgep/app
All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.

*N.B. Any Addendum or Corrigendum will be available in the Website only.

Additional Chief Engineer,
Rural Works Division: Jeypore.

OIPR 25160/11/0006/2425

GOVERNMENT OF ODISHA
DEPARTMENT OF WATER RESOURCES,
OFFICE OF THE SUPERINTENDING ENGINEER
MINOR IRRIGATION DIVISION, KANDHAMAL
A-589
e-Procurement Notice
BID IDENTIFICATION NO-10/2024-25
Letter No- 2760 Dt- 20 / 11 / 2024

| | |
|---|---|
| Name of work | Improvement to MI Projects under Critical Grant for the year 2024-25. |
| No Works | 04 (four) No. |
| Estimated Cost | Rs. 18.77 lakh to Rs.20.78 lakh Approximately |
| Tender paper cost | Rs.6000.00 (Non- refundable) |
| Period of completion | 90 (ninety days) only. |
| Availability of Bid documents | From 10.00 AM of 25.11.2024 to 17.00 hrs of 04.12.2024 in website (www.tendersodisha.gov.in) |
| Time of receipt of bid through on line | From 10.00 AM of 25.11.2024 to 17.00 hrs of 04.12.2024 through online |
| Date of opening of bid documents | At 11.00 hrs of 05.12.2024 in the O/O S.E., M.I. Division, Kandhamal, Phulbani |
| Digital signature certificate | The bidder must possess compatible digital signature certificate (DSC) of class II or class-III |

The detail tender call notice can also be seen in the DOWR website http/dowrorissa.gov.in.

Name and address of the OIT:- Superintending Engineer, M.I. Division, Kandhamal, Ph No.06842-253634, Fax:-06842-253816, E-mail: kmidplb@gmail.com

Further details can be seen from the e-procurement market place, http//www.tendersodisha.gov.in

Sd/-(Er. Manaranjan Hansdah)
Superintending Engineer
M.I. Division, Kandhamal

OIPR 32487/11/0005/2425

OFFICE OF THE SUPERINTENDING ENGINEER
P.W.D. (B&R) AMBIKPUR CIRCLE AMBIKAPUR
Invitation Date :- 20.11.2024
E-PROCUREMENT TENDER NOTICE

01. For tender detail please visit http://eproc.cgstate.gov.in
02. Concern Divisio - S.No. 01 to 03 Pathalgaon, S.No. 4,5 Jashpur, S.No. 6 Manendragarh, S.No. 7 Ramanujganj, S.No. 8,10 Ambikapur and S.No. 9 Surajpur Division
03. S.No. 01 to 08 - 'D' Class And Above Contractor & S.No. 09 - 'C' Class And Above Contractor
04. Bid Submission Due Date -S.No. 01 to 08 - 04.12.2024 & S.No. 09 to 10 - 10.12.2024

| S. No. | N.I.T.No. | Name of work | P.A.C. in lacks |
|---|---|---|---|
| 1 | 2 | 3 | 4 |
| 1 | 123 | Ordinary Repair on Ludeg Tapkara Lawakera (SH Road) Km. 1 to 8, 10 to 17 = 16.00 Km. under PWD Sub Division No. 1 Pathalgaon Distt. Jashpur. (Second Call) | 72.32 |
| 2 | 124 | Ordinary Repair work on Tumla Bhelwa Road Length 6.00 Km. Village Road under PWD Sub Division No. 1 Pathalgaon Distt. Jashpur. (Second Call) | 60.74 |
| 3 | 125 | Ordinary Repair on Ludeg Tapkara Lawakera (SH Road) Km. 19 to 22, 24 to 26, 32,33, 35,36/2-8, 37 to 41/6 = 15.40 Km. under PWD Sub Division No. 1 Pathalgaon Distt. Jashpur. (Second Call) | 41.81 |
| 4 | 126 | BT Patch Repair work of following Roads of Tapkara Section under PWD Sub Division Kunkuri (Total Length 11.40 Km.) 1. Abira Jharkhand Border Road 1.50 Km. 2. Kersai Nawatoli Road 1.50 Km. 3. Singibahar Lathbora Road 5.00 Km. 4. Uparkachhar Approach Road 3.40 Km. (Second Call) | 31.54 |
| 5 | 127 | BT Patch Repair work of following Roads of Bagicha Section under PWD Sub Division Bagicha (Total Length 33.72 Km.) 1. Rajpuri Approach Road Km. 1 to 4/6 = 3.60 Km. Jurrudand Pirai Road 1.60 Km. 3. Marol Kurumdhodha Road 2.50 Km. 4. Dhodharamba Dhurukona Road 4.00 Km. 5. Mahadevdand Jurudand Road 6.30 Km. 6. Pattakela Approach Road 4.10 Km. 7. Bimda Jurgum Road 4.40 Km. 8. Peta Khantadand Road 2.80 Km. 9. Sardih Approach Road 4.00 Km. 10. Civil Court Bagicha Approach Road 0.42 Km. (Second Call) | 63.93 |
| 6 | 128 | Construction of Main Road (SH 08) to Kevti Sahu Para (Length 1050M) Distt. MCB (C.G.) (Second Call) | 49.72 |
| 7 | 129 | BT Patch Repair of SH,MDR and VR Road under Sub Division Kusmi Distt Balrampur Ramanujganj (C.G.) 1. Kusmi Korondha to Jharkhand Border Length 3.30 Km. 02. Nilkanthpur Katima Road VR Length 3.00 Km. 03. Lau Approach Road VR Length 10.60 Km. 04. Chachi Dhandhapur VR Length 4.00 Km. 02 Gopalpur Barbaspur Road VR Road Length 1.60 Km. (Second Call) | 79.99 |
| 8 | 130 | BT Patch Repair work of 1. Lahpatra Belkharikha Road Length 6.00 Km. 2. Jamgala Approach Road Length 2.00 Km. 3. Amgasi Chainpur Road Length 7.20 Km. and 4. Taparkela Dhanpuri Road Lengtth 1.50 km. Total Lenngth 16.70 Km. under sub division No. 1 Ambikapur. (Second Call) | 27.76 |
| 9 | 131 | Providing and Fixing of Road Furniture and Road Saftey Item of Tara Premnagar Ramanujnagar Krishnapur Road under Sub Division Premnagar (First Call) | 27.82 |
| 10 | 132 | Construction of Additional Room at Govt. Rajmohni Devi Girls PG Collage at Ambikapur Distt. Surguja including Electrification Works. (First Call) | 131.09 |

G-242503951/ 5

Sd/- Superintending Engineer
P.W.D. Ambikapur Circle, Ambikapur

Government of Odisha, e- Procurement Notice
INVITATION FOR BIDS (IFB)
Bid Identification No. C.C.E.Dkl.(R&B) 11/2024-25 Email Id-sedklpwd@gmail.com
B-631
Letter No. 2265 /Dt.16.11.2024

The Chief Construction Engineer, Dhenkanal (R&B) Circle, Dhenkanal on behalf of Governor of Odisha invites Percentage Rate bids in double cover system to be received in ONLINE MODE from eligible contractors for Road works as detailed below:

1. Name of the work : Road works
2. No of works : 02 (Two) Nos
3. Estimated Cost : Rs.1.19 Crore to 3.08 Crore (as given in column No. 03 of table)
4. Cost of tender paper : Rs 10,000.00
5. Class of contractor : 'B' Class & 'A' Class (as given in column No. 07 of table)
6. Period of Completion of work : 05 (Five) to 06 (Six) (as given in column No. 08 of table)
7. Date and time of availability of bid Document in the website : From Dt.25.11.2024 to 5.00 P.M. of Dt.09.12.2024
8. Date of opening of bid : Dt.10.12.2024 at 11.00 A.M.

The bidders have to participate in ONLINE biding only further details can be seen from the e-Procurement Portal: www.tendersodisha.gov.in. Any addendum / corrigendum / cancellation of tender can also be seen in the said website.

Sd/-Chief Construction Engineer
Dhenkanal(R&B) Circle, Dhenkanal

OIPR 34132/11/0019/2425

ODISHA HYDRO POWER CORPORATION LIMITED
OHPC
BALIMELA HYDRO ELECTRIC PROJECT:,POST: BALIMELA: DIST: MALKANGIRI (ODISHA); PIN: 764051:
Phones: 06861-232581 (O)/232641 (R) : FAX:06861-232541.,E-Mail
unit.head_balimela@yahoo.com
CAD-1673
REGD. OFFICE:ODISHA HYDRO POWER CORPORATION LIMITED
(A Govt. of Odisha Undertaking)
ODISHA STATE POLICE HOUSING & WELFARE CORPORATION BUILDING, VANIVIHAR CHOUK,JANAPATH,BHUBANESWAR-751022
Tel.91-0674-2542983, 2542802, 2545526 . Fax: 2542102. GRAM HYDROPOWER, E-MAIL: ohpc.co@gmail.com / md@ohpcltd.com, Web: www.ohpcltd.com.
CIN: U40101OR1995SGC003963, GSTIN-21AAACO2575P1Z9
TENDER CALL NOTICE NO:-BHEP/[illegible]/2024-25 Dtd. 20.11.2024

Sealed Tenders are invited in two part i.e. (i) Technical bid & (ii) Price bid in separate sealed envelopes from the reputed & experienced Under Water Diving Firms having at least 03 years of experience in Under water diving & salvage work as per the details mentioned below.

| Sl. No. | Description of Services | Cost of tender paper (Non-refundable) in ☐ |
|---|---|---|
| 1 | HIRING OF SERVICES FOR UNDER WATER DIVING AND SALVAGE WORK AT DIFFERENT LOCATIONS OF WATER CONDUCTOR SYSTEM OF BALIMELA HYDRO ELECTRIC PROJECT, BALIMELA | 7080/- |

The Sale of Tender Paper will be from : 25.11.2024 to 12.30 Hrs of 12 .12.2024
The last date & time of receipt of tenders : Up 16.00 Hrs of 1212.2024
Date and time of opening of the tenders : At 16.30 Hrs. of 12.12.2024.

For details of the tender documents, terms and conditions please visit our website www.ohpcltd.com

Sd/-C&P Head
BHEP, Balimela

OIPR 04019/11/0029/2425

OFFICE OF THE NOTIFIED AREA COUNCIL,
KHARIAR ROAD
Mail:- nackhrd@rediffimail.com
Phone No- 06678-221239
C-
INVITATION FOR BIDS
Bid Identification No.
No. 2822 / KHRD Dated: 20.11.2024

1. The Executive Officer, Khariar Road NAC invites percentage bid in Single cover system on behalf of Khariar Road NAC for the following works from eligible government registered contractors for execution of Electrical works. The proof of registration from the appropriate authority shall be enclosed along with the Bid.

| Sl. No. | Name of the Project | Bid cost in ₹ | EMD 1% in Rs | Cost of TP in ₹ | Period of completion |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | Execution of Supply of installation of 11 KV and 63 KVA Power Supply to Addl MCC & MRF , C/o- EO, NAC Khariar Road at Dumerdhee Ward no No.16 Khariar Road, Dist. Nuapada . | Rs.9,73,824.00 | 1% of Estimate Cost. | 4000.00 | 1 Calendar month |

2. Bid documents will be available in website www.tendersorissa.gov.in from 10.00 AM 21.11.2024 to 29.11.2024 of for online bidding. The bidders must possess compatible Digital Signature Certificate of Class - II / Class - III.
3. Bids must be accompanied with scan copy of financial instrument towards bid security (EMD) specified for the work in column No. 4 of the above table, payable in favour of the Executive Officer, NAC Khariar Road in shape of Bankers Cheque / Demand Draft / TDR / NSC / KVP / Postal Saving Account on any Nationalized Bank, payable at Khariar Road, Odisha.. Scan copy of the bid security shall be submitted in Single Cover of the online bidding. Engineer Contractors who want to avail EMD exemption have to give one affidavit with tender declaring therein to the effect that they have not yet availed 3 nos. of EMD exemption during this financial year and to show the Original Registration Certificate to the Tender opening authority for confirmation.
4. Bids must be accompanied with scan copy of demand draft towards cost of tender document. The same shall be in the form of Demand Draft / Bankers Cheque on any Nationalized Bank in favour of the Executive Officer, NAC Khariar Road payable at Khariar Road, Odisha. Scan copy of the demand draft shall be submitted in cover - I of the Online.
5. Price bid shall be submitted in single cover of Online bidding.
6. Bids must be submitted on "Online" on or before dt. 29.11.2024 by 5.30 PM.
7. Bids received on "Online" shall be opened at 11.00 A.M. on dt.03.12.2024 in the office chamber of the undersigned in the presence of bidders or their authorized agents who wish to attend. If the office happens to be closed on the date of opening of the bids as specified, the bids will be opened on the next working days at the same time and venue.
8. Financial instrument such as cost of bidding document and bid security in original shall have to be deposited 10.00 AM.of 30.11.2024 to 5.30 PM of 02.12.2024 at Tender Box before the tender opening, failing which the bids shall summarily be rejected.
9. Any bidders desirous to avail any facility as per certain circular / orders of Govt. have to apply for the same in affidavit along with copy of the circular / order.
10. The sealed Bid document shall contain scan copy of (a) Registration Certificate, (b) PAN, (c) GSTN and other documents required as per DTCN and special condition if any.
11. The successful bidder will adhere to deposit less bid price put to tender as per Govt. parameters towards APS.
12. The L1 Bidder should submit APS in shape of Bankers Cheque / Demand Draft / TDR / NSC / KVP / Postal Saving Account from any Nationalized Bank in favour of E.O., NAC, Khariar Road payable at Khariar Road after finalization of bid.
13. Vibrator must be used in Concrete works.
14. The bidder will abide by the Govt. GST instructions.
15. The Bidder Must submit the NOC / No dues (Holding Tax, User Fees, Shop Rent etc.) from the Authority of NAC, Khariar Road.
16. The authority reserves the right to cancel any or all bids without assigning any reason thereof.

Other details can be seen in the enclosed Bidding document (DTCN).

Sd/-Executive Officer
NAC Khariar Road

OIPR 13136/11/0019/2425

ଓଡ଼ିଶା ଭାସ୍କର
ODISHA BHASKAR

# ଜାତୀୟ ଓ ଅନ୍ତର୍ଜାତୀୟ





ନୂଆଦିଲ୍ଲୀ: ଦିଲ୍ଲୀର ବାୟୁ ପ୍ରଦୂଷଣକୁ ନେଇ ସୁପ୍ରିମକୋର୍ଟ ଲଗାତାର ଅପଡେଟ୍ ନେଉଛନ୍ତି । ପ୍ରଦୂଷଣ ରୋକିବା ପାଇଁ ସରକାରୀ ପଦକ୍ଷେପ ଉପରେ ମଧ ସୁପ୍ରିମକୋର୍ଟ ନଜର ରଖିଛନ୍ତି । ଅଦାଲତଙ୍କୁ ଏହା କୁହାଯାଇଛି ଯେ ସାମ୍ପ୍ରତିକ ପାଣିପାଗ ଯୋଗୁଁ ଦିଲ୍ଲୀ-ଏନସିଆରରେ ପ୍ରଦୂଷଣ ଗତ କିଛିଦିନ ତୁଳନାରେ ହ୍ରାସ ପାଇଛି, କିନ୍ତୁ ଏକ୍ୟୁଆଇ ଏବେ ବି ଗମ୍ଭୀର ସ୍ତରରେ ରହିଛି । ଶୁକ୍ରବାର ସକାଳ ୫ଟାରେ ଦିଲ୍ଲୀର ଏକ୍ୟୁଆଇ ୩୬୭ ରେକର୍ଡ କରାଯାଇଛି । ଏହା ସ୍ପଷ୍ଟ ଯେ ସୁପ୍ରିମକୋର୍ଟ ଏବଂ ସିଏକ୍ୟୁଏମର ନିର୍ଦ୍ଦେଶ ସତ୍ତ୍ୱେ ଦିଲ୍ଲୀ ପୋଲିସ ଚତୁର୍ଥ ପର୍ଯ୍ୟାୟ ଅଧୀନରେ ଥିବା ଧାରା ପାଳନ କରିବାରେ ବିଫଳ ହୋଇଛି । ୧୩ଟି ପ୍ରବେଶ ପଥରେ ସିସିଟିଭି କ୍ୟାମେରା ଥିବା ସୂଚନା ମିଳିଛି । ଯଥାଶୀଘ୍ର ସିସିଟିଭି ଫୁଟେଜ୍ ଆମିକସଙ୍କୁ ଦେବାକୁ ସର୍ବୋଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି । ୧୧୩ଟି ପ୍ରବେଶ ପଥ ମଧ୍ୟରୁ ପ୍ରାୟ ୧୦୦ଟି ପ୍ରବେଶ ପଥ ମାନବବିହୀନ ଅର୍ଥାତ ଟ୍ରକର ପ୍ରବେଶ ଯାଞ୍ଚ କରିବାକୁ କେହି ନାହାନ୍ତି ତେଣୁ ବାରର ସଦସ୍ୟଙ୍କୁ ଯାଇ ସେହି ପଏଣ୍ଟ ଯାଞ୍ଚ କରିବାକୁ କୁହାଯାଇଛି । ଶୁକ୍ରବାର କେନ୍ଦ୍ର ସରକାରଙ୍କ ତରଫରୁ ହାଜର ହୋଇଥିବା ଏଏସଜି ଏହି ୧୩ ଜଣଙ୍କ ନାମ ଦିଲ୍ଲୀ କମିଶନରଙ୍କ ନିକଟକୁ ପଠାଇବେ, ଯିଏ ତୁରନ୍ତ ଜଣେ ନୋଡାଲ ଅଫିସର ନିଯୁକ୍ତ କରିବେ ଏବଂ ଏହି ଅଧିକାରୀ ବାରର ଏହି ୧୩ ଜଣ ସଦସ୍ୟଙ୍କ ସହ ଯୋଗାଯୋଗ କରିବେ ।

### ବିଶ୍ୱ ବ୍ୟାଙ୍କର ଜବ୍ସ ଆଟ୍ ୟୋର୍ ଡୋର୍ ଷ୍ଟେପ୍ ରିପୋର୍ଟ୍ ଉନ୍ମୋଚିତ

## ଚାକିରି ଏବଂ ରୋଜଗାରର ପରିଭାଷାକୁ ବ୍ୟାପକ କରିବାକୁ ହେବ: ଧର୍ମେନ୍ଦ୍ର




ନୂଆଦିଲ୍ଲୀ: କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁକ୍ରବାର ନୂଆଦିଲ୍ଲୀରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କେନ୍ଦ୍ର ଶ୍ରମ, ନିଯୁକ୍ତି ଏବଂ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରୀ ଡ. ମନସୁଖ ମାଣ୍ଡଭୀୟଙ୍କ ସହ ୬ଟି ରାଜ୍ୟର ଯୁବବର୍ଗଙ୍କ ପାଇଁ 'ଜବ୍ସ ଆଟ୍ ୟୋର୍ ଡୋର୍ ଷ୍ଟେପ୍ : ଏ ଜବ୍ସ ଡାଇଗ୍ନୋଷ୍ଟିକ୍ସ ଫର୍ ୟଙ୍ଗ୍ ପିପୁଲ ଅନ୍ ସିକ୍ସ ଷ୍ଟେଟ୍ସ' ଶୀର୍ଷକ ଏକ ରିପୋର୍ଟ ଉନ୍ମୋଚନ କରିଛନ୍ତି । ଏହି ୬ଟି ରାଜ୍ୟ ହେଲା ଓଡ଼ିଶା, ହିମାଚଳ ପ୍ରଦେଶ, କେରଳ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର ଏବଂ ରାଜସ୍ଥାନ । ଏହି ରିପୋର୍ଟ ଉପରୋକ୍ତ ୬ଟି ରାଜ୍ୟର ଚାକିରି ଅନ୍ୱେଷଣ କରିବା ସହ ମାଧ୍ୟମିକ ବିଦ୍ୟାଳୟରୁ ସ୍ନାତକ ହାସଲ କରିଥିବା ଯୁବକଙ୍କ ପାଇଁ ସର୍ବୋତ୍ତମ ନିଯୁକ୍ତି ସୁଯୋଗ ପ୍ରଦାନ କରୁଥିବା ପ୍ରମୁଖ ପ୍ରାଥମିକତା କ୍ଷେତ୍ରକୁ ଚିହ୍ନଟ କରିବ । କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ ୬ଟି ରାଜ୍ୟ ସମ୍ପର୍କରେ ବିସ୍ତୃତ ରିପୋର୍ଟ ପାଇଁ ବିଶ୍ୱବ୍ୟାଙ୍କ୍ ଟିମକୁ ପ୍ରଶଂସା କରିବା ସହ ବିଶ୍ୱବ୍ୟାଙ୍କ ଟିମକୁ ସର୍ବଭାରତୀୟ ଫ୍ରେମଓ୍ୱାର୍କ ଆପଣାଇବା ପାଇଁ ପରାମର୍ଶ ଦେଇଛନ୍ତି । ସେ କହିଛନ୍ତି ଏହି ରିପୋର୍ଟ ଦକ୍ଷତା ଏବଂ ନିଯୁକ୍ତି ଉପରେ ଷ୍ଟେକହୋଲ୍ଡରଙ୍କୁ ନୂତନ ଢାଞ୍ଚା ସୃଷ୍ଟି କରିବାରେ ସକ୍ଷମ କରିବ ଏବଂ ଆମ ଜନସଂଖ୍ୟାକୁ ସଶକ୍ତ କରିବା ପାଇଁ ପ୍ରଗତିଶୀଳ ନୀତି ପ୍ରସ୍ତୁତ କରିବାରେ ସମର୍ଥ ହେବ । ଚାକିରି ଓ ନିଯୁକ୍ତିର ସଂଜ୍ଞାକୁ ବ୍ୟାପକ କରିବାର ଆବଶ୍ୟକତା ଉପରେ ଶ୍ରୀ ପ୍ରଧାନ ଆଲୋକପାତ କରିବା ସହ ଭାରତକୁ ଏକ ବିଶ୍ୱ ଦକ୍ଷତା କେନ୍ଦ୍ରରେ ପରିଣତ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଭିଜନକୁ ପ୍ରଶଂସା କରିଛନ୍ତି କେନ୍ଦ୍ରମନ୍ତ୍ରୀ । କେନ୍ଦ୍ରମନ୍ତ୍ରୀ କହିଛନ୍ତି, ଆଗାମୀ ଦିନରେ ଆମ ଦେଶର ଜନସଂଖ୍ୟା ବିଶ୍ୱ ଅର୍ଥନୀତିର ଡ୍ରାଇଭର ହେବ । ଏଥିପାଇଁ ବିଦ୍ୟାଳୟରେ ଦକ୍ଷତାକୁ ପ୍ରାଧାନ୍ୟ ଦେବାର ଆବଶ୍ୟକତା ରହିଛି । ଜାତୀୟ ଶିକ୍ଷା ନୀତିରେ ବିଦ୍ୟାଳୟରେ ଦକ୍ଷତାକୁ ମୁଖ୍ୟ ସ୍ରୋତରେ ଆଣିବାର ପରିକଳ୍ପନା କରାଯାଇଛି । ବୈଷୟିକ ଜ୍ଞାନକୌଶଳ ଭବିଷ୍ୟତରେ ନିଯୁକ୍ତି ଏବଂ ଆର୍ଥିକ କ୍ଷେତ୍ରକୁ ପରିବର୍ତ୍ତନ କରିବ । ଏଥିପାଇଁ ଭବିଷ୍ୟତରେ କର୍ମଚାରୀଙ୍କୁ ଅପ୍-ସ୍କିଲ୍ ଏବଂ ରି-ସ୍କିଲ୍ କରାଇବାର ଆବଶ୍ୟକତା ରହିଛି । ବିଶ୍ୱର ଦକ୍ଷତା ରାଜଧାନୀ ଭାବେ ଉଭା ହେବା ପାଇଁ ଆମର ବୃହତ ଜନସଂଖ୍ୟାକୁ ସ୍କିଲ, ରି-ସ୍କିଲ୍ ଏବଂ ଅପ୍-ସ୍କିଲ୍ କରାଇବା ଦିଗରେ ସାମଗ୍ରିକ ସରକାରୀ ଆଭିମୁଖ୍ୟ ସହ ମିଳିତ ଭାବେ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି । ହିମାଚଳ ପ୍ରଦେଶ, କେରଳ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଓଡ଼ିଶା ଏବଂ ରାଜସ୍ଥାନ ଭଳି ୬ଟି ରାଜ୍ୟକୁ ଅନ୍ତର୍ଭୁକ୍ତ କରି ଶିକ୍ଷା-ଶିକ୍ଷଣ ଏବଂ ଫଳାଫଳ ନାମକ ଏକ କାର୍ଯ୍ୟକ୍ରମରେ ବିଶ୍ୱ ବ୍ୟାଙ୍କ ଭାରତ ଶିକ୍ଷା ମନ୍ତ୍ରଣାଳୟକୁ ସହାୟତା କରିଥାଏ ।

## ସାର କାରଖାନାରେ ବିସ୍ଫୋରଣ: ୩ ମୃତ

ମହାରାଷ୍ଟ୍ର: ମହାରାଷ୍ଟ୍ରର ସାଙ୍ଗଲି ଜିଲ୍ଲାର ଏକ ସାର କାରଖାନାରେ ଦୁଇଜଣ ମହିଳାଙ୍କ ସମେତ ତିନି ଜଣ ସୁରକ୍ଷାକର୍ମୀଙ୍କ ମୃତ୍ୟୁ ଘଟିଛି । ଏଥିସହ ୯ ଜଣ ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି । କାରଖାନାରେ ପ୍ରଥମେ ବିସ୍ଫୋରଣ ପରେ ଗ୍ୟାସ ଲିକ୍ ହେବା କାରଣରୁ ଏହି ଅଘଟଣ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି । ସୂଚନା ଅନୁସାରେ, ଗତକାଲି ସନ୍ଧ୍ୟା ପ୍ରାୟ ୬.୩୦ ସମୟରେ ସାଙ୍ଗଲି କାଡେଗାଁ ତହସିଲର ଶାଲଗାଁ ଏମଆଇଡିସିର ମିଆଁସାର କେମିକାଲ କମ୍ପାନୀରେ ଘଟିଥିଲା । କାରଖାନାରେ କୌଣସି କାରଣରୁ ପ୍ରଥମେ ବିସ୍ଫୋରଣ ହେବା ପରେ ଗ୍ୟାସ ଲିକ୍ ହେବାରୁ ୩ ଜଣଙ୍କ ମୃତ୍ୟୁ ହୋଇଛି । କାରଖାନାର ଏକ ରିଆକ୍ଟର ରାସାୟନିକ ଧୂଆଁ ନିର୍ଗତ ହୋଇ ବିସ୍ଫୋରଣ ଘଟିଥିବା ପୁଲିସ କହିଛି । କାଡେଗାଁ ଥାନାର ସିନିୟର ଇନ୍ସପେକ୍ଟର ସାଙ୍ଗରାମ ଶେଓ୍ୱାଲ କହିଛନ୍ତି, ଗ୍ୟାସ ଲିକ୍ କାରଣରୁ ୟୁନିଟରେ ଥିବା ପ୍ରାୟ ୧୨ ଜଣ ଲୋକ ଆହତ ହୋଇଥିଲେ ।

## କଇଁ ପତ୍ରରେ ଭୋଜନ କଲେ ପ୍ରଧାନମନ୍ତ୍ରୀ



ଗୁଏନା: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜର୍ଜଟାଉନ୍ ସ୍ଥିତ ଷ୍ଟେଟ୍ ହାଉସରେ ଗୁଏନାର ରାଷ୍ଟ୍ରପତି ଡକ୍ଟର ମହମ୍ମଦ ଇରଫାନ୍ ଅଲିଙ୍କ ସାକ୍ଷାତ କରିଥିଲେ । ଷ୍ଟେଟ୍ ହାଉସରେ ପହଞ୍ଚିବା ପରେ ରାଷ୍ଟ୍ରପତି ଅଲି ତାଙ୍କୁ ସ୍ୱାଗତ କରିଥିଲେ ଏବଂ ଗାର୍ଡ ଅଫ୍ ଅନର୍ ପ୍ରଦାନ କରିଥିଲେ । ଦୁଇ ନେତାଙ୍କ ମଧ୍ୟରେ ଏକ ସୀମିତ ବୈଠକ ପରେ ପ୍ରତିନିଧିସ୍ତରୀୟ ଆଲୋଚନା ହୋଇଥିଲା । ଭାରତ ଏବଂ ଗୁୟାନା ମଧ୍ୟରେ ଥିବା ଗଭୀର ଐତିହାସିକ ସମ୍ପର୍କକୁ ସୂଚାଇ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ତାଙ୍କର ଏହି ଗସ୍ତ ଦ୍ୱିପାକ୍ଷିକ ସମ୍ପର୍କକୁ ଅଧିକ ସୁଦୃଢ଼ କରିବ । ଦୁଇନେତା ପ୍ରତିରକ୍ଷା, ବାଣିଜ୍ୟ ଏବଂ ପୁଞ୍ଜି ବିନିଯୋଗ, ସ୍ୱାସ୍ଥ୍ୟ ଏବଂ ଫାର୍ମା, ପାରମ୍ପରିକ ଔଷଧ, ଖାଦ୍ୟ ନିରାପତ୍ତା, ଭିତ୍ତିଭୂମି ବିକାଶ, ଡିଜିଟାଲ୍ ଜନସାଧାରଣ ଭିତ୍ତିଭୂମି, ଦକ୍ଷତା ବିକାଶ, ସଂସ୍କୃତି ଏବଂ ଲୋକ ସମ୍ପର୍କ ସମେତ ଭାରତ ଓ ଗୁୟାନା ମଧ୍ୟରେ ଥିବା ବହୁମୁଖୀ ସମ୍ପର୍କର ବିଭିନ୍ନ ଦିଗ ଉପରେ ବ୍ୟାପକ ଆଲୋଚନା କରିଥିଲେ । ଶକ୍ତି କ୍ଷେତ୍ରରେ ଚାଲିଥିବା ସହଯୋଗକୁ ଅନୁଧ୍ୟାନ କରି ଦୁଇ ନେତା ସୂଚାଇ ଦେଇଛନ୍ତି ଯେ, ହାଇଡ୍ରୋକାର୍ବନରେ ଭାଗିଦାରୀ ଓ ଅକ୍ଷୟ ଶକ୍ତି କ୍ଷେତ୍ରରେ ସହଭାଗିତା ବୃଦ୍ଧି ପାଇଁ ଅପାର ସମ୍ଭାବନା ରହିଛି । ବିକାଶ ସହଯୋଗ ଭାରତ-ଗୁୟାନା ସହଭାଗିତାର ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ ଅଟେ । ଭାରତ ଦ୍ୱାରା ଆୟୋଜିତ ଭଏସ୍ ଅଫ୍ ଗ୍ଲୋବାଲ୍ ସାଉଥ ସମ୍ମିଳନୀରେ ଅଂଶଗ୍ରହଣ କରିଥିବାରୁ ପ୍ରଧାନମନ୍ତ୍ରୀ ରାଷ୍ଟ୍ରପତି ଅଲିଙ୍କୁ ଧନ୍ୟବାଦ ଜଣାଇଥିଲେ । ଗ୍ଲୋବାଲ ଦକ୍ଷିଣ ଦେଶ ମଧ୍ୟରେ ଏକତାକୁ ଦୃଢ଼ କରିବା ପାଇଁ ଦୁଇ ନେତା ମିଳିତ ଭାବରେ କାର୍ଯ୍ୟ କରିବାକୁ ସହମତ ହୋଇଥିଲେ । ସେତେବେଳେ ଏହି ଅବସରରେ ରାଷ୍ଟ୍ରପତି ମୋଦୀଙ୍କୁ କଇଁ ପତ୍ରରେ ଭୋଜନ ପରିବେଷଣ କରିଥିଲେ । ଯାହାକୁ ନେଇ ମୋଦୀ ଏକ୍ସରେ ଉଲ୍ଲେଖ କରିଛନ୍ତି ଯେ କଇଁପତ୍ରରେ ପରିବେଷିତ ଏହି ଖାଦ୍ୟ ଗୁଏନାର ଅପାର ସାଂସ୍କୃତିକ ମହତ୍ତ୍ୱ ରଖେ, ଯାହା ଆମର ଦୁଇ ଦେଶ ମଧ୍ୟରେ ଗଭୀର ଏବଂ ସ୍ଥାୟୀ ସଂଯୋଗକୁ ଆଲୋକିତ କରେ ।

## ଆମେରିକୀୟ ଦୂତାବାସ ବାହାରେ ନିୟନ୍ତ୍ରିତ ବିସ୍ଫୋରଣ

ଲଣ୍ଡନ: ଲଣ୍ଡନର ମେଟ୍ରୋପଲିଟାନ୍ ପୋଲିସ କହିଛି ଯେ ଶୁକ୍ରବାର ନାଇନ୍ ଏଲମସ୍ଥିତ ଆମେରିକୀୟ ଦୂତାବାସ ନିକଟରେ ଏକ ନିୟନ୍ତ୍ରିତ ବିସ୍ଫୋରଣ ଘଟିଛି । ଏକ ସନ୍ଦେହଜନକ ପ୍ୟାକେଜ୍ ମିଳିବା ପରେ ପୋଲିସର ବୋମା ନିରୋଧୀ ଟିମ ପ୍ୟାକେଜରେ ଥିବା ବୋମାର ନିୟନ୍ତ୍ରିତ ବିସ୍ଫୋରଣ କରିଥିଲେ । ଆମେରିକୀୟ ଦୂତାବାସ ବାହାରେ ଏକ ସନ୍ଦିଗ୍ଧ ପ୍ୟାକେଜ୍ ମିଳିବାକୁ ନେଇ ସ୍ଥାନୀୟ କର୍ତ୍ତୃପକ୍ଷ ତଦନ୍ତ କରୁଛନ୍ତି । ପାଣିପାଗ ବିଭାଗ ପକ୍ଷରୁ ଉପସ୍ଥିତ ରହି ସତର୍କତା ମୂଳକ ପଦକ୍ଷେପ ସ୍ୱରୂପ ପକ୍ଷନ ରୋଡ୍କୁ ବନ୍ଦ କରି ଦିଆଯାଇଛି । ନିୟନ୍ତ୍ରିତ ବିସ୍ଫୋରଣ ହେଉଛି ସୁରକ୍ଷା ଅଧିକାରୀ, ବିଶେଷକରି ବୋମା ନିଷ୍କ୍ରିୟକାରୀ ସ୍କ୍ୱାଡ୍, ଆଇନ ଅଧିକାରୀ କିମ୍ବା ସେନା ଦ୍ୱାରା ଯୋଜନାବଦ୍ଧ ଭାବେ ଓ ସତର୍କତା ସହ କରାଯାଇଥିବା ଏକ ବିସ୍ଫୋରଣ ।

## ଶିବଧାମ ଯୋଜନାରେ ସମାଧି ସ୍ଥଳର ବିକାଶ ପାଇଁ ପାଓ୍ୱାର ଗ୍ରୀଡ୍ ଓ ହରିଆଣା ସରକାରଙ୍କ ମଧ୍ୟରେ ଚୁକ୍ତିନାମା



ଚଣ୍ଡୀଗଡ଼: ହରିଆଣା ସରକାର ଶିବଧାମ ଯୋଜନା ଅଧୀନରେ ସମାଧିସ୍ଥଳ ଗୁଡ଼ିକର ବିକାଶ ନିମନ୍ତେ ପାଓ୍ୱାର ଗ୍ରୀଡ୍ କର୍ପୋରେସନ୍ ଅଫ ଇଣ୍ଡିଆ ଯାହାକି ଏକ ମହାରତ୍ନ କମ୍ପାନୀ ସହ ହରିଆଣା ସରକାର ଏକ ଚୁକ୍ତିନାମା ସ୍ୱାକ୍ଷର କରିଛନ୍ତି । ହରିଆଣା ସରକାରଙ୍କ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଏହି ଚୁକ୍ତିନାମା ସ୍ୱାକ୍ଷର କରାଯାଇଛି । ଚୁକ୍ତିନାମା ସ୍ୱାକ୍ଷର ସମୟରେ ହରିଆଣା ମୁଖ୍ୟମନ୍ତ୍ରୀ, ପଞ୍ଚାୟତିରାଜ ମନ୍ତ୍ରୀ, ପାଓ୍ୱାର ଗ୍ରୀଡ଼ର ଅଧ୍ୟକ୍ଷ ଏବଂ ପରିଚାଳନା ନିର୍ଦ୍ଦେଶକ ଆର.କେ.ତ୍ୟାଗୀ, ଡାଇରେକ୍ଟର ପର୍ସନାଲ ଡକ୍ଟର ଯତିନ୍ଦ୍ର ଦ୍ୱିବେଦୀ, ସିଏସଆର ଟ୍ରଷ୍ଟର ଅତିରିକ୍ତ ସିଇଓ ଗୌରବ ସିଂ ଏବଂ ପାଓ୍ୱାର ଗ୍ରୀଡ଼ର ବରିଷ୍ଠ ଅଧିକାରୀ, ଜିଲ୍ଲା ପ୍ରଶାସନର ଅଧିକାରୀମାନେ ଉପସ୍ଥିତ ଥିଲେ । ଶିବଧାମ ଯୋଜନା ହରିଆଣାର କୁରୁକ୍ଷେତ୍ର, ପାନିପଥ, କର୍ଣ୍ଣଲ ଏବଂ ରେୱାରୀ ଜିଲ୍ଲାରେ ଥିବା ୫୦୩ ଗାଁର ୬୫୮ ସମାଧିସ୍ଥଳର ବିକାଶ କରାଯିବ । ଏହି ଚୁକ୍ତିନାମାର ମୂଳଲକ୍ଷ୍ୟ ହେଉଛି ସମାଧି ସ୍ଥଳଗୁଡ଼ିକରେ ପାନୀୟଜଳର ବ୍ୟବସ୍ଥା, ଆଶୟସ୍ଥଳୀ, ଆବଶ୍ୟକ ରାସ୍ତା ଏବଂ ପ୍ରାଚିର ନିର୍ମାଣ କରିବା । ଏହି ପଦକ୍ଷେପ ହରିଆଣାର ବିକାଶ ଏବଂ ପଞ୍ଚାୟତିରାଜ ବିଭାଗ ଦ୍ୱାରା ତଦାରଖ କରାଯାଉଥିବା ଇକୋ ଫ୍ରେଣ୍ଡଲୀ ବ୍ୟବସ୍ଥାକୁ ମଧ୍ୟ ସାମିଲ କରିଛି । ପାଓ୍ୱାର ଗ୍ରୀଡ୍ କର୍ପୋରେସନ୍ ତାର ସାମାଜିକ ଦାୟିତ୍ୱବୋଧ (ସିଏସ୍ଆର)କୁ ମୂଳ କାର୍ଯ୍ୟରେ ସଂଯୋଗ କରୁଛି, ଯାହାକି ଜାତିସଂଘର ସ୍ଥାୟୀ ବିକାଶ ଲକ୍ଷ୍ୟ ସହିତ ସମାନ୍ତରାଳ । ଏହାର ସିଏସ୍ଆର ପ୍ରୟାସ ମାଧ୍ୟମରେ ଭାରତର ଅର୍ଥନୈତିକ ଏବଂ ସାମାଜିକ ବିକାଶରେ ସକ୍ରିୟ ଅବଦାନ ପ୍ରଦାନ କରିଥାଏ ।

## ଭଗବାନ୍ ମହାବୀରଙ୍କ ବିଚାର ମାନବତା ପାଇଁ ପ୍ରେରଣାର ସ୍ରୋତ: ବିଷ୍ଣୁଦେବ



ରାୟପୁର: ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଶୁକ୍ରବାର ରାଜଧାନୀ ରାୟପୁରର ଦାଦାବାଡିରେ ଆୟୋଜିତ ଭଗବତୀ ଦିକ୍ଷା ଏବଂ ମୋକ୍ଷ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ଶ୍ରୀ ସାଏ ଦାଦାବାଡିଠାରେ ଭଗବାନ ଋଷଭ ଦେବଙ୍କ ଆରତୀ କରିବା ସହ ପ୍ରଦେଶ ଲୋକଙ୍କ ସୁଖ ସମୃଦ୍ଧି ଏବଂ ବିକାଶ କାମନା କରିଥିଲେ । ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ କହିଥିଲେ ଭଗବାନ ମହାବୀରଙ୍କ ବିଚାର ହେଉଛି ପ୍ରେରଣାର ସ୍ରୋତ । ଏହା ହେଉଛି ଏକ ଅଲୌକିକ ଶକ୍ତି । ମହାବୀରଙ୍କ ଚିନ୍ତାଧାରାକୁ ନେଇ ଆଜିର ଯୁବପିଢ଼ି ସମାଜରେ ଆଗକୁ ବଢ଼ିବା ପାଇଁ ଉଦ୍ୟମ କରିବା ଜରୁରି । ମହାବୀରଙ୍କ ବିଚାର କେବଳ ଜୈନ ଧର୍ମ ପାଇଁ ନୁହେଁ, ସମଗ୍ର ମାନବ ଜାତି ପାଇଁ ଏକ ପ୍ରେରଣାର ସ୍ରୋତ । ଶ୍ରୀ ସାଏ ଆହୁରି କହିଥିଲେ ଯେ, ସବୁ ଜୈନମୁନିଙ୍କ ଆଶୀର୍ବାଦ ମିଳିବା ଛତିଶଗଡ଼ ପାଇଁ ଏକ ସୌଭାଗ୍ୟ । ତାଙ୍କ ଦୀକ୍ଷା ଗ୍ରହଣ କରି ସମାଜକୁ ଏକ ପରିବର୍ତ୍ତନଶୀଳ ମାର୍ଗରେ ନେବା ପାଇଁ ଶ୍ରୀ ସାଏ ଉପସ୍ଥିତ ଜନତାଙ୍କୁ ଆହ୍ୱାନ ଦେଇଥିଲେ । ଯୁବକମାନେ ଜୈନଧର୍ମ ଗ୍ରହଣ କରି ଆଗକୁ ବଢ଼ିବା ପାଇଁ ପ୍ରେରଣା ଯୋଗାଇବ ବୋଲି କହିଥିଲେ । ଏହି ସମାରୋହରେ ବିଧାୟକ ପୁରନ୍ଦର ମିଶ୍ରା, ପୂର୍ବତନ ସଂସଦୀୟ ସଚିବ ଲାଭଚନ୍ଦ ବାଫନା, ଋଷଭ ଦେବ ମନ୍ଦିର ଟ୍ରଷ୍ଟର ଅଧ୍ୟକ୍ଷ ବିଜୟ କାଙ୍କରିଆ ଏବଂ ଜୈନ ମୁନିଗଣ ଉପସ୍ଥିତ ଥିଲେ ।

# ବାଣିଜ୍ୟ



ନୂଆଦିଲ୍ଲୀ: ହୋମ୍ ଆପ୍ଲାଏନ୍ସର ଅଗ୍ରଣୀ ଷ୍ଟୋଭକ୍ରାଫ୍ଟ ଗର୍ବର ସହ ଅର୍ବିଟ୍ରୋନ୍ ଏୟାର-ଫ୍ରାୟାର ଷ୍ଟିମର୍ ୬.୫ ଏଲ୍ର ଶୁଭାରମ୍ଭ କରିଛି । ଏହି ଅତ୍ୟାଧୁନିକ ଉପକରଣ ଶକ୍ତିଶାଳୀ ଏୟାର ଓ୍ୱାର୍ଲ ଟେକ୍ନୋଲୋଜି, ଡିଜିଟାଲ ନିୟନ୍ତ୍ରଣ ଏବଂ ବହୁମୁଖୀ ପ୍ରିସେଟ୍କୁ ମିଶାଇ ସ୍ୱାସ୍ଥ୍ୟକର ରୋଷେଇକୁ ସହଜ, ଦ୍ରୁତ ଏବଂ ସ୍ୱାଦିଷ୍ଟ କରିଥାଏ । ୬.୫ ଲିଟର କ୍ଷମତା ବିଶିଷ୍ଟ ଅର୍ବିଟ୍ରୋନ୍ ଅତ୍ୟଧିକ ତେଲର ଆବଶ୍ୟକତା ବିନା ସର୍ବାଧିକ ସ୍ୱାଦ ଏବଂ ପୋଷଣ ଯୋଗାଇବା ପାଇଁ ଇଂଜିନିୟର ହୋଇଛି, ଯାହା ଆଧୁନିକ ରୋଷେଇ ଘର ପାଇଁ ଚୂଡ଼ାନ୍ତ ପସନ୍ଦ ଅଟେ । ଅର୍ବିଟ୍ରୋନ୍ ଏୟାର-ଫ୍ରାଇର୍ ଷ୍ଟିମରରେ ୧୨ଟି ସୁବିଧାଜନକ ରୋଷେଇ ପ୍ରିସେଟ୍ ରହିଛି ଯେପରିକି ଫ୍ରାଇଜ୍, ଟିକ୍କା, ସମୋସା, ଭେଜ୍ ରୋଷ୍ଟ, ପିଜା, କଟ୍ଲେଟ୍, କେକ୍, ଚିପ୍ସ, ରୋଷ୍ଟ ବାଦାମ, ପାନି ପୂରି ଏବଂ ବ୍ରାଉନି ଭଳି ଲୋକପ୍ରିୟ ପସନ୍ଦ । ଭାରତୀୟ ରୋଷେଇ ପାଇଁ ସମ୍ପୂର୍ଣ୍ଣ ଉପଯୁକ୍ତ, ଏହି ପ୍ରିସେଟ୍ ଗୁଡ଼ିକ ଘରୋଇ ରୋଷେୟାମାନଙ୍କୁ ସହଜରେ ବିଭିନ୍ନ ଖାଦ୍ୟ ପ୍ରସ୍ତୁତ କରିବାକୁ ସଶକ୍ତ କରିଥାଏ । ଅର୍ବିଟ୍ରୋନ୍ରେ ସରଳ ଏବଂ ସହଜ ଅପରେସନ୍ ପାଇଁ ଏକ ସ୍ଲିକ୍ ଡିଜିଟାଲ୍ ଟଚ୍ କଣ୍ଟ୍ରୋଲ୍ ପ୍ୟାନେଲ୍ ମଧ୍ୟ ରହିଛି । ଏଥିରେ ଏକ ଫ୍ଲିପ୍ ବଟନ୍ ରହିଛି ଯାହା ଖାଦ୍ୟକୁ ସ୍ୱତଃସ୍ଫୂର୍ତ୍ତ ଭାବରେ ବୁଲାଇଥାଏ, ଏପରିକି ପ୍ରତିଥର ସମ୍ପୂର୍ଣ୍ଣ ରନ୍ଧା ଫଳାଫଳ ପାଇଁ ଉତାପ ବିତରଣ ସୁନିଶ୍ଚିତ କରେ । ଅର୍ବିଟ୍ରୋନ୍ ଏୟାର-ଫ୍ରାଇର୍ ଷ୍ଟିମର୍କୁ ଭାରତୀୟ ହୋମ୍ ସେଫ୍ଙ୍କୁ ଦୃଷ୍ଟିରେ ରଖି ଡିଜାଇନ୍ କରାଯାଇଛି । ଏହା କେବଳ ଶକ୍ତିଶାଳୀ ଏବଂ ଦକ୍ଷ ନୁହେଁ ବରଂ ବ୍ୟସ୍ତ ପରିବାର ପାଇଁ ରୋଷେଇକୁ ମଧ୍ୟ ସରଳ କରିଥାଏ, କହିଛନ୍ତି ଷ୍ଟୋଭ କ୍ରାଫ୍ଟ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ରାଜେନ୍ଦ୍ର ଗାନ୍ଧୀ ।

## ଅନିଲ ଅଗ୍ରୱାଲ୍ ଫାଉଣ୍ଡେସନ୍ ପକ୍ଷରୁ ସାମାଜିକ ପ୍ରଭାବ ସଂଗ୍ରହ ରିପୋର୍ଟ ଉନ୍ମୋଚିତ



ଝାରସୁଗୁଡ଼ା(ଭାସ୍କର ନ୍ୟୁଜ): ବେଦାନ୍ତ ଲିମିଟେଡର ସାମାଜିକ ପ୍ରଭାବ ଶାଖା ଅନୀଲ ଅଗ୍ରୱାଲ ଫାଉଣ୍ଡେସନ (ଏଏଏଫ) ଆର୍ଥିକ ବର୍ଷ ୨୦୨୩-୨୪ ପାଇଁ ଏହାର ପ୍ରଭାବଶାଳୀ ସାମାଜିକ ପଦକ୍ଷେପ ଘୋଷଣା କରିଛି, ଯାହାକି ଭାରତରେ ୧.୭୩ କୋଟିରୁ ଅଧିକ ବ୍ୟକ୍ତିଙ୍କ ଜୀବନରେ ପରିବର୍ତ୍ତନ ଆଣିବା ପାଇଁ ୪୩୭ କୋଟି ଟଙ୍କାର ଯୋଗଦାନ ଦେଇଛି । ଫାଉଣ୍ଡେସନର ବାର୍ଷିକ ସାମାଜିକ ପ୍ରଭାବ ସଂଗ୍ରହ ସଂକଳନ, ଯାହାର ଶୀର୍ଷକ ପୋଷଣ, ରୂପାନ୍ତର, ନେତୃତ୍ୱ: ଭାରତର ଅଭିବୃଦ୍ଧି କାହାଣୀନ୍ତ ଉପରେ ଆଧାରିତ ଏବଂ ଏହା ୧୫୩ଟି ଉଚ୍ଚ-ପ୍ରଭାବୀ ସାମାଜିକ ପ୍ରକଳ୍ପକୁ ପ୍ରଦର୍ଶନ କରେ, ଯାହାକି ୧୨୦୦ ରୁ ଅଧିକ ଗ୍ରାମକୁ ବିସ୍ତାରିତ କରିବା ସହିତ ଶିକ୍ଷା, ସ୍ୱାସ୍ଥ୍ୟସେବା, ମହିଳା, ଶିଶୁ ବିକାଶ, ଦକ୍ଷତା ସହିତ ଜୀବିକା, ପଶୁ କଲ୍ୟାଣ ଏବଂ ପରିବେଶ ସ୍ଥିରତା ଇତ୍ୟାଦି ପ୍ରମୁଖ କ୍ଷେତ୍ର ଉପରେ ଧ୍ୟାନ କେନ୍ଦ୍ରିଭୁତ କରିଛି । ବେଦାନ୍ତର ସହାୟକ କମ୍ପାନୀ, ବେଦାନ୍ତ ଆଲୁମିନିୟମ୍ ଝାରସୁଗୁଡା ଏବଂ ଲାଞ୍ଜିଗଡ଼ରେ କାର୍ଯ୍ୟକ୍ଷମ ରହିଛି ଏବଂ ଫେକର ଭଦ୍ରକରେ ଅପରେସନ୍ ସହିତ ୬.୩୭ ଲକ୍ଷ ଜୀବନରେ ଉନ୍ନତି କରି ଓଡିଶାରେ ସମ୍ପ୍ରଦାୟର ଜୀବନ ଉପରେ ଏକ ମହତ୍ ପ୍ରଭାବ ପକାଇଛି । ହିନ୍ଦୁସ୍ତାନ ଜିଙ୍କ ଲିମିଟେଡର ଚେୟାରମ୍ୟାନ୍ ତଥା ବେଦାନ୍ତ ଲିମିଟେଡର ଅଣ-କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରିୟା ଅଗ୍ରୱାଲ୍ ହେବର ସମ୍ପ୍ରଦାୟକୁ ସଶକ୍ତ କରିବା ପାଇଁ ଆମର ପ୍ରତିବଦ୍ଧତାକୁ ମାର୍ଗଦର୍ଶନ କରେ । ଆମେ ଗ୍ରହଣ କରୁଥିବା ପ୍ରତ୍ୟେକ ପଦକ୍ଷେପ – ଶିଶୁ ପୁଷ୍ଟିକର ଖାଦ୍ୟ ଏବଂ ସ୍ୱାସ୍ଥ୍ୟସେବାଠାରୁ ଆରମ୍ଭକରି ଦକ୍ଷତା ବିକାଶ ଏବଂ ଜୀବିକା ପର୍ଯ୍ୟନ୍ତ କ୍ରୀଡା ପ୍ରୋତ୍ସାହନ, ସାଂସ୍କୃତିକ ସଂରକ୍ଷଣ ଏବଂ ଅନ୍ୟାନ୍ୟ – ଏକ ସଶକ୍ତ, ଅନ୍ତର୍ଭୁକ୍ତ ଭାରତର ଆମର ଦୃଷ୍ଟିକୋଣ ସହିତ ସମାନ । ବେଦାନ୍ତ ଲିମିଟେଡର ଏକ ସହାୟକ କମ୍ପାନୀ ବେଦାନ୍ତ ଆଲୁମିନିୟମ, ବିଶ୍ୱର ପ୍ରମୁଖ ଆଲୁମିନିୟମ ଉତ୍ପାଦକଙ୍କ ମଧ୍ୟରେ ଏବଂ ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ, ପ୍ରାୟ ୬୦ ଟି ଦେଶରେ ଗ୍ରାହକଙ୍କୁ ଉତ୍ପାଦ ଯୋଗାଇଥାଏ । ଉଭୟ ବେଦାନ୍ତ ଆଲୁମିନିୟମ୍ ଏବଂ ଫେକର୍ ଓଡିଶାରେ ସାମାଜିକ-ଅର୍ଥନୈତିକ ବିକାଶକୁ ପ୍ରୋତ୍ସାହିତ କରୁଥିବା ବେଳେ ନିରନ୍ତର ଅଭିବୃଦ୍ଧି ପାଇଁ ପ୍ରୟାସ ଜାରିରଖିଛନ୍ତି ।

## ଆରଏସ୍ପିର ଠିକା ଶ୍ରମିକଙ୍କ ଗ୍ୟାସ୍ ସୁରକ୍ଷା ଉପରେ ତାଲିମ



ରାଉରକେଲା(ଭାସ୍କର ନ୍ୟୁଜ): ସେଲ ରାଉରକେଲା ଇସ୍ପାତ କାରଖାନାର ସେକ୍ଟର ୫ ସ୍ଥିତ ଦୀକ୍ଷା ଇସ୍ପାତ ସୁରକ୍ଷା କୌଶଳ କେନ୍ଦ୍ର ଠାରେ ନଭେମ୍ବର ୧୯ ତାରିଖରେ ଏକ ଗ୍ୟାସ ସୁରକ୍ଷା ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ କାରଖାନାର ବିଭିନ୍ନ ବିଭାଗରେ କାର୍ଯ୍ୟରତ ୪୦ ଜଣ ଠିକା ଶ୍ରମିକ ଅଂଶଗ୍ରହଣ କରିଥିଲେ । ଉଦଯାପନୀ ଅଧିବେଶନରେ ସଫଳତା ସହକାରେ ତାଲିମ ସମାପ୍ତ କରିଥିବା ଅଂଶଗ୍ରହଣକାରୀଙ୍କୁ ଡ଼ିଟିଏନବିଡବ୍ଲୁଇ ଦ୍ୱାରା ପ୍ରଦତ୍ତ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଅଧିବେଶନରେ ସାଧାରଣ ସୁରକ୍ଷା ଅଭ୍ୟାସ, ଗ୍ୟାସ୍ ଯନ୍ତ୍ରୋପକରଣ ସମ୍ବନ୍ଧୀୟ ସୁରକ୍ଷା ଦିଗ ଏବଂ ଗ୍ୟାସ୍ ଲାଇନରେ କାର୍ଯ୍ୟ କରିବା ସମୟରେ କରଣୀୟ ଓ ବର୍ଜନୀୟ ବିଷୟାବଳୀ ଇତ୍ୟାଦି ଅନ୍ତର୍ଭୁକ୍ତ ଥିଲା । ଶ୍ରମ ଏବଂ ନିଯୁକ୍ତି ମନ୍ତ୍ରଣାଳୟ ଅଧୀନରେ ଥିବା ଡ଼ିଟିଏନବିଡବ୍ଲୁଇ ନିର୍ଦ୍ଦେଶାଳୟର ଏସ ଆର ଗୋଛାୟତ ଏବଂ ଗ୍ୟାସ୍ ସୁରକ୍ଷା ଫେକଲ୍ଟି ପି ଏନ ମହାତୋ ଅଧିବେଶନ ସମ୍ପନ୍ନ କରିଥିଲେ । କାର୍ଯ୍ୟକ୍ରମକୁ ମାନବ ସମ୍ବଳ ବିଭାଗର ବରିଷ୍ଠ ପ୍ରବନ୍ଧକ ରାଜୀବ ମୁଖାର୍ଜୀ ଓ କଣ୍ଟ୍ରାକ୍ଟ ଲେବର ସେଲ ପରିଚାଳନା କରିଥିଲେ । ଉଲ୍ଲେଖଯୋଗ୍ୟ ଯେ, କାର୍ଯ୍ୟକ୍ଷେତ୍ରରେ ଅସୁରକ୍ଷିତ ଅଭ୍ୟାସକୁ ଦୂର କରିବା ଦିଗରେ ଦକ୍ଷତା ଓ କୌଶଳରେ ଉନ୍ନତି ଆଣିବା ପାଇଁ ଠିକା ଶ୍ରମିକ ଏବଂ ସ୍ଥାନୀୟ ଜନସାଧାରଣଙ୍କୁ ତାଲିମ ପ୍ରଦାନ କରିବାକୁ ଏହି କେନ୍ଦ୍ର ଲକ୍ଷ୍ୟ ରଖିଛି । ପ୍ରଦତ୍ତ ତାଲିମ ସହିତ, କେନ୍ଦ୍ରର ଉଦ୍ଦେଶ୍ୟ ହେଉଛି ରାଉରକେଲା ଏବଂ ଏହାର ଆଖପାଖରେ କୁଶଳୀ କର୍ମୀ ସମୂହ ସୃଷ୍ଟି କରିବା ଯେଉଁମାନେ ବ୍ୟବହାରଗତ ସୁରକ୍ଷାରେ ଦକ୍ଷତା ହାସଲ କରିଥିବେ ।

## ଉତ୍କର୍ଷ ସ୍ମଲ ଫାଇନାନ୍ସ ବ୍ୟାଙ୍କର ନୂଆ ବ୍ୟାଙ୍କିଙ୍ଗ୍ ଆଉଟ୍ଲେଟ୍ ଉଦ୍ଘାଟିତ




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଉତ୍କର୍ଷ ସ୍ମଲ ଫାଇନାନ୍ସ ବ୍ୟାଙ୍କ ଲିମିଟେଡ (ୟୁଏସ୍ଏଫବିଏଲ୍) ପକ୍ଷରୁ ଓଡିଶାର ଆଠଗଡ଼ଠାରେ ଏକ ନୂଆ ବ୍ୟାଙ୍କିଙ୍ଗ୍ ଆଉଟ୍ଲେଟ୍ର ଉଦ୍ଘାଟନ କରାଯାଇଥିବା ସମ୍ପର୍କରେ ଘୋଷଣା କରାଯାଇଛି । ଏହି ଶୁଭାରମ୍ଭ ଆର୍ଥିକ ଅନ୍ତର୍ଭୁକ୍ତୀକରଣକୁ ଉନ୍ନତ କରିବା ଓ ଓଡିଶାର ଲୋକମାନଙ୍କୁ ପହଞ୍ଚଯୋଗ୍ୟ ବ୍ୟାଙ୍କିଙ୍ଗ ସେବା ପ୍ରଦାନ କରିବା ପ୍ରତି ବ୍ୟାଙ୍କର ପ୍ରତିବଦ୍ଧତାକୁ ସୁଦୃଢ଼ କରିଛି । ଏହି ନୂଆ ଶାଖା ସହିତ ଉତ୍କର୍ଷ ସ୍ମଲ ଫାଇନାନ୍ସ ବ୍ୟାଙ୍କର ଶାଖା ସଂଖ୍ୟା ଓଡିଶାରେ ୮୮କୁ ଓ ଦେଶରେ ୯୮୮କୁ ବୃଦ୍ଧି ପାଇଛି । ନୂଆ ଆଠଗଡ ଆଉଟ୍ଲେଟ ଗ୍ରାହକଙ୍କୁ ସେଭିଙ୍ଗ୍ସ ଆକାଉଂଟ, କରେଂଟ ଆକାଉଣ୍ଟ, ଏଫ୍ଡି ଓ ଆର୍ଡି ସମେତ ଏକ ବିସ୍ତୃତ ଶୃଙ୍ଖଳାର ବ୍ୟାଙ୍କିଙ୍ଗ୍ ଉତ୍ପାଦ ପ୍ରଦାନ କରିବ । ବ୍ୟାଙ୍କ ଗୃହ ଋଣ, ବ୍ୟବସାୟ ଋଣ, ସମ୍ପତି ଋଣ ଓ ବିଭିନ୍ନ ପ୍ରକାରର ନିବେଶ ବିକଳ୍ପ ମଧ୍ୟ ପ୍ରଦାନ କରୁଛି । ଆଧୁନିକ ଡିଜିଟାଲ ବ୍ୟାଙ୍କିଙ୍ଗ୍ କ୍ଷମତା ଓ ଏକ ବିସ୍ତୃତ ଏଟିଏମ୍ ନେଟ୍ଓ୍ୱାର୍କ ସହ ଉତ୍କର୍ଷ ଏସ୍ଏଫ୍ବିଏଲ୍ ବାଧାମୁକ୍ତ ଓ ଏକୀକୃତ ଗ୍ରାହକ ସେବା ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛି । ଏହି ନୂତନ ଶାଖାର ଉଦ୍ଘାଟନ ଅବସରରେ ଉତ୍କର୍ଷ ସ୍ମଲ ଫାଇନାନ୍ସ ବ୍ୟାଙ୍କର ଏମ୍ଡି ଓ ସିଇଓ ଗୋବିନ୍ଦ ସିଂହ କହିଛନ୍ତି, କଟକ, ଆଠଗଡଠାରେ ଆମର ନୂତନ ଆଉଟ୍ଲେଟ ଆର୍ଥିକ ଅନ୍ତର୍ଭୁକ୍ତୀକରଣକୁ ତ୍ୱରାନ୍ୱିତ କରିବା ଓ ଓଡିଶାର ଆର୍ଥିକ ବିକାଶରେ ସହଯୋଗ କରିବା ପ୍ରତି ଆମର ପ୍ରତିବଦ୍ଧତାକୁ ରେଖାଙ୍କିତ କରୁଛି । ଜରୁରୀ ବ୍ୟାଙ୍କିଙ୍ଗ ସେବା ପାଇଁ ପହଞ୍ଚ ଏବଂ ଜେଏଲ୍ଜି ମଡେଲ ମାଧ୍ୟମରେ ମାଇକ୍ରୋ-ବ୍ୟାଙ୍କିଙ୍ଗ୍ ଲୋନ ପ୍ରଦାନ କରି ଆମେ ଅଣସଂରକ୍ଷିତ ସମ୍ପ୍ରଦାୟଗୁଡିକୁ ସଶକ୍ତ କରିବା ଓ ଓଡିଶାର ସାମାଜିକ-ଆର୍ଥିକ ପ୍ରଗତିରେ ଯୋଗଦାନ ଦେବାକୁ ଲକ୍ଷ୍ୟ ରଖିଛୁ ।

## ଓପୋ ଫାଇଣ୍ଡ ଏକ୍ସ ୮ ସିରିଜ୍ର ବଜାର ପ୍ରବେଶ

ନୂଆଦିଲ୍ଲୀ: ଓପୋ ଇଣ୍ଡିଆ ପକ୍ଷରୁ ଭାରତରେ ନୂଆ ଓପୋ ଫାଇଣ୍ଡ ଏକ୍ସ୮ ସିରିଜର ଶୁଭାରମ୍ଭ ଘୋଷଣା କରାଯାଇଛି । ଫାଇଣ୍ଡ ଏକ୍ସ ୮ ସିରିଜରେ ଫ୍ଲାଗସିପ ମିଡିଆଟେକ ଡାଇମେନ୍ସିଟି ୯୪୦୦ଏସ୍ଓସି, ଦୁଇଟି ଟେଲିଫଟୋ ସ୍ନାପର୍ ସହ ଅତ୍ୟାଧୁନିକ କ୍ୱାଡ-କ୍ୟାମେରା ସିଷ୍ଟମ, ଏକ ହାଇ-ଡେନ୍ସିଟି କ୍ୱିକ୍-ଚାର୍ଜିଙ୍ଗ ସିଲିକନ କାର୍ବାଇଡ ବ୍ୟାଟେରୀ, ଫଟୋଗ୍ରାଫି ଓ ପ୍ରଡକ୍ଟିଭିଟି ପାଇଁ ଏକାଧିକ ଏଆଇ ଫିଚରଗୁଡିକ ସହ କଲର୍ଓଏସ୍ ୧୫ ଭଳି ଫିଚର ରହିଛି । ଏହି ସମସ୍ତ ଫିଚର ଏକ ଆଇପି୬୮ ଓ ଆଇପି୬୯ ରେଟେଡ ମଜବୁତ ଓ ହାଲୁକା ନିର୍ମାଣରେ ଉପଲବ୍ଧ ରହିଛି । ଏହି ସିରିଜ୍ରେ ଫାଇଣ୍ଡ ଏକ୍ସ୮ ପ୍ରୋ ଓ ଷ୍ଟାଣ୍ଡାର୍ଡ ଫାଇଣ୍ଡ ଏକ୍ସ୮ ଭାରିଆଣ୍ଟ ସାମିଲ ରହିଛି । ୧୬ ଜିବି ରାମ୍ + ୫୧୨ ଜିବି ଷ୍ଟୋରେଜ ପାଇଁ ଫାଇଣ୍ଡ ଏକ୍ସ୮ ପ୍ରୋର ମୂଲ୍ୟ ୯୯,୯୯୯ଟଙ୍କା ରହିଛି ରହିଛି । ସେହିପରି ଷ୍ଟାଣ୍ଡାର୍ଡ ଫାଇଣ୍ଡ ଏକ୍ସ୮ର ଦୁଇଟି ଷ୍ଟୋରେଜ ଭାରିଆଣ୍ଟ ଯଥା ୧୨ଜିବି+୨୫୬ ଜିବିର ମୂଲ୍ୟ ୬୯,୯୯୯ଟଙ୍କା ଏବଂ ୧୬ଜିବି+୫୧୨ଜିବିର ମୂଲ୍ୟ ୭୯,୯୯୯ଟଙ୍କା ରହିଛି । ଏହି ସମସ୍ତ ଡିଭାଇସ୍ ଆସନ୍ତା ଡିସେମ୍ବର ୩ ତାରିଖରୁ ଓପୋ ଇ-ଷ୍ଟୋର, ଫ୍ଲିପକାର୍ଟ ଏବଂ ଅନ୍ୟ ମେନ୍ଲାଇନ ରିଟେଲ ଆଉଟଲେଟ୍ଗୁଡିକରେ ପ୍ରି-ଅର୍ଡର ପାଇଁ ଉପଲବ୍ଧ ହେବ । ଏ ସମ୍ପର୍କରେ ଓପୋ ଚିଫ ପ୍ରଡକ୍ଟ ଅଫିସର ତଥା ଏସଭିପି ପିଟି ଲ କହିଛନ୍ତି, ଫାଇଣ୍ଡ ଏକ୍ସ୮ ସିରିଜ ସ୍ମାର୍ଟଫୋନ୍ ସହ ଓପୋ ଏକ ସ୍ମାର୍ଟଫୋନ୍ କ'ଣ ହାସଲ କରିପାରିବ ତାହାକୁ ପୁନଃବ୍ୟାଖ୍ୟା କରିଛି । ଫାଇଣ୍ଡ ଏକ୍ସ୮ ଓ ଫାଇଣ୍ଡ ଏକ୍ସ୮ ପ୍ରୋ ପ୍ରଫେସନାଲ-ଲେଭେଲ ଫଟୋଗ୍ରାଫି ପାଇଁ ଅଲଟ୍ରା-ଗ୍ରେଡ୍ କ୍ୟାମେରା, ଦୀର୍ଘସ୍ଥାୟୀ ବ୍ୟାଟେରୀ ଓ ଅଲଟ୍ରା-ପାଓ୍ୱାରଫୁଲ ପ୍ରଦର୍ଶନ ପ୍ରଦାନ କରିବା ପାଇଁ ଉତ୍କର୍ଷତା ଓ ଅତ୍ୟାଧୁନିକ ଟେକ୍ନୋଲୋଜିକୁ ମିଶ୍ରଣ କରିଛନ୍ତି ।

## ଉତ୍କଳ ଆଲୁମିନାରେ ଖଣି ନିରାପତ୍ତା ସପ୍ତାହ ପାଳିତ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ୪୨ତମ ମେଟାଲିଫେରୋସ୍ ମାଇନ୍ସ ସେଫ୍ଟି ୱିକ୍ ଉତ୍କଳ ଆଲୁମିନା ଇଣ୍ଟରନ୍ୟାସନାଲ ଲିମିଟେଡର ବାଫିଲମାଳି ବକ୍ସାଇଟ ଖଣିରେ ଗତ ୧୧।୧୧।୨୦୨୪ରୁ ୨୩।୧୧।୨୦୨୪ ପର୍ଯ୍ୟନ୍ତ ଭୁବନେଶ୍ୱର ଅଞ୍ଚଳ ଖଣି ନିରାପତ୍ତା ମହାନିର୍ଦ୍ଦେଶାଳୟ ମାର୍ଗଦର୍ଶନରେ ଆୟୋଜିତ ହେଉଛି । ଖଣି ନିରାପତ୍ତା ସପ୍ତାହ ଉତ୍ସବ-୨୦୨୪-୨୫ର ପ୍ରଚାର ଏବଂ ପ୍ରସାର କାର୍ଯ୍ୟକ୍ରମ ମାଇନ୍ସ ହେଡ୍ ବିଜୟ କୁମାର ଚୌହାନଙ୍କ ଅଧ୍ୟକ୍ଷତାରେ ୧୮।୧୧।୨୦୨୪ ଦିନ ଉତ୍କଳ ଆଲୁମିନାର ନୂଆପଡା ଟାଉନସିପ୍ କ୍ଲବହାଉସଠାରେ ଆୟୋଜିତ ହୋଇଥିଲା । ରବି ନାରାୟଣ ମିଶ୍ର, ୟୁନିଟ ହେଡ୍, ଉତ୍କଳ ଆଲୁମିନା ଏବଂ ଉତ୍କଳ ଆଲୁମିନା ଟିମ୍ର ବରିଷ୍ଠ ନେତୃତ୍ୱଙ୍କ ମାର୍ଗଦର୍ଶନରେ ନିରାପତ୍ତା ସପ୍ତାହ ସଫଳତାର ସହିତ ଆୟୋଜିତ ହୋଇଥିଲା । ଓଡ଼ିଶା ନିରାପତ୍ତା କମିଟି ଉତ୍ସବ ପାଳନ କମିଟିର ଟିମ୍ ସଦସ୍ୟଗଣ ଅଜୟ କୁମାର ମିଶ୍ର, ସେଲ୍; ମୋହନ ରେଡ୍ଡି, ଏଏମଏନ୍ଏସ; ସଚିଦାନନ୍ଦ ପଣ୍ଡା, ଓଏମ୍ସି ଏବଂ ସଇଥଲା ଆପ୍ପାଲାରାଜୁ, ବେଦାନ୍ତ ପ୍ରମୁଖ ଖଣିଗୁଡିକରେ ସେମାନଙ୍କ ଅନୁଧ୍ୟାନ ସମୟରେ ବାଫିଲମାଳି ଖଣି ଟିମ୍ ଦ୍ୱାରା ସର୍ବୋଚ୍ଚ ମାନର ନିରାପତ୍ତା ବଜାୟ ରଖିବା ନିମନ୍ତେ ନିଆଯାଉଥିବା ପ୍ରୟାସଗୁଡିକୁ ଉଚ୍ଚ ପ୍ରଶଂସା କରିଥିଲେ । ଖଣି କର୍ମଚାରୀ, ସେମାନଙ୍କ ପରିବାର ସଦସ୍ୟ ଏବଂ ପିଲାଙ୍କୁ ନିରାପତ୍ତା ସମ୍ପର୍କରେ ସଚେତନ କରାଇବା ସକାଶେ ନାଟକ, ର୍ୟାମ୍ପ ସୋ', ନୃତ୍ୟ ଆଦି ବହୁବିଧ ନିରାପତ୍ତା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଖଣି କର୍ମଚାରୀଙ୍କ ଦ୍ୱାରା ଆୟୋଜିତ ହୋଇଥିଲା । ଅନୁରୂପ ଭାବରେ ଟ୍ରେଡ ଟେଷ୍ଟ, ପୋଷ୍ଟର, ସ୍ଲୋଗାନ, ପ୍ରବନ୍ଧ ଆଦି ବିଭିନ୍ନ ପ୍ରତିଯୋଗିତା ନିରାପତ୍ତା ସପ୍ତାହ ପାଳନ ଅବସରରେ ଆୟୋଜନ କରାଯାଇଥିଲା ଏବଂ ବିଜେତାଙ୍କୁ ପୁରସ୍କାର ବିତରଣ କରାଯାଇଥିଲା ।

## ଆମାଜନ୍ ବିଜ୍ନେସ୍ର ବିଜିନେସ୍ ଭାଲ୍ୟୁ ଡେଜ୍ ସେଲ୍

ମୁମ୍ବାଇ: ଅନଲାଇନ ବି୨ବି ମାର୍କେଟପ୍ଲେସ ଆମାଜନ ବିଜନେସ ନଭେମ୍ବର ୨୧ ରୁ ଡିସେମ୍ବର ୦୬, ୨୦୨୪ ପର୍ଯ୍ୟନ୍ତ ସମସ୍ତ ବ୍ୟବସାୟ ଗ୍ରାହକଙ୍କ ପାଇଁ ୧୬ ଦିନିଆ ବିଜନେସ୍ ଭାଲ୍ୟୁ ଡେଜ୍ ସେଲ୍ ଇଭେଣ୍ଟ ଘୋଷଣା କରିଛି । ବିଜନେସ୍ ଭାଲ୍ୟୁ ଡେଜ ସେଲରେ ବ୍ୟବସାୟିକ ଗ୍ରାହକଙ୍କୁ ଲାପଟପ୍, ମନିଟର, ସ୍ମାର୍ଟ ଟିଭି, ସ୍ମାର୍ଟଓ୍ୱାଚ୍, ସିକ୍ୟୁରିଟି କ୍ୟାମେରା, ଛୋଟ ଓ ବଡ଼ ଉପକରଣ, ଅଫିସ୍ ଆସବାବପତ୍ର, ଡେକୋର ଓ ଫର୍ଣ୍ଣିସିଂ ଏବଂ ଅନ୍ୟାନ୍ୟ ଅଫିସ୍ ଉନ୍ନତି ଉତ୍ପାଦର ଲକ୍ଷାଧିକ ଉତ୍ପାଦ ସମେତ ବିଭିନ୍ନ ବର୍ଗରେ ୭୦% ପର୍ଯ୍ୟନ୍ତ ଅସାଧାରଣ ରିହାତିରେ ଉତ୍ପାଦ ଉପଲବ୍ଧ ହେଉଛି । ଏହାବ୍ୟତୀତ ଗ୍ରାହକମାନେ ଏହି ସମୟ ମଧ୍ୟରେ ତିନୋଟି କ୍ରୟରେ ୯୯୯ ଟଙ୍କା ପର୍ଯ୍ୟନ୍ତ କ୍ୟାସବ୍ୟାକ୍ ପାଇପାରିବେ । ରିହାତି ବ୍ୟତୀତ, ବିଜନେସ ଭାଲ୍ୟୁ ଡେଜ ସେଲ୍ କ୍ରୟ ଦକ୍ଷତା ବୃଦ୍ଧି ପାଇଁ ବ୍ୟାପକ ବ୍ୟବସାୟ ସମାଧାନ ମଧ୍ୟ ପ୍ରଦାନ କରୁଛି । ବ୍ୟାବସାୟିକ ଗ୍ରାହକମାନେ ମାତ୍ର ୩୯୯ ଟଙ୍କାରେ ପ୍ରାଇମ ସବସ୍କ୍ରିପସନ ଆକସେସ୍ କରିପାରିବେ, ଯାହା ଦ୍ୱାରା ମଲ୍ଟି-ୟୁଜର ଆକାଉଂଟ କ୍ଷମତା ସହିତ ମାଗଣା ଏବଂ ଦ୍ରୁତ ଶିପିଂ ସକ୍ଷମ ହୋଇପାରିବ । ଏହି ବୈଶିଷ୍ଟ୍ୟ ଦଳଗୁଡ଼ିକୁ କଷ୍ଟମାଇଜେବଲ୍ ଅନୁମୋଦନ ନୀତି ଏବଂ ବଜେଟ୍ ନିୟନ୍ତ୍ରଣ ସହିତ ଗୋଟିଏ ଆକାଉଣ୍ଟ ଅଧୀନରେ ଏକାଧିକ ସଦସ୍ୟ ଯୋଡିବାକୁ ଅନୁମତି ଦିଏ । ଆମାଜନ୍ ପେ ଲ୍ୟାଟର ସୁବିଧା ଯୋଗ୍ୟ ଗ୍ରାହକମାନଙ୍କୁ ସେଲ୍ ସମୟରେ ନଗଦ ପ୍ରବାହକୁ ଅପ୍ଟିମାଇଜ୍ କରିବା ପାଇଁ ତୁରନ୍ତ କ୍ରେଡିଟ୍ ବିକଳ୍ପ ପ୍ରଦାନ କରିଥାଏ । ଏଥିସହିତ 'ବିଲ୍ ଟୁ ସିପ୍ ଟୁ' ଫିଚର, ଜିଏସଟି ଇନପୁଟ୍ କ୍ରେଡିଟ୍ ବେନିଫିଟ୍ ବଜାୟ ରଖିବା ସହ ବିଭିନ୍ନ ସ୍ଥାନରେ କ୍ରୟ ଓ ଡେଲିଭରି ପାଇଁ ଅନୁମତି ପ୍ରଦାନ କରାଯାଇଛି । ଯେଉଁଥିରେ ସ୍ମାର୍ଟଓ୍ୱାଚ୍ ଉପରେ ୭୫% ପର୍ଯ୍ୟନ୍ତ ରିହାତି, ଲାପଟପରେ ୬୦% ପର୍ଯ୍ୟନ୍ତ ରିହାତି, ଟପ୍ ସେଲିଂ ଲାପଟପ୍ ଉପରେ ବିପୁଳ ପରିମାଣରେ କ୍ରୟ ରିହାତି, ମନିଟର ଉପରେ ୭୦% ପର୍ଯ୍ୟନ୍ତ ରିହାତି, ୱାସିଂ ମେସିନରେ ୪୦% ପର୍ଯ୍ୟନ୍ତ ରିହାତି, ଏସି ଉପରେ ୬୦% ପର୍ଯ୍ୟନ୍ତ ରିହାତି, ଅନ୍ୟ ଟ୍ରେଣ୍ଡିଂ ଡିଲ୍ ଉପରେ ୬୦% ପର୍ଯ୍ୟନ୍ତ ରିହାତି, ଘର ଓ ରୋଷେଇ ଉପକରଣ ଉପରେ ୭୦% ପର୍ଯ୍ୟନ୍ତ ରିହାତି, ମିକ୍ସର ଗ୍ରାଇଣ୍ଡର ଓ ଜୁସର ଉପରେ ୬୦% ପର୍ଯ୍ୟନ୍ତ ରିହାତି, ରୋଷେଇ ଘରର ଅନ୍ୟାନ୍ୟ କାରବାରରେ ୭୦% ପର୍ଯ୍ୟନ୍ତ ରିହାତି ରହିଛି । ସେହିଭଳି ସିକ୍ୟୁରିଟି କ୍ୟାମେରାରେ ୭୫% ପର୍ଯ୍ୟନ୍ତ ରିହାତି, ସ୍ମାର୍ଟ ଟିଭିରେ ୬୦% ପର୍ଯ୍ୟନ୍ତ ରିହାତି, ୪୩ ଇଞ୍ଚ ଟିଭିରେ ୬୦% ପର୍ଯ୍ୟନ୍ତ ରିହାତି, ଅନ୍ୟ ଟ୍ରେଣ୍ଡିଂ ଟିଭି ଡିଲ ଉପରେ ୫୦% ପର୍ଯ୍ୟନ୍ତ ରିହାତି, ସଜ୍ଜା ଓ ଫର୍ନିସିଂ ପ୍ରଡକ୍ଟ ଉପରେ ୭୦% ପର୍ଯ୍ୟନ୍ତ ରିହାତି, ପାଓ୍ୱାର ଓ ହ୍ୟାଣ୍ଡ ଟୁଲରେ ୭୦% ପର୍ଯ୍ୟନ୍ତ ରିହାତି ଏବଂ ଅଫିସ୍ ଫର୍ନିଚରରେ ୬୦% ପର୍ଯ୍ୟନ୍ତ ରିହାତି ରହିଛି ।

ଓଡ଼ିଶା ଭାସ୍କର
ODISHA BHASKAR

# ଖେଳ ଖବର





ଉମରକୋଟ (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ଉମରକୋଟ ସହରର ସୁନାମଧନ୍ୟ କ୍ରୀଡ଼ା ଶିକ୍ଷକ ସପନ ବୈରାଗୀ ଯିଏକି ଉମରକୋଟ ଅଞ୍ଚଳର ଶତାଧିକ କ୍ରୀଡାବୀତ୍‌ଙ୍କୁ ରାଜ୍ୟ ଓ ଜାତୀୟ ସ୍ତରରେ ଖେଳିବା ପାଇଁ ପହଞ୍ଚାଇ ଚର୍ଚ୍ଚାରେ ରହିଥିବା ବେଳେ ଆଜି ରାଜ୍ୟ ସରକାର ଅଣ୍ଡର-୧୭ ବର୍ଷ ଛାତ୍ରଙ୍କ ପାଇଁ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ସ୍ତର ଫୁଟବଲ ପ୍ରତିଯୋଗିତାର ବାଳକ ବିଭାଗ ପାଇଁ ଓଡ଼ିଶା ରାଜ୍ୟର ପାଇଁ କୋଚ୍ ଭାବେ ମନୋନୀତ କରିଛନ୍ତି। ୬୮ତମ ଜାତୀୟ ସ୍କୁଲ୍ ଅଣ୍ଡର-୧୭ ବର୍ଷର ବାଳକ ଫୁଟବଲ ପ୍ରତିଯୋଗିତା ଆସନ୍ତା ୩୦ ନଭେମ୍ବରରୁ ୪ ଡିସେମ୍ବର ପର୍ଯ୍ୟନ୍ତ ଜାମ୍ମୁ କାଶ୍ମୀର ଠାରେ ଅନୁଷ୍ଠିତ ହେବ। ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପତ୍ର ସଂଖ୍ୟା ୩୩୬୦୧ ତାରିଖ ୧୯/୧୧/୨୪ ଅନୁସାରେ ନବରଙ୍ଗପୁର ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ସପନ ବୈରାଗୀଙ୍କୁ କୋଚ୍ ଭାବେ ମନୋନୀତ ହେଇଥିବା ପତ୍ର ମାଧ୍ୟମରେ ସୂଚନା ପ୍ରଦାନ କରିଛନ୍ତି। ସପନଙ୍କୁ ୨୧ ତାରିଖ ସୁଦ୍ଧା ସମ୍ବଲପୁର ପିଠାପଲ୍ଲୀ ଫୁଟବଲ୍ ଏକାଡେମୀରେ ଉପସ୍ଥିତ ରହିବ। ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଓଡ଼ିଶା ଫୁଟବଲ୍ ଦଳ ଆସନ୍ତା ୨୬ ତାରିଖ ଦିନ ଜାମ୍ମୁ କାଶ୍ମୀର ଯାତ୍ରା କରିବ। ସପନଙ୍କ ନିଯୁକ୍ତି ଖବର ଉମରକୋଟରେ ପହଞ୍ଚିବା ପରେ ଖୁସିର ଲହରୀ ଖେଳିଯାଇଛି ଓ ସମଗ୍ର ନବରଙ୍ଗପୁର ଜିଲ୍ଲା ପାଇଁ ଗୌରବ ଆଣିଦେଇଛି।

## ପର୍ଥ ଟେଷ୍ଟର ପ୍ରଥମ ଦିନରେ ବୋଲରଙ୍କ ମଉଜ

# ଭାରତ ୧୫୦ରେ ଅଲ୍‌ଆଉଟ୍, ଅଷ୍ଟ୍ରେଲିଆ ୬୭/୭

- ପ୍ରଥମ ଟେଷ୍ଟର ପ୍ରଥମ ଦିନରେ ୧୭ଟି ୱିକେଟ ପତନ
- ଯଶପ୍ରୀତ ବୁମ୍ରାଙ୍କ କାଉଣ୍ଟର ପଞ୍ଚରେ ଅଷ୍ଟ୍ରେଲିଆ ବ୍ୟାଟର୍ ଘାଇଲା
- ବୁମ୍ରା ସର୍ବାଧିକ ୪ ୱିକେଟ୍ ନେଇଥିବା ବେଳେ ସିରାଜଙ୍କୁ ୨ଟି ଓ ରାଣା ଗୋଟିଏ ସଫଳତା



ପର୍ଥ: ଅଷ୍ଟ୍ରେଲିଆର ପର୍ଥରେ ଥିବା ଓପଟସ ଷ୍ଟାଡିୟମ ବୋଲରଙ୍କ ପାଇଁ ଭୂସ୍ୱର୍ଗ ପାଲଟିଛି। ବର୍ଡର-ଗାଭାସ୍କର ଟ୍ରଫିର ପ୍ରଥମ ମ୍ୟାଚ୍‌ର ପ୍ରଥମ ଦିନରେ ପର୍ଥରେ କମାଲ କରିଛନ୍ତି ଉଭୟ ଅଷ୍ଟ୍ରେଲିଆ ଓ ଭାରତୀୟ ବୋଲର୍। ପ୍ରଥମେ ଅଷ୍ଟ୍ରେଲିଆର ବୋଲରମାନେ ଭାରତୀୟ ବ୍ୟାଟରଙ୍କୁ ଘାଣ୍ଟିଥିଲେ। ଏହାପରେ ବିଦେଶ ମାଟିରେ ଭାରତୀୟ ବୋଲର ଘରୋଇ ଅଷ୍ଟ୍ରେଲିଆକୁ ଘାଇଲା କରିଛନ୍ତି। ବିଶେଷକରି ଭାରତୀୟ ଟିମ୍‌ର କାମଚଳା ଅଧିନାୟକ ଯଶପ୍ରୀତ ବୁମ୍ରାଙ୍କ କାଉଣ୍ଟର ପଞ୍ଚରେ ଅଷ୍ଟ୍ରେଲିଆର ବ୍ୟାଟର୍‌ମାନେ ଘାଇଲା ହୋଇଛନ୍ତି। ପ୍ରଥମ ଟେଷ୍ଟର ପ୍ରଥମ ଦିନରେ ୧୭ଟି ୱିକେଟ୍ ଝଡ଼ିଛି। ଭାରତ ସମସ୍ତ ୱିକେଟ ହରାଇ ପ୍ରଥମ ଇନିଂସରେ ୧୫୦ ରନ କରିଥିବା ବେଳେ ଅଷ୍ଟ୍ରେଲିଆ ଏହାର ଜବାବରେ ୭ ୱିକେଟ ହରାଇ ୬୭ ରନ କରିଛି। ଏବେ ଘରୋଇ ଟିମ୍ ଭାରତର ପ୍ରଥମ ଇନିଂସ ସ୍କୋର ଠାରୁ ୮୩ ରନ ପଛରେ ରହିଛି। ପ୍ରଥମ ଦିନର ଷ୍ଟମ୍ପ୍ ଅପସାରଣ ବେଳକୁ ଆଲେକ୍ସ କେରୀ ୧୯ ଓ ମିଚେଲ ଷ୍ଟାର୍କ ୬ ରନ କରି ଅପରାଜିତ ରହିଛନ୍ତି। ଏହି ଦୁଇ ଜଣ ଆସନ୍ତାକାଲି ଅଷ୍ଟ୍ରେଲିଆର ଇନିଂସକୁ ଆଗକୁ ବଢ଼ାଇବେ। ୧୯୫୨ ପରଠାରୁ ଅଷ୍ଟ୍ରେଲିଆରେ କେବେହେଲେ କୌଣସି ଟେଷ୍ଟର ପ୍ରଥମ ଦିନରେ ୧୭ଟି ୱିକେଟ ପଡ଼ିନଥିଲା। କିନ୍ତୁ ପର୍ଥ ଟେଷ୍ଟରେ ପ୍ରଥମ ଦିନରେ ୧୭ ୱିକେଟ ଝଡ଼ିବା ରେକର୍ଡ। ସେହିପରି ସମସ୍ତ ୧୭ଟି ଯାକ ୱିକେଟ ଦ୍ରୁତ ବୋଲରଙ୍କ ଖାତାକୁ ହିଁ ଯାଇଛି। ପର୍ଥରେ ଭାରତର କାମଚଳା ଅଧିନାୟକ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ଟପ୍ ଅର୍ଡର ଫେଲ୍ ମାରିଥିଲେ ହେଁ ଡେବ୍ୟୁଟାଣ୍ଟ ନୀତୀଶ କୁମାରଙ୍କ ୪୧ ଓ ଋଷଭ ପନ୍ତଙ୍କ ୩୭ ରନ ବଳରେ ଭାରତ ତା'ର ପ୍ରଥମ ଇନିଂସରେ ୧୫୦ ରନ୍ କରିଥିଲା। ଅଷ୍ଟ୍ରେଲିଆ ପକ୍ଷରୁ ଜୋଶ ହାଜେଲଉଡ ସର୍ବାଧିକ ୪ ୱିକେଟ ନେଇଥିବା ବେଳେ ପାଟ କମିନ୍ସ, ମିଚେଲ ଷ୍ଟାର୍କ ଓ ମିଚେଲ ମାର୍ଶ ୨ଟି ଲେଖାଏଁ ୱିକେଟ ନେଇଛନ୍ତି। ଭାରତର ସମସ୍ତ ୱିକେଟ୍ ପେସରଙ୍କ ଖାତାକୁ ଯାଇଛି। ଭାରତ ମାତ୍ର ୧୫୦ ରନ କରିଥିଲେ ହେଁ ବୋଲିଂରେ ଆରମ୍ଭରୁ କମାଲ କରିଥିଲା। ନିଜେ ଅଧିନାୟକ ଯଶପ୍ରୀତ ବୁମ୍ରା ସାମ୍ନାରୁ ଲିଡ୍ କରିଥିଲେ। ସେ ପ୍ରଥମେ ଅଷ୍ଟ୍ରେଲିଆ ପାଇଁ ଡେବ୍ୟୁ କରୁଥିବା ନାଥନ୍ ମ୍ୟାକସ୍ୱିନୀ (୧୦)ଙ୍କୁ ଆଉଟ କରିଥିଲେ। ସମାନ ଓଭରରେ ମାର୍ନସ ଲାବୁଶେନଙ୍କ ଗୋଟିଏ ସହଜ କ୍ୟାଚ୍‌କୁ ଦ୍ୱିତୀୟ ସ୍ଲିପ୍‌ରେ ଫିଲ୍ଡିଂ କରିଥିବା ବିରାଟ କୋହଲି ଛାଡ଼ି ଦେଇଥିଲେ। ତେବେ ୭ମ ଓଭର ବୋଲିଂ କରୁଥିବା ବୁମ୍ରା ପୁଣି କମାଲ କରିଥିଲେ। ସେ ୪ର୍ଥ ବଲ୍‌ରେ ପ୍ରଥମେ ଉସମାନ ଖଓ୍ୱାଜା(୮)ଙ୍କୁ ଆଉଟ କରିଥିଲେ। ପରବର୍ତ୍ତୀ ବଲରେ ଷ୍ଟିଭ୍ ସ୍ମିଥ ତାଙ୍କ ଶିକାର ବନିଥିଲେ। ଅଷ୍ଟ୍ରେଲିଆ ୧୯ ରନ୍‌ରେ ତୃତୀୟ ୱିକେଟ ହରାଇଥିଲା। ଟ୍ରାଭିସ ହେଡ୍ ଓ ଲାବୁଶେନ ସ୍ଥିତି ସମ୍ଭାଳିବାକୁ ଚେଷ୍ଟା କରିଥିଲେ ହେଁ ଡେବ୍ୟୁଟାଣ୍ଟ ହର୍ଷିତ ରାଣା ଏହା କରାଇ ଦେଇନଥିଲେ। ସେ ୧୧ ରନ କରିଥିବା ହେଡ୍‌ଙ୍କୁ କ୍ଲିନବୋଲ୍ଡ କରି ଅଷ୍ଟ୍ରେଲିଆକୁ ୪ର୍ଥ ଝଟ୍‌କା ଦେଇଥିଲେ। ୧୭ତମ ଓଭରରେ ମହମ୍ମଦ ସିରାଜ ୬ ରନ କରିଥିବା ମଚେଲ ମାର୍ଶଙ୍କୁ ଆଉଟ୍ କରିଥିଲେ। ଲାବୁଶେନ ୫୨ଟି ବଲ୍‌ର ସମ୍ମୁଖୀନ ହୋଇଥିଲେ ହେଁ କେବଳ ୨ ରନ କରିବାକୁ ସକ୍ଷମ ହୋଇଛନ୍ତି। ତାଙ୍କ ୱିକେଟ୍ ମଧ୍ୟ ସିରାଜ ନେଇଛନ୍ତି। ଷ୍ଟମ୍ପ ଅପସାରଣ ପାଇଁ ଆଉ କିଛି ମିନିଟ୍ ବାକିଥିବା ବେଳେ ଭାରତର ଅଧିନାୟକ ବୁମ୍ରା ଅଷ୍ଟ୍ରେଲିଆର ଅଧିନାୟକ ପାଟ କମିନ୍ସ(୩)ଙ୍କ ୱିକେଟ ନେଇ ଅଷ୍ଟ୍ରେଲିଆକୁ ବ୍ୟାକ୍‌ଫୁଟ୍‌କୁ ଠେଲି ଦେଇଥିଲେ। ଅଷ୍ଟ୍ରେଲିଆ ୫୯ ରନରେ ୭ମ ୱିକେଟ ହରାଇଥିଲା। ଏହାପରେ କିନ୍ତୁ ଷ୍ଟାର୍କ ଓ କେରୀ ଆଉ କୌଣସି ବିପର୍ଯ୍ୟୟ ଘଟାଇବାକୁ ଦେଇନଥିଲେ। ଉଭୟ ଦଳୀୟ ସ୍କୋରକୁ ୬୭ରେ ପହଞ୍ଚାଇବା ସହ ପ୍ରଥମ ଦିନ ଖେଳ ଶେଷ ସୁଦ୍ଧା କ୍ରିଜ୍‌ରେ ରହିବାକୁ ସକ୍ଷମ ହୋଇଛନ୍ତି। ଭାରତ ପାଇଁ ବୁମ୍ରା ସର୍ବାଧିକ ୪ ୱିକେଟ୍ ନେଇଥିବା ବେଳେ ସିରାଜଙ୍କୁ ୨ଟି ଓ ରାଣା ଗୋଟିଏ ସଫଳତା ପାଇଛନ୍ତି।

## ବୋଲିଂ ଆକ୍ସନକୁ ନେଇ ଅଡୁଆରେ ଦୀପକ ହୁଡା



ନୂଆଦିଲ୍ଲୀ: ରବିବାର ସାଉଦି ଆରବରେ ୨୦୨୫ ଆଇପିଏଲ ପାଇଁ ମେଗା ଅକ୍ସନ ଆରମ୍ଭ ହେବ। ଏଥିରେ ଅନେକ ଭାରତୀୟ ଓ ବିଦେଶୀ ଖେଳାଳିଙ୍କ ଉପରେ ବୋଲି ବା ଟଙ୍କା ଲାଗିବ। ତେବେ ଏହାର ଦୁଇ ଦିନ ପୂର୍ବରୁ ଭାରତୀୟ ଟିମ୍‌ର ଅଲରାଉଣ୍ଡର ଦୀପକ ହୁଡାଙ୍କ ପାଇଁ ଗୋଟିଏ ଖରାପ ଖବର ଆସିଛି। ୨୦୨୪ରେ ଲକ୍ଷ୍ନୌ ସୁପର ଜାଏଣ୍ଟସ୍ ପାଇଁ ଖେଳୁଥିବା ଦୀପକ ହୁଡା ନିଜର ତ୍ରୁଟିଯୁକ୍ତ ବୋଲିଂ ଷ୍ଟାଇଲ ପାଇଁ ବିସିସିଆଇର ସନ୍ଦିଗ୍ଧ ତାଲିକାରେ ରହିଛନ୍ତି। ଏପରିକି ତାଙ୍କ ବୋଲିଂ ଉପରେ ବିସିସିଆଇ ବ୍ୟାନ୍ ମଧ୍ୟ ଲଗାଇପାରେ ବୋଲି ଖବର ପ୍ରକାଶ ପାଇଛି। କ୍ରିକବଜ୍‌ରେ ପ୍ରକାଶିତ ରିପୋର୍ଟ ଅନୁସାରେ, ହୁଡାଙ୍କ ବ୍ୟତୀତ ସୌରଭ ଦୁବେ ଓ କେସି କାରିଆ ମଧ୍ୟ ତ୍ରୁଟିଯୁକ୍ତ ବୋଲିଂ ଆକ୍ସନ ପାଇଁ ବିସିସିଆଇର ସନ୍ଦିଗ୍ଧ ତାଲିକାରେ ରହିଛନ୍ତି। କର୍ଣ୍ଣାଟକାର ମନୀଷ ପାଣ୍ଡେ ଓ ଶ୍ରୀଜିତ କ୍ରିଷ୍ଣାଙ୍କୁ ବିସିସିଆଇ ତ୍ରୁଟିପୂର୍ଣ୍ଣ ବୋଲିଂ ଆକ୍ସନ ପାଇଁ ବ୍ୟାନ କରିସାରିଛି। ଏମାନେ ନିଜ ଆକ୍ସନରେ ପରିବର୍ତ୍ତନ ନକରିବା ଯାଏ କୌଣସି ଟୁର୍ଣ୍ଣାମେଣ୍ଟରେ ବୋଲିଂ କରିପାରିବେ ନାହିଁ। ରାଜସ୍ଥାନର ଅଫ୍ ସ୍ପିନର ହୁଡାଙ୍କ ସମେତ କର୍ଣ୍ଣାଟକର ସୌରଭ ଓ କାରିପ୍ପାଙ୍କୁ ମଧ୍ୟ ବିସିସିଆଇ ବୋଲିଂ କରିବାକୁ ବାରଣ କରିପାରେ ବୋଲି ରିପୋର୍ଟରେ କୁହାଯାଇଛି। ହୁଡା ନିଜର ବିସ୍ଫୋରଣ ବ୍ୟାଟିଂ ସହ ପାର୍ଟଟାଇମ ବୋଲିଂ ପାଇଁ ବେଶ ଜଣାଶୁଣା। ଆଇପିଏଲରେ ମଧ୍ୟ ସେ ବେଶ୍ ପରିଚିତ। କିନ୍ତୁ ୨୦୨୪ରେ ସେ ଲକ୍ଷ୍ନୌ ପାଇଁ ସେତେଟା ଆଖିଦୃଶିଆ ପ୍ରଦର୍ଶନ କରିପାରି ନଥିଲେ। ହୁଡା ୧୧ଟି ମ୍ୟାଚରେ ୧୪୫ ରନ କରିବା ସହ ଗୋଟିଏ ହେଲେ ବି ୱିକେଟ ଦଖଲ କରିପାରି ନଥିଲେ। ତାଙ୍କ ଅନ୍ତର୍ଜାତୀୟ କ୍ୟାରିୟର କଥା ଦେଖିଲେ ସେ ଭାରତ ପାଇଁ ୧୦ଟି ଦିନିକିଆରେ ୧୫୩ ରନ୍ କରିଛନ୍ତି। ଟି-୨୦ରେ ସେ ଭାରତ ପାଇଁ ୨୧ଟି ମ୍ୟାଚ୍ ଖେଳି ଗୋଟିଏ ଶତକ ସହ ୩୬୮ ରନ କରିଛନ୍ତି। ଶେଷଥର ପାଇଁ ସେ ୨୦୨୩ରେ ନ୍ୟୁଜିଲାଣ୍ଡ ବିପକ୍ଷ ଟି-୨୦ରେ ନଜର ଆସିଥିଲେ। ଉକ୍ତ ମ୍ୟାଚ୍‌ରେ ସେ ୩୦ ରନ କରିଥିଲେ।

## ବାଣୀତୀର୍ଥ, କରଞ୍ଜିଆର ବାର୍ଷିକ ଖେଳକୁଦ ସମାରୋହ ଉଦ୍‌ଯାପିତ




କରଞ୍ଜିଆ (ଭାସ୍କର ନ୍ୟୁଜ୍): କରଞ୍ଜିଆ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାଣୀତୀର୍ଥ କରଞ୍ଜିଆର ଦୁଇଦିନ ବ୍ୟାପୀ ଚାଲିଥିବା ବାର୍ଷିକ ଖେଳକୁଦ ସମାରୋହ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଅବସରରେ ମୁଖ୍ୟ ଅତିଥି ଭାବରେ ଅବସରପ୍ରାପ୍ତ ଚକ୍ଷୁ ବିଶେଷଜ୍ଞ ଡ଼ାକ୍ତର ସତ୍ୟେନ୍ଦ୍ର ନାରାୟଣ ଦାଶ ଓ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଦିଲ୍ଲୀପ କୁମାର ପୃଷ୍ଟି ଯୋଗଦାନ କରି ଶିଶୁଙ୍କୁ ଉତ୍ସାହିତ କରିବା ସହିତ ଜ୍ୟୋତି ନିର୍ବାପନ ଓ ଧ୍ୱଜାବତରଣ ପୂର୍ବକ କ୍ରୀଡା ସମାପନକୁ ବିଧିବଦ୍ଧ ଭାବରେ ଘୋଷଣା କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଶାରୀରିକ ପ୍ରମୁଖ ଚନ୍ଦ୍ର ମୋହନ ମହାନ୍ତ କ୍ରୀଡାର ବୃତ୍ତ କଥନ କରିଥିଲେ। ଶେଷରେ ମୁଖ୍ୟଅତିଥି କୃତୀ କ୍ରୀଡା ପ୍ରତିଭାଗୀଙ୍କୁ ପୁରସ୍କୃତ କରିଥିଲେ। ସମସ୍ତଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସୁନ୍ଦର ଭାବରେ ସମ୍ପାଦିତ ହୋଇଥିଲା।

## ତ୍ରିଦିବସୀୟ ରାଜ୍ୟସ୍ତରୀୟ ବରିଷ୍ଠ ପୁରୁଷ ଓ ମହିଳା କବାଡ଼ି ପ୍ରତିଯୋଗିତା ଉଦ୍‌ଘାଟିତ



ଆସିକା (ଭାସ୍କର ନ୍ୟୁଜ୍): ତ୍ରିଦିବସୀୟ ୭୨ତମ ରାଜ୍ୟସ୍ତରୀୟ ବରିଷ୍ଠ ପୁରୁଷ ଓ ମହିଳା କବାଡି ପ୍ରତିଯୋଗିତା ଆସିକା ହରିହର ଉଚ୍ଚ ବିଦ୍ୟାଳୟ ମିନି ଷ୍ଟାଡିୟମଠାରେ ଆସିକା ବିଧାୟକ ସରୋଜ କୁମାର ପାଢ଼ୀ ଉଦ୍‌ଘାଟନ କରିଛନ୍ତି। ଏହି ଉଦ୍‌ଘାଟନୀ ଉତ୍ସବରେ ରାଜ୍ୟର ସମସ୍ତ ଜିଲ୍ଲାର ୩୪ଟି ପୁରୁଷ ଟିମ୍‌ର ୪୦୮ଜଣ ଖେଳାଳି ଓ ୨୯ଟି ମହିଳା ଟିମ୍‌ର ୩୪୮ ମହିଳା ଖେଳାଳିଙ୍କୁ ନେଇ ଅନୁଷ୍ଠିତ ହୋଇଯାଇଛି। ଏହି ଉଦ୍‌ଘାଟନୀ ଉତ୍ସବରେ ଆସିକା ବିଜ୍ଞାପିତ ଅଞ୍ଚଳ ଅଧକ୍ଷା ବିନେତା ସ୍ୱାଇଁ, ଉପାଧକ୍ଷା ଜୟନ୍ତୀ ବିଷୋୟୀ, ନଗର ବିଜେଡି ସଭାପତି ସତ୍ୟନାରାୟଣ ସ୍ୱାଇଁ, ଆସିକା ବିଧାୟକ ପ୍ରତିନିଧି ସଙ୍ଗୀତ କୁମାର ପାଢ଼ୀ, ଆସିକା ସମବାୟ ଚିନିଶିଳ୍ପ ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା, ରାଜ୍ୟ କବାଡି ସଂଘ ସମ୍ପାଦକ ଅଜୟ କୁମାର ବେହେରା, ସହସମ୍ପାଦକ ସୂର୍ଯ୍ୟକାନ୍ତ ମହାନ୍ତି, ଉପସଭାପତି ପୃଥ୍ୱୀରାଜ ପଟ୍ଟନାୟକ, କୋଷାଧକ୍ଷ ବିକ୍ରମ ପ୍ରଧାନ, ଅଫିସିଆଲ ସମ୍ପାଦକ ପଦ୍ମ ଚରଣ ପ୍ରଧାନ, ଗଞ୍ଜାମ ଜିଲ୍ଲା ଆଥେଲେଟିକ୍ ସମ୍ପାଦକ ଜେ. କାମେଶ୍ୱର ରାଓ, ସହସମ୍ପାଦକ ଡି ଆସ୍ପା ରାଓ, ଆଥେଲେଟିକ ସମ୍ପାଦକ ପ୍ରମୋଦ କୁମାର ମହାରଣା, ଗଞ୍ଜାମ ଜିଲ୍ଲା କବାଡି ସମ୍ପାଦକ ସୀତାରାମ ବେବର୍ତ୍ତା, ଆସିକା କବାଡି କ୍ଲବ ସମ୍ପାଦକ ଅନିଲ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମେ ସମସ୍ତ ଖେଳାଳି ଏକ ବିରାଟ ମଶାଲ ଶୋଭାଯାତ୍ରାରେ ନଗର ପରିକ୍ରମା କରିସାରିବା ପରେ ହରିହର ମିନି ଷ୍ଟାଡିୟମ ଠାରେ ପହଞ୍ଚି ଖେଳ ପତାକା ଉତ୍ତୋଳନ କରିଥିଲେ। ଏହାପରେ କବାଡି ଲିଗ୍ ଆରମ୍ଭ ହୋଇଥିଲା। ଏହି ପ୍ରତିଯୋଗିତାରେ ଆସିକା ଟିମ୍ ପକ୍ଷରୁ କୋଚ୍ କାର୍ତ୍ତିକେଶ୍ୱର ପଟ୍ଟନାୟକ ପ୍ରମୁଖ ପରିଚାଳନା କରିଥିଲେ।

## ଅଣ୍ଡର୍-୧୯ କୁଚ୍ ବେହାର ଟ୍ରଫି

# ୨୯୭ ରନ୍‌ର ଇନିଂସ୍ ଖେଳି ଚର୍ଚ୍ଚାରେ ସେହୱାଗଙ୍କ ପୁଅ



ନୂଆଦିଲ୍ଲୀ: ଚର୍ଚ୍ଚାରେ ଟିମ ଇଣ୍ଡିଆର ପୂର୍ବତନ ଓପନର ବୀରେନ୍ଦ୍ର ସେହୱାଙ୍କ ପୁଅ ଆର୍ଯ୍ୟବୀର। ସେ ଦିଲ୍ଲୀ ପାଇଁ ମେଘାଳୟ ବିପକ୍ଷ ଅଣ୍ଡର-୧୯ କୁଚ୍ ବେହାର ଟ୍ରଫିରେ କମାଲ କରିଛନ୍ତି। ସେ ଏକାକୀ ୨୯୭ ରନ୍‌ର ଇନିଂସ ଖେଳି ନିଜ ଜଲୱାର ପରିଚୟ ଦେଇଛନ୍ତି। ବିସିସିଆଇର ଅନ୍ୟତମ ବଡ଼ ଟୁର୍ଣ୍ଣାମେଣ୍ଟରେ ଆର୍ଯ୍ୟବୀର ଦମଦାର୍ ଇନିଂସ୍ ଖେଳିଥିବାରୁ ନିଜ ପୁଅଙ୍କୁ ସେହୱାଗ୍ ପ୍ରଶଂସାରେ ପୋତି ପକାଇଛନ୍ତି। ଏଥିସହ ଆଗକୁ ଏପରି ବ୍ୟାଟିଂ ଜାରି ରଖିବାକୁ କହିଛନ୍ତି। ମେଘାଳୟ ବିପକ୍ଷ ମ୍ୟାଚରେ ଗୁରୁବାର ଖେଳ ଶେଷ ବେଳକୁ ଆର୍ଯ୍ୟବୀର ୨୦୦ ରନ୍ କରି ଅପରାଜିତ ରହିଥିଲେ। ଆଜି ସେ ଆଉ ୯୭ ରନ୍ କରି ଆଉଟ୍ ହୋଇଛନ୍ତି। ସେ ୩୦୯ ବଲ୍‌ରେ ୨୯୭ ରନ୍‌ର ଇନିଂସ୍ ଖେଳିଥିବା ବେଳେ ଏଥିରେ ୫୧ଟି ଚୌକା ଓ ୩ଟି ବିଶାଳ ଛକା ରହିଛି। ତାଙ୍କର ଏହି ଇନିଂସ୍ ଯୋଗୁ ଦିଲ୍ଲୀ ପ୍ରଥମ ଇନିଂସରେ ୫ ୱିକେଟ ହରାଇ ୬୨୩ ରନ କରିବା ପରେ ପାଳି ଘୋଷଣା କରିଛି। ଏହି ମ୍ୟାଚରେ ମେଘାଳୟ ପ୍ରଥମ ବ୍ୟାଟିଂ ପ୍ରଥମ ଇନିଂସରେ ୨୬୦ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଏହାପରେ ଦିଲ୍ଲୀ ପାଇଁ ଆର୍ଯ୍ୟବୀର ଓ ଅର୍ଣ୍ଣବ ବୁଗା ଇନିଂସ ଆରମ୍ଭ କରିଥିଲେ। ଉଭୟ ପ୍ରଥମ ୱିକେଟ ପାଇଁ ୧୮୦ ରନ ଯୋଡ଼ିଥିଲେ। ଏହି ସମୟରେ ଅର୍ଣ୍ଣବ ୧୦୮ ବଲ୍‌ରେ ୧୧୪ ରନ୍ କରି ଆଉଟ୍ ହୋଇଥିଲେ। ତେବେ ଆର୍ଯ୍ୟବୀର ଦମଦାର ବ୍ୟାଟିଂ କରି ପ୍ରଥମେ ଦୁଇ ଶତକ ଓ ଆଜି ଆଉ ୯୭ ରନ୍ କରି ଆଉଟ୍ ହୋଇଛନ୍ତି। ଆର୍ଯ୍ୟବୀର ଚଳିତ ବର୍ଷ ଅକ୍ଟୋବରରେ ଭିନୁମଙ୍କଡ ଟ୍ରଫିରେ ଦିଲ୍ଲୀ ପାଇଁ ଡେବ୍ୟୁ କରିଥିଲେ। ସେ ମଣିପୁର ବିପକ୍ଷରେ ମ୍ୟାଚ୍ ବିଜୟୀ ୪୯ ରନ୍ କରିଥିଲେ। ୧୫ ବର୍ଷ ବୟସରେ ଆର୍ଯ୍ୟବୀର ଦମଦାର ପ୍ରଦର୍ଶନ କରୁଥିବାରୁ ସେହୱାଗ ତାଙ୍କୁ ପ୍ରଶଂସା କରିଛନ୍ତି। ଏଥିସହ ଆଇପିଏଲ୍ ଖେଳିବା ପାଇଁ ପୁଅ କଠିନ ପରିଶ୍ରମ କରୁଥିବା ମଧ୍ୟ ସେହୱାଗ କହିଛନ୍ତି।

## ବଣିଆପାଟ ଶିଶୁ ମନ୍ଦିରର ୨୯ତମ ବାର୍ଷିକ କ୍ରୀଡା



କେନ୍ଦୁଝର (ଭାସ୍କର ନ୍ୟୁଜ୍): କଲେଜରୋଡ୍ ସ୍ଥିତ ବଣିଆପାଟ ଶିଶୁ ମନ୍ଦିରର ୨୯ତମ ବାର୍ଷିକ କ୍ରୀଡା ଧରଣୀଧର ବିଶ୍ୱବିଦ୍ୟାଳୟର ଖେଳ ପଡିଆରେ ଅନୁଷ୍ଠିତ ହୋଇଯାଇଛି। କ୍ରୀଡାର ସମାରୋହରେ ମୁଖ୍ୟ ଅତିଥି ଭାବେ ଭାରତୀୟ ସୈନ୍ୟ ବିଭାଗର ଅବସରପ୍ରାପ୍ତ ମେଜର କିଶୋର ଚନ୍ଦ୍ର ପ୍ରଧାନ ଯୋଗ ଦେଇଥିବା ବେଳେ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଡଃ ଅନିଲ କୁମାର ଦାସଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ପରିଚାଳନା କରାଯାଇଥିଲା। ସମ୍ପାଦକ ଭାଗିରଥୀ ଗିରି, ଉପସଭାପତି ହୃଦାନନ୍ଦ ପ୍ରଧାନ, ସଦସ୍ୟା ମନ୍ଦାକିନୀ ବେହେରା, ପଦ୍ମାବତୀ ଅମାନ୍ତ ଉପସ୍ଥିତ ଥିବାବେଳେ ପ୍ରଧାନ ଆଚାର୍ଯ୍ୟ ଦୀନବନ୍ଧୁ ମହାକୁଡ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଏହି କ୍ରୀଡାରେ ଶିଶୁ ବାଟିକା ବିଭାଗରେ ମୋଟ ୪୮ଜଣ, କନିଷ୍ଠ ବିଭାଗରେ ୧୫୦ ଜଣ, ଶିଶୁ ବିଭାଗରେ ୯୦ ଜଣ, ବାଲ୍ ବର୍ଗରେ ୧୪୦ ଜଣ, କିଶୋର ବର୍ଗରେ ୭୮ ଜଣ ଏବଂ ଦଶମ ଶ୍ରେଣୀରେ ସ୍ୱତନ୍ତ୍ର ବିଭାଗରେ ୩୩ ଜଣ ଭାଇଭଉଣୀ ଅଂଶଗ୍ରହଣ କରିଥିଲେ। ଏଥିରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନେ ସଙ୍କୁଳସ୍ତରୀୟ ଖେଳକୁଦ ପ୍ରତିଯୋଗିତାରେ ଭାଗନେବେ। ଏହି ବାର୍ଷିକ କ୍ରୀଡାରେ ଓମ୍ ନାରାୟଣ ମହାନ୍ତ (ଦଶମ), ନିତିଶ କୁମାର ନାଏକ (ସପ୍ତମ), ଓମ୍ ପ୍ରକାଶ ନାଏକ (ସପ୍ତମ), ଆୟୁଷ ମହାନ୍ତ (ତୃତୀୟ) ଶ୍ରେଣୀର ଭାଇମାନେ ଚାମ୍ପିଅନ୍ ହୋଇଛନ୍ତି। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଭାଇ ଓ ଭଉଣୀ ମାନଙ୍କୁ ଅତିଥିମାନଙ୍କ ଦ୍ୱାରା ମାନପତ୍ର ଓ ପୁରସ୍କାର ବିତରଣ କରାଯାଇଥିଲା। ଏହି କ୍ରୀଡାକୁ ବିଦ୍ୟାଳୟର ସମସ୍ତ ସେବାବ୍ରତୀ ପରିଚାଳନା କରିଥିଲେ।

## ଏନ୍‌ଏସ୍ ପୋଲିସ ହାଇସ୍କୁଲ୍‌ର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ



କେନ୍ଦୁଝର (ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲ୍ଲା ସ୍ଥାନୀୟ ଏନ୍.ଏସ୍. ପୋଲିସ ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ ଶୁକ୍ରବାର ଅପରାହ୍ନରେ ଉଦଯାପିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସନ୍ତୋଷିନୀ ସେଠୀଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ପବିତ୍ର ମୋହନ ବାରିକ ଯୋଗ ଦେଇ ସମୟର ସଦୁପଯୋଗ, ପାଠ ସହିତ ଖେଳକୁ ଅଗ୍ରାଧିକାର, ଲକ୍ଷ୍ୟ ହାସଲ ପର୍ଯ୍ୟନ୍ତ ସାଧନା ଜାରି ରଖିବା ପାଇଁ ଛାତ୍ରଛାତ୍ରୀଙ୍କୁ ଉପଦେଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷକ ଗୁରଦେବ ମହାନ୍ତ, କମଳ ଲୋଚନ ପ୍ରଧାନ ଯୋଗଦେଇ କ୍ରୀଡ଼ା ଆମ ଜୀବନରେ କିପରି ମହତ୍ତ୍ୱପୂର୍ଣ୍ଣ ସେ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଶିକ୍ଷୟିତ୍ରୀ ମଧୁସ୍ମିତା ଚକ୍ର ଅତିଥି ପରିଚୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ କ୍ରୀଡ଼ା ଶିକ୍ଷୟିତ୍ରୀ ଭାଗ୍ୟଶ୍ରୀ ମହାନ୍ତ ବାର୍ଷିକ କ୍ରୀଡ଼ା ବିବରଣୀ ପ୍ରଦାନ କରିଥିଲେ। ଶିକ୍ଷକ ବିଜୟ କୁମାର ବେହେରା ମଞ୍ଚ ସଞ୍ଚାଳନ କରିଥିଲେ। ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ମୁଖ୍ୟ ଅତିଥି ପୁରସ୍କାର ପ୍ରଦାନ କରିଥିଲେ। ବିଦ୍ୟାଳୟର ଦଶମ ଶ୍ରେଣୀର ଛାତ୍ର ଗତିକୃଷ୍ଣ ମହାନ୍ତ ଏବଂ ଦଶମ ଶ୍ରେଣୀର ଛାତ୍ରୀ ଆଲିଶା ମୁର୍ମୁ ଚଳିତ ବର୍ଷର ଶ୍ରେଷ୍ଠ କ୍ରୀଡାବିତ୍ ବିବେଚିତ ହୋଇଥିଲେ। ବିଦ୍ୟାଳୟର ଶିକ୍ଷକ ବିବେକାନନ୍ଦ ରାଉତ, ପ୍ରଦୀପ୍ତ ଦେହୁରୀ, ତନ୍ମୟ ରାଉତ, ଶିକ୍ଷୟିତ୍ରୀ ମମତାରାଣୀ ମହାନ୍ତ, ସାଗରିକା ସାହୁ, ଯାତ୍ରୀ ମହାନ୍ତ, କଳାବତୀ ଦେହୁରୀ, ଜୁନିଅର ଆସିଷ୍ଟାଣ୍ଟ ଚିନ୍ମୟ ପ୍ରଧାନ, ଶିକ୍ଷା କର୍ମଚାରୀ ଗଣେଶ୍ୱର ମୁଦୁଲି, ସୁଜାତା ନାଏକ ପ୍ରମୁଖ ଦୁଇଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡ଼ା ପରିଚାଳନାରେ ସହଯୋଗ କରିଥିଲେ।

## ପ୍ୟାଭିଲିୟନ ଭିତ୍ତିପ୍ରସ୍ତର ସ୍ଥାପନ




ବ୍ରଜରାଜନଗର (ଭାସ୍କର ନ୍ୟୁଜ୍): ଏମ୍‌ସିଏଲ୍ ଓରିଏଣ୍ଟ କ୍ଷେତ୍ର ଅନ୍ତର୍ଗତ ବୁଢ଼ୀଜାମସ୍ଥିତ ଓରିଏଣ୍ଟ କ୍ରିକେଟ୍ ପଡ଼ିଆଠାରେ ପ୍ୟାଭିଲିୟନ ନିର୍ମାଣ ପାଇଁ ଆଜି ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟ ଅତିଥି, ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏମ୍‌ସିଏଲ୍ ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଉଦୟ ଅନନ୍ତ କାଉଲେ, କାର୍ମିକ ନିର୍ଦ୍ଦେଶକ କେଶବ ରାଓ ଉପସ୍ଥିତ ଥିଲେ। ୧କୋଟି ୮ଲକ୍ଷ ଟଙ୍କା ବ୍ୟୟରେ ହେବାକୁ ଥିବା ଏହି ପ୍ରକଳ୍ପର ଟେଣ୍ଡର ପ୍ରକ୍ରିୟା ଶେଷ ହୋଇ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିବା ସୂଚନା ମିଳିଛି। ଶାନ୍ତୁ ସରକାର ମଞ୍ଚ ପରିଚାଳନା କରିଥିଲେ। ସେପଟେ ଏମ୍‌ସିଏଲ୍ ପକ୍ଷରୁ ବ୍ରଜରାଜନଗର ସାମ୍ବାଦିକଙ୍କୁ ଏହି କାର୍ଯ୍ୟକ୍ରମକୁ ନିମନ୍ତ୍ରଣ କରାଯାଇଥିଲେ ହେଁ ସମ୍ବାଦିକମାନଙ୍କୁ ଉଚିତ୍ ସମ୍ମାନ କରାଯାଇନଥିଲା। ଫଳରେ ସାମ୍ବାଦିକମାନେ କାର୍ଯ୍ୟକ୍ରମ ବର୍ଜନ କରିଥିଲେ। ଏହା ପରେ ସାଂସଦ ଶ୍ରୀ ପୁରୋହିତ ଏଥିରେ ହସ୍ତକ୍ଷେପ କରି ଓରିଏଣ୍ଟ ମହାପ୍ରବନ୍ଧକଙ୍କୁ ଫୋନ୍‌ରେ ସାମ୍ବାଦିକଙ୍କୁ ଉଚିତ୍ ସମ୍ମାନ ଓ ବ୍ୟବହାର ପ୍ରଦର୍ଶନ କରିବାକୁ ତାଗିଦ୍ କରିଥିଲେ।

# ପଞ୍ଚମ ୟୁନିକ୍ କପ୍ କ୍ରିକେଟ୍: ସେମିରେ ଜୁଭେନାଇଲ୍ କ୍ଲବ୍, କଟକ




କେନ୍ଦୁଝର (ଭାସ୍କର ନ୍ୟୁଜ୍): ୟୁନିକ କ୍ରିକେଟ୍ ଏକାଡେମୀ ଆନୁକୂଲ୍ୟରେ କେନ୍ଦୁଝର ସହରସ୍ଥିତ ଷ୍ଟାଡିୟମ ପଡିଆଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ୟୁନିକ୍ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପଞ୍ଚମ ସଂସ୍କରଣର ପଞ୍ଚମ ଦିବସର ଅନ୍ତିମ ତଥା ଚତୁର୍ଥ କ୍ୱାର୍ଟର ଫାଇନାଲ ରାଉଣ୍ଡରେ ଗତବର୍ଷର ଚାମ୍ପିଅନ୍ କଟକର ଜୁଭେନାଇଲ କ୍ଲବ ମୟୂରଭଞ୍ଜ ଏକାଦଶ ବିପକ୍ଷରେ ୧୩୫ ରନ୍‌ର ଏକ ବିପୁଳ ବିଜୟ ହାସଲ କରି ସେମିଫାଇନାଲ ରାଉଣ୍ଡରେ ପ୍ରବେଶ କରିଛି। ଜୁଭେନାଇଲ କ୍ଲବ ଟସ୍‌ରେ ଜିଣି ଏକ ନିର୍ଜୀବ ୱିକେଟରେ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ ଏବଂ ସୀମିତ ୩୭ ଓଭର ବ୍ୟାଟିଂ କରି ୫ଟି ୱିକେଟ ହରାଇ ୨୩୯ ରନ ସଂଗ୍ରହ କରିବାରେ ସମର୍ଥ ହୋଇଥିଲେ। ଦଳ ପକ୍ଷରୁ ୩ ନମ୍ବରରେ ବ୍ୟାଟିଂ କରିବାକୁ ଆସିଥିବା ସୋହେଲ ଖାଁ ୮୫ଟି ବଲ୍‌ର ସମ୍ମୁଖୀନ ହୋଇ ଦୁଇଟି ଛକା ଏବଂ ୧୦ଟି ଚୌକା ସହାୟତାରେ ଅପରାଜିତ ୧୦୦ ରନ୍ କରି ଚଳିତ ବର୍ଷ ପ୍ରତିଯୋଗିତାର ଦ୍ୱିତୀୟ ଶତକ ହାସଲ କରିଥିବା ବେଳେ ବାମହାତି ବ୍ୟାଟ୍‌ସ୍‌ମ୍ୟାନ ତଥା ଅଧିନାୟକ ଶାଶ୍ୱତ ମହାନ୍ତି ୨୯ଟି ବଲ୍‌ର ସମ୍ମୁଖୀନ ହୋଇ ୩ଟି ଛକା ଏବଂ ୩ଟି ଚୌକା ସହାୟତାରେ ଦ୍ରୁତ ୪୪ ରନ୍ କରି ୬ ରନ୍ ପାଇଁ ଅର୍ଦ୍ଧଶତକରୁ ବଞ୍ଚିତ ହୋଇଥିଲେ ଏବଂ ୱିକେଟ କିପର ବ୍ୟାଟ୍‌ସ୍‌ମ୍ୟାନ ସିଦ୍ଧାର୍ଥ ନାୟକ ୨୮ ରନ ସଂଗ୍ରହ କରିଥିଲେ। ପ୍ରତିପକ୍ଷ ଦଳର ମାରି ଲୋକନାଥ, ହୀରକ ସିଂହ, ପ୍ରୀତପାଲ ସିଂହ, ଶୁଭମ ଓଝା ଏବଂ ମନୁ ରାମ ପ୍ରତ୍ୟେକ ଗୋଟିଏ ଲେଖାଏଁ ୱିକେଟ ହାସଲ କରିଥିଲେ। ମ୍ୟାଚ ଜିତିବାକୁ ଓଭର ପିଛା ୬.୪୮ ହାରରେ ରନ୍ ସଂଗ୍ରହ କରିବାର ଲକ୍ଷ୍ୟନେଇ ମୟୂରଭଞ୍ଜ ଏକାଦଶ ଖେଳ ଆରମ୍ଭ କରିଥିଲେ ହେଁ କ୍ରମାଗତ ବ୍ୟବଧାନରେ ୱିକେଟ ହରାଇ ଚାଲିଥିଲେ ଏବଂ ନିର୍ଦ୍ଧାରିତ ୩୭ ଓଭର ଠାରୁ ୧୪ ଓଭର କମ ଖେଳି ମାତ୍ର ୧୦୪ ରନ୍‌ରେ ସମସ୍ତ ୱିକେଟ୍ ହରାଇଥିଲେ। ଦଳ ପକ୍ଷରୁ ସୌମ୍ୟରଞ୍ଜନ ମହାନ୍ତି ୨୬, ମାରି ଲୋକନାଥ ୧୬ ଏବଂ ଅଧିନାୟକ ପ୍ରୀତପାଲ ସିଂହ ୧୧ ରନ ସଂଗ୍ରହ କରିଥିବା ବେଳେ ଅନ୍ୟ କେହି ବ୍ୟାଟ୍‌ସ୍‌ମ୍ୟାନ ଦୁଇ ଅଙ୍କରେ ପହଞ୍ଚିବାକୁ ସକ୍ଷମ ହୋଇପାରିନଥିଲେ। ଜୁଭେନାଇଲ ପକ୍ଷରୁ ସୋୟାଂଶୁ ପଟ୍ଟନାୟକ ୧୧ ରନ ଦେଇ ୩ଟି ଓ ମହମ୍ମଦ ସୋହେଲ ଖାଁ ୨୩ ରନ ଦେଇ ୨ଟି ୱିକେଟ ଅକ୍ତିଆର କରିଥିଲେ। ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ସମାଜସେବୀ ବୁଲୁ ପରିଡା ଏବଂ ଉଦୀୟମାନ ଶିଳ୍ପୀ ବିଜୟ କିଶୋର ହେମ୍ବ୍ରମ ଜୁଭେନାଇଲର ଶତକ ହାସଲ କରିଥିବା ମହମ୍ମଦ ସୋହେଲ ଖାଁଙ୍କୁ ପ୍ରଦାନ କରିଥିଲେ। ଓସିଏ ଅମ୍ପାୟାର ଲଲାଟ କେଶରୀ ନନ୍ଦ ଏବଂ ଆଶୁତୋଷ ପାଣି ମ୍ୟାଚ ପରିଚାଳନା କରିଥିବା ବେଳେ କିରଣ ମନୋହର ମହାନ୍ତି ସ୍କୋରର ସଞ୍ଜୀବ ପଟ୍ଟନାୟକ ଓ ତାପସ ବେହେରା ମ୍ୟାଚ ରେଫରୀ ଦାୟିତ୍ୱ ତୁଲାଇଥିଲେ। ଭାଷ୍ୟକାର ଭାବେ ବୁବୁ ସିହ୍ନା ଧାରାବିବରଣୀ ପ୍ରଦାନ କରି ଦର୍ଶକ ମାନଙ୍କ ମନ ମୋହିନେଇଥିବା ବେଳେ ମ୍ୟାଚ୍‌ର ସିଧା ପ୍ରସାରଣ ୟୁ ଟ୍ୟୁବ୍ ଚାନେଲ ୧୦୦ ନଟ୍ ଆଉଟ୍‌ରେ ପ୍ରସାରଣ କରାଯାଇଥିଲା। ଆସନ୍ତାକାଲି ଦ୍ୱିତୀୟ ସେମି ଫାଇନାଲ ଖେଳରେ ଜୁଭେନାଇଲ କ୍ଲବ ଆଲଫା ସ୍ପୋର୍ଟିଂ ବ୍ରହ୍ମପୁରକୁ ଭେଟିବ।



ହୃଦ୍‌ଘାତରେ ରୋଗୀମାନେ କ'ଣ ଖାଇବା ଆବଶ୍ୟକ । କ'ଣ ଖାଇଲେ ହୃଦୟ ସୁସ୍ଥ ରହିବ । ଆଉ କେଉଁ ଜିନିଷକୁ ଖାଇବାରୁ ଆପଣ ନିବୃତ ରହିବେ । ସୁସ୍ଥ ହୃଦୟ ପାଇଁ କ'ଣ ଖାଇବେ ?

ଅଧିକ ତେଲ ଥିବା ଖାଦ୍ୟ ଖାଆନ୍ତୁ ନାହିଁ। ଅଧିକ ଆମିଷ ନଖାଇଲେ ସ୍ୱାସ୍ଥ୍ୟ ପ୍ରତି ଭଲ। ମଟନ, ଚିଙ୍ଗୁଡି ଓ କଙ୍କଡ଼ା ଖାଆନ୍ତୁ ନାହିଁ। ପନିପରିବା ଓ ଫଳ ଉପରେ ଅଧିକ ନିର୍ଭର କରନ୍ତୁ। ପ୍ରତ୍ୟେକ ଦିନ ପନିପରିବା ସହ ଗୋଟିଏ ଫଳ ଖାଇବା ଆବଶ୍ୟକ। ଶରୀରରେ ଅଧିକ ଚର୍ବି ରହିବା ହୃଦ୍‌ରୋଗର ମୁଖ୍ୟ କାରଣ। ତେଲ ଜାତୀୟ ଖାଦ୍ୟ ଶରୀରରେ ଅଧିକ ଚର୍ବି ବଢାଇଥାଏ। ମିଠା ଜାତୀୟ ଖାଦ୍ୟ ମଧ୍ୟ ଅଧିକ ଖାଆନ୍ତୁ ନାହିଁ। କମ୍ ଲୁଣ ଥିବା ଖାଦ୍ୟ ଉପରେ ଗୁରୁତ୍ୱ ଦିଅନ୍ତୁ। ହୃଦ୍‌ଘାତରେ ରୋଗୀମାନେ କ'ଣ ଖାଇବା ଆବଶ୍ୟକ । ତେଲ ଜାତୀୟ ଖାଦ୍ୟ ଶରୀରରେ ଅଧିକ ଚର୍ବି ବଢାଇଥାଏ। ମିଠା ଜାତୀୟ ଖାଦ୍ୟ ମଧ୍ୟ ଅଧିକ ଖାଆନ୍ତୁ ନାହିଁ। କମ୍ ଲୁଣ ଥିବା ଖାଦ୍ୟ ଉପରେ ଗୁରୁତ୍ୱ ଦିଅନ୍ତୁ।





# ଲଗାତାର ଫିଲ୍ମ ସାଇନ୍ କରନ୍ତିନି ଶ୍ରଦ୍ଧା

ସୋସିଆଲ ମିଡିଆରେ ସର୍ବାଧିକ ଫଲୋ କରାଯାଉଥିବା ବଲିଉଡ୍ ଷ୍ଟାରଙ୍କ ମଧ୍ୟରେ ଶ୍ରଦ୍ଧା କପୁର ଅନ୍ୟତମ । କାରଣ ସୋସିଆଲ ମିଡିଆରେ ସେ ଖୁବ୍ ସକ୍ରିୟ ଅଛନ୍ତି । ଗତ କିଛି ବର୍ଷ ମଧ୍ୟରେ ତାଙ୍କର ହାତଗଣତି ଫିଲ୍ମ ରିଲିଜ୍ ହୋଇଥିଲେ ମଧ୍ୟ ସୋସିଆଲ ମିଡିଆରେ ଶ୍ରଦ୍ଧା ଫ୍ୟାନ୍‌ଙ୍କ ସହ ସର୍ବଦା ଯୋଡ଼ିହୋଇ ରହିଛନ୍ତି । ଶେଷ ଥର 'ସ୍ତ୍ରୀ-୨'ରେ ସେ ନଜର ଆସିଥିଲେ । ଏହା ପୂର୍ବରୁ ଗତ ବର୍ଷ 'ତୁ ଝୁଠି ମେଁ ମକ୍କାର'ରେ ରଣବୀର କପୁରଙ୍କ ସହ ସ୍କ୍ରିନ୍ ଶେୟାର କରିଥିଲେ । ଏବେ ତାଙ୍କ ଅପ୍‌କମିଙ୍ଗ ପ୍ରୋଜେକ୍ଟ ବିଷୟରେ ଫ୍ୟାନ୍ କିଛି ଜାଣନ୍ତି ନାହିଁ । ଏକ ସଦ୍ୟ ସାକ୍ଷାତକାରରେ ଏହି ରହସ୍ୟ ଉପରୁ ନିଜେ ପରଦା ଉଠାଇଛନ୍ତି ଶ୍ରଦ୍ଧା । କହିଛନ୍ତି, ମୁଁ ଯାହା କରିବାକୁ ଚାହେଁ, କରେ । ପଛକୁ ପଛ ଫିଲ୍ମ ସାଇନ୍ କରିବା ପାଇଁ ମୁଁ ବ୍ୟସ୍ତ ନୁହେଁ । ନିଜ ହୃଦୟ କଥା ମୁଁ ଶୁଣୁଛି । ଇଣ୍ଡଷ୍ଟ୍ରିରେ ଏଣ୍ଟ୍ରି କରିବା ସମୟ ବିଷୟରେ ମଧ୍ୟ ସେ ଆଲୋଚନା କରିଛନ୍ତି । ସେ କହିଛନ୍ତି, ବିଫଳତା ବାସ୍ତବରେ ଏକ ଖୁବ୍ ଶକ୍ତିଶାଳୀ ଶିକ୍ଷକ ଏବଂ ସଫଳତା ଅଭିମୁଖେ ପାଦ ରଖିବା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କ୍ୟାରିଅର ଆରମ୍ଭରେ ମୁଁ ଅଗଣିତ ଅଡିସନ୍ ଦେଇଛି । କିଛି ଫିଲ୍ମ ପାଇଁ ମୋତେ ଚୟନ କରାଯାଇଛି, ତା'ପରେ ବାହାର କରାଯାଇଛି । ସେତେବେଳେ ଏହା ଅତ୍ୟନ୍ତ ନୈରାଶ୍ୟଜନକ ଥିଲା । ତେବେ, ଯାତ୍ରାରେ ଏହି ସବୁ ଅନୁଭବ ତାଙ୍କୁ ଆଜି ଏଠାରେ ପହଞ୍ଚାଇଛି ବୋଲି ଶ୍ରଦ୍ଧାଙ୍କ ବିଶ୍ୱାସ । ଫ୍ୟାନ୍‌ଙ୍କ ଭଲପାଇବା ଯୋଗୁ ଏହା ହୋଇପାରିଛି ବୋଲି ସେ କହିଛନ୍ତି। କିନ୍ତୁ ଆଗାମି ପ୍ରୋଜେକ୍ଟ ବିଷୟରେ ସେ ମୁହଁ ଖୋଲିନାହାନ୍ତି । 'ପୁଷ୍ପା-୨'ରେ ଆଇଟମ୍ ନମ୍ବର ଅଫର ଛାଡ଼ିବା ପରେ ହ୍ରିତିକ୍। ଜୁନିୟର ଏନ୍‌ଟିଆର ଷ୍ଟାରର 'ୱାର-୨'ରେ ତାଙ୍କର ଏଣ୍ଟ୍ରିକୁ ନେଇ ଚର୍ଚ୍ଚା ହେଉଛି । ଫିଲ୍ମ 'ଧୁମ୍-୪'ରେ ରଣବୀର କପୁରଙ୍କ ସହ ପୁଣି ଥରେ ସେ ସ୍କ୍ରିନ୍ ଶେୟାର କରିବା ନେଇ ମଧ୍ୟ ଖୁବ୍ ଚର୍ଚ୍ଚା ହେଉଥିଲା ।



# ପୁଅ-ବୋହୂଙ୍କ ଛାଡ଼ପତ୍ରକୁ ନେଇ ମୁହଁ ଖୋଲିଲେ ବିଗ୍‌ବି

ଐଶ୍ୱର୍ଯ୍ୟା ଏବଂ ଅଭିଷେକ ସେମାନଙ୍କ ଛାଡପତ୍ର ଖବରକୁ ନେଇ ଦୀର୍ଘ ଦିନ ଧରି ଚର୍ଚ୍ଚାରେ ଥିଲେ। ଅନେକ ରିପୋର୍ଟରେ ଦାବି କରାଯାଇଛି ଯେ ସେମାନଙ୍କ ସମ୍ପର୍କ ଖରାପ ହୋଇଯାଇଛି। ଦୀର୍ଘ ଦିନ ଧରି ଉଭୟଙ୍କୁ ଏକାଠି ଦେଖିବାକୁ ମିଳିନଥିଲା। ଗତକାଲି ଐଶ୍ୱର୍ଯ୍ୟା ଝିଅ ଆରାଧ୍ୟା ବଚ୍ଚନଙ୍କ ଜନ୍ମଦିନ ସିଲିବ୍ରେସନ କରିଥିଲେ। ଏହି ସମୟରେ ଅଭିଷେକ ତାଙ୍କ ସହ ନଜର ଆସିନଥିଲେ। ସତ୍ କ'ଣ ବୋଲି ପ୍ରଶଂସକମାନେ ମଧ୍ୟ ଦ୍ୱନ୍ଦ୍ୱରେ ଅଛନ୍ତି ? ଏବେ ଶେଷରେ ଅମିତାଭ ବଚ୍ଚନ ନିଜେ ପୁଅ ଏବଂ ବୋହୂଙ୍କ ଛାଡପତ୍ର ଗୁଜବ ଉପରେ ପ୍ରତିକ୍ରିୟା ଦେଇଛନ୍ତି। ଶେଷରେ ଅମିତାଭ ବଚ୍ଚନ ତାଙ୍କ ପୁଅ ଏବଂ ବୋହୂ ମଧ୍ୟରେ ଚାଲିଥିବା ଛାଡପତ୍ର ଗୁଜବକୁ ଶେଷ କରିଛନ୍ତି। ସେ ତାଙ୍କ ବ୍ଲଗରେ ଏକ କ୍ରିପ୍ଟିକ୍ ପୋଷ୍ଟ ସେୟାର କରି ମିଥ୍ୟା ଖବର ପ୍ରଚାର କରୁଥିବା ଲୋକଙ୍କୁ ତାଗିଦ କରିଥିଲେ। ଅମିତାଭ ଲେଖିଛନ୍ତି, 'ମୁଁ ମୋ ପରିବାର ବିଷୟରେ ଅଧିକ କିଛି କହୁ ନାହିଁ କାରଣ ମୁଁ ସବୁବେଳେ ମୋ ପରିବାରର ଗୋପନୀୟତା ବଜାୟ ରଖିବାକୁ ଚେଷ୍ଟା କରେ। ଜୀବନରେ ଭିନ୍ନ ଦେଖାଯିବା ଓ ତାର ଉପସ୍ଥିତି ଉପରେ ବିଶ୍ୱାସ କରିବାକୁ ହେଲେ ବହୁତ ସାହସ, ଦୃଢ଼ ବିଶ୍ୱାସ ଓ ସଚ୍ଚୋଟପଣର ଆବଶ୍ୟକ ହୋଇଥାଏ। ଗୁଜବ କେବଳ ଗୁଜବ । ଯେଉଁଥିରେ କୌଣସି ସତ୍ୟତ ହିଁ ନାହିଁ। ବିନା ଯାଞ୍ଚରେ ସେହି ଗୁଜବ ଓ ମିଥ୍ୟା ପ୍ରଚର ହୋଇଛି । କିଛିଦିନ ତଳେ ଐଶ୍ୱର୍ଯ୍ୟା ରାୟ ବଚ୍ଚନ ଆରାଧ୍ୟା ବଚ୍ଚନଙ୍କୁ ଏକା ଧରି ଅନନ୍ତ ଅମ୍ବାନୀ ଓ ରାଧିକା ମର୍ଚ୍ଚାଣ୍ଟଙ୍କ ବିବାହରେ ସାମିଲ ହୋଇଥିଲେ। ଏହା ପରଠାରୁ ଐଶ୍ୱର୍ଯ୍ୟା ରାଏ ଓ ଅଭିଷେକଙ୍କ ମଧ୍ୟରେ ବିବାହ ବିଚ୍ଛେଦକୁ ନେଇ ଖବର ଜୋର ଧରିଛି। କିନ୍ତୁ ବର୍ତ୍ତମାନ ବିଗ୍ ବି ବ୍ଲଗ୍ରେ ଅଭିଷେକ-ଐଶ୍ୱର୍ଯ୍ୟାଙ୍କ ଛାଡପତ୍ରର ଗୁଜବକୁ ସମାପ୍ତ କରିଛନ୍ତି। ଏହି ପୋଷ୍ଟ ପରେ, କେହି କହିପାରିବେ ନାହିଁ ଯେ ବଚ୍ଚନ ପରିବାରର ମୂଳଦୁଆ ଥରୁଛି କାରଣ ଘରର ମୁଖ୍ୟ ମାସ ମାସ ପରେ ଆସି ସତ୍ୟ କହିଛନ୍ତି।





# ଡାଇବେଟିସ୍‌ର ପ୍ରାଥମିକ ଲକ୍ଷଣ



**ଥକ୍କା ଅନୁଭବ ହେବା :** ଥକ୍କା ଲାଗୁଛି କି! ଶୋଇ ଉଠିବା ପରେ ବି ନିଦ ଆସୁଛି। ଏପରି ହେଉଥିଲେ ରକ୍ତରେ ଶୁଗାର ସ୍ତର ବଢ଼ିଥାଇପାରେ। ଯାହା ଡାଇବେଟିସ୍ ହେବାର ପ୍ରାଥମିକ ଲକ୍ଷଣ।

**ବାରମ୍ବାର ପରିସ୍ରା ଲାଗିବା :** ଶରୀରକୁ ଶୁଗାର ଅଂଶ ପରିସ୍ରା ଦେଇ ବାହାରିଲେ, ବାରମ୍ବାର ପରିସ୍ରା ଲାଗେ। ପରିସ୍ରା ଦେଇ ଶୁଗାର ବାହାରିବା, ଡାଇବେଟିସ ହେବାର ଏକ ପ୍ରାଥମିକ ଲକ୍ଷଣ। ଏଣୁ ବାରମ୍ବାର ପରିସ୍ରା ଲାଗୁଥିଲେ ଡାଇବେଟିସ୍ ଚେକ୍‌ଅପ୍ କରାନ୍ତୁ।

**ବାରମ୍ବାର ଶୋଷ ଲାଗିବା :** ଡାଇବେଟିସ୍ ଯୋଗୁଁ ବାରମ୍ବାର ପରିସ୍ରା ହୋଇଥାଏ। ପରିସ୍ରାରେ ଶରୀରରୁ ପାଣି ଓ ଶୁଗାର ବାହାରିଯାଇଥାଏ। ଏଥିପାଇଁ ବାରମ୍ବାର ଶୋଷ ଲାଗିଥାଏ। ଏଣୁ ଏପରି ଲକ୍ଷଣ ଦେଖାଯାଉଥିଲେ ଡାଇବେଟିସ୍ ପରୀକ୍ଷା ରକିବା ଜରୁରୀ।

**ଆଖି ଦୁର୍ବଳ ହେବା :** ଡାଇବେଟିସ୍ ହୋଇଥିଲେ ଆଖିର ରେଟିନା ଉପରେ ପ୍ରଭାବ ପଡ଼ିଥାଏ। ଏହାଦ୍ୱାରା ଦିନକୁ ଦିନ ଆଖି ଦୁର୍ବଳ ହୋଇଯାଏ ଓ ଦୃଷ୍ଟି ଶକ୍ତି ହ୍ରାସ ପାଏ। ଯଦି ଆଖିକୁ ଝାପ୍ସା ଦେଖାଯାଏ, ତାହାଲେ ଡାଇବେଟିସ୍ ପରୀକ୍ଷା କରିବା ଏକାନ୍ତ ଆବଶ୍ୟକ। ନଚେତ୍ ଡାଇବେଟିସର ମାତ୍ରା ବୃଦ୍ଧି ପାଇ ଦୃଷ୍ଟି ଶକ୍ତି ସଂପୂର୍ଣ୍ଣ ନଷ୍ଟ ହୋଇଯିବାର ଆଶଙ୍କା ଥାଏ।

**ଓଜନ କମିଯିବା :** ଡାଇଟ୍ କିମ୍ବା ଏକ୍ସରସାଇଜରେ ଓଜନ କମିବା ଅଲଗା କଥା। ହେଲେ ଅଚାନକ ଓଜନ କମୁଥିଲେ ଜାଣିବେ ଏହା ଡାଇବେଟିସ୍‌ର ପ୍ରାଥମିକ ଲକ୍ଷଣ। ଏଣୁ ଏପରି କିଛି କାରଣ ନଥାଇ ଓଜନ ତୀବ୍ର ବେଗରେ ହ୍ରାସ ପାଉଥିଲେ ଡାଇବେଟିସ୍ ପରୀକ୍ଷା କରନ୍ତୁ।

**ଭୋକ ଅଧିକ ଲାଗୁଥିଲେ :** ଅଚାନକ ଭୋକ ବଢ଼ିଗଲେ, ବାରମ୍ବାର ଖାଇବାକୁ ମନ ହେଲେ, ଖାଇବାର କିଛି ସମୟ ପରେ ଭୋକ ହେଉଥିଲେ, ଜାଣିବେ ଏହା ଡାଇବେଟିସ୍‌ର ପ୍ରାଥମିକ ଲକ୍ଷଣ। ଏଣୁ ଏପରି ସମସ୍ୟା ଦେଖାଗଲେ ବିଳମ୍ବ ନକରି ଡାଇବେଟିସ୍ ପରୀକ୍ଷା କରନ୍ତୁ।

**କ୍ଷତ ନଶୁଖିବା :** ଶରୀରରେ କ୍ଷତ କିମ୍ବା ଘାଆ ସହଜରେ ଶୁଖେ ନାହିଁ। ଏଥିପାଇଁ ଛୋଟମୋଟ କ୍ଷତ କିମ୍ବା ଘାଁ ଶୁଖିବା ପାଇଁ ବହୁତ ସମୟ ଲାଗିଥାଏ। ଏଣୁ ଶରୀରେ ଏପରି ସମସ୍ୟା ଦେଖାଦେଉଥିଲେ, ଡାଇବେଟିସ୍ ପରୀକ୍ଷା ନିଶ୍ଚୟ କରନ୍ତୁ।

**ରୋଗ ଲାଗି ରହିବା :** ଡାଇବେଟିସ ଯୋଗୁଁ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ପାଏ। ଫଳରେ ଶରୀର ରୋଗକୁ ପ୍ରତିରୋଧ କରିପାରେ ନାହିଁ। ଏଥିପାଇଁ ସର୍ବଦା ଅସୁସ୍ଥତା ଲାଗିରହେ। ଯଦି ଏପରି ହେଉଥାଏ, ତେବେ ଡାଇବେଟିସ୍ ପରୀକ୍ଷା କରନ୍ତୁ।

**ହାତ ଓ ଗୋଡ଼ ପୋଡ଼ିବା :** ହାତ ପାପୁଲି ଅବା ଗୋଡ଼ର ପାଦରେ ଯଦି ପୋଡ଼ାଜଳା ହୁଏ କିମ୍ବା ପିମ୍ପୁଡ଼ି କାମୁଡ଼ି ପକାଇଲା ଭଳି ଲାଗେ, ଜାଣିବେ ଯେ ଏହା ଡାଇବେଟିସ୍‌ର ପ୍ରାଥମିକ ଲକ୍ଷଣ। ଏପରି ହେଉଥିଲେ ଏହାକୁ ସାମାନ୍ୟ ମନେ ନକରି ଡାଇବେଟିସ୍ ପରୀକ୍ଷା କରନ୍ତୁ।

**କାନକୁ କମ୍ ଶୁଭିବା :** ଡାଇବେଟିସ୍ ହୋଇଥିଲେ କାନକୁ କମ୍ ଶୁଭେ। କାରଣ ଏହାର ପ୍ରଭାବରେ କାନ ଭିତରେ କୋଷ ଖରାପ ହୋଇଯାଏ। ଫଳରେ ଶୁଣିବା କ୍ଷମତା ହ୍ରାସ ପାଏ। ଏଣୁ ବ୍ୟକ୍ତି ଭଲ ଭାବରେ ଶୁଣିପାରେ ନାହିଁ। ଏପରି ସମସ୍ୟା ଦେଖାଦେଲେ ଡାଇବେଟିସ୍ ପରୀକ୍ଷା କରନ୍ତୁ।

**ତ୍ୱଚା ଅସୁସ୍ଥ ହେବା :** ବିଶେଷକରି ବେକର ପଛ ଭାଗ, କହୁଣୀ ଓ ଆଣ୍ଠୁ କଳା ପଡ଼ିଯାଏ। ରକ୍ତରେ ସୁଗାର ସ୍ତର ବଢ଼ିଲେ ଏହି ସମସ୍ୟା ଦେଖାଯାଏ। ଏହା ମଧ୍ୟ ଡାଇବେଟିସ୍‌ର ଏକ ଲକ୍ଷଣ। ଏପରି ସମସ୍ୟା ଦେଖାଦେଲେ ଡାଇବେଟିସ୍ ପରୀକ୍ଷା କରନ୍ତୁ।

**ବ୍ରଣ ଓ ଦାଗ :** ରକ୍ତରେ ସୁଗାର ସ୍ତର ବଢ଼ିଲେ ମୁହଁରେ ବ୍ରଣ ଓ ଦାଗ ହୋଇଥାଏ। ଏହା ଆଦୌ କମେ ନାହିଁ। ଏଣୁ ଏପରି ସମସ୍ୟାକୁ ଅଣଦେଖା କରନ୍ତୁ ନାହିଁ। କାରଣ ଡାଇବେଟିସ୍‌ର ଏହା ଏକ ଲକ୍ଷଣ। ଏଣୁ ଏହି ସମୟରେ ଡାଇବେଟିସ୍ ପରୀକ୍ଷା କରିବା ଦରକାର।

*ଡା.ନାରାୟଣ ଚନ୍ଦ୍ର ବିଶ୍ୱାଳ*
*କଟିକଟା, ମଙ୍ଗଳପୁର, ଯାଜପୁର*



# ସାଉଥ୍‌ରେ ଡେବ୍ୟୁ କରିବେ ଧନଶ୍ରୀ

ସାଉଥରେ ଡେବ୍ୟୁ କରିବେ ଯୁଜବେନ୍ଦ୍ର ଚହଲଙ୍କ ପତ୍ନୀ ଧନଶ୍ରୀ, ଏହି ଚରିତ୍ରରେ ଆସିବେ ଭାରତୀୟ କ୍ରିକେଟରଙ୍କ ପତ୍ନୀମାନେ ପ୍ରାୟତଃ ଚର୍ଚ୍ଚାରେ ରହିଥା'ନ୍ତି । ଅନୁଷ୍କା ଶର୍ମା ହେଉ କିମ୍ବା କେ.ଏଲ୍ ରାହୁଲଙ୍କ ପତ୍ନୀ ଆଥିଆ ଶେଟ୍ଟୀ ।ଲୋକମାନେ ସେମାନଙ୍କ ଜୀବନ ସହ ଜଡିତ ପ୍ରତ୍ୟେକ ଅପଡେଟ୍ ? ଜାଣିବାକୁ ଚାହାଁନ୍ତି। ଭାରତୀୟ ବୋଲର ଯୁଜବେନ୍ଦ୍ର ଚହଲଙ୍କ ପତ୍ନୀ ଧନଶ୍ରୀ ବର୍ମା ମଧ୍ୟ ନିଜର ସୁନ୍ଦରତା ଏବଂ ଡ୍ୟାନ୍ସ ସହିତ ସମସ୍ତଙ୍କୁ ଦିଓ୍ୱାନା କରନ୍ତି। ନିକଟରେ ପ୍ରକାଶ ପାଇଛି ଯେ ସେ ଖୁବ ଶୀଘ୍ର ତେଲୁଗୁ ଡେବ୍ୟୁ କରିବାକୁ ଯାଉଛନ୍ତି। ଧନଶ୍ରୀ ବର୍ମା ଖୁବ ଶୀଘ୍ର ତେଲୁଗୁ ଡେବ୍ୟୁ କରିବାକୁ ଯାଉଛନ୍ତି। ଏହି ତେଲୁଗୁ ଚଳଚ୍ଚିତ୍ରର ଆଖ୍ୟା ହେଉଛି- ଆକାଶମ୍ ଦାତି ବସ୍ତବ । ଦିଲ ରାଜୁଙ୍କ ବ୍ୟାନରରେ ଏହି ଫିଲ୍ମ ନିର୍ମାଣ କରାଯାଉଛି। ଏହି ଚଳଚ୍ଚିତ୍ରରେ ମୁଖ୍ୟ ଭୂମିକାରେ କୋରିଓଗ୍ରାଫର ଯଶ ମଧ୍ୟ ନଜର ଆସିବେ। ତେଲୁଗୁ ଡେବ୍ୟୁ କରିବେ ଯୁଜବେନ୍ଦ୍ର ଚହଲଙ୍କ ପତ୍ନୀ କାର୍ତ୍ତିକା ମୁରଲୀଧରନ୍ ମଧ୍ୟ କାମ କରିବାକୁ ଯାଉଛନ୍ତି । ଯେଉଁଥିରେ ଧନଶ୍ରୀ ଅଭିନୟ ଜଗତରେ ପ୍ରବେଶ କରିବାକୁ ଯାଉଛନ୍ତି। ସେ ମାଲାୟାଲମ୍ ଇଣ୍ଡଷ୍ଟ୍ରିର ଶ୍ରେଷ୍ଠ ଅଭିନେତ୍ରୀ । କୁହାଯାଉଛି ଯେ ଧନଶ୍ରୀ ଏହି ଚଳଚ୍ଚିତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ଯାଉଛନ୍ତି। ତେବେ ଅଭିନେତ୍ରୀ ତାଙ୍କ ତେଲୁଗୁ ଡେବ୍ୟୁ ବିଷୟରେ ଏପର୍ଯ୍ୟନ୍ତ କିଛି ନିଶ୍ଚିତ କରିନାହାଁନ୍ତି। ଏହା ଏକ ନୃତ୍ୟ ଭିତ୍ତିକ ଚଳଚ୍ଚିତ୍ର ବୋଲି କୁହାଯାଉଛି । ଧନଶ୍ରୀଙ୍କ ଏହି ଚଳଚ୍ଚିତ୍ର ପାଇଁ ଉପଯୁକ୍ତ ପସନ୍ଦ । ଧନଶ୍ରୀ ଚୟନ କରିବା ପୂର୍ବରୁ ଅନେକ ଅଭିନେତ୍ରୀଙ୍କ ନାମ ବିବେଚନା କରାଯାଇଥିଲା ।ଏହା ପରେ ତାଙ୍କ ଚୂଡ଼ାନ୍ତ ହୋଇଥିଲା। ଧନଶ୍ରୀ ଫିଲ୍ମରେ ତାଙ୍କ ଭୂମିକା ଦେଖିବା ପରେ ହିଁ ଏଥିରେ ଯୋଗଦେବେ ବୋଲି କହିଛନ୍ତି।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



ଆସିକା (ଭାସ୍କର ନ୍ୟୁଜ୍): ଆସିକା ବ୍ଲକ ହରିଡ଼ାପଦର ପଞ୍ଚାୟତ ମେଣ୍ଟାପଡା ଗ୍ରାମକୁ ଆସିକା ବିଦ୍ୟୁତ ବିଭାଗର ଏନଫୋର୍ସମେଣ୍ଟ ବିଭାଗର ୧୧ ଗୋଟି ଟିମ୍, ଛତ୍ରପୁର ଏବଂ ବ୍ରହ୍ମପୁର ଟାଟା ପାୱାର କର୍ମଚାରୀ କୋଟିନଡ଼ା ଥାନା ଅଧିକାରୀ କୃଷ୍ଣଚନ୍ଦ୍ର ସାହାଙ୍କ ନେତୃତ୍ୱରେ ଏକ ପ୍ଲାଟୁନ ପୋଲିସ ଫୋର୍ସ ସହ ଗ୍ରାମରେ ପହଞ୍ଚି ଥିଲେ। ଗ୍ରାମ ଆରମ୍ଭରୁ ଗ୍ରାମବାସୀ ଏକତ୍ରିତ ହୋଇ ଏମାନଙ୍କୁ ଅଟକାଇ ଥିଲେ। ଗ୍ରାମବାସୀଙ୍କ ଅଭିଯୋଗ ପ୍ରକାରରେ ସ୍ମାର୍ଟ ମିଟରକୁ ବିରୋଧ, ବିଦ୍ୟୁତ ଉପଭୋକ୍ତାମାନଙ୍କୁ ବିଦ୍ୟୁତ୍ ସେବା ସଠିକ୍ ରୂପେ ଦେଉନାହାନ୍ତି। ଗ୍ରାମର ଭଙ୍ଗା ବିଦ୍ୟୁତ୍ ଖୁଣ୍ଟ ଗୁଡିକର ମରାମତି, ଗ୍ରାମର ମୁକୁଳା ଟ୍ରାନ୍ସଫର୍ମରକୁ ତାରବାଡ଼ ତିଆରି କରିବା, ଗ୍ରାମରେ ଘନ ଘନ ବିଦ୍ୟୁତ୍‌କାଟ୍ ହେଉଥିଲେ ମଧ୍ୟ ଟୋଲ ଫ୍ରିକୁ ଫୋନ୍ କଲେ କେହି ଶୁଣୁନାହାନ୍ତି। ଏହିପରି ବିଭିନ୍ନ ଅଭିଯୋଗକୁ ନେଇ କିଛି ସମୟ ଉଭୟଙ୍କ ପକ୍ଷରୁ କଥା କଟାକଟି ପରେ ନିକଟସ୍ଥ ବ୍ରାହ୍ମଣେଶ୍ୱର ଶିବ ମନ୍ଦିରରେ ଏକ ମିଳିତ ବୈଠକ ଆୟୋଜନ କରିଥିଲେ। ମଣ୍ଟାପଡା ଗ୍ରାମବାସୀଙ୍କ ଏହି ଜିଦ୍ ଆଗରେ ବିଦ୍ୟୁତ୍ ବିଭାଗ ହାର ମାନି ଶିଶୁପାଳ ହୋଇ ଗ୍ରାମରୁ ଫେରି ଆସିଛି।

## ଡ.ପଦ୍ମଲୋଚନ ରାଉତଙ୍କ ଇଂରାଜୀରେ ଡକ୍ଟରେଟ ଲାଭ



ମାଲକାନାଗିରି (ଭାସ୍କର ନ୍ୟୁଜ୍): ମାଲକାନାଗିରି ଜିଲ୍ଲା କାଲିମେଳା ଗୋପବନ୍ଧୁ ଆଞ୍ଚଳିକ ଡିଗ୍ରୀ କଲେଜର ଅଧ୍ୟାପକ ଡ. ପଦ୍ମଲୋଚନ ରାଉତ ରାୟପୁର କଳିଙ୍ଗ ବିଶ୍ୱବିଦ୍ୟାଳୟରୁ ଇଂରାଜୀ ଓ ସାହିତ୍ୟରେ ସମ୍ମାନଜନକ ପିଏଚ୍‌ଡ଼ି ଉପାଧି ଲାଭ କରିଛନ୍ତି। ସେ ବିଶ୍ୱବିଦ୍ୟାଳୟର ସହଯୋଗୀ ପ୍ରଫେସର ଡ. ଭିନିତା ଦିୱାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରସ୍ତୁତ କରିଥିବା ଥେସିସ୍ 'ଦ କଲଚରାଲ ଆଇଡେଣ୍ଟିଟି ଇନ୍ ଦ ପୋଏଟିକ୍ ୱାର୍କ୍ସ ଅଫ୍ କମଳା ଦାସ ଆଣ୍ଡ୍ ଜୟନ୍ତ ମହାପାତ୍ର' ବେଙ୍ଗାଲୁରୁ 'ନିଟ୍'ର ଇଂରାଜୀ ପ୍ରଫେସର ଡ. ପାୟେଲ ଦତ୍ତ ଚୌଧୁରୀ ଓ ରାୟପୁରସ୍ଥ ରବିଶଙ୍କର ଶୁକ୍ଳା ବିଶ୍ୱବିଦ୍ୟାଳୟର ଇଂରାଜୀ ପ୍ରଫେସର ଡ. ନିଧି ଗୁପ୍ତାଙ୍କ ଦ୍ୱାରା ପରୀକ୍ଷିତ ହୋଇ ଉଚ୍ଚ ପ୍ରଶଂସିତ ହୋଇଛି। ଏହା ପୂର୍ବରୁ ଡ. ରାଉତ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଡ. ହରିଶ୍ଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ଗବେଷଣା କରି ଓଡ଼ିଆ ସାହିତ୍ୟରେ ୨୦୧୪ ମସିହାରେ ପିଏଚ୍‌ଡ଼ି ଲାଭ କରିସାରିଛନ୍ତି। ଡ.ରାଉତ ବାଲେଶ୍ୱର ଜିଲ୍ଲାର ବାଳଙ୍ଗ ଗ୍ରାମର ସ୍ୱର୍ଗତ ସାଧୁ ରାଉତ ଓ ସ୍ୱର୍ଗତା ବାୟାଣୀ ରାଉତଙ୍କ କନିଷ୍ଠ ପୁତ୍ର ଅଟନ୍ତି। ଏହି ସଫଳତା ପାଇଁ ସେ ତାଙ୍କର ମାର୍ଗଦର୍ଶକ, ବିଶ୍ୱବିଦ୍ୟାଳୟ ଇଂରାଜୀ ବିଭାଗର ସମସ୍ତ ଅଧ୍ୟାପକ ଅଧ୍ୟାପିକା, ରିସର୍ଚ୍ଚ ବିଭାଗର ସମସ୍ତ କର୍ମଚାରୀ, ନିଜର ଧର୍ମପତ୍ନୀ ରାଜଲକ୍ଷ୍ମୀ, ଛାତ୍ରଛାତ୍ରୀ, ସମସ୍ତ ଗୁରୁଜନଙ୍କ ସହଯୋଗ, ସାହାଯ୍ୟ ଓ ପରାମର୍ଶ ପାଇଁ ଆନ୍ତରିକ କୃତଜ୍ଞତା ଜଣାଇଛନ୍ତି। ମହାପ୍ରଭୁ ଜଗନ୍ନାଥଙ୍କ କୃପାରୁ ଏହା ସମ୍ଭବପର ହୋଇପାରିଛି ବୋଲି ସେ ପ୍ରକାଶ କରିଛନ୍ତି। ବର୍ତ୍ତମାନ ସେ ମାଲକାନଗିରି ଜିଲ୍ଲାର କାଲମେଳାସ୍ଥିତ ଗୋପବନ୍ଧୁ ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟରେ ଇଂରାଜୀ ଅଧ୍ୟାପକ ଭାବେ କାର୍ଯ୍ୟରତ ଅଛନ୍ତି।

# ଡେରାବିଶ ବ୍ଲକ୍‌ରେ ରାଜନେତା ଓ ସମାଜସେବୀ ହାତାହାତି



କେନ୍ଦ୍ରାପଡ଼ା (ଭାସ୍କର ନ୍ୟୁଜ): କେନ୍ଦ୍ରାପଡା ଜିଲ୍ଲାର ଡେରାବିଶ ବ୍ଲକ କାର୍ଯ୍ୟାଳୟ ମଧ୍ୟରେ ଜଣେ ରାଜନେତା ଓ ଅନ୍ୟ ଜଣେ ସମାଜସେବୀଙ୍କ ମଧ୍ୟରେ ଶୁକ୍ରବାର ହାତାହାତି ପରିସ୍ଥିତି ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି। ପରିସ୍ଥିତି ଏପରି ହୋଇଥିଲା ଯେ ଉଭୟ ଉଭୟଙ୍କୁ ଅତ୍ୟନ୍ତ ଅଶ୍ଳୀଳ ଭାଷା ପ୍ରୟୋଗ କରିବାକୁ ମଧ୍ୟ ପଛାଇ ନଥିଲେ। ସମାଜସେବୀ ଅଜୟ ରାଉତ ୨୦୨୪ ସାଧାରଣ ନିର୍ବାଚନରେ ବିଜୁ ଜନତା ଦଳରୁ ଟିକେଟ ପାଇବାକୁ ଆଶାୟୀ ଥିଲେ। ଡେରାବିଶ ବ୍ଲକର ପୂର୍ବତନ ଅଧକ୍ଷ ସରୋଜ ସାହୁ ମଧ୍ୟ ସେହି ଦଳରୁ ଟିକେଟ ଆଶାୟୀ ଥିଲେ। ପାଟକୁରା ବିଧାନସଭା ନିର୍ବାଚନ ମଣ୍ଡଳୀରେ ସରୋଜଙ୍କର ଦବ୍‌ଦବା ରହିଛି। ସମାଜସେବୀ ଶ୍ରୀ ରାଉତ ତୃତୀୟ ମହଲା ସହିତ ଯୋଗାଯୋଗ କରି ଟିକେଟ ଫାଇନାଲ କରିଥିବା ସରୋଜଙ୍କୁ କହିଥିଲେ। ନିର୍ବାଚନ ସମୟରେ ସାଙ୍ଗଠନିକ କାର୍ଯ୍ୟ ଜରିଆରେ ସରୋଜ ଭୋଟ୍ କରେଇଦବା ପାଇଁ ଅଜୟଙ୍କୁ ପ୍ରତିଶୃତି ଦେଇଥିଲେ। ଏହା ବଦଳରେ ଅଜୟ ସରୋଜଙ୍କୁ ୧୨ଲକ୍ଷ ଟଙ୍କା ଦେଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ରାଜନୈତିକ ପାଣିପାଗ ବଦଳି ଯାଇଥିଲା। ଅଜୟ ଟିକେଟ ପାଇବାରୁ ବଞ୍ଚିତ ହୋଇଥିଲେ। ସରୋଜ ବିଜେପିକୁ ଡେଇଁ ପଡିଥିଲେ। ନିର୍ବାଚନ ଶେଷ ହେବା ପରେ ଅଜୟ ସରୋଜଙ୍କୁ ୧୨ଲକ୍ଷ ଟଙ୍କା ଫେରାଇ ଦେବା ପାଇଁ ବହୁବାର କହିଥିଲେ। କିନ୍ତୁ ସରୋଜ ଉତ୍ତର ରଖିଥିଲେ ଯେ ଟଙ୍କା ସେ ନେଇନାହାନ୍ତି। ଶୁକ୍ରବାର ଡେରାବିଶ ପଞ୍ଚାୟତ ସମିତିର ଅଧିବେଶନ ଥିଲା। ଏଥିରେ ପଞ୍ଚାୟତ ସମିତି ସଭ୍ୟ ଭାବେ ସରୋଜ ଯୋଗ ଦେଇଥିଲେ। ଖବର ପାଇ ଅଜୟ ଡେରାବିଶ ବ୍ଲକ୍‌କୁ ଯାଇଥିଲେ। ବୈଠକ ଶେଷ ହେବା ପରେ ବ୍ଲକ ହତାରେ ସରୋଜ ଓ ଅଜୟ ଭେଟ ହୋଇଯାଇଥିଲେ। ଫଳରେ ଅଜୟ ସରୋଜଙ୍କୁ ସେ ଦେଇଥିବା ୧୨ଲକ୍ଷ ଟଙ୍କା ଫେରାଇ ଦେବାକୁ କହିଥିଲେ। ଏହି ସମୟରେ ସରୋଜ ଅଜୟଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଫଳରେ ଉଭୟଙ୍କ ମଧ୍ୟରେ ହାତାହାତି ପରିସ୍ଥିତି ସୃଷ୍ଟି ହୋଇଥିଲା। ଘଟଣାସ୍ଥଳରେ ଉପସ୍ଥିତ ଥିବା କେତେକ ଗଣମାଧ୍ୟମ ପ୍ରତିନିଧି ଉଭୟଙ୍କୁ ବୁଝାଶୁଝା କରିଥିଲେ। କିନ୍ତୁ ଉଭୟ ସଦର ଥାନାରେ ଏତଲା ଦେଇଛନ୍ତି। ଉଭୟ ଏତଲାକୁ ଭିତ୍ତିକରି ସଦର ଥାନା ପୋଲିସ ଦୁଇଟି ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ଥାନା ଅଧିକାରୀ ବିମଳ ମଲ୍ଲିକ ସୂଚନା ଦେଇଛନ୍ତି। ଏହି ରୋଚକ ଘଟଣାକୁ ନେଇ ସମଗ୍ର ଜିଲ୍ଲାରେ ଚର୍ଚ୍ଚା ସୃଷ୍ଟି ହୋଇଛି।

## ପ୍ରୟୋଗ ତାଲିମ୍ ଶିବିରରେ ୩ଶହ ଶିକ୍ଷକ ତାଲିମ୍ ନେଲେ



କଣାସ (ଭାସ୍କର ନ୍ୟୁଜ୍): ବିଦ୍ୟାଳୟ ସ୍ତରରେ ପ୍ରଥମ ଶ୍ରେଣୀ, ଦ୍ୱିତୀୟ ଶ୍ରେଣୀ ଓ ତୃତୀୟ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ଭାଷା ଓ ଗଣିତରେ ସଶକ୍ତ ଓ ଆନନ୍ଦଦାୟୀ ଶିକ୍ଷଣ ନିମନ୍ତେ ଶିକ୍ଷକମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିବାରୁ ଏଥିନିମନ୍ତେ ଶିକ୍ଷକମାନଙ୍କୁ ତିନିଦିନ ପ୍ରୟୋଗ ତାଲିମ୍ ପ୍ରଦାନ କରାଯାଇଛି। କଣାସ ବ୍ଲକର ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ପାଇଁ ଜଙ୍କିଆ, ଓହ୍ଲାଣ, ନାନକେରା ଠାରେ ପ୍ରଶିକ୍ଷଣ ଦିଆଯାଇଛି। ପ୍ରତି କେନ୍ଦ୍ରରେ ୪ଜଣ ପ୍ରଶିକ୍ଷକ ପାଠ୍ୟକ୍ରମ ସମ୍ପର୍କରେ ଆଲୋଚନା ଶିକ୍ଷଣ ପ୍ରଦାନ କରିଥିଲେ। ଦୁଇଟି ପର୍ଯ୍ୟାୟରେ ୩ଶହ ଶିକ୍ଷକ ଶିକ୍ଷୟିତ୍ରୀ ପ୍ରଶିକ୍ଷଣ ନେଇଥିବା ଜଣାପଡିଛି। ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ସଂଖ୍ୟା ଜ୍ଞାନ ଓ ସାକ୍ଷରତା ନିମନ୍ତେ ଏହି ତାଲିମ୍ ଉପଯୋଗୀ ଓ ପ୍ରାସଙ୍ଗିକ ବୋଲି ଶିକ୍ଷକମାନେ କହିଛନ୍ତି।

**ଅସ୍ତରଙ୍ଗ ପଞ୍ଚାୟତ ସମିତି ବୈଠକରେ ସାମ୍ବାଦିକଙ୍କୁ ସଭାଗୃହକୁ ବାରଣ**

# ସାମ୍ବାଦିକଙ୍କୁ ମିଳିଲାନି ପଞ୍ଚାୟତ ସମିତି ତଥ୍ୟ



ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରେ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଛି, କିନ୍ତୁ ସବୁଠୁ ଦୁଃଖର ବିଷୟ ଏହି ବୈଠକରେ ସାମ୍ବାଦିକଙ୍କୁ ବାରଣ କରାଯାଇଛି। ପଞ୍ଚାୟତ ସମିତି ବୈଠକରେ ଅତିଥି ଭାବେ ଜଗତସିଂହପୁର ଲୋକସଭା ସାଂସଦ ଡ଼ଃ ବିଭୁ ପ୍ରସାଦ ତରାଇ, କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ବିଡ଼ିଓ ସସ୍ମିତା ବେହେରା, ଉପାଧ୍ୟକ୍ଷ ଦୁର୍ଜ୍ଜୟ ମିଶ୍ରଙ୍କ ସମେତ ୧୫ ଗୋଟି ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ଓ ବିଭିନ୍ନ ବିଭାଗର ପ୍ରଶାସନିକ ଅଧିକାରୀ ଉପସ୍ଥିତ ରହିଥିଲେ। ଅତିଥିଙ୍କ ଆଗମନକୁ ବାଣ ବାଜା ବଜାଇ ରୋଷଣୀ କରି ସଭାସ୍ଥଳୀକୁ ନିଆଯାଇଥିଲା। ପ୍ରଦୀପ ପ୍ରଜ୍ୱଳନ କରି ସଭା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ପରେ ହଠାତ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭର ଧଜିଆ ଉଡାହେଲା। ସଭାଗୃହରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ଆରତୀ ନାୟକ ସିଧା ସାମ୍ବାଦିକଙ୍କୁ ସଭାଗୃହରୁ ବାହାରିଯିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ସମୟରେ କିଛି ସାମ୍ବାଦିକ ବନ୍ଧୁ ଅତିଥି ଭାବେ ଉପସ୍ଥିତ ଥିବା ଅତିଥି ସାଂସଦ ଓ ବିଧାୟକଙ୍କୁ ଏହାର କାରଣ ପଚାରିବାରୁ ସେ ହଠାତ୍ କହିଥିଲେ ଏହି ସଭାରେ ସାମ୍ବାଦିକଙ୍କର କୌଣସି ପ୍ରକାର ଭୂମିକା ନାହିଁ, ଯଥାଶୀଘ୍ର ଏହି ସଭାଗୃହ ପରିତ୍ୟାଗ କର। ପଞ୍ଚାୟତ ସମିତିର ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ସାମ୍ବାଦିକ ମାନଙ୍କୁ ଏହିଭଳି ମନ୍ତବ୍ୟ ତାହା ପୁଣି ବ୍ଲକ ଅଧକ୍ଷାଙ୍କ ଦ୍ୱାରା ଯାହାକୁ ଉପସ୍ଥିତ ବିଜୁଜନତା ଦଳ ସମର୍ଥିତ ନୂଆଗଡ ଗ୍ରାମପଞ୍ଚାୟତ ସମିତି ସଭ୍ୟ ରାମଚନ୍ଦ୍ର ନାୟକ ବିରୋଧ କରିଥିଲେ। ଆଉ ବର୍ତ୍ତମାନ ନୂତନ ସରକାର ସାମ୍ବାଦିକଙ୍କୁ ବିଧାନସଭାକୁ ଯିବା ପାଇଁ ଅନୁମତି ଦେଉଛନ୍ତି ଆପଣ ପଞ୍ଚାୟତ ସମିତି ବୈଠକକୁ କିପରି ସାମ୍ବାଦିକଙ୍କୁ ଅଟକ ରଖୁଛନ୍ତି। ସମାଜର ବିଭିନ୍ନ ପରିସ୍ଥିତିରେ ଜୀବନକୁ ବାଜି ଲଗାଇ ବିଭିନ୍ନ ସମୟରେ ଟିକିନିକି ଘଟଣାକୁ ଲୋକଲୋଚନକୁ ଆଣୁଥିବା ସାମ୍ବାଦିକ ମାନଙ୍କୁ ଏହିଭଳି ମନ୍ତବ୍ୟ ଅସ୍ତରଙ୍ଗ, କାକଟପୁର ସମେତ ପୁରୀ ଜିଲ୍ଲା ସାମ୍ବାଦିକଙ୍କ ମହଲରେ ଆଲୋଚନା କରାଯାଇ ଏହାକୁ ନିନ୍ଦା କରାଯାଇଛି। ଅସ୍ତରଙ୍ଗ ପଞ୍ଚାୟତ ସମିତି ବୈଠକରେ ଅଞ୍ଚଳର କି ପ୍ରକାର ବିକାଶ ହୋଇଛି, ପଞ୍ଚାୟତ ସମିତି ପାଣ୍ଠି ଉପଯୁକ୍ତ ଭାବେ ବିନିମୟ ହୋଇଛି କି ନାହିଁ, ଅସ୍ତରଙ୍ଗ ଅଞ୍ଚଳର ଉନ୍ନୟନମୂଳକ କାର୍ଯ୍ୟ କ'ଣ ହୋଇଛି ଆଉ ଆଗାମୀ ଦିନରେ କ'ଣ କ'ଣ କରାଯିବ ତାହା ସମ୍ପୂର୍ଣ୍ଣ ରୂପେ ସାମ୍ବାଦିକଙ୍କ ଅଗୋଚରରେ ରହିଗଲା। ଯାହା ଭାରତୀୟ ସମ୍ବିଧାନର ଗଣତାନ୍ତ୍ରିକ ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ କୁଠାରଘାତ ଭଳି ଅନୁଭବ ହୋଇଥିଲା। ସ୍ଥାନୀୟ ଅଞ୍ଚଳବାସୀ ଏଭଳି ଘଟଣାକୁ ନିନ୍ଦା କରିବା ସହ ମୁଖ୍ୟମନ୍ତ୍ରୀ ଗୁରୁତ୍ୱର ସହ ନେବାକୁ କହିଛନ୍ତି। ଆଗାମୀ ଦିନରେ ସାମ୍ବାଦିକ ଏକତା ହୋଇ ବିରାଟ ଆନ୍ଦୋଳନ ଆୟୋଜନ କରିବେ ବୋଲି ସୂଚନା ମିଳିଛି।

## ରାଧାମୋହନଦେବ ମଠ ମହନ୍ତଙ୍କ ପରଲୋକ



ବୋଲଗଡ଼ (ଭାସ୍କର ନ୍ୟୁଜ): ବେଗୁନିଆ ବ୍ଲକ ଦେଉଳି ପଞ୍ଚାୟତ ଅନ୍ତର୍ଗତ ଗୋଡ଼ା ଗ୍ରାମସ୍ଥିତ ରାଧାମୋହନଦେବ ମଠର ମହନ୍ତ ପରମେଶ୍ୱର ଦାସ ମହାରାଜ (୮୦)ଙ୍କ ପରଲୋକ ହୋଇଯାଇଛି। ସେ ଜଣେ ଆଧ୍ୟାତ୍ମିକବାଦୀ, ସ୍ନେହୀ, ଦୟାଳୁ ଓ ମେଳାପି ଭାବରେ ପରିଚିତ ଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯିବା ସହ ମରଶରୀରକୁ ଗ୍ରାମ୍ୟ ପରିକ୍ରମା କରାଯାଇ ମଠ ପରିସରରେ ସମାଧି ଦିଆଯାଇଥିଲା। ତାଙ୍କ ମୃତ୍ୟୁ ଖବର ପାଇ ବିଧାୟକ ପ୍ରଦୀପ କୁମାର ସାହୁ ଓ ସରପଞ୍ଚ ଅକ୍ଷୟ କୁମାର ରାଉତରାୟଙ୍କ ସମେତ ଶୋକ ପ୍ରକାଶ କରିଛନ୍ତି।

## ଝିଅର ଜନ୍ମଦିନରେ ରକ୍ତଦାନ କଲେ ବାପା ଓ ଭାଇ

### ୩୩ ୟୁନିଟ୍ ରକ୍ତ ସଂଗ୍ରହ



ବାରିପଦା (ଭାସ୍କର ନ୍ୟୁଜ୍): ସ୍ଥାନୀୟ ବାରିପଦା ରକ୍ତ ଭଣ୍ଡାର କେନ୍ଦ୍ରରେ ଆର୍ କେ ଫାଉଣ୍ଡେସନ ଆନୁକୂଲ୍ୟରେ ଝିଅ ଆୟେଷାର ୧୪ତମ ଜନ୍ମଦିନରେ ପିତା ସମାଜସେବୀ ଅମର କୁମାର ସେଠୀ ଓ ଭାଇ ଅବିନାଶ ସେଠୀ ରକ୍ତଦାନ କରି ନିଆରା ଢଙ୍ଗରେ ଜନ୍ମଦିନ ପାଳନ କରିଥିଲେ। ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଏହି କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରିଥିଲେ। ପୂର୍ବତନ ମନ୍ତ୍ରୀ ସୁଦାମ ମାର୍ଣ୍ଡି, ଡଃ ଶ୍ୟାମସୁନ୍ଦର ଖଣ୍ଡେଲୱାଲ, ଡଃ ସୌମ୍ୟ ରଞ୍ଜନ ନାୟକ, ୧ନଂ ୱାର୍ଡ କାଉନସିଲର ତଥା ଝିଅର ମା' ସୁକେଶିନୀ ସେଠୀ, ଇ. ବିପ୍ଳବ ଭୁଗୁଡେଇ ପ୍ରମୁଖ ଯୋଗ ଦେଇ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିବା ସହ ଆୟେଷାକୁ ଜନ୍ମଦିନ ଅବସରରେ ଅଭିନନ୍ଦନ ଜଣାଇଥିଲେ। ଏହି ଶିବିରରେ ଜଣେ ମହିଳା ସମେତ ମୋଟ ୩୩ ଜଣ ରକ୍ତଦାନ କରିଥିଲେ। ରକ୍ତ ଭଣ୍ଡାରର ରୁଚିକା ଖୁରାନା, ପୁଣ୍ଡରୀକାକ୍ଷ ଦାସ ଓ ପାର୍ଥସାରଥୀ ମହାନ୍ତ ରକ୍ତ ସଂଗ୍ରହ କରିଥିଲେ। ମଙ୍ଗଲ ହାଁସଦା, ଅଲ୍ଲୀ ଖାନ, ଦିବ୍ୟ ରଞ୍ଜନ ଦାସ, ପ୍ରକାଶ ପାତ୍ର, ଆଶୀର୍ବାଦ ଦାସ, ଗୌରବ ମୋଦି ଓ ମନୀଷ ଖଣ୍ଡେଲୱାଲ ଶିବିର ପରିଚାଳନାରେ ସହାୟତା ପ୍ରଦାନ କରିଥିଲେ।

**ଜଗନ୍ନାଥପୁର ପଞ୍ଚାୟତରେ ଧାନର ଗୁଣାତ୍ମକ ମାନ ପ୍ରଶିକ୍ଷଣ ଶିବିର**

# ଚାଷୀଙ୍କ ପ୍ରଶ୍ନବାଣରେ ଘାଇଲା ହେଲେ ପ୍ରଶିକ୍ଷଣକାରୀ



ରଘୁନାଥପୁର (ଭାସ୍କର ନ୍ୟୁଜ୍): ରାଜ୍ୟ ସରକାର ଧାନର ମୂଲ୍ୟ କ୍ରୟମୂଲ୍ୟ ୨୧୮୦ରୁ ୩୧ ଟଙ୍କାକୁ ବୃଦ୍ଧି କରିବା ଏବଂ ଚାଷୀମାନଙ୍କ ଠାରୁ କରାଯାଉଥିବା ଧାନ କଟ୍‌ନି ଛଟ୍‌ନିରେ ରୋକ୍ ଲଗାଇବା ସହ ପ୍ରତ୍ୟେକ ପଞ୍ଚାୟତରେ ଚାଷୀମାନଙ୍କୁ ଧାନର ଗୁଣାତ୍ମକ ମାନ ନିର୍ଦ୍ଧାରଣ ପ୍ରଶିକ୍ଷଣ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ପରିପେକ୍ଷୀରେ ଜଗତସିଂହପୁର ଜିଲ୍ଲା ନିୟନ୍ତ୍ରିତ ବଜାର କମିଟିର ସମ୍ପାଦକ ସୂର୍ଯ୍ୟକାନ୍ତ ଦାସ ପୌରହିତ୍ୟରେ ରଘୁନାଥପୁର ବ୍ଲକ ସ୍ଥାନୀୟ ଜଗନ୍ନାଥପୁର ପଞ୍ଚାୟତ ମଦନମୋହନ ମଠ ପ୍ରାଙ୍ଗଣରେ ପଞ୍ଚାୟତର କିଛି ହାତଗଣତି ଚାଷୀମାନଙ୍କୁ ନେଇ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜଗନ୍ନାଥପୁର ସମବାୟ ସମିତିର ସଭାପତି ଅଜୟ ଦାଶ, ସରପଞ୍ଚ ଜଗବନ୍ଧୁ ମଲ୍ଲିକ, ସମିସଭ୍ୟା ପ୍ରତିନିଧି ଅଶୋକ ବେହେରା, ସୌମ୍ୟ ରଞ୍ଜନ ମହାନ୍ତି, ସଂଗ୍ରାମ କେଶରୀ ପରିଜା ପ୍ରମୁଖ ଯୋଗଦେଇ ଉପସ୍ଥିତ ଥିବା କିଛି ଚାଷୀଙ୍କୁ ଧାନର ଗୁଣାତ୍ମକ ମାନ ବିଷୟରେ ଆଲୋଚନା କରିଥିଲେ। ଏଥିରେ ନିୟନ୍ତ୍ରିତ ବଜାର କମିଟିର ସମ୍ପାଦକ ଶ୍ରୀ ଦାସ ଚାଷୀଙ୍କୁ ଧାନର ମାନ ସମ୍ପର୍କରେ ଆଲୋଚନା କରିବା ମାତ୍ରେ କନ୍ଦରା ପଟି ଗ୍ରାମର ଚାଷୀ ବାବାଜୀ ରାଉତ ଓ ଗୋଠିଣା ଗ୍ରାମର ଚାଷୀ ଶରତ ବାରିକଙ୍କ ସଠିକ୍ ତଥ୍ୟର ପ୍ରଶ୍ନବାଣରେ ଅସ୍ତବ୍ୟସ୍ତ ହୋଇପଡିଥିଲେ। ଫଳରେ ସମ୍ପାଦକ ପ୍ରଶିକ୍ଷଣ ଶିବିରକୁ ଅଧାରୁ ବନ୍ଦକରି ପଳାଇ ଥିବା ବେଳେ ଚାଷୀମାନେ ଟିଫିନ୍ ଖାଇ ଘରକୁ ଫେରୁଥିବାର ଦେଖିବାକୁ ମିଳିଥିଲା। ତେବେ ପ୍ରଶିକ୍ଷଣ ନାମରେ ଅଯଥାରେ ସରକାରଙ୍କ ଅର୍ଥକୁ ବର୍‌ବାଦ କରାଯାଉଛି ବୋଲି କିଛି ଚାଷୀ କହି ବୁଲୁଥିବାର ଶୁଣିବାକୁ ମିଳିଛି। ଅନ୍ୟପକ୍ଷରେ ଏହି ଜଗନ୍ନାଥପୁର ସମବାୟ ସମିତିର ସମ୍ପାଦକ ଏଠାରେ ଦୀର୍ଘ ବର୍ଷଧରି ରହି ଅନେକ ଦୁର୍ନୀତିରେ ବୁଡି ରହିଥିବା ଅଭିଯୋଗ ହେଉଛି। ତାଙ୍କ ବିରୁଦ୍ଧରେ ପୂର୍ବରୁ ଅନେକଥର ଖବର ପ୍ରସାରଣ ହୋଇଥିଲେ ମଧ୍ୟ ତାଙ୍କର ବଦଳି ନହେବା ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ଦେଖାଦେଇଛି। ଏଥିପ୍ରତି ଜିଲ୍ଲା ପ୍ରଶାସନ ଓ ବିଭାଗୀୟ ମନ୍ତ୍ରୀ ହସ୍ତକ୍ଷେପ କରିବା ପାଇଁ ଚାଷୀ ମହଲରୁ ଦାବି ହେଉଛି।

## ଟ୍ରାକ୍ଟର ଓଲଟି ଜଣେ ମୃତ



ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ୍): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ୍ କାକିରିଗୁମ୍ମା ଥାନା ଅନ୍ତର୍ଗତ କେଲାର୍ ଛକ ନିକଟରେ ଆଜି ସନ୍ଧ୍ୟାରେ ଏକ ଟ୍ରାକ୍ଟର ଓଲଟି ପଡ଼ିବାରୁ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଦୁଇ ଆହତ ହୋଇଥିବା ଜଣାପଡ଼ିଛି। ଆହତ ମାନଙ୍କୁ କେଲାର ଗ୍ରାମର ପ୍ରଶାନ୍ତ ଖସଲା ମଣିଷ ପଣିଆ ଦେଖାଇ ଆହତ ମାନଙ୍କୁ ଲକ୍ଷ୍ମୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଖବର ନେବାରେ ଜଣାପଡ଼ିଛି ଗୌଡ଼ଗୁଡ଼ା ଗ୍ରାମରୁ ପିଇବା ପାଣି ଟାଙ୍କି ଧରି ଏକ ଟ୍ରାକ୍ଟର (ଓଡି୧୦-୭୦୦୪) ଏସ୍‌ଇଡବ୍ଲ୍ୟୁ କ୍ୟାମ୍ପ୍‌କୁ ନେଇ ଯାଉଥିବା ବେଳେ ଷ୍ଟେରିଙ୍ଗ୍ ଜାମ୍ ହୋଇ କେଲାର୍ ଛକ ନିକଟ ରାସ୍ତା କଡକୁ ଓଲଟି ପଡିଥିଲା। ସେଥିରେ ବସିଥିବା ବିସୁ ମୁଦୁଲିଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ଡ୍ରାଇଭର ସମେତ ଅନ୍ୟ ଜଣେ ଆହତ ହୋଇଥିଲେ। ଏନେଇ ଘଟଣାସ୍ଥଳରେ କାକିରିଗୁମ୍ମା ପୋଲିସ ପହଞ୍ଚି ତଦନ୍ତ କରି ୧୦୨/୨୪ରେ ଏକ ମାମଲା ରୁଜୁ କରିଥିବା ଥାନା ଅଧିକାରୀ ଡମ୍ବରୁଧର ବାର୍ତିଆ ପ୍ରକାଶ କରିଛନ୍ତି। ଆହତଙ୍କ ମଧ୍ୟରେ ଡ୍ରାଇଭର ପିତାମ୍ବର ମୁଦୁଲିଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କୋରାପୁଟ ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିବା ବେଳେ ଲେମ୍ବୁ ଦାମୀ ଆହତ ହୋଇ ଲକ୍ଷ୍ମୀପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ଜଣାପଡିଛି।

## ଗବବସ୍ତ ହାଇସ୍କୁଲରେ ମଣ୍ଡଳସ୍ତରୀୟ ବିଜ୍ଞାନ ମେଳା



ଫୁଲନଖରା (ଭାସ୍କର ନ୍ୟୁଜ୍): ବାରଙ୍ଗ ମଣ୍ଡଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ସଦର ଥାନା ଅନ୍ତର୍ଗତ ଗବବସ୍ତ ସରକାରୀ ହାଇସ୍କୁଲ ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଥିଲା। ଏହି ଉପଲକ୍ଷେ ବ୍ଲକ ଶିକ୍ଷାଧିକାରୀ ବିଭୂତିଭୂଷଣ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦଘାଟନୀ ସଭାରେ ବିଡ଼ିଓ ଧର୍ମରଞ୍ଜନ ପଣ୍ଡା, ସାଇଁଶୋ ପଞ୍ଚାୟତ ସରପଞ୍ଚ ସରୋଜ ମହାପାତ୍ର, ସମିତି ସଭ୍ୟ ଅବଦୁଲ ତାହିଦ ଖାଁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜୟନ୍ତକେଶରୀ ପାତ୍ର, ସହକାରୀ ମଣ୍ଡଳ ଶିକ୍ଷାଧିକାରୀ ପ୍ରଫୁଲ୍ଲ କୁମାର ରଥ, ସହକାରୀ ଶିକ୍ଷାଧିକାରୀ ଯମୁନାମଣୀ ହେମ୍ବ୍ରମ, ବାରଙ୍ଗ ବ୍ଲକ ଓଷ୍ଟା ସଭାପତି ଅଚ୍ୟୁତାନନ୍ଦ ସାହୁ, ଶ୍ରୀନିବାସ ସେଠୀ, ଶିକ୍ଷାବିତ୍ ଜାଫର ଆକବରୀ ଓ ଗବବସ୍ତ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ହରିପ୍ରିୟା ମହାପାତ୍ର ଅତିଥିରୂପେ ମଞ୍ଚାସୀନ ରହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଆୟୋଜିତ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀରେ ବାରଙ୍ଗ ବ୍ଲକ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟରୁ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ଶତାଧିକ ବିଜ୍ଞାନଭିତ୍ତିକ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଅତିଥିଗଣ ଉକ୍ତ ପ୍ରକଳ୍ପଗୁଡ଼ିକ ପରିଦର୍ଶନ କରି ଶ୍ରେଷ୍ଠ ପ୍ରକଳ୍ପକୁ ଜିଲାସ୍ତରୀୟ ପ୍ରଦର୍ଶନୀରେ ସାମିଲ ପାଇଁ ମନୋନୀତ କରିଥିଲେ। ପଣ୍ଡିତ ଅଜୟକୁମାର ପତି କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲା ବେଳେ ପ୍ରଧାନଶିକ୍ଷକ ଚନ୍ଦ୍ରମଣି ପ୍ରଧାନ, ଦିଲୀପ କୁମାର ବେହେରା, ସିଆରସିସି ପ୍ରଦୀପ କୁମାର ବାରିକ, ଗଣେଶ୍ୱର ନାୟକ, ପ୍ରତାପଚନ୍ଦ୍ର ମହାପାତ୍ର ଓ ତ୍ରିଲୋଚନ ବେହେରାଙ୍କ ସମେତ ସିଆରସିସି, ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ସହଯୋଗ କରିଥିଲେ। ଅନ୍ୟପକ୍ଷରେ ଉଦ୍‌ଘାଟକ ଭାବେ ଯୋଗ ଦେବାକୁ ଥିବା ବାଙ୍କୀ ବିଧାୟକ ମେଳାରେ ଅନୁପସ୍ଥିତ ଥିଲେ। ବ୍ଲକ ଅଧ୍ୟକ୍ଷାଙ୍କୁ କାର୍ଯ୍ୟକ୍ରମରେ ସାମିଲ କରାଯାଇନଥିବାରୁ ଏହାର ପ୍ରତିବାଦସ୍ୱରୂପ ବିଧାୟକ ମେଳାକୁ ଆସିନଥିବା ଶୁଣିବାକୁ ମିଳୁଛି। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା।

**ଶିବାନନ୍ଦ ଶତବାର୍ଷିକୀ ବିଦ୍ୟାଳୟରେ କେଳେଙ୍କାରୀ**

# ଛାତ୍ରଙ୍କୁ ଲୁହା ରଡ଼ ଓ ପାଇପ୍‌ରେ ପିଟି ଲହୁଲୁହାଣର ଭୟଙ୍କର ଚିତ୍ର ସାମ୍ନାକୁ ଆସିଲା



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଖଣ୍ଡଗିରି ସ୍ଥିତ ଶିବାନନ୍ଦ ଶତବାର୍ଷିକୀ ବିଦ୍ୟାଳୟରେ ଛାତ୍ର ଅସନ୍ତୋଷ ତୀବ୍ର ହେବାର ଖବରପାଇ ରାଷ୍ଟ୍ରୀୟ ଅଭିଭାବକ ମହାସଂଘର ସଭାପତି ମୋହନ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ଟିମ୍, ଅଞ୍ଚଳର ପୂର୍ବତନ କର୍ପୋରେଟର୍ ଅଶ୍ୱିନୀ ସାମନ୍ତରାୟଙ୍କ ସହ ବିଦ୍ୟାଳୟ ପରିସରକୁ ଯାଇ ଆନ୍ଦୋଳନରତ ଛାତ୍ର ଏବଂ ବିଦ୍ୟାଳୟର କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ଏହି ସମୟରେ ବହୁ ସାଙ୍ଘାତିକ ତଥ୍ୟ ସାମ୍ନାକୁ ଆସିଛି। ବିଦ୍ୟାଳୟଟି ଏକ ଆବାସିକ ବିଦ୍ୟାଳୟ ଅଟେ ଭାରତର ବିଭିନ୍ନ ପ୍ରାନ୍ତରୁ ଛାତ୍ର ମାନେ ଏଠାରେ ଅଧ୍ୟୟନ କରୁଛନ୍ତି, ଆଧ୍ୟାତ୍ମିକ ପରିବେଶରେ ପାଠ ପଢ଼ାଇବାର ପ୍ରତିଶୃତି ଦେଇ ସରକାରଙ୍କ ପ୍ରଦତ୍ତ ଜମିରେ ବିଦ୍ୟାଳୟ ହୋଇଛି, କିନ୍ତୁ ଭିତର ପରିବେଶ ସଂପୂର୍ଣ୍ଣ ଭିନ୍ନ। ଆନ୍ଦୋଳନକାରୀ ଛାତ୍ରଙ୍କ ସହ ଆଲୋଚନା ବେଳେ ବହୁ ଲୋମହର୍ଷଣକାରୀ ଘଟଣା ସାମ୍ନାକୁ ଆସିଛି। ଶିକ୍ଷା ଦାନ ନାମରେ ଅଭିଭାବକ ମାନଙ୍କ ଠାରୁ ଲକ୍ଷାଧିକ ଟଙ୍କା ଆଡ଼ମିଶନ ନାମରେ ନିଆଯାଉଥିବା ବେଳେ ଜେଲ୍ ପରିସରରେ କୈଦୀ ରହିବା ଭଳି ପିଲା ମାନଙ୍କୁ ରଖାଯାଇଛି। ହଷ୍ଟେଲ ନିରୀକ୍ଷକ କିଶୋର ଦାସ୍ ଏବଂ ଉପ ନିରୀକ୍ଷକ ସବ୍ୟ ଦାସ୍ ଛାତ୍ରମାନଙ୍କୁ ବିନା କାରଣରେ ଲୁହା ରଡ଼ ଏବଂ ପାଇପ୍‌ରେ ପିଟି ଲହୁଲୁହାଣ କରିଥିବାର ଭୟଙ୍କର ଚିତ୍ର ମଧ୍ୟ ସାମ୍ନାକୁ ଆସିଛି। ପିଲାମାନଙ୍କୁ ଠିକ୍ ସେ ଖାଦ୍ୟ ମଧ୍ୟ ଦିଆଯାଉନାହିଁ। ଅଭିଭାବକ ମାନଙ୍କ ସହ କଥା ହେବାକୁ ସୁଯୋଗ ଦିଆଯାଉନାହିଁ ଯଦି କୌଣସି ଶିକ୍ଷକ ଛାତ୍ରମାନଙ୍କ ଅସୁବିଧା ସମ୍ପର୍କରେ କର୍ତ୍ତୃପକ୍ଷଙ୍କୁ ଜଣାଇଲା ତାହେଲେ ବିନା କାରଣରେ ବହିଷ୍କାର କରାଯାଉଛି। ବିଦ୍ୟାଳୟ ପରିସରରେ ଅନୈତିକ କାର୍ଯ୍ୟ ହେଉଥିବାର ସଙ୍ଗୀନ ଅଭିଯୋଗ ମଧ୍ୟ ସାମ୍ନାକୁ ଆସିଛି। ଅଧ୍ୟକ୍ଷଙ୍କ ଉପସ୍ଥିତିରେ ପିଡିତ ଛାତ୍ରଙ୍କ ସହ ଆଲୋଚନା ବେଳେ ଅଧ୍ୟକ୍ଷ ଏବିଷୟରେ ଅବଗତ ନଥିବା ଜଣାଇବା ପରେ ପରିସ୍ଥିତି ଆହୁରି ଅଶାନ୍ତ ହୋଇପଡ଼ିଲା। ଫଳରେ ଖଣ୍ଡଗିରୀ ଥାନା ଅଧିକାରୀ ଘଟଣାସ୍ଥଳକୁ ଆସି ପହଞ୍ଚି ଛାତ୍ରମାନଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ସେମାନେ ବୁଝି ନଥିଲେ ପରେ ଅଭିଭାବକ ସଂଘ ଅଧ୍ୟକ୍ଷ ଶ୍ରୀ ପଟ୍ଟନାୟକ, ଶ୍ରୀ ସୁନ୍ଦର ରାୟ ଥାନା ଅଧିକାରୀଙ୍କ ଉପସ୍ଥିତି ରେ ସମସ୍ତ ସମସ୍ୟାର ସମାଧାନ ନିମନ୍ତେ ଉପଯୁକ୍ତ ଅଧିକାରୀଙ୍କ ସହ ଆଲୋଚନା କରି ୨୪ ଘଣ୍ଟା ମଧ୍ୟରେ ପଦକ୍ଷେପ ନେବାପାଇଁ ପ୍ରତିଶ୍ରୁତି ଦେବାପରେ ଆନ୍ଦୋଳନ ଶାନ୍ତ ପଡିଥିଲା। ଘଟଣା ସମ୍ପର୍କରେ ଖବରପାଇ ଭୁବନେଶ୍ୱର ବରିଷ୍ଠ ଗୋଷ୍ଠୀ ଶିକ୍ଷା ଅଧିକାରୀ ଡ଼ଃ ପ୍ରଜ୍ଞା ପାରମିତା ଜେନା ଅପରାହ୍ନ ୪ଟା ସମୟରେ ବିଦ୍ୟାଳୟ ପରିସରରେ ପହଞ୍ଚି ମହାସଂଘ ଅଧ୍ୟକ୍ଷ ଶ୍ରୀ ପଟ୍ଟନାୟକଙ୍କ ସହ ମିଶି ଦୀର୍ଘ ୪ ଘଣ୍ଟା ଛାନଭିନ୍ କରିବାପରେ ବହୁ ଅନିୟମିତତା ସାମ୍ନାକୁ ଆସିଛି। କିଛି ଅବସରପ୍ରାପ୍ତ ସରକାରୀ ଏବଂ ବୟସାଧିକ ବେସରକାରୀ ବ୍ୟକ୍ତିବିଶେଷ ଟ୍ରଷ୍ଟରେ ରହି ବିଦ୍ୟାଳୟ ପରିଚାଳନା କରୁଛନ୍ତି। ସରକାରଙ୍କ ନୀତି ନୀୟମ କୁ ଉଲ୍ଲଂଘନ କରି ଶିକ୍ଷକ ମାନଙ୍କୁ ବିନା କାରଣରେ ଚାକିରୀରୁ ବହିଷ୍କାର କରାଯାଉଛି ଯାହାଦ୍ୱାରା ଶିକ୍ଷାଦାନ ପ୍ରଭାବିତ ହେଉଛି। ଛାତ୍ରାବାସରେ ଝରକା ନାହିଁ, ଶୌଚାଳୟ ଅବସ୍ଥା ମଧ୍ୟ ଶୋଚନୀୟ। ଏହା ଏକ ଆବାସିକ ବିଦ୍ୟାଳୟ ହେତୁ ସୁଦୂର ମଣିପୁର, ମିଜୋରାମ, ଛତିଶଗଡ଼ରୁ ଛାତ୍ର ମାନେ ଆସି ଏଠାରେ ବିଦ୍ୟା ଲାଭ କରୁଛନ୍ତି, କିନ୍ତୁ ଏଠାରେ ସେମାନଙ୍କୁ ପଶୁଠାରୁ ହୀନ ବ୍ୟବହାର କରାଯାଇ ଗାଇଗୋରୁ ଭଳି ପିଟା ଯାଉଛି, ମୁହଁକୁ ଗୋଇଠା ମରାଯାଉଛି, ମାଡଖାଇ ଛାତ୍ର ଅଚେତ୍ ହେଇଥିବାର ଖବର ମଧ୍ୟ ସାମ୍ନାକୁ ଆସିଛି। ଶିକ୍ଷା ଅଧିକାରୀଙ୍କୁ ସାମ୍ନାରେ ପାଇ ପିଲାମାନ କାନ୍ଦି କାନ୍ଦି ଏସମସ୍ତ ଘଟଣା ଜଣାଇଥିଲେ ଯେହେତୁ ଅଭିଭାବକ ମାନେ ଏଠାରେ ନାହାନ୍ତି ତେଣୁ ସେମାନେ ଅତ୍ୟନ୍ତ ଆତଙ୍କିତ ଅବସ୍ଥାରେ ସେମାନେ ଅଛନ୍ତି। ଏସମ୍ପର୍କରେ ସ୍କୁଲ କର୍ତ୍ତୃପକ୍ଷ କୌଣସି ସନ୍ତୋଷଜନକ ଉତ୍ତର ରଖିପାରି ନଥିଲେ। ଶିକ୍ଷା ଅଧିକାରୀ ସମସ୍ତ ଘଟଣା ବିଷୟରେ ଅବଗତ ହେବାପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଅଭିଯୁକ୍ତ ଦୁଇ ଅଧିକାରୀଙ୍କୁ ୪୮ ଘଣ୍ଟା ମଧ୍ୟରେ ଚାକିରୀରୁ ବାହାର କରିବା ପାଇଁ ନିର୍ଦ୍ଦେଶ ଦେବା ସହ ଆଇନଗତ ପଦକ୍ଷେପ ନେବା ପାଇଁ ପ୍ରତିଶ୍ରୁତି ଦେଲେ, ଛାତ୍ର ମାନଙ୍କୁ ତାଙ୍କ ସହ ଯୋଗାଯୋଗ କରିବା ପାଇଁ ନମ୍ବର ଦେବା ସହ ସିଆରସିସିଙ୍କୁ ଦୁଇଦିନ ଅନ୍ତରରେ ବିଦ୍ୟାଳୟ ପରିଦର୍ଶନ କରିବାକୁ ନିର୍ଦ୍ଦେଶ ଦେବା ସହ ବିଦ୍ୟାଳୟର ଅନିୟମିତତା ସଂପର୍କରେ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ତଦନ୍ତ ଅନୁଯାୟୀ ରିପୋର୍ଟ ପ୍ରଦାନ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନେବାକୁ ସୁପାରିସ କରିବେ ବୋଲି ପ୍ରତିଶ୍ରୁତି ମଧ୍ୟ ଦେଲେ। ଏହାପରେ ରାଷ୍ଟ୍ରୀୟ ଅଭିଭାବକ ସଂଘ ତରଫରୁ ଖଣ୍ଡଗିରୀ ଥାନାରେ ସଂପୃକ୍ତ ଅଧିକାରୀ ଦ୍ୱୟଙ୍କ ବିରୁଦ୍ଧରେ ଶିଶୁ ସୁରକ୍ଷା ଆଇନ୍ ଅନୁଯାୟୀ ମାମଲା ରୁଜୁ କରାଯିବା ସହ ଶିକ୍ଷା ବିଭାଗ ସଚିବଙ୍କୁ ମଧ୍ୟ ସମସ୍ତ ତଥ୍ୟ ପ୍ରମାଣ ସହ ଅଭିଯୋଗ ପତ୍ର ଦାଖଲ କରାଗଲା। ଏହି ଆଲୋଚନାରେ ମହାସଂଘର ଉପସଭାପତି ଶଙ୍କର ସାମନ୍ତରାୟ, ସାଧାରଣ ସମ୍ପାଦକ ପ୍ରଦୀପ୍ତ ମିଶ୍ର, ପୂର୍ବତନ କର୍ପୋରେଟର୍ ଅଶ୍ୱିନୀ ସୁନ୍ଦର ରାୟ ଅଭିଭାବକ ସୁନିଲ୍ ରଥ ପ୍ରମୁଖ ଉପସ୍ଥିତ ଥିଲେ।

## ସାଧୁ କୃପାସିନ୍ଧୁ ଦାଶଙ୍କ ମହାପ୍ରୟାଣ ଦିବସ ପାଳିତ

କେନ୍ଦ୍ରାପଡ଼ା (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଭରତପୁର ପଞ୍ଚାୟତର ଜଗନ୍ନାଥପୁର ଗ୍ରାମରେ ସାଧୁ କୃପାସିନ୍ଧୁ ଦାଶଙ୍କ ବିଂଶତମ ମହାପ୍ରୟାଣ ଦିବସ ପାର୍ବତୀ ଠାକୁରାଣୀଙ୍କ ପୀଠରେ ବିଧିପୂର୍ବକ ପାଳିତ ହୋଇଯାଇଛି। ଏହି ଅବସରରେ ସମାଧିପୂଜା କରାଯିବା ସହିତ ନାମ ସଂକୀର୍ତ୍ତନ ଓ ହରିହାଟ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଜଗନ୍ନାଥପୁର ଓ ଅମୃତମଣୋହୀ ପାଟଣାର ଗ୍ରାମବାସୀଙ୍କ ସହିତ ଆଖପାଖ ଅଞ୍ଚଳର ହଜାର ହଜାର ଭକ୍ତ ଓ ଶ୍ରଦ୍ଧାଳୁମାନେ ଏକାଠି ହୋଇ ସାଧୁ ସ୍ୱର୍ଗତ ଦାଶଙ୍କ ସମାଧିସ୍ଥଳରେ ହରିନାମ ଜପ କରିବା ସହ ଆଶୀର୍ବାଦ ଭିକ୍ଷା କରିଥିଲେ।



କଣାସ (ଭାସ୍କର ନ୍ୟୁଜ୍): ଏସିଆ ମହାଦେଶର ସର୍ବବୃହତ ଲୁଣାହ୍ରଦ ନୀଳାମ୍ବୁ ଚିଲିକାରେ ପ୍ରତ୍ୟେକ ବର୍ଷ ଶୀତଋତୁ ଆଗମନ ହେଲେ ୧୦ଲକ୍ଷରୁ ଊର୍ଦ୍ଧ୍ୱ ବିଦେଶୀ ପକ୍ଷୀମାନେ ହଜାର ହଜାର କିମି ଅତିକ୍ରମ କରିଆସି ଶୀତଋତୁରେ ଚିଲିକା ମଧ୍ୟରେ ସମୟ ବିତାଇଥାଆନ୍ତି । ଚିଲିକାରେ ପକ୍ଷୀ ଅଭୟାରଣ୍ୟ ଭାବେ ପରିଚିତ ନଳବଣରେ ଲକ୍ଷଲକ୍ଷ ପକ୍ଷୀ ରହୁଥିବା ବେଳେ ଖାଦ୍ୟ ଅନ୍ୱେଷଣରେ ଚିଲିକାର ଉତ୍ତରନାଶି ଦୟା ଓ ମକରା ନଦୀର ମିଶ୍ରଣସ୍ଥଳରେ ଦଳ, କଇଁଫୁଲ ପ୍ରଚୁର ପରିମାଣର ଥିବାରୁ ଲକ୍ଷଲକ୍ଷ ପକ୍ଷୀ ପ୍ରତିବର୍ଷ ଖାଦ୍ୟ ଅନ୍ୱେଷଣରେ ଉତ୍ତରନାଶିରେ ଘୂରି ବୁଲନ୍ତି । ଚଳିତବର୍ଷ ବିଳମ୍ବ ହେଲେ ମଧ ଶହଶହ ପକ୍ଷୀ ବର୍ତ୍ତମାନ ଚିଲିକାର ଉତ୍ତରନାଶିରେ ବୁଲୁଥିବା ଦେଖିବାକୁ ମିଳୁଛି । ବାଲୁଗାଁ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ଚିଲିକାର ବିଦେଶୀ ପକ୍ଷୀମାନଙ୍କୁ ସୁରକ୍ଷା ପାଇଁ ବ୍ୟାପକ ବ୍ୟବସ୍ଥା ହୋଇଥିବା ବେଳେ ଉତ୍ତରନାଶିରେ କୌଣସି ବ୍ୟବସ୍ଥା ନଥିବାରୁ ବାହାରର ଶିକାରୀମାନେ ସନ୍ଧ୍ୟା ସମୟରେ ଆସି ଚିଲିକା କୂଳବର୍ତ୍ତୀ ଗ୍ରାମମାନଙ୍କରେ ନିଜ ନିଜର ଯାନ ରଖି ଚିଲିକା କୂଳକୁ ଆସି ଫାସି ଜାଲ, କଇଁଫୁଲ କେଶରରେ ନିଶାଦ୍ରବ୍ୟ ସିରିଞ୍ଜି ମାଧ୍ୟମରେ ଦେବା, ଉଜ୍ଜ୍ୱଳ ଆଲୋକ ପକାଇ ପକ୍ଷୀମାନଙ୍କୁ ଆହତକରି ଧରି ନେଇ ପ୍ରଭାତରୁ ନିର୍ବିଘ୍ନରେ ଫେରିଯାଉଛନ୍ତି । ଦୟା, ଭାର୍ଗବୀ, ଲୁଣା ନଦୀର ମିଶ୍ରଣସ୍ଥଳ ବଡଗୋଠ ନିକଟରେ ଏକ ପକ୍ଷୀ ସୁରକ୍ଷା ପାଇଁ କୁଡିଆ ନିର୍ମାଣ କରାଯାଇଥିଲେ ମଧ କେହି ରହୁନଥିବା ଦେଖିବାକୁ ମିଳିଛି । ପକ୍ଷୀମାନଙ୍କ ପାଇଁ ସୁରକ୍ଷା କଡାକଡ଼ି କରିବା ପାଇଁ ପକ୍ଷୀପ୍ରେମୀମାନେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ନିବେଦନ କରିଛନ୍ତି ।

### ରାଜ୍ୟସ୍ତରୀୟ ଶହୀଦ ଲକ୍ଷ୍ମଣ ନାଏକଙ୍କ ଜୟନ୍ତୀ ପାଳିତ

# ଶହୀଦ ଲକ୍ଷ୍ମଣ ନାଏକଙ୍କ ନେତୃତ୍ୱ ଥିଲା ବଳିଷ୍ଠ: ମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଶୁକ୍ରବାର ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଶବରୀ ସାଂସ୍କୃତିକ ସଂସଦର ମିଳିତ ଆନୁକୂଲ୍ୟରେ ଶହୀଦ ଲକ୍ଷ୍ମଣ ନାଏକଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ ଜୟଦେବ ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ସମାରୋହରେ ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟାନ୍ୟ ବିଶିଷ୍ଟ ଅତିଥି ଭାବେ ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ, ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ରାଜନେତା ଅରବିନ୍ଦ ଢ଼ାଲି ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ପ୍ରଶାସକ, ସାହିତ୍ୟିକ ତଥା ଗବେଷକ ଡ଼ଃ ଅଲେଖ ଚନ୍ଦ୍ର ପଢ଼ିଆରୀ ଯୋଗ ଦେଇ ସଭାକୁ ସମ୍ବୋଧନ କରିଥିଲେ । ଶହୀଦ ଲକ୍ଷ୍ମଣ ନାଏକ ଆମ ଦେଶ ତଥା ଜାତିର ଗର୍ବ ଓ ଗୌରବ । ତାଙ୍କର ମହାନ ଦେଶଭକ୍ତି, ଦେଶ ସେବା ଓ ଜନସେବା ପାଇଁ ସେ ସର୍ବଦା



ଅମର ହୋଇ ରହିବେ ବୋଲି ମତବ୍ୟକ୍ତ କରିଛନ୍ତି ମନ୍ତ୍ରୀ ଶ୍ରୀ ଗଣ୍ଡ । ମାତୃଭୂମିର ପରମପୂଜକ ଶହୀଦ ଲକ୍ଷ୍ମଣ ନାଏକଙ୍କ ଦେଶପ୍ରେମ, ବୀରତ୍ୱ ଓ ନେତୃତ୍ୱ ଥିଲା ଅତି ବଳିଷ୍ଠ । ଜନଜାତି ଅସ୍ମିତା ଓ ସ୍ୱାଭିମାନର ପ୍ରତୀକ ଭାବରେ ସେ ଅବିସ୍ମରଣୀୟ ହୋଇ ରହିବେ ବୋଲି କହିବା ସହ ଆଦିବାସୀ ଭାଇଭଉଣୀଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ତାଙ୍କର ସଂଗ୍ରାମ ସର୍ବଦା ସ୍ମରଣୀୟ ହୋଇ ରହିବ ବୋଲି ମନ୍ତ୍ରୀ ମତ ପ୍ରକାଶ କରିଛନ୍ତି । ସେହିପରି ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇ ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ ଲକ୍ଷ୍ମଣ ନାଏକଙ୍କ ନିର୍ଭୀକତା, ତ୍ୟାଗ ଓ ଜାତିପ୍ରୀତିର ପଟାନ୍ତର ନାହିଁ ବୋଲି କହିବା ସହ ତାଙ୍କ ତ୍ୟାଗ ଓ ପ୍ରେରଣାକୁ ଜୀବନରେ ଆଦର୍ଶ ଭାବରେ ଗ୍ରହଣ କରିବାକୁ ଆହ୍ୱାନ କରିଥିଲେ । ବରିଷ୍ଠ ରାଜନେତା ତଥା ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢ଼ାଲି ଯୋଗ ଦେଇ ଲକ୍ଷ୍ମଣ ନାଏକଙ୍କୁ ଯୋଗଜନ୍ମା ପୁରୁଷ କହିଥିବା ବେଳେ ଏ ଜାତି ତାଙ୍କୁ କେବେ ଭୁଲି ପାରିବେ ନାହିଁ ବୋଲି ମତପ୍ରକାଶ କରିଛନ୍ତି । ସମାରୋହରେ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଡ଼ଃ ଅଲେଖ ଚନ୍ଦ୍ର ପଢ଼ିଆରୀ ଲକ୍ଷ୍ମଣ ନାଏକଙ୍କ ବିସ୍ତୃତ ଜୀବନୀ, ସଂଗ୍ରାମ, ଜାତିପ୍ରୀତି, ଦେଶପ୍ରୀତି ଓ ଅବଦାନ ସମ୍ପର୍କରେ ଆଲୋଚନା କରିଛନ୍ତି । ଅନ୍ୟପକ୍ଷେ ସକାଳେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଉପସ୍ଥିତିରେ ଆଦିବାସୀ ପ୍ରଦର୍ଶନୀ ପଡ଼ିଆ ଏବଂ କଳିଙ୍ଗ ହସ୍ପିଟାଲ ଛକ ନିକଟରେ ଥିବା ଶହୀଦ ଲକ୍ଷ୍ମଣ ନାଏକଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରାଯାଇଛି । ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗର ନିର୍ଦ୍ଦେଶକ ଇନ୍ଦ୍ରମଣୀ ତ୍ରିପାଠୀ, ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ବୈଷୟିକ ସୁରେନ୍ଦ୍ର ନାଥ ପରିଡ଼ା ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ । ସନ୍ଧ୍ୟା କାର୍ଯ୍ୟକ୍ରମରେ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ବୈଷୟିକ ସୁରେନ୍ଦ୍ର ନାଥ ପରିଡ଼ା ସ୍ୱାଗତ ଅଭିଭାଷଣ ରଖିଥିବା ବେଳେ ଶବରୀ ସାଂସ୍କୃତିକ ସଂସଦର ପ୍ରତିଷ୍ଠାତା ସଦସ୍ୟ ଇଂ ଗୋଦବରୀଶ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।


ନବୀନ ନିବାସରେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବିଜେଡି ପାର୍ଲିଆମେଣ୍ଟାରୀ ପାର୍ଟି ବୈଠକ

## ଜଳ ସମ୍ପଦ ବିଭାଗରେ ୨ ବୁଝାମଣାପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଜଳ ସମ୍ପଦ ବିଭାଗ ପକ୍ଷରୁ ଭାରତୀୟ କୃଷି ଗବେଷଣା ପରିଷଦର ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନ (ଆଇସିଏଆର-ଆଇଆଇଡବ୍ଲ୍ୟୁଏମ), ଭୁବନେଶ୍ୱର ଏବଂ ଜାଭିୟର ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ, ଭୁବନେଶ୍ୱର (ଏକ୍ସଆଇଏମବି) ସହିତ ଗତ ମଙ୍ଗଳବାର ଦୁଇଟି ପୃଥକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି ।ଉନ୍ନୟନ କମିଶନର-ତଥା-ଜଳ ସମ୍ପଦ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଉପସ୍ଥିତିରେ ଜଳସମ୍ପଦ ବିଭାଗ ସମ୍ମିଳନୀ କକ୍ଷରେ ଏହି ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ରାଜ୍ୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ସୁରେଶ କୁମାର ବଶିଷ୍ଠ, କୃଷି ଉତ୍ପାଦନ ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ, ଆଇସିଏଆ-ଆଇଆଇଡବ୍ଲ୍ୟୁଏମ୍, ଭୁବନେଶ୍ୱରର ପ୍ରମୁଖ ବୈଜ୍ଞାନିକ ଡ. ରବୀନ୍ଦ୍ର କୁମାର ପଣ୍ଡା ଏବଂ ଏକ୍ସଆଇଏମବିର କୁଳପତି ଉଭାରୀ ଆଂଟୋନି ଆର୍ ଙ୍କ ସମେତ ଜଳ ସମ୍ପଦ, କୃଷି, ଉଦ୍ୟାନ କୃଷି, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗର ଅନ୍ୟ ନିର୍ଦ୍ଦେଶକ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ରାଜ୍ୟସ୍ତରୀୟ ଶହୀଦ ଲକ୍ଷ୍ମଣ ନାଏକଙ୍କ ଜୟନ୍ତୀ ପାଳିତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଶୁକ୍ରବାର ରାଜ୍ୟସ୍ତରୀୟ ଶହୀଦ ଲକ୍ଷ୍ମଣ ନାଏକଙ୍କ ଜୟନ୍ତୀ ପାଳନ କରାଯାଉଛି । ଏହି ଅବସରରେ ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଉପସ୍ଥିତିରେ ଆଦିବାସୀ ପ୍ରଦର୍ଶନୀ ପଡ଼ିଆ ଏବଂ କଳିଙ୍ଗ ହସ୍ପିଟାଲ ଛକ ନିକଟରେ ଥିବା ଶହୀଦ ଲକ୍ଷ୍ମଣ ନାଏକଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରାଯାଇଛି । ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗର ନିର୍ଦ୍ଦେଶକ ଇନ୍ଦ୍ରମଣୀ ତ୍ରିପାଠୀ, ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ବୈଷୟିକ ସୁରେନ୍ଦ୍ର ନାଥ ପରିଡ଼ା, ଉପ-ନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଙ୍କ ସମେତ ଶବରୀ ସାଂସ୍କୃତିକ ସଂସଦର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ ।

## କୁମ୍ଭୀର କାନ୍ଦଣା ବନ୍ଦ କରୁ ବିଜେଡି: ଦିଲୀପ ମଲ୍ଲିକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ଘଟଣା ଅତ୍ୟନ୍ତ ସମ୍ବେଦନଶୀଳ ଓ ଦୁର୍ଭାଗ୍ୟଜନକ । ଏନେଇ ସ୍ଥାନୀୟ ପୋଲିସ ମାମଲା ରୁଜୁ କରିବା ସହ କାର୍ଯ୍ୟାନୁଷ୍ଠାନ ନେବା ପ୍ରକ୍ରିୟା ଆରମ୍ଭ କରିଛି । ଖୁବ୍‌ଶୀଘ୍ର ଆସାମୀକୁ ଧରାଯାଇ ଜେଲ୍‌କୁ ପଠାଯିବ । ମାତ୍ର ବିଜେଡି ସାଂସଦ ନିରଞ୍ଜନ ବିଶି ଏହି ପ୍ରସଙ୍ଗକୁ ନେଇ ଅଯଥା ରାଜନୀତି କରିବାକୁ ଉଦ୍ୟମ କରୁଛନ୍ତି । ଏନେଇ ତାଙ୍କ ଦ୍ୱାରା ଦିଆଯାଇଥିବା ଆଦିବାସୀ ମହିଳା ଅସୁରକ୍ଷିତ ମନ୍ତବ୍ୟ ସମ୍ପୂର୍ଣ୍ଣ ନିରର୍ଥକ ବୋଲି ରାଜ୍ୟ ମୁଖପାତ୍ର ଶ୍ରୀ ଦିଲୀପ ମଲ୍ଲିକ ଏକ ପ୍ରେସ୍ ବିବୃତି ଜରିଆରେ କହିଛନ୍ତି । ଶ୍ରୀ ମଲ୍ଲିକ କହିଛନ୍ତି ଯେ, ବିଜେଡି ଓ ତାଙ୍କ ଦଳର ନେତାମାନେ କୁମ୍ଭୀର କାନ୍ଦଣା ବନ୍ଦ କରନ୍ତୁ । ବିଜେଡି ସରକାରରେ ଥିଲାବେଳେ ବଲାଙ୍ଗୀର ଜିଲ୍ଲାରେ ମମିତା ମେହେର ଘଟଣା ଘଟିଥିଲା । ଏହି ସମୟରେ ବିଶି କେଉଁଠି ଥିଲେ ସେହିପରି କୋରାପୁଟର ଆଦିବାସୀ ଝିଅ ତଥା କୁନ୍ଦୁଲି ପୀଡ଼ିତାଙ୍କୁ ଯେଉଁଭଳି ଭାବେ ନିର୍ଯାତନା ଦିଆଯାଇଥିଲା ସେତେବେଳେ ବିଶି କ'ଣ କରୁଥିଲେ ? ମାତ୍ର ତତ୍କାଳୀନ ସରକାର ଏହି ଅପରାଧ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନ ନେଇ ଆଖିବୁଜି ଦେଇଥିଲେ । କିନ୍ତୁ ଭାଜପା ସରକାର ଏସବୁ ଘଟଣାକୁ ଗୁରୁତ୍ୱର ସହ ନେଇଛି । ଆଇନ୍ ଅନୁସାରେ ପ୍ରତ୍ୟେକ ଛୋଟବଡ଼ ଘଟଣାର କାର୍ଯ୍ୟାନୁଷ୍ଠାନ ନେବା ପାଇଁ କାର୍ଯ୍ୟ କରୁଛି ବୋଲି ଶ୍ରୀ ମଲ୍ଲିକ କହିଛନ୍ତି ।

## ଡିସିପି ଅଫିସ୍ ସମ୍ମୁଖରେ ମନୋଜ-ବବି ହାତାହାତି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ତେଜିଲା ଅଭିନେତା ମନୋଜ ମିଶ୍ର ଓ ବବି ଇସଲାମ କଳି ଘଟଣା । ଶୁକ୍ରବାର ଡିସିପି ଅଫିସକୁ ଆସିଥିବା ବେଳେ ବବି ଇସଲାମ ଓ ମନୋଜ ମିଶ୍ରଙ୍କ ମଧ୍ୟରେ ହାତାହାତି ପରିସ୍ଥିତି ସୃଷ୍ଟି ହୋଇଛି । ମନୋଜ ମିଶ୍ର ଚନ୍ଦ୍ରଶେଖରପୁର ଥାନାରେ ଅଭିଯୋଗ କରିଥିବା ବେଳେ ବବି ଇସଲାମ କଟକ ଦରଘା ବଜାର ଥାନାରେ ମନୋଜଙ୍କ ବିରୋଧରେ ଏତଲା କରିଛନ୍ତି । ଉଭୟଙ୍କ ଏତଲାକୁ ନେଇ ଆଜି ଉଭୟଙ୍କୁ ଡିସିପି ଅଫିସ ଡକାଯାଇଥିଲା । ସେଠାରେ ଉଭୟେ ପ୍ରଥମେ ପରସ୍ପରକୁ ଟିପ୍ପଣୀ ଓ ପରେ ହାତାହାତି ହେବା ପରେ ପୋଲିସ କମିସନର ଅଫିସ ଅଣାଯାଇଥିଲା । ଡିସିପିଙ୍କ ପକ୍ଷରୁ ଉଭୟଙ୍କୁ କାଉନସିଲିଂ କରଯାଇଛି । ପରସ୍ପର ବିରୋଧୀ ଆକ୍ଷେପରୁ ନିବୃତ ରହିବା ପାଇଁ କୁହାଯାଇଛି । ବୈଠକରୁ ବାହାରିବା ପରେ କଡା ମିଜାଜରେ ଆଜିର ଘଟଣା ପାଇଁ କ୍ଷମା ପ୍ରାର୍ଥନା କରିଥିଲେ ମନୋଜ ମିଶ୍ର ।

## ଗୌତମ ଆଦାନୀଙ୍କୁ ଘଣ୍ଟ ଘୋଡ଼ାଉଛି ମୋଦି ସରକାର: ପ୍ରଦେଶ କଂଗ୍ରେସ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଲାଞ୍ଚ ମାମଲାରେ ଆଦାନୀ ଗ୍ରୁପର ସମ୍ପୃକ୍ତି ଅଭିଯୋଗ ଏବଂ ଆମେରିକାର କର୍ତ୍ତୃପକ୍ଷଙ୍କ ଅଭିଯୋଗରେ କେନ୍ଦ୍ର ସରକାର ଏବଂ କର୍ପୋରେଟ୍ ସ୍ୱାର୍ଥ ମଧ୍ୟରେ ଗଭୀର ସମ୍ପର୍କ ରହିଛି । ସମଗ୍ର ବିଶ୍ୱରେ ଏହି ଘଟଣା ଚହଳ ପକାଉଥିବା ବେଳେ ପ୍ରଧାନମନ୍ତ୍ରୀଙ୍କ ନିରବତା ଏହାର ଜଟିଳତାକୁ ଦର୍ଶାଉଛି । ଶାସନ, ନିୟାମକ ତଦାରଖ ଏବଂ ଜନସାଧାରଣଙ୍କ ବିଶ୍ୱାସକୁ ନେଇ ଗୁରୁତର ଚିନ୍ତା ବଢ଼ାଇଛି । ଏ ସମ୍ପର୍କରେ ଓଡିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଆଜି ରାଜ୍ୟ କଂଗ୍ରେସ କାର୍ଯ୍ୟାଳୟ ଠାରେ ଆୟୋଜିତ ସାମ୍ବାଦିକ ସମିଳନୀରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଶ୍ରୀକାନ୍ତ ଜେନା ଅଭିଯୋଗ କରିଛନ୍ତି କି ଗୌତମ ଆଦାନୀକୁ ଘଣ୍ଟ ଘୋଡ଼ାଉଛି ମୋଦି ସରକାର ।

## ଶ୍ରୀ କୋରୁଆଁ ସରକାରୀ ଉପ୍ରା ବିଦ୍ୟାଳୟରେ ବସ୍ତ୍ର ବଣ୍ଟନ

କଟକ(ଭାସ୍କର ନ୍ୟୁଜ୍): କଟକ ସଦର ଶ୍ରୀକୋରୁଆଁ ସ୍ଥିତ ସରକାରୀ ଉପ୍ରା ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ସରକାରଙ୍କ ପକ୍ଷରୁ ପୋଷାକ ବିତରଣ କରାଯାଇଛି । ଏହି ଅବସରରେ ଆୟୋଜିତ ସଭାରେ ସ୍କୁଲର ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ମହାନ୍ତି ସଭାପତିତ୍ୱ କରିଥିଲେ । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଟ୍ରଷ୍ଟର ଚେୟାରମ୍ୟାନ ଜ୍ୟୋସ୍ନା ଓଝା ଓ ସମ୍ମାନୀତ ଅତିଥି ଭାବେ ଭାଇସଚେୟାରମ୍ୟାନ ଯୁଧିଷ୍ଠୀର ସେଠ, ଟି ବିକ୍ରମ ସେନାପତି ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ୧୧୬ଜଣ ଛାତ୍ରଛାତ୍ରୀମାନଙ୍କୁ ସ୍କୁଲ ପୋଷାକ ବଣ୍ଟନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଅକ୍ଷୟ ରଞ୍ଜନ ଦାସ, ଅନିଲ ଦାସ, ଚନ୍ଦ୍ରଶେଖର ସେନଗୁପ୍ତା, ରୋଜାଲିନ ତ୍ରିପାଠୀ, ଦେବସ୍ମିତା ମହାନ୍ତି, ଅନ୍ନପୂର୍ଣ୍ଣା ଦାସ, ସଂଘମିତ୍ରା ଲେଙ୍କା, ନିରୋଜ ନଳନୀ ସାହୁ, ସ୍ନିଗ୍ଧାମୟୀ ସାହୁ, ଦିପୁନା ସାହୁ, ସୁକାନ୍ତ ସାହୁ, ଅର୍ପିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ରାଜ୍ୟପାଳଙ୍କୁ ସାକ୍ଷାତ କଲେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟପାଳଙ୍କୁ ସାକ୍ଷାତ କରିଛନ୍ତି ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ । ଏନେଇ ରାଜ୍ୟପାଳ ଏକ୍ସ ହ୍ୟାଣ୍ଡେଲରେ ଏକ ଫଟୋ ସେୟାର କରି କହିଛନ୍ତି ଯେ, ଓଡ଼ିଶା ସରକାରଙ୍କ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡ ନବରଙ୍ଗପୁର ଜିଲ୍ଲାର ଏକ ପ୍ରତିନିଧିମଣ୍ଡଳ ସହ ଆଜି ରାଜଭବନରେ ଔପଚାରିକ ସାକ୍ଷାତ କରିଛନ୍ତି ।

## ଶହୀଦ ଲକ୍ଷ୍ମଣ ନାଏକଙ୍କ ସ୍ମରଣ କଲେ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଶହୀଦ ଲକ୍ଷ୍ମଣ ନାଏକଙ୍କ ସ୍ମରଣ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏକ୍ସ ହ୍ୟାଣ୍ଡେଲରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ମହାନ ସ୍ୱାଧୀନତା ସଂଗ୍ରାମୀ, ଆଦିବାସୀଙ୍କ ଗାନ୍ଧୀ ଶହୀଦ ଲକ୍ଷ୍ମଣ ନାଏକଙ୍କ ଜୟନ୍ତୀରେ କୋଟି କୋଟି ପ୍ରଣାମ । ଆଦିବାସୀଙ୍କ ଅଧିକାର ଏବଂ ସୁରକ୍ଷା ପାଇଁ ତାଙ୍କର ସଂଗ୍ରାମ ଚିର ସ୍ମରଣୀୟ । ସେହିପରି ବିପ୍ଳବୀ ଶହୀଦ୍ ଲକ୍ଷ୍ମଣ ନାଏକଙ୍କ ସ୍ମୃତିଚାରଣ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସୋସିଆଲ ମିଡିଆ ଏକ୍ସରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ମହାନ ସ୍ୱାଧୀନତା ସଂଗ୍ରାମୀ ତଥା ଜନଜାତି ଜନନାୟକ ବିପ୍ଳବୀ ଶହୀଦ୍ ଲକ୍ଷ୍ମଣ ନାଏକଙ୍କ ଜୟନ୍ତୀ ଅବସରରେ ବିନମ୍ର ଶ୍ରଦ୍ଧାଞ୍ଜଳି ।

## ଶହୀଦ ଲକ୍ଷ୍ମଣ ନାଏକଙ୍କ ସ୍ମରଣ କଲେ ନବୀନ ପଟ୍ଟନାୟକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଶହୀଦ ଲକ୍ଷ୍ମଣ ନାଏକଙ୍କୁ ଶ୍ରଦ୍ଧାଂଜଳି ଜ୍ଞାପନ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ଏକ୍ସ ହ୍ୟାଣ୍ଡେଲରେ ନବୀନ କହିଛନ୍ତି ଯେ, କ୍ରାନ୍ତିକାରୀ ସ୍ୱାଧୀନତା ସଂଗ୍ରାମୀ, ବୀର ଶହୀଦ ଲକ୍ଷ୍ମଣ ନାଏକଙ୍କ ଜୟନ୍ତୀରେ ମୋର ଶ୍ରଦ୍ଧାଞ୍ଜଳି । ଆଦିବାସୀଙ୍କ ହକ୍ ଓ ଅଧିକାରର ସୁରକ୍ଷା ପାଇଁ ସଂଗ୍ରାମ ସହ ଦେଶର ସ୍ୱାଧୀନତା ପାଇଁ ତାଙ୍କର ପରାକ୍ରମ ଓ ବଳିଦାନ ସର୍ବଦା ପ୍ରେରଣାର ଉତ୍ସ ।

## ରାଜ୍ୟରେ ପ୍ରତିଷ୍ଠା ହେବ ଲାଙ୍ଗୁଏଜ ଲ୍ୟାବ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆଦିବାସୀ ଛାତ୍ରଛାତ୍ରୀଙ୍କ ପାଇଁ ସରକାରରେ ଅନେକ କିଛି ଚିନ୍ତା କରାଯାଉଛି । ଆଗାମୀ ଦିନରେ ଆଦିବାସୀ ଭାଷା ସଂସ୍କୃତି କେମିତି ସୁରକ୍ଷିତ ରହିବ ତା ପାଇଁ ଲ୍ୟାଙ୍ଗୁଏଜ୍ ଲ୍ୟାବ କରାଯିବ । ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସୂଚନା ଦେଇଛନ୍ତି । ଆଦିବାସୀ ଭାଷାକୁ ଗୁରୁତ୍ୱ ଦେଇ ଶିକ୍ଷକ ନିଯୁକ୍ତି କରାଯାଉଛି । ଆଗକୁ ମାତୃଭାଷାରେ ପାଠ ପଢ଼ା ହେବ । ପିଲା ମାନେ କିଭଳି ଗୁଣାତ୍ମକ ଜ୍ଞାନ ପାଇବେ ସେଥିପାଇଁ ରାଜ୍ୟସରକାର ପ୍ରୟାସ କରୁଛନ୍ତି ।

## ବିଜେପି ସରକାର ଓଡ଼ିଶାର ସଂସ୍କୃତି, ଓଡ଼ିଶାର ଅସ୍ମିତା ରାସ୍ତାରେ ଯାଉଛନ୍ତି: ଆଇନ ମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିଜୁ ବାବୁ ଏ ଜାତିର ଜଣେ ମହାପୁରୁଷ । ଓଡିଶା ପ୍ରଦେଶ ପାଇଁ ବିଜୁ ବାବୁଙ୍କର ବି ଅନେକ ଅବଦାନ ରହିଛି । ମାତ୍ର ବିଜୁ ବାବୁଙ୍କୁ ସମ୍ମାନ ଦେବା ନାଁରେ ଅନ୍ୟ ମାନଙ୍କୁ ସମ୍ମାନ ନ ଦେବାର ଚରିତ୍ର ବିଜୁ ଜନତା ଦଳର ଥିଲା । ଆମେ ସେ ଚରିତ୍ରରୁ ବାହାରିବାକୁ ଚାହୁଁଛୁ ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି । ଓଡ଼ିଶାର ବରପୁତ୍ର ମାନେ ଯେଉଁମାନଙ୍କର ଓଡ଼ିଶା ପ୍ରତି ଅବଦାନ ରହିଛି ସେମାନଙ୍କ ପୂଜ୍ୟପଜା କରିବା ଏହା ଆମ ଓଡିଶାର ପରମ୍ପରା ଓ ସଂସ୍କୃତି । ଏହା ତାମିଲନାଡୁର ସଂସ୍କୃତି ନୁହେଁ । ଓଡିଶାର ସଂସ୍କୃତି ଅନୁଯାୟୀ ଆମ ସରକାର କାର୍ଯ୍ୟ କରୁଛନ୍ତି । ଓଡ଼ିଶାର ଯେତେ ମହାପୁରୁଷ ମଧୁସୂଦନଙ୍କ ଠୁ ଆରମ୍ଭ କରି ମହତାବ ଓ ବିଜୁ ବାବୁ ସମସ୍ତ ମହାପୁରୁଷ ମାନଙ୍କ ପ୍ରତି ଆମର ଯଥେଷ୍ଟ ସମ୍ମାନ ଅଛି । ସେମାନଙ୍କ ପୂଜ୍ୟ ପୂଜାକୁ ସମ୍ମାନ ଦେବା କାମ ବିଜେପି ସରକାର କରୁଛି । କିନ୍ତୁ ଯେଉଁଭଳି ଭାବେ ଲମ୍ବା ସମୟ ଧରି ଚାଲିଥିଲା କେବଳ ବିଜୁ ବାବୁଙ୍କ ବିଷୟରେ କହୁଥିଲେ କିନ୍ତୁ ଅନ୍ୟ ମହାପୁରୁଷମାନଙ୍କୁ ଗୌଣ କରି ଦେଇଥିଲେ ବିଜେଡି ସରକାର । ଏପରିକି ଅତ୍ୟନ୍ତ ଦୁର୍ଭାଗ୍ୟର କଥା ହେଉଛି ଦୁଇ ବର୍ଷ ଧରି ମହତାବଙ୍କ ଜୟନ୍ତୀ ସରକାରୀ ସ୍ତରରେ ହେଉଥିବା ରାଜ୍ୟସ୍ତରୀୟ ଉତ୍ସବକୁ ଦୁଇ ବର୍ଷ ହେବ ବନ୍ଦ କରି ଦେଇଥିଲେ । ଏଭଳି ବିଭସକୁ କୁତ୍ସିତ ମାନସିକତାର ଲୋକମାନେ ସମାଲୋଚନା କରିବାର ବି ଅଧିକାର ନାହିଁ । ବିଜେପି ସରକାର ଯେଉଁ ରାସ୍ତାରେ ଯାଉଛନ୍ତି ତାହା ଓଡ଼ିଶାର ସଂସ୍କୃତି, ଓଡ଼ିଶାର ଅସ୍ମିତା ।

## ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ପାଇଁ ଇଂରାଜୀ ଭାଷା ସମୃଦ୍ଧି ପାଠ୍ୟକ୍ରମ କାର୍ଯ୍ୟକ୍ରମ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟ ଭାଷା ଓ ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନ ଦ୍ୱାରା ପ୍ରାଥମିକ ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କ ପାଇଁ ଇଂରାଜୀ ଭାଷା ସମୃଦ୍ଧି ପାଠ୍ୟକ୍ରମ ତାଲିମ୍ କାର୍ଯ୍ୟକ୍ରମ ଆୟୋଜିତ କରାଯାଇଛି । ବେଙ୍ଗାଲୁରୁ ସ୍ଥିତ ଅଜିମ୍ ପ୍ରେମଜୀ ବିଶ୍ୱବିଦ୍ୟାଳୟର ସହଭାଗିତାରେ ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ଇଂରାଜୀ ଭାଷାକୁ ଉନ୍ନତ କରିବା ଉଦ୍ଦେଶ୍ୟରେ ଏହି ତାଲିମ୍ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ଗତ ଜୁଲାଇ ମାସରେ ୩୦ ଟି ଜିଲ୍ଲାରୁ ୨ ଜଣ ଲେଖାଏଁ ମୋଟ୍ ୬୦ ଜଣ ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ମାଷ୍ଟର ଟ୍ରେନର୍ ଭାବରେ ତାଲିମ୍ ଦିଆଯାଇଥିଲା । ବର୍ତ୍ତମାନ ଏହି ୬୦ ଜଣ ମାଷ୍ଟର୍ ଟ୍ରେନର ,୩୧୪ ଟି ବ୍ଲକର ୫୦୦ ଜଣ ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ରାଜ୍ୟର ୧୦ ଟି ଜିଲ୍ଲାରେ ଯଥା- ଖୋର୍ଦ୍ଧା, କଟକ, ଅନୁଗୁଳ, ବାଲେଶ୍ୱର, ମୟୂରଭଞ୍ଜ, କଳାହାଣ୍ଡି, କୋରାପୁଟ, ଝାରସୁଗୁଡ଼ା, ବରଗଡ଼ ଓ ଗଞ୍ଜାମରେ ତାଲିମ୍ ପ୍ରଦାନ କରୁଛନ୍ତି । ପ୍ରଥମ ତାଲିମ୍ ଅଧିବେଶନ ନଭେମ୍ବର ୧୮ ରୁ ଆରମ୍ଭ ହୋଇ ନଭେମ୍ବର ୨୨ ଯାଏଁ ଚାଲିଥିଲା । ଆଗାମୀ ୯ ସପ୍ତାହ ବ୍ୟାପୀ ଉଭୟ ଆଭାସୀ ଓ ପ୍ରତ୍ୟେକ୍ଷ ଉପସ୍ଥିତିରେ ଏହି ତାଲିମ୍ କାର୍ଯ୍ୟକ୍ରମ ଚାଲିବ । ସୂଚନାଯୋଗ୍ୟ, ରାଜ୍ୟ ଭାଷା ଓ ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନର ନିର୍ଦ୍ଦେଶକ ସୁମିତା ଦାସ ଓ ଅଜିମ୍ ପ୍ରେମଜୀ ବିଶ୍ୱବିଦ୍ୟାଳୟର ପ୍ରଶିକ୍ଷକ ଜେନି ଆଲେକ୍ସ ବିଭିନ୍ନ ଜିଲ୍ଲା ଯାଇ ଏହି ତାଲିମ କାର୍ଯ୍ୟକ୍ରମକୁ ନିରୀକ୍ଷଣ କରିଥିଲେ ।

## ଡ. ମନୀତା ତମାଙ୍ଗଙ୍କୁ ସମ୍ମାନଜନକ ୟୁସି ଚକ୍ରବର୍ତ୍ତୀ ପୁରସ୍କାର

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଏମ୍ସ ଭୁବନେଶ୍ୱର ପେଡିଆଟ୍ରିକ ସର୍ଜରୀ ବିଭାଗରେ କାର୍ଯ୍ୟରତ ସିନିୟର ରେସିଡେଂଟ(ଶେଷ ବର୍ଷ) ଡ. ମନୀତା ତମାଙ୍ଗ ଦେଶର ମର୍ଯ୍ୟାଦାଜନକ ୟୁସି ଚକ୍ରବର୍ତ୍ତୀ ପୁରସ୍କାର ହାସଲ କରିଛନ୍ତି । ନିକଟରେ ଏମ୍ସ ଋଷିକେଶରେ ଆୟୋଜିତ ପେଡିଆଟ୍ରିକ ସର୍ଜନମାନଙ୍କ ସର୍ବଭାରତୀୟ ସମ୍ମିଳନୀ ଆଇଏପିଏସସିଓଏନ୍ ୨୦୨୪ରେ ଡ. ମନୀତାଙ୍କୁ ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି ପ୍ରତିଷ୍ଠିତ ସମ୍ମାନ ସମଗ୍ର ଭାରତରେ ଶିଶୁରୋଗ ସର୍ଜରୀ କ୍ଷେତ୍ରରେ କାର୍ଯ୍ୟରତ ସିନିୟର ରେସିଡେଂଟମାନଙ୍କ ଦ୍ୱାରା ଉଲ୍ଲେଖନୀୟ ଗବେଷଣା ପାଇଁ ସ୍ୱୀକୃତିର ଶିଖର ବିବେଚନା କରାଯାଏ । ଏନେଇ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏମ୍ସ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ଡ. ମନୀତା ତମାଙ୍ଗଙ୍କୁ ଅଭିନନ୍ଦନ ଜଣାଇବା ସହିତ ସମ୍ବର୍ଦ୍ଧିତ କରିଛନ୍ତି । ଦେଶର ବିଭିନ୍ନ ସ୍ଥାନରୁ ଆସିଥିବା ଅନେକ ଆବେଦନ ମଧ୍ୟରୁ କେବଳ ସାତ ଜଣ ପ୍ରାର୍ଥୀ ଏହି ପ୍ରତିଯୋଗିତା ପାଇଁ ତାଲିକାଭୁକ୍ତ ହୋଇଥିଲେ । ଡକ୍ଟର ମନୀତାଙ୍କ ବିଜୟ ତାଙ୍କର ଅନନ୍ୟ ଅନୁସନ୍ଧାନ ଏବଂ ଉତ୍ସର୍ଗୀକୃତତାର ପ୍ରମାଣିତ କରିଛି ।ଏହି କାର୍ଯ୍ୟକ୍ରମରେ ମେଡିକାଲ ଅଧୀକ୍ଷକ ଡ. ଦିଲ୍ଲୀପ କୁମାର ପରିଡ଼ାଙ୍କ ସମେତ ଶିଶୁ ସର୍ଜରୀ ବିଭାଗର ମୁଖ୍ୟ ଡ. ମନୋଜ କୁମାର ମହାନ୍ତି, ଡ. ସୁବ୍ରତ କୁମାର ସାହୁ, ଡ. ବି ବି ତ୍ରିପାଠୀ ଏବଂ ଡ. ଆଦିତ୍ୟ ମାନେକର ପ୍ରମୁଖ ଉପସ୍ଥିତ ଥିଲେ ।ଡକ୍ଟର ମନୀତାଙ୍କ ଏହି ସଫଳତା ଶିଶୁ ସର୍ଜିକାଲ୍ କେୟାରର ଅଗ୍ରଗତିରେ ସ୍ଥିରତା, ନବସୃଜନ ଏବଂ ପ୍ରତିବଦ୍ଧତାର ଏକ ଉଜ୍ଜ୍ୱଳ ଉଦାହରଣ । ଏହା ସ୍ୱାସ୍ଥ୍ୟସେବା ଏବଂ ଚିକିତ୍ସା ଶିକ୍ଷା କ୍ଷେତ୍ରରେ ଉତ୍କର୍ଷର କେନ୍ଦ୍ର ଭାବରେ ଏମ୍ସ ଭୁବନେଶ୍ୱରର ସ୍ଥିତିକୁ ଆହୁରି ଦୃଢ଼ କରିବ ।

## ସବୁ ପ୍ରକାର ତଦନ୍ତକୁ ସାମ୍ନା କରିବାକୁ ପ୍ରସ୍ତୁତ ବିଜେଡି: ପ୍ରଦୀପ ମାଝୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆଦାନୀ ପ୍ରସଙ୍ଗରେ ପ୍ରତିକ୍ରିୟା ରଖିଛନ୍ତି ପ୍ରଦୀପ ମାଝୀ । ସବୁ ପ୍ରକାର ତଦନ୍ତକୁ ସାମ୍ନା କରିବାକୁ ପ୍ରସ୍ତୁତ ବିଜେଡି । ଆଇନ ତା ବାଟରେ ଯାଉ । ବିଜେଡି ତାହା ସବୁବେଳେ ଚାହେଁ । ସମସ୍ତେ ଜାଣିଛନ୍ତି ବିଜେପି, ପ୍ରଧାନମନ୍ତ୍ରୀ ଓ ଆଦାନି ଗୋଟେ ସୂତାର ଖିଅ । ତାଙ୍କ ଭିତରେ କଣ ସମ୍ପର୍କ ସମସ୍ତଙ୍କୁ ଜଣା ବୋଲି ବିଜେଡି ନେତା ପ୍ରଦୀପ ମାଝୀ କହିଛନ୍ତି ।

## ମାଧବାନନ୍ଦ ଜିଉଙ୍କ ପୀଠରୁ ଶ୍ରୀମନ୍ଦିର ଅଭିମୁଖେ ଆସିଥିବା ପୋଢୁଆଁ ଭାରକୁ ଗୋପରେ ସ୍ୱାଗତ

ଗୋପ (ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା ଗୋପ ବଜାର ନିକଟରେ ଶ୍ରୀଜିଉଙ୍କ ପୋଢୁଆଁ ଭାରକୁ ଭାବ୍ୟ ସ୍ୱାଗତ ଏବଂ ସମ୍ବର୍ଦ୍ଧନା । କଟକ ଜିଲ୍ଲା ନିଆଳି ବ୍ଲକ୍ ମାଧବସ୍ଥିତ ମାଧବାନନ୍ଦ ଜିଉଙ୍କ ପୀଠରୁ ପୁରୀ ଶ୍ରୀମନ୍ଦିରର ଅଭିମୁଖେ ଯାଉଥିବା ପୋଢୁଆଁ ଭାରକୁ ଗୋପ ବଜାର ନିକଟରେ ହଜାର ହଜାର ଭକ୍ତଙ୍କ ସମାବେଶରେ ସ୍ୱାଗତ ଏବଂ ସମ୍ବର୍ଦ୍ଧନା । ଉତ୍କଳୀୟ ପରମ୍ପରା ଅନୁଯାୟୀ ମାମୁଁ ଭଣଜା ସମ୍ପର୍କ ତଥା ପୋଢୁଆଁ ଅଷ୍ଟମୀ ଉପଲକ୍ଷେ



ଶ୍ରୀଜିଉଙ୍କ ମାମୁଁ ଘର ମାଧବାନନ୍ଦ ଜିଉଙ୍କ ମନ୍ଦିରରୁ ଶ୍ରୀମନ୍ଦିର ଯାଉଛି ପୋଢୁଆଁ ଭାର । ଦୀର୍ଘବର୍ଷ ଧରି ଏହି ପରମ୍ପରା ରହିଆସୁଥିବା ବେଳେ ସମୟକ୍ରମେ ଏହାର ପ୍ରଚାର ପ୍ରସାର ବୃଦ୍ଧି ପାଇଛି । ଏହି କାର୍ଯ୍ୟକ୍ରମରେ ଗୋପର ବିଭିନ୍ନ ସଂକୀର୍ତ୍ତନ ମଣ୍ଡଳୀ, ବାଜା, ଘଣ୍ଟ, ହୁଳହୁଳିରେ ପ୍ରକମ୍ପିତ ହୋଇଛି ସମଗ୍ର ଅଞ୍ଚଳ । ଗୋପରେ ବଡଠାକୁରଙ୍କ ପୋଢୁଆଁ ଭାର ପହଞ୍ଚିବା ପରେ ତୁଳସୀ, ଫୁଲ, ଫଳ ଓ ବସ୍ତ୍ର ମହାପ୍ରଭୁଙ୍କୁ ସମର୍ପିତ କରିଥିଲେ ଜଗନ୍ନାଥପ୍ରେମୀ । ଫଳରେ ଚାରିଆଡ଼େ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଥିଲା । ସେହିପରି ଚତୁର୍ଦ୍ଧା ମୂର୍ତ୍ତିଙ୍କ ଉଦ୍ଦେଶ୍ୟରେ ପାଟ ବସ୍ତ୍ର, ପୀଠ ପାଇଁ ବିରି, ନଡ଼ିଆ, ଗୁଡ଼, ଛେନା, କଦଳୀ ସହିତ ବିଭିନ୍ନ ପ୍ରକାର ଫଳମୂଳ, ତୁଳସୀ, ଫୁଲ, ଚନ୍ଦନ, ଅଗୁର ଆଦି ଭାରରେ ଯାଇଥାଏ । ଅଷ୍ଟମୀର ଦିନକ ପୂର୍ବରୁ ଏହି ଭାର ଅଞ୍ଚଳବାସୀଙ୍କ ସହଯୋଗରେ ପୁରୀ ଅଭିମୁଖେ ପଠାଯାଇଥିଲା । ଏହି ପୋଢୁଆଁ ଭାର ଯାତ୍ରାରେ ଗୋପ ବ୍ଲକ ଉପାଧ୍ୟକ୍ଷ ବନରଞ୍ଜନ ପଟନାୟକ, ସାଂସଦ ପ୍ରତିନିଧି ସୁଶାନ୍ତ ସ୍ୱାଇଁ, ମହିଳା ସଭାନେତ୍ରୀ ମିନାକ୍ଷୀ ପୃଷ୍ଟି, ସମାଜସେବୀ ଶ୍ୟାମସୁନ୍ଦର ନାୟକ, ରାଜ କିଶୋର ନାୟକ, ଉଲ୍ଲାସ କୁମାର ପ୍ରଧାନ, ପ୍ରବଚକ ବିମ୍ବାଧର ସେନାପତି ବିଭୁଦତ୍ତ ପାତ୍ର, ପ୍ରଶାନ୍ତ ସେନାପତି ସମେତ ହଜାର ହଜାର ଶ୍ରଦ୍ଧାଳୁ ଗୋପରେ ଭବ୍ୟ ସ୍ୱାଗତ ଓ ସମ୍ବର୍ଦ୍ଧନା କରିଥିଲେ ।

### କେନ୍ଦ୍ର କୃଷି ଓ କୃଷକ ମନ୍ତ୍ରାଳୟର ଆଞ୍ଚଳିକ ସମ୍ମିଳନୀ

# ଓଡ଼ିଶାର କୃଷି ପ୍ରଦର୍ଶନକୁ କେନ୍ଦ୍ରୀୟ ଅଧିକାରୀଙ୍କ ପ୍ରଶଂସା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଶୁକ୍ରବାର ଭୁବନେଶ୍ୱରସ୍ଥିତ ମେଫେୟାର କନଭେନସନରେ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରାଳୟ ଆନୁକୂଲ୍ୟରେ ଆଞ୍ଚଳିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏହି ସମ୍ମିଳନୀରେ ବିହାର, ଛତିଶଗଡ଼, ଝାଡଖଣ୍ଡ, ଓଡ଼ିଶା ଓ ପଶ୍ଚିମବଙ୍ଗର କୃଷି ବିଭାଗର ବରିଷ୍ଠ ଅଧିକାରୀବୃନ୍ଦ ଯୋଗଦେଇଥିଲେ । ସମ୍ମିଳନୀ ଆରମ୍ଭରେ ଓଡିଶା କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପ୍ରମୁଖ ଶାସନ ସଚିବ ଡ଼ ଅରବିନ୍ଦ କୁମାର ପାଢ଼ୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରି କହିଥିଲେ ଯେ, ଓଡ଼ିଶା କୃଷି କ୍ଷେତ୍ରରେ ଜଳବାୟୁ ଅନୁକୂଳ ଚାଷକୁ ପ୍ରୋତ୍ସାହନ ଦେଇ ଜୈବିକ ପଦ୍ଧତିରେ ଚାଷ କରିବା ପାଇଁ ବଳଭଦ୍ର ଜୈବିକ ଚାଷ ଯୋଜନା କରିଛି । କୃଷି କ୍ଷେତ୍ରରେ ଲିଙ୍ଗଗତ ଅସମାନତାକୁ ଦୂର କରିଛି । କୃଷି କ୍ଷେତ୍ରରେ ଟେକ୍ନୋଲୋଜିର ବ୍ୟବହାର କରି ଇ-ଚାଷ ଆପ୍ ଜରିଆରେ ଚାଷ ଜମି ଗୁଡ଼ିକର ଜିଓ ଟ୍ୟାଗିଂ କରିଛି । ଡିଜିଟାଲ କ୍ରପ ସର୍ଭେ ପଦ୍ଧତି ଆପଣେଇ ପ୍ରକୃତ ତଥ୍ୟ ହାସଲ କରି ପାରୁଛି ।




ରାଇସ ଫାଲୋ ମ୍ୟାନେଜମେଂଟ ଜରିଆରେ ୪ ଲକ୍ଷ ହେକ୍ଟର ଚାଷଜମିକୁ ବ୍ୟବହାର କରି ରାଜ୍ୟରେ ୬ ପ୍ରକାର ଡ଼ାଲି ଓ ୨ ପ୍ରକାର ତୈଳବୀଜ ଜାତୀୟ ଫସଲର ଉତ୍ପାଦନ ବୃଦ୍ଧି କରି ପାରିଛି । କିଛିଦିନ ପୂର୍ବରୁ ଅନ୍ତର୍ଜାତୀୟ ଶ୍ରୀ ଅନ୍ନ ଓ ବିସ୍ମୃତ ଖାଦ୍ୟ ସମ୍ମିଳନୀ ଆୟୋଜନ କରି ଓଡ଼ିଶାର ପାରମ୍ପରିକ ଖାଦ୍ୟ ତଥା କୃଷି ଐତିହ୍ୟର ପୁନରୁଦ୍ଧାର ତଥା ପ୍ରଚାର ପ୍ରସାର କରାଯାଇଛି । ମାଇକ୍ରୋସଫ୍ଟ ର ପ୍ରତିଷ୍ଠାତା ବିଲ୍ ଗେଟ୍ସ ଓଡ଼ିଶା ଭ୍ରମଣରେ ଆସିଥିବାବେଳେ ଓଡ଼ିଶାର କୃଷି ଭବନ ପରିଦର୍ଶନ କରିଥିଲେ ଏବଂ ଓଡ଼ିଶାର କୃଷି ସମୃଦ୍ଧି ହେଲ୍ପଲାଇନର କାର୍ଯ୍ୟ ବିଷୟରେ ଜାଣି ପ୍ରଶଂସା କରିଥିଲେ । ସମ୍ମିଳନୀରେ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଥିଲେ ଯେ, ଓଡ଼ିଶା ବର୍ତ୍ତମାନ ଚାଷ ପାଇଁ ଜଳସେଚନ ଭିତ୍ତିଭୂମିକୁ ସୁଦୃଢ଼ କରୁଛି । ନିକଟରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କ୍ୟୁଣ୍ଟାଲ ପିଛା ୩୧୦୦ ଟଙ୍କାକୁ ବୃଦ୍ଧି କରାଯାଇଛି ଏବଂ ଚାଷୀଙ୍କୁ ଇନ୍ପୁଟ ସହାୟତା ପ୍ରଦାନ କରାଯାଉଛି । ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ସଚିବ ଡ଼ ଦେବେଶ ଚତୁର୍ବେଦୀ ଓଡ଼ିଶା କୃଷି ବିଭାଗ ଦ୍ୱାରା ପ୍ରଣୀତ ପ୍ରମୁଖ ଯୋଜନା ଗୁଡ଼ିକର ପ୍ରଶଂସା କରିଥିଲେ । ସମ୍ମିଳନୀରେ ଚାରୋଟି ଅଧିବେଶନରେ ବିଭିନ୍ନ ଯୋଜନାର ସମୀକ୍ଷା କରାଯାଇଥିଲା । ପରେ ପରେ କେନ୍ଦ୍ରୀୟ ଯୋଜନା ଗୁଡ଼ିକ ଯଥା ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା, କୃଷି ଉନ୍ନତି ଯୋଜନା, ପିଏମ୍ ଜନ ଜାତୀୟ ଉନ୍ନତ ଅଭିଯାନ, ଡିଜିଟାଲ ଏଗ୍ରୀକଲଚର ମିଶନ, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ତୈଳବୀଜ ମିଶନ ପ୍ରଭୃତିର ସମୀକ୍ଷା କରାଯାଇଥିଲା । କେନ୍ଦ୍ର ଯୁଗ୍ମ ଶାସନ ସଚିବ ରକ୍ମଣି ଦେବୀ ନମୋ ଡ୍ରୋନ ଦିଦି ବିଷୟରେ ଉପସ୍ଥାପନ କରିଥିଲେ । କେନ୍ଦ୍ର କୃଷି ବିଭାଗ ଯୁଗ୍ମ ଶାସନ ସଚିବ ପୂର୍ଣ୍ଣଚନ୍ଦ୍ର କିଶାନ ଉଦ୍‌ଘାଟନ ଅବସରରେ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଅଧିବେଶନ ଶେଷରେ ଅତିଥି ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ଏବଂ କୃଷି ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ କାର୍ଯ୍ୟକ୍ରମ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।



ଟିକିଟି(ଭାସ୍କର ନ୍ୟୁଜ): ଟିକିଟୀ ବ୍ଲକ ଅନ୍ତର୍ଗତ କରବଲୁଆ ଏନ୍‌ଏସି କ୍ଲଷ୍ଟରରେ ସିଆରସିସି ମିନତି କୁମାରୀ ପାଠୀଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଚଳିତ ମାସର ଶିକ୍ଷକ ପ୍ରଶିକ୍ଷଣ ଶିବିର ନୋଡାଲ ହାଇସ୍କୁଲ ଟିକିଟୀ ପେଣ୍ଠଠାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶିବିରକୁ ବି ଆର ସି ସି ନିଗମାନନ୍ଦ ପଣ୍ଡା ଏବଂ ଅତିରିକ୍ତ ଶିକ୍ଷାଗୋଷ୍ଠୀଅଧିକାରୀ ସୀମାଞ୍ଚଳ ପଣ୍ଡା, ନୋଡାଲ ହାଇସ୍କୁଲର ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ସାହୁ ଅତିଥି ଭାବେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ । ଏଥିରେ ନିର୍ଦ୍ଧାରିତ ଆଲୋଚ୍ୟ ବିନ୍ଦୁ ଯଥା ଶିକ୍ଷକଙ୍କ ଦକ୍ଷତା ବୃଦ୍ଧି, ନଭେମ୍ବର ମାସର ଶୈକ୍ଷିକ କ୍ୟାଲେଣ୍ଡର ଓ ନମୂନା ପାଠ୍ୟ ଯୋଜନା, ମୌଳିକ ସାକ୍ଷରତା ଏବଂ ସଂଖ୍ୟାଜ୍ଞାନ ଶ୍ରେଣୀ କାର୍ଯ୍ୟକ୍ରମ ଏବଂ ତା'ର ସଫଳ ପରିଚାଳନା, ପରଖ ରାଷ୍ଟ୍ରୀୟ ସର୍ବେକ୍ଷଣ , କ୍ୟାରିଅର ମାର୍ଗଦର୍ଶନ ପୋର୍ଟାଲ ପ୍ରଭୃତି ଉପରେ ଆଲୋଚନା କରାଯାଇଥିଲା । ଶିବିରରେ ନୋଡାଲ ହାଇସ୍କୁଲ ଟିକିଟୀ ପେଣ୍ଠ, ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କରବଲୁଆ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପାଣ୍ଡିରୀ, ବାଳିକା ପ୍ରାଥମିକ ବିଦ୍ୟାଳୟ ଟିକିଟୀ ପେଣ୍ଠ, ପ୍ରାଥମିକ ବିଦ୍ୟାଳୟ ବଡ଼ ଗାଁ, ଭୋଳାସିଙ୍ଗି, କୋଳଥିଆ, ଲିଆଖାଇ ଏବଂ କୁମ୍ଭକାର ସାହିରୁ ପ୍ରଧାନଶିକ୍ଷକଙ୍କ ସହ ଶ୍ରେଣୀ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହିଥିଲେ । ଶିବିର କାର୍ଯ୍ୟକ୍ରମ ବେଶ୍ ଶୃଙ୍ଖଳିତଥିବା ସମସ୍ତେ ଅନୁଭବ କରିଥିଲେ ।

# ଚାଷୀଙ୍କଠାରୁ ଧାନ ସଂଗ୍ରହ ନିମନ୍ତେ ଉପ-ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା



ଢେଙ୍କାନାଳ(ଭାସ୍କର ନ୍ୟୁଜ): ସ୍ଥାନୀୟ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ସମ୍ପ୍ରତି ଚାଷୀଙ୍କ ଠାରୁ ଧାନ ସଂଗ୍ରହ ନିମନ୍ତେ ଉପ-ମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ପର୍ଯ୍ୟଟନ ଓ ମିଶନ ଶକ୍ତି ମନ୍ତ୍ରୀ ପ୍ରଭାତି ପରିଡାଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ସରକାରଙ୍କ ପ୍ରତିଶୃତି ଅନୁଯାୟୀ, ବିନା କଟ୍‌ନୀ ଛଟ୍‌ନୀରେ ଚାଷୀଙ୍କ ଠାରୁ ସମସ୍ତ ଧାନ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କାରେ କ୍ରୟ କରାଯିବ ବୋଲି ଉପ-ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି । ଆଗାମୀ ଜାନୁଆରୀ ୮ରୁ ଜିଲ୍ଲାରେ ୧୬ଟି ମିଲରଙ୍କ ଜରିଆରେ ପ୍ରାୟ ୧୫ଲକ୍ଷ କ୍ୱିଣ୍ଟାଲ୍ ଧାନ ସଂଗ୍ରହ କରାଯିବ । ଏଥି ନିମନ୍ତେ ବିଭାଗୀୟ ଅଧିକାରୀ ଓ ସଂପୃକ୍ତ ସ୍ୱୟଂ ସହାୟକ ଗୋଷ୍ଠୀମାନେ ଟିମ୍ ସ୍ପିରିଟ୍‌ରେ କାମ କରିବାକୁ ସେ ପରାମର୍ଶ ଦେଇଛନ୍ତି । ସମସ୍ତ ମଣ୍ଡିକୁ ଯେପରି ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ହେବ, ସେଥିପ୍ରତି ଯତ୍ନବାନ୍ ହେବାକୁ ସେ କହିଥିଲେ । ମାନବିକତା ଦୃଷ୍ଟି କୋଣରୁ ଚାଷୀଙ୍କ ଠାରୁ ଧାନ କ୍ରୟ ନିମନ୍ତେ ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥା କରିବାକୁ ସେ ପରାମର୍ଶ ଦେବା ସହ ଚାଷୀମାନେ କୌଣସି ପ୍ରକାରର ଅସୁବିଧାର ସମ୍ମୁଖୀନ ହେଲେ କାର୍ଯ୍ୟ ଖିଲାପ କରିଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ସତର୍କ କରାଇ ଦେଇଥିଲେ । ଆବଶ୍ୟକ ହେଲେ ଅଧିକ ମଣ୍ଡି ଖୋଲାଯାଇ ଚାଷୀଙ୍କ ଠାରୁ ଧାନ କ୍ରୟ କରାଯିବ ବୋଲି ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ପ୍ରକାଶ କରିଥିଲେ । ବିନା କଟ୍‌ନୀ-ଛଟ୍‌ନୀରେ ସମସ୍ତ ଧାନ କ୍ରୟ କରାଯିବାକୁ ଥିବାରୁ ଚାଷୀ ଭାଇମାନେ ଯଥା ସମ୍ଭବ ସଫା ସୁତୁରା ଧାନ ଆଣିବାକୁ ପରାମର୍ଶ ଦେଇଛନ୍ତି । ଆର୍‌ସିସି ପକ୍ଷରୁ ଚାଷୀଙ୍କୁ ସମସ୍ତ ପ୍ରକାରର ସୂଚନା ପ୍ରଦାନ କରାଯିବ ବୋଲି ସେ ପ୍ରକାଶ କରିଥିଲେ । ସମସ୍ତ ଚାଷୀ ଯେପରି ନିଜ ନିଜର ଧାନ ସୁରୁଖୁରୁରେ ବିକ୍ରି କରିପାରିବେ ସେଥିପ୍ରତି ବିଶେଷ ଧ୍ୟାନ ଦିଆଯିବ ବୋଲି ସେ କହିଥିଲେ । ବୈଠକରେ ସାଂସଦ ରୁଦ୍ର ନାରାୟଣ ପାଣି, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ମନ୍ତ୍ରୀଙ୍କ ପ୍ରତିନିଧି ରାମଚନ୍ଦ୍ର ପାତ୍ର, ଧାନ ସଂଗ୍ରହ ବେଳେ ସଂପୃକ୍ତ ଅଧିକାରୀ ଓ ମିଲରମାନେ ମାନବିକତାକୁ ଦୃଷ୍ଟିରେ ରଖି ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେବା ସହିତ ଚାଷୀ ଭାଇମାନେ ଯେପରି ୨୪ ରୁ ୪୮ ଘଣ୍ଟା ମଧ୍ୟରେ ନିଜର ଧାନ ବିକ୍ରି ପ୍ରାପ୍ୟ ପାଇପାରିବେ ସେଥିପ୍ରତି ଗୁରୁତ୍ୱାରୋପ କରିଥିଲେ । ବୈଠକରେ ଆରକ୍ଷୀ ଅଧୀକ୍ଷକ ଅଭିନବ ସୋନକର, ଅତିରିକ୍ତ ଜିଲ୍ଲାପାଳ ଲଳିତ ମୋହନ ବେହେରାଙ୍କ ସମେତ ବିଭାଗୀୟ ଅଧିକାରୀ, ବିଡିଓ ଏବଂ ତହସିଲଦାର ଉପସ୍ଥିତ ଥିଲେ ।

# କାକଟିଆ-ଗିରିଗୋଲା ରାସ୍ତା ପାଲଟିଛି ମରଣଯନ୍ତା



ଡେରାବିଶ(ଭାସ୍କର ନ୍ୟୁଜ): ଡେରାବିଶ ବ୍ଲକ ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ କାକଟିଆ ବଜାର ଠାରୁ ମୁକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ଗିରିଗୋଲା ଯାଏ ଯାଇଥିବା ରାସ୍ତାଟି ମରଣଯନ୍ତା ପାଲଟିଛି । ଏହି ରାସ୍ତା ଉପରେ ଉଭୟ ଚାନ୍ଦୋଳ ଓ ମୁକୁନ୍ଦପୁର ପଞ୍ଚାୟତର ଭଣଗାଁ, ଲହଣ, ପବିତ୍ରପଡ଼ା, ନଚ୍ଛିପୁର, ପାଣିଓଲା, ଶ୍ରୀଧରପୁର, ପାର୍ବତୀପୁର ଓ ଡାବଲର ଜନସାଧାରଣ ମୁଖ୍ୟତ ବ୍ୟବହାର କରୁଥିବା ବେଳେ ଏହି ରାସ୍ତାଟି କେନ୍ଦ୍ରାପଡ଼ା କେନାଲ୍‌ର ୧୧ ନଂ ଶାଖା ନାଳବନ୍ଧ ଓ ଏହାର ପ୍ରଶାଖା କେନାଲ୍ ବନ୍ଧ ଉପରେ ନିର୍ମିତ ହୋଇଛି । ଏଥିସହିତ ସ୍ଥାନୀୟ ଅଞ୍ଚଳର ହଜାର ହଜାର ଲୋକ ଦୈନିଦିନ ପବିତ୍ର ଲୁଣାନଦୀ କୂଳରେ ଥିବା ଯଅଁରାବାରିମୂଳ ପଞ୍ଚାୟତ ଅନ୍ତର୍ଗତ ଅର୍ତାମୂଳସ୍ଥିତ ଖଲାରେଶ୍ୱର ପୀଠ, ଐତିହାସିକ ସ୍ଥଳ ଡାବଲସ୍ଥିତ କବିସୂର୍ଯ୍ୟ ବ୍ରହ୍ମା ମଠକୁ ଯାଇଥାନ୍ତି । ସେହିପରି ଶହଶହ ଛାତ୍ରଛାତ୍ରୀ ନିକଟସ୍ଥ ଗଣେଶପୁରସ୍ଥିତ ଲାଲବାହାଦୂର ଶାସ୍ତ୍ରୀ ବିଦ୍ୟାପୀଠ ଓ ଅସୁରେଶ୍ୱରସ୍ଥିତ ସୁଭଦ୍ରାମହତାବ ବିଦ୍ୟାଳୟକୁ ଯିବା ପାଇଁ ମଧ୍ୟ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି । ଏଥିସହିତ ଏହି ରାସ୍ତା କଡ଼ରେ ରହିଥିବା ଚାନ୍ଦୋଳ ରାଜସ୍ୱ ନୀରିକ୍ଷକଙ୍କ କାର୍ଯ୍ୟାଳୟ ଓ ଜଳସେଚନ ବିଭାଗର କାର୍ଯ୍ୟାଳୟ ମଧ୍ୟ ରହିଛି । ଏହି ରାସ୍ତାଟି ଏତେ ଅଣଓସାରିଆରେ ରାସ୍ତା ଗୋଟିଏ ଚୋଟ ଚାରିଚକିଆ ଯାନଟିଏ ଗଲେ ଏହାକୁ ବାଇକ୍ ଆରୋହୀ ଅତିକ୍ରମ କରିବା ଅତ୍ୟନ୍ତ କଷ୍ଟସାଧ୍ୟ । ତୁରନ୍ତ ଏହି ରାସ୍ତାଟିକୁ ଚଉଡ଼ା ଓ ମରାମତି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

## ପୋଖରୀରେ ବୁଡି ବୃଦ୍ଧଙ୍କ ମୃତ୍ୟୁ

କୋଦଳା(ଭାସ୍କର ନ୍ୟୁଜ): ଗଞ୍ଜାମ ଜିଲ୍ଲା ବେଗୁନିଆପଡା ଥାନା ଅନ୍ତର୍ଗତ କେ. ବରିଡା ଗ୍ରାମର ହାଇସ୍କୁଲ ଛକ ନିକଟରେ ଥିବା ବଗଡ଼ ପାହାର ଶତ୍ରୁଘନ ଗାଡ଼ିଆରେ ବୁଡି ଜଣେ ବୃଦ୍ଧ ମୃତ୍ୟୁବରଣ କରିଛନ୍ତି । ଏହି ଗ୍ରାମର ଗଙ୍ଗା କହଁରଙ୍କ ପୁଅ ବୀଣା କହଁର ଗାଧୋଇବା ପାଇଁ ଉକ୍ତ ଗାଡ଼ିଆକୁ ଯାଇଥିବା ବେଳେ ବୁଡି ଯାଇଥିଲେ । ଗାଡ଼ିଆକୁ ଗାଧୋଇବା ପାଇଁ ଯାଇଥିବା ଅନ୍ୟ ଲୋକେ ବୀଣା ଭାସୁଥିବା ଦେଖି ତାଙ୍କ ପରିବାରକୁ ଖବର ଦେଇଥିଲେ । ପରିବାର ଲୋକେ ଘଟଣା ସ୍ଥଳରେ ପହଞ୍ଚି ବୀଣାଙ୍କୁ ଉଦ୍ଧାର କରିଥିଲେ । ତେବେ ସେତେବେଳେକୁ ବୀଣା ମୃତ୍ୟୁବରଣ କରିଥିଲେ । ବୀଣାଙ୍କ ପୁଅ ବିଜୟ କହଁର ବେଗୁନିଆପଡା ପୋଲିସକୁ ଖବର ଦେଇଥିଲେ । ଏସ ଆଇ ଜଗଦିଶ ପଣ୍ଡା ଓ ପୋଲିସ ମୃତ ଦେହକୁ ଉଦ୍ଧାର କରିବା ସହ ଅପମୃତ୍ୟୁ ମାମଲା ୧୫/୨୦୨୪ ରୁଜୁ କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ଥାନା ଅଧିକାରୀ ଅନିଲ କୁମାର ପରିଡା ସୂଚନା ଦେଇଛନ୍ତି ।

## ସଟର ତାଲା ଭାଙ୍ଗି ଏଟିଏମ୍ ଲୁଟ୍ ପଣ୍ଡ

ଢେଙ୍କାନାଳ(ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲା ତୁମୁସିଙ୍ଗା ଥାନା ଅଁଳାବେରେଣୀ ଗ୍ରାମ ମାର୍କେଟରେ ଥିବା ବ୍ୟାଙ୍କ ଅଫ ବରୋଦାର ଏଟିଏମ୍ ଲୁଟ୍ ଉଦ୍ୟମ ପଣ୍ଡ ହୋଇଛି । ଦୁର୍ବୃତ୍ତମାନେ ବିଳମ୍ବିତ ରାତିରେ ଏଟିଏମ୍ ସଟର ତାଲା ଭାଙ୍ଗିବା ସହ ସିସିଟିଭି ତାର କାଟି ଦେଇଥିଲେ । ଏପରିକି ରାତିରେ ଏଟିଏମ୍ ପାଖରେ ବସି ଖାଦ୍ୟ ଖାଇଥିଲେ । ତାପରେ ଏଟିଏମ ଲୁଟ ପାଇଁ ଉଦ୍ୟମ କରିଥିଲେ । ୪ରୁ ୫ ଜଣ ଏହି ଲୁଟ୍‌ରେ ସାମିଲ ଥିବେ ବୋଲି ଅନୁମାନ କରାଯାଇଛି । ତେବେ ଏଟିଏମ୍ ଲୁଟିବା ସେମାନଙ୍କ ପକ୍ଷେ ସେତେ ସହଜ ହୋଇନଥିଲା । ଏଟିଏମ୍‌ରେ ଥିବା ଟଙ୍କା ଓ ଏଟିଏମ୍ ମେସିନ ସୁରକ୍ଷିତ ଥିବା ବ୍ୟାଙ୍କ ପରିଚାଳିକା ପ୍ରକାଶ କରିଛନ୍ତି । ଏ ନେଇ ତୁମୁସିଙ୍ଗା ପୋଲିସ ଖବର ପାଇବା ପରେ ତଦନ୍ତ ଆରମ୍ଭ କରିଛି ।

# ଖରିଫ ବିକ୍ରୟ ବର୍ଷ ୨୦୨୪-୨୫ ନିମନ୍ତେ ଧାନର ମାନକ ପ୍ରଶିକ୍ଷଣ ଶିବିର



ମାଲକାନଗିରି(ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲାସ୍ତରୀୟ ୨୦୨୪-୨୫ ଖରିଫ ବିକ୍ରୟ ବର୍ଷ ପାଇଁ ମଣ୍ଡି ସୁପରିଚାଳନା ଓ ଧାନର ମାନକ ପ୍ରଶିକ୍ଷଣ ଶିବିର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ ୨୦୨୪-୨୫ ଖରିଫ ବିକ୍ରୟ ବର୍ଷ ପାଇଁ ନିଯୁକ୍ତ ମଣ୍ଡି ନୋଡାଲ ଅଫିସର ଓ ସୁପରଭାଇଜିଂ ଅଫିସରଙ୍କୁ ଚଳିତ ବର୍ଷ ପାଇଁ କିପରି ସୁରୁଖୁରରେ ଧାନ କ୍ରୟ କରାଯିବ ସେଥି ନିମନ୍ତେ ଗୁରୁତ୍ୱାରୋପ କରିଥିଲେ । ପ୍ରାରମ୍ଭରେ ଜିଲ୍ଲା ଯୋଗାଣ ଅଧିକାରୀ ମନମୋହନ ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । କିପରି ଏଫଏକ୍ୟୁ ଧାନ ସଂଗ୍ରହ କରାଯିବ ଓ ମଣ୍ଡିରେ ନୋଡାଲ ଓ ସୁପରଭାଇଜିଂ ଅଫିସର ନିଜ ପଂଜିକୃତ ମୋବାଇଲରେ ଲଗଇନ କରି କୃଷକଙ୍କ ସମସ୍ୟା ଉଲ୍ଲେଖ ଓ ସମାଧାନ କରିବେ ତାହା ବିସ୍ତୃତରେ ମାଷ୍ଟର ଟ୍ରେନର କାହ୍ନୁଚରଣ ସାମନ୍ତରାୟ ପ୍ରଦାନ କରିଥିଲେ । ଏହା ପରେ ଧାନର ମାନକ ବିଷୟରେ ପ୍ରଶିକ୍ଷଣ ଦିଆଯାଇଥିଲା । ତତସହିତ ଏଫଏକ୍ୟୁ ଧାନର ମାନର ପରୀକ୍ଷଣ ଉପରେ ପ୍ରଶିକ୍ଷଣ ପ୍ରଦାନ କରଯାଇଥିଲା । ଧାନ କ୍ରୟରେ ବ୍ୟବହୃତ ବିଭିନ୍ନ ଯନ୍ତ୍ରପାତି ବ୍ୟବହାର ସମ୍ବନ୍ଧରେ ଆଲୋଚନା କରାଯାଇଥିଲା । ଶେଷରେ ଉପ ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ ଧନ୍ୟବାଦ ଅର୍ପଣ କରି ପ୍ରଶିକ୍ଷଣ ଶେଷ କରିଥିଲେ । ସୁପରଭାଇଜିଂ ଅଫିସର ଭାବେ ବିଡିଓ, ଏବିଡିଓ, ତହସିଲଦାର ଓ ଅତିରିକ୍ତ ତହସିଲଦାର ଯୋଗ ଦେଇ ଥିବା ବେଳେ ନୋଡାଲ ଅଫିସର ଭାବେ ଆରଆଇ, ଭିଏଡ଼ବ୍ଲ୍ୟୁ ଓ ପିଇଓ ଉପସ୍ଥିତ ଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସଦର ଅତିରିକ୍ତ ଯୋଗାଣ ଅଧିକାରୀ ମୁରଲୀ କ୍ରିଷ୍ଣା ରାଓ, ଏସିଏସଓ, ପ୍ରଦୀପ କୁମାର ଦାସ ଓ ବୁଦ୍ଧଦେବ ଜେନା ଉପସ୍ଥିତ ଥିଲେ ।

# ବାଳିକା ବିଦ୍ୟାଳୟରେ ପୋଷାକ ବିତରଣ ଉତ୍ସବ



କୁଜଙ୍ଗ(ଭାସ୍କର ନ୍ୟୁଜ): ଜଗତସିଂହପୁର ଜିଲ୍ଲା, କୁଜଙ୍ଗ ବ୍ଲକ୍ ଅନ୍ତର୍ଗତ ପାରାଦ୍ୱୀପଗଡ ଗ୍ରାମ ପଞ୍ଚାୟତର ନୀମିଡ଼ି ଠାରେ ଅବସ୍ଥିତ ପାରେଶ୍ୱର ଉଚ୍ଚ ବାଳିକା ବିଦ୍ୟାଳୟ ରାଜ୍ୟର ଏକ ବୃହତ ଜନଜାତି ବାଳିକା ଆବାସିକ ବିଦ୍ୟାଳୟ । ଏହା ରାଜ୍ୟ ସରକାରଙ୍କ ଜନଜାତି ବିଭାଗ ଦ୍ୱାରା ପରିଚାଳିତ । ଏହି ବିଦ୍ୟାଳୟରେ ୩୬୩ ଜଣ ଛାତ୍ରୀ ଅଧ୍ୟୟନ କରନ୍ତି । ଏହି ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପାରାଦ୍ୱୀପ ଗଡ ଗ୍ରାମ ପଞ୍ଚାୟତ ସରପଞ୍ଚ ସସ୍ମିତା ବେହେରା ଯୋଗଦେଇ ଛାତ୍ରୀମାନଙ୍କୁ ପୋଷାକ ବିତରଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ସ୍କୁଲ ଅଭିଭାବକ କମିଟିର ସଭାନେତ୍ରୀ ମୋନାଲିସା ସ୍ୱାଇଁ ସଭାପତିତ୍ୱ କରିଥିବା ବେଳେ ବିଜୟ କୁମାର ମୁଦୁଲି ସଭା ପରିଚାଳନା କରିଥିଲେ । ଏଥିରେ ପ୍ରଧାନ ଶିକ୍ଷକ ବାସୀର କୁଲୁ ସ୍କୁଲର ବିବରଣୀ ପାଠ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷୟିତ୍ରୀ ତୃପ୍ତି ଦାସ, ସ୍ୱୟଂ ପ୍ରଭା ସାହୁ ଓ ରାଜକିଶୋର ପ୍ରତିହାରୀ ପ୍ରମୁଖ ପୋଷାକ ବିତରଣରେ ସହଯୋଗ କରିଥିଲେ ।

## ନିଯୁକ୍ତି ସମସ୍ୟା ନେଇ ସାଂସଦଙ୍କୁ ଭେଟିଲେ ପଥରମୁଣ୍ଡାର ୩୩ ପରିବାର

କଣିହାଁ(ଭାସ୍କର ନ୍ୟୁଜ): କଣିହାଁ ଖୋଲା କୋଇଲା ଖଣି ଦ୍ୱାରା କ୍ଷତିଗ୍ରସ୍ତ ପଥରମୁଣ୍ଡା ଗ୍ରାମର ୩୩ ପରିବାର ନିଯୁକ୍ତି ସମସ୍ୟା ନେଇ ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣିଙ୍କୁ ଭେଟି ଜଣାଇଛନ୍ତି । ଏନ୍‌ଟିପିସି ଗେଷ୍ଟ ହାଉସଠାରେ ଗୁରୁବାର ରାତିରେ କ୍ଷତିଗ୍ରସ୍ତ ପରିବାର ସାଂସଦକୁ ସାକ୍ଷାତ କରି ନିଯୁକ୍ତି ସମ୍ପର୍କରେ ଆଲୋଚନା କରିଛନ୍ତି । ତେବେ ପୂର୍ବରୁ ଏଥିନେଇ ପ୍ରଶାସନକୁ ବାରମ୍ବାର ଅବଗତ କରୁଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ । ଫଳରେ କ୍ଷତିଗ୍ରସ୍ତ ପରିବାର ବହୁ ମାନସିକ ଅଶାନ୍ତି ମଧ୍ୟରେ କାଳାତିପାତ କରୁଥିବା କଥା ସାଂସଦଙ୍କୁ କହିଥିଲେ । ସାଂସଦ ସେମାନଙ୍କ ବିଷୟ ଶୁଣି ଏବିଷୟରେ ଉପରିସ୍ଥ ଅଧିକାରୀଙ୍କ ସହ କଥାବାର୍ତ୍ତା ହୋଇ ସମାଧାନ କରିବା ପାଇଁ ଚେଷ୍ଟା କରିବେ ବୋଲି କ୍ଷତିଗ୍ରସ୍ତ ପ୍ରଜାଙ୍କୁ ଆଶ୍ୱାସନା ଦେଇଥିବା କହିଛନ୍ତି କ୍ଷତଗ୍ରସ୍ତ ପରିବାର । କ୍ଷତିଗ୍ରସ୍ତ ପରିବାର ପକ୍ଷରୁ ଯତିନ୍ଦ୍ର ସାହୁ, ଗିରିଜା ସାହୁ, ବିଜୟ ଦାସ, ସମିର ଦାସ, ଅଞ୍ଜଳି ବାରିକ, ଅନ୍ନପୂର୍ଣ୍ଣା ଦାସ, ଜଳିବାଳା ଦାସ, ଧନେଶ୍ୱର ବାରିକ, ସଞ୍ଜୟ ଦାସ ପ୍ରମୁଖ ସାଂସଦଙ୍କୁ ଭେଟିଥିଲେ ।

# ବ୍ୟାଙ୍କ ପକ୍ଷରୁ ସ୍ୱୟଂ ସହାୟକ ଗୋଷ୍ଠୀକୁ ଋଣ ପ୍ରଦାନ




ଧାମନଗର(ଭାସ୍କର ନ୍ୟୁଜ): ଧାମନଗର ବ୍ଲକ ଅନ୍ତର୍ଗତ ନଦୀଗାଁ ପଞ୍ଚାୟତ ନଦୀଗାଁଠାରେ ଥିବା ପିଏନବି ବ୍ୟାଙ୍କ ପରିସର ଅନୁଷ୍ଠିତ ହୋଇଛି ଋଣ ମେଳା । ଯେଉଁ ଋଣ ମେଳାରେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନେ ଯୋଗ ଦେଇଥିବା ବେଳେ ମହିଳାମାନେ ଋଣ ନେଇ କିଭଳି ଆତ୍ମନିର୍ଭରଶୀଳ ହେବା ଏନେଇ ବ୍ୟାଙ୍କ ପକ୍ଷରୁ ମଧ୍ୟ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । ଯେଉଁ ଋଣ ମେଳାରେ ବାଲେଶ୍ୱରର ଚିଫ୍ ସର୍କଲ ବିଶ୍ୱଜିତ୍ ବିଶ୍ୱାଳ ପ୍ରଶିକ୍ଷଣ ପ୍ରଦାନ କରିଥିବା ବେଳେ ଶତାଧିକ ମହିଳା ମାନେ ଯୋଗ ଦେଇଥିଲେ । ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପରେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀକୁ ୬ ଲକ୍ଷ ଲେଖାଏଁ ଟଙ୍କା ଚେକ୍ ପ୍ରଦାନ ବ୍ୟାଙ୍କ ପକ୍ଷରୁ ଋଣ ପ୍ରଦାନ କରାଯାଇଥିଲା । ଏହି ଋଣ ମେଳା ଅବସରରେ ଶାଖା ପରିଚାଳକ ସୂର୍ଯ୍ୟକାନ୍ତ ମହାନ୍ତି, ପୂର୍ବତନ ଶାଖା ପରିଚାଳକ ତପନ କୁମାର ସାହୁ, କ୍ୟାସିୟର ସୁରେନ୍ଦ୍ର ବେହେରା, ମୃତ୍ୟୁଞ୍ଜୟ ପଣ୍ଡା, ଫିଲ୍ଡ ଅଫିସର ଚିନ୍ମୟୀ ସେଠୀ, କୃଷି ଅଧିକାରୀ ଶିବମ୍ ଶୋନି, ବ୍ୟାଙ୍କ ମିତ୍ର ଝରଣା ପତି ସହ କର୍ମଚାରୀ ଅନୁସୟା ନାୟକ ଓ ସସ୍ମିତା ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ହିନ୍ଦୀ ଶିକ୍ଷୟିତ୍ରୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା



ଧାମନଗର(ଭାସ୍କର ନ୍ୟୁଜ): ଧାମନଗର ବ୍ଲକ ବମକୁରା ସରକାରୀ ଉଚ୍ଚ ବିଦ୍ୟାଳୟର ହିନ୍ଦୀ ଶିକ୍ଷୟତ୍ରୀ ମଞ୍ଜୁଶ୍ରୀ କରଶର୍ମାଙ୍କ ଅବସର କାଳୀନ ସମ୍ବର୍ଦ୍ଧନା ସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ସଭାରେ ପ୍ରଧାନ ଶିକ୍ଷକ ସତ୍ୟପ୍ରିୟ ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ । ମୁଖ୍ୟଅତିଥି ଭାବେ ପୂର୍ବତନ ପ୍ରଧାନ ଶିକ୍ଷକ ରମାକାନ୍ତ ପରିଡା, ମୁଖ୍ୟ ବକ୍ତା ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ହୋତା, ସମ୍ମାନିତ ଅତିଥି ଭାବେ ପୂର୍ବତନ ଶିକ୍ଷକ ହରିହର ସାମଲ, କାଳନ୍ଦୀ ଚରଣ ଦ୍ୱିବେଦୀ, ହେମନ୍ତ ସୁତାର, ସୁଜାତା ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ । ୧୯୯୨ ମସିହାରୁ ହିନ୍ଦି ଶିକ୍ଷୟତ୍ରୀ ଭାବେ ଚାକିରି ଜିବନ ଆରମ୍ଭ କରି ଶେଷରେ ବମକୁରା ସରକାରୀ ଉଚ୍ଚ ବିଦ୍ୟାଳୟରୁ ଅବସର ଗ୍ରହଣ କରିଛନ୍ତି । ଶୁକ୍ରବାର ଏହି ଅବସରରେ ଶ୍ରୀମତୀ କରଶର୍ମାଙ୍କୁ ଉପଢୌକନ ଓ ମାନପତ୍ର ପ୍ରଦାନ ପୂର୍ବକ ଅବସର କାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ଉଜ୍ଜଳ ଦଳେଇ, ସୁଭଲକ୍ଷ୍ମି ସାହୁ, କାଳୀଚରଣ ମାରାଣ୍ଡି, ଆଶିଷ କୁମାର ମଲ୍ଲିକ, ମଧୁସୂଦନ ମାଝୀ, ମାନସ ରଞ୍ଜନ ନାୟକ, ପୂର୍ଣ୍ଣିମା ଦାସ, ସସ୍ମିତା ବଳ, ପ୍ରଣବ କିଶୋର ଦାସ, ସାଗରିକ ମିଶ୍ର, ଶଶିକାନ୍ତ ମଣ୍ଡଳ, ଆନନ୍ଦ ଚନ୍ଦ୍ର ପାଗଳ, କମଳ ଲୋଚନ ସେଠୀ ପ୍ରମୁଖ ସହଯୋଗ କରିଥିଲେ । ପ୍ରାରମ୍ଭରେ ଛାତ୍ରୀ ଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରା ଯାଇଥିଲେ ।

## ଦୋଲସାହି ପଞ୍ଚାୟତରେ ରାସ୍ତା ନିର୍ମାଣ କାର୍ଯ୍ୟ ନିମ୍ନମାନର ଅଭିଯୋଗ

ତିହିଡ଼ି(ଭାସ୍କର ନ୍ୟୁଜ): ଭଦ୍ରକ ଜିଲା ତିହିଡ଼ି ବ୍ଲକ ଦୋଲସାହି ପଞ୍ଚାୟତ ଅଧୀନ ୧୦ନମ୍ବର ୱାର୍ଡ଼ର ରାମସାହୁ ଘର ଠାରୁ ରମାକାନ୍ତ ସୂତାର ଘର ପର୍ଯ୍ୟନ୍ତ ସିଏଫସି ଯୋଜନାରେ ୨ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ରାସ୍ତା ନିର୍ମାଣ କାର୍ଯ୍ୟ ନିମ୍ନମାନର ହେଉଥିବା ଅଭିଯୋଗ ହେଉଛି । ଏ ସମ୍ପର୍କରେ ପୂର୍ବତନ ସରପଞ୍ଚ ସୁଶାନ୍ତ କୁମାର ସେଠୀ, ପୂର୍ବତନ ସମିତିସଭ୍ୟ ଦାଶରଥି ମହାପାତ୍ର, ପବିତ୍ରମୋହନ ସେଠୀ, ଶ୍ରୀଧର ଜେନା, ବୃନ୍ଦାବନ ନାଥ, କୃତିବାସ ସାମଲ, ଯଯାତି ନାଥ, ରମାକାନ୍ତ ଜେନା, ରାମକୃଷ୍ଣ ବେହେରା, ସତ୍ୟବ୍ରତ ସେଠୀ, ଭାସ୍କର ଚନ୍ଦ୍ର ଓଝା, ପୁଷ୍ପାଞ୍ଜଳି ନାୟକ ପ୍ରମୁଖ ବିଡିଓଙ୍କ ନିକଟରେ ଅଭିଯୋଗ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି । ଅଭିଯୋଗରୁ ପ୍ରକାଶ ଯେ, ପଞ୍ଚାୟତର ୧୦ ନମ୍ବର ୱାର୍ଡ଼ର ରାମସାହୁ ଘର ଠାରୁ ରମାକାନ୍ତ ସୂତାର ଘର ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଛି । ଏହି ରାସ୍ତା ନିର୍ମାଣ କାର୍ଯ୍ୟ ନିମ୍ନମାନର ହେଉଛି । ରାସ୍ତା ନିର୍ମାଣ କାର୍ଯ୍ୟ ନିମ୍ନମାନର ହେଲେ ଲୋକମାନେ ଭବିଷ୍ୟତରେ ଅସୁବିଧାର ସମ୍ମୁଖୀନ ହେବେ । ରାସ୍ତା ନିର୍ମାଣ କାର୍ଯ୍ୟ ଠିକ୍ ଭାବେ ହେବା ଆବଶ୍ୟକ । ତେବେ ବିଡିଓ ଏଥିପ୍ରତି ଦୃଷ୍ଟି ଦେଇ ସଠିକ୍ ଭାବେ ତଦନ୍ତ କରି ପଦକ୍ଷେପ ନେବାକୁ ଦାବି କରାଯାଇଛି । ଏ ସମ୍ପର୍କରେ ବିଡିଓ ଜ୍ୟୋତିର୍ମୟ କରଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ଅଭିଯୋଗର ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ ।

# ବ୍ଲକ୍‌ସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ମେଳା



ଗରଦପୁର(ଭାସ୍କର ନ୍ୟୁଜ): ଗରଦପୁର ବ୍ଲକ୍ ଅନ୍ତର୍ଗତ ପାଟକୁରା ସରକାରୀ ହାଇସ୍କୁଲ ପଡ଼ିଆରେ ବ୍ଲକସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୋଟ ୭୨ ଷ୍ଟଲରେ ସ୍କୁଲର ଛାତ୍ରଛାତ୍ରୀ ମାନେ ଭିନ୍ନ ଭିନ୍ନ ପ୍ରୋଜେକ୍ଟ ମାନ ପ୍ରଦର୍ଶିତ କରି ନିଜ ଭିତରେ ଥିବା ଜ୍ଞାନ କୈଶଳ କୁ ପରିପ୍ରକାଶ କରିଥିଲେ । ସେଥିମଧ୍ୟରୁ ୭ଗୋଟି ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଅତ୍ୟନ୍ତ ଉନ୍ନତମାନର ବିଜ୍ଞାନ ସମ୍ବନ୍ଧିୟ ପ୍ରୋଜେକ୍ଟ ଗୁଡିକର ଉପସ୍ଥାପନା ପାଇଁ ପୁରସ୍କୃତ କରାଯାଇଥିଲା । ଏହି ବାଲ୍ ବୈଜ୍ଞାନିକ ମେଳାରେ ପାଟକୁରା ହାଇସ୍କୁଲର ଛାତ୍ରୀ ଥିବା ପ୍ରଜ୍ଞା ପରୀମିତା ବେହେରାଙ୍କୁ ପ୍ରଥମ ବିଜେତା ଭାବରେ ଘୋଷଣା କରାଯାଇଥିଲା । କାର୍ଯ୍ୟକ୍ରମରେ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ମୁଖ୍ୟ ଅତିଥି ଭାବରେ ଯୋଗଦେଇ କୃତି ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ଉପଢୌକନ ଦେଇ ପୁରସ୍କୃତ କରିଥିବା ବେଳେ ମୁଖ୍ୟ ବକ୍ତା ଭାବେ ବ୍ଲକ ଅଧ୍ୟକ୍ଷ ଅଭୟ ମହାରାଜ, ସମ୍ମାନୀୟ ଅତିଥି ଭାବେ ସରପଞ୍ଚ ଗୀତାଞ୍ଜଳୀ ମହାନ୍ତି, ସମିତି ସଭ୍ୟ ରାକେଶ ମହାପାତ୍ର ଯୋଗଦାନ କରିଥିଲେ । ସଭାକୁ ପ୍ରଧାନ ଶିକ୍ଷକ ନୃସିହଁ ଚରଣ ସେନାପତି ପରିଚାଳନା କରିଥିବା ବେଳେ ଏବିଓ ବଳଭଦ୍ର ଉପାଧ୍ୟେୟ ଧନ୍ୟବାଦ ଅର୍ପଣ କରିଥିଲେ ।

# ଦୋଳଗୋବିନ୍ଦପୁର ଗ୍ରାମରେ ୨ ଗୋଷ୍ଠୀ ମୁହାମୁହିଁ

ଭଣ୍ଡାରିପୋଖରୀ(ଭାସ୍କର ନ୍ୟୁଜ): ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ଦୋଳଗୋବିନ୍ଦପୁର ଗ୍ରାମରେ ୨ ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି । ହାଇକୋର୍ଟ ଆଦେଶ ବଳରେ ଗତ ୧୯ ତାରିଖରେ ପ୍ରଶାସନ ପକ୍ଷରୁ ଦୋଳଗୋବିନ୍ଦପୁର ଗ୍ରାମରେ ଆଲାମଚାନ୍ଦ ପୋଖରୀ ଆଡିରୁ ଜବରଦଖଲ ଉଚ୍ଛେଦ କରାଯାଇଥିଲା । ଏହାପରେ ଜବରଦଖଲ ଉଚ୍ଛେଦ ସପକ୍ଷବାଦୀ ଓ ବିପକ୍ଷବାଦୀ ମଧ୍ୟରେ ଆକ୍ଷେପ ଓ ପ୍ରତିଆକ୍ଷେପ କରାଯାଇଥିଲା । ଏଥିନେଇ ଥାନାରେ ଗତ ଗୁରୁବାର ଅଭିଯୋଗ ହେବା ପରେ ୪୮୫/୨୪ନଂ ମାମଲା ରଜୁ ହୋଇଥିବା ଜଣାଯାଇଛି ।

# ଜିଲ୍ଲା ଆଇନସେବା ପ୍ରାଧିକରଣ ରାୟଗଡା ଦ୍ୱାରା ଆଇନ୍ ସଚେତନତା




ରାୟଗଡା(ଭାସ୍କର ନ୍ୟୁଜ): ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲ୍ଲା ଦୌରା ଜଜ୍ ସତ୍ୟନାରାୟଣ ଷଡଙ୍ଗୀଙ୍କ ପରାମର୍ଶ କ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ ସୁବ୍ରତ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଦିନ ଅପରାହ୍ନ ଘ.୧୦.୩୦ମି ରେ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ରାୟଗଡ଼ା ପରିସରରେ ଅଧାରୁ ପାଠ ଛାଡିଥିବା ଛାତ୍ରଛାତ୍ରୀଙ୍କୁ ପୁନର୍ବାର ବିଦ୍ୟାଳୟକୁ ଫେରାଇ ଆଣିବା ସଂପର୍କିତ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅନ୍ୟ ପ୍ରମୁଖ ଅତିଥିଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଭଜନଲାଲ ମାଝି, ବିଇଓ ସୁଦିପ୍ତ କୁମାର ଦାସ, ରାୟଗଡା ବାର ଆସୋସିଏସନ୍‌ର ଆଇନଜୀବି ଦେବରାଜ ନାଏକ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଓ ଅନ୍ୟ ଶିକ୍ଷୟିତ୍ରୀ ପ୍ରମୁଖ ମଞ୍ଚାସୀନ ଥିଲେ । ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଶ୍ରୀ ଆଚାର୍ଯ୍ୟ ନିଜର ବକ୍ତବ୍ୟରେ ଅଧାରୁ ପାଠ ଛାଡିଥିବା ପିଲାଙ୍କୁ କିପରି ପୁନର୍ବାର ନାମ ଲେଖାଇବା, ଶିଶୁ ସୁରକ୍ଷା ଆଇନ, ଶିଶୁଙ୍କ ଆଇନଗତ ଅଧିକାର, ବାଲ୍ୟ ବିବାହ ନିରୋଧ ଆଇନ ବ୍ୟବସ୍ଥା ବିଷୟରେ ପିଲାଙ୍କୁ ଅବଗତ କରାଇବା ସହ ସୁନ୍ଦର ଚରିତ୍ର ଓ ଭବିଷ୍ୟତ ଗଠନ ଦିଗରେ ଉତ୍ସାହିତ କରିଥିଲେ । ସେହିପରି ଉପସ୍ଥିତ ଥିବା ଅନ୍ୟ ଅତିଥିମାନେ ନିଜ ନିଜର ବକ୍ତବ୍ୟରେ ଅଧାରୁ ପାଠ ଛାଡିଥିବା ପିଲାଙ୍କୁ ପୁନର୍ବାର ବିଦ୍ୟାଳୟକୁ ଆସିବା ପାଇ ସରକାରଙ୍କ ତରଫରୁ ଉପଲବ୍ଧ ଥିବା ବିଭିନ୍ନ ଯୋଜନା ଉପରେ ବିସ୍ତୃତ ଭାବରେ ଆଲୋକପାତ କରିଥିଲେ । ସର୍ବୋପରି ଏହି କାର୍ଯ୍ୟକ୍ରମରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଅତିଥିଙ୍କର ଉପସ୍ଥିତି ଏବଂ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ସୁବ୍ରତ ଆଚାର୍ଯ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମଟି ସଫଳତାର ସହିତ ଶେଷ ହୋଇଥିଲା ।

## ଶତାୟୁ ବୃଦ୍ଧଙ୍କ ପରଲୋକ

ନିଶ୍ଚିନ୍ତକୋଇଲି(ଭାସ୍କର ନ୍ୟୁଜ): ନିଶ୍ଚିନ୍ତକୋଇଲି ବ୍ଲକ ବଡଖିର ଗ୍ରାମର ଶତାୟୁ ବୃଦ୍ଧ ଧ୍ରୁବଚରଣ ସାମଲଙ୍କର ଗତକାଲି ରାତ୍ରରେ ତାଙ୍କ ବାସଭବନରେ ବାର୍ଦ୍ଧକ୍ୟ ଜନିତ ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୧୦୦ ବର୍ଷ ହୋଇଥିଲା । ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ପୁତ୍ର, ପୁତ୍ରବଧୂ, ଝିଅଜ୍ୱାଇଁ, ନାତି ନାତୁଣୀ ଓ ଆତ୍ମୀୟ ସ୍ୱଜନ୍ନ ଉପସ୍ଥିତ ଥିଲେ । ତାଙ୍କର ମରଶରୀରକୁ ଏକ ବିରାଟ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ୍ୟ ଶ୍ମଶାନରେ ଶୋକାକୂଳ ପରିବେଶରେ ଦାହ କରାଯାଇଥିଲା । ତାଙ୍କର ଜ୍ୟେଷ୍ଠପୁତ୍ର ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଅଚ୍ୟୁତାନନ୍ଦ ସାମଲ ମୁଖାଗ୍ନି ଦେଇଥିଲେ । ତାଙ୍କ ବିୟୋଗରେ ପ୍ରାକ୍ତନ ମନ୍ତ୍ରୀ ପ୍ରତାପ ଜେନା, ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତିର ଉପାଧ୍ୟକ୍ଷ ଅଶୋକ କୁମାର ଓଝା, ତାଙ୍କର ନାତି ତଥା ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ବିନୋଦ କୁମାର ସାମଲ, ସରପଞ୍ଚ ହିମାଂଶୁ ନାରାୟଣ ମଲ୍ଲ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଗଭୀର ଶୋକ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତି ।

# ପୋଷ୍ୟ ସନ୍ତାନ ଗ୍ରହଣ ଓ ପ୍ରତିପାଳନ ଯତ୍ନ ମାସ ପାଳନ ଅବସରରେ କର୍ମଶାଳା




ବାରିପଦା(ଭାସ୍କର ନ୍ୟୁଜ): ନଭେମ୍ବର ମାସକୁ ଅନ୍ତର୍ଜାତୀୟ ପୋଷ୍ୟ ସନ୍ତାନ ଗ୍ରହଣ ଓ ପ୍ରତିପାଳନ ଯତ୍ନ ମାସ ଭାବରେ ପାଳନ କରାଯାଏ । ଏହି ପରିପେକ୍ଷୀରେ ମୟୁରଭଞ୍ଜ ଜିଲ୍ଲା ସଦର ମହକୁମା ବାରିପଦା ସ୍ଥିତ ଜିଲ୍ଲା ପରିଷଦ ସଭାଗୃହରେ ଏକ ଜିଲ୍ଲା ସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଓଡିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ଅଧୀନରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ, ମୟୁରଭଞ୍ଜ ଅନୁକୂଲ୍ୟରେ ଏହି କାର୍ଯକ୍ରମ ଅନୁଷ୍ଠିତ ହୋଇଛି ଓ କାର୍ଯ୍ୟକ୍ରମକୁ ମୟୁରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସଞ୍ଜୟ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍ଘାଟନ କରିଥିଲେ ଓ କାର୍ଯ୍ୟକ୍ରମକୁ ଉଦ୍‌ବୋଧନ ଦେଇ ଶ୍ରୀ ସଞ୍ଜୟ କହିଥିଲେ କି ଶିଶୁ ସୁରକ୍ଷା ଏକ ସମ୍ବେଦନ ପ୍ରସଙ୍ଗ, ପ୍ରତ୍ୟେକ ଶିଶୁଙ୍କୁ ସୁରକ୍ଷା ଯୋଗାଇ ଦେବା ଆମ ସମସ୍ତଙ୍କର କର୍ତ୍ତବ୍ୟ ଓ ଅନୈତିକ ପୋଷ୍ୟ ସନ୍ତାନ ଗ୍ରହଣକୁ ସମ୍ପୂର୍ଣ୍ଣ ରୂପରେ ବନ୍ଦ କରିବା ଏବଂ ଆଇନ ଅନୁଯାୟୀ ପୋଷ୍ୟସନ୍ତାନ ଗ୍ରହଣ କରିବା ପାଇଁ ପରାମର୍ଶ ଦେଇଥିଲେ । ସମ୍ମାନିତ ଅତିଥି ଭାବରେ ମୟୁରଭଞ୍ଜ ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଡୁପଲ୍ଲୀ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସବିତା ମଝି, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଅନ୍ନପୂର୍ଣ୍ଣା ସିଂଙ୍କୁ, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ବିଜୟ କୁମାର ଦାସ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରିଣୀ ଦୀପ୍ତିରାଣୀ ନାୟକ ଶିଶୁ ମଙ୍ଗଳ ସମିତିର ସଦସ୍ୟ ମନମୋହନ ପ୍ରଧାନ ଏବଂ ଯଦୁମଣି ମହଓ ପ୍ରମୁଖ ଯୋଗଦେଇ ପ୍ରତ୍ୟେକ ଶୁଶୁ ପାଇଁ ପରିବାରର ଗୁରୁତ୍ୱ, ସଠିକ ଲାଳନ ପାଳନ ତଥା ଶିଶୁଙ୍କର ଥଇଥାନ ସମ୍ପର୍କରେ ଆଲୋଚନା କରିଥିଲେ । ମୟୁରଭଞ୍ଜ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳ କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହିତ ପୋଷ୍ୟ ସନ୍ତାନ ଗ୍ରହଣ ତଥା ପ୍ରତିପାଳନ ଯତ୍ନ ପ୍ରକ୍ରିୟାକୁ ନ୍ୟାୟ ସଙ୍ଗତ କରିବା ଦିଗରେ ଆହ୍ୱାନ ଦେଇଥିଲେ । ଶିଶୁ ମଙ୍ଗଳ ସମିତିର ପୂର୍ବ ସଦସ୍ୟ ଜୀବନ କୃଷ୍ଣ ବେହେରା ପୋଷ୍ୟ ସନ୍ତାନ ଗ୍ରହଣ ଆଇନ ବ୍ୟାବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ । ସେହିପରି ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ସୁରକ୍ଷା ଅଧିକାରୀ ଆମର କୁମାର ଦେ ପୋଷ୍ୟସନ୍ତାନ ଗ୍ରହଣ ଓ ପ୍ରତିପାଳନ ଯତ୍ନ ବିଧି ବଦ୍ଧ ବ୍ୟାବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମ ମାଧ୍ୟମରେ ପୋଷ୍ୟ ସନ୍ତାନ ଗ୍ରହଣ କରିଥିବା ପିତାମାତା, ପ୍ରତିପାଳନ ଯତ୍ନର ପିତାମାତା ତଥା ପରିତ୍ୟକ୍ତ ଅବସ୍ଥାରେ ପଡି ରହିଥିବା ନବଜାତ ଶିଶୁଙ୍କୁ ଉଦ୍ଧାର କରି ମହାନତା ଦେଖାଇଥିବା ବ୍ୟକ୍ତିମାନଙ୍କୁ ସମ୍ମାନିତ କରାଯାଇଥିଲା । ଏମାନଙ୍କ ମଧ୍ୟରେ ଯାମଦା ଥାନା ଅଧିକାରିଣୀ ଅନିତା ସ୍ୱାଇଁ, ଉଦଳା ବ୍ଲକ ଅନ୍ତର୍ଗତ ତାପସ କୁମାର ସେନାପତି ଏବଂ ଯଶିପୁର ଥାନା ଅଧିନସ୍ଥ ସାମ୍ବାଦିକ ଆଶିଷ କୁମାର ବେହୁରାଙ୍କୁ ସମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ, ମେଡିକାଲ ଅଫିସର, ଆଇଆଇସି/ଆଇସି, ଶିଶୁ ଯତ୍ନ ଅନୁଷ୍ଠାନ, ଏନ୍‌ଜିଓ ପ୍ରତିନିଧି, ସ୍ୱତନ୍ତ୍ର ପୋଷ୍ୟସନ୍ତାନ ଗ୍ରହଣ ସଂସ୍ଥାର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ଶେଷରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ପରାମର୍ଶଦାତା ଦିଲୀପ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର





ଟାଙ୍ଗୀ(ଭାସ୍କର ନ୍ୟୁଜ): ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ବ୍ଲକ ଅଧିନସ୍ଥ ଉଜ୍ଜ୍ୱଳା ଗୋପିନାଥପୁର ପଞ୍ଚାୟତର କାଟିଲାଗୋଠ କଲୋନୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ମୁକ୍ତେଶ୍ୱର ଦେବ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସୁନ୍ଦରପୁର କ୍ଲଷ୍ଟର ସ୍ତରୀୟ ଷଷ୍ଠ ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଲିଲିପ୍ରଭା କୁମାରୀ ଜେନା, ପ୍ରାକ୍ତନ ସିଆରସିସି ଅମିତ୍ କୁମାର ଚକ୍ରବର୍ତ୍ତୀ, ଲଳିତ ନାରାୟଣ ମହାପାତ୍ର, ଅଭୟ ଦାଶ, ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରିୟଙ୍କା ମହାପାତ୍ର, ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ କବିତା ମହାପାତ୍ର, ସୁଜାତା ଜେନା, ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରକାଶ କୁମାର ବେହେରା, ସିଆରସିସି ସତ୍ୟ ନାରାୟଣ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ । ବୈଠକରେ ବିଦ୍ୟାଳୟର ଶୈକ୍ଷିକ ପରିବେଶ ଭୌତିକ ପରିବେଶ, ପୂର୍ବ ବୈଠକର ବିବରଣୀ ପଠନ, ବିଭିନ୍ନ ସମସ୍ୟା ଓ ଏହାର ସମାଧାନ, ଜାତୀୟ ଉପଲବ୍ଧି ସର୍ବେକ୍ଷଣ, ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଇତ୍ୟାଦି ବିଷୟରେ ଆଲୋଚନା କରାଯାଇଥିଲା।

# ଢେଙ୍କାନାଳ ବିଜେପିର ସଂଗଠନ ପର୍ବ କର୍ମଶାଳା




ଢେଙ୍କାନାଳ(ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲା ବିଜେପିର ସଂଗଠନ ପର୍ବ କର୍ମଶାଳା ଜିଲ୍ଲା ସଭାପତି ନରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଜିଲ୍ଲା କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଉପସଭାପତି ଗୋଲେଖ ପ୍ରସାଦ ମହାପାତ୍ର କର୍ମଶାଳାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ମୁଖ୍ୟ ଅତିଥି, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟବକ୍ତା, ସାଂସଦ ରୁଦ୍ର ନାରାୟଣ ପାଣି, ବିଧାୟକ ଶତ୍ରୁଘ୍ନ ଜେନା, ବିଧାୟିକା ସୀମାରାଣୀ ନାୟକ, ନଗରପାଳିକା ଜୟନ୍ତୀ ପାତ୍ର ଓ ଜିଲ୍ଲା ନିର୍ବାଚନ ଅଧିକାରୀ ସ୍ମୃତି ପଟ୍ଟନାୟକ ସମ୍ମାନୀତ ଅତିଥି ଭାବେ ଉକ୍ତ କର୍ମଶାଳାରେ ଯୋଗ ଦେଇଥିଲେ । ମୁଖ୍ୟ ଅତିଥି ଶ୍ରୀମତୀ ପରିଡା ଉପସ୍ଥିତ ସମସ୍ତ ନେତୃମଣ୍ଡଳୀ ଓ କାର୍ଯ୍ୟକର୍ତ୍ତାଙ୍କୁ ଜିଲ୍ଲାର ସମସ୍ତ ଚାରୋଟି ବିଧାନସଭାରେ ୪ ବିଧାୟକ ଓ ସାଂସଦଙ୍କୁ ବିଜୟୀ କରିଥିବାରୁ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଥିଲେ। ରାଜ୍ୟରେ ବିଜେପି ସରକାର ଆସିବା ପରେ ୨ମାସ ଭିତରେ ବହୁ ନିର୍ବାଚନୀ ପ୍ରତିଶ୍ରୁତି ପୂରଣ କରିସାରିଛନ୍ତି ଓ ଆଗାମୀ ଦିନରେ ଆମ ସରକାର ଜନସାଧାରଣଙ୍କୁ ଯେଉଁ ପ୍ରତିଶ୍ରୁତି ଦେଇଛନ୍ତି ତାହା ପୂରଣ କରିବ। ତେଣୁ ଏ ସବୁର ସୁଫଳ ଯେପରି ବାଟମାରଣ ନହୋଇ ସାଧାରଣ ଜନତାଙ୍କ ନିକଟକୁ ଯିବ ସେଥିପାଇଁ ସମସ୍ତ କାର୍ଯ୍ୟକର୍ତ୍ତା ଓ ନେତୃବୃନ୍ଦ ସଜାଗ ରହିବାକୁ ପଡିବ। ଏଥିପାଇଁ ବୁଥ୍ ସ୍ତରରେ ସଂଗଠନକୁ ଅଧିକ ଦୃଢ କରିବା ସହ କ୍ରିୟାଶୀଳ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଢେଙ୍କାନାଳର ପ୍ରସିଦ୍ଧ ଶୈବପୀଠ କପିଳାସ, ତୀର୍ଥକ୍ଷେତ୍ର ସପ୍ତଶଯ୍ୟା ସମେତ ଅନ୍ୟାନ୍ୟ ଧର୍ମସ୍ଥଳୀର ଯଥାଶୀଘ୍ର ଉନ୍ନତି ଓ ବିକାଶ କରାଯିବ ବୋଲି ଘୋଷଣା କରିଥିଲେ। ମୁଖ୍ୟବକ୍ତା ଶ୍ରୀ ପାତ୍ର ଚାଷୀଙ୍କ ଉନ୍ନତି ଓ ତାଙ୍କର ନ୍ୟାର୍ଯ୍ୟ ପ୍ରାପ୍ୟ ଉପରେ ଆଲୋକପାତ କରି ଦଲାଲଙ୍କର ପାଉଣ୍ଡବାଜିକୁ ଦୃଢ ହସ୍ତରେ ଦମନ କରାଯିବା ପାଇଁ ନିଷ୍ପତ୍ତି ହୋଇଅଛି। ସାଂସଦ ଶ୍ରୀ ପାଣି ଜିଲ୍ଲାର ସଂଗଠନ ବାବଦରେ ଆଲୋଚନା କରିବା ସହ ସାଂଗଠନିକ ନିର୍ବାଚନକୁ ସହମତି ଭିତରେ କରିବା ପାଇଁ ପରାମର୍ଶ ଦେଇଥିଲେ। ରାଜ୍ୟ ଉପସଭାପତି ଶ୍ରୀ ମହାପାତ୍ର ୪ ବିଧାନସଭା ଅନ୍ତର୍ଗତ ପ୍ରତ୍ୟେକ ମଣ୍ଡଳରେ ଅଧିକରୁ ଅଧିକ ସକ୍ରିୟ ସଦସ୍ୟ କରିବା ସହ ସମୟ ଅନୁଯାୟୀ ସାଂଗଠନିକ ନିର୍ବାଚନ ଶେଷ କରିବା ଓ ଜନସାଧାରଣଙ୍କ ସମସ୍ୟାଗୁଡିକୁ ଠିକ୍ ଭାବେ ନେତୃବୃନ୍ଦଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଡବଲ୍ ଇଞ୍ଜିନ୍‌ର ସୁଫଳ ସାଧାରଣ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ କାର୍ଯ୍ୟକର୍ତ୍ତାଙ୍କୁ କହିଥିଲେ । ବିଧାୟକ ଶତ୍ରୁଘ୍ନ ଜେନା ଓ ସୀମାରାଣୀ ନାୟକ କାର୍ଯ୍ୟକର୍ତ୍ତାଙ୍କୁ ତୃଣମୂଳସ୍ତରରୁ ସଂଗଠନକୁ ଦୃଢ କରିବା ସହ ଜନସାଧାରଣଙ୍କ ଦୁଃଖସୁଖରେ ସାଥୀ ହୋଇ ସେମାନଙ୍କ ସମସ୍ୟା ବାବଦରେ ତାଙ୍କୁ ଅବଗତ କରିବା ପାଇଁ ପରାମର୍ଶ ଦେଇଥିଲେ । ଜିଲ୍ଲା ସାଂଗଠନିକ ନିର୍ବାଚନ ଅଧିକାରୀ ଶ୍ରୀମତୀ ପଟ୍ଟନାୟକ ଜିଲ୍ଲାରେ ଚଳିତ ସାଂଗଠନିକ ନିର୍ବାଚନ ଉପରେ ଚର୍ଚ୍ଚା କରିବା ସହ ପ୍ରତ୍ୟେକ ମଣ୍ଡଳରେ ସଦସ୍ୟତା ସଂଗ୍ରହ ଓ ମଣ୍ଡଳର ନିର୍ବାଚନ ସଠିକ୍ ସମୟରେ କରିବା ପାଇଁ ମଣ୍ଡଳ ନିର୍ବାଚନ ଅଧିକାରୀ ଓ ସହ-ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଜିଲ୍ଲା ଉପ-ନିର୍ବାଚନ ଅଧିକାରୀ ବିଷ୍ଣୁ ପ୍ରସାଦ ଲେଙ୍କା, ଯଶସ୍ୱିନୀ ରାଉତ, ସକ୍ରିୟ ସଦସ୍ୟତା ଯାଂଚ ଅଧିକାରୀ ସୁନିଲ୍ ଶର୍ମା ମଂଚାସୀନ ଥିଲେ । ଏହି କର୍ମଶାଳାରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ରାମଚନ୍ଦ୍ର ପାତ୍ର, ପୂର୍ବତନ ମନ୍ତ୍ରୀ ନବୀନ ଚନ୍ଦ୍ର ନାରାୟଣ ଦାସ, ପୂର୍ବତନ ଜିଲ୍ଲା ସଭାପତି ପ୍ରେମାନନ୍ଦ ଜେନା, ସମସ୍ତ ମଣ୍ଡଳ ସଭାପତି, ସମସ୍ତ ମଣ୍ଡଳ ସାଂଗଠନିକ ନିର୍ବାଚନ ଅଧିକାରୀ, ସହ ନିର୍ବାଚନ ଅଧିକାରୀ ଓ ବହୁ ବରିଷ୍ଠ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

# କୃଷି ସଚେତନତା ରଥ ଶୁଭାରମ୍ଭ କଲେ ଜିଲ୍ଲାପାଳ




ବାରିପଦା(ଭାସ୍କର ନ୍ୟୁଜ): ମୟୂରଭଞ୍ଜ ଜିଲ୍ଲାରେ ଚଳିତ ଖରିଫ ୨୦୨୪ -୨୫ ବର୍ଷ ପାଇଁ ଧାନ ସଂଗ୍ରହ ବାର୍ତ୍ତା ବହନ କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରଠାରୁ ଶୁକ୍ରବାର ଦିନ ଏକ କୃଷକ ସଚେତନତା ରଥ ଆରମ୍ଭ ହୋଇଛି। ଜିଲ୍ଲାପାଳ ହେମକାନ୍ତ ସାୟ, ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ କୃଷ୍ଣ ଚନ୍ଦ୍ର ସେଠୀ ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀଙ୍କ ସହ ସବୁଜ ପତାକା ଦେଖାଇ ବାରିପଦାଠାରୁ ଦୁଇଟି ସଚେତନତା ରଥର ଶୁଭାରମ୍ଭ କରିଥିଲେ। ଏହି ପର୍ଯ୍ୟାୟରେ ଜିଲ୍ଲାରେ ଥିବା ୪ଟି ସବଡ଼ିଭିଜନରେ ମଧ ଏହି ସଚେତନତା ରଥ ଆରମ୍ଭ ହୋଇ ଧାନ ସଂଗ୍ରହ କାର୍ଯ୍ୟକ୍ରମ ସମାପ୍ତ ହେବ ପର୍ଯ୍ୟନ୍ତ ନିରନ୍ତର ଚାଲୁ ରହିବ ଓ ଚାଷୀଙ୍କୁ ସଚେତନ କରାଇବ। ଚଳିତ ମାସ ଡିସେମ୍ବର ୨୪ ତାରିଖରୁ ପର୍ଯ୍ୟାୟକ୍ରମେ ଜିଲ୍ଲାର ପଞ୍ଜୀକୃତ ଚାଷୀଙ୍କ ଠାରୁ ୧୦୩ ଗୋଟି ମଣ୍ଡି ଓ ୫୨ଟି ଲ୍ୟାମସ ମାଧ୍ୟମରେ ୧୪,୬୭,୧୦୨.୯୪ କୁଇଣ୍ଟାଲ ଧାନ ସଂଗ୍ରହ କରାଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ ଏହି କୃଷକ ସଚେତନତା ରଥ ବିଭିନ୍ନ ବ୍ଲକରେ ବୁଲି ସଚେତନତା ବାର୍ତ୍ତା ଦେବା ସହ କୃଷକଙ୍କୁ ସୂଚନା, ଶିକ୍ଷା, ଓ ଯୋଗାଯୋଗ ମାଧ୍ୟମରେ ଉତ୍ସାହିତ କରିବ । ଧାନ ସଂଗ୍ରହ କାର୍ଯ୍ୟକୁ ସଫଳ କରାଇବା ପାଇଁ ପ୍ରତିଟି ଆର୍‌ଏମସିର ଅଧକ୍ଷଙ୍କୁ ଗାଆଁ ଗାଆଁ ବୁଲି ଚାଷୀଙ୍କ ସହିତ ଉତ୍ତମ ଯୋଗାଯୋଗ ରଖିବା ସହ ଧାନର ଏଫଏକ୍ୟୁ ମାନ ବିଷୟରେ ଚାଷୀଙ୍କୁ ପୂର୍ବରୁ ସଚେତନ କରିବା, ମଣ୍ଡିକୁ ଧାନ ଆସିବାର ଯଥା ସମୟ ପୂର୍ବରୁ ଚାଷୀଙ୍କୁ ଟୋକେନ୍ ଦେବା ବ୍ୟବସ୍ଥା କରିବା, କଳାବଜାରୀ ଭଳି ବେଆଇନ କାର୍ଯ୍ୟଗୁଡିକୁ ରୋକିବା ପାଇଁ ପ୍ରଶାସନ ଦୃଢ଼ ପଦକ୍ଷେପ ନେଇଛନ୍ତି। ସଚେତନତା ରଥ ଚାଷୀଙ୍କ ଠାରୁ ଧାନ ସଂଗ୍ରହ ପାଇଁ ଧାନର ମାନ ନିରୂପଣ ଆକରିବା ସହିତ ଉଚିତ ଗୁଣବତ୍ତା ସମ୍ପର୍କରେ ମଧ ସଚେତନ କରାଇବ ଏବଂ ଧାନରେ ବାଲି, ଗୋଡି, ମାଟି, ପଥର, ଧୂଳି ନଷ୍ଟ ବେରଙ୍ଗ, ଗଜା ହୋଇଥିବା, ଅପରିପକ୍ୱ ଧାନ, କଷା, ତଳ ଶ୍ରେଣୀୟ ଧାନ ଅପମିଶ୍ରଣ ନଥିବା ପରିଷ୍କାର ଧାନ ସଂଗ୍ରହ କରିବା ପାଇଁ ପରାମର୍ଶ ଦେବ।

## ନନ୍ଦନକାନନରେ ଦୁଇ ସିଆମାଙ୍ଗ ମାଙ୍କଡ ଅସୁସ୍ଥ

ବାରଙ୍ଗ(ଭାସ୍କର ନ୍ୟୁଜ): ନନ୍ଦନକାନନ ପ୍ରାଣୀଉଦ୍ୟାନର ଅନ୍ୟତମ ବାନର ଦୁନିଆର ଦୁଇ ସିଆମାଙ୍ଗ ବିଦେଶୀ ମାଙ୍କଡ ପ୍ରଥମଥର ପାଇଁ ଅସୁସ୍ଥତା ନନ୍ଦନକାନନ କର୍ତ୍ତୃପକ୍ଷଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି। ୫ଦିନ ହେବ ବାନର ଦୁନିଆ ଖୁଆଡରେ ରହୁଥିବା ଦୁଇ ସିଆମାଙ୍ଗ ମାଙ୍କଡଙ୍କ ମଧ୍ୟରେ ମାଡଗୋଳ ହୋଇ ଉଭୟ ଅସୁସ୍ଥ ହୋଇ ଚିକିତ୍ସାଧିନ ଅବସ୍ଥାରେ ଅଛନ୍ତି। ଗତ ୧୮ତାରିଖ କର୍ମଚାରୀଙ୍କ ଠାରୁ ସୂଚନା ପାଇ କର୍ତ୍ତୃପକ୍ଷ ଉଭୟ ଅସୁସ୍ଥ ସିଆମାଙ୍ଗଙ୍କୁ ଚିକିତ୍ସା ପାଇଁ ବନ୍ୟପ୍ରାଣୀ ଚିକିତ୍ସାଳୟ କ୍ୱାରେନଷ୍ଟାଇନକୁ ଆଣି ଚିକିତ୍ସକଙ୍କ ଦ୍ୱାରା ଚିକିତ୍ସା କରାଯାଉଥିବା ଜଣାପଡିଛି ।ତେବେ ଜନ୍ତୁ ବିଭାଗର ପରିଚାଳନା ଗତତ୍ରୁଟି ଓ ରକ୍ଷଣାବେକ୍ଷଣ ଅଭାବରୁ ୨ସିଆମାଙ୍ଗ ମାଙ୍କଡଙ୍କ ମଧ୍ୟରେ ମାଡଗୋଳ ହୋଇ ଏପରି ଘଟଣା ଘଟିଛି ବୋଲି ନନ୍ଦନକାନନର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ସୂଚନାଯୋଗ୍ୟ ଯେ, ପ୍ରାଣୀ ଉଦ୍ୟାନରେ ପ୍ରଥମ କରି ବାନର ଦୁନିଆ ଖୁଆଡ ନିର୍ମାଣ କରାଯାଇଥିଲା। ବିଭିନ୍ନ ଘରୋଇ ସଂସ୍ଥା ଓ ଚିଡିଆଖାନାରୁ ବିଦେଶୀ ମାଙ୍କଡ ଅଣାଯାଉଛି। ଏହି ପରିପେକ୍ଷୀରେ ନିର୍ମାଣ ହୋଇଥିବା ଏହି ବାନର ଦୁନିଆ ଖୁଆଡକୁ ଗତ ୧୦ତାରିଖରେ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ ଲୋକାର୍ପଣ କରି ଏହି ଅସୁସ୍ଥ ଦୁଇ ସିଆମାଙ୍ଗ ମାଙ୍କଡଙ୍କୁ ଖୁଆଡରେ ଛାଡିଥିଲେ। ୧୦ଦିନ ନ ପୂରୁଣୁ ଜନ୍ତୁ ବିଭାଗର ପରିଚାଳନା ଗତତ୍ରୁଟି ଓ ରକ୍ଷଣାବେକ୍ଷଣ ଅଭାବରୁ ନନ୍ଦନକାନନ ବୁଲିବାକୁ ଆସୁଥିବା ପର୍ଯ୍ୟଟକମାନେ ସିଆମାଙ୍ଗଙ୍କୁ ନ ପାଇଁ ନିରାଶରେ ଫେରୁଛନ୍ତି ବୋଲି ପ୍ରଶାନ୍ତ କୁମାର ଦାସ ପର୍ଯ୍ୟଟକ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ନନ୍ଦନକାନନ ଉପନିର୍ଦ୍ଦେଶକ ସନଥ କୁମାର ନାରାୟଣଙ୍କୁ ପଚାରିବାରୁ ସେ କୌଣସି ଉତ୍ତର ଦେଇନାହାନ୍ତି।

# ମଣିନାଥପୁର ବେଆଇନ ବାଲିଉଠାଣ ଉପରେ ଚଢାଉ ପ୍ରହସନ



ଭଣ୍ଡାରିପୋଖରୀ(ଭାସ୍କର ନ୍ୟୁଜ): ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ମଣିନାଥପୁର ବୈତରଣୀ ନଦୀ ଶଯ୍ୟାରୁ ବେଆଇନ ଭାବେ ବିପୁଳ ବାଲି ଉତ୍ତୋଳନ ଉପରେ ପ୍ରଶାସନ ପକ୍ଷରୁ ଶୁକ୍ରବାର ସକାଳେ ଲୋକ ଦେଖାଣିଆ ଭାବେ ଚଢାଉ କରାଯାଇଛି। ହେଲେ ବାଲି ଚୋରଙ୍କ ବ୍ୟୁହ ଭେଦ କରିନପାରି ପ୍ରଶାସନିକ ଅଧିକାରୀମାନେ ଶିଶୁପାଳ ହୋଇ ଫେରି ଯାଇଥିବା ଜଣାଯାଇଛି। ତହସିଲ, ଥାନା ଠାରୁ ଆରମ୍ଭ କରି ବାଲିଘାଟ ସଂଯୋଗକାରୀ ପ୍ରତ୍ୟେକ ରାସ୍ତାର ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଲୋକ ଜଗାଇଥିବା ବାଲିଚୋରମାନେ ଆଗୁଆ ସୂଚନା ପାଇ ସତର୍କ ହୋଇ ଯାଇଥିଲେ। ଏପରିକି ଚଢାଉ କରିବାକୁ ଆସିଥିବା ପ୍ରଶାସନିକ ଅଧିକାରୀ ଓ ପୁଲିସ ଦଳ ସହ ବାଲିଚୋରମାନେ ଖୋଲାଖୋଲି ମିଶି ବାଲି ଚୋରି ତନଖିକୁ ବେଶ ନୀରିକ୍ଷଣ କରିବା ସହ ପ୍ରଶାସନିକ ଅଧିକାରୀଙ୍କୁ ନୂଆ ବର୍ଷ ବଟି ମିଳିବ ବୋଲି କହି ଉପହାସ କରୁଥିଲେ। ବାଲି ଉତ୍ତୋଳନ ଉପରେ ଅଗତ୍ୟା କାର୍ଯ୍ୟାନୁଷ୍ଠାନ କ୍ଷମତା ପାଇଥିବା ଅନିଲ କୁମାର ଦାସଙ୍କ ନେତୃତ୍ୱରେ ଦୁର୍ନୀତିଗ୍ରସ୍ତ ଲଘୁଖଣିଜ ଅଧିକାରୀମାନେ ଓ ବାଲିଚୋରଙ୍କ ଧରମବନ୍ଧୁ ପାଲଟିଥିବା ପୋଲିସ ପକ୍ଷରୁ ଏହି ଚଢାଉ ହୋଇଥିଲା। ମାଜିଷ୍ଟ୍ରେଟ ଭାବେ ତହସିଲଦାର ସରୋଜକାନ୍ତ ନାୟକଙ୍କ ସମେତ ବନ ବିଭାଗ ପକ୍ଷରୁ ରେଞ୍ଜର ସୁଷମା ସାହୁ ଚଢାଉରେ ସାମିଲ ହୋଇଥିଲେ। ବାଲି ଉତ୍ତୋଳନ ହେଉଥିବା ଶଯ୍ୟା ବନବିଭାଗ ଜମି ହୋଇଥିବାରୁ ବନବିଭାଗ ଅଧିକାରୀଙ୍କୁ ସାମିଲ କରାଯାଇଥିଲା ବୋଲି ସୂଚନା ମିଳିଛି। ନେରଡା ପଞ୍ଚାୟତ ଯଶୋଟିକିରି ଗ୍ରାମର ଜନୈକ କୁଖ୍ୟାତ ବାଲିଚୋର ମଣିନାଥପୁର ଗ୍ରାମର ଲୋକଙ୍କ ମଧ୍ୟରେ ଗୋଷ୍ଠୀ ବିବାଦ ସୃଷ୍ଟି କରି ଦୈନିକ ୬୦ ରୁ ଅଧିକ ହାଇୱାରେ ବାଲି ପରିବହନ କରୁଥିବା ଜଣାଶୁଣା କଥା। ବାଲି ଉତ୍ତୋଳନ ଓ ପରିବହନ ଉପରେ କାର୍ଯ୍ୟାନୁଷ୍ଠାନ କ୍ଷମତା ପାଇଥିବା ପ୍ରତ୍ୟେକ ପ୍ରଶାସନିକ ବିଭାଗ ଏ ସମ୍ପର୍କରେ ଜାଣିମଧ କୌଣସି ଠୋସ ପଦକ୍ଷେପ ଗ୍ରହଣ କରିବା ପରିବର୍ତ୍ତେ ନାମମାତ୍ର ଚଢାଉ କରି ପାରିବା ପଣିଆ ଦେଖାଉଥିବାରୁ ମଣିନାଥପୁର ଗ୍ରାମବାସୀଙ୍କ ପକ୍ଷରୁ ଚଢାଉ ପ୍ରହସନକୁ କଡା ଭାଷାରେ ନିନ୍ଦା କରାଯାଇଛି।

## କରଞ୍ଜିଆ ଓକିଲ ସଂଘର ପୂର୍ବତନ ସଭାପତିଙ୍କ ଦେହାନ୍ତ

କରଞ୍ଜିଆ(ଭାସ୍କର ନ୍ୟୁଜ): କରଞ୍ଜିଆ ଓକିଲ ସଂଘର ପୂର୍ବତନ ସଭାପତି ବିଦ୍ୟାଧର ମହାନ୍ତଙ୍କ ୯୪ ବର୍ଷ ବୟସରେ ଶୁକ୍ରବାର ସକାଳୁ ତାଙ୍କ କରଞ୍ଜିଆ ସ୍ଥିତ ବାସଭବନ ରେ ଦେହାନ୍ତ ହେଇଯାଇଛି। ଶ୍ରୀ ମହାନ୍ତ କରଞ୍ଜିଆ କୋର୍ଟ ରେ ଓକିଲ ଭାବେ ୧୯୫୨ ମସିହାରେ ଯୋଗ ଦେଇଥିଲେ । ନିଜର ଓକିଲାତି ସମୟରେ ବହୁ ଗୁରୁତ୍ୱପୂର୍ଣ୍ଣ କେସ ପରିଚାଳନା କରି ସୁନାମ ଅର୍ଜନ କରିଥିଲେ। ସେ ୩ ଥର କରଞ୍ଜିଆ ଓକିଲ ସଂଘର ସଭାପତି ସହିତ ଯଶିପୁର ବ୍ଲକର ୨ ଥର ଅଧ୍ୟକ୍ଷ ଥିଲେ। ସେ ଖାଲି ଓକିଲ ନଥିଲେ ସମାଜସେବି ମଧ ଥିଲେ ସେ ସାନନଈ ଉଚ୍ଚବିଦ୍ୟାଳୟ ସହିତ ଆଉ ୩ ବିଦ୍ୟାଳୟର ପ୍ରତିଷ୍ଠାତା ଥିଲେ। ତାଙ୍କ ପିତାଙ୍କ ନାମ ଥିଲା ଖୁତୁରମ୍ ମହାନ୍ତ। ତାଙ୍କ ମୃତ୍ୟୁ ଖବର ପ୍ରଚାର ହେବାରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ ନିମନ୍ତେ ତାଙ୍କ କରଞ୍ଜିଆ ସ୍ଥିତ ବାସ୍ ଭବନ୍‌କୁ ଯାଇ ଶେଷ ଦର୍ଶନ କରିଥିଲେ। ତାଙ୍କ ମର ଶରୀରକୁ କରଞ୍ଜିଆ କୋର୍ଟ ପରିସରକୁ ନିଆଯାଇଥିଲା । ସେଠାର ଏଡିଜେ ଆଶିଷ ରଂଜନ ତ୍ରିପାଠୀ, ସବ୍ ଜଜ୍ ଅମିତ କୁମାର ସେଠ୍, ଓକିଲ୍ ସଂଘ ସଭାପତି ବାଞ୍ଛାନିଧି ପୃଷ୍ଟି, ସଂପାଦକ ଦିବ୍ୟ ପ୍ରାସାଦ ସାହୁଙ୍କ ସହିତ ସଂଘର ବହୁ ଓକିଲ, ମୋହରିର ଉପସ୍ଥିତ ରହି ଶେଷ ଦର୍ଶନ କରିବା ସହିତ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ ।

# ଗାଡିରୁ ଉଚ୍ଚ ଶବ୍ଦ ସମ୍ପନ୍ନ ହର୍ଣ୍ଣ ହଟିଲା




କେନ୍ଦୁଝର(ଭାସ୍କର ନ୍ୟୁଜ): ଆଞ୍ଚଳିକ ପରିବହନ ବିଭାଗ କେନ୍ଦୁଝର ପକ୍ଷରୁ ଜିଲ୍ଲାର ବିଭିନ୍ନ ସ୍ଥାନରେ ସ୍ପେଶାଲ ଡ୍ରାଇଭ କରାଯାଇ ବସ, ଟ୍ରକ ଯାଞ୍ଚ କରାଯାଇ ଉଚ୍ଚ ଶବ୍ଦ ସମ୍ପନ୍ନ ପ୍ରେସର ହର୍ଣ୍ଣ ଗାଡିରୁ କଢାଯାଇଛି। ପ୍ରେସର ହର୍ଣ୍ଣ ପରିବହନ ବିଭାଗ ପକ୍ଷରୁ ବ୍ୟାନ କରାଯାଇଥିବା ବେଳେ ଅନେକ ବସ ଏବଂ ଟ୍ରକରେ ଏହା ଲାଗିଥିଲା। ପରିବହନ ବିଭାଗ ବାରମ୍ୱାର ତାଗିଦ୍ ସତ୍ତ୍ୱେ ଅନେକ ଗାଡରି ଏହା ଲାଗିଥିବା ଅଭିଯୋଗ ହୋଇ ଆସୁଥିଲା। ଶୁକ୍ରବାର କେନ୍ଦୁଝର ଆରଟିଓ ଇଂ ଗୋପାଳକୃଷ୍ଣ ଦାସଙ୍କ ନେତୃତ୍ୱରେ ୩ଟି ଟିମ କରାଯାଇ ଜାତୀୟ ରାଜପଥ ୨୦ର ରିମୂଳି, ପଳାଶପଙ୍ଗା, ଝୁମ୍ପୁରା, ପଦ୍ମପୁର, ରାଇସୁଆଁ, ଢେଙ୍କିକୋଟ, ଘଟଗାଁ ଏବଂ ୪୯ର ବେଲଦା, ଶଙ୍କରପୁର ତୁରୁମୁଙ୍ଗା, ଖିରେଇଟାଙ୍ଗିରୀ, ଅଂଜର, କାଞ୍ଚିପାଣି, ଜଗମୋହନପୁର, ବିଭିନ୍ନ ସ୍ଥାନରେ ବସ ଏବଂ ଟ୍ରକ ଅଟକାଇ ଯାଂଚ କରାଯାଇ ଜୋରିମାନା କରାଯାଇଛି। ପ୍ରେସର ହର୍ଣ୍ଣ ଯୋଗୁଁ ଶବ୍ଦ ପ୍ରଦୂଷଣ ହେଉଛି। ବୃଦ୍ଧ, ବୃଦ୍ଧା ଏବଂ ହାର୍ଟ ରୋଗୀଙ୍କ ପାଇଁ ଏହି ପ୍ରେସର ହର୍ଣ୍ଣ ଅତ୍ୟନ୍ତ ବିପଦ। ପରିବହନ ବିଭାଗ ପକ୍ଷରୁ ପ୍ରେସର ହର୍ଣ୍ଣ ଗାଡିରୁ ଖୋଲି ଦିଆଯାଇ କମ ଶବ୍ଦ ସମ୍ପନ୍ନ ହର୍ଣ୍ଣ ଲଗାଇବାକୁ କୁହାଯାଇଛି। ଯେଉଁ ଗାଡିରେ ପ୍ରେସର ହର୍ଣ୍ଣ ଲାଗିଛି ତାହା ଖୋଲିବାକୁ କୁହାଯାଇଛି। ଏଥିରେ ଖିଲାପ କଲେ ମୋଟର ଯାନ ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି ଆରଟିଓ କହିଛନ୍ତି।

# ମାଲକାନଗିରି ଏନ୍‌କାଉଣ୍ଟରରେ କିଏ ଟଳିଛି, ମାଓବାଦୀ ନା ଗାଁ ମୁଖିଆ

ମାଲକାନଗିରି(ଭାସ୍କର ନ୍ୟୁଜ): ବୁଧବାର ମଧ୍ୟ ରାତ୍ରୀରେ ମାଲକାନଗିରି ଜିଲ୍ଲାରେ ହୋଇଥିବା ଏନକାଉଣ୍ଟରରେ କିଏ ଟଳିଛି ? ଏହାକୁ ନେଇ ଆରମ୍ଭ ହୋଇଛି ବିବାଦ । ଏନକାଉଣ୍ଟର ପରେ ପୋଲିସ ଯାହାକୁ ହାର୍ଡକୋର ମାଓବାଦୀ ବୋଲି ଦର୍ଶାଇଥିଲା ତାଙ୍କୁ ଗାଁ ମୁଖିଆ ବୋଲି କହିଛନ୍ତି ସ୍ଥାନୀୟ ଲୋକେ । ଫଳରେ ଏହି ମାମଲାରେ ଆସିଛି ନୂଆ ଟ୍ୱିଷ୍ଟ। ଅଭିଯୋଗ ଅନୁସାରେ, ପୋଲିସ ଏନକାଉଣ୍ଟରରେ ଟଳିଥିବା ମୃତକ ହେଲେ ମେଟାଗୁଡା ଗାଁ ମୁଖିଆ ଏଙ୍କା ସୁନାମ । ତାଙ୍କ ପାଖରେ ରହିଛି ଅନେକ ମାଛଧରା ଡଙ୍ଗା । ଏହିସବୁ ଡଙ୍ଗା ସହାୟତାରେ ସାବେରୀ ନଦୀରେ ମାଛ ଧରନ୍ତି ଏଙ୍କା ସୁନାମ । ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ, ଏଙ୍କା ସୁନାମଙ୍କ ମାଓବାଦୀଙ୍କ ସହ କୌଣସି ଲିଙ୍କ ନାହିଁ । ମାତ୍ର ଗତ ୨୦ ତାରିଖ ରାତିରେ ନକ୍ସଲମାନେ ଏଙ୍କା ସୁନାମଙ୍କ ଘରକୁ ଆସି ତାକୁ ବନ୍ଧୁକ ଦେଖାଇ ଧମକ ଦେବା ସହ ଡଙ୍ଗାରେ ସାବେରୀ ନଦୀ ପାରି କରିବାକୁ କହିଥିଲେ । ମାଓବାଦୀଙ୍କୁ ଛାଡିବା ପରେ ଡିଭିଏଫ୍ ଯବାନଙ୍କ ଆଖିବୁଜା ଗୁଳିଚାଳନାରେ ଏଙ୍କା ସୁନାମଙ୍କ ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି । ଏନେଇ ଏଙ୍କା ସୁନାମଙ୍କ ସ୍ତ୍ରୀ, ଭାଇ ଓ ଗାଁ ଲୋକେ ମାଲକାନଗିରି ଏସ୍‌ପିଙ୍କ କାର୍ଯ୍ୟାଳୟରେ ପହଞ୍ଚି ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜିଙ୍କୁ ଭେଟି ଘଟଣାର ତଦନ୍ତ କରିବା ଲାଗି ଦାବି କରିଛନ୍ତି । ଏହାସହ ଏଙ୍କା ସୁନାମଙ୍କ ଛୋଟ ଛୋଟ ପିଲା ରହିଥିବାରୁ ତାଙ୍କ ପରିବାରକୁ କ୍ଷତିପୂରଣ ଦେବା ଲାଗି ଦାବି କରିଛନ୍ତି । ମାତ୍ର ପରିବାର ଲୋକଙ୍କ ଅଭିଯୋଗକୁ ପୋଲିସ୍ ଖଣ୍ଡନ କରିଛି। ପୋଲିସ୍ କହିଛି ଏଙ୍କା ସୁନାମଙ୍କର ମାଓବାଦୀଙ୍କ ସହ ଲିଙ୍କ୍ ଥିଲା। ଛତିଶଗଡ଼ ମାଓ ସଂଗଠନ ସହ ତାଙ୍କର ସମ୍ପର୍କ ଥିଲା । ବୁଧବାର ଛତିଶଗଡ଼ରୁ କିଛି ମାଓବାଦୀ ଆସି ଏଙ୍କା ସୁନାମଙ୍କୁ ଦେଖା କରିଥିଲେ । ଏହାପରେ ରାତିରେ ଏଙ୍କା ସୁନାମ ତାଙ୍କୁ ଡଙ୍ଗା ପାର କରାଉଥିବା ବେଳେ ଏହି ଏନ୍‌କାଉଣ୍ଟର ହୋଇଥିଲା ।

## ଉତ୍କଳ ସମ୍ମିଳନୀ ପକ୍ଷରୁ ଡଃ. ମହତାବଙ୍କ ଜୟନ୍ତୀ ପାଳିତ

ଢେଙ୍କାନାଳ(ଭାସ୍କର ନ୍ୟୁଜ): ଉତ୍କଳ ସମ୍ମିଳନୀ ଢେଙ୍କାନାଳ ଶାଖା ପକ୍ଷରୁ ଜିଲ୍ଲା ଶାଖା କାର୍ଯ୍ୟାଳୟ ଠାରେ ଉତ୍କଳ କେଶରୀ ଡଃ. ହରେକୃଷ୍ଣ ମହତାବଙ୍କ ୧୨୫ତମ ଜୟନ୍ତୀ ପାଳିତ ହୋଇଯାଇଅଛି। ଡଃ. ଅକ୍ଷୟ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଡଃ. ମହତାବଙ୍କ ଜୟନ୍ତୀ ଅବସରରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରୀୟ ସଭାପତି ତଥା ଉଚ୍ଚନ୍ୟାୟାଳୟର ବରିଷ୍ଠ ଅଧିବକ୍ତା ବସନ୍ତ କୁମାର ତ୍ରିପାଠୀ ଯୋଗଦେଇ ଡଃ. ହରେକୃଷ୍ଣ ମହତାବଙ୍କ ସହିତ ଥିବା ବ୍ୟକ୍ତିଗତ ଘନିଷ୍ଠତା ସଂପର୍କ ତଥା ତାଙ୍କ ଦ୍ୱାରା ପ୍ରତିଷ୍ଠିତ ପ୍ରଜାତନ୍ତ୍ର ପରିସର ଓଡିଶାରେ ନେତା ସୃଷ୍ଟି କରିବାରେ ଏକ ପ୍ରଶିକ୍ଷଣ କେନ୍ଦ୍ର ଥିଲା ଏବଂ ଜଣେ ସ୍ୱାଧୀନତା ସଂଗ୍ରାମୀ ଭାବେ ତାଙ୍କ ଜୀବନ ଦେଶପ୍ରତି ଉତ୍ସର୍ଗୀକୃତ ଥିଲା। ସମ୍ମାନୀତ ଅତିଥି ଭାବେ ରବିନାରାୟଣ ମହାନ୍ତି ଡଃ ମହତାବଙ୍କ ଗୁଣବତା ସଂପର୍କରେ ଆଲୋକପାତ କରିଥିଲେ । ଡଃ. ମହତାବଙ୍କୁ ଭାରତ ରତ୍ନ ପ୍ରଦାନ କରାଯିବା ସହିତ ଢେଙ୍କାନାଳରେ ତାଙ୍କର ଏକ ପ୍ରତିମୂର୍ତ୍ତି କରିବା ପାଇଁ ଉତ୍କଳ ସମ୍ମିଳନୀ ପକ୍ଷରୁ ସରକାରଙ୍କୁ ଅନୁରୋଧ କରିବା ପାଇଁ ପ୍ରସ୍ତାବ ଗୃହୀତ କରାଯାଇଥିଲା । ବୈଠକରେ ସାଧାରଣ ସଂପାଦକ ପ୍ରଶାନ୍ତ କୁମାର ନନ୍ଦ ସଭା ପରିଚାଳନା କରିଥିବା ବେଳେ ଇଂ. ଲଳିତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ଉପସଭାପତି ବିକାଶ ତ୍ରିପାଠୀ, କୋଷାଧକ୍ଷ ଦିଲ୍ଲୀପ ମଲ୍ଲିକ, କାର୍ଯ୍ୟାଳୟ ସଂପାଦକ ବିନୟ ପାତ୍ର, ବିଦ୍ୟାଧର ବାରିକ, ଦଣ୍ଡପାଣି ଦାସ, ଶିଶିର ସାହୁ, ଲକ୍ଷ୍ମୀଧର ସାହୁ, ସୁରେନ୍ଦ୍ର ଦଳେଇ, ପଦ୍ମନାଭ ସାହୁ ପ୍ରମୁଖ ବହୁମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# ଅତିରିକ୍ତ ପୋଲିସ ଆରକ୍ଷୀ ଅଧିକ୍ଷକଙ୍କୁ ସ୍ୱାଗତ



କରଞ୍ଜିଆ(ଭାସ୍କର ନ୍ୟୁଜ): ରାଇରଙ୍ଗପୁର ଅତିରିକ୍ତ ପୋଲିସ ଆରକ୍ଷୀ ଅଧିକ୍ଷକ ଭାବେ ନାରାୟଣ ନାୟକ ଗତ ୧୯ ତାରିଖ ଯୋଗ ଦେବାପରେ ଶୁକ୍ରବାର କରଞ୍ଜିଆ ଥାନା ପରିଦର୍ଶନରେ ଆସିଥିଲେ। ଏହି ସମୟରେ କରଞ୍ଜିଆ ପ୍ରେସ କ୍ଲବ ସଂପାଦକ କର୍ଣ୍ଣାର୍ଜୁନ ସାହାଙ୍କ ନେତୃତ୍ୱରେ ସାମ୍ବାଦିକ ଭାଗବତ ଚନ୍ଦ୍ର ଦାସ, ଦୀପକ କୁମାର ମହନ୍ତ, ଅରୁଣ କୁମାର ବେହେରା, ଲଲଟେନ୍ଦୁ ପାତ୍ର, ସତ୍ୟବ୍ରତ ବେହେରା, ସୁମନ୍ତ ମହାନ୍ତ, ଜିତେନ୍ଦ୍ର ରାଜ, ସତ୍ୟବ୍ରତ ମିଶ୍ର, ବାପି ବାବୁ ପ୍ରମୁଖ କରଞ୍ଜିଆ ଥାନାରେ ତାଙ୍କୁ ଭେଟି ଫୁଲତୋଡା ଦେଇ ସ୍ୱାଗତ କରିଥିଲେ। ସ୍ୱାଗତ କରିବା ସମୟରେ ଉପଖଣ୍ଡ ପୋଲିସ ଅଧିକାରୀ ସୁବ୍ରତ କୁମାର ଓ ଆଇଆଇସି ନୀରୋଦ କୁମାର ମଲ୍ଲିକ ଉପସ୍ଥିତ ଥିଲେ।

# ପୁରୀ ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଉଦ୍‌ଯାପିତ




ପୁରୀ(ଭାସ୍କର ନ୍ୟୁଜ) : ଶରଧାବାଲିରେ ଚାଲିଥିବା ୨ ଦିନିଆ ଜିଲ୍ଲା ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଶୁକ୍ରବାର ଉଦଯାପିତ ହୋଇଯାଇଛି। ଶେଷ ଦିନରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲା ପରିଷଦର ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜୀବ କୁମାର ବେହେରା ଏହି ମେଳା ମତ୍ସ୍ୟ ଓ ପ୍ରାଣି ସମ୍ପଦରେ ରୁଚି ରଖୁଥିବା ଚାଷୀମାନଙ୍କ ପାଇଁ ବେଶ ଉପଯୋଗୀ ସାବ୍ୟସ୍ତ ହୋଇପାରିବ ବୋଲି କହିଥିଲେ। ପୂର୍ବାପେକ୍ଷା ବର୍ତ୍ତମାନ ର କୃଷି ରେ ବୈଷୟିକ ଜ୍ଞାନକୌଶଳ ଓ ଆଧୁନିକ ପ୍ରକ୍ରିୟାର ପ୍ରୟୋଗ ଅଧିକ ହେଉଛି। ଏକ ସମୟରେ ଗୋଟିଏ ସ୍ଥାନରେ ଏକାଧିକ ଚାଷ ବା ଇଣ୍ଟିଗ୍ରେଟେଡ ଫାର୍ମିଂ ପାଇଁ ଏବେ ସମସ୍ତେ ଆଗ୍ରହୀ। ଏହା ସେମାନଙ୍କ ଆର୍ଥିକ ସ୍ଥିତିକୁ ମଜବୁତ କରିବା ସହ ପରିଚୟ ମଧ ଦେଉଛି ବୋଲି ସେ ମତ ଦେବା ସହ ଏହି ମେଳା ଚାଷୀଙ୍କୁ ସେମାନଙ୍କ ଅନେକ ପ୍ରଶ୍ନ ଓ ସମସ୍ୟା ସମାଧାନରେ ସହାୟକ ହୋଇପାରିଛି ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ବୈଜ୍ଞାନିକ ଡଃ ଅମ୍ବିକା ପ୍ରସାଦ ନାୟକ ବର୍ତ୍ତମାନ ଚାଷୀଙ୍କ ପାରମ୍ପରିକ ଚାଷ ପ୍ରଣାଳୀରେ ପରିବର୍ତ୍ତନ ସହ ସମନ୍ୱିତ ଚାଷ ପ୍ରତି ଆଗ୍ରହ ବୃଦ୍ଧି ଏକ ଶୁଭ ଲକ୍ଷଣ। ତାହାର ବିକାଶ ପାଇଁ ଏହି ମେଳା ସହାୟକ ହେବ ବୋଲି ସେ ମତ ଦେଇଥିଲେ। ପରେ ମତ୍ସ୍ୟ ପୋଖରୀ ପାଇଁ ଚାଷୀ ମୋନାଲିସା ଶତପଥୀ, ବାୟୋଫ୍ଲକ ମାଧ୍ୟମରେ ଚାଷ କରୁଥିବା ଚାଷୀ ଆରତୀ ପଣ୍ଡା, ପ୍ରାଣି ସମ୍ପଦ ପକ୍ଷରୁ ଡାଏରୀ ଫାର୍ମ କରିଥିବା ଅସ୍ତରଙ୍ଗର ମିଥୁନ ସେନାପତି ଓ ଗୋପ ବ୍ଲକର ଘୁଷୁରୀ ଚାଷ କରୁଥିବା ଝୁନା ବେହେରାଙ୍କୁ ଉତ୍କୃଷ୍ଟ ଚାଷୀ ଭାବେ ସମ୍ବର୍ଦ୍ଧନା ଓ ପୁରସ୍କାର ପ୍ରଦାନ କରଯାଇଥିଲା । ଏଥିରେ ଜିଲ୍ଲା ମତ୍ସ୍ୟ ଅଧିକାରୀ ବିଭୂତି ରଞ୍ଜନ ରାଉତ ଅଧକ୍ଷତା କରିଥିଲେ। ମୁଖ୍ୟ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡା: ଶରତ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ମେଳାର ବିଭିନ୍ନ କାର୍ଯ୍ୟରେ ମତ୍ସ୍ୟ ଓ ପ୍ରାଣି ସମ୍ପଦ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ସହଯୋଗ କରିଥିଲେ।

## ନାହଙ୍ଗ କ୍ଲଷ୍ଟରସ୍ତରୀୟ ବୈଠକ

ନିଶ୍ଚିନ୍ତକୋଇଲି(ଭାସ୍କର ନ୍ୟୁଜ): ନାହଙ୍ଗ କେନ୍ଦ୍ରାଧିନ ୭ଟି ଉଚ୍ଚ ପ୍ରାଥମିକ ଓ ୨ଟି ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଜଣେ ଲେଖାଏଁ ସହକାରୀ ଶିକ୍ଷକଙ୍କୁ ନେଇ ଷଷ୍ଠ ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସରକାରୀ କେନ୍ଦ୍ର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନାହଙ୍ଗ ଠାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକକୁ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ସାହୁ ଓ ସଙ୍କୁଳ ସାଧନ ସଂଯୋଜକ ରମାକାନ୍ତ ଦାସ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଅନ୍ୟ ପ୍ରମୁଖ ସଦସ୍ୟ ମାନଙ୍କ ମଧ୍ୟରେ ବଳଦେବ ଜୀଉ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଦିପ୍ତ ମହାପାତ୍ର,ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଆପିଲୋର ପ୍ରଧାନ ଶିକ୍ଷକ ଅନନ୍ତ କିଶୋର ଭୋଇ, ଶ୍ରୀଧର କୁଅଁର, ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସାବିତ୍ରୀ ନନ୍ଦ, ସରକାରୀ କେନ୍ଦ୍ର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନାହଙ୍ଗର ପ୍ରଧାନ ଶିକ୍ଷକ ଜ୍ୟୋତିରଞ୍ଜନ ମହାନ୍ତିଙ୍କ ସମେତ ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଅନ୍ୟ ଶିକ୍ଷକମାନେ ଉପସ୍ଥିତ ଥିଲେ।

# ନାରିକେଳ ଚାଷ ସଚେତନତା ଶିବିର



ବାରଙ୍ଗ(ଭାସ୍କର ନ୍ୟୁଜ): ବାରଙ୍ଗ ବ୍ଲକ୍ ଚୁଡ଼ଙ୍ଗଗଡ ନିକଟ ଏକ ବଗିଚାରେ ଓଡ଼ିଶା ନାରିକେଳ ବିକାଶ ଓ ଟାଟା ଓ୍ୱିରନ୍‌ର ମିଳିତ ଆନୁକୂଲ୍ୟରେ ନଡ଼ିଆ ଚାଷ ଓ ପୋଷଣ ଉପରେ ଏକ ଶିବିର ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ନାରିକେଳ ବିକାଶ ଅଧିକାରୀ ରବିନାରାୟଣ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ କର୍ମଶାଳା ଟାଟା ଓ୍ୱିରନ ଅଧିକାରୀ ରମଣ ସିଂଙ୍କ ତତ୍ତ୍ୱାବଧାନରେ ପରିଚାଳନା କରାଯାଇଥଲା । ଜିଲ୍ଲାପରିଷଦ ସଭ୍ୟ ତୁଷାରକାନ୍ତ ଚ଼କ୍ରବର୍ତ୍ତି, ଦିପକ କୁମର ସ୍ୱାଇଁ, ପ୍ରଶାସନିକ ସେବା ନିବୃତ ଅଧିକାରୀ ଡ଼ ମନ୍ମଥ ପାଣି, ଭୂପତି ଭୂଷଣ ପାଣି, ଡ଼ କିଶୋର ଚ଼ନ୍ଦ୍ର ପାଣିଙ୍କ ସମେତ ବହୁ ଚାଷୀ ଉପସ୍ଥିତ ରହି ନଡିଆ ଚାଷ ସମ୍ପର୍କରେ ବୁଝିଥିଲେ। ବାରଙ୍ଗ ସହକାରୀ କୃଷି ଅଧିକାରୀ ପୁଷ୍ପିତା ସାହୁ ଓ ନାରିକେଳ ଉନ୍ନୟନ ବିଭାଗର ପିଲଡ ଅଫିସର ଖିତୀଶ ପାଣି ପରିଚାଳନାରେ ସହାୟତା କରିଥିଲେ ।

# ୨୦୧୨ ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁମିଳନ



କାକଟପୁର(ଭାସ୍କର ନ୍ୟୁଜ): କାକଟପୁର ବ୍ଲକ ଅନ୍ତର୍ଗତ ଲତାହରଣ ଗ୍ରାମର ଗୁରୁକୁଳ କୋଚିଂ ସେଣ୍ଟର ପରିସରରେ (୨୦୧୨)ମସିହା ମାଟ୍ରିକ ବ୍ୟାଚ ଛାତ୍ରଛାତ୍ରୀମାନଙ୍କର ବନ୍ଧୁ ମିଳନ ଉତ୍ସବ ରବିନ୍ଦ୍ର ବରାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଅତିଥି ଭାବେ ଅଧୀର ସାର, ପ୍ରଗତିବାଳା, ପିଣ୍ଟୁ ଗୁରୁଜୀ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଆର୍ଶୀବାଦ ଅର୍ପଣ ପୂର୍ବକ ସେମାନଙ୍କର ଦୀର୍ଘ ଜୀବନୀ କାମନା କରିଥିଲେ । ଉତ୍ସବରେ ଛାତ୍ର ଛାତ୍ରୀ ମାନେ ଗୁରୁଜୀ ଗୁରୁମା ମାନଙ୍କୁ ପୁଷ୍ପ ଗୁଚ୍ଛ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ କ୍ଷ ଅନ୍ୟ ମାନଙ୍କ ମଧ୍ୟରେ ଜଗନ୍ନାଥ, ମୁନ୍ନା, ବିଷ୍ଣୁ, ଆଫ୍ରିଦ, ନିଜାମ, ମେହେବୁବ, ପିଣ୍ଟୁ, ରାଜେନ୍ଦ୍ର, ଜୁନେଦ, ସାଗୀର, ବିଭୁଦତ୍ତ, ସୋଏବ ଅନସ, ମନସୁର, ବାରୀ, ସୋନି, ଆଲିମ, ସୋନାଲି, ରୁନି, ଶୁଚି, ଗାୟତ୍ରୀ, ଚାନ୍ଦିନୀ, ପୁଷି, ବୁବୁ, ମୀରା, ଶୁଭସ୍ମିତା, ନଗ୍ମା, ସୁଚିତ୍ରା, ଲକ୍ଷ୍ମୀପ୍ରିୟା, ପିଙ୍କି ପ୍ରମୁଖ ୫୦ରୁ ଉର୍ଦ୍ଧ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ଉତ୍ସବ ଶେଷରେ ପିଣ୍ଟୁ ଗୁରୁଜୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ବାଲିଚନ୍ଦ୍ରପୁର: ଛାତ୍ରଙ୍କ ସଫଳତା ପାଇଁ କୃତଜ୍ଞତା




ବାଲିଚନ୍ଦ୍ରପୁର (ଭାସ୍କର ନ୍ୟୁଜ): ଉପହାର ଫାଉଣ୍ଡେସନ, ଓଡ଼ିଶା ଦ୍ୱାରା ଜାତୀୟ ସ୍ତରୀୟ ଅନଲାଇନ କ୍ୟୁଜ୍ ପ୍ରତିଯୋଗିତା ଜି.ପ୍ୟାଟ ମାରାଥନ ୨୦୨୪ରେ ପରିଚାଳିତ ପ୍ରତିଯୋଗିତାରେ କବି ଶେଖର ଭଞ୍ଜ ଓଡ଼ିଶାର ର୍‍ୟାଙ୍କ ପ୍ରଥମରେ ମନୋନିତ ହୋଇଛନ୍ତି। ସେ ସି.ପି.ଏସ (ପୁରୀ) ରେଜିଷ୍ଟ୍ରେସନ ନମ୍ବର ୨୧୦୩୨୯୬୦୩୫ରେ ଏହି କୃତିତ୍ୱ ହାସଲ କରିଛନ୍ତି। ସେ ମଧ ଜାତୀୟ ଫାର୍ମାସି ସପ୍ତାହ ଉପଲକ୍ଷେ ଆୟୋଜିତ ତର୍କ ପ୍ରତିଯୋଗିତାରେ ତୃତୀୟ ସ୍ଥାନ ଅଧିକାର କରି ସିପିଏସ ପୁରୀର ଗୌରବ ଆଣିଛନ୍ତି। ଏହି କୃତିତ୍ୱ ପାଇଁ ସେ ଇଶ୍ୱରଙ୍କ ଆର୍ଶିବାଦ ସହ ଅନୁଷ୍ଠାନର ମାର୍ଗଦର୍ଶକ, ଅଧାପକ ଓ ଅଧାପିକାଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ନିଜର ନିଷ୍ଠା ଦୃଢ ମନୋବଳ ଓ ଅଧବସାୟ ଫଳରେ ଏହା ପାଇବା ପାଇଁ ସେ ଯୋଗ୍ୟ ବିବେଚିତ ହୋଇଥିବା ପ୍ରକାଶ କରିଛନ୍ତି। ପ୍ରକାଶଥାଉ କି କବି ଶେଖର ଭଞ୍ଜ ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲିପଡ଼ିଆ ଗ୍ରାମ ପଞ୍ଚାୟତ ଦେକୁଡ଼ି ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ଅଶୋକ କୁମାର ଭଞ୍ଜଙ୍କର ଏକ ମାତ୍ର ସନ୍ତାନ ଅଟନ୍ତି। ତାଙ୍କର ଏହି ସଫଳତା ପାଇଁ ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷଙ୍କ ପକ୍ଷରୁ ତାଙ୍କର ଦୀର୍ଘ ସୁସ୍ଥ ନିରାମୟ ଜୀବନ ଓ ଉତ୍ତରୋତ୍ତର ଉନ୍ନତି କାମନା ସହ ଶୁଭେଚ୍ଛା ଜଣାଇଥିବା ଜଣାପଡ଼ିଛି।

### ଆଳୁଚାଷ କରି ସ୍ୱାବଲମ୍ବୀ ହେବେ ଡେରାବିଶର ଚାଷୀ

# ଉଦ୍ୟାନ କୃଷି ବିଭାଗ ପକ୍ଷରୁ ୭୨୭ ପ୍ୟାକେଟ୍ ଆଳୁ ବିହନ ବିତରଣ

ଡେରାବିଶ(ଭାସ୍କର ନ୍ୟୁଜ): ଡେରାବିଶ ବ୍ଲକର ଚାଷୀମାନେ ଆଳୁ ଚାଷ କରି ସେମାନଙ୍କ ପରିବାରର ବର୍ଷକର ଆବଶ୍ୟକତା ପୁରଣ ସହ ଏହାକୁ ବିକ୍ରିକରି ଆର୍ଥିକ କ୍ଷେତ୍ରରେ ଅଭିବୃଦ୍ଧି ହେବା ପାଇଁ ଡେରାବିଶ ବ୍ଲକ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ବ୍ଲକ୍‌ର ଚାଷୀଙ୍କୁ ୭୨୭ ପ୍ୟାକେଟ୍ ଆଳୁ ବିହନ ଯୋଗାଇ ଦିଆଯାଇଛି । ତେବେ ଚଳିତ ବର୍ଷ ସରକାରଙ୍କ ପକ୍ଷରୁ ଡେରାବିଶ ବ୍ଲକ ଅଂଚଳରେ ମୋଟି ୨୨ ହେକ୍ଟର ଜମିରେ ଆଳୁ ଚାଷ କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ବେଳେ ଏବେ ସୁଦ୍ଧା ୨୫ ହେକ୍ଟର ଜମିରେ ଆଳୁ ଚାଷ ପାଇଁ ବିହନ ଯୋଗାଇ ଦିଆଯାଇଥିବା ଜଣାପଡ଼ିଛି । ତେବେ ଆଳୁ ଏକ ଅତ୍ୟାବଶ୍ୟକ ପରିବା ହୋଇଥିବାରୁ ଏବେ ଏହାର ବଜାର ଦର ବହୁ ଉଚ୍ଚା ରହୁଛି । ଓଡ଼ିଶାରେ ଖୁବ୍ କମ୍ ଆଳୁ ଉତ୍ପାଦିତ ହେଉଥିବା ଓଡ଼ିଶାର ଖାଉଟିମାନେ ଅତ୍ୟାବଶ୍ୟକ ଆଳୁ ନିମନ୍ତେ ପଡୋଶୀ ପଶ୍ଚିମବଙ୍ଗ ସମେତ ଅନ୍ୟାନ୍ୟ ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଛି । ଫଳରେ ଅନ୍ୟ ରାଜ୍ୟର ମନମାନୀ ଯୋଗୁ ଓଡ଼ିଶାର ଖାଉଟିମାନେ ବର୍ଷସାରା ଚଢ଼ା ଦଳରେ ଆଳୁ କିଛି ସେମାନଙ୍କ ପକେଟ ଖାଲି କରୁଛନ୍ତି । ଏହାକୁ ଦୃଷ୍ଟିରେ ରଖି ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଚାଷୀମାନଙ୍କୁ ଆଳୁ ଚାଷ କରିବା ପାଇଁ ପ୍ରୋତ୍ସାହନ ଦିଆଯାଉଥିବା ବେଳେ ଚାଷୀମାନେ ମୋଟି ୭୨୭ ପ୍ୟାକଟ୍ ବିହନ ଉଦ୍ୟାନ କୃଷି ବିଭାଗ ଠାରୁ କିଣିଛନ୍ତି । ଏହି କ୍ରମରେ ବ୍ଲକ ଅନ୍ତର୍ଗତ ଯଅଁରାବାରିମୂଳ ପଞ୍ଚାୟତରେ ୩୬୬ ପ୍ୟାକେଟ, ଇନ୍ଦାଲୋ ୨୦୦, ହରିଅଙ୍କ ୪୧, ଖମୋଳରେ ୨୫, କାଉପଡ଼ା ୨୮, ଚାଟରାଚକଡ଼ା ୬, ରଘୁଦେଇପୁର ୬, ନହଙ୍ଗ ୯, ଛୋଟି ପଞ୍ଚାୟତ ନେତୁଆରେ ୪୦ ଓ ବସପୁର ପଞ୍ଚାୟତରେ ୬ ପ୍ୟାକଟ୍ ଆଳୁ ବିହନ ଚାଷୀଙ୍କୁ ବିକ୍ରୟ କରାଯାଇଥିବା ଜଣାପଡ଼ିଛି । ତେବେ ଚାଷୀମାନେ ଏହି ଆଳୁ ବିହନକୁ ୫୦ କେଜିଆ ପ୍ୟାକେଟ୍ ପିଛା ୧୦୦୦ ଟଙ୍କାରେ କିଣୁଥିବା ବେଳେ ଏହାକୁ ଚାଷ କରିବା ପରେ ଜମିର ଉପଯୁକ୍ତ କାଗଜପତ୍ର ଓ ଜିଓଟ୍ୟାଗିଂ କରାଇ ୫୦୦ ଟଙ୍କା ଫେରସ୍ତ ପାଇପାରିବେ । ତେବେ ଏହି ଆଳୁ ଚାଷୀଙ୍କୁ ଦେଖି ବ୍ଲକର ଅନ୍ୟ ଚାଷୀମାନେ ଏବେ ଆଳୁ ଚାଷ କରିବା ପାଇଁ ଆଗ୍ରହ ପ୍ରକାଶ କରୁଥିବା ବେଳେ ଡେରାବିଶ ବ୍ଲକ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ସେମାନଙ୍କୁ ମଧ ଆହୁରି ଅଧିକ ଆଳୁ ବିହନ ଯୋଗାଇ ଦିଆଯିବ ବୋଲି ଜଣାପଡ଼ିଛି ।



# ଆମ କଳାହାଣ୍ଡି





## ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ 'ସର୍ଗିଫୁଲ' ଉଦ୍‌ଯାପିତ

ଭବାନୀପାଟଣା, (ଭାସ୍କର ନ୍ୟୁଜ): କଳାହାଣ୍ଡିର ଜୟପାଟଣା ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଖଲିଆଭଟା ଠାରେ ଅନୁସୂଚିତ ଜାତି ଓ ଜନଜାତି ତଥା ସଂଖ୍ୟା ଲଘୁ ଓ ପଛୁଆବର୍ଗ ଉନ୍ନୟନ ବିଭାଗ କଳାହାଣ୍ଡି ଆନୁକୂଲ୍ୟରେ ଦୁଇଦିନ ଧରି ଚାଲିଥିବା 'ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ସର୍ଗିଫୁଲ ୨୦୨୪' ଅନୁଷ୍ଠିତ ହୋଇଯାଇଛି । ଛାତ୍ରଛାତ୍ରୀମାନଙ୍କର ଅନ୍ତର୍ନିହିତ ପ୍ରତିଭାର ବିକାଶ ପାଇଁ ଏହି ଉତ୍ସବରେ ବିଜ୍ଞାନ ପ୍ରଦର୍ଶନୀ, ପ୍ରବନ୍ଧ ଲିଖନ, ବକ୍ତୃତା, କଣ୍ଠ ସଂଗୀତ, ଚିତ୍ରକଳା, କୁଇଜ, ଏକକ ଅଭିନୟ, ବାଦ୍ୟଯନ୍ତ୍ର ସଙ୍ଗୀତ, ଏକକ ନୃତ୍ୟ, ଦଳଗତ ନୃତ୍ୟ ଏବଂ ଭଲିବଲ୍ ଆଦି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଭଳି ପ୍ରତିଯୋଗିତା ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭା କେବଳ ଯେ କେବଳ ଲୋକଲୋଚନକୁ ଆସିପାରିବ ତାହା ନୁହେଁ ବରଂ ସେମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହେବା ସହିତ ଏକ ସୁସ୍ଥ ସମାଜ ଗଠନରେ ସହାୟକ ହୋଇପାରିବ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲ୍ଲାର ୨୧ ଗୋଟି ଏସ୍ଏସ୍‌ଡି ଉଚ୍ଚ ବିଦ୍ୟାଳୟ, ୬ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ୨୦ଟି ଆଶ୍ରମ ବିଦ୍ୟାଳୟ, ଗୋଟିଏ ଇଏମ୍ଆର୍ ଏସ ଧଅଁରାଭଟା ଓ ୩ଟି ଅନ୍ୱେଷା ଛାତ୍ରାବାସର ମୋଟ ୬୫୦ ଛାତ୍ରୀ ଏବଂ ୩୫୦ ଛାତ୍ର ଏବଂ ସମସ୍ତ ବିଦ୍ୟାଳୟର ଗାଇଡ୍ ଶିକ୍ଷକ, ମେଟ୍ରୋନ, ବିଜ୍ଞାନ ଶିକ୍ଷକ ଶିକ୍ଷୟିତ୍ରୀ, ଖେଳ ଶିକ୍ଷକ ତଥା ବିଭିନ୍ନ ସବ୍‌କମିଟିର ଶିକ୍ଷକ ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ । ଉଭୟ ଜୁନିଅର ଓ ସିନିୟର୍ ଦୁଇଟି ବର୍ଗରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ ଛାତ୍ରଛାତ୍ରୀମାନେ ଭାଗ ନେଇଥିଲେ । ପ୍ରକଳ୍ପ ପ୍ରଶାସକ ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ, ଥୁଆମୂଳ ରାମପୁର ତଥା ସର୍ଗିଫୁଲ ୨୦୨୪ ଆୟୋଜକ କମିଟିର ଅଧ୍ୟକ୍ଷ ରାମକୃଷ୍ଣ ଗଣ୍ଡ ଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲାବେଳେ ଏସ୍ଏସ୍‌ଡି ବିଭାଗର ଶିକ୍ଷା ନିରୀକ୍ଷକ କମଳାକାନ୍ତ ପ୍ରହରାଜ ସଭାପତିତ୍ୱ କରିଥିଲେ । ସମ୍ମାନିତ ଅତିଥି ଭାବରେ ଜିଲ୍ଲା ମଙ୍ଗଳ ଅଧିକାରୀ ଅରବିନ୍ଦ ରାୟ, ଜୟପାଟଣା ବ୍ଲକ ଆଦିବାସୀ ସଂଘ ସଭାପତି ମନୋଜ ପାତ୍ର, ଜିଲ୍ଲା ଶିକ୍ଷା ନିରୀକ୍ଷକ ଉଦୟସିଂ ମାଝୀ, ଜୟପାଟଣା ବ୍ଲକ ଉପାଧ୍ୟକ୍ଷା ଜାନକୀ ବାଣୁଆ, ଖଲିଆଭଟା ସରପଞ୍ଚ ଶ୍ରୀମତୀ ମାଝୀ, ଖଲିଆଭଟା ଗ୍ରା.ପ.ସମିତିସଭ୍ୟା ପ୍ରଭା ପୂଝାରୀ, ବେଦବ୍ୟାସ ପ୍ରଧାନ, ପ୍ରଧାନଶିକ୍ଷକ, ବାଳିକା ଉଚ୍ଚ ବିଦ୍ୟାଳୟ, ମଧୁପୁର ଏବଂ ଖଲିଆଭଟା ବିଦ୍ୟାଳୟର ପ୍ରଧାନଶିକ୍ଷକ ଉମାଶାଙ୍କର ପଣ୍ଡା ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ମାର୍ଗଦର୍ଶନ କରିଥିଲେ । ସାନ୍ଧ୍ୟ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ମତ୍ସ୍ୟ ଓ ପଶୁ ପାଳନ ବିଭାଗର ପ୍ରାକ୍ତନ ଡେପୁଟି କମିଶନର ଡା. ବାସୁଦେବ ସୁନାନୀ, (ଭାରତ ସରକାର), ଅବସର ପ୍ରାପ୍ତ ପ୍ରଶାସନିକ ଅଧିକାରୀ ଗଙ୍ଗାଧର ମାଝୀ, ଜୟପାଟଣା ବିଡିଓ ଧର୍ମରାଜ୍ ମାଝୀ, ଜିଲ୍ଲା ମଙ୍ଗଳ ଅଧିକାରୀ ଅରବିନ୍ଦ ରାୟ ଏବଂ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀ ପଣ୍ଡା ଉପସ୍ଥିତ ରହି ପ୍ରଥମ ଦିନରେ ହୋଇଥିବା ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ସମାରୋପ କାର୍ଯ୍ୟକ୍ରମରେ ଜିଲ୍ଲା ମଙ୍ଗଳ ଅଧିକାରୀ ଅରବିନ୍ଦ ରାୟ, ସହ ଜିଲ୍ଲା ମଙ୍ଗଳ ଅଧିକାରୀ, ଭବାନୀପାଟଣା ଜାନକୀ ବଲ୍ଲଭ ସାମନ୍ତରାୟ, ଜଗନ୍ନାଥ ମାଝୀ, ଧର୍ମେନ୍ଦ୍ର ମାଝୀ, ସତ୍ୟାନନ୍ଦ ପୁଝାରୀ ଏବଂ ପ୍ରଧାନଶିକ୍ଷକ ଉମାଶାଙ୍କର ପଣ୍ଡା ଉପସ୍ଥିତ ରହି କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ । ଉଭୟ ବାଳକ ବାଳିକା ବିଭାଗର ଭଲିବଲ ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୋଇଥିଲା । ଗୋପାଳପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାଳକ ଭଲିବଲ୍ ଦଳ ଓ ମଧୁପୁର ବାଳିକା ଉଚ୍ଚ ବିଦ୍ୟାଳୟର ବାଳିକା ଦଳ ପ୍ରଥମ ସ୍ଥାନ ଅଧିକାର କରି ୨୨ ନଭେମ୍ବରରେ ହେବାକୁ ଥିବା ଜୋନାଲ ସ୍ତରର ପ୍ରତିଯୋଗିତାରେ ଭାଗନେବେ । ଶିକ୍ଷକ ପ୍ରଶାନ୍ତ କୁମାର ପଣ୍ଡା ମଞ୍ଚ ପରିଚାଳନା କରିଥିଲେ ଏବଂ ଶିକ୍ଷକ ସଞ୍ଜୀବ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମରେ ବେଦବ୍ୟାସ ପ୍ରଧାନ, ସନ୍ତୋଷ ମେହେର, ପ୍ରମୋଦ ଛତ୍ରିଆ , ଅଞ୍ଜଳୀ ପଣ୍ଡା, ଶଶୀ ମାଝି, ସନ୍ଦୀପ ମିଶ୍ର ମଞ୍ଚ ପରିଚାଳନା କରିଥିଲେ । ଶେଷରେ କୃତି ଛାତ୍ରଛାତ୍ରୀମାନଙ୍କୁ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ପୁରସ୍କୃତ କରିଥିଲେ । ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ସହଯୋଗ କରିଥିବା ବେଳେ ଜିଲ୍ଲାର ସମସ୍ତ ଏସ୍ଏସ୍‌ଡି ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ତଥା ଖେଳ ଶିକ୍ଷକମାନେ ଉପସ୍ଥିତ ରହି ଖେଳ ପରିଚାଳନା କରିଥିଲେ । ପ୍ରଦର୍ଶନୀର ସମସ୍ତ ସାଜସଜ୍ଜା ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ବିଶିଷ୍ଟ ଚିତ୍ରଶିଳ୍ପୀ ତଥା ରାଜ୍ୟ ପୁରସ୍କାରପ୍ରାପ୍ତ ଶିକ୍ଷକ ମୁକୁନ୍ଦ ରେଡ୍ଡି, ଶିଳ୍ପୀ ବିଜନ ରେଡ୍ଡି, ରୋହନ ରେଡ୍ଡି, ଶିଳ୍ପୀ ଟଗର ପ୍ରମୁଖ ସହଯୋଗ କରିଥିଲେ । ଏହି ପ୍ରତିଯୋଗିତାରେ ପ୍ରଥମ ହୋଇଥିବା ସମସ୍ତ ପ୍ରତିଯୋଗୀମାନେ ଆସନ୍ତା ଡିସେମ୍ବର ମାସରେ ହେବାକୁ ଥିବା ରାଜ୍ୟସ୍ତରୀୟ ସର୍ଗୀଫୁଲ ୨୦୨୪ ରେ ଭାଗନେବେ ବୋଲି ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି ।




## କଳାହାଣ୍ଡି ଯାନ୍ତ୍ରିକ ମହାବିଦ୍ୟାଳୟର ନୂତନ ଅଧ୍ୟକ୍ଷ ଡ. ଶୁଭ୍ରାଂଶୁ

ଭବାନୀପାଟଣା, (ଭାସ୍କର ନ୍ୟୁଜ): ସ୍ଥାନୀୟ ସରକାରୀ ଯାନ୍ତ୍ରିକ ମହାବିଦ୍ୟାଳୟ, କଳାହାଣ୍ଡିର ନୂତନ ଅଧ୍ୟକ୍ଷ ଭାବେ ଡ.ଶୁଭ୍ରାଂଶୁ ଶେଖର ଦାସ ଯୋଗ ଦେଇଥିବା ଜଣାପଡ଼ିଛି । ଏହା ପୂର୍ବରୁ ଡ.ଦାସ ସରକାରୀ ଯାନ୍ତ୍ରିକ ମହାବିଦ୍ୟାଳୟ କେନ୍ଦୁଝରରେ ଇଲେକ୍ଟ୍ରିକାଲ୍ ବିଭାଗର ମୁଖ୍ୟ ଭାବେ କାମ କରିଥିଲେ ଓ ପରେ ସେହି ମହାବିଦ୍ୟାଳୟର ଅଧ୍ୟକ୍ଷ ଭାବେ ଦାୟିତ୍ୱ ସମ୍ପାଦନ କରିଥିଲେ । ଚେନ୍ନାଇର ଏସ୍ଆର୍ଏମ୍ ବିଶ୍ୱବିଦ୍ୟାଳୟରେ ସେ ଏଚ୍‌ଓଡି ଭାବେ ମଧ୍ୟ ସେ କାର୍ଯ୍ୟ କରିଥିଲେ । ତାଙ୍କ ଅଧୀନରେ ୪୧ଜଣ ପିଏଚ୍‌ଡି ଛାତ୍ରଛାତ୍ରୀ ଡକ୍ଟରେଟ୍ ଲାଭ କରିଥିଲା ବେଳେ ତାଙ୍କ ଲିଖିତ ୨୮୫ଟି ସନ୍ଦର୍ଭ ନାନା ଜାତୀୟ ଓ ଆନ୍ତର୍ଜାତିୟ ସମ୍ମିଳନୀରେ ପ୍ରକାଶିତ ମୂଲ୍ୟବାନ ଜର୍ଣ୍ଣାରେ ପ୍ରକାଶିତ ହୋଇଛି । ଡ. ଦାସ ଲିହାର୍ଭେ ବିଶ୍ୱବିଦ୍ୟାଳୟ, ଫ୍ରାନ୍ସର ଉଇସ୍କନସିନ୍ ବିଶ୍ୱବିଦ୍ୟାଳୟ, ଆମେରିକାର ମିଲୱାଇକି ତଥା ଫ୍ରାନ୍ସିସ୍କୋର ରାବେଲାଇସ୍ ବିଶ୍ୱବିଦ୍ୟାଳୟର ଭିଜିଟିଂ ପ୍ରଫେସର ରୂପେ ମଧ୍ୟ ବେଶ୍ ଖ୍ୟାତି ଅର୍ଜନ କରିଛନ୍ତି । ଯାନ୍ତ୍ରିକ ତଥା ଅନ୍ୟାନ୍ୟ ବିଷୟକୁ ନେଇ ସେ ପ୍ରାୟ ୩୦ରୁ ଉର୍ଦ୍ଧ୍ୱ ପୁସ୍ତକ ରଚନା କରିଛନ୍ତି । ସେ ଭାରତର ଇନ୍‌ଷ୍ଟିଚ୍ୟୁସନ୍ ଓ ଆଇଏସ୍‌ଟିଇର ଆଜୀବନ ସଦସ୍ୟ ଭାବେ କାର୍ଯ୍ୟ କରିଆସୁଛନ୍ତି । କଳାହାଣ୍ଡି ଯାନ୍ତ୍ରିକ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟର ମାନ୍ୟତା ଦେବା ପାଇଁ ସେ ସବୁବେଳେ ଚେଷ୍ଟା କରିବା ବୋଲି ପ୍ରକାଶ କରିଛନ୍ତି ।



## ମାଣ୍ଡିଆରୁ ଏନର୍ଜି ଡ୍ରିଙ୍କ୍ସ ପ୍ରସ୍ତୁତ ପାଇଁ ଏମ୍‌ଓୟୁ ସ୍ୱାକ୍ଷରିତ

ଭବାନୀପାଟଣା, (ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲାର ଏକମାତ୍ର ଷ୍ଟାର୍ଟଅପ୍ ଟ୍ରେଡିଫ୍ରେସେଲଦି ପ୍ରାଇଭେଟ ଲିମିଟେଡ୍ ସମ୍ବଲପୁର ଆଇଆଇଏମ୍‌ରେ ଏନକ୍ୟୁବେସନ ପାଇଁ ମନୋନୀତ ହୋଇଛି । ମାଣ୍ଡିଆରୁ ଏନର୍ଜି ଡ୍ରିଙ୍କ ପାଇଁ ପ୍ରୋଟୋଟାଇପ୍ ପ୍ରସ୍ତୁତି ସହିତ ମାର୍କେଟିଂ ଓ ଫଣ୍ଡିଂ ପାଇଁ ଆଇଆଇଏମ୍ ସମ୍ବଲପୁର ମାର୍ଗଦର୍ଶନ କରିବା ପାଇଁ ଷ୍ଟାର୍ଟଅପ ଟ୍ରେଡିଫ୍ରେସେଲଦି ପ୍ରାଇଭେଟ ଲିମିଟେଡ୍ ସହିତ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି । ବିଲୁପ୍ତ ହେଉଥିବା ମାଣ୍ଡିଆରୁ ଏନର୍ଜି ଡ୍ରିଙ୍କ୍ ପ୍ରସ୍ତୁତି ପାଇଁ ଏହି ଷ୍ଟାର୍ଟଅପ କାର୍ଯ୍ୟ କରୁଛି । ପୂର୍ବରୁ ମାଣ୍ଡିଆ ଅଟା ପ୍ରସ୍ତୁତ କରିବା ସହିତ ବିଭିନ୍ନ ଡ଼ିଜିଟାଲ ପ୍ଲାଟଫର୍ମ ଓ ଅଫ୍‌ଲାଇନ୍‌ରେ ଏହା ନିଜର ବ୍ୟବସାୟ ଆରମ୍ଭ କରିଛି । କୃଷି ବିଭାଗ କ୍ଷେତ୍ରରେ ମାଣ୍ଡିଆର ବିଭିନ୍ନ ଉତ୍ପାଦ ପ୍ରୋଟୋଟାଇପ ଓ ଅନ୍ୟାନ୍ୟ ଆନୁସଙ୍ଗିକ ବ୍ୟବସ୍ଥା ନିମନ୍ତେ ଉଭୟେ କାର୍ଯ୍ୟ କରିବେ । କଳାହାଣ୍ଡିର ଏକମାତ୍ର ଷ୍ଟାର୍ଟଅପ୍ ଇନକ୍ୟୁବେସନ ପାଇଁ ମନୋନୀତ ହୋଇଥିବାବେଳେ ଅନ୍ୟମାନଙ୍କ ପାଇଁ ଏହା ପ୍ରେରଣା ପାଲଟିଛି । ଏହି ଷ୍ଟାର୍ଟଅପ୍ ଟ୍ରେଡିଫ୍ରେସେଲଦି ପ୍ରାଇଭେଟ ଲିମିଟେଡ୍ କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ଅର୍ନ୍ତଗତ ଭଇଁରିଗୁଡା ଗ୍ରାମରେ କାର୍ଯ୍ୟ କରୁଛି । ଆଗକୁ ମାଣ୍ଡିଆରୁ ବିଭିନ୍ନ ଉପାଦେୟ ଗୁଣବତ୍ତା ପ୍ରସ୍ତୁତି କରି ହଜି ଯାଉଥିବା କୃଷି ଉତ୍ପାଦର ବ୍ୟବହାର ପାଇଁ ଆମ ଷ୍ଟାର୍ଟଅପ ସଂକଳ୍ପବଦ୍ଧ ଅଛି ବୋଲି ସଂସ୍ଥାର ମୁଖ୍ୟ ମିଳନ କୁମାର ବିଶି ସୂଚନା ଦେଇଛନ୍ତି ।




## ଟ୍ରକ୍-ପିକଅପ୍ ଧକ୍କା ୨ ଗୁରୁତର

ଧର୍ମଗଡ଼, (ଭାସ୍କର ନ୍ୟୁଜ): ଜାତୀୟ ରାଜପଥ ୨୬ କୋକସରା ଥାନା ଡଙ୍ଗରିଗୁଡା ଆପନା ଢ଼ାବା ନିକଟରେ ଗୁରୁବାର ବିଳମ୍ବିତ ରାତିରେ ଏକ ଅଭାବନୀୟ ଦୁର୍ଘଟଣା ଘଟିଛି । ଢ଼ାବା ନିକଟରେ ରହିଥିବା ଏକ ଟ୍ରକ୍‌କୁ ଜୟପୁର ପଟୁ ବଲାଙ୍ଗୀରକୁ ଟମାଟୋ ବୋଝେଇ ଯାଉଥିବା ପିଅପ ଗାଡି ଓଡ଼ି ୦୩ ଏ ବି ୫୬୭୪ ପଛ ପଟୁ ଧକ୍କା ଦେଇଥିଲା । ଫଳରେ ପିକ୍‌ଅପ୍ ଗାଡି ମଧ୍ୟରେ ଡ୍ରାଇଭର ଓ ଅନ୍ୟ ଜଣେ ଗାଡି ମଧ୍ୟରେ ଚାପି ହୋଇ ରହିଯାଇଥିଲେ । ଢ଼ାବା ମାଲିକ ଏନେଇ ମୋଟେର ଫାଣ୍ଡି ପୋଲିସକୁ ଖବର ଦେଇଥିଲେ । ଖବର ପାଇଁ ଘଟଣାସ୍ଥଳରେ ପୋଲିସ ପହଞ୍ଚି ଥିଲା । ପରେ କୋକସରା ଅଗ୍ନିଶମ ବିଭାଗକୁ ଖବର ଦେବା ପରେ ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଥିଲା । ତେବେ ଗାଡି କାଟିବା ପାଇଁ ଆବଶ୍ୟକ ମେସିନ ନଥିବାରୁ ଭବାନୀପାଟଣା ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚିବା ପରେ ଦୁଇ ଗୁରୁତରଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିଲା । ଦୁଇ ଗୁରୁତର ହେଲେ ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ଅଞ୍ଚଳର ଡ୍ରାଇଭର ଭବାନୀ ଶଙ୍କର ମାଝୀ (୨୪) ଓ ପ୍ରହଲ୍ଲାଦ ମାଝୀ (୨୨) ବୋଲି ଜଣାପଡିଛି । ଦୁଇ ଗୁରୁତରଙ୍କ ଅବସ୍ଥା ସଙ୍କଟାପନ୍ନ ରହିଥିବା ବେଳେ କୋକସରା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି ।

## ଲାଞ୍ଜିଗଡ଼ରେ କେବେ ହେବ ଆଇଟିଆଇ ସ୍ଥାପନ !

### ଦାବି ପୂରଣ ନହେଲେ ଆନ୍ଦୋଳନ ଚେତାବନୀ

ଲାଞ୍ଜିଗଡ଼,(ଭାସ୍କର ନ୍ୟୁଜ): ସରକାର ଗଲେ, ସରକାର ଆସିଲେ କିନ୍ତୁ ବାରମ୍ବାର ଅଭିଯୋଗ ପରେ ବି ଦାବି ପୂରଣ ହେଲାନାହିଁ । ଜମି ଅଛି, ଜାଗା ଅଛି କିନ୍ତୁ ନା ଚାହୁଁଛନ୍ତି ସରକାର, ନା ଚାହୁଁଛି ପ୍ରଶାସନ । ଫଳରେ ସମସ୍ତ ପ୍ରକାର ଭିତ୍ତିଭୂମି ଥାଇ ବି ଲାଞ୍ଜିଗଡ଼ରେ ସ୍ଥାପନ ହୋଇପାରୁନି ଶିଳ୍ପ ତାଲିମ କେନ୍ଦ୍ର । ତେବେ ଜିଲ୍ଲାର ଧର୍ମଗଡ଼ ଓ ଜୁନାଗଡ଼ ମାତ୍ର ୨୫ କିମି ଦୂରତା ମଧ୍ୟରେ ଦୁଇଟି ଆଇଟିଆଇ ସ୍ଥାପନ ପାଇଁ ସରକାର ଏଇ ନିକଟରେ ଘୋଷଣା କରିଥିବାବେଳେ ଲାଞ୍ଜିଗଡ଼ ଅଞ୍ଚଳରେ ନିରାଶାର ଛାୟା ଖେଳିଯାଇଛି । କାରଣ ଗତ ୨୦୧୩ରେ ରାଜ୍ୟ ସରକାର ଲାଞ୍ଜିଗଡ଼ଠାରେ ଆଇଟିଆଇ ସ୍ଥାପନ ପାଇଁ ନିର୍ଦ୍ଦେଶନାମା ଜାରି କରିଥିଲେ । ଏଥିପାଇଁ ଜଗନ୍ନାଥପୁର ମୌଜାରେ ଜାଗା ଚିହ୍ନଟ ସହିତ ରାଜ୍ୟ ଶିଳ୍ପ ନିର୍ଦ୍ଦେଶକଙ୍କ ନାଁରେ ୩ ଏକର ଜମି ପଟ୍ଟା ମିଳିଥିଲା । ଏପରିକି ଆଇଟିଆଇ ପାଇଁ ବିଲଡିଂ ପ୍ଲାନ୍ ମଧ୍ୟ ତିଆରି ସରିଥିଲା କିନ୍ତୁ ରାଜନୈତିକ ଓ ପ୍ରଶାସନିକ ଇଚ୍ଛାଶକ୍ତି ଅଭାବରୁ ଲାଞ୍ଜିଗଡ଼ଠାରେ ଆଇଟିଆଇ ସ୍ଥାପନ ପ୍ରସ୍ତାବ ଶୀତଳଭଣ୍ଡାରକୁ ଚାଲି ଯାଇଥିଲା । ଏହି ଦାବି ଏକପ୍ରକାର ଶିଥିଳ ପଡ଼ିଯାଇଥିବା ବେଳେ ଗତ ପଞ୍ଚାୟତ ନିର୍ବାଚନରେ ଜିଲ୍ଲା ପରିଷଦ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନକୁ ଓହ୍ଲାଇଥିବା ଯୁବ ସାମ୍ବାଦିକ ସୁଶୀଲ କୁମାର ବାଗ ଏନେଇ ପୁନଃ ସ୍ୱର ଉତ୍ତୋଳନ କରିଥିଲେ । ତାଙ୍କ ଦ୍ୱାରା ପ୍ରସ୍ତୁତ 'ଜନତା ଏଜେଣ୍ଡା'ରେ ଲାଞ୍ଜିଗଡ଼ରେ ଆଇଟିଆଇ ସ୍ଥାପନ ଏକ ପ୍ରମୁଖ ପ୍ରସଙ୍ଗ ଥିଲା । ନିର୍ବାଚନରେ ପରାଜିତ ହୋଇ ବି ସେ ରାଜ୍ୟ ସରକାରଙ୍କୁ ପତ୍ର ଲେଖି ଏଇ ଦାବି ଉପସ୍ଥାପନ କରିଥିଲେ । ତେବେ ସବୁପ୍ରକାର ଭିତ୍ତିଭୂମି ଥାଇ ବି ଲାଞ୍ଜିଗଡ଼କୁ ସଂପୂର୍ଣ୍ଣ ଅଣଦେଖା କରି ଧର୍ମଗଡ଼ ଓ ଜୁନାଗଡ଼ରେ ଆଇଟିଆଇ ସ୍ଥାପନ ପାଇଁ ରାଜ୍ୟ ସରକାର ଘୋଷଣା କରିଥିଲେ । ଲାଞ୍ଜିଗଡ଼ ଅଞ୍ଚଳରେ ଏନେଇ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି । ଲାଞ୍ଜିଗଡ଼ଠାରେ ସମସ୍ତ ଭିତ୍ତିଭୂମି, ଶିଳ୍ପାଞ୍ଚଳ ଥିବା ହେତୁ ନିଯୁକ୍ତି ଓ ଇର୍ଣ୍ଣସିପ୍ ଭଳି ସୁବିଧା ରହିଥିବା ସତ୍ତ୍ୱେ ଲାଞ୍ଜିଗଡ଼ ବାଦ୍ ପଡିବା ଘଟଣାକୁ ନେଇ ଲାଞ୍ଜିଗଡ଼ ଅଞ୍ଚଳବାସୀ ପ୍ରଶ୍ନ ଉଠାଇଛନ୍ତି । କାରଣ ଭବାନୀପାଟଣାରୁ ଜୁନାଗଡ଼ ୨୫ କିମି ଓ ଜୁନାଗଡଠାରୁ ଧର୍ମଗଡ଼ ୨୦ କିମି ଦୂରତା ମଧ୍ୟରେ ତିନୋଟି ଆଇଟିଆଇ ରହିଥିବାବେଳେ ଜିଲ୍ଲାର ଅନୁସୂଚିତ ଜାତି ଓ ଜନଜାତି ଅଧ୍ୟୁଷିତ ତଥା ଉପାନ୍ତ ଅଞ୍ଚଳ ଭାବେ ପରିଚିତ ଲାଞ୍ଜିଗଡ଼, ଭବାନୀପାଟଣାରୁ ୭୦ କିମି, ଜୁନାଗଡ଼ ପ୍ରାୟ ୧୦୦ କିମି ଓ ଧର୍ମଗଡ଼ ୧୨୦ କିମି ଦୂର ଥିବାବେଳେ ଏ ଅଞ୍ଚଳର ଛାତ୍ରଛାତ୍ରୀ ବୈଷୟିକ ଶିକ୍ଷା ଲାଭ କରିବାରେ ବଞ୍ଚିତ ହେଉଛନ୍ତି । ଏଣୁ ଲାଞ୍ଜିଗଡ଼ଠାରେ ଆଇଟିଆଇ ସ୍ଥାପନ ପାଇଁ ରାଜ୍ୟ ସରକାର ପଦକ୍ଷେପ ନେବାକୁ ଦାବି ହେଉଛି ।

## ଆଜୀବନ ପଙ୍ଗୁ ସାଜିଲେ ବୌଦ୍ଧ

ଧର୍ମଗଡ଼, (ଭାସ୍କର ନ୍ୟୁଜ): ଦିନ ଥିଲା ନାଚ କୁଦ ହସ ଖୁସିରେ ଜୀବନ ବିତୁଥିଲା । ୧୯ବର୍ଷୀୟ ଯୁବକ-ନା ଥିଲା ମନରେ ଦୁଃଖ ନା ଥିଲା ଚିନ୍ତା । ଏମିତି ଏକ ସାମାନ୍ୟ ଘଟଣା ଯେ, ବଦଳାଇ ଦେବ ଜୀବନର ଗତିପଥ ସ୍ୱପ୍ନରେ ଭାବି ନଥିଲେ । ହଠାତ କଳା ମେଘ ଢାଙ୍କି ଯିବ ଆଉ ଭବିଷ୍ୟତ ରେଖା ଉପରେ ପ୍ରତିବନ୍ଧକ ସୃଷ୍ଟି କରିବ କଳ୍ପନା କରି ନଥିଲେ । ଧର୍ମଗଡ଼ ଥାନା ସନ୍ଧିକୁଲିହାରି ଗ୍ରାମର ବୌଦ୍ଧ ବାଗ । ଏବେ ସେ ଶଯ୍ୟାଶାୟୀ । ଅକ୍ଷମ ଶରୀର । ଆଜୀବନ ପଙ୍ଗୁ ପାଲଟି ପଡି ରହିଛନ୍ତି । କେବଳ ବାପା ମା'ଙ୍କ ସାହାରାରେ ଜୀବନ କାଟୁଛନ୍ତି । ଶୌଚ ଠାରୁ ଆରମ୍ଭ କରି ଖାଇବା ପିଇବା ସବୁ କିଛି ବାପା ମା' ମାଧ୍ୟମ । ଯେଉଁ ବୟସରେ ବୃଦ୍ଧ ମା' ବାପାଙ୍କ ସେ ଦାୟିତ୍ୱ ନେବା କଥା ଏବେ ସେ ତାଙ୍କରି ସାହାରା ବିନା ଜୀଇଁବା ମସ୍କୁଲ । ସାମାନ୍ୟ ଘଟଣା ଛଡେଇ ନେଇଛି ସବୁ କିଛି । ୨୦୨୧ ମସିହାର ଘଟଣା । ଯୁବକ ବୌଦ୍ଧ ବାଗ ମୋଟର ସାଇକେଲ ଯୋଗେ ନିଜ ଘରକୁ ଫେରୁଥିବା ସମୟରେ ଗାଁ ରାସ୍ତା କଡରେ ଠିଆ ହୋଇଥିବା ସେହି ଗ୍ରାମର ଜଣେ ଲୋକଙ୍କୁ ମୋଟର ସାଇକେଲ ହ୍ୟାଣ୍ଡେଲ ଧକ୍କା ଦେଇଥିଲା । ଏହି କଥାକୁ ନେଇ ସଂଘବଦ୍ଧ ଭାବେ ବୌଦ୍ଧ ଉପରେ ଆକ୍ରମଣ ହୋଇଥିଲା । ଗୁରୁତର ଅବସ୍ଥାରେ ବୌଦ୍ଧଙ୍କୁ ପରିବାର ଲୋକେ ଉଦ୍ଧାର କରି ତୁରନ୍ତ ଚିକିତ୍ସା ପାଇଁ ସ୍ଥାନୀୟ ଡାକ୍ତରଖାନାକୁ ଆଣିଥିଲେ । ସ୍ୱାସ୍ଥ୍ୟାବସ୍ଥା ଅତି ଗୁରୁତର ହେବାରୁ ମୁମୂର୍ଷୁ ଅବସ୍ଥାରେ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା । ସେଠାରେ ବୌଦ୍ଧଙ୍କ ମେରୁଦଣ୍ଡରେ ଗଭୀର ଆଘାତ ଲାଗିଥିବା ଯୋଗୁଁ ଶରୀରର ନିମ୍ନ ଭାଗ ସମ୍ପୂର୍ଣ୍ଣ ଅଚଳ ହୋଇପଡିଥିବା ଡାକ୍ତର ସ୍ପଷ୍ଟ କରିଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ ଅନେକ ବେସରକାରୀ ଡାକ୍ତରଖାନାରେ ତାର ବିଭିନ୍ନ ଅସ୍ତ୍ରୋପଚାର କରାଯାଇଥିଲେ ହେଁ କୌଣସି ସୁଫଳ ମିଳିନଥିଲା । ଘଟଣା ପରଠାରୁ ପୀଡିତ ବୌଦ୍ଧ ଅସହାୟ ଅବସ୍ଥାରେ ଅଚଳ ଭାବେ ଏକ ଖଟିଆରେ ପଡି ରହିବା ସହ ପରିବାର ସଦସ୍ୟ ତାର ଯାବତୀୟ ନିତ୍ୟକର୍ମ ଉକ୍ତ ଖଟ ଉପରେ ସମ୍ପାଦନ କରୁଛନ୍ତି । ବର୍ତ୍ତମାନ ସେ ସମ୍ପୂର୍ଣ୍ଣ ପଙ୍ଗୁ ପାଲଟି ଯାଇଛନ୍ତି । କେବଳ ଶଯ୍ୟାସାୟୀରେ କାଳତିପାତ କରୁଛନ୍ତି । ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ କିଛି ଦିନ ତଳେ ଦୋଷୀ ସାବ୍ୟସ୍ତରେ ୫ବର୍ଷ ଲେଖା ଦଣ୍ଡବିଧାନ ହୋଇଛି ସତ ହେଲେ ବୌଦ୍ଧ ଏବେ ଅଭିଶପ୍ତ ଜୀବନ ବିତାଉଛନ୍ତି ।



**ସାହାରା ମା'-ବାପା**

## ସବୁଜ ପନିପରିବା ରୋପଣ ଓ କାର୍ଯ୍ୟକ୍ଷମ ତାଲିମ ଶିବିର

ଧର୍ମଗଡ଼, (ଭାସ୍କର ନ୍ୟୁଜ): ଧର୍ମଗଡ଼ ବ୍ଲକ ଛିପିପା ପଞ୍ଚାୟତ କାର୍ଯ୍ୟାଳୟ ଠାରେ ସବୁଜ ପନିପରିବା ପ୍ରତି ରୋପଣ ଓ କାର୍ଯ୍ୟକ୍ଷମ ତାଲିମ ଶିବିର ଉଦ୍‌ଘାଟନ ହୋଇଯାଇଛି । ମୁଖ୍ୟଅତିଥି ଭାବେ ଧର୍ମଗଡ଼ ବ୍ଲକ ଅଧ୍ୟକ୍ଷା ବବିତା ପଟ୍ଟଯୋଶୀ ଯୋଗଦେଇ ଶୁଭ ଉଦ୍‌ଘାଟନ କରିଥିଲେ । ଏଣିକି ମହିଳାମାନେ ତାଲିମ ନେଇ ସବୁଜ ପନିପରିବା ଚାଷ କରିବେ । ଏବେ ମହିଳାମାନେ ସାମଲମ୍ବୀ । ଧର୍ମଗଡ଼ ବ୍ଲକ ଛିଲିପା ପଞ୍ଚାୟତଠାରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଓ ଗ୍ରାମୀଣ ସ୍ୱରୋଜଗାର ପ୍ରଶିକ୍ଷଣ ସଂସ୍ଥା ତରଫରୁ ମିଶନ ଶକ୍ତି ଅଧିନସ୍ଥ ୩୫ଜଣ ମହିଳା ସ୍ୱୟଂ ସହାୟିକ ସଦସ୍ୟଙ୍କୁ ନେଇ ଦଶ ଦିନିଆ ସବୁଜ ପନିପରିବା ରୋପଣ ଓ କାର୍ଯ୍ୟକ୍ଷମ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଅତିଥିମାନେ କହିଛନ୍ତି । ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସମ୍ମାନୀୟ ଅତିଥି ଭାବେ ଛିଲିପା ପଞ୍ଚାୟତ ସରପଞ୍ଚ ବିଭୁଦତ୍ତ ପ୍ରଧାନୀ, ସହକାରୀ ଯନ୍ତ୍ରୀ କରୁଣାକର ମୁର୍ମୁ, ଭାରତୀୟ ଷ୍ଟେଟବ୍ୟାଙ୍କ ଗ୍ରାମୀଣ ସ୍ୱୟଂ ରୋଜଗାର ସଂସ୍ଥା ନିର୍ଦ୍ଦେଶ ପ୍ରମୋଦ କୁମାର ତାଣ୍ଡି, ପ୍ରଶିକ୍ଷକ କମଲ କିଶୋର ଶତପଥୀ, ପ୍ରମୋଦ କୁମାର ଚୌଧୁରୀ, ସନ୍ତୋଷ କୁମାର ଦାସ, ଭାରତୀ ମେହେର ପ୍ରମୁଖ ଉପସ୍ଥିତ ରହି ପ୍ରଶିକ୍ଷଣ ଦେଇଥିଲେ ।




## ପତ୍ନୀଙ୍କୁ ଘରୁ ତଡ଼ିବା ଘଟଣାରେ ସ୍ୱାମୀଙ୍କୁ ୬ମାସ କାରାଦଣ୍ଡ


କେସିଙ୍ଗା,(ଭାସ୍କର ନ୍ୟୁଜ): ଗୁରୁବାର କେସିଙ୍ଗା ଅଦାଲତରେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ଧନଞ୍ଜୟ ନାୟକ ଏକ ମାମଲାର ବିଚାର କରି ବଲାଙ୍ଗୀର ଜିଲ୍ଲା ଟିଟଲାଗଡ ଥାନା ଲୁଥରବନ୍ଧ ଗ୍ରାମର ଅଭିଯୁକ୍ତ ଶ୍ରୀମୁଖ ରଣା (୫୫)କୁ ଅଦାଲତ ୬ ମାସ କାରାଦଣ୍ଡ ସହିତ ଏକ୍ ହଜାର ଟଙ୍କା ଜରିମାନା ଦେବାକୁ ଆଦେଶ ଦେଇଛନ୍ତି । ଜରିମାନା ଅନାଦେୟ ହେଲେ ଅତିରିକ୍ତ ୧୫ ଦିନ କାରାଦଣ୍ଡ ଶୁଣାଇଛନ୍ତି । ଏଠାରେ ପ୍ରକାଶ ଥାଉକି କେସିଙ୍ଗା ଥାନା କେସ୍ ନ ୧୦୩/୨୦୧୩ ଅନୁଯାୟୀ ଅଭିଯୋଗକାରୀ (ଛଦ୍ମ ନାମ – ନର୍ମଦା)ଙ୍କୁ ୨୫ ବର୍ଷ ତଳେ ବୈଦିକ ରୀତିରେ ବିବାହ କରିଥିଲେ । ବିବାହର ପ୍ରାୟ ୧୦ବର୍ଷ ପରେ ଅଭିଯୁକ୍ତ ଅଭିଯୋଗକାରିଣୀଙ୍କୁ ବିଭିନ୍ନ ପ୍ରକାର ଶାରୀରିକ ଓ ମାନସିକ ନିର୍ଯାତନା ଯୌତୁକ ପାଇଁ ଦେଇ ଆସୁଥିଲେ । ଅଭିଯୋଗକାରିଣୀଙ୍କର କୌଣସି ସନ୍ତାନ ସନ୍ତତି ନ ହେବାରୁ ବିଭିନ୍ନ ପ୍ରକାର ଆକ୍ଷେପ କରି ଆସୁଥିଲେ । ଶେଷରେ ଅଭିଯୁକ୍ତ ଅଭିଯୋଗକାରିଣୀଙ୍କୁ ନିଜ ଘରୁ ଜବରଦସ୍ତି ବାହାର କରି ଦେଇଥିଲେ । ତେଣୁ ୧୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ହେବ ଅଭିଯୋଗକାରିଣୀ ନିଜ ବାପ ଘରେ ରହିଆସୁଛନ୍ତି । ଇତି ମଧ୍ୟରେ ଅଭିଯୁକ୍ତ କୌଣସି ପ୍ରକାର ଭରଣପୋଷଣ କିମ୍ବା ଯତ୍ନ ନେଇ ନଥିଲେ । ଆପୋଷ ସମାଧାନ ପାଇଁ ବହୁ ଚେଷ୍ଟା ପରେ ମଧ୍ୟ ସମାଧାନର ବାଟ ନ ବାହାରିବାରୁ ଶେଷରେ ଅଭିଯୋଗକାରିଣୀ ଆଇନର ଆଶ୍ରୟ ନେଇଥିଲେ । ସରକାରଙ୍କ ତରଫରୁ ଏହି ମାମଲାକୁ ବରିଷ୍ଠ ଓକିଲ ପ୍ରକାଶ କୁମାର ଦାସ ଏବଂ ସତ୍ୟନାରାୟଣ ଜୈନ ପରିଚାଳନା କରିଥିଲେ ।

## ରାଶିଫଳ


**ଶନିବାର, ୨୩ ନଭେମ୍ବର ୨୦୨୪**



**ମେଷ:** ଆଜି ଆପଣଙ୍କ ଦୃଢ଼ ମନୋବଳ ଯୋଗୁ ବିଜୟ ଲାଭ କରିବେ । ପାରିବାରିକ କ୍ଷେତ୍ରରେ ମନୋମାଳିନ୍ୟକୁ ଦୂରେଇ ନେବା ପାଇଁ ପ୍ରଯତ୍ନ କଲେ ଉପକୃତ ହେବେ । ବନ୍ଧୁଙ୍କ ମିଥ୍ୟାଭିଯୋଗ ପାଇଁ ମାନସିକ ସ୍ତରରେ କ୍ରୋଧାନ୍ୱିତ ହୋଇପାରନ୍ତି ।



**ବୃଷ:** ଆଜି ନିକଟ ସମ୍ପର୍କୀୟଙ୍କ ସାହାଯ୍ୟ ଲାଭକରି ଆଶା ପୂରଣ କରିବେ । ନିର୍ମାଣଧୀନ ଆନୁଷ୍ଠାନିକ କାମରେ କୌଣସି ପ୍ରତିବନ୍ଧକ ରହିବ ନାହିଁ । ଆଲୋଚନା ପରିସରରେ ଆପଣ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ ।



**ମିଥୁନ:** ଆଜି ସ୍ଥଗିତ ରହିଥିବା କେତେକ ପୁରୁଣା ବାକିଆ କାମ ଶେଷ କରିବାକୁ ସକ୍ଷମ ହେବେ । ପ୍ରିୟଜନଙ୍କ ସାହାଯ୍ୟ ସହଯୋଗ ମାଧ୍ୟମରେ ଜମିଜମା ସମ୍ପର୍କି ତ ବିବାଦର ଆଶୁ ସମାଧାନ ହୋଇଯିବ । ଶିଳ୍ପ, ବାଣିଜ୍ୟାଦିରେ ଶୁଭଫଳ ପାଇବେ ।



**କର୍କଟ:** ଆଜି ସତର୍କତା ଅଭାବରୁ ଅନ୍ୟ ପାଇଁ ନିଜେ ସମସ୍ୟାଗ୍ରସ୍ତ ହୋଇପଡିବେ । ମତପାର୍ଥକ୍ୟ ଜନିତ ବାକ୍ ବିତଣ୍ଡା ସୃଷ୍ଟି ହେବାର ସମ୍ଭାବନା ରହିଛି । ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇପାରନ୍ତି । ସଙ୍ଗୀତ କ୍ଷେତ୍ରରେ ନିଜ ସାଧନାରେ ସଫଳତା ପାଇବେ ।




**ସିଂହ:** ଆଜି କର୍ମକ୍ଷେତ୍ରରେ ସହକର୍ମୀମାନଙ୍କ ସାହାଯ୍ୟ ଓ ସହଯୋଗ ଲାଭକରି କାର୍ଯ୍ୟ ସାଧନ କରିବେ । ପାରିବାରିକ ଜୀବନରେ ଖଳଲୋକଙ୍କ କାନକୁହା କଥା ସୁଖ ସନ୍ତୋଷରେ ବାଧା ଉପୁଜାଇବ । ବ୍ୟବସାୟିକ ଦିଗଟି ବହୁତ ଭଲ ରହିବ ।




**କନ୍ୟା:** ଆଜି କାର୍ଯ୍ୟ ହାସଲ ସହ ଆର୍ଥିକ ଉନ୍ନତି ଦେଖା ଦେବ । ପାରିବାରିକ କ୍ଷେତ୍ରର କୌଣସି କଥା ମନକୁ ବାରମ୍ବାର ଆଲୋଡିତ କରିପାରେ । ଅର୍ଥ ସମ୍ପର୍କକୁ ନେଇ ପରିବାରରେ ଭାତୃବିବାଦ ଦେଖାଦେଇପାରେ । ମହିଳାମାନେ ପ୍ରଶଂସନୀୟ ହେବେ ।



**ତୁଳା:** ଆଜି ପୂର୍ବର ସମସ୍ୟା ସମାଧାନ ହୋଇଯିବ । ପାରିବାରିକ ଜୀବନ ସୁଖଶାନ୍ତିରେ କଟିବ । କୌଣସି ନୂତନ କାର୍ଯ୍ୟ କରିବାକୁ ଅଗ୍ରସର ହେବେ । କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢିପାରେ ଯାହାକି ସାମୟିକ ମାନସିକ ଦୁଶ୍ଚିନ୍ତାର କାରଣ ହୋଇପାରେ ।




**ବିଛା:** ଆଜି କାର୍ଯ୍ୟସିଦ୍ଧି ସହ ସ୍ୱାସ୍ଥ୍ୟରେ ଉନ୍ନତି ଦେଖାଦେବ । ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବ । ଆକସ୍ମିକ ଭାବରେ କୌଣସି ସମସ୍ୟା ହେତୁ ନିର୍ମାଣଧୀନ କାର୍ଯ୍ୟ ସ୍ଥଗିତ ରହିପାରେ । ଉପରିସ୍ଥଙ୍କ କର୍ମଚାରୀଙ୍କ ଆଦେଶାନୁସାରେ କାର୍ଯ୍ୟ କରିବା ପାଇଁ ବାଧ୍ୟ ହେବେ ।



**ଧନୁ :** ଆଜି କର୍ମକ୍ଷେତ୍ରରେ କିମ୍ବା ସଭାସମିତିରେ ପ୍ରଶଂସନୀୟ ହେବେ । ପରୋକ୍ଷ ଶତ୍ରୁତା କାରଣରୁ ଅପରାହ୍ନରେ ମନ ଭାରାକ୍ରାନ୍ତ ରହିବ । କୋର୍ଟ କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବା କାରଣରୁ ମାନସିକ ଅସ୍ଥିରତା ସୃଷ୍ଟି ହେବ । ସମସ୍ତ କାର୍ଯ୍ୟରେ ସାହାଯ୍ୟ ଓ ସହଯୋଗ ପାଇବେ । କ୍ରୀଡା, କଳା, ସାହିତ୍ୟ କ୍ଷେତ୍ରରେ ସଫଳତା ମିଳିପାରେ ।



**ମକର:** ଆଜି ଜଗିରଖି ଚଳନ୍ତୁ କେହି ଜଣେ ବ୍ୟକ୍ତି ଅସୁବିଧାରେ ପକାଇପାରେ । କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ । ଅଂଶୀଦାର ବ୍ୟବସାୟୀଙ୍କ ସହ ବ୍ୟବସାୟରେ ମାନମନାନ୍ତର ଦେଖା ଦେଇପାରେ । ବିଦ୍ୟାର୍ଥୀମାନେ ବିଦ୍ୟାରେ ସଫଳତା ପାଇବେ ।



**କୁମ୍ଭ:** ଆଜି ଆପଣଙ୍କର ଦିନ ଖୁବ୍ ଭଲରେ କଟିବ । ବକେୟା ପ୍ରାପ୍ୟ ମିଳିବ ଯାହା ଫଳରେ ମନ ପ୍ରଫୁଲ୍ଲିତ ରହିବ । ବିବାଦରେ ନୂଆ ମୋଡ଼ ଦେଖାଦେବ । ପୂର୍ବର ସମସ୍ୟା ସମାଧାନ ହୋଇଯିବ । ମହିଳାମାନେ ଗୃହ ସାଜସଜ୍ଜା ପ୍ରତି ଯତ୍ନ ନେବା ସହ ସମ୍ମାନ ପ୍ରାପ୍ତି ହେବେ ।



**ମୀନ:** ଆଜି ପ୍ରତ୍ୟେକ କ୍ଷେତ୍ରରେ ଆଗପଛ ବିଚାର କରି କାମ ନ କଲେ ଅପଦସ୍ଥ ହୋଇପାରନ୍ତି । ବନ୍ଧୁମାନଙ୍କ କଥା ବାର୍ତ୍ତା ଆପଣଙ୍କ ପାଇଁ ସମସ୍ୟାକୁ ବଢାଇ ଦେଇପାରେ । ନିର୍ଦ୍ଦିଷ୍ଟ ସମୟରେ କାମଟି ସମ୍ପୂର୍ଣ୍ଣ ନ ହେବା କାରଣରୁ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି । ବିଳମ୍ବରେ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବେ ।



ଗ୍ରହନକ୍ଷତ୍ର


ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
(ଏମ୍ କମ୍, ଏମ୍.ବି.ଏ) ସେକ୍ଟର-୩/୩୦୯,
ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯